# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୨୦/୨୦୧୯ (୨୦ ପୃଷ୍ଠା + ସାହିତ୍ୟାୟନ) Sambalpur, Wednesday, February 20 / 2019 ★★

୧୫ଶ ଭାଗ ୬୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଆକାଶଙ୍କ ପ୍ରାକ୍ ପରିଣୟ ଉତ୍ସବ**

ଆକାଶ ଅମ୍ବାନୀ ଏବଂ ଶ୍ଲୋକା ମେହେଟାଙ୍କ ମଧ୍ୟରେ ପ୍ରାକ୍ ପରିଣୟ ଉତ୍ସବ ମୁମ୍ବାଇର ଆଣ୍ଟିଲିଆଠାରେ ଅନୁଷ୍ଠିତ ହେଉଛି।

୦୨

୧୫

**ଜୋକୋଭିଚ୍‌ଙ୍କୁ ଲୌରିୟସ ପୁରସ୍କାର**

ସର୍ବୀୟ ଟେନିସ୍ ଷ୍ଟାର ନୋଭାକ୍ ଜୋକୋଭିଚ୍ ଚତୁର୍ଥ ଥର ଲୌରିୟସ କ୍ରୀଡ଼ା ପୁରସ୍କାର ଲାଭ କରିଛନ୍ତି।



■ ଭାରତକୁ ଇମ୍ରାନ୍‌ଙ୍କ ଚେତାବନୀ

# ଆକ୍ରମଣ କଲେ ଜବାବ ଦେବୁ

**ଇସ୍‌ଲାମାବାଦ,୧୯।୨(ପି.ଟି.)**



ଇମ୍ରାନ୍ ଖାନ୍

ପୁଲ୍‌ୱାମା ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ନେଇ ଦୃଢ଼ ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଭାରତ ଆକ୍ରମଣ କଲେ ଚୁପ୍ ନ ବସି ଏହାର ଜବାବ ଦିଆଯିବ ବୋଲି ମଙ୍ଗଳବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଚେତାବନୀ ଦେଇଛନ୍ତି।

ଜମ୍ମୁ-କଶ୍ମୀରର ପୁଲ୍‌ୱାମାସ୍ଥିତ ଅୱନ୍ତିପୋରାର ଲେଥ୍‌ପୋରାରେ ଗୁରୁବାର ଜୈଶ୍-ଇ-ମହମ୍ମଦର ଆକ୍ରମଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୯ ଯବାନ ଶହୀଦ ହୋଇଛନ୍ତି। ଏହାକୁନେଇ ପାକିସ୍ତାନ ଉପରେ ଆକ୍ରମଣ ପାଇଁ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାରଙ୍କ ଉପରେ ବିଭିନ୍ନ ମହଲରୁ ଚାପ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ତାଙ୍କ କ୍ୟାବିନେଟ ସହଯୋଗୀ ଓ ସେନା ଅଧିକାରୀମାନେ ପାକିସ୍ତାନ ବିରୋଧରେ ନାନା ମତମନ୍ତବ୍ୟ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଇମ୍ରାନ୍ ମଙ୍ଗଳବାର ଏକ ଭିଡିଓ ମେସେଜ୍ ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, ପାକିସ୍ତାନ ସମ୍ପୃକ୍ତ ଅଞ୍ଚଳରେ ସ୍ଥିରତା ଚାହୁଁଛି। ଭାରତରେ ଚଳିତବର୍ଷ ନିର୍ବାଚନ ହେବାକୁ ଯାଉଥିବାରୁ କେନ୍ଦ୍ର ସରକାର ପୁଲ୍‌ୱାମା ଆକ୍ରମଣ ପାଇଁ ପାକିସ୍ତାନ ଉପରେ ଦୋଷ ଦେଇ ଲୋକଙ୍କ ଭୋଟ ପାଇବା ସହଜ ହେବ ବୋଲି ମନେକରୁଛନ୍ତି। କିନ୍ତୁ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଭାରତରେ ବାତାବରଣ ସୃଷ୍ଟି କରାଯିବା ଉଚିତ। କଶ୍ମୀରରେ ଯେତେବେଳେ ଏଭଳି ଘଟଣା ଘଟେ ନୂଆଦିଲ୍ଲୀ ପାକିସ୍ତାନକୁ ଦାୟୀ କରିଥାଏ। ଆଫଗାନିସ୍ତାନ ପ୍ରସଙ୍ଗ ଭଳି କଶ୍ମୀର ପ୍ରସଙ୍ଗର ସମାଧାନ ମଧ୍ୟ ଆଲୋଚନା ଜରିଆରେ କରାଯାଇ ପାରିବ। ଆକ୍ରମଣରେ କୌଣସି ପାକିସ୍ତାନୀ ସମ୍ପୃକ୍ତ ଥିବା ନେଇ ଗୋଇନ୍ଦା ସୂଚନା ଭାରତ ପାଖରେ ଥିଲେ ତାହା ଆମକୁ ଦିଆଯାଉ। ଆମେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସୁନିଶ୍ଚିତ କରୁଛୁ। କାରଣ ଆମେ ଚାପରେ ଅଛୁ ବୋଲି ନୁହେଁ, ବରଂ ସେମାନେ ☞ ପୃଷ୍ଠା-୪

■ ଅନୁଗୋଳ ନାବାଳିକା କଟକରେ ବିକ୍ରି

# ବନ୍ଦ ଘରେ ୪ ଦିନ ଗଣବଳାତ୍କାର

**କଟକ ଅଫିସ, ୧୯।୨**

ଅନୁଗୋଳର ଜଣେ ନାବାଳିକାଙ୍କୁ କଟକରେ ବିକ୍ରି ପରେ ଗଣବଳାତ୍କାର କରାଯାଇଛି। ୫ଜଣ ଇଞ୍ଜିନିୟରିଂ ଛାତ୍ର ସମ୍ପୃକ୍ତ ନାବାଳିକାଙ୍କୁ ଏକ ବନ୍ଦ ଘରେ ରଖି ୪ଦିନ ଧରି ବଳାତ୍କାର କରିଛନ୍ତି। ମଙ୍ଗଳାବାଗ ଥାନାଞ୍ଚଳରେ ଏହି ସ୍ପର୍ଶକାତର ଘଟଣା ଘଟିଛି। ପୀଡିତାଙ୍କୁ ଗୁରୁତର ଅବସ୍ଥାରେ କଟକ ରେଳ ଷ୍ଟେଶନରୁ ଉଦ୍ଧାର କରାଯିବା ପରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଚାଇଲ୍ଡ ଲାଇନ୍ ପକ୍ଷରୁ ଜିଆର୍‌ପି ଥାନାରେ ଲିଖିତ ଅଭିଯୋଗ ପରେ ଘଟଣାର ଖୋଳତାଡ଼ ଆରମ୍ଭ କରିଛି ପୋଲିସ।

ପୀଡିତାଙ୍କ ଘର ଅନୁଗୋଳ ଜିଲା ବନ୍ତଳା ଅଞ୍ଚଳରେ ବୋଲି ଜଣାପଡିଛି। ଏକ ରାଲିରେ ଯୋଗଦେବାକୁ କହି ନାବାଳିକାଙ୍କୁ ତାଙ୍କର ଦୁଇଜଣ ସମ୍ପର୍କୀୟ ଭଉଣୀ ଓ ଭାଇ ଶନିବାର ଡାକି ଆଣିଥିଲେ। କଟକରେ ପହଞ୍ଚିବା ପରେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଏକ ଘରେ ପହଞ୍ଚିଥିଲେ। ଉକ୍ତ ଘରେ ୫ଜଣ ଯୁବକ ରହୁଥିଲେ। ନାବାଳିକା ଜଣଙ୍କୁ ସେଠାରେ ଛାଡି ସମ୍ପର୍କୀୟ ଭଉଣୀଭାଇ କିଛି ବାହାନା ଦେଖାଇ ସ୍ଥାନ ଛାଡ଼ିଥିଲେ। ଏହା ପରେ ନାବାଳିକାଙ୍କୁ ସମ୍ପୃକ୍ତ ଯୁବକମାନେ ୪ଦିନ ଧରି ଜଣକ ପରେ ଜଣେ ବଳାତ୍କାର କରିଥିଲେ। ମଙ୍ଗଳବାର ସକାଳେ କୌଶଳକ୍ରମେ ପୀଡିତା ଜଣକ ସେଠାରୁ ଖସି ଆସିଥିଲେ। ସ୍ଥାନୀୟ ଏକ ଶୌଚାଳୟରେ ଶୌଚ ହେବା ପରେ ଅଟୋ ଯୋଗେ କଟକ ରେଳ ଷ୍ଟେଶନକୁ ଚାଲି ଆସିଥିଲେ। ରେଳ ଷ୍ଟେଶନରେ ପୀଡିତା ଅସହାୟ ଅବସ୍ଥାରେ ବୁଲୁଥିବା ଖବର ପାଇ ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କଠାରୁ ଘଟଣା ସମ୍ପର୍କରେ ଶୁଣିବା ପରେ ଜିଆର୍‌ପି ଥାନାରେ ଏକ ଏତଲା ଦେଇଥିଲେ। ପୀଡିତା ନାବାଳିକାଙ୍କ ପ୍ରବଳ ରକ୍ତସ୍ରାବ ହେଉଥିବା ଓ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବା ଦେଖି ତାଙ୍କୁ ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଭର୍ତ୍ତି କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ନିରାଞ୍ଜଳି ଦାସ ପ୍ରମୁଖ ମେଡିକାଲରେ ନାବାଳିକାଙ୍କ ଦେଖାଶୁଣା କରୁଛନ୍ତି।

ଚାଇଲ୍ଡ ଲାଇନ୍ ସଂଯୋଜକ ଶୁକ୍ଳାଙ୍କ କହିବାନୁଯାୟୀ, ପୀଡିତାଙ୍କ ବୟସ ୧୫ ବର୍ଷ ହେବ। ତାଙ୍କୁ ଅନୁଗୋଳରୁ କଟକ ନେଇ ଆସିଥିବା ସମ୍ପର୍କୀୟ ☞ ପୃଷ୍ଠା-୪

■ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

■ ରାଲି ନାଁ କହି ଡାକି ଆଣିଥିଲେ ସମ୍ପର୍କୀୟ ଭଉଣୀଭାଇ

■ ୫ ଇଞ୍ଜିନିୟରିଂ ଛାତ୍ର କରିଥିଲେ ବଳାତ୍କାର


ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ଟ୍ରାଙ୍କୁଲାଇଜର, ବନ୍ଧୁକ

**ଆଜିର ମନ୍ତବ୍ୟ**

"ଯେଉଁ ପରିବାରର ଯବାନମାନେ ଭାରତ ପାଇଁ ଶହୀଦ ହୋଇଛନ୍ତି ସେମାନଙ୍କଠାରେ ସାରା ଦେଶ ଚିର ଋଣୀ ହୋଇ ରହିବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

■ ୧୦୦ ଘଣ୍ଟାରେ ପ୍ରତିଶୋଧ ନେଇଛୁ: ସେନା

# ଯିଏ ବନ୍ଧୁକ ଧରିବ ସିଏ ମରିବ

**ଶ୍ରୀନଗର,୧୯।୨(ପି.ଟି./ଆଇଏଏନ୍‌ଏସ୍)**

ଜୈଶ୍-ଇ-ମହମ୍ମଦ (ଜେଇଏମ୍)ଠାରୁ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ୧୦୦ ଘଣ୍ଟା ମଧ୍ୟରେ ନେଇଛୁ। ସିଆର୍‌ପିଏଫ୍ ଯବାନମାନେ ଶହୀଦ ହେବା ପରେ ଏହି ଆତଙ୍କବାଦୀ ସଙ୍ଗଠନର ଶୀର୍ଷ ନେତୃତ୍ୱଙ୍କୁ ନିପାତ କରାଯାଇଛି ବୋଲି ମଙ୍ଗଳବାର ସେନା ପକ୍ଷରୁ କୁହାଯାଇଛି। ଏହାସହ ଉପତ୍ୟକାରେ କେହି ବନ୍ଧୁକ ଧରିଲେ ତାଙ୍କୁ ଅନୁରୂପ ଦଶା ଭୋଗିବାକୁ ପଡ଼ିବ ବୋଲି ସୁରକ୍ଷା ବଳ ଚେତାବନୀ ଦେଇଛି। ଶ୍ରୀନଗରସ୍ଥିତ ସେନାର ବାଦାମବାଗ୍ କ୍ୟାଣ୍ଟନମେଣ୍ଟ ମୁଖ୍ୟାଳୟରେ ସେନା, ସିଆର୍‌ପିଏଫ୍ ଓ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ଏକ ମିଳିତ ଖବରଦାତା ସମ୍ମିଳନୀ ଆୟୋଜିତ କରାଯାଇଛି। ଏଥିରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ଜେ.ଏସ୍. ଧିଲୋନ୍ (ଚିନାର କର୍ପ କମାଣ୍ଡର) କହିଛନ୍ତି, ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଏବଂ ସେଠାକାର ସେନା ଦ୍ୱାରା ପରିଚାଳିତ ଜେଇଏମ୍ ଆତଙ୍କବାଦୀଙ୍କୁ ଗତ ୧୪ ତାରିଖରୁ ଟ୍ରାକ୍ କରିବା ଆରମ୍ଭ କରାଯାଇଥିଲା। ରବିବାର ରାତିରୁ ସୋମବାର ସନ୍ଧ୍ୟା ଯାଏ ଚାଲିଥିବା ଏନ୍‌କାଉଣ୍ଟରରେ ସେମାନଙ୍କଠାରୁ ପୁଲ୍‌ୱାମା ଆକ୍ରମଣର ପ୍ରତିଶୋଧ ନିଆଯାଇଛି। ଏଥିରେ ନିହତ ହୋଇଥିବା ୩ ଆତଙ୍କବାଦୀଙ୍କ ମଧ୍ୟରୁ କାମ୍‌ରାନ୍ ଓ ଅବ୍‌ଦୁଲ୍ ରଶିଦ୍ ଓରଫ ଗାଜି ଉମର ପାକିସ୍ତାନୀ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାସହ କଶ୍ମୀରରେ ବନ୍ଧୁକ ଉଠାଉଥିବା ଯୁବକମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ମା'ବାପାମାନେ ସେମାନଙ୍କ ପୁଅଙ୍କୁ ଏପରି କରିବାକୁ ବୁଝାନ୍ତୁ। ନଚେତ ବନ୍ଧୁକ ଧରି ଆତଙ୍କବାଦୀଙ୍କ ସହ ମିଶିଲେ ଗୁଳିକରି ମାରି ଦିଆଯିବ ବୋଲି ଧିଲୋନ୍ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ପୋଲିସ ଆଇଜି ସ୍ୱୟଂପ୍ରକାଶ ପାଣି ଏବଂ ସିଆର୍‌ପିଏଫ୍ ଆଇଜି ଜୁଲଫିକର୍ ହାସନ ମଧ୍ୟ ଉପସ୍ଥିତ ଥିଲେ।



ସ୍ୱୟଂପ୍ରକାଶ ପାଣି ଓ କେ.ଜେ.ଏସ୍. ଧିଲୋନ୍

**କିଛି ତଥ୍ୟ**

୨୦୧୮-୧୯ କ୍ୟାଲେଣ୍ଡର ବର୍ଷର ପ୍ରଥମ ୪ ମାସରେ ଦେଶର ଚିନି ଉତ୍ପାଦନ ୮% ବୃଦ୍ଧି ଘଟି ୧୮୫ ଲକ୍ଷ ଟନ୍ ଛୁଇଁଛି।

– ଆଇଏସ୍‌ଏମ୍‌ଏ


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 19.02.2019 Vencobb Fresh Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 84 | 137 | 147 |
| ANG | 78 | 129 | 139 |

*Conditions Apply

Eggs Retail Price- 54/-Dozen
Issued in the Interest of Consumers





# ସମ୍ବଲପୁରରେ ଖୋଲିଲା ସରକାରୀ ଅଫିସ

**ସମ୍ବଲପୁର,୧୯।୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲମାନେ ସେପ୍ଟେମ୍ବର ୫ରୁ ଆନ୍ଦୋଳନ ଚଳାଇଛନ୍ତି। କଚେରି ଛକରେ ରିଲେ ଆମରଣ ଅନଶନ ଚାଲିଛି। ଏହି ଆନ୍ଦୋଳନ ଯୋଗୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଫଳରେ ସରକାରୀ କାମ ବ୍ୟାହତ ହେବା ସହ ଲୋକେ ମଧ୍ୟ ହଇରାଣ ହେଉଥିଲେ। ମଙ୍ଗଳବାର ଏହି ସମସ୍ୟାର ସମାଧାନ ହୋଇଛି। ୧୬୭ ଦିନ ବନ୍ଦ ଥିବା ସରକାରୀ ଅଫିସଗୁଡ଼ିକ ମଙ୍ଗଳବାରଠାରୁ ଖୋଲିଛି। ସକାଳ ୧୦ଟାରୁ ଅଧିକାରୀ ଓ କର୍ମଚାରୀମାନେ ଅଫିସ୍ ପହଞ୍ଚିଥିଲେ। ସହକର୍ମୀଙ୍କୁ ଦେଖି ଏମାନଙ୍କ ଭିତରେ ବେଶ୍ ଉତ୍ସାହ ପ୍ରକାଶ ପାଇଥିଲା। ହେଲେ ଦୀର୍ଘଦିନରୁ ଅଫିସଗୁଡ଼ିକ ବନ୍ଦ ରହିଥିବାରୁ ଅପରିଷ୍କାର ହୋଇପଡ଼ିଥିଲା। ଏଣୁ ଅଫିସ ପରିସର ସଫାସୁତୁରା କରିବାରେ କର୍ମଚାରୀଙ୍କୁ ଦିନତମାମ ଲାଗି ଯାଇଥିଲା। ତେବେ ସରକାରୀ ଅଫିସଗୁଡ଼ିକ ଖୋଲିବା ପରେ ଜିଲା ପ୍ରଶାସନକୁ ଆଶ୍ୱସ୍ତି ମିଳିଛି। ମାର୍ଚ୍ଚରେ ଆର୍ଥିକ ବର୍ଷ ଶେଷ ହେଉଥିବାରୁ ବିଭିନ୍ନ ରିପୋର୍ଟ ପ୍ରସ୍ତୁତ କରାଯିବ। ସେହିପରି ଜନସାଧାରଣ ମଧ୍ୟ ଅଫିସ ଖୋଲିବାରୁ ଖୁସି ଜାହିର କରିଛନ୍ତି।

■ ଫ୍ରେଞ୍ଚ ସିକ୍ୟୁରିଟି ରିସର୍ଚ୍ଚରଙ୍କ ଦାବି

# ଇଣ୍ଡେନ ଯୋଗୁ ୬୭ଲକ୍ଷଙ୍କ ଆଧାର ତଥ୍ୟ ଲିକ୍

**ନୂଆଦିଲ୍ଲୀ,୧୯।୨**

ଆଧାର ତଥ୍ୟ ଲିକ୍ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଜଣେ ଫ୍ରେଞ୍ଚ ସିକ୍ୟୁରିଟି ରିସର୍ଚ୍ଚର ଏଭଳି ସମାନ ଅଭିଯୋଗ ଆଣିଛନ୍ତି। ଦେଶର ସର୍ବବୃହତ ଗ୍ୟାସ୍ ବିତରଣକାରୀ କମ୍ପାନୀ ଇଣ୍ଡେନ ୱେବସାଇଟରୁ ୬୭ ଲକ୍ଷ ଗ୍ରାହକଙ୍କ ଆଧାର ତଥ୍ୟ ଲିକ୍ ହୋଇଛି ବୋଲି ସେ ଦାବି କରିଛନ୍ତି।

ସିକ୍ୟୁରିଟି ରିସର୍ଚ୍ଚର ରବର୍ଟ ବାପଟିଷ୍ଟେଙ୍କ କହିବାନୁଯାୟୀ, ଡିଲର୍ସ ଓ ଡିଷ୍ଟ୍ରିବ୍ୟୁଟର୍ସଙ୍କ ଲାଗି ଉଦ୍ଦିଷ୍ଟ ଇଣ୍ଡେନ ୱେବସାଇଟରୁ ଏହି ତଥ୍ୟ ଲିକ୍ ହୋଇଛି। କଷ୍ଟମ ଟୁଲ୍ ସହାୟତାରେ ୧୧ ହଜାର ଇଣ୍ଡେନ ଡିଲରଙ୍କ ଠାରୁ ଗ୍ରାହକଙ୍କ ତଥ୍ୟ ସଂଗ୍ରହ କରାଯାଇଥିବା ଦାବି କରି ସେ ନିଜର ୱେବସାଇଟ ଟେକ୍‌କ୍ରଞ୍ଚରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ୱେବସାଇଟରେ ଇଣ୍ଡେନ ଗ୍ରାହକଙ୍କ ନାମ, ଠିକଣା ଓ ଆଧାର ନମ୍ବର ସମ୍ବଳିତ ତଥ୍ୟ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ କହିଛି ଯେ, କମ୍ପାନୀ ସବ୍‌ସିଡି ପ୍ରଦାନ ଲାଗି ନିଜର ସଫ୍ଟୱେୟାରରୁ କେବଳ ଆଧାର ନମ୍ବର ସଂଗ୍ରହ କରେ। ☞ ପୃଷ୍ଠା-୪






“୨୦୧୪ ପୂର୍ବରୁ ଭାଜପା ନେତା ନରେନ୍ଦ୍ର ମୋଦି ଛୋଟ ଛୋଟ ଘଟଣାକୁ ନେଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଇସ୍ତଫା ଦାବି କରୁଥିଲେ। କିନ୍ତୁ ଏବେ ସୁରକ୍ଷାରେ ତ୍ରୁଟି ଯୋଗୁ ପୁଲୱାମା ଆକ୍ରମଣ ଘଟିଛି। ୫୬ ଇଞ୍ଚ୍ ଛାତିର ମଣିଷ ମୋଦି ଏବେ କ'ଣ କରିବେ?
- ଅଭିଷେକ ମନୁ ସିଂଘଭୀ, କଂଗ୍ରେସ ମୁଖପାତ୍ର



## ସଂକ୍ଷେପରେ

### ଭାଜପା-ଏଆଇଏଡିଏମ୍‌କେ ମେଣ୍ଟ ଚୂଡ଼ାନ୍ତ

**ଚେନ୍ନାଇ,୧୯।୨ (ପି.ଟି.):** ଲୋକ ସଭା ନିର୍ବାଚନ ପୂର୍ବରୁ ଏଆଇଏଡିଏମ୍‌କେ ଓ ଭାଜପା ମଧ୍ୟରେ ଆସନ ବୁଝାମଣା ମଙ୍ଗଳବାର ଚୂଡ଼ାନ୍ତ ହୋଇଛି। ଭାଜପାର ତାମିଲନାଡୁ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଓ ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲ୍‌ଭମ୍ ଚେନ୍ନାଇରେ ଏନେଇ ମିଳିତଭାବେ ଘୋଷଣା କରିଛନ୍ତି। ମେଣ୍ଟ ନେଇ ହୋଇଥିବା ଅନ୍ତିମ ନିର୍ଣ୍ଣାୟକ ବୈଠକରେ ମୁଖ୍ୟମନ୍ତ୍ରୀ କେ. ପଲାନିସ୍ୱାମୀ ଉପସ୍ଥିତ ରହିଥିଲେ। ତାମିଲନାଡୁ ଏବଂ ପୁଡୁଚେରୀ ଲୋକ ସଭା ଆସନ ସମେତ ରାଜ୍ୟର ୨୧ ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନରେ ଏଆଇଏଡିଏମ୍‌କେ ଓ ଏହାର ସମର୍ଥିତ ଦଳଗୁଡ଼ିକଙ୍କ ସହ ଭାଜପା ଏକଜୁଟ ହୋଇ ଲଢ଼ିବ ବୋଲି ଗୋୟଲ ଗଣମାଧ୍ୟମକୁ ଜଣାଇଛନ୍ତି। ଭାଜପା ୫ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ମୁଖ୍ୟମନ୍ତ୍ରୀ ପାଲାନିସ୍ୱାମୀଙ୍କ ନେତୃତ୍ୱରେ ଭାଜପା, ଏଆଇଏଡିଏମ୍‌କେ ଏବଂ ଏ.ରାମାଦୋସଙ୍କ ପିଏମ୍‌କେ ଦଳ ତାମିଲନାଡୁ ଏବଂ ପୁଡୁଚେରୀର ମୋଟ ୪୦ ଲୋକ ସଭା ଆସନ ଲଢ଼ିବ। ଏଥିରେ ଏନ୍‌ଡିଏର ବିଜୟ ସୁନିଶ୍ଚିତ ବୋଲି ଗୋୟଲ ଦୃଢ଼ୋକ୍ତି ବାଢ଼ିଛନ୍ତି।

### ୨ ବିମାନ ଦୁର୍ଘଟଣାଗ୍ରସ୍ତ: ପାଇଲଟ୍ ମୃତ



**ବେଙ୍ଗାଲୁରୁ,୧୯।୨(ପି.ଟି.) :** ବେଙ୍ଗାଲୁରୁର ୟେଲାହାଙ୍କା ବିମାନ ଘାଟି ନିକଟ ଜନବସତି ଅଞ୍ଚଳରେ ମଙ୍ଗଳବାର ଭାରତୀୟ ବାୟୁସେନା ସୂର୍ଯ୍ୟ କିରଣ ଏରୋବାଟିକ୍ସ ଟିମ୍‌ର ୨ଟି ହକ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ଜଣେ ପାଇଲଟ୍‌ଙ୍କ ଜୀବନ ଯାଇଥିବାବେଳେ ଅନ୍ୟଜଣେ ଅଳ୍ପକେ ରକ୍ଷା ପାଇଛନ୍ତି। ତେବେ ୨ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ବେଙ୍ଗାଲୁରୁଠାରେ ବୁଧବାର ଆରମ୍ଭ ହେବାକୁ ଥିବା 'ଏରୋ ଇଣ୍ଡିଆ ଶୋ-୨୦୧୯'ରେ ଭାଗନେବା ପାଇଁ ୟେଲାହାଙ୍କା ବାୟୁସେନା ଘାଟିରେ ମଙ୍ଗଳବାର ପାଇଲଟଦ୍ୱୟ ଅଭ୍ୟାସ କରୁଥିଲେ। ପୂର୍ବାହ୍ନ ୧୧.୫୦ରେ ଉଡ଼ାଣ କରିବାର କେଇ ମିନିଟ୍ ପରେ ଆକାଶମାର୍ଗରେ ବିମାନଦ୍ୱୟ ପରସ୍ପର ସହ ଧକ୍କା ହୋଇ ଜଳିଯାଇ ତଳକୁ ଖସି ପଡ଼ିଥିଲା।

### ମହଙ୍ଗା ଭତ୍ତା ୩% ବଢ଼ିଲା

**ନୂଆଦିଲ୍ଲୀ,୧୯।୨(ପି.ଟି.):** କେନ୍ଦ୍ର ସରକାର କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜାନୁୟାରୀ ୧ରୁ ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ଲାଗୁ ହେବ। ଏହା ଦ୍ୱାରା ୪୮.୪୧ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଏବଂ ୬୨.୦୩ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।

### ଇତିହାସର ଆଇନାରେ
### ଫେବୃୟାରୀ ୨୦ର ପ୍ରମୁଖ ଘଟଣା

୧୯୩୫ ଫେବୃୟାରୀ ୨୦ରେ ଆଣ୍ଟାର୍କଟିକାରେ ପାଦ ଥାପିଥିଲେ ପ୍ରଥମ ମହିଳା କାରୋଲିନ୍ ମିକେଲ୍‌ସନ୍। ମିକେଲ୍‌ସନ୍ ୧୯୦୬ରେ ଡେନ୍‌ମାର୍କରେ ଜନ୍ମଗ୍ରହଣ କରିଥିଲେ। ସେ ନରୱେଆନ୍ କ୍ୟାପ୍‌ଟେନ୍ କ୍ଲାରିୟସ୍ ମିକେଲସନ୍‌ଙ୍କୁ ବିବାହ କରିବା ପରେ ନରୱେ ପଳାଇଥିଲେ। ୧୯୩୫ ଶୀତରତୁରେ ମିକେଲ୍‌ସନ୍ ତାଙ୍କ ସ୍ୱାମୀ କ୍ଲାରିୟସ୍‌ଙ୍କ ସାଥୀରେ ଆଣ୍ଟାର୍କଟିକା ଅଭିଯାନ ଆରମ୍ଭ କରିଥିଲେ।

୨୦୦୯ ଫେବୃୟାରୀ ୨୦ରେ ଏଲ୍‌ଟିଟିଇ ଗୋଷ୍ଠୀର ୨ଜଣ ବ୍ୟକ୍ତି ବିସ୍ଫୋରକ ଭର୍ତ୍ତି ଏକ ବିମାନକୁ ଉଡାଣ କରି ବାୟୁସେନା ମୁଖ୍ୟ କାର୍ଯ୍ୟାଳୟ ଆଡକୁ ଯାଉଥିବା ବେଳେ ଶ୍ରୀଲଙ୍କା ସେନା ଏହାକୁ ଗୁଳିକରି ଖସାଇ ଦେଇଥିଲା। ଏପରି ଏକ ଆତ୍ମଘାତୀ ଅଭିଯାନ ଏଲ୍‌ଟିଟିଇର ଏୟାର ୱିଙ୍ଗ୍ ଦ୍ୱାରା ଆରମ୍ଭ ହୋଇଥିଲା। ଶ୍ରୀଲଙ୍କାର ବିଭିନ୍ନ ଭାଗରେ ଥିବା ସାମରିକସ୍ଥଳକୁ ଉଡାଇଦେବା ଏହି ଅଭିଯାନର ଲକ୍ଷ୍ୟ ଥିଲା।






ପୁଲୱାମା ଆକ୍ରମଣର ପ୍ରତିବାଦରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ପାକିସ୍ତାନ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା। | କଶ୍ମୀରର ପିଙ୍ଗ୍‌ଲାନ୍‌ରେ ଏନ୍‌କାଉଣ୍ଟରବେଳେ ଶହୀଦ ହୋଇଥିବା ଯବାନ ଅଜୟ କୁମାରଙ୍କ ଶେଷକୃତ୍ୟ ପୂର୍ବରୁ ଉତ୍ତରପ୍ରଦେଶର ମିରଟ୍‌ରେ ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ପୁଣି ପ୍ରମାଣ ବାହାନା

**ଇସ୍‌ଲାମାବାଦ/ଶ୍ରୀନଗର,୧୯।୨**

ଜମ୍ମୁ-କଶ୍ମୀରରେ ଯେତେ ଆତଙ୍କବାଦୀ ଆକ୍ରମଣ ହୋଇଛି ସବୁଥିରେ ପାକିସ୍ତାନର ସମ୍ପୃକ୍ତି ରହିଛି। ପାକିସ୍ତାନୀ ସେନା ଓ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଆତଙ୍କବାଦୀଙ୍କୁ ତାଲିମ ଦେବାସହ ଅସ୍ତ୍ରଶସ୍ତ୍ର ଯୋଗାଇ ଉପତ୍ୟକାରେ ସୁରକ୍ଷା ବଳକୁ ଟାର୍ଗେଟ କରିବା ନୂଆ କଥା ନୁହେଁ। ସେହିପରି ସବୁଥର ଭଳି ଏଥର ମଧ୍ୟ ପୁଲୱାମା ଆକ୍ରମଣରେ ସମ୍ପୃକ୍ତି ନେଇ ଇସ୍‌ଲାମାବାଦ ଭାରତକୁ ପ୍ରମାଣ ମାଗିଛି। ବମ୍ବେ ଆକ୍ରମଣଠାରୁ ନେଇ ପଠାନ୍‌କୋଟ ଏବଂ ଉରି ଆକ୍ରମଣ ଯାଏ ପ୍ରତିଥର ଇସ୍‌ଲାମାବାଦକୁ ପ୍ରମାଣ ଦିଆଯାଇଥିଲେ ହେଁ ମୃତ୍ୟୁ ଓ ଆତଙ୍କର ସୌଦାଗରମାନେ ପାକିସ୍ତାନରେ ମୁକୁଳା ବୁଲୁଛନ୍ତି। ଏହି ପରିପ୍ରେକ୍ଷୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦାବିକୁ ମଙ୍ଗଳବାର ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଦେଇଛି। ଏହାକୁ ନେଇ ଭାରତରେ ରାଜନୀତି ମଧ୍ୟ ଜୋର୍ ଧରିଛି।



ପୁଲୱାମା ଆକ୍ରମଣ

ପିଟିଆଇ ଅଧ୍ୟକ୍ଷ ଇମ୍ରାନ୍ ଖାନ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ପୁଲୱାମା ଆକ୍ରମଣ ହେଉଛି ଭାରତୀୟ ସୁରକ୍ଷା ବଳ ଉପରେ ଆତଙ୍କବାଦୀଙ୍କ ସବୁଠୁ ବଡ଼ ଟାର୍ଗେଟ। ଏହି ଆକ୍ରମଣରେ ୪୯ ଯବାନ ଶହୀଦ ହୋଇଥିବାରୁ ଭାରତରେ ଜନାକ୍ରୋଶ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଇମ୍ରାନ୍ ତାଙ୍କ ପୂର୍ବସୂରୀଙ୍କ ଭଳି ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ଭାରତକୁ ପ୍ରମାଣ ମାଗିଛନ୍ତି, ଯାହାକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଦେଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ, ପୁଲୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତିକୁ ଇମ୍ରାନ୍ ଖଣ୍ଡନ କରିବା ନେଇ ଭାରତ ଆଦୌ ବିସ୍ମିତ ନୁହେଁ। ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିବା କେବଳ ଏକ ବାହାନା। କାରଣ ଏହି ଆକ୍ରମଣ ପଛରେ ଜେଶ୍-ଇ-ମହମ୍ମଦ (ଜେଇଏମ୍)ର ହାତ ଥିବା ନେଇ ଖୋଦ୍ ଆତଙ୍କବାଦୀ ସଙ୍ଗଠନ ଦାବି କରିସାରିଛି। ମାସୁଦ୍ ଆଝାରଙ୍କ ନେତୃତ୍ୱାଧୀନ ଜେଇଏମ୍ ବିରୋଧରେ ଏହାଠୁ ବଡ଼ ପ୍ରମାଣ କିଛି ନାହିଁ। ୨୬/୧୧ ମୁମ୍ବାଇ ଆକ୍ରମଣକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ଏହି ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ୍‌ଙ୍କ ବିରୋଧରେ ପାକିସ୍ତାନକୁ ଅନେକ ପ୍ରମାଣ ଦିଆସରିଛି। ହେଲେ ପଡ଼ୋଶୀ ଦେଶରେ ମାମଲାର ତଦନ୍ତରେ କିଛି ଅଗ୍ରଗତି ହୋଇନାହିଁ। ଏଥିରୁ ପାକିସ୍ତାନ ଆତଙ୍କବାଦର ପ୍ରାଣକେନ୍ଦ୍ର ବୋଲି ଅନ୍ତର୍ଜାତୀୟ ସମୁଦାୟ ବୁଝିସାରିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରିକରି ଇମ୍ରାନ୍‌ଙ୍କ ଭିଡିଓ ମେସେଜ୍‌କୁ ନିନ୍ଦା କରାଯାଇଛି। ସେହିପରି ଇମ୍ରାନ୍‌ଙ୍କ ଆଲୋଚନା ପ୍ରସ୍ତାବକୁ ମଧ୍ୟ ଭାରତ ଖଣ୍ଡନ କରି ଆତଙ୍କବାଦ ଓ ହିଂସାତ୍ମକ ପରିବେଶରେ ଦ୍ୱିପାକ୍ଷିକ ବିସ୍ତୃତ ଆଲୋଚନା ସମ୍ଭବ ନୁହେଁ ବୋଲି ପ୍ରତ୍ୟାଖ୍ୟାନ କରିଛି।

## ଇମ୍ରାନ ଭାଇଙ୍କୁ ବୁଝାଅ

**ନୂଆଦିଲ୍ଲୀ,୧୯।୨(ପି.ଟି.)**

ଭାରତକୁ ଟାର୍ଗେଟ କରୁଥିବା ଆତଙ୍କବାଦୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବନ୍ଧୁ ଇମ୍ରାନ ଖାନ୍‌ଙ୍କୁ ବୁଝାଅ। କଂଗ୍ରେସର ବରିଷ୍ଠ ନେତା ଦିଗ୍‌ବିଜୟ ସିଂ ଦଳୀୟ ସହକର୍ମୀ ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ଏଭଳି କଟାକ୍ଷ କରିଛନ୍ତି। ପୁଲୱାମା ଆକ୍ରମଣ ପରେ ବିବାଦୀୟ ମନ୍ତବ୍ୟ ଦେଇ ପଞ୍ଜାବ ମନ୍ତ୍ରୀ ସିଦ୍ଧୁ ଚର୍ଚ୍ଚାକୁ ଆସିଥିଲେ। ଅଳ୍ପ କେତେଜଣଙ୍କ କାର୍ଯ୍ୟ ପାଇଁ ସମଗ୍ର ଦେଶକୁ ଦୋଷ ଦିଆଯାଇପାରିବ କି ବୋଲି ପୁଲୱାମା ଆକ୍ରମଣ ଉପରେ ସିଦ୍ଧୁ ପ୍ରଶ୍ନ କରିଥିଲେ, ଯାହାକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସତ୍‌ସାହସ ଥିଲେ ହଫିଜ ସୟିଦ ଏବଂ ମାସୁଦ ଆଝାରଙ୍କୁ ହସ୍ତାନ୍ତର କରିବା ଓ ସେମାନଙ୍କୁ ଆକ୍ରମଣ ପାଇଁ ଦାୟୀ କରିବାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଦିଗ୍‌ବିଜୟ ଆହ୍ୱାନ ଦେଇଥିଲେ।



ସିଦ୍ଧୁଙ୍କୁ ଦିଗ୍‌ବିଜୟଙ୍କ କଟାକ୍ଷ

“ପୁଲୱାମା ଆତଙ୍କବାଦୀ ଆକ୍ରମଣ ପାଇଁ ବିନା ପ୍ରମାଣରେ ପାକିସ୍ତାନକୁ ଦୋଷ ଦିଆଯାଉ ନାହିଁ। ଇମ୍ରାନ୍ ଖାନ୍ ନିକଟରେ ଦେଶର ମଙ୍ଗ ସମ୍ଭାଳିଥିବାରୁ ତାଙ୍କୁ ଏକ ସୁଯୋଗ ଦିଆଯାଉ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଆଲୋଚନା ପାଇଁ ଉଦ୍ୟମ ଜାରି ରଖନ୍ତୁ।
–ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ





“ପୁଲୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ଠୋସ୍ ପ୍ରମାଣ ମିଳିଛି। ଏନେଇ ପଡ଼ୋଶୀ ଦେଶକୁ ମଧ୍ୟ ଜଣାଇ ଦିଆଯାଇଛି।
–ରାଜ୍ୟବର୍ଦ୍ଧନ ସିଂ ରାଠୋର, କେନ୍ଦ୍ରମନ୍ତ୍ରୀ

■ ଆଇସିଜେ କୁଳଭୂଷଣ ମାମଲା

## ଭାରତ କରାଇଥିଲା ପେଶାୱର ସ୍କୁଲ ଆକ୍ରମଣ:ପାକିସ୍ତାନ

**ହେଗ,୧୯।୨(ପି.ଟି.)**

ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବ ମାମଲାରେ ପାକିସ୍ତାନ ମଙ୍ଗଳବାର ନେଦରଲ୍ୟାଣ୍ଡସର ହେଗସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ନିଜର ପକ୍ଷ ରଖିଛି। ୨୦୧୪ରେ ପେଶାୱରସ୍ଥିତ ସେନା ପବ୍ଲିକ୍ ସ୍କୁଲ୍ ଆକ୍ରମଣରେ ଭାରତ ସମ୍ପୃକ୍ତ ବୋଲି ଇସ୍‌ଲାମାବାଦ ଅଭିଯୋଗ କରିଛି। ଏହି ଆକ୍ରମଣରେ ୧୪୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଭାରତ ଆଫଗାନିସ୍ତାନ ମାଧ୍ୟମରେ ଏହି ଆକ୍ରମଣ କରିଥିବା ପାକିସ୍ତାନ ଆଟର୍ନି ଜେନେରାଲ ଅନୱର ମନ୍‌ସୁର ଖାନ୍ ଆଇସିଜେରେ ଯୁକ୍ତି ରଖିଛନ୍ତି।

କୁଳଭୂଷଣ ରିସର୍ଚ୍ଚ ଆନାଲିସିସ୍ ୱିଙ୍ଗ (ର) ଗୁପ୍ତଚର ଏବଂ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ ଯୋଜନା କରୁଥିଲା ପୋଲି ପାକ୍ ଅଭିଯୋଗ କରିଛି। ସିଜେଆଇରେ ଖାନ ନିଜର ଯୁକ୍ତି ଉପସ୍ଥାପନ କରି କହିଛନ୍ତି, ଅନ୍ତର୍ଜାତୀୟ ଅଦାଲତରେ ଭାରତର ଆବେଦନ ପାକିସ୍ତାନକୁ ନୀଚା ଦେଖାଇବା ଲାଗି ଏହାର ପାରମ୍ପରିକ ତରିକାର ଅନ୍ୟତମ ଉଦାହରଣ। ନୂଆଦିଲ୍ଲୀ ଜେନେଭା ଚୁକ୍ତିନାମାକୁ କ୍ରମାଗତ ଭାବେ ଉଲ୍ଲଂଘନ କରିଆସିଛି। କୁଳଭୂଷଣ ବ୍ୟବସାୟୀ ନୁହନ୍ତି ସେ ଗୁପ୍ତଚର ବୃତ୍ତି କରୁଥିଲେ ବୋଲି ପାକ୍ ପ୍ରତିନିଧି କୋର୍ଟଙ୍କୁ ଜଣାଇଛନ୍ତି। ଏଥିସହିତ ଉକ୍ତ ମାମଲାକୁ ସ୍ଥଗିତ ରଖି ଜଣେ ନୂଆ ଅତିରିକ୍ତ ବିଚାରପତି ନିଯୁକ୍ତ କରିବା ଲାଗି ଇସ୍‌ଲାମାବାଦ ପକ୍ଷରୁ ଅନୁରୋଧ କରାଯାଇଥିବାବେଳେ ଅନ୍ତର୍ଜାତୀୟ ଅଦାଲତ ଏହାକୁ ଖାରଜ କରିଦେଇଛନ୍ତି।

କୁଳଭୂଷଣ ଯାଦବ ମାମଲାର ୪ ଦିନିଆ ଶୁଣାଣି ସୋମବାରରୁ ଆରମ୍ଭ ହୋଇଛି। ଗତକାଲି ଭାରତ ନିଜର ପକ୍ଷ ରଖିଥିଲା। କୁଳଭୂଷଣଙ୍କୁ ଇରାନରୁ ଅପହରଣ କରିନେଇ ପାକିସ୍ତାନ ତାଙ୍କ ବିରୋଧରେ ମିଥ୍ୟା ଗୁପ୍ତଚର ବୃତ୍ତି ଏବଂ ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ଅଭିଯୋଗ ଆଣିଥିଲା। ସେଠାର ସାମରିକ ଅଦାଲତ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଭାରତ ପକ୍ଷରୁ ଏହାକୁ ଆଇସିଜେରେ ଚ୍ୟାଲେଞ୍ଜ କରାଯାଇଥିଲା।



ଅନୱର ମନ୍‌ସୁର ଖାନ୍

## 'କଶ୍ମୀର ସାମଗ୍ରୀ ବର୍ଜନ କର'

**ଶିଲଂ,୧୯।୨(ପି.ଟି.)**

ମେଘାଳୟ ରାଜ୍ୟପାଳ ତଥାଗତ ରାୟ ପୁଣିଥରେ ବିବାଦ ଘେରରେ। ଏଥର ସେ କଶ୍ମୀର ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦେଇ ଚର୍ଚ୍ଚାରେ ଅଛନ୍ତି। ସାମ୍ବିଧାନିକ ପଦରେ ଥାଇ ଏଭଳି ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ସମାଲୋଚନା କରାଯାଇଛି। କେନ୍ଦ୍ର ସରକାର ତାଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ମଙ୍ଗଳବାର ଦାବି କରିଛନ୍ତି। ନିଜକୁ ଜଣେ ହିନ୍ଦୁବାଦୀ ସାମାଜିକ-ରାଜନୈତିକ ବିଚାରକ, ଲେଖକ ବୋଲି ଟୁଇଟର୍‌ରେ ଦାବି କରୁଥିବା ପୂର୍ବତନ ଭାଜପା ନେତା ତଥାଗତ ରାୟ ଏହି ସାମାଜିକ ଗଣମାଧ୍ୟମରେ ନିଜ ଚିନ୍ତାଧାରା ବ୍ୟକ୍ତ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଭାରତୀୟ ସେନାର ଜଣେ ଅବସରପ୍ରାପ୍ତ କଲୋନେଲ୍‌ଙ୍କ ଅନୁରୋଧ: ଆଗାମୀ ୨ ବର୍ଷ ଧରି କଶ୍ମୀର ପରିଦର୍ଶନରେ ଯାଅ ନାହିଁ। ଅମରନାଥକୁ ଯାତ୍ରା କରନାହିଁ। ଶୀତରତୁରେ ଆସୁଥିବା କଶ୍ମୀରୀ ବ୍ୟବସାୟୀଙ୍କଠାରୁ ସାମଗ୍ରୀ କିଣନାହିଁ। କଶ୍ମୀରୀଙ୍କ ସବୁକିଛି ବର୍ଜନ କର। ମୁଁ ଏଥିରେ ଏକମତ ବୋଲି ସେ ଟୁଇଟ୍ କରିଛନ୍ତି। ଏହି ଅବସରରେ ତଥାଗତ କଶ୍ମୀରୀ ବିଚ୍ଛିନ୍ନତାବାଦୀଙ୍କୁ ପରିଚାଳନା କରୁଥିବା ପାକିସ୍ତାନୀ ସେନା ଏବଂ 'ପୂର୍ବ ପାକିସ୍ତାନ'ରେ ଏହାର ଭୂମିକା ନେଇ ଭର୍ତ୍ସନା କରିଛନ୍ତି। ପୁଲୱାମା ଆକ୍ରମଣ ପରେ ଦେଶରେ ଉତ୍ତେଜନାମୂଳକ ସ୍ଥିତି ଲାଗି ରହିଥିବାବେଳେ ତାଙ୍କ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ତଥାଗତଙ୍କ ଭଳି ଲୋକେ କଶ୍ମୀରକୁ ଚାହାନ୍ତି, କିନ୍ତୁ କଶ୍ମୀରୀଙ୍କୁ ବାଦ୍ ଦେଇ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ସମାଲୋଚନା କରିଛନ୍ତି।




ପୁଣି ବିବାଦରେ ମେଘାଳୟ ରାଜ୍ୟପାଳ

## ଫୁର୍‌ସତ

### ମଦ୍ୟପାନ କରନ୍ତି ୧୬କୋଟି

**ନୂଆଦିଲ୍ଲୀ:** ଦେଶରେ ୧୦ବର୍ଷରୁ ଆରମ୍ଭ କରି ୭୫ବର୍ଷ ବୟସ ମଧ୍ୟରେ ପାଖାପାଖି ୧୬କୋଟି ଲୋକ ମଦ୍ୟପାନ କରନ୍ତି ବୋଲି ଏକ ସର୍ବେକ୍ଷଣରୁ ଜଣାପଡିଛି। ଛତିଶଗଡ, ତ୍ରିପୁରା, ପଞ୍ଜାବ, ଅରୁଣାଚଳ ପ୍ରଦେଶ ଏବଂ ଗୋଆରେ ମଦ୍ୟପାନକାରୀଙ୍କ ସଂଖ୍ୟା ସର୍ବାଧିକ। ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଏବଂ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଏହି ସର୍ବେକ୍ଷଣ କରାଯାଇଥିଲା। ଏହାର ଶୀର୍ଷକ ଥିଲା 'ପ୍ରିଭ୍ୟାଲେନ୍ସି ଆଣ୍ଡ ଏକ୍ସଟେଣ୍ଟ ଅଫ୍ ସବ୍‌ଷ୍ଟାନ୍ସ ୟୁଜ୍ ଇନ୍ ଇଣ୍ଡିଆ'।

### ମଙ୍ଗଳବାର ଆକାଶରେ 'ସୁପର ସ୍ନୋ ମୁନ୍'

**ନୂଆଦିଲ୍ଲୀ**

ମଙ୍ଗଳବାର ରାତିରେ ଆକାଶରେ 'ସୁପର ସ୍ନୋ ମୁନ୍' ଦେଖିବାକୁ ମିଳିଥିଲା। ସବୁ ପୂର୍ଣ୍ଣିମାର ଚନ୍ଦ୍ର ଅପେକ୍ଷା ଥିଲା ନିଆରା। ସ୍ୱାଭାବିକ ଚନ୍ଦ୍ର ଅପେକ୍ଷା ଏହା ଅଧିକ ବଡ଼ ଓ ଉଜ୍ଜ୍ୱଳ ଦେଖାଯାଉଥିଲା।



ଏଭଳି ବିରଳ ଜହ୍ନ ଦେଖିବାକୁ ଆଉ ୭ବର୍ଷ ଅପେକ୍ଷା କରିବାକୁ ପଡିବ। ୨୦୨୬ ଡିସେମ୍ବରରେ ଏଭଳି ଧବଳ ଜହ୍ନ ଦେଖିବାକୁ ମିଳିବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ସୂଚନା ଦେଇଛନ୍ତି। ମଙ୍ଗଳବାର ରାତିର ଜହ୍ନ ପୂର୍ଣ୍ଣାଙ୍ଗ ଦୃଶ୍ୟମାନ ହେବାବେଳକୁ ପୃଥିବୀର ଖୁବ୍ ନିକଟବର୍ତ୍ତୀ ହୋଇଥିଲା। ୨୦୧୮ ସେପ୍ଟେମ୍ବରରେ ପୂର୍ଣ୍ଣଚନ୍ଦ୍ରର ଆକୃତି ଖୁବ୍ ଛୋଟ ଥିବାବେଳେ ମଙ୍ଗଳବାର ଜହ୍ନର ଆକୃତି ତାହାର ୧୪%ବଡ ଏବଂ ୩୦% ଉଜ୍ଜ୍ୱଳ ଦେଖାଯାଉଥିଲା। ଫେବୃୟାରୀରେ କେତେକ ଦେଶରେ ଏହାକୁ ସ୍ନୋ ମୁନ୍ କୁହାଯାଏ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୧୫.୧ |
| ଚାନ୍ଦବାଲି | ୩୨.୦ | ୧୭.୫ |
| କଟକ | ୩୪.୦ | ୧୭.୨ |
| ପାରାଦ୍ୱୀପ | ୨୭.୭ | ୧୯.୭ |
| ଭୁବନେଶ୍ୱର | ୩୪.୬ | ୧୮.୮ |
| ଗୋପାଳପୁର | ୩୧.୩ | ୨୦.୩ |
| ପୁରୀ | ୨୮.୦ | ୨୦.୬ |
| ଅନୁଗୋଳ | ୩୩.୭ | ୧୨.୬ |
| ବାରିପଦା | ୩୩.୦ | ୧୫.୪ |
| ଝାରସୁଗୁଡ଼ା | ୩୨.୫ | ୧୪.୨ |
| କେନ୍ଦୁଝର | ୩୧.୨ | ୧୩.୨ |
| ସମ୍ବଲପୁର | ୩୩.୫ | ୧୩.୬ |
| ସୁନ୍ଦରଗଡ଼ | --- | ୧୪.୫ |
| ହୀରାକୁଦ | ୩୨.୩ | ୧୩.୫ |
| ତାଲଚେର | ୩୩.୧ | ୧୮.୩ |
| ଭବାନୀପାଟଣା | ୩୩.୨ | ୧୫.୦ |
| ବଲାଙ୍ଗୀର | --- | ୧୬.୦ |
| କୋରାପୁଟ | ୩୩.୦ | ୧୪.୬ |
| ଫୁଲବାଣୀ | --- | ୧୧.୫ |
| ଟିଟିଲାଗଡ଼ | --- | ୧୪.୦ |
| ମାଲକାନଗିରି | ୩୭.୦ | ୧୪.୮ |
| ସୋନପୁର | ୩୩.୦ | ୧୪.୦ |
| ଦାରିଙ୍ଗିବାଡ଼ି | ୩୦.୭ | ୧୪.୦ |

ଡିଗ୍ରୀ ସେଲ୍‌ସିୟସ୍

## ଆକାଶ-ଶ୍ଲୋକାଙ୍କ ପ୍ରାକ୍ ପରିଣୟ ଉତ୍ସବ

**ମୁମ୍ବାଇ:** ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁତ୍ର ଆକାଶ ଅମ୍ବାନୀ ଏବଂ ହୀରା ବ୍ୟବସାୟୀ ଅରୁନଭାଇ ମେହେଟାଙ୍କ କନ୍ୟା ଶ୍ଲୋକା ମେହେଟାଙ୍କ ମଧ୍ୟରେ ପ୍ରାକ୍ ପରିଣୟ ଉତ୍ସବ ଆଣ୍ଟିଲିଆଠାରେ ଆରମ୍ଭ ହୋଇଛି। ଏଥିପାଇଁ ସୋମବାର ରାତିରେ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୯ରେ ଦୁହିଁଙ୍କ ମଧ୍ୟରେ ହାତଗଣ୍ଠି ପଡିବ। ପରସ୍ପରକୁ ଜୟମାଳା ପିନ୍ଧାଇବା ପୂର୍ବରୁ ବିଭିନ୍ନ ଉତ୍ସବ ପାଳନ କରାଯାଉଛି। ସୋମବାର ରାତିରେ ଆଣ୍ଟିଲିଆସ୍ଥିତ ଅମ୍ବାନୀଙ୍କ ବାସଭବନରେ ସଙ୍ଗୀତ ସଂଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବ ସାମିଲ ହୋଇଥିଲେ। ଗର୍ବା ଗାୟକ ଫାଲ୍‌ଗୁନି ପାଠକଙ୍କ ପ୍ରଦର୍ଶନ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଆକାଶଙ୍କ ଆଈ କୋକିଳାବେନ୍ ଅମ୍ବାନୀ ଏବଂ ଖୁଡ଼ୀ ଟିନା ଅମ୍ବାନୀ ମ୍ୟୁଜିକାଲ୍ ନାଇଟ୍‌ରେ ଉପସ୍ଥିତ ଥିଲେ। ଆସନ୍ତା ମାସରେ ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସର ଜିଓ ୱାର୍ଲଡ ସେଣ୍ଟରରେ ହାତଗଣ୍ଠି ପାଇଁ ପୂରା ପ୍ରସ୍ତୁତି ଚାଲିଛି। କିଛିଦିନ ତଳେ ମୁକେଶ, ନିତା ଅମ୍ବାନୀ ସ୍ଥାନୀୟ ସିଦ୍ଧି ବିନାୟକ ମନ୍ଦିର ଯାଇ ଭଗବାନ୍ ଗଣେଶଙ୍କୁ ବିବାହ ନିମନ୍ତ୍ରଣ ପତ୍ର ଦେଇ ଆସିଥିଲେ। ଗତବର୍ଷ ଜୁନ୍‌ରେ ଆକାଶ ଓ ଶ୍ଲୋକାଙ୍କ ମଧ୍ୟରେ ନିର୍ବନ୍ଧ ହୋଇଥିଲା। ଏଥିପାଇଁ ଆଣ୍ଟିଲିଆଠାରେ ୩ ଦିନ ଉତ୍ସବ ଚାଲିଥିଲା। ଆକାଶ ଅମ୍ବାନୀ ଓ ଶ୍ଲୋକା ମେହେଟା ପିଲାଦିନରୁ ସ୍କୁଲ୍‌ସାଥୀ। ସେହିଦିନଠାରୁ ଦୁହେଁ ପରସ୍ପରକୁ ଭଲ ପାଆନ୍ତି। ଫେବୃୟାରୀ ୨୩ରୁ ୨୫ ମଧ୍ୟରେ ଆକାଶ ସୁଇଜରଲାଣ୍ଡର ସେଣ୍ଟ ମୋରିଜ୍‌ଠାରେ ଏକ ଗ୍ରାଣ୍ଡ ବ୍ୟାଚଲର ପାର୍ଟି ଆୟୋଜନ କରିବେ। ୨୦୧୮ରେ ମୁକେଶ ତାଙ୍କ କନ୍ୟା ଇଶା ଅମ୍ବାନୀଙ୍କୁ ଆନନ୍ଦ ପିରାମଲ୍‌ଙ୍କ ସହ ବିବାହ କରାଇଥିଲେ।






# ରୋଗୀଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୮୫ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ବ୍ୟୟ ପରିମାଣ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ବିଭାଗର ଏ ସଂକ୍ରାନ୍ତ ପ୍ରସ୍ତାବକୁ ନେଇ ଦୈନିକ ଖାଦ୍ୟ ବାବଦ ଖର୍ଚ୍ଚର ପରିମାଣ ୫୦ ଟଙ୍କାରୁ ୮୫ ଟଙ୍କାକୁ ବୃଦ୍ଧି କରିଛନ୍ତି। ରୋଗୀମାନଙ୍କର ଦୈନିକ ସୁଷମ ଖାଦ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଲାଗୁ କରାଯାଇଛି। ବିଜ୍ଞପ୍ତି ପାଇବା ମାତ୍ରକେ ଏହି ନିଷ୍ପତ୍ତି ଲାଗୁ ହେବ ବୋଲି କୁହାଯାଇଛି।




# ୨୩ରେ ଆସିବେ ଆମିକସ୍ କ୍ୟୁରି

**ପୁରୀ ଅଫିସ,୧୯।୨**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ନୂତନ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଆସନ୍ତା ୨୩ ତାରିଖରେ ପୁରୀ ଆସିବେ। ପୂର୍ବାହ୍ନରେ ସେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ସେ ଶ୍ରୀମନ୍ଦିର ପ୍ରଶାସନ, ପରିଚାଳନା କମିଟି ଏବଂ ସେବାୟତ ନିଯୋଗଙ୍କ ସହ ଆଲୋଚନା କରିବେ। ସେ ପହଞ୍ଚିବା ପରେ ଆଲୋଚନା ଲାଗି ସମୟ ନିର୍ଦ୍ଧାରଣ କରାଯିବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ଆଲୋଚନା ସଭା ଅନୁଷ୍ଠିତ ବୋଲି ଶ୍ରୀମନ୍ଦିରର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି। ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସବୁ ନିଯୋଗର କର୍ମକର୍ତ୍ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଆମିକସ୍ କ୍ୟୁରିଙ୍କ ଗସ୍ତକୁ ନେଇ ଅଧିକ ତତ୍ପରତା ପ୍ରକାଶ କରିଛି ଶ୍ରୀମନ୍ଦିର ପ୍ରଶାସନ। ଗସ୍ତ ସମୟରେ ସେ ଶ୍ରୀମନ୍ଦିରକୁ ଯାଇ ନିଜେ ସ୍ଥିତି ପରଖିବେ। ପୂର୍ବରୁ ଏହି ମାମଲାରେ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଏବଂ ପ୍ରସ୍ତାବ ଦେଇଥିଲେ ତାହା କେତେଦୂର ପାଳନ କରାଯାଉଛି ତାହା ମଧ୍ୟ ଦେଖିବେ। ସୁପ୍ରିମ୍‌କୋର୍ଟ ତାଙ୍କ ଅନ୍ତରୀଣ ଆଦେଶରେ ଯେଉଁ ୧୨ଟି ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ ତାହାର ସ୍ଥିତି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ରିପୋର୍ଟ ପ୍ରସ୍ତୁତ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ୧୨ଟି ପ୍ରସ୍ତାବ ମଧ୍ୟରୁ ସେବାୟତଙ୍କ ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା ଲାଗି ଏବେ ସେବକମାନେ ମଧ୍ୟ ଏକତ୍ର ହୋଇଛନ୍ତି। ସେମାନେ ଆମିକସ୍ କ୍ୟୁରିଙ୍କୁ ଶ୍ରୀମନ୍ଦିର ସେବା ଓ ପରମ୍ପରା ବିଷୟରେ ଅବଗତ କରାଇବେ।










Accessories shown in the picture may not be a part of standard equipment. * Down payment of Rs. 3,250 applicable only on Scooty Pep+. *Savings up to Rs.6,300 applicable only on Ntorq. #Finance at the sole discretion of the financier. ^Paytm offer valid till 28th February 2019. Schemes cannot be clubbed. Other T&C apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR:** Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628. **BHAWANIPATNA:** Barun TVS, Ph: 8260430746; **ROURKELA**: Gurugobind TVS, Ph: 8260566699; **JHARSUGUDA:** Gunnu TVS, Ph: 8586977624; **SONEPUR:** Minerva TVS, Ph : 6370700730, 6370700734. **Authorised Dealers:** Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles,Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401; Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005.

McCann/Blr/Tvs/177/02/19



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି। - ତୁଳସୀ ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୁଶ୍ରୀ
ପରିବାରବର୍ଗ


ମାମୁନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## MATRIMONIAL

### GROOM WANTED

ପାରଳାଖେମୁଣ୍ଡିର କରଣ, ବି.ଏ. ପାସ୍, ଗୋରୀ, ଗୃହକର୍ମ ନିପୁଣା, ୩୩ବର୍ଷ ପାତ୍ରୀ ପାଇଁ ସରକାରୀ ଚାକିରି ଏବଂ ବ୍ୟାଙ୍କ ଚାକିରିଆ ଇତ୍ୟାଦି ଉପଯୁକ୍ତ ପାତ୍ର ଆବଶ୍ୟକ। ଜାତକ ଜରୁରୀ। ନଂ: ୮୭୬୩୫୭୬୫୭୦। ଧ-୧୧୧୯୯

Divorcee bride Bank officer 40, Railway 42 (Caste-no-bar). Contact: 7873374269. D-65080

Beautiful Teli girl-1992, 5'4", MBA HR, Delhi/ Mumbai base. Required serviceholder. 9868375385, 8826927272. D-65610

Patara girl 1997, 5.3", B.Tech serving, Bhubaneswar, service only. 8895765910. D-11225

Now Matrimonial ads. only on Wednesday & Sunday
Book 1 Get 1 FREE

49ବର୍ଷ Central water comissionରେ କାର୍ଯ୍ୟରତ ଛାଡ଼ପତ୍ର ଥିବା ଝିଅ ପାଇଁ 45 ବର୍ଷରୁ ଉର୍ଦ୍ଧ ଥିବା ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। ଝିଅ ଓଡ଼ିଶା ବାହାରେ କାର୍ଯ୍ୟରତ। 8895400688. D-63755

Beautiful whitish Teli girl 23, 5'.2", 8/4, Bsc. required Govt. Bank, Company Service holder near Bhubaneswar, Cuttack, Puri. 6370461466. D-60943

## classified



### SALE

3BHK ready to move flats newly constructed for sale at Kharvel Nagar, Bhubaneswar. 7008672367, 8270788667. D-11109

**Bhubaneswar AIIMS Hospitalଠାରେ yellowz-one gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65829

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65830

1500 sqft. gharabari residential land at backside of AMRI Hospital, Kolothia, Bhubaneswar, 29.5 lakh. 7504392698. D-65584

Yellowzone stithiban plot sale at AIIMS Hospital, Bhubaneswar. 8280037688. D-65368

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369



2BHK house for rent at Behera Sahi, Nayapalli, Bhubaneswar. Contact: 7377778777. D-11229



Newly ayurvedic full body massage relaxed home service: 7609923705, 7438851534. D-38546

### AFFIDAVIT

I, Prasanta Nagabhusan vide an affidavit before Executive Magistrate, Dhenkanal, Date- 2.2.19 declare that name of my son has been corrected from Rayan S Prasant to Reyan S Prasant. D-11240

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### Birthday Wish



**Harish Samal**
Father- Mihir Kumar Samal
Mother- Nirupama Salmal
DOB- 19.02.2016
At/Po- Arakhapur,
Ps- Barchana, Dist.- Jajpur.
D-11252

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ସୁଶ୍ରୀ ଶ୍ରଦ୍ଧାଞ୍ଜଳି ଦାଶ**
ନିଆଳୀ, ଜଲ୍ଲାରପୁର, କଟକ
ଆଜି (୨୦.୦୨.୨୦୧୯) ପୁଣ୍ୟ ଜନ୍ମତିଥିରେ ତୋର ଭବିଷ୍ୟତ ସୁଖ ଆନନ୍ଦରେ ପରିପୂର୍ଣ୍ଣ ହେଉ ଓ ଦୀର୍ଘାୟୁ ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମା, ପାପା, ମାମା, ପୁଅ, ବଡନନା, ବଡବୋଉ, ଅଜା, ଆଈ, ମାମୁଁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୨୪୧

### ଜନ୍ମଦିନ ଶୁଭେଚ୍ଛା



**ଆଦ୍ୟାଶା ମହାନ୍ତି**
(ମାମୁନ୍)
ଆଜି ତୋର ୧୧ତମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳମୟ ଭବିଷ୍ୟତ, ଦୀର୍ଘାୟୁ ଜୀବନ କାମନା କରୁଛୁ। ଶୁଭେଚ୍ଛା ସହ: ଜେଜେ, ଜେଜେ ମା, ଅଜା, ଆଈ, ବାବା, ମାମା, ବଡ଼ବାପା, ବଡ଼ ମା, ସାନବଡ଼ବାପା, ମାମୁଁ, ମାଇଁ, ଅପା, ପିଉସା, ଭାଇ, ଭଉଣୀ ଓ ପରିବାରବର୍ଗ। ଧ-୧୧୨୩୯

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



### ପ୍ରଥମ ବିବାହ ବାର୍ଷିକୀ ଶୁଭେଚ୍ଛା



**ସୌମ୍ୟରଞ୍ଜନ ମିଶ୍ର ଏବଂ ପ୍ରିୟଙ୍କା ପାଢୀ**
ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। **ଶୁଭେଚ୍ଛା ସହ:** ନନା, ବୋଉ, ନାନୀ, ଭାଇନା, ନାନ୍ସି, ଆୟୁ, ଶ୍ରେୟା, ମାଉସୀ, ମଉସା, ବାବା, ବୋଉ, ବବିଲି ଓ ମିଶ୍ର ପରିବାର। ଧ-୧୧୨୩୦


# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର

## ଅଭିଯୁକ୍ତ ଗିରଫ

**ବାଲିଆପାଳ,୧୯।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ଜଣେ ଅଟୋରିକ୍ସା ଚାଳକଙ୍କ ଦିବ୍ୟାଙ୍ଗ ଝିଅଙ୍କୁ ତପନ ମଣ୍ଡଳ ନାମକ ଜଣେ ଯୁବକ ମଙ୍ଗଳବାର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ ୩୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଘରେ କେହି ନ ଥିବା ସୁଯୋଗରେ ତପନ ଯୁବତୀଙ୍କୁ ନିଛାଟିଆ ଜାଗାକୁ ଟେକି ନେଇ ବଳାତ୍କାର କରିଥିଲେ। ଯୁବତୀଙ୍କ ଖୁଡ଼ୀ ଜାଣିପାରି ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ଏକାଠି ହୋଇ ତପନଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ପୋଲିସ ଜିମା ଦେଇଥିଲେ। ପୋଲିସ ଉଭୟଙ୍କର ଡାକ୍ତରୀ ମାଇନା କରିବାପାଇଁ ପଠାଇଛି।

## ୨୧ରେ ନବ ନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରା

# ଆନ୍ଦୋଳନରୁ ନ ଓହରିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ରାଜ୍ୟର ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ୨୧ ତାରିଖ ଗୁରୁବାର ନବ ନିର୍ମାଣ କୃଷକ ସଙ୍ଗଠନ ଓଡ଼ିଶା ବନ୍ଦ ଡାକରା ଦେଇଛି। କଂଗ୍ରେସ ଏବଂ ଭାଜପା ପକ୍ଷରୁ ଏହାକୁ ନୈତିକ ସମର୍ଥନ ଦିଆଯାଇଛି। ତେଣୁ ସାରା ରାଜ୍ୟରେ ବନ୍ଦ ପ୍ରଭାବ ପଡିବ ବୋଲି ଗୋଇନ୍ଦା ସୂଚନା ରହିଛି। ବନ୍ଦ ଡାକରା ପରଦିନ ଅର୍ଥାତ୍ ୨୨ ଫେବୃୟାରୀରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଏବଂ ଅନ୍ୟାନ୍ୟ ପରୀକ୍ଷା ସମ୍ବନ୍ଧୀୟ ସାମଗ୍ରୀ ପରୀକ୍ଷା କେନ୍ଦ୍ରକୁ ଯିବ। ବନ୍ଦ ଡାକରା ଯୋଗୁ ଏହା ବାଧାପ୍ରାପ୍ତ ହେବା ଆଶଙ୍କା କରି ସରକାର କୃଷକ ସଙ୍ଗଠନକୁ ଆନ୍ଦୋଳନରୁ ଓହରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇନାହିଁ।

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ପୁନର୍ବାର ଆନ୍ଦୋଳନରୁ ଓହରିବା ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କିତ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟର ପ୍ରାୟ ୬ ଲକ୍ଷ ମାଟ୍ରିକ ପରୀକ୍ଷାର୍ଥୀ, ସେମାନଙ୍କ ଅଭିଭାବକ, ଶିକ୍ଷକ ଏବଂ ସମାଜର ଏକ ବୃହତର ବର୍ଗର ସ୍ୱାର୍ଥ ଦୃଷ୍ଟିରୁ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନରୁ ଓହରିଯାଉ। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାଟ୍ରିକ ପରୀକ୍ଷା ନିର୍ଣ୍ଣାୟକ ହୋଇଥାଏ। ଏସବୁ ସତ୍ତ୍ୱେ ଯଦି ସଙ୍ଗଠନ ଓଡ଼ିଶା ବନ୍ଦ ଜାରି ରଖନ୍ତି, ତେବେ ସରକାର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। ତେଣୁ ସାଧାରଣ ଜନତା ଓ ଛାତ୍ର ସମାଜ ସମ୍ମୁଖୀନ ହେବାକୁ ଥିବା ସମସ୍ତ ଅସୁବିଧାକୁ ହୃଦୟଙ୍ଗମ କରି ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ପ୍ରତ୍ୟାହୃତ କରୁ।

ଅପରପକ୍ଷରେ କଂଗ୍ରେସ ଓ ଭାଜପା ବନ୍ଦକୁ ନୈତିକ ସମର୍ଥନ କରିବା ପ୍ରସଙ୍ଗରେ ବିଜେଡି ପ୍ରତିକ୍ରିୟା ପ୍ରକାଶ କରିଛି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, କଂଗ୍ରେସ ୨୬୦୦ ଟଙ୍କା ଏମ୍ଏସ୍‌ପି ଏବଂ କୃଷି ଋଣ ଛାଡ କଥା କହୁଛି। ହେଲେ ଭାଜପା କୃଷି ଋଣ ଛାଡ ବିରୋଧରେ ମନ୍ତବ୍ୟ ଦେଉଛି ଏବଂ ଏମ୍ଏସ୍‌ପି ବୃଦ୍ଧି ସପକ୍ଷରେ ନାହିଁ। ତେଣୁ ଗୋଟିଏ ସମ୍ବେଦନଶୀଳ ପ୍ରସଙ୍ଗରେ ୨ ଜାତୀୟ ଦଳର ଆଭିମୁଖ୍ୟ ଏକ ନୁହେଁ। ତେଣୁ ନବ ନିର୍ମାଣ କୃଷକ ସଙ୍ଗଠନର ବନ୍ଦ ଡାକରାକୁ ସମର୍ଥନ କରିବା ପଛରେ ମନ୍ଦ ରାଜନୀତି ରହିଥିବା ସସ୍ମିତ କହିଛନ୍ତି। ଅପରପକ୍ଷରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଧାନ ମଣ୍ଡିରେ ଧାନ ପଡି ରହୁଛି। ଯେତିକି ମୂଲ୍ୟ ଏମ୍ଏସ୍‌ପି ନିର୍ଦ୍ଧାରଣ କରାଯାଇଛି, ସେତିକି ମୂଲ୍ୟ ଦେଇ ସରକାର ଧାନ କିଣୁନାହାନ୍ତି। ରାଜ୍ୟରେ ଜଳସେଚନ ଅବସ୍ଥା ଶୋଚନୀୟ। ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ, ତେଣୁ କୃଷକ ଆନ୍ଦୋଳନର ଯଥାର୍ଥତା ରହିଛି। ଭାଜପା ଏହି ଆନ୍ଦୋଳନକୁ ନୈତିକ ସମର୍ଥନ ଦେଉଥିବା ଗୋଲକ କହିଛନ୍ତି। କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର ମଧ ଅନୁରୂପ ମନ୍ତବ୍ୟ ଦେବା ସହ ଧାନର କୁଇଣ୍ଟାଲ ପିଛା ଏମ୍ଏସ୍‌ପି ୨୬୦୦ ଟଙ୍କା ଦାବି କରିଛନ୍ତି।

## ମହାନଦୀ ବନ୍ଦରକୁ ମଞ୍ଜୁରୀ ପ୍ରସଙ୍ଗ

# ଯୋଜନାର ସବିଶେଷ ତଥ୍ୟ ମାଗିଲା ଏମ୍‌ଓଇଏଫ୍

ନୂଆଦିଲ୍ଲୀ,୧୯।୨-କେନ୍ଦ୍ରାପଡ଼ା ଜିଲାରେ ମହାନଦୀ ତଳମୁଣ୍ଡରେ୨୧୧୦ କୋଟି ଟଙ୍କା ବିନିଯୋଗରେ ବନ୍ଦର ନିର୍ମାଣ ଲାଗି ରାଜ୍ୟ ସରକାର କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ମଞ୍ଜୁରୀ ଲୋଡ଼ିଥିଲେ। ଏନେଇ ମନ୍ତ୍ରଣାଳୟର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ମୂଲ୍ୟାୟନ କମିଟି (ଏମ୍‌ଓଇଏଫ୍) ଯୋଜନା ସମ୍ପର୍କିତ ସବିଶେଷ ବିବରଣୀ ମାଗିଛନ୍ତି। ନିକଟରେ ଅନୁଷ୍ଠିତ କମିଟି ବୈଠକରେ ଉକ୍ତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ବନ୍ଦର ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବ। କେବଳ ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରସ୍ତାବ ଥିବାରୁ କମିଟି ଦୁଇଟି ପର୍ଯ୍ୟାୟର ସମ୍ପୂର୍ଣ୍ଣ ବିବରଣୀ ସହିତ ଏହାର ପରିବେଶ ଉପରେ କ'ଣ ପ୍ରଭାବ ପଡିବ ତା'ର ସବିଶେଷ ତଥ୍ୟ ମାଗିଛନ୍ତି। କମିଟି ୩୮ ସୂତ୍ରୀ ପ୍ରସ୍ତାବ ଦେଇ ସେଗୁଡ଼ିକର ଅନୁପାଳନ ଲାଗି ପ୍ରକଳ୍ପ ପ୍ରସ୍ତାବକଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଏକ ପରିବେଶ ପ୍ରଭାବ ଆକଳନ(ଇଆଇଏ) ରିପୋର୍ଟ ପ୍ରସ୍ତୁତ କରିବାକୁ କମିଟି କହିଛନ୍ତି। ଉକ୍ତ ରିପୋର୍ଟ ଉପରେ ସର୍ବସାଧାରଣ ଶୁଣାଣି ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଦାଖଲ କରିବାକୁ କୁହାଯାଇଛି। ସରକାରୀ-ଘରୋଇ ଭାଗିଦାରିତାରେ ମୋଟ ୩୦୦ ହେକ୍ଟର ଜମିରେ ପ୍ରସ୍ତାବିତ ବନ୍ଦର ନିର୍ମାଣ ହେବ। ବନ୍ଦର ନିର୍ମାଣ ହେଲେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ହୋଇପାରିବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୨୭ରେ ଶେଷ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ୨୦୧୭ରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବନ୍ଦର ଦେଇ ଲୁହାପଥର, କୋଇଲା, ସାର ଓ ଅନ୍ୟାନ୍ୟ ପଣ୍ୟ ପରିବହନ ହେବ।

## ପ୍ରଥମ ପୃଷ୍ଠାରୁ...

### ଆକ୍ରମଣ କଲେ ...

ପାକିସ୍ତାନର ଶତ୍ରୁ ଭଳି କାର୍ଯ୍ୟ କରୁଛନ୍ତି ବୋଲି ଇମ୍ରାନ୍ ପ୍ରତିଶ୍ରୁତି ଦେଇଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଭାରତୀୟ ଗଣମାଧମରେ ଦେଖିବାକୁ ମିଳୁଛି ଯେ, ସେଠାକାର ରାଜନେତାମାନେ ପାକିସ୍ତାନଠାରୁ ପ୍ରତିଶୋଧ ନେବା ପାଇଁ କହୁଛନ୍ତି। ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବା ପାଇଁ ଯଦି ଚିନ୍ତା କରୁଥାଏ ତେବେ ଆମେ କେବଳ ଚିନ୍ତା କରିବୁ ନାହିଁ, ବରଂ ଏହାର ଜବାବ ଦେବୁ। ଯୁଦ୍ଧ ଆରମ୍ଭ କରିବା ଆମ ହାତରେ ରହିଛି। ଏହା ସହଜ କଥା। କିନ୍ତୁ ଯୁଦ୍ଧ ଶେଷ କରିବା ଆମ ଆୟତ୍ତରେ ନାହିଁ। ତା'ପରେ କ'ଣ ହେବ ତାହା କେହି ଜାଣନ୍ତି ନାହିଁ। ପାକିସ୍ତାନର କେହି ଆତଙ୍କବାଦ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଲେ ଦେଶର କିଛି ସ୍ୱାର୍ଥସାଧନ ହେଉନାହିଁ। ପାକିସ୍ତାନ ମାଟିକୁ ଆତଙ୍କବାଦ ପାଇଁ କେହି ବ୍ୟବହାର କରୁଥିଲେ ସେ ଆମର ଶତ୍ରୁ। ତେଣୁ ଆତଙ୍କବାଦ ପ୍ରସଙ୍ଗରେ ଭାରତ ସହ ଆଲୋଚନା ପାଇଁ ନୂଆ ପାକିସ୍ତାନ ପ୍ରସ୍ତୁତ। ବିଗତ ୧୫ ବର୍ଷ ଧରି ଆତଙ୍କବାଦରେ ଜର୍ଜରିତ ପାକିସ୍ତାନ ପୁଲୱାମା ଆକ୍ରମଣରୁ କି ଲାଭ ପାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ ପାକିସ୍ତାନ ଗସ୍ତରେ ଥିବାରୁ ଭାରତର ଅଭିଯୋଗର ଉତ୍ତର ସେ ଦେଇ ନ ଥିଲେ ବୋଲି ଇମ୍ରାନ୍ କହିଛନ୍ତି।

### ଇଣ୍ଡେନ ଯୋଗୁ ୬୭ଲକ୍ଷଙ୍କ...

ଆଧାର ସଂକ୍ରାନ୍ତରେ ଅନ୍ୟ କୌଣସି ତଥ୍ୟ ନିଆଯାଏନାହିଁ ଉଲ୍ଲେଖଥାଉ କି, ଭାରତରେ ୯ କୋଟିରୁ ଅଧିକ ଇଣ୍ଡେନ ଗ୍ରାହକ ରହିଥିବା ବେଳେ ପ୍ରାୟ ୯୦ ପ୍ରତିଶତ ବ୍ୟକ୍ତିଙ୍କ ନିକଟରେ ଆଧାର ନମ୍ବର ରହିଛି। ତେବେ ଇଣ୍ଡେନ ଓ ଆଧାର ଜାରି କରୁଥିବା ସଂସ୍ଥା ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟିଅଫ୍ଇଣ୍ଡିଆ(ୟୁଆଇଡିଏଆଇ) ପକ୍ଷରୁ କୌଣସି ବିବୃତି ଜାରି କରାଯାଇନାହିଁ।

### ବନ୍ଦ ଘରେ ୪ ...

ଭଉଣୀଭାଇ ଏଠାରେ ବିକ୍ରି କରିଦେଇଥିଲେ। ଯେଉଁ ଘରେ ପୀଡିତାଙ୍କୁ ବଳାତ୍କାର କରାଯାଇଛି ସେଠାରେ ୫ ଜଣ ଇଞ୍ଜିନିୟରିଂ ଛାତ୍ର ରହୁଥିବା ଆମେ ଖବର ପାଇଛୁ। ଯେହେତୁ ପୀଡିତା ଜଣକ ଗୁରୁତର ଅସୁସ୍ଥ ଅଛନ୍ତି, ସେ ଠିକ୍ ଭାବେ କହିପାରୁ ନାହାନ୍ତି। ସେ ସୁସ୍ଥ ହେବା ପରେ ତାଙ୍କଠାରୁ ଅଧିକ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି। ଜିଆର୍‌ପି ଥାନା ଆଇଆଇସି ଉମାକାନ୍ତ ବିଶ୍ୱାଳ କହିଛନ୍ତି, ଚାଲ୍ଡ ଲାଇନ୍‌ର ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାରେ ଆଇପିସି ଦଫା ୩୭୬(ଡି), ପୋକ୍‌ସୋ ଆକ୍ଟ ୧୨ରେ ମାମଲା ନଂ.୧୪/୧୯ ରୁଜୁ ହୋଇଛି। ଆବଶ୍ୟକ ପଡିଲେ ମାମଲାକୁ ମଙ୍ଗଳାବାଗ ଥାନାକୁ ସ୍ଥାନାନ୍ତର କରାଯିବ। ମଙ୍ଗଳାବାଗ ଥାନା ଆଇଆଇସି ଅରୁଣ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଥିବା ସେ କହିଛନ୍ତି।




## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ଉଷାରାଣୀ ଦାଶ**
ଆବିର୍ଭାବ : ତା ୧୪.୦୭.୧୯୪୭
ଶ୍ରାବଣ କୃଷ୍ଣ ଏକାଦଶୀ ସୋମବାର
ତିରୋଧାନ : ତା ୦୧.୦୨.୨୦୧୮
ଫାଲଗୁନ କୃଷ୍ଣ ପ୍ରତିପଦ ଗୁରୁବାର ଅପରାହ୍ନ ୩.୨୫
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ଆପଣଙ୍କ ପରି ସରଳ, ନିଷ୍ପାପର, ଠାକୁର ବିଶ୍ୱାସୀ ଓ ପରୋପକାରୀ ମହାତ୍ମାଙ୍କ ଆଶୀର୍ବାଦରେ ଆମର ଚଲାପଥ କୁସୁମିତ ହେଉ। ଶୋକ ସନ୍ତପ୍ତ -
ସ୍ୱାମୀ, ପୁତ୍ର-ବାବୁ ଓ ଅନୁ, ପୁତ୍ରବଧୂ-କଲ୍ଲି ଓ ଲିଲି ନାତୁଣୀ- ଅଙ୍କିତା, ବୈଷ୍ଣବୀ, ଅର୍ପିତା ଓ ବନ୍ଧୁ ବାନ୍ଧବ ବର୍ଗ
ଧ-୬୫୪୮୭

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**କନକ ଲତା ସାହୁ**
ଭାରତୀ ନଗର, ଲୋଧି ରୋଡ୍, ନୂଆଦିଲ୍ଲୀ
ଆବିର୍ଭାବ- ଅଂଳା ନବମୀ ୧୯୪୪ ମସିହା
ତିରୋଧାନ- ବସନ୍ତ ପଞ୍ଚମୀ (୧୦-୦୨-୨୦୧୯)
ତୁମର ଅନାବିଳ ସ୍ନେହ ଓ ଶ୍ରଦ୍ଧାଭରା ପ୍ରତିଟି କଥା ଆମ ଜୀବନର ଶ୍ରେଷ୍ଠ ସଂପଦ ଓ ପାଥେୟ। ଆଜି ଏକାଦଶାହର ପବିତ୍ର ସ୍ମୃତି ଦିବସରେ ତୁମର ଅବର୍ତ୍ତମାନରେ ମଧ ତୁମର ଉପସ୍ଥିତିକୁ ଅନୁଭବ କରୁଛୁ। ସମସ୍ତଙ୍କୁ ଏକାଠି ପାଇ କେତେ ଆନନ୍ଦିତ ଓ ଭାବପ୍ରବଣ ହୋଇଥାଅ ସତେ। ଜୀବନର ଚିର ସତ୍ୟକୁ ହୃଦୟଙ୍ଗମ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆମର ବିନମ୍ର ପ୍ରାର୍ଥନା। ଓଁ ଶାନ୍ତି।
ଶୋକସନ୍ତପ୍ତ ପରିବାର ବର୍ଗ ଏବଂ ଆତ୍ମୀୟ ସ୍ୱଜନ
ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ
ଯୋଗାଯୋଗ : ସତ୍ୟବ୍ରତ ସାହୁ,
କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ, ଭାରତ ସରକାର
ଦୂରଭାଷା : ୯୯୫୩୩୫୫୪୫୫
ଧ-୬୫୪୮୩

ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଦୁଲାଳି ପରିଡ଼ା**
ସ୍ୱାମୀ-ସ୍ୱର୍ଗତ ରଘୁନାଥ ପରିଡ଼ା
ବସହପୁର (ବାଲିପାଟଣା)
Ward No.30 ଭଦ୍ରକ ମ୍ୟୁନିସିପାଲିଟି
ଆବିର୍ଭାବ: ୦୨।୦୨।୧୯୨୧
ତିରୋଧାନ: ୨୦।୦୨।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ସରଳତା, ତ୍ୟାଗ, ଧର୍ମପରାୟଣତା, ପରୋପକାରିତା ଆମର ଉତ୍ସ ହେଉ। ତୋର ଆଶିଷ ସବୁବେଳେ ଆମ ଉପରେ ଥାଉ, ଏତିକି କାମନା। ତୋର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭ କରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଭଦ୍ରକାଳୀଙ୍କ ନିକଟରେ ବିନୀତ ପ୍ରାର୍ଥନା। **ହତଭାଗ୍ୟ: ପରିଡ଼ାବଂଶର ସମସ୍ତ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ, ବନ୍ଧୁବାନ୍ଧବ।** ଧ-୧୧୨୪୨

ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସର୍ବେଶ୍ୱର ନାୟକ**
ଆବିର୍ଭାବ: ୧୭।୦୭।୧୯୪୬
ତିରୋଧାନ: ୧୦।୦୨।୨୦୧୯
ଆପଣଙ୍କ ବିୟୋଗରେ ଆମ୍ଭେ ସମସ୍ତେ ଦୁଃଖିତ ଏବଂ ମର୍ମାହତ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ମାର୍ଗଦର୍ଶନ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ସ୍ତ୍ରୀ(ସହଧର୍ମିଣୀ), କନ୍ୟା, ଜ୍ୱାଇଁ, ନାତି, ନାତୁଣୀ ଓ ସମସ୍ତ ନାୟକ ପରିବାରବର୍ଗ, ଆତ୍ମୀୟସ୍ୱଜନ। ଧ-୬୨୦୭୭

ଦଶାହ ଉପଲକ୍ଷେ



**ସ୍ୱର୍ଗତ ବସନ୍ତ କୁମାର ପ୍ରଧାନ**
ଅବସରପ୍ରାପ୍ତ ବନବିଭାଗ ଉଚ୍ଚାଧିକାରୀ (ଡି.ଏଫ୍.ଓ.)
ଆବିର୍ଭାବ: ୦୯।୦୬।୧୯୩୫
ତିରୋଧାନ: ୧୧।୦୨।୨୦୧୯
ବାବା, ଆଜି ତୁମ୍ଭର ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୁମ୍ଭର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ମାର୍ଗଦର୍ଶନ ଓ ଭଲ ପାଇବା ଆମ୍ଭମାନଙ୍କର ପାଥେୟ ହେଉ। ତୁମ୍ଭର ଅନୁପସ୍ଥିତି ଆମ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ତୁମେ ସ୍ୱର୍ଗରେ ଥାଇ ଆମମାନଙ୍କ ପାଇଁ ମାର୍ଗଦର୍ଶକ ହୋଇରହିବ। ତୁମ୍ଭର ଆତ୍ମା ପରମାତ୍ମାଙ୍କ ସହିତ ବିଲୀନ ହେଉ। ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୩୭୩୬୧


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ କାମବେଳକୁ ସମସ୍ତେ ଏକମନ ନେଇ କାମ କରିପାରିବେ। ସାମାଜିକ ସ୍ତରରେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବାରେ କୌଣସି ଅସୁବିଧା ରହିବନାହିଁ। ଅବହେଳା କାରଣରୁ ଘରର ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ** ବିଭିନ୍ନ ପ୍ରକାର ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟ, ପରିବହନ, କଚେରି ମାମଲାରେ ମନସ୍ତାପ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରେ ଜମିଜମା ବିବାଦ, ମୂଲ୍ୟବାନ୍ ଜିନିଷ କ୍ରୟ କରିବେ।

**ମିଥୁନ** ବାଧକ ଗ୍ରହ ରାଶିକୁ ଅବଲୋକନା କରୁଥିବାରୁ ଦେହ ଭଲ ରହିଲେ ମଧ ସାମୟିକ ପୁରୁଣା ରୋଗରେ କଷ୍ଟ ପାଇବେ। ନିଜ ପରିସରରେ ତର୍କ ବିତର୍କ କାରଣରୁ ସମ୍ପର୍କ ହାନି ଘଟିପାରେ। ଆନୁଷ୍ଠାନିକ କାମରେ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ରାଶ୍ୟାଧିପତି ଛାଦକଗ୍ରହ ଦୃଷ୍ଟିରେ ଥିବାରୁ ଶାରୀରିକ ଦୁର୍ବଳତା ରହିଥିଲେ ମଧ କର୍ମକ୍ଷେତ୍ର ଯଥାରୀତି ସମ୍ପନ୍ନ କରିପାରିବେ। ଦୀର୍ଘଦିନରୁ ରହି ଆସିଥିବା ସମସ୍ୟାର ସରଳ ସମାଧାନ ହୋଇଯିବ। ଅର୍ଥସଙ୍କଟ କିମ୍ବା ଅସହଯୋଗରୁ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବ୍ୟବସାୟରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ସିଂହ** ଭାଗ୍ୟକର୍ମାଧିପତିଙ୍କ ସ୍ଥାନ ପ୍ରଭାବରେ ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ ଆଜି ଦୀର୍ଘଦିନର ଆଶା ଫଳବତୀ ହେବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବେ। ବ୍ୟବସାୟ, ସଭାସମିତି, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପଡ଼ିବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ କେତେକ ସ୍ଥଗିତ କାର୍ଯ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପିଲାଙ୍କ ଆଚରଣକୁ କେନ୍ଦ୍ରକରି କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ସୁଖ ଶାନ୍ତି ପୂର୍ବପରି ଅକ୍ଷୁଣ୍ଣ ରହିପାରିବ।

**ବିଛା** ଚଳିତ ପରିସ୍ଥିତି ପ୍ରତି ନଜର ରଖିବା ସାଙ୍ଗକୁ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନରେ ଆଗ୍ରହୀ ହେବେ। ତଥାପି କେତେକ ବ୍ୟତିକ୍ରମ କାରଣରୁ କରୁଥିବା କାମ ସକାଶେ ମଧାହ୍ନରେ ଟେନ୍‌ସନ ବଢ଼ିପାରେ। ବିବାଦ, ମାଲିମକଦ୍ଦମାରେ ବିଜୟପ୍ରାପ୍ତିର ସମ୍ଭାବନା ରହିଛି।

**ଧନୁ** କୌଣସି ନୂତନ କର୍ମାରମ୍ଭ ସକାଶେ ବିଭିନ୍ନ ପ୍ରକାର ଯୋଜନା କରିପାରନ୍ତି। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ସକାଳୁ ସକାଳୁ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ମକର** ଧୀରେ ଧୀରେ ପାରିପାର୍ଶ୍ୱିକ ପରିସ୍ଥିତି ବଦଳିଯିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକସ୍ଥଳେ ଧାର କରଜ କରି କାମ ତୁଲାଇ ନେବାକୁ ପଡ଼ିପାରେ। ଆଶା କରୁଥିବା ଅର୍ଥ, ବନ୍ଧୁମିଳନ, ଦୂରଯାତ୍ରା କ୍ଷେତ୍ରରେ ଆପଣ ନିରାଶ ହେବେନାହ।

**କୁମ୍ଭ** ରାଶିରେ ରବି ଓ ବୁଧଙ୍କ ସ୍ଥିତି କାରଣରୁ ଆଜିର କର୍ମକ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଅର୍ଥସଙ୍କଟ, ସହକର୍ମୀଙ୍କ ଅସହଯୋଗ,ପ୍ରଶାସନିକ ଦ୍ୱନ୍ଦ୍ୱ ଓ ଦୂରଯାତ୍ରା କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ସ୍ଥଗିତ କାମଟି ବନ୍ଧୁଙ୍କ ଦ୍ୱାରା କରାଇ ନେବେ, କିନ୍ତୁ ତାଙ୍କର ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ।

**ମୀନ** ଦୀର୍ଘଦିନରୁ ପଡ଼ିରହିଥିବା କାମଟିକୁ ବନ୍ଧୁମାନଙ୍କ ସାହାଯ୍ୟ ନେଇ ସମ୍ପନ୍ନ କରିବେ। ଅର୍ଥ ଆଦାୟ କରିବାରେ ସକ୍ଷମ ହେବା ସାଙ୍ଗକୁ ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ବ୍ୟବସାୟ ମନ୍ଦ ହେବନି , କିନ୍ତୁ ବ୍ୟସ୍ତବିବ୍ରତ ମଧ୍ୟରେ ସମୟ ଅତିବାହିତ ହେବ।

ଆଜି ଫାଲ୍‌ଗୁନ କୃଷ୍ଣ ପ୍ରତିପଦା ବୁଧବାର, ଫେବୃୟାରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଦିବା ଘ୮।୨୧ମି. ଗତେ ରାଶି ନକ୍ଷତ୍ର – ପୂର୍ବାଫାଲ୍‌ଗୁନୀ/ସିଂହ, କର୍କଟ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୭।୪୩ମି. ଗତେ ଘ୯।୦୯ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୫ମି. ଗତେ ଘ୧୨।୦୧ମି. ମଧ୍ୟେ, ମାହେନ୍ଦ୍ର ବେଳା । ମଧ୍ୟାହ୍ନ ଘ୧୨।୦୦ମି. ଗତେ ଘ୧।୨୭ମି. ମଧ୍ୟେ ରାହୁକାଳ।



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



# ଡିଏସ୍‌ପି, ଏଏସ୍‌ପି ର୍‍ୟାଙ୍କର ୧୯ ଅଧିକାରୀଙ୍କ ବଦଳି

**କଟକ ଅଫିସ,୧୯।୨**

ଭାରତୀୟ ନିର୍ବାଚନ କମିଶନଙ୍କ କଡା ନିର୍ଦ୍ଦେଶ ପରେ ଗୋଟିଏ ପୋଲିସ ଜିଲାରେ ୩ବର୍ଷରୁ ଅଧିକ ସମୟ ଧରି ରହିଥିବା ଅଧିକାରୀଙ୍କୁ ବଦଳି ପ୍ରକ୍ରିୟା ଜାରି ରହିଛି। ଏହିକ୍ରମରେ ଓଡ଼ିଶା ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିଏସ୍‌ପି) ଓ ଆଡିସିନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏଏସ୍‌ପି) ର୍‍ୟାଙ୍କର ୧୯ଜଣ ଅଧିକାରୀଙ୍କର ବଦଳି ହୋଇଛି। ଏ ସଂକ୍ରାନ୍ତରେ ମଙ୍ଗଳବାର ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

କେନ୍ଦୁଝରର ଆଇୟୁସିଏଡବ୍ଲ୍ୟୁର ଡିଏସ୍‌ପି ଦିଲୀପ ଚନ୍ଦ୍ର ବାଗଙ୍କୁ କେନ୍ଦୁଝରର ବଡ଼ବିଲ ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବାବେଳେ କେନ୍ଦୁଝରର ପିସିଆର୍ ସେଲ୍ ଡିଏସ୍‌ପି ଶୁଭ୍ରାଂଶୁ ଶେଖର ମିଶ୍ରଙ୍କୁ ଭଞ୍ଜନଗର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି । ସେହିପରି ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାସଙ୍କୁ ଛତ୍ରପୁର ଏସ୍‌ଡିପିଓ, ଗୋଇନ୍ଦା ବିଭାଗ ଡିଏସ୍‌ପି ଅମର କୁମାର ନାୟକଙ୍କୁ ସମ୍ବଲପୁର ଆଇଏଏଚ୍‌ଟିୟୁ ଡିଏସ୍‌ପି, ଶରଣକୁଳ ଏସ୍‌ଡିପିଓ ନାରାୟଣ ଚନ୍ଦ୍ର ବାରିକଙ୍କୁ କମିଶନରେଟ ପୋଲିସର ଏସିପି, କମିଶନରେଟ ପୋଲିସରେ ଏସିପି ଥିବା ରବୀନ୍ଦ୍ରନାଥ ଶତପଥୀଙ୍କୁ ଯାଜପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କମିଶନରେଟ ପୋଲିସର ଏସିପି ଅସୀତ କୁମାର ପଣ୍ଡାଙ୍କୁ ପାନପୋଷ ଏସ୍‌ଡିପିଓ, କମିଶନରେଟ ପୋଲିସର ଏସିପି ଅନୁପ କୁମାର କାନୁନ୍‌ଗୋଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କୁଚିଣ୍ଡା ଏସ୍‌ଡିପିଓ ନୃପାଚନ୍ଦ୍ର ଦଣ୍ଡସେନାଙ୍କୁ ବ୍ରଜରାଜନଗର ଏସ୍‌ଡିପିଓ, ବ୍ରଜରାଜନଗର ଏସ୍‌ଡିପିଓ ରାମପ୍ରସାଦ ସାହୁଙ୍କୁ ସୁନ୍ଦରଗଡ଼ ଡିଆଇବି ଡିଏସ୍‌ପି, କୋରାପୁଟ ହୋମ୍‌ଗାର୍ଡ ଡିଏସ୍‌ପି କିଶୋର ଚନ୍ଦ୍ର ଦାସଙ୍କୁ କମିଶନରେଟ ପୋଲିସର ଏସିପି, ପୁରୀ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଅଶୋକ କୁମାର ବେହେରାଙ୍କୁ ନୟାଗଡ଼ ଡିଏସ୍‌ପି, କନ୍ଧମାଳ ଏଏସ୍‌ପି ଉତ୍କଳ ରଞ୍ଜନ ଦାସଙ୍କୁ କୋରାପୁଟ ଏଏସ୍‌ପି, ଚୌଦ୍ୱାର ଏସ୍‌ଡିପିଓ ସତ୍ୟ ନାରାୟଣ ଦାସଙ୍କୁ ଜୟପୁର ଏଏସ୍‌ପି, କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରାଣଧନ ମହାପାତ୍ରଙ୍କୁ ପୋଲିସ ମୁଖ୍ୟାଳୟର ଅତିରିକ୍ତ ଆଇଜି, କମିଶନରେଟ ପୋଲିସର ଅତିରିକ୍ତ ଡିସିପି ମାୟାଧର ସେଠୀଙ୍କୁ ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, କମିଶନରେଟ ପୋଲିସର ଅତିରିକ୍ତ ଡିସିପି ତପନ କୁମାର ପଟ୍ଟନାୟକଙ୍କୁ ବାଲେଶ୍ୱର ଏଏସ୍‌ପି, ଯାଜପୁର ଆଇୟୁସିଏଡବ୍ଲ୍ୟୁର ଏଏସ୍‌ପି ଅଲେଖ ଚନ୍ଦ୍ର ପାହିଙ୍କୁ କଟକ ଏଏସ୍‌ପି, ଖୋର୍ଦ୍ଧା ଆଇୟୁସିଏଡବ୍ଲ୍ୟୁର ପ୍ରମୋଦ କୁମାର ସାମନ୍ତରାୟଙ୍କୁ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ଭାବେ ବଦଳି କରାଯାଇଛି।

## ଆଇପିଏସ୍‌ସ୍ତରରେ ସାମାନ୍ୟ ଅଦଳବଦଳ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

୨୦୦୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଧା ସିଂଙ୍କୁ ଜଗତ୍‌ସିଂହପୁର ଏସ୍‌ପି ଭାବେ ଦାୟିତ୍ୱ ଦିଆଯାଇଛି। ସେ ବର୍ତ୍ତମାନ ଭିଜିଲାନ୍ସ ବିଭାଗର ଏସ୍‌ପି ଭାବେ କାର୍ଯ୍ୟ କରିଆସୁଥିଲେ। ଜଗତ୍‌ସିଂହପୁର ଏସ୍‌ପି ଥିବା ପ୍ରକାଶ ଆରଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଛି। କୋରାପୁଟ ଜିଲା ଏଏସ୍‌ପି ଥିବା ସାଗରିକା ନାଥଙ୍କୁ ଜୟପୁର ଉପଖଣ୍ଡୀୟ ଅଧିକାରୀ(ଏସ୍‌ଡିପିଓ) ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷରେ ୩ ଓଡ଼ିଶା ପୋଲିସ ସେବା ଅଧିକାରୀଙ୍କ ପଦୋନ୍ନତି ଅତିରିକ୍ତ ଏସ୍‌ପି ପାହ୍ୟାକୁ କରାଯାଇଛି। ୧୨ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି ମିଳିଛି। ଉପରୋକ୍ତ ସମସ୍ତ ପଦୋନ୍ନତି ଏବଂ ବଦଳି ନେଇ ସୋମବାର ଗୃହ ବିଭାଗ ଟୁଇଟରରେ ଉଲ୍ଲେଖ କରାଯାଇଛି।




■ କଂଗ୍ରେସର ଦାବି

## ୬ ଆର୍‌ଡିସି ତଦନ୍ତ ରିପୋର୍ଟ ସାର୍ବଜନୀନ କର

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

କେତେକ ଘଟଣାରେ ଆର.ଡି.ସି. ସ୍ତରୀୟ ତଦନ୍ତ ଘୋଷଣା କରିଥିବା ରାଜ୍ୟ ସରକାର ସେହି ରିପୋର୍ଟକୁ ଏପର୍ଯ୍ୟନ୍ତ ସାର୍ବଜନୀନ କରିନାହାନ୍ତି। ଏହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହିଁକି ୬ଟି ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଘଟଣାର ଆର.ଡି.ସି. ତଦନ୍ତ ଓ ଆକ୍ସନ ଟେକେନ୍ ରିପୋର୍ଟକୁ ଲୋକଲୋଚନକୁ ଆଣୁନାହାନ୍ତି। ସେ ଏହାର ଉତ୍ତର ରଖନ୍ତୁ। ବିଗତ ଦିନରେ ଘଟିଥିବା ୬ଟି ଗୁରୁତ୍ୱପୂର୍ଣ୍ଣ ଘଟଣା, ରାଜକନିକା ଥାନା ଅନ୍ତର୍ଗତ ନମତରା ଗୁଳିକାଣ୍ଡ, ଭୁବନେଶ୍ୱରସ୍ଥିତ ସମ୍ ହସ୍‌ପିଟାଲ ଅଗ୍ନିକାଣ୍ଡ, ପୁରୀଠାରେ ଇସ୍କନ୍ ଦ୍ୱାରା ପ୍ରସ୍ତାବିତ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ପୁରୀ ସ୍ୱର୍ଗଦ୍ୱାର ଜମି କେଳେଙ୍କାରୀ, ଭଦ୍ରକ ଦଙ୍ଗା ଓ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର କୋଟପାଡଠାରେ ୪୫ମିନିଟ୍ ଧରି ନିଖୋଜ ହୋଇଯିବା ଭଳି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାର ରହସ୍ୟମୟ ନୀରବତା ଅବଲମ୍ବନ କରୁଛନ୍ତି। ଏଥିରୁ କେବଳ ପ୍ରଥମ ତିନୋଟି ଘଟଣା ଯଥା ନମତରା ଗୁଳିକାଣ୍ଡ, ସମ୍ ହସ୍‌ପିଟାଲ ଅଗ୍ନିକାଣ୍ଡ ଓ ଇସ୍କନ୍ ଦ୍ୱାରା ପ୍ରସ୍ତାବିତ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ଆର.ଡି.ସି. ସ୍ତରୀୟ ତଦନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି, ଯାହାକୁ ଏଯାଏଁ ସାର୍ବଜନୀନ କରାଯାଇନାହିଁ। ଅନ୍ୟ ତିନୋଟି ଘଟଣାରେ ଆର.ଡି.ସି. ତଦନ୍ତ ରିପୋର୍ଟକୁ ଚାପି ଦେବାକୁ ସରକାର ବସିଛନ୍ତି ବୋଲି ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି। ଏ ସମ୍ପର୍କିତ କୌଣସି ଖବର ସରକାରଙ୍କ ପାଖରେ ନ ଥିବା ସୂଚନା ଅଧିକାର ଆଇନ୍ ବଳରେ ମଗାଯାଇଥିବା ରିପୋର୍ଟରୁ ଜଣାପଡିଛି ବୋଲି ସେ କହିଛନ୍ତି। ପ୍ରତିଦିନ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ଦେଉଥିବା ରାଜ୍ୟ ସରକାର ଉପର ବର୍ଣ୍ଣିତ ଆର.ଡି.ସି. ସ୍ତରୀୟ ତଦନ୍ତ ରିପୋର୍ଟକୁ ନିର୍ବାଚନ ପୂର୍ବରୁ ଲୋକଲୋଚନକୁ ଆଣିବା ପାଇଁ କଂଗ୍ରେସ ଦାବି କରିଛି ବୋଲି ସତ୍ୟପ୍ରକାଶ କହିଛନ୍ତି।

## ପୁଣି ବଦଳିଲା ରାହୁଲଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ

■ ୨୧ରେ ଦ୍ୱିତୀୟ ଥର ପାଇଁ ଆସୁଛନ୍ତି ସ୍କ୍ରିନିଂ କମିଟି ସଦସ୍ୟ

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ତୃତୀୟ ଥର ଲାଗି ପରିବର୍ତ୍ତନ ହୋଇଛି। ମାର୍ଚ୍ଚ ୨ତାରିଖରେ ରାହୁଲ ଓଡିଶା ଆସିବା ନେଇ ସୂଚନା ମିଳିଥିବା ବେଳେ ଏହା ମାର୍ଚ୍ଚ ୫କୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ରାହୁଲ ଚଳିତ ମାସ ୨୭ତାରିଖରେ ଓଡିଶା ଆସିବାର ଥିଲା। ରାହୁଲ ଆସନ୍ତା ୫ ତାରିଖରେ ଦିନିକିଆ ଗସ୍ତରେ ଆସି ବରଗଡ ଓ କୋରାପୁଟ ଜିଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ସେ କୋରାପୁଟ ସମାବେଶରେ ଯୋଗଦେବେ। ଏହାପରେ ବରଗଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ସୂଚନା ଦେଇଛନ୍ତି। ଅନ୍ୟପଟେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ନେଇ କୌଣସି ସୂଚନା ଆସି ନ ଥିବା ମାନସ କହିଛନ୍ତି।

ଆସନ୍ତା ୨୦୧୯ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ଆଶାୟୀଙ୍କ ସାମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବା ପ୍ରକ୍ରିୟା ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥିସାନ ଏବଂ ସଦସ୍ୟ ନୈସାଦ ସୋଲାଙ୍କୀ ୩ଦିନିଆ ଓଡିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ରାଜ୍ୟର ୧୧ଲୋକ ସଭା ଓ ୭୭ ବିଧାନସଭା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ କରି ଫେରିଥିଲେ। ତେବେ ଆସନ୍ତା ୨୧ତାରିଖ ରାତିରେ ପୁନର୍ବାର ସ୍କ୍ରିନିଂ କମିଟି ସଦସ୍ୟ ଓଡିଶା ଆସୁଛନ୍ତି। ଉକ୍ତ ଦୁଇ ନେତା ୨୨ ଓ ୨୩ ତାରିଖରେ ବାକି ୧୦ ଲୋକ ସଭା ଓ ୭୦ ବିଧାନସଭା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି।

## ପ୍ରଫୁଲ୍ଲ, ରବିଙ୍କୁ ଏକାଧିକ ଜିଲା ଦାୟିତ୍ୱ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବରଗଡ଼ ସହ ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛନ୍ତି। ଏଥିସହିତ ରବି ପାଣିଙ୍କୁ ଝାରସୁଗୁଡ଼ା ସହ ସମ୍ବଲପୁର ଜିଲାର ବରିଷ୍ଠ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ଦେବାଶିଷ ମଲ୍ଲିକ ଓ ସିଦ୍ଧାର୍ଥ ଦାସଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ପୂର୍ବରୁ ପ୍ରତାପ ଦେବ ସମ୍ବଲପୁର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଆଳି ବିଧାନସଭା କ୍ଷେତ୍ରରୁ ପ୍ରତାପ ଦେବ ନିର୍ବାଚନ ଲଢ଼ିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ତେଣୁ ସ୍ଥାନୀୟ ସଙ୍ଗଠନରେ ଅଧିକ ସମୟ ଦେବା ପାଇଁ ପର୍ଯ୍ୟବେକ୍ଷକ ପଦବୀରୁ ଓହରିଥିବା ଚର୍ଚ୍ଚା ହେଉଛି। ସେହିପରି ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁଙ୍କଠାରୁ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ କାଢି ନିଆଯାଇଛି। ଅପରପକ୍ଷରେ ଡ. ହରିଶ ଚୌଧୁରୀଙ୍କୁ ମୋରଡ଼ା ଓ ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଏନେଇ ଦଳ ପକ୍ଷରୁ ରାଜ୍ୟ ସମ୍ପାଦକ ସସ୍ମିତ ପାତ୍ର ଗଣମାଧ୍ୟମକୁ ଅବଗତ କରାଇଛନ୍ତି।







2184.2018

ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହୁଁଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା !
-ଶ୍ରୀମା



# ଟ୍ରାଙ୍କୁଲାଇଜର, ବନ୍ଧୁକ

ରାଜଧାନୀରେ ବାଘ ବୁଲୁଛି ବୋଲି ଫେବୃୟାରୀ ୧୮ରେ କଥା ବ୍ୟାପିବା ପରେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ବିଶେଷକରି ପଳାଶପଲ୍ଲୀ ଅଞ୍ଚଳରେ ଏ ନେଇ କୋକୁଆଭୟ ସୃଷ୍ଟି ହୋଇଥିଲା। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନବୀନ ନିବାସଠାରୁ ଚିତାବାଘ ଦୃଶ୍ୟମାନ ହେଉଥିବା ବ୍ୟକ୍ତିଙ୍କ ଘର ମାତ୍ର ଏକ କିଲୋମିଟର ଅଞ୍ଚଳରେ ଥିବା କୁହାଯାଉଛି । ସିସିଟିଭି କ୍ୟାମେରାରେ ବାଘର ଗତିବିଧି ନଜରକୁ ଆସିବା ପରେ ବନ ବିଭାଗ ପକ୍ଷରୁ ଏକ ୨୫ ଜଣିଆ ସ୍ୱତନ୍ତ୍ର ଟିମ୍ ପଳାଶପଲ୍ଲୀ ଓ ଭୀମଟାଙ୍ଗି ଅଞ୍ଚଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ବଣୁଆ ଜନ୍ତୁ ଜନବସତି ଓ ଆଲୋକମୟ ଅଞ୍ଚଳକୁ ଆସିବା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଅନେକ ଥର ବିମାନବନ୍ଦର ରନ୍‌ୱେ ଏବଂ ଏହାର ଆଖପାଖ ଅଞ୍ଚଳରୁ ଜଙ୍ଗଲୀ ଜୀବଙ୍କୁ ଧରାଯାଇଥିବା ଦେଖିବାକୁ ମିଳିଛି। ରାଜଧାନୀକୁ ଚନ୍ଦକା ଅଭୟାରଣ୍ୟ ଇଲାକା ଲାଗିରହିଥିବାରୁ ଜୀବଜନ୍ତୁ ସହର ମଧ୍ୟକୁ ପଶି ଆସୁଥିବା କୁହାଯାଉଛି। ଏହା ହେଉଛି ଭୁବନେଶ୍ୱରର ସୌନ୍ଦର୍ଯ୍ୟ ଓ ବିଶେଷତ୍ୱ।

ସିଟି ଡିଏଫ୍‌ଓଙ୍କ ପକ୍ଷରୁ କୁହାଯାଇଛି ଯେ, ଯଦି ବାଘ ଥାଏ, ତାହା ହେଲେ ତାକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ବ୍ୟବସ୍ଥା କରାଯିବ। କିନ୍ତୁ କିଭଳି ବାଘ ଓ ଅନ୍ୟାନ୍ୟ ଜୀବ ସହରକୁ ପଶିଆସୁଛନ୍ତି, ସେହି ଦିଗରେ କେତେ ବେଳେ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳୁ ନାହିଁ। କୌତୂହଳର ବିଷୟ ହେଉଛି ବିଭାଗୀୟ ଅଧିକାରୀ କହୁଛନ୍ତି ଯେ, ଜନବସତି ଭିତରେ ବାଘ ପଶିଥିବା ବିଷୟ ଗଣମାଧ୍ୟମରୁ ଜାଣିବାକୁ ପାଇଛନ୍ତି। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅନେକ ଜନବସତିକୁ ଜଙ୍ଗଲୀ ଜନ୍ତୁ ପଶିଆସୁଥିବା ଖବର ମିଳୁଛି। ନିକଟସ୍ଥ ଜଙ୍ଗଲ ଅଞ୍ଚଳକୁ ଲୋକେ ଅକ୍ତିଆର କରି ନିର୍ମାଣ କାର୍ଯ୍ୟ ବଢ଼ାଇ ଚାଲିଥିବାରୁ ବଣୁଆ ଜୀବଙ୍କ ଇଲାକା ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ଅତି ନିରୋଳା ଓ କୋଳାହଳମୟ ଅଞ୍ଚଳଠାରୁ ଦୂରେଇ ରହିବାକୁ ଜୀବଜନ୍ତୁ ଭଲ ପାଇଥାଆନ୍ତି। ଯେତେବେଳେ ମଣିଷ ନିଜର ଲୋଭ ପାଇଁ ତା' ଅଞ୍ଚଳକୁ ମାଡ଼ିବସୁଛି, ସେତେବେଳେ ଜୀବ ଇତସ୍ତତଃ ହୋଇ ଜନବସତି ଆଡ଼କୁ ମୁହାଁଉଛନ୍ତି। ପାଠ୍ୟପୁସ୍ତକରେ ସମସ୍ତେ ପଢ଼ିଥିବେ ଯେ, ପରିବେଶ ଓ ପ୍ରାଣୀଜଗତ ତିଷ୍ଠି ରହିବା ସକାଶେ ସନ୍ତୁଳନର ଯଥେଷ୍ଟ ଆବଶ୍ୟକତା ରହିଛି। ଯଦି ଏହା ଥରେ ବିଗିଡ଼ିଯାଏ, ଏହାର ପ୍ରଭାବ ସମସ୍ତଙ୍କ ଉପରେ ପଡ଼ିବ। ତେଣୁ ପ୍ରକୃତିର ନିୟମ ମାନିବାକୁ ହେଲେ ପ୍ରଥମେ ମଣିଷକୁ ଶୃଙ୍ଖଳିତ ହେବାକୁ ପଡ଼ିବ। ଏହି ଶୃଙ୍ଖଳା ବଜାୟ ରଖିବାକୁ ହେଲେ ଆଇନକୁ ମାନିବାକୁ ପଡ଼େ। ଆଜିର ବସ୍ତୁବାଦୀ ଯୁଗରେ ଅଧିକାଂଶ ବେଆଇନ କାର୍ଯ୍ୟ କରିଚାଲୁଛନ୍ତି। କେବଳ ନାଗରିକଙ୍କ ତରଫରୁ ଏହି ଆଇନଭଙ୍ଗା କାର୍ଯ୍ୟ କରାଯାଉ ନାହିଁ। ସରକାରୀ ସ୍ତରରେ ମଧ୍ୟ ପରିବେଶର ସନ୍ତୁଳନତାକୁ ବିଗାଡ଼ିବା ପାଇଁ ସଚେତନ ପଦକ୍ଷେପ ନିଆଯାଉଛି। ଭୁବନେଶ୍ୱର ଭିତରେ ଥିବା ଭରତପୁର-ଚନ୍ଦକା ଅଞ୍ଚଳରେ ଯେଉଁଭଳି ବସ୍ତିବସିନ୍ଦାଙ୍କୁ ଥଇଥାନ କରାଯାଇଛି, ତାହା ଏହି ମୌଳିକ ଆଇନକୁ ଭାଙ୍ଗିବାର ଏକ ସ୍ପଷ୍ଟ ଦୃଷ୍ଟାନ୍ତ। ଚନ୍ଦକା ଓ ଏହାର ଆଖପାଖ ଅଞ୍ଚଳର ଅଳ୍ପ କେତେକେ କିଛି ଦଶନ୍ଧି ଧରି କାଠଚୋରି କରିବାଠାରୁ ନେଇ ସବୁ ପ୍ରକାର ଜନ୍ତୁଙ୍କୁ ହତ୍ୟା କରିବା ପର୍ଯ୍ୟନ୍ତ କ୍ଷତି କରିଚାଲୁଛନ୍ତି।

ଭୁବନେଶ୍ୱରର ବିଶେଷତ୍ୱ ହେଲା ଯେ, ଓଡ଼ିଶାର ରାଜଧାନୀ ହେବା ସହିତ ଏହା ଏକ ଆଧୁନିକ ସହର ଭାବେ ପୁନର୍ଜନ୍ମ ନେଇଛି। ଏହାକୁ ଯୋଜନାବଦ୍ଧ (ପ୍ଲାନ୍‌ଡ) ସହର କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏଥିରେ ଜଳ ଯୋଗାଣ, ଜଳ ନିଷ୍କାସନ, ସବୁଜ ବଳୟ ଭଳି ଆଧୁନିକ ସହର ପାଇଁ ଥିବା ଆବଶ୍ୟକତାର ଘୋର ଅଭାବ ରହିଛି। ତଥାପି ଚନ୍ଦକା ଜଙ୍ଗଲର ଉପକଣ୍ଠରେ ଥିବା ହେତୁ ଏହି ସହର ଅନ୍ତର୍ଜାତୀୟ ସୁନାମ ଅର୍ଜନ କରିବା ସମ୍ଭବପର ହୋଇପାରନ୍ତା। ସେହି ଦିଗରେ ସହରର ଅଗ୍ରଗତି ଘଟିଲେ ଜଙ୍ଗଲର ସୁରକ୍ଷା ଆବଶ୍ୟକ ପଡ଼ନ୍ତା। ତାହା କରାଯାଇପାରିଲେ ସହର ଭିତରକୁ କୌଣସି ଜନ୍ତୁ ପ୍ରବେଶ କରନ୍ତେ ନାହିଁ। ତେବେ ଏ ଦିଗରେ କାର୍ଯ୍ୟ କଲେ କାହାରି ସ୍ୱାର୍ଥ ପୂରଣ ହେବ ନାହିଁ। ସମାଧାନ ଆକାରରେ ଟ୍ରାଙ୍କୁଲାଇଜର, ବନ୍ଧୁକ ଉଠାଇବାକୁ ପଡ଼ିବ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଫେବୃୟାରୀ ୧୯୯୪

- ନେପାଳ ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେବା ପାଇଁ ଗିରିଜା ପ୍ରସାଦ କୋଇରାଲାଙ୍କୁ ତାଙ୍କ ଦଳ ନେପାଳୀ କଂଗ୍ରେସ ନିର୍ଦ୍ଦେଶ ଦେଇଛି।
- ଚାଇନାର ହେଙ୍ଗୟାଙ୍ଗ ସହରର ରେଳଷ୍ଟେଶନଠାରେ ଟ୍ରେନ ଯାତ୍ରୀଙ୍କ ମଧ୍ୟରେ ଦଳାଚକଟା ଘଟି ୨୦ ମୃତ।
- ଦୀର୍ଘ ଏଗାରବର୍ଷ କାଳ ଜେଲରେ ରଖାଯିବା ପରେ ଦସ୍ୟୁରାଣୀ ଫୁଲନ୍ ଦେବୀଙ୍କୁ ଜେଲରୁ ଖଲାସ କରାଯାଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | C | 7 | | 2 | | | | | | | | | |
| 6 | | 8 | | E | | | B | | | | 3 | | D | |
| | | E | C | | | 0 | | 8 | | | | | | |
| | D | 0 | | | | | | | A | | | | B | |
| | | 4 | A | | | 1 | | | | | C | | E | 7 |
| | | D | 3 | 6 | | 2 | | | 0 | | | 7 | 4 | |
| | | | | 9 | | | | | | 8 | 6 | | 2 | |
| | | | B | C | | | | | | | 4 | | 3 | A |
| | | | | | 8 | | | | 2 | | | | | E |
| | E | 7 | | 1 | 4 | | | 0 | | A | | B | | |
| A | | 1 | | B | E | | | 6 | 4 | C | | 0 | | |
| D | | | | | A | B | | | | | | C | | |
| | | | | | | | | 3 | | 0 | | | 6 | 8 |
| 7 | | | 8 | 4 | 1 | | | A | | 3 | 9 | | | B |
| 2 | 9 | | 6 | | | | | | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 8 | 2 | 9 | 3 | A | E | 4 | B | 6 | 1 | 0 | 5 | D | 7 |
| E | 0 | 3 | D | 8 | B | 9 | A | 1 | 7 | 5 | 2 | 4 | C | 6 |
| 9 | 5 | 6 | 4 | E | 1 | D | 7 | C | B | 8 | 3 | 2 | A | 0 |
| B | 4 | A | 2 | 7 | 6 | 0 | 8 | 5 | C | E | D | 9 | 3 | 1 |
| 1 | 7 | D | 0 | 5 | C | 2 | 3 | 6 | A | 4 | 9 | B | E | 8 |
| 5 | 2 | C | 6 | 0 | E | 3 | 9 | A | D | B | 8 | 1 | 7 | 4 |
| 7 | 3 | 8 | A | 1 | D | 5 | E | 4 | 9 | 0 | 6 | C | 2 | B |
| A | 1 | B | 8 | 2 | 4 | 7 | 6 | D | 5 | 3 | C | 0 | 9 | E |
| 4 | E | 0 | 5 | B | 9 | C | 2 | 8 | 1 | 7 | A | 3 | 6 | D |
| D | 6 | 9 | 3 | C | 7 | 1 | B | 0 | 4 | 2 | E | A | 8 | 5 |
| 8 | B | 4 | 7 | 6 | 0 | A | D | 9 | 2 | C | 1 | E | 5 | 3 |
| 6 | C | E | B | D | 2 | 4 | 0 | 7 | 3 | 9 | 5 | 8 | 1 | A |
| 3 | 9 | 7 | E | A | 5 | B | 1 | 2 | 8 | 6 | 4 | D | 0 | C |
| 2 | A | 5 | 1 | 4 | 3 | 8 | C | E | 0 | D | 7 | 6 | B | 9 |
| 0 | D | 1 | C | 9 | 8 | 6 | 5 | 3 | E | A | B | 7 | 4 | 2 |

ଗତକାଲିର ଉତ୍ତର

# ନିଆଁ ସଙ୍ଗେ ଖେଳୁଛି ପାକିସ୍ତାନ



ବିପିନ ବିହାରୀ ମିଶ୍ର

କଶ୍ମୀରର ପୁଲୱାମା ଜିଲାର ଅବନ୍ତିପୁରା ନିକଟରେ ସିଆର୍‌ପି ଗାଡ଼ି ଉପରେ ଯେଉଁଭଳି ବିସ୍ଫୋରକ ଦ୍ରବ୍ୟ ଭର୍ତ୍ତିକରି ଏକ କାର ଧକ୍କା ଦେଲା ଓ ସଙ୍ଗେସଙ୍ଗେ ଲୁଚିଥିବା ସନ୍ତ୍ରାସବାଦୀମାନେ ଗୁଳି ଚଳେଇଲେ, ତାହା ସାରା ଦେଶକୁ ବିବ୍ରତ ଓ କ୍ଷୁବ୍ଧ କରିଛି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ, ରୁଷର ପୁଟିନ୍ ଏବଂ ଫ୍ରାନ୍ସ, ଜର୍ମାନୀ ଓ ଇଂଲଣ୍ଡର ପ୍ରଧାନମନ୍ତ୍ରୀମାନେ ଏହାର ଘୋର ନିନ୍ଦା କରିଛନ୍ତି। ଆମେରିକା ପାକିସ୍ତାନକୁ ଚେତାବନୀ ଦେଇଛି। କଶ୍ମୀରରେ ବିଚ୍ଛିନ୍ନତାବାଦୀମାନଙ୍କର ଦୁଇଟି ରଣନୀତି ହେଉଛି- ଭାରତ ବିରୋଧରେ ପ୍ରଚାର ଓ ଜାତୀୟ ଦିବସକୁ ବର୍ଜନ ଏବଂ ସନ୍ତ୍ରାସବାଦୀଙ୍କୁ ସମସ୍ତ ସୁଯୋଗ ଦେବା। ସନ୍ତ୍ରାସବାଦୀମାନେ ଘରେ ରହିବାର ସୁଯୋଗ ପାଉଛନ୍ତି (କେଉଁଠାରେ ନିମନ୍ତ୍ରଣ ପାଇ ତ କେଉଁଠାରେ ଜବରଦସ୍ତ) ଏବଂ ହ୍ୟାଣ୍ଡ ଗ୍ରେନେଡ୍, ଏକେ-୪୭ ଏପରି କି ରକେଟ୍ ଲଞ୍ଚର୍ ବ୍ୟବହାର କରୁଛନ୍ତି। ୯ ଦଶକରେ ଡିଜି ଅଫିସ ଉପରକୁ ଏକ ରକେଟ୍ ମାଡ଼ ହୋଇଥିଲା। ସେ ବିଷୟରେ ପୂର୍ବରୁ ଗୋଇନ୍ଦା ଖବରପାଇ ପଦକ୍ଷେପ ନିଆଯାଇଥିଲା, ତେଣୁ ଯେଉଁ ପାଞ୍ଚଟି ଦଳ ଆସିଥିଲେ ସେଥିରୁ ଚାରୋଟି ଦଳ ଏନ୍‌କାଉଣ୍ଟରରେ ମରିଗଲେ ଓ ଗୋଟିଏ ଦଳ ରକେଟ୍ ମାଡ଼ କରିଥିଲା।

ହିଜ୍‌ବୁଲ ମୁଜାହିଦ୍ଦିନ୍, ଲଶ୍କର-ଇ-ତୋଇବା ଓ ଜୈଶ୍-ଇ-ମହମ୍ମଦ ମଧ୍ୟରୁ ଗତ ତିନି ଚାରିବର୍ଷ ହେଲା ଜୈଶ୍ ବେଶି ସକ୍ରିୟ। ଏହା ପାକିସ୍ତାନରେ ମଧ୍ୟ ସନ୍ତ୍ରାସବାଦୀ କାର୍ଯ୍ୟ କରୁଛି। ସନ୍ତ୍ରାସବାଦ ପ୍ରତି ପାକିସ୍ତାନର ଆଭିମୁଖ୍ୟ ବିଚିତ୍ର। ତାଙ୍କ ଦେଶର ସନ୍ତ୍ରାସବାଦୀ ଇରାନ୍ କିମ୍ବା ଉଇଘର (ଚାଇନାର ଏକ ପ୍ରଦେଶ)ରେ ଉପଦ୍ରବ କଲେ ଉପରଠାଉରିଆ ନିନ୍ଦା ପ୍ରସ୍ତାବ ଦେଇ ସରକାର ଚୁପ୍ ରୁହନ୍ତି। ପାକିସ୍ତାନରେ ଶିୟାମାନଙ୍କ ଅନୁଷ୍ଠାନ କିମ୍ବା ମସ୍‌ଜିଦ୍ ଉପରେ ଆକ୍ରମଣକୁ ମୌଖିକ ପ୍ରୋତ୍ସାହନ ଦିଅନ୍ତି ଓ ଲୋକଦେଖାଣିଆ ତଦନ୍ତ କରି ବନ୍ଦ କରିଦିଅନ୍ତି। ଅଥଚ ଭାରତ କିମ୍ବା ଆଫଗାନିସ୍ତାନକୁ ଯେଉଁ ସନ୍ତ୍ରାସବାଦୀ ଆସନ୍ତି ତାଙ୍କୁ ତାଲିମ୍ ଦେବା, ଅସ୍ତ୍ରଶସ୍ତ୍ର ଦେବା, ମରିଗଲେ ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ଓ ସୀମା ପାର ହେବା ପାଇଁ ସୁବିଧା କରେଇବା ଆଦି କାମ ପାକିସ୍ତାନର ଆଇଏସ୍‌ଆଇ ସଙ୍ଗଠନ କରେ। ହଠାତ୍ ପାକିସ୍ତାନ ପଟୁ ଗୋଳାବର୍ଷଣ ହେଲେ ଜାଣିବେ ଯେ ଆତଙ୍କବାଦୀମାନେ କେଉଁ ଏକ ସ୍ଥାନରେ ଲୁଚିକରି ପଶିବେ। ଜୈଶ୍‌ର ମୁଖ୍ୟ (ମାସୁଦ୍) ପାକିସ୍ତାନରେ ନିର୍ଭୟରେ ବୁଲୁଛି। ଏମାନଙ୍କ ମୂଳ ଉତ୍ସ ଅଲ୍-କାଏଦାର କାର ବମ୍ ପଠେଇବା ଏକ ପୁରୁଣା ରଣନୀତି। କାବୁଲ୍, ଫ୍ରାନ୍ସର ଗୋଟିଏ ସହରରେ, ଆଫ୍ରିକାର କେତେକ ଦେଶରେ ଏଇଭଳି ବୋମା ବିସ୍ଫୋରଣ କରାଯାଉଛି। ପୁଣି ଇଣ୍ଡୋନେସିଆର ବାଲିଦ୍ୱୀପରେ କରାଯାଇଥିଲା, କାରଣ ବାଲିଦ୍ୱୀପରେ ଶତକଡା ୯୫ ବାସିନ୍ଦା ହେଉଛନ୍ତି ହିନ୍ଦୀ। କିନ୍ତୁ ଗୋଟିଏ କଥା ଲକ୍ଷ୍ୟ କରିବାକୁ ପଡ଼ିବ ଯେ, କୌଣସି ଆରବ କିମ୍ବା ମୁସଲିମ୍ ଦେଶରେ ପାକିସ୍ତାନୀ ସନ୍ତ୍ରାସବାଦୀମାନେ ଏଭଳି ଆକ୍ରମଣ କରିନାହାନ୍ତି। କାରଣ ଏମାନେ ଖୋଲାଖୋଲି କହନ୍ତି ଯେ, ହିନ୍ଦୁ, ଖ୍ରୀଷ୍ଟିଆନ ଓ ଇହୁଦୀମାନଙ୍କୁ ନିପାତ କରିବା ତାଙ୍କର ଲକ୍ଷ୍ୟ। କଶ୍ମୀର ଏମାନଙ୍କର ଏକମାତ୍ର ଲକ୍ଷ୍ୟ ନୁହେଁ, ବମ୍ବେ, ଦିଲ୍ଲୀରେ ଏଭଳି ସନ୍ତ୍ରାସବାଦୀ କାର୍ଯ୍ୟ କରାଯାଇଛି। ଦିଲ୍ଲୀରେ ସଂସଦ ଭବନ ଉପରେ ଆକ୍ରମଣ କରାଯାଇଥିଲା। ସୁରକ୍ଷାକର୍ମୀମାନେ ଆତଙ୍କବାଦୀମାନଙ୍କୁ ମାରିଦେଲେ, ଜଣେ ବଞ୍ଚିଗଲା (ଆଫଜଲ ଗୁରୁ) ଓ ସେ ଧରାପଡ଼ିଲା।

ଯେହେତୁ ଅଧିକାଂଶ କ୍ଷେତ୍ରରେ ଆତଙ୍କବାଦୀମାନଙ୍କୁ ମାରିଦିଆଯାଉଛି ଓ ଷଡ଼ଯନ୍ତ୍ର ପାକିସ୍ତାନରେ ହେଉଛି, ତେଣୁ ତଦନ୍ତରେ ସଫଳ ହେବା କଷ୍ଟ। ତଥାପି ଆଫଜଲ ଗୁରୁ ଫାଶୀ ପାଇଲା ଓ କସବ (ବମ୍ବେ ତାଜ୍ ହୋଟେଲ ଆକ୍ରମଣକାରୀ) ବି ସେଇ ଦଶା ଭୋଗିଲା। ଆଫଜଲ ଗୁରୁ କଶ୍ମୀରର ଓ କସବ ପାକିସ୍ତାନର। ଦୁଃଖ ଓ ଚିନ୍ତାର ବିଷୟ ଯେ, ଆମ ଦେଶରେ ଦଳେ ଲୋକ ଅଛନ୍ତି, ଯେଉଁମାନେ ଆଫଜଲ ଗୁରୁଙ୍କୁ ଫାଶୀ ନ ଦେବା ପାଇଁ ଚାପ ପକେଇଥିଲେ। ଏବେ ମଧ୍ୟ ପଞ୍ଜାବର ଜଣେ ମନ୍ତ୍ରୀ କହିଛନ୍ତି ଯେ ପାକିସ୍ତାନ ସଙ୍ଗେ ଆଲୋଚନା ହେଉ। ଭାରତ ପାକିସ୍ତାନ ସଙ୍ଗେ କାହିଁକି ଆଲୋଚନା କରିବ ଓ କାହା ସଙ୍ଗେ ଆଲୋଚନା କରିବ ? କ'ଣ ହାତଯୋଡ଼ି କହିବ ଯେ ଦୟାକରି ସନ୍ତ୍ରାସବାଦୀ ପଠାନ୍ତୁ ନାହିଁ? ପାକିସ୍ତାନ ତରଫରୁ ସେଭଳି ପ୍ରତିଶ୍ରୁତି କିଏ ଦେବେ ? କାରଣ ପାକିସ୍ତାନରେ ତିନୋଟି ସରକାର ଅଛନ୍ତି। ପ୍ରଥମ ହେଲା ସୈନ୍ୟବାହିନୀ ଏବଂ ଆଇଏସ୍‌ଆଇ (ଗୋଇନ୍ଦା ସଂସ୍ଥା), ୨ୟ ହେଲା ସୈନ୍ୟବାହିନୀର ଇସାରାରେ ଚାଲୁଥିବା ଇମ୍ରାନ୍ ଖାନ୍ ଏବଂ ୩ୟ ହେଲା ମୁଲ୍ଲା ଓ ମୌଲାନାଙ୍କର ଏକ ଉଗ୍ରବାଦୀ ଗୋଷ୍ଠୀ। ତେଣୁ ଆଲୋଚନା ବିଫଳ ହେବା ସ୍ୱାଭାବିକ। ଯଦି କେହି ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରମୁଖ୍ୟ ଅତୀତରେ ଭାରତ ସହିତ ସାଲିସ୍ କରିଛନ୍ତି, ସେମାନେ ପଦଚ୍ୟୁତ ହୋଇଛନ୍ତି। ରାଷ୍ଟ୍ରପତି ଆୟୁବ୍ ଖାଁ ତାସ୍‌କେଣ୍ଟରେ ରାଜିନାମା କଲେ ଓ ବର୍ଷେ ଭିତରେ ତଡ଼ା ଖାଇଲେ। ପ୍ରଧାନମନ୍ତ୍ରୀ ଭୁଟ୍ଟୋ ଶିମ୍‌ଲା ରାଜିନାମା କଲେ ଓ ତଡ଼ା ଖାଇଲେ ଏବଂ ପରେ ଫାଶୀଦଣ୍ଡ ପାଇଲେ। ୧୯୯୯ରେ ବାଜପେୟୀଙ୍କ ବିଖ୍ୟାତ ଲାହୋର ଯାତ୍ରା ସମୟରେ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ତାଙ୍କ ବ୍ୟକ୍ତିତ୍ୱ ଓ ଆଚରଣରେ ଏତେ ଅଭିଭୂତ ହୋଇଗଲେ ଯେ ପାକିସ୍ତାନରେ ଯଦି ବାଜପେୟୀ ନିର୍ବାଚନ ଲଢ଼ିବେ, ତେବେ ଜିତିବେ ବୋଲି ଘୋଷଣା କଲେ। ଫଳ ହେଲା କାର୍‌ଗିଲ। ପରେ ନୱାଜ ଶରିଫଙ୍କୁ ବିତାଡିତ କରି ବିଭିନ୍ନ କେସ୍‌ରେ ଫସାଇ ଦିଆଗଲା। ଇମ୍ରାନ୍ ଖାନ୍ ବୁଝିଛନ୍ତି, ଯେପର୍ଯ୍ୟନ୍ତ ସେ ଭାରତ ବିରୋଧରେ କଥାବାର୍ତ୍ତା କରୁଛନ୍ତି ସେ ପର୍ଯ୍ୟନ୍ତ ତାଙ୍କ ପଦବୀ ସୁରକ୍ଷିତ ରହିବ।

ବର୍ତ୍ତମାନ ଯେଉଁ କାର ଦ୍ୱାରା ଆକ୍ରମଣ ହେଲା, ଏଭଳି ଆକ୍ରମଣ ୨୦୦୧ ମସିହାରେ ଜୈଶ୍-ଇ-ମହମ୍ମଦ କଶ୍ମୀର ବିଧାନସଭା ସମ୍ମୁଖରେ କରିଥିଲା। ୨୦୦୪ ଜାନୁୟାରୀ ୧୫ରେ ଶ୍ରୀନଗର ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ମାନବବୋମା (ଫିନାୟୁନ୍) ପ୍ରଥମଥର ପାଇଁ ପ୍ରୟୋଗ କରାଗଲା ୨୦୦୦ ଏପ୍ରିଲ ୧୯ରେ। ଏଇଭଳି କେତେଥର ମାନବବୋମା ବ୍ୟବହାର କରାଯାଇଛି ଓ ଖୋଲାଖୋଲି ଲଢ଼େଇ ମଧ୍ୟ ହୋଇଛି। ନିକଟ ଅତୀତରେ ଅନେକଥର ଲଢ଼େଇ ହୋଇ ଜୈଶ୍-ଇ-ମହମ୍ମଦର ବଡ଼ ବଡ଼ ନେତା ନିହତ ହୋଇଛନ୍ତି। ତେଣୁ ଏ ଯେଉଁ ଆକ୍ରମଣ ହେଲା ଏହା ସ୍ଥାନୀୟ ସଙ୍ଗଠନ କରିଛି ବୋଲି କୁହାଯିବ ନାହିଁ। ଯୋଜନା କରାଯାଇଛି ପାକିସ୍ତାନରେ। ତାଲିମ୍ ନିଆଯାଇଛି, ରିହର୍‌ସାଲ ବି କରାଯାଇଛି। ଚାଇନାଠାରୁ ବହପ ପାଇ ପାକିସ୍ତାନ ଏଭଳି କାର୍ଯ୍ୟ ବାରମ୍ବାର କରୁଛି। ଯଦିବା ଚାଇନା ଉଇଘର ପ୍ରଦେଶରେ ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରାନ୍ତ, ତଥାପି ଭାରତରେ ପାକିସ୍ତାନ ଦ୍ୱାରା ପ୍ରରୋଚିତ ଆକ୍ରମଣକୁ ସେ ପସନ୍ଦ କରେ। କାରଣ ଭାରତର ଅର୍ଥନୈତିକ ଅଗ୍ରଗତି ଓ ସାମରିକ ଆଧୁନିକୀକରଣ ଚାଇନା ପାଇଁ ଚିନ୍ତାର ବିଷୟ। ୧୯୬୩ ମସିହାରୁ ଚାଇନା ଓ ପାକିସ୍ତାନ ହାତ ମିଳେଇ ଭାରତ ବିରୋଧରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି।

ବର୍ତ୍ତମାନ ଆମ ଦେଶ ପାଇଁ ଜରୁରୀ ହେଉଛି ପ୍ରଥମେ ଅନ୍ତର୍ଶତ୍ରୁଙ୍କୁ ଦମନ କରିବା। ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଏ ଆକ୍ରମଣ ସପକ୍ଷରେ ସ୍ଲୋଗାନ ଦେଉଥିଲା। ସେ ଅବଶ୍ୟ ଗିରଫ ହୋଇଛି। ଅଳ୍ପ କେତେଜଣ ବୁଦ୍ଧିଜୀବୀ ଗୋରକ୍ଷା ବାହିନୀର ଦୋଷ, ୨୦୦୨ରେ ଗୋଧ୍ରାରେ କ'ଣ ହେଲା, ବାବ୍ରୀ ମସ୍‌ଜିଦ୍ କାହିଁକି ଭଙ୍ଗାଗଲା ଇତ୍ୟାଦି ପ୍ରଶ୍ନ ଉଠେଇ କଥାଟାକୁ ଗୋଳିଆ କରୁଛନ୍ତି। ସେମାନଙ୍କୁ ଗଣମାଧ୍ୟମ ବର୍ଜନ କରିବା କଥା। ଦ୍ୱିତୀୟରେ ପାକିସ୍ତାନକୁ ବିଶ୍ୱରେ ଏକଘରିଆ କରିଦେବାକୁ ପଡ଼ିବ ଏବଂ ବଳ ପ୍ରୟୋଗ କରି ୧ ବଦଳରେ ୧୦ ପ୍ରାଣ ନିଆଯାଉ। କାରଣ ଏହା ଏକ ଅଘୋଷିତ ଯୁଦ୍ଧ। ଭାରତ ସରକାର ପାକିସ୍ତାନକୁ ଦେଇଥିବା ସ୍ୱତନ୍ତ୍ର ବାଣିଜ୍ୟିକ ସୁବିଧା ଏବେ ବନ୍ଦ କରିଦେଲେ। ଭାରତ ସରକାର ପାକିସ୍ତାନର କୌଣସି ବିମାନ ଭାରତ ଉପରେ ଉଡ଼ିପାରିବ ନାହିଁ ବୋଲି ଆଦେଶ ଦିଅନ୍ତୁ। ପାକିସ୍ତାନର ବାଣିଜ୍ୟ ଜାହାଜ ଓ ସାମରିକ ଜାହାଜ ଭାରତ ବନ୍ଦରରେ ରହିବା ପାଇଁ ସୁଯୋଗ ଦିଆ ନ ଯାଉ। ପାକିସ୍ତାନ ବର୍ତ୍ତମାନ ଋଣଭାରରେ ବୁଡ଼ିଛି, ଦେଶକୁ ସମ୍ଭାଳିବା ପରିବର୍ତ୍ତେ ବନ୍ଧୁକରୁ ଗୁଳି ଫୁଟାଉଛି। ଏ ଦେବାଳିଆ ଦେଶ ଯେଉଁଦିନ ଏକ ଦୁର୍ଜନ ଦେଶ ବୋଲି ଘୋଷିତ ହେବ, ସେହିଦିନ ବୁଝିବ ଯେ ନିଆଁ ସଙ୍ଗେ ଖେଳିବାର ପରିଣାମ କ'ଣ।

ପୂର୍ବତନ ଡିଜି, ମୋ- ୯୦୪୦୪୧୨୩୭୮

# ଭାଷା, ଜାତି ଓ ଜାତୀୟତା

ଡ. ଅନ୍ତର୍ଯ୍ୟାମୀ ମିଶ୍ର

ଭାଷା ହେଉଛି ବ୍ୟକ୍ତି ଓ ଜାତିର ପରିଚୟ। ଭାଷାକୁ ଆଧାର କରି ପୃଥିବୀର ସକଳ ସଭ୍ୟଜାତି ବିକଶିତ ହୋଇଛନ୍ତି। ଭାଷା ହିଁ ଜାତୀୟତାର ପ୍ରଧାନ ପ୍ରତୀକ। କୌଣସି ବଙ୍ଗାଳି ଓଡ଼ିଆ ଭାଷାରେ ନିଜକୁ ପ୍ରକାଶ କରନ୍ତି ନାହିଁ ବା କୌଣସି ଇଂରେଜ ଫରାସୀ ଭାଷାରେ ନିଜକୁ ପ୍ରକାଶ କରନ୍ତି ନାହିଁ। ସଭିଏଁ ନିଜ ନିଜ ଭାଷାରେ ଆପଣାକୁ ପ୍ରକାଶ କରିଥାନ୍ତି। କିନ୍ତୁ ଆମ ଓଡ଼ିଆଙ୍କର ସେହି ଚେତନା ନାହିଁ। ଆମେ ନିଜ ଭାଷାରେ ନିଜକୁ ପ୍ରକାଶ ନ କରି ଅନ୍ୟ ଭାଷାରେ ପ୍ରକାଶ କରିବାକୁ ଗୌରବ ମଣୁ। କେତେକେ ନିଜକୁ ଇଂଲିଶ ଭାଷାରେ ପ୍ରକାଶ କରିବାକୁ ସମ୍ମାନର ବିଷୟ ବିଚାରିଥାନ୍ତି। ଓଡ଼ିଆମାନେ ଖ୍ରୀଷ୍ଟପୂର୍ବ କାଳରୁ ଓଡ଼ିଶାରେ ବସବାସ କରିଥିଲେ ମଧ୍ୟ ସେମାନଙ୍କର ଭାଷା ସ୍ୱାଭିମାନ ନାହିଁ। ପ୍ରତ୍ୟେକ ଜାତିର ଜାତୀୟତାର ସ୍ୱାଭିମାନ ତା'ର ଭାଷା ହୋଇଥିଲେ ହେଁ ଆମ ଓଡ଼ିଆଙ୍କ ପାଖରେ ଏପରି ସ୍ୱାଭିମାନ ଦେଖିବାକୁ ମିଳେନାହିଁ।

ଭାଷା-ଆଧାରିତ ଆଗଙ୍ଗା-ଗୋଦାବରୀ ଓଡ଼ିଶା ଆଉ ନାହିଁ। ଆମେ ଯେଉଁ ଭୂଖଣ୍ଡରେ ବାସ କରୁଛେ ତାହା ଖଣ୍ଡିତ ଓଡ଼ିଶା ପ୍ରଦେଶ। ମେଦିନୀପୁର, ଷଢ଼େଇକଳା, ଖରସୁଆଁ, ସିଂହଭୂମ, ଧଳଭୂମି, ଚକ୍ରଧରପୁର, ଚାଇଁବସା, ବସ୍ତର, ରାୟପୁର, ସରିଆ, ଟିକାଲି, ମଞ୍ଜୁଷା, ଜଳନ୍ତର ଓ ତରଳା ପ୍ରଭୃତି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଆଜି ଓଡ଼ିଶା ବାହାରେ। ଯେଉଁ ଖଣ୍ଡିତ ଓଡ଼ିଶାକୁ ଏବେ ଓଡ଼ିଶା ପ୍ରଦେଶ କୁହାଯାଉଛି, ସେଠାରେ ମଧ୍ୟ ଭାଷାବିବାଦ ଉପୁଜିଲାଣି। ରାଜନୈତିକ ସ୍ୱାର୍ଥ ଯୋଗୁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶା, କେନ୍ଦ୍ର ଓଡ଼ିଶା ଚିନ୍ତା ଆମକୁ ଘାରିଲାଣି। ଜାତୀୟ ପରିବର୍ତ୍ତେ ଆଞ୍ଚଳିକ ମନୋଭାବ ଆମ ଭିତରେ ସୃଷ୍ଟି ହେଲାଣି। ଦିନ ଥିଲା, ଓଡ଼ିଶା ଭୂଖଣ୍ଡ ତୋଷଳ, ଉତ୍କଳ, କଙ୍ଗୋଦ, କଳିଙ୍ଗ, କାନ୍ତାର, କୋଶଳ ପ୍ରଭୃତି ଜନପଦରେ ବିଭକ୍ତ ହୋଇଥିଲା। ଅଥଚ ଏହିସବୁ ଜନପଦର ଭାବ ଓ ଭାଷା ଏକ ଥିଲା। ସମ୍ପ୍ରତି ଆଞ୍ଚଳିକ ଭାବ ଆମ ଜାତୀୟ ଚେତନାକୁ ବ୍ୟାହତ କରୁଛି।

ସୌଭାଗ୍ୟର କଥା ଯେ, ଆମ ଭାଷା ଆଜି ଶାସ୍ତ୍ରୀୟ ଭାଷା ରୂପେ ଘୋଷିତ। ଏହାସତ୍ତ୍ୱେ ଏହି ଭାଷାର ସୁରକ୍ଷା ପ୍ରତି ବିପଦ ସମ୍ପ୍ରତି ଅନୁଭୂତ ହେଲାଣି। ଭାଷା ସୁରକ୍ଷା ନିମିତ୍ତ ଆମେ ତୁମ୍ବିତୋଫାନ କରୁଛେ, କିନ୍ତୁ ଯେତେ ହୁରି କଲେ ହେଁ ସବୁ ନିଷ୍ଫଳ। ସଭା, ସମିତି, ଆଲୋଚନା, କର୍ମଶାଳା, ଆନ୍ଦୋଳନ ସକଳ ଅକାରଣ। ଅସଲ କଥାଟି ହେଉଛି, ଭାଷା ପ୍ରତି ଆମର ମମତା ଓ ଆନୁଗତ୍ୟ ନାହିଁ। ଆମର ସମାଜ ବ୍ୟବସ୍ଥା, ଶିକ୍ଷା, ବାଣିଜ୍ୟ, ପ୍ରଶାସନ ପ୍ରତ୍ୟେକ କ୍ଷେତ୍ରରେ ଭାଷାର ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି। ଫଳରେ ଭାଷାର ଜୀବନୀଶକ୍ତି କ୍ଷୀଣ

## ତା୨୧।୨ ଅନ୍ତର୍ଜାତୀୟ ଭାଷା ଦିବସ ଉପଲକ୍ଷେ

ହେବାକୁ ବସିଲାଣି। ଭାଷା ଗୋଟିଏ ସାମାଜିକ ବସ୍ତୁ ହୋଇଥିଲେ ହେଁ ସମାଜର ପ୍ରତ୍ୟେକ ସ୍ତରରେ ଭାଷା ଅବହେଳିତ। ଶିକ୍ଷା କ୍ଷେତ୍ରରେ ଭାଷାଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉନାହିଁ। ବିଦ୍ୟାଳୟରେ ଓଡ଼ିଆ ଭାଷା ଶିକ୍ଷା ଦେବାକୁ ଶିକ୍ଷକ ନିଯୁକ୍ତ ହେଉନାହାନ୍ତି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଭାଷାଶିକ୍ଷା ସମ୍ପୂର୍ଣ୍ଣ ଅବହେଳିତ। ତେଣୁ ଭବିଷ୍ୟତ ନାଗରିକଗଣ ଭାଷା ଓ ଜାତୀୟତା ସମ୍ପର୍କିତ ଜ୍ଞାନାଲୋକରୁ ବଞ୍ଚିତ।

ସରକାରୀ ସ୍ତରରେ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ଅବହେଳିତ। ଓଡ଼ିଆ ନାମକୁମାତ୍ର ସରକାରୀ ଭାଷା, ଅଥଚ କାର୍ଯ୍ୟ ଚାଲିଛି ଇଂଲିଶରେ। ଓଡ଼ିଶା ହେଉଛି ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଏବଂ ପ୍ରଥମେ ଓଡ଼ିଶା ସରକାର ଭାଷାନୀତି ପ୍ରଣୟନ କରିଥିଲେ। ସ୍ୱାଧୀନତା ପରେ ପ୍ରଥମେ ୧୯୫୪ ମସିହାରେ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନା ନିମିତ୍ତ ଓଡ଼ିଶା ସରକାରୀ ଭାଷା ଅଧିନିୟମ ପ୍ରଣୀତ ହୋଇଥିଲା। ଅଥଚ ଜାତୀୟତାର ଏକାନ୍ତ ଅଭାବ ଯୋଗୁ ଏ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଲା ନାହିଁ। ଏହାପରେ ବହୁବାର ବୈଠକ ଅନୁଷ୍ଠିତ ହୋଇ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ନିମିତ୍ତ ନିଷ୍ପତ୍ତି ନିଆଯାଇଛି। ଅଥଚ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିନାହିଁ। ଆମ ଭିତରେ ଜାତୀୟ ଚେତନାର ଏକାନ୍ତ ଅଭାବ ଘଟି ଓଡ଼ିଆ ଭାଷା ରାଜଭାଷାର ମର୍ଯ୍ୟାଦା ଲାଭ କରିପାରୁନାହିଁ। ସଂକ୍ଷେପରେ ଉଲ୍ଲେଖ କଲେ କୁହାଯିବ ଯେ, ସରକାରୀ ସ୍ତରରେ ଓଡ଼ିଆ ଭାଷା ଅବହେଳିତ ହୋଇ ଆମ ଜାତୀୟତା ବାଧାପ୍ରାପ୍ତ। ମା' କ୍ଷୀର ଖାଇବା ପାଇଁ କୌଣସି ଆଇନର ଆବଶ୍ୟକତା ଅନୁଭୂତ ହୁଏନାହିଁ। ସେହିପରି ମାତୃଭାଷା ବ୍ୟବହାର କରିବା ପାଇଁ କୌଣସି ଆଇନ ପ୍ରଣୟନର ଆବଶ୍ୟକତା ନାହିଁ। ଆମ ଭିତରେ ଭାଷା ଆନୁଗତ୍ୟ ଓ ଜାତୀୟବୋଧ ଜାଗ୍ରତ ହୋଇପାରିଲେ ସବୁ କିଛି ଅକ୍ଳେଶରେ ହୋଇପାରିବ।

ଭାଷା ପ୍ରୀତି ସୃଷ୍ଟି ନ ହେଲେ ଜାତୀୟ ଚେତନା ଜାଗ୍ରତ ହେବନାହିଁ। ଆମେ ନିଜେ ହିଁ ଆମ ଭାଷାଠାରୁ ଦୂରେଇଯାଇ ଜାତୀୟତାକୁ ଜଳାଞ୍ଜଳି ଦେଉଛେ। ଆମ ଭିତରୁ ଅନେକେ ଅନ୍ୟ ଭାଷା କିଂଚିତ୍ ଶିକ୍ଷା ନ କରୁଣୁ ଆପଣା ଭାଷା ଓ ଜାତୀୟତାରୁ ବିଚ୍ଛିନ୍ନ। ଅନ୍ୟ ଭାଷାରେ କହିଲେ, ଆମ ଜାତୀୟ ଚରିତ୍ରର ଅବକ୍ଷୟ ଘଟିଛି। ରାଜନୈତିକ, ସାଂସ୍କୃତିକ, ସାରସ୍ୱତ ଓ ବୌଦ୍ଧିକ ବିକାଶ ନିମନ୍ତେ ସମ୍ପ୍ରତି ଅଗଣିତ ନେତା ଅଣ୍ଟା ଭିଡିଥିଲେ ହେଁ କେହି ଜାତୀୟତାର ବାର୍ତ୍ତାବହ ହୋଇ ଜାତିକୁ ଆଗେଇନେଇ ପାରିନାହାନ୍ତି। ବିଶ୍ୱର ସକଳ ଜାତି ଆପଣାର ଭାଷା, ସଂସ୍କୃତି ଓ ଐତିହ୍ୟକୁ ନେଇ ଗର୍ବ କରୁଥିବା ବେଳେ ଆମେ ନୀରବ ରହିବା ସମୀଚୀନ ନୁହେଁ। ଏଥିନିମିତ୍ତ ପ୍ରଚଣ୍ଡ ସ୍ୱାଭିମାନ ଲୋଡ଼ା। ସେହି ସ୍ୱାଭିମାନ କେବଳ ଭାଷାପ୍ରୀତିରୁ ଉପଲବ୍ଧ। ଭାଷା, ଜାତି ଓ ଜାତୀୟତାକୁ କେନ୍ଦ୍ରକରି ଜାତୀୟ ବିପ୍ଳବ ସୃଷ୍ଟି ହୋଇପାରିଲେ ଜାତୀୟ ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଆନନ୍ଦ ନଗର, କାଠଗଡ଼ା, ଢେଙ୍କାନାଳ,
ମୋ-୮୮୯୫୨୩୦୭୨୨

## ଏଇ ଭାରତରେ

ମାନସିକ ପୂରଣ ପାଇଁ କିଏ କେତେ ପ୍ରକାର ପନ୍ଥା ଅବଲମ୍ବନ କରନ୍ତି। କିନ୍ତୁ ଏଥିପାଇଁ ସମାଧିପୀଠରେ ଜୋତାମାଡ କରାଯିବା କଥା ନିଆରା ନିଶ୍ଚୟ। ଉତ୍ତରପ୍ରଦେଶର ଇଟାୱା ଜିଲା ମୁଖ୍ୟ କାର୍ଯ୍ୟାଳୟଠାରୁ ୩ କି.ମି. ଦୂର ଇଟାୱା-ବରେଲୀ ରାଜମାର୍ଗ ଉପରେ ଭୋଲୁ ସୟଦ୍‌ଙ୍କର ପୁରୁଣା ମକ୍‌ବରା ରହିଛି। ଏଠାରେ ବାବାଙ୍କ ସମାଧି ଉପରେ ଫୁଲ ନୁହେଁ, ବରଂ ଜୋତାମାଡ଼ କରାଯାଏ। ଶ୍ରଦ୍ଧାଳୁଙ୍କ ମାନସିକ ପୂରଣ ହେଲେ ସମାଧିକୁ ଜୋତାରେ ପିଟାଯାଇଥାଏ। ପ୍ରବାଦ ଅଛି, ଥରେ ଅଟେରୀର ରାଜାଙ୍କ ବିରୋଧରେ ଇଟାୱାର ବାଦଶାହ ଯୁଦ୍ଧ ଘୋଷଣା କଲେ। ଯୁଦ୍ଧ ପରେ ବାଦଶାହ ଜାଣିପାରିଲେ, ଏହି ଯୁଦ୍ଧ ପାଇଁ ତାଙ୍କ ଦରବାରୀ ଭୋଲୁ ସୟଦ ଦାୟୀ। ରାଗରେ ବାଦଶାହଙ୍କ ନିର୍ଦ୍ଦେଶରେ ସୟଦଙ୍କୁ ଜୋତାରେ ପିଟାଯାଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସୟଦ୍‌ଙ୍କ ସମାଧି ତିଆରି କରାଯାଇଥିଲା। ସେବେଠାରୁ ଏଠାରେ ଜୋତା ମାଡ଼ କରିବାର ପରମ୍ପରା ରହିଛି। ନିଜର ତଥା ପରିବାର ସଦସ୍ୟଙ୍କ ସୁରକ୍ଷିତ ଯାତ୍ରା ପାଇଁ ସୟଦଙ୍କ କବର ଉପରେ ଅତି କମ୍‌ରେ ୫ ଥର ଜୋତାମାଡ କରାଯାଇଥାଏ।

## ଚିରନ୍ତନୀ

ସକଳ ପ୍ରଦୀପ ନିଭିଗଲା ଆଜି ପୁରେ
ବିଜୟ ଶଙ୍ଖ ନ ଉଠିଲା ବାଜି ଦୂରେ
କାହା ଆଗମନ ପାଇଁ ଆଶାହୀନ ତୁ ରେ !
ଚକିତ ନୟନେ ରହୁ ଚଉପାଶେ ଚାହିଁ
ପଥ କାହିଁ ? ପଥ କାହିଁ ?
ଧ୍ୱଂସର ଡାକ ଭାସି ଆସେ ଦଶ ଦିଶୁଁ
ରଣଭେରୀ ତୋର ସେ ଭୀମ ଶବଦେ ମିଶୁ
ମରଣ ତୋହର ମୁକତିରେ ବୀର ଶିଶୁ !
ତିନି କାଳ ତୋର ଜୀବନର ଅନୁଯାୟୀ
ପଥ କାହିଁ ? ପଥ କାହିଁ ?
(ପଥ କାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦ ଉପରେ ରୋକ୍ ଲଗାଯାଉ

ମହାଶୟ,

ବିଭିନ୍ନ ସମୟରେ ଅନେକ ସଙ୍ଗଠନ ଓ ରାଜନୈତିକ ଦଳ ବନ୍ଦ ପାଳନ କରିଥାନ୍ତି। ଏମାନେ ରାସ୍ତା ଉପରେ ଟାୟାର ଜାଳି ପରିବେଶକୁ ନଷ୍ଟ କରନ୍ତି। ଦୋକାନ ବଜାର ଓ ଗାଡ଼ିମୋଟରକୁ ବନ୍ଦ କରି ଲୋକଙ୍କୁ ହଇରାଣ କରନ୍ତି। ସ୍କୁଲ କଲେଜ ଏବଂ ଦପ୍ତରଗୁଡ଼ିକ ବନ୍ଦ ହେବା ଫଳରେ ଶିକ୍ଷା ଏବଂ ଅଫିସ କାମ ଠପ୍ ହୋଇଯାଉଛି। ଇଣ୍ଟରଭ୍ୟୁ ଦେବାକୁ ଯୁବତୀଯୁବକମାନେ ଯାଇ ନ ପାରି ଚାକିରିରୁ ବଞ୍ଚିତ ହେଉଛନ୍ତି। ଟ୍ରକରେ ଆସୁଥିବା ପନିପରିବାଗୁଡ଼ିକ ପଡି ନଷ୍ଟ ହୋଇଯାଉଛି। ଲୋକପ୍ରିୟ ସରକାର ଏହା ଉପରେ ରୋକ୍ ଲଗାଇବା ଉଚିତ। ଆଉ କେହି ବନ୍ଦ ପାଳନ କରି ଲୋକଙ୍କୁ ହନ୍ତସନ୍ତ ନ କରନ୍ତୁ। ଏହାଦ୍ୱାରା ବାସ୍ତବରେ କୌଣସି ରାଜନୈତିକ ସ୍ୱାର୍ଥ ହାସଲ ହୋଇପାରେ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସଡ଼କ ସୁରକ୍ଷା ସଚେତନତା

ଦୈନନ୍ଦିନ ସଡ଼କ ଦୁର୍ଘଟଣାରେ ଜୀବନହାନି ଓ କ୍ଷୟକ୍ଷତି ବଢ଼ି ଚାଲିଥିବା ବେଳେ ଏହାର ନିରାକରଣ ପାଇଁ ଜନସଚେତନତା ଅତ୍ୟନ୍ତ ଆବଶ୍ୟକ। ଦ୍ରୁତଗତିରେ ଗାଡ଼ିଚାଳନା, ଟ୍ରାଫିକ ନିୟମ ଉଲ୍ଲଂଘନ ତଥା ବିନା ହେଲମେଟରେ ଗାଡ଼ି ଚାଳନା ପ୍ରତି ପ୍ରତ୍ୟେକ ନାଗରିକ ସଚେତନ ହେବା ନିହାତି ଜରୁରୀ। ଏହାଛଡ଼ା ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଶିକ୍ଷାଦାନ କରାଯିବାର ଯଥାର୍ଥତା ରହିଛି। ଅଭିଭାବକମାନେ ମଧ୍ୟ ସଚେତନ ହୋଇ ସେମାନଙ୍କର ପିଲାମାନଙ୍କୁ କମ୍ ବୟସରେ ଗାଡ଼ିଚାଳନାରୁ ନିବୃତ୍ତ ରଖିପାରିଲେ ସଡ଼କ ଦୁର୍ଘଟଣାର ହାର ନିଶ୍ଚିତ ହ୍ରାସ ପାଇପାରନ୍ତା।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

■ ଅଧ୍ୟାପକ, ଶିକ୍ଷକଙ୍କୁ ସରକାରଙ୍କ ଚେତାବନୀ

### ପରୀକ୍ଷା ସମୟରେ ଛୁଟି ବାତିଲ କଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୯।୨(ବ୍ୟୁରୋ): ଆଉ ଦିନକ ପରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ଯୁକ୍ତ୨ ପରୀକ୍ଷା। ପରୀକ୍ଷା ସୁପରିଚାଳନା ପାଇଁ ରାଜ୍ୟ ସରକାର ଚିନ୍ତା କରୁଥିବା ବେଳେ ବୁଧବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି। ଏହାକୁ ଆଖି ଆଗରେ ରଖି ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷକ, ଅଧ୍ୟାପକ ଓ କଲେଜ କର୍ମଚାରୀମାନଙ୍କର ଛୁଟିକୁ ବାତିଲ କରାଯାଇଛି। ପରୀକ୍ଷା ସମୟରେ ଏହି କର୍ମଚାରୀମାନେ ଛୁଟି ନେଇପାରିବେ ନାହିଁ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ମିଳିତ ମଞ୍ଚର ଆବାହକ ଗୋଲକ ନାୟକ କହିଛନ୍ତି, ୭ ଦଫା ଦାବିନେଇ ଆମେ ଅନେକ ଥର ଆନ୍ଦୋଳନକୁ ଓହ୍ଲାଇଲୁଣି। ସେଥିମଧ୍ୟରୁ ୪ଟି ଦାବିକୁ ପୂରଣ କରିବେ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ୍ ତାହାକୁ ପୂରଣ କରିନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ମିଳିତ ମଞ୍ଚ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ବୁଧବାର ମଞ୍ଚ ପକ୍ଷରୁ ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିରେ ରାଜ୍ୟର ସମସ୍ତ ସ୍କୁଲ, କଲେଜର ଅଧା ଶିକ୍ଷକ ଓ ଅଧ୍ୟାପକମାନେ ସାମିଲ ହେବେ। ସନ୍ଧ୍ୟା ସୁଦ୍ଧା ସରକାର ଯଦି କୌଣସି ପଦକ୍ଷେପ ନ ନିଅନ୍ତି, ତା' ହେଲେ ଆମରଣ ଅନଶନ କରାଯିବ ବୋଲି ସେ କହିଛନ୍ତି।

■ ଭିଏସ୍ଏସ୍ ବିମାନବନ୍ଦରରେ ଆଲାଏନ୍ସ ଏୟାର ଟିମ୍

# ମାର୍ଚ୍ଚ ପହିଲାରୁ ଉଡ଼ିପାରେ ବିମାନ

ଝାରସୁଗୁଡ଼ା ଅଫିସ,୧୯।୨

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦରରୁ ତିନୋଟି ପ୍ରମୁଖ ସହରକୁ ଉଡ଼ିବ ବିମାନ। ମାର୍ଚ୍ଚ ପହିଲାରୁ ରାଜଧାନୀ ଭୁବନେଶ୍ୱର ସମେତ କୋଲକାତା ଏବଂ ରାୟପୁରକୁ ଆଲାଏନ୍ସ ଏୟାର ବିମାନ କମ୍ପାନୀ ସେବା ଆରମ୍ଭ କରିପାରେ। ଝାରସୁଗୁଡ଼ା ବିମାନବନ୍ଦରର ଭାରପ୍ରାପ୍ତ ନିର୍ଦ୍ଦେଶକ ପି. କରୁଣାକରନ୍ ଏହି ସୂଚନା ଦେଇଛନ୍ତି। ମଙ୍ଗଳବାର ଆଲାଏନ୍ସ ଏୟାର ଅଧିକାରୀ ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ ଏହି ନିଷ୍କର୍ଷ ବହାରିଛି। ଏହି ବିମାନ କମ୍ପାନୀର ଏକ ୪ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଭିଏସ୍ଏସ୍ ବିମାନବନ୍ଦର ପରିଦର୍ଶନରେ ଆସିଥିଲେ। ଟି.କେ. ଶାହାଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଆଲାଏନ୍ସ ଏୟାରର କୋଲକାତା ଏବଂ ନୂଆଦିଲ୍ଲୀର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

ବିମାନବନ୍ଦର ଅଧିକାରୀଙ୍କ ସହ ଆଲାଏନ୍ସ ଏୟାର ଅଧିକାରୀମାନେ ବିମାନବନ୍ଦର ଟର୍ମିନାଲ, ଏଟିସି ଟାୱାର, ରନ୍‌ୱେ, ଅପରେଶନାଲ ଏରିଆ ବୁଲି ଦେଖିଥିଲେ। ଆସନ୍ତା ସପ୍ତାହରେ କମ୍ପାନୀର ଆଉ ଏକ ଟିମ୍ ଝାରସୁଗୁଡ଼ା ଆସି ବିମାନବନ୍ଦର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବ। କମ୍ପାନୀର ବିଭିନ୍ନ ବିଭାଗର ବୈଷୟିକ ଅଧିକାରୀମାନେ ସମସ୍ତ ଦିଗ ଅନୁଧ୍ୟାନ କରି ରିପୋର୍ଟ ସଂଗ୍ରହ କରିଛନ୍ତି। ଏଠାରୁ ସଂଗୃହୀତ ରିପୋର୍ଟ ଦିନେ କିମ୍ବା ଦୁଇଦିନ ମଧ୍ୟରେ କମ୍ପାନୀ ନିକଟରେ ଦାଖଲ ହେବ। ବିମାନ ଉଡ଼ାଣ ନେଇ କମ୍ପାନୀ ତତ୍ପରତା ପ୍ରକାଶ କରୁଥିବାରୁ ଖୁବ୍‌ଶୀଘ୍ର ଅର୍ଥାତ୍ ମାର୍ଚ୍ଚ ପହିଲାରୁ ବିମାନ ସେବା ଆରମ୍ଭ ହୋଇପାରେ ବୋଲି ବିମାନବନ୍ଦର ଅଧିକାରୀ ଆଶା ରଖିଛନ୍ତି।

ଜାନୁୟାରୀ ୨୫ ତାରିଖରେ ବହୁ ପ୍ରତୀକ୍ଷିତ ବିମାନ ସେବା ଉଡାନ୍-୩ ଅଧୀନ ରୁଟ୍ ଆୱାର୍ଡ କରାଯାଇଥିଲା। ଭିଏସ୍ଏସ୍ ବିମାନବନ୍ଦରରୁ ଭୁବନେଶ୍ୱର ସମେତ ଦେଶର ୬ ସ୍ଥାନକୁ ବିମାନ ଚଳାଚଳ ପାଇଁ ରୁଟ୍ ଘୋଷଣା ହୋଇଥିଲା। ମୁମ୍ବାଇକୁ ବିମାନ ଚଳାଚଳ ପାଇଁ ଜେଟ୍ ଏୟାର ୱେଜ୍‌କୁ ରୁଟ୍ ଆୱାର୍ଡ ହୋଇଥିବାବେଳେ ଝାରସୁଗୁଡ଼ାରୁ ଭୁବନେଶ୍ୱର ଏବଂ ଝାରସୁଗୁଡ଼ାରୁ ରାୟପୁରକୁ ବିମାନ ଚଳାଚଳ ପାଇଁ ଆଲାଏନ୍ସ ଏୟାର/ଟର୍ବୋ ଆଭିଏଶନ୍‌କୁ ଯୁଗ୍ମ ରୁଟ୍ ଆୱାର୍ଡ କରାଯାଇଛି। ଗତ ଶନିବାର ସ୍ପାଇସ୍ ଜେଟ୍ କମ୍ପାନୀର ୮ ଜଣିଆ ଟିମ୍ ଝାରସୁଗୁଡ଼ା ଆସି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ମଙ୍ଗଳବାର ଆଲାଏନ୍ସ ଏୟାର କମ୍ପାନୀର ୪ ଜଣିଆ ପ୍ରତିନିଧି ରିପୋର୍ଟ ସଂଗ୍ରହ କରିଛନ୍ତି।


ଭିଏସ୍ଏସ୍ ବିମାନବନ୍ଦରରେ ଆଲାଏନ୍ସ ଏୟାର ଟିମ୍।

## କାଳିଆ ସ୍କଲାରଶିପ୍ ୱେବ୍ ପୋର୍ଟାଲ ଉନ୍ମୋଚିତ

■ ସରକାରୀ ବୈଷୟିକ ଅନୁଷ୍ଠାନରେ ପଢୁଥିବା ପିଲାଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ ସରକାର

■ ଚାଷୀଙ୍କ ପିଲା ଉପକୃତ ହେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଚିବାଳୟଠାରେ କାଳିଆ ସ୍କଲାରଶିପ ଯୋଜନାର ୱେବ୍ ପୋର୍ଟାଲ ଓ ଲୋଗୋ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନା ଦ୍ୱାରା ଚାଷୀ ପରିବାରର ପିଲାମାନେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ବିଜ୍ଞାନ, ବିଭିନ୍ନ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଲାଭ କରିପାରିବେ। ପିଲାମାନଙ୍କ ଉନ୍ନତି ହେଲେ ଚାଷୀ ଭାଇମାନଙ୍କର ଉନ୍ନତି ତଥା ଓଡିଶାର ବିକାଶ ହୋଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାଳିଆ ଯୋଜନାର ହିତାଧିକାରୀମାନଙ୍କ ପିଲାମାନେ ଏହାର ସୁବିଧା ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ କାଳିଆ ଯୋଜନାରେ ୧୬ ଲକ୍ଷରୁ ଅଧିକ ଚାଷୀ ପ୍ରଥମ ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏ ପାଇଛନ୍ତି। ଚାଷୀ ପରିବାରର ଦୀର୍ଘସ୍ଥାୟୀ ବିକାଶକୁ ଆଖିଆଗରେ ରଖି ରାଜ୍ୟ ସରକାର ସେମାନଙ୍କ ପିଲାଙ୍କ ପାଇଁ କାଳିଆ ସ୍କଲାରଶିପ୍ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟର ବିଭିନ୍ନ ସରକାରୀ, ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ଯୋଗ୍ୟତା ଆଧାରରେ ସ୍ଥାନ ପାଇଥିବା ଚାଷୀ ପରିବାରର ପିଲାମାନଙ୍କ ସମସ୍ତ ଶିକ୍ଷାଗତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ୱେବ୍ ପୋର୍ଟାଲ http://kalia.co.in/scholarship ଜରିଆରେ ଯୋଗ୍ୟ ଛାତ୍ରଛାତ୍ରୀମାନେ ସ୍କଲାରଶିପ ଯୋଜନାରେ ସାମିଲ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ଅର୍ଥ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ,୧୯।୨

ମାଘ ପୂର୍ଣ୍ଣମୀ ତିଥି ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ରତ୍ନବେଦିରେ ଦାରୁବିଗ୍ରହଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି ହଜାର ହଜାର ଭକ୍ତ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ଗଜ ଉଦ୍ଧାରଣ ବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଏହି ବେଶ କରାଇଥିଲେ। ଏହି ବେଶ ଥାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ନୀତି ବଢିଥିଲା। ଏହା ପରେ ବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଏହି ବେଶରେ ଠାକୁରଙ୍କ ପାଖରେ ଖିରି ଏବଂ ଅମାଲୁ ଭୋଗ କରାଯାଇଥିଲା।

ଗଜ ଉଦ୍ଧାରଣ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଚାରି ଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗରୁଡ଼ ପୃଷ୍ଠରେ ପଦ୍ମାସନ ଭଙ୍ଗୀରେ ବସିଥାନ୍ତି। କୋଳରେ ମାତା ଲକ୍ଷ୍ମୀ (ଶ୍ରୀଦେବୀ) ଉପବେଶନ କରିଥାନ୍ତି। ଶ୍ରୀବଳଭଦ୍ର ବାସୁଦେବ ରୂପରେ ଚତୁର୍ଭୁଜ ହସ୍ତପଦ ବିଶିଷ୍ଟ ପଦ୍ମାସନରେ ବସିଥାନ୍ତି। ଚାରି ଭୁଜରେ ଶଙ୍ଖ, ଚକ୍ର, ହଳ ଓ ମୂଷଳ ଥାଏ। ଦେବୀ ସୁଭଦ୍ରା ଦୁଇହସ୍ତ ଓ ଦୁଇପାଦ ବିଶିଷ୍ଟ କୃଷ୍ଣଙ୍କ ପରି ଛନ୍ଦାୟିତ ପଦରେ ଏକ ପଦ୍ମ କଳିକା ଧରି ଦଣ୍ଡାୟମାନ ଅବସ୍ଥାରେ ରହିଥାନ୍ତି। ଠାକୁମାନେ ଏହି ବେଶରେ ଚୂଳ, କିରୀଟ, କର୍ଣ୍ଣ କୁଣ୍ଡଳ, ଅଳକା, ତିଳକ, ସୂର୍ଯ୍ୟ ଚନ୍ଦ୍ର, ଅଷ୍ଟାପଟି, ନାକଚଣା, ପାହୁଡ, ବାଙ୍କି, ଗୋଡ ଖଡୁ, ନାକରେ ଫାଶିଆ, ଶ୍ରୀହସ୍ତରେ ଖଡୁ ବଳା, ପାଦରେ ପଦ୍ମାପଦ୍ମ, ବାହୁରେ ବାଜୁବନ୍ଧ ଓ ବେକରେ ପଦ୍ମମାଳି ପିନ୍ଧିଥାନ୍ତି। ତିନିଠାକୁର ଯେଉଁ ଅଳଙ୍କାର ଧାରଣ କରିଥାନ୍ତି ତାହା ଶୋଲ, ଜରି, କଇଥ ଅଠା ପ୍ରଭୃତିରେ ପ୍ରସ୍ତୁତ କରାଯାଇଥାଏ। ଏଥିସହ ଦୁଇଠାକୁରଙ୍କ ସମ୍ମୁଖରେ ଦୁଇଟି ହାତୀ ଶୁଣ୍ଢରେ ପଦ୍ମ କଳିକା ଧରି ଦଣ୍ଡାୟମାନ ହୋଇଥାନ୍ତି। ଗୋଟିଏ ହାତୀକୁ ଏକ ବିରାଟକାୟ କୁମ୍ଭୀର ଆକ୍ରମଣ ମୁଦ୍ରାରେ ରହିଥାଏ। ସିଂହାସନ ନିମ୍ନରେ ସମୁଦ୍ର ଦୃଶ୍ୟମାନ ହେଲା ଭଳି କରାଯାଇଥାଏ।


ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କ ଗଜ ଉଦ୍ଧାରଣ ବେଶ।

# ବନ୍ଧୁକ ମୁନରେ ଲୁଟ୍

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲକ୍ଷାଧିକ, ବ୍ୟାଙ୍କ କର୍ମଚାରୀଙ୍କଠୁ ୯୮ ହଜାର ଟଙ୍କା ଝାମ୍ପିନେଲେ

ଚାନ୍ଦବାଲି/ବନ୍ତ, ୧୯।୨ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରେ ଜଣେ ଫାଇନାନ୍ସ କର୍ମଚାରୀ ଓ ଆଗରପଡ଼ାରେ ଜଣେ ବନ୍ଧନ ବ୍ୟାଙ୍କ କର୍ମଚାରୀଙ୍କଠାରୁ ମଙ୍ଗଳବାର ଅପରାହ୍ନରେ ଟଙ୍କା ଲୁଟ୍ ହୋଇଛି। ଚାନ୍ଦବାଲି ଥାନା ଓ ମତୋ ଫାଣ୍ଡି ଅଧୀନ ମତୋ-ପ୍ରତାପପୁର ରାସ୍ତାରେ ଭାରତ ଫାଇନାନ୍ସ କର୍ମଚାରୀ ପ୍ରଶାନ୍ତ ବେହେରାଙ୍କୁ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅରଡ଼ପୁର ଗାଁର ପ୍ରଶାନ୍ତ ଭାରତ ଫାଇନାନ୍ସର ଚାନ୍ଦବାଲି ଶାଖାର କ୍ଷେତ୍ରୀୟ କର୍ମଚାରୀ। ମଙ୍ଗଳବାର ପ୍ରଶାନ୍ତ ଫାର୍ସିବନ୍ଧ, ବଳଭଦ୍ରପ୍ରସାଦ ଓ ପରମାନନ୍ଦପୁରର ୪ଟି ସ୍ୱୟଂସହାୟିକା ଗୋଷ୍ଠୀଠାରୁ ୧ ଲକ୍ଷ ୪ ହଜାର ଟଙ୍କା ଆଦାୟ ଏକ ବ୍ୟାଗ୍‌ରେ ରଖିଥିଲେ। ଏହାପରେ ସେ ବାଇକ୍‌ରେ ନାଲଗୁଣ୍ଡା ପଞ୍ଚାୟତ ପ୍ରତାପପୁର ଗାଁର ଏକ ମହିଳା ଗୋଷ୍ଠୀ ପାଖକୁ ସାପ୍ତାହିକ ଋଣ ଟଙ୍କା ଆଦାୟ ପାଇଁ ଯାଉଥିଲେ। ମତୋ-ପ୍ରତାପପୁର ରାସ୍ତାରେ ନିଛାଟିଆ ରାସ୍ତାକଡ଼ରେ ଥିବା ଚିଙ୍ଗୁଡି ଫାର୍ମ ନିକଟରେ ୨ଟି ବାଇକ୍‌ରେ ୩ ଜଣ ଯୁବକ ଆସି ତାଙ୍କ ବାଇକ୍‌କୁ ଅଟକାଇଥିଲେ। ସେମାନେ ପ୍ରଶାନ୍ତଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ତାଙ୍କଠାରୁ ଟଙ୍କାବ୍ୟାଗ୍ ଓ ମୋବାଇଲ ଛଡ଼ାଇ ନେଇଯାଇଥିଲେ। ପ୍ରଶାନ୍ତ ଏ ନେଇ ମତୋ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

ସେହିପରି ଆଗରପଡ଼ା ଥାନା ଅଧୀନ ଜୟସିଂହପୁର ଗ୍ରାମ ରାସ୍ତାରେ ବନ୍ଧନ ବ୍ୟାଙ୍କର ଜଣେ ମହିଳା କର୍ମଚାରୀଙ୍କଠାରୁ ୯୮ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ମହିଳା କର୍ମଚାରୀ ଜୟସିଂହପୁର ଗ୍ରାମର ବିଭିନ୍ନ ଗ୍ରୁପଠାରୁ ଋଣ ଟଙ୍କା ଆଦାୟ କରି ଫେରୁଥିଲେ। କେନାଲ ରାସ୍ତାରେ ମୁହଁରେ କଳା କପଡ଼ା ବାନ୍ଧିଥିବା ୪ ଯୁବକ ତାଙ୍କୁ ଆକ୍ରମଣ କରି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଆଗରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ସୁଦ୍ଧା ଲୁଟେରାଙ୍କ ସନ୍ଧାନ ମିଳିପାରି ନାହିଁ। ମହିଳା କର୍ମଚାରୀ ଜଣଙ୍କ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

■ ପାରଳା ଗଣମୃତ୍ୟୁ ମାମଲା

# ପୁଣି ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ଅମୂଲ୍ୟ

ପାରଳାଖେମୁଣ୍ଡି ୧୯।୨(ସ୍ୱ.ପ୍ର.)

ପାରଳା ଗଣମୃତ୍ୟୁ ମାମଲାରେ ନ୍ୟାୟ ପାଇଁ ପୁଣି ଥରେ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତକମାନଙ୍କ ଭାଇ ଅମୂଲ୍ୟ ପାତ୍ର। ମଙ୍ଗଳବାର ସେ ଭୁବନେଶ୍ୱରସ୍ଥିତ ଓଡ଼ିଶା ମାନବ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ରଘୁବୀର ଦାସଙ୍କୁ ଭେଟି ମାମଲାର ତ୍ୱରିତ ବିଚାର କରି ତାଙ୍କ ପରିବାରକୁ ନ୍ୟାୟ ଦେବାକୁ ଗୁହାରି ଜଣାଇଛନ୍ତି। ଏଥିସହ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ଅଗଷ୍ଟ ୨୧ରେ ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ତତ୍କାଳୀନ ମ୍ୟାନେଜର ଅନଙ୍ଗମଞ୍ଜରୀ ପାତ୍ରଙ୍କ ଜଙ୍ଗମସାହିସ୍ଥିତ ବାସଭବନରୁ ତାଙ୍କ ସହ ଭଉଣୀ ବିଜୟଲକ୍ଷ୍ମୀ, ଭାଇ ସଞ୍ଜୟଙ୍କ ମୃତଦେହ ମିଳିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସାଧୀନ ଥିବା ଅନ୍ୟତମ ଭାଇ ସନ୍ତୋଷଙ୍କର ପରଦିନ ବ୍ରହ୍ମପୁର ବଡ ମେଡିକାଲରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ସେତେବେଳେ ରାଜ୍ୟବ୍ୟାପୀ ଆଲୋଡ଼ନ ଖେଳାଇ ଦେଇଥିଲା। ଏନେଇ ଅନଙ୍ଗମଞ୍ଜରୀଙ୍କ ଅନ୍ୟତମ ଭାଇ ଅମୂଲ୍ୟ ପାତ୍ର ତଥା ତାଙ୍କ ପରିବାର ପକ୍ଷରୁ ପାରଳାଖେମୁଣ୍ଡି ଥାନାରେ ବିଧାୟକ କେ. ସୂରିୟା ରାଓଙ୍କ ସମେତ ୧୨ଜଣଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। ପରବର୍ତ୍ତୀ ସମୟରେ ଅମୂଲ୍ୟ ଏହି ଘଟଣାରେ ନ୍ୟାୟ ଦାବିରେ କ୍ରାଇମବ୍ରାଞ୍ଚ ସମେତ ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅମୂଲ୍ୟ ଅଭିଯୋଗ କରିଛନ୍ତି।

# ଜୁନ୍ ୧୪ ହେବ ଲୋକକଳା ଦିବସ

■ ୯ମ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଲୋକକଳାକୁ ଅଧିକ ଋଦ୍ଧିମନ୍ତ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଚାର ପ୍ରସାର ପାଇଁ ଏଣିକି ପାଳନ ହେବ ଲୋକକଳା ଦିବସ। ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଲୋକକଳା ଦିବସ ଭାବେ ପାଳନ କରିବେ। ଏ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିଷ୍ପତ୍ତି ନେଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୧ ତାରିଖରେ ଏହାକୁ ବିଧିବଦ୍ଧ ଭାବେ ଘୋଷଣା କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଆୟୋଜିତ ୯ମ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ-୨୦୧୯କୁ ମଙ୍ଗଳବାର ଉଦ୍‌ଘାଟନ କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି।


## ଟ୍ରେନଗୁଡ଼ିକର ଅତିରିକ୍ତ ରହଣି

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ୍ ଠାରେ ରହଣି ପ୍ରଦାନ | ଆଗମନ | ପ୍ରସ୍ଥାନ | ତାରିଖ ଠାରୁ |
|---|---|---|---|---|---|
| 12871 | ହାଓଡ଼ା-ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ୍ | ବଡ଼ମାଲ | 1935 | 1936 | 14.02.2019 |
| 12872 | ଟିଟିଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ | ବଡ଼ମାଲ | 0535 | 0536 | 14.02.2019 |
| 18425 | ପୁରୀ - ଦୁର୍ଗ ଏକ୍ସପ୍ରେସ୍ | ମୁରିବାହାଲ | 0639 | 0640 | 13.02.2019 |
| 18426 | ଦୁର୍ଗ - ପୁରୀ ଏକ୍ସପ୍ରେସ୍ | ମୁରିବାହାଲ | 2034 | 2035 | 14.02.2019 |
| 18107 | ରାଉରକେଲା - କୋରାପୁଟ ଏକ୍ସପ୍ରେସ୍ | ରାଜଗାଙ୍ଗପୁର<br>ବରପାଲି | 1835<br>2145 | 1836<br>2146 | 15.02.2019<br>14.02.2019 |
| 18108 | କୋରାପୁଟ - ରାଉରକେଲା ଏକ୍ସପ୍ରେସ୍ | ବରପାଲି<br>ରାଜଗାଙ୍ଗପୁର | 0154<br>0540 | 0155<br>0541 | 13.02.2019<br>15.02.2019 |
| 18451 | ହଟିଆ - ପୁରୀ ଏକ୍ସପ୍ରେସ୍ | କଲୁଙ୍ଗା | 1932 | 1933 | 14.02.2019 |
| 18452 | ପୁରୀ - ହଟିଆ ଏକ୍ସପ୍ରେସ୍ | କଲୁଙ୍ଗା | 0711 | 0712 | 14.02.2019 |

ପୂର୍ବ ତଟ ରେଳପଥ
PR-484/J/18-19


# ଫେରାର ଅଭିଯୁକ୍ତ ଜୁଲଙ୍କୁ ଏନ୍‌କାଉଣ୍ଟର

କେନ୍ଦ୍ରାପଡ଼ା ଅଫିସ୍, ୧୯।୨

କେନ୍ଦ୍ରାପଡା ଜିଲାର ଫେରାର ଅଭିଯୁକ୍ତ ଗଣେଶ ମଲ୍ଲିକ ଓରଫ ଜୁଲ (୩୦)ଙ୍କୁ ଜିଲା ପୋଲିସ ମଙ୍ଗଳବାର ଭୋର ୪ଟାରେ ଏନକାଉଣ୍ଟର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ତାଙ୍କ ନିକଟରୁ ଗୋଟିଏ ୬ ରାଉଣ୍ଡର ରିଭଲଭର ଓ ଗୋଟିଏ ବ୍ୟବହୃତ ଗୁଳିର ଖୋକା ଜବତ କରିଛି। କେନ୍ଦ୍ରାପଡ଼ା, ଯାଜପୁର ଓ ସୁନ୍ଦରଗଡ ଜିଲାର ବିଭିନ୍ନ ଥାନାରେ ଜୁଲଙ୍କ ନାମରେ ଚୋରି, ଦାଦାବଟି ଆଦାୟ, ବଳାତ୍କାର ଓ ହତ୍ୟା ଆଦି ୨୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଦର ଥାନା ଅଧୀନ ନାନକାର ଗ୍ରାମର ଜୁଲ ଦୀର୍ଘ ୪ ବର୍ଷ ଧରି ଫେରାର ଥିଲେ। ୨୦୧୫ ରେ ଦାଦାଗିରି ଓ ବଟି ଆଦାୟ ନେଇ ତାଙ୍କ ନାମରେ ସଦର ଥାନାରେ ମାମଲା ଥିବାବେଳେ ୨୦୧୮ରେ ଜଣଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ଅଛି। ସେହିପରି ଏକ ବଳାତ୍କାର ମାମଲା ରହିଛି। ସୋମବାର ରାତିରେ ଜୁଲ ଘରକୁ ଆସୁଥିବା ଖବରପାଇ ସଦର ଥାନା ଅଧିକାରୀ କାବୁଲି ବାରିକ ଓ ଜିଲା ସ୍ପେଶାଲ ସ୍କ୍ୱାଡ ଏସ୍ଆଇ ପି.କେ. କାନୁନ୍‌ଗୋଙ୍କ ନେତୃତ୍ୱରେ ଦୁଇଟି ଟିମ୍ ନାନକାର-କଜଳା ରାସ୍ତାର ହାଲପୁରଠାରେ ଛକି ରହିଥିଲେ। ପୋଲିସକୁ ଦେଖି ଜୁଲ ପ୍ରଥମେ ଗୋଟିଏ ଗୁଳି ଚାଳନା କରିଥିଲେ। ପରେ ପୋଲିସ ପକ୍ଷରୁ ୨ଟି ଗୁଳି ଚାଳନା ହୋଇଥିବା ବେଳେ ଗୋଟିଏ ଜୁଲଙ୍କ ବାମ ଗୋଡରେ ବାଜିଥିଲା। ଏ ନେଇ ସଦର ଥାନାରେ ୩୦/୧୯ ନଂ. ରେ ଏକ ମାମଲା ରୁଜୁ ହୋଇଥିବା ସଦର ଥାନା ଅଧିକାରୀ ବାରିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୦ ମାସ ମଧ୍ୟରେ ଜିଲା ପୋଲିସ ୭ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରିଛି।


ଗଣେଶ ମଲ୍ଲିକ ଓରଫ ଜୁଲ।


## NEHRU YUVA KENDRA, BALANGIR

**Complete address of existing NYK: Adarsha Para, Balangir**

**Government of India**
**Ministry of Youth Affairs & Sports**
**Department of Youth Affairs**
**NATIONAL YOUTH CORPS**
**CALL FOR NATIONAL VOLUNTEERS**

Government of India seeks young persons to help channelize their energies and capabilities towards nation building activities by organizing them into volunteers groups. You shall be asked to spearhead campaigns/ awareness programme about health, literacy, sanitation, gender and other social issues and may also be called upon to asist the administration in emergency or implementation of various programmes.

**Eligibility:**
I) Education: At least Class X Pass (Class-X).
II) Age: Between18 and 29 years, as on1st April, 2018.
III) No regular students are eligible for applying for NYV volunteership.

**Honorarium**
Rs. 5000/- p.m all inclusive for two years. This is neither a paid employment nor confers any legal right on the volunteer to claim employment with the Government.

**How to Apply:**
Visit the Department's website (www.nyks.nic.in) for details of the scheme, application, proforma and apply to the under mentioned officer by 7th March, 2019 through Online.
Office of District Youth Coordinator,
Nehru Yuva Kendra, Balangir, District Balangir
Postal Address: Adarsha Para
PO/Dist: Balangir: 767001

**Prabir Ku. Pradhan**
**District Youth Coordinator**
**Neheru Yuva Kendra, Balangir**
**Adarsha Para, PO/Dist.: Balangir, Ph: (06652) 250188**

## NEHRU YUVA KENDRA, SUBARNAPUR

**Complete address of existing NYK: Near Vigilance Office, Sonepur**

**Government of India**
**Ministry of Youth Affairs & Sports**
**Department of Youth Affairs**
**NATIONAL YOUTH CORPS**
**CALL FOR NATIONAL VOLUNTEERS**

Government of India seeks young persons to help channelize their energies and capabilities towards nation building activities by organizing them into volunteers groups. You shall be asked to spearhead campaigns/ awareness programme about health, literacy, sanitation, gender and other social issues and may also be called upon to asist the administration in emergency or implementation of various programmes.

**Eligibility:**
I) Education: At least Class X Pass (Class-X).
II) Age: Between18 and 29 years, as on1st April, 2018.

**Honorarium**
III) No regular students are eligible for applying for NYV volunteership.
Rs. 5000/- p.m all inclusive for two years. This is neither a paid employment nor confers any legal right on the volunteer to claim employment with the Government.

**How to Apply:**
Visit the Department's website (www.nyks.nic.in) for details of the scheme, application, proforma and apply to the under mentioned officer by 7th March, 2019 through Online.
Office of District Youth Coordinator,
Nehru Yuva Kendra, Subarnapur, Dist: Subarnapur
Postal Address: Near Vigilance Office, Sonepur
PO/Dist: Subarnapur: 767017

**Prabir Ku. Pradhan**
**District Youth Coordinator**
**Neheru Yuva Kendra, Subarnapur**
**Near Vigilance Office, Sonepur**
**PO/Dist: Subarnapur, Ph: (0674) 2555982**

■ ଶହୀଦଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ଘଟଣା

# କ୍ଷମା ମାଗିଲେ ବିଧାୟକ ଦେବାଶିଷ

କଟକ ଅଫିସ, ୧୯।୨



ଶହୀଦଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ଘଟଣାରେ ବାରବାଟୀ-କଟକ ବିଧାୟକ ତଥା ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ କ୍ଷମା ପ୍ରାର୍ଥନା କରିଛନ୍ତି। ଜମ୍ମୁ-କଶ୍ମୀରର ପୁଲୱାମା ଆତଙ୍କବାଦୀ ଆକ୍ରମଣରେ କଟକ ଜିଲା ନିଆଳି ବ୍ଲକ ରତନପୁର ପଞ୍ଚାୟତ ଗଜାବର ଗାଁର ମନୋଜ ବେହେରା(୩୬) ଶହୀଦ ହୋଇଥିଲେ। ଗତ ୧୬ ତାରିଖରେ ମନୋଜଙ୍କ ପାର୍ଥିବ ଶରୀରକୁ ଗାଁରେ ଗାର୍ଡ ଅଫ୍ ଅନର ଦିଆଯିବା ପରେ ସତ୍କାର କରାଯାଇଥିଲା। ଏହି ସମୟରେ ବିଧାୟକ ସାମନ୍ତରାୟ ଶହୀଦ ମନୋଜଙ୍କ ସମ୍ପର୍କୀୟ ଦାଦାଙ୍କୁ ଟାଣି ଆଣି ବେକକୁ ଧରି ଜୋର୍‌ରେ ତଳକୁ ମାଡ଼ି ଦେଇଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଏହି ଘଟଣାକୁ ନେଇ ବିଭିନ୍ନ ଆଡୁ ନିନ୍ଦା କରାଯାଇଥିବାବେଳେ ବିଧାୟକ ସାମନ୍ତରାୟ ଦୁଃଖ ପ୍ରକାଶ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରାଜାବଗିଚାସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ସାମନ୍ତରାୟ ଏଥିନିମନ୍ତେ କ୍ଷମା ପ୍ରାର୍ଥନା କରିବା ସହିତ କହିଛନ୍ତି ଯେ, ବୀର ଯବାନ ଓ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ମୋର ଉଚ୍ଚକୋଟିର ସମ୍ମାନ ରହିଛି। ଘଟଣାଦିନ ଶହୀଦଙ୍କ ମରଶରୀରକୁ ମୁଁ କାନ୍ଧେଇଥିଲି। ତେବେ ଗାର୍ଡ ଅଫ୍ ଅନର ଦିଆଯାଉଥିବା ସମୟରେ ସେଠାରେ ଟିକେ ବିଶୃଙ୍ଖଳା ଉପୁଜିଥିଲା। ଶହୀଦଙ୍କ ଜଣେ ଦୂର ସମ୍ପର୍କୀୟଙ୍କୁ ମୁଁ ବସିଯିବା ପାଇଁ କହିଥିଲି। ତେବେ ଏହି ଘଟଣା ଯଦି କାହା ମନରେ ଦୁଃଖ ଦେଇଛି ତେବେ ସେଥିପାଇଁ ମୁଁ କ୍ଷମା ମାଗୁଛି। କିନ୍ତୁ ଏହାକୁ ନେଇ ରାଜନୀତି ନ କରିବାକୁ ମଧ୍ୟ ବିଧାୟକ ନିବେଦନ କରିଛନ୍ତି।

# ୯୧ କୋଟି ଟଙ୍କାର ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଶିଳାନ୍ୟାସ

## ■ ରାୟଗଡ଼ାର ବିକାଶରେ ସହାୟକ ହେବ: ଧର୍ମେନ୍ଦ୍ର

ରାୟଗଡା ଅଫିସ୍, ୧୯।୨

ରାୟଗଡାଠାରେ ୯୧କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏଲ୍‌ପିଜି ବଟଲିଂ ପ୍ଲାଣ୍ଟକୁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଶିଳାନ୍ୟାସ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲାବାସୀ ଇନ୍ଧନ ଗ୍ୟାସ ପାଇଁ ଖୋର୍ଦ୍ଧା, ବିଶାଖାପାଟଣା ଓ ରାୟପୁର ଉପରେ ନିର୍ଭର କରି ଆସୁଥିଲେ । ତେବେ ଅବିଭକ୍ତ କୋରାପୁଟ ଜିଲା ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୯ଟି ଜିଲାକୁ ରନ୍ଧନ ଗ୍ୟାସ ସିଲିଣ୍ଡର ରାୟଗଡାରୁ ଯୋଗାଣ ହେବ । ଏହି ପ୍ଲାଣ୍ଟ ଅଞ୍ଚଳର ବିକାଶରେ ସହାୟକ ହେବ । ଆସନ୍ତା ୨୦୨୦ ସେପ୍ଟେମ୍ବର ସୁଦ୍ଧା ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି । ୨୧ଏକର ପରିମିତ ଜମିରେ ଏହି ବଟଲିଂ ପ୍ଲାଣ୍ଟର କ୍ଷମତା ୭ ହଜାର ମେଟ୍ରିକ ଟନ୍ ବୋଲି ସେ ସୂଚନା ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାୟଗଡା, ଜିମିଡିପେଟା ଓ ଲାଙ୍ଗିଗଡ଼ ରେଳ ଷ୍ଟେଶନ୍‌ଠାରେ ୫କୋଟି ଟଙ୍କା ବ୍ୟୟରେ ୩ଟି ଫୁଟ ଓଭରବ୍ରିଜ୍‌ର ଉଦ୍‌ଘାଟନ କରିଥିଲେ । ଏତଦ୍‌ବ୍ୟତୀତ ଭିଡ଼ିଓ କନଫରେନ୍ସି ମାଧ୍ୟମରେ ନବରଙ୍ଗପୁର ପୋଷ୍ଟ ଅଫିସ୍‌ରେ ପାସପୋର୍ଟ ସେବା କେନ୍ଦ୍ରର ମଧ୍ୟ ଉଦ୍‌ଘାଟନ କରିଥିଲେ । ସେହିଭଳି ଜୟପୁରଠାରେ ୧କୋଟି ୭୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଜୟପୁର ଏୟାରପୋର୍ଟରେ ବିମାନ ଇନ୍ଧନ ଷ୍ଟେଶନ୍‌ର ମଧ୍ୟ ଶିଳାନ୍ୟାସ କରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ବହୁ ବିକାଶ ହୋଇଛି। ସେହି ବିକାଶ ରାୟଗଡା ଜିଲାରେ ମଧ୍ୟ ଦୃଢ଼ ଗତିରେ ଆଗେଇଛି । ବଟଲିଂ ପ୍ଲାଣ୍ଟ ସହ ରାଜ୍ୟରେ ଗ୍ୟାସ ବିତରକଙ୍କ ସଂଖ୍ୟା ୩୭୮ରୁ ୮୮୫ରେ ପହଞ୍ଚିଛି । ସେହିକ୍ରମରେ ରାୟଗଡା ଜିଲାରେ ୪ରୁ ବର୍ତ୍ତମାନ ୨୧ଜଣ ବିତରକ ରହିଛନ୍ତି। ଉଡାନ ଯୋଜନାରେ ଜୟପୁର ଏୟାରପୋର୍ଟ ସାମିଲ ହୋଇଛି । ତେଣୁ ଇନ୍ଧନ ବିମାନ ନିମନ୍ତେ ଆବଶ୍ୟକତା ଥିବାରୁ ତାହାକୁ ସାମିଲ କରାଯାଇଛି । ୨କୋଟି ଟଙ୍କା ବ୍ୟୟରେ ଖୁବଶୀଘ୍ର ଏହାର ନିର୍ମାଣ ଶେଷହେବ । ଗତ ଉପା ସରକାର ଅମଳରେ ୨୦୦୯ରୁ ୨୦୧୪ମଧ୍ୟରେ ଓଡ଼ିଶାକୁ ରେଳ ବିଭାଗ ମାତ୍ର ୪ହଜାର କୋଟି ଟଙ୍କା ପ୍ରଦାନ କରିଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସରକାର ଗଠନ ହେବାପରେ ପୂର୍ବତଟ ରେଳ ଅଧୀନରେ ଥିବା ଖୋର୍ଦ୍ଧା, ସମ୍ବଲପୁର ଓ ବିଶାଖାପାଟଣା ଡିଭିଜନ ପାଇଁ ୨୭ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଅଞ୍ଚଳ ପାଇଁ ତାହା କାର୍ଯ୍ୟରେ ଲାଗିଛି । ଟିଟିଲାଗଡ-ବିଜୟନଗର ତୃତୀୟ ଲେନ୍ ପାଇଁ ୨୩୦୦କୋଟି, ରାୟଗଡା-କୋରାପୁଟ ଦ୍ୱିତୀୟ ଲେନ ପାଇଁ ୨୧୦୦କୋଟି ସମେତ ବିଦ୍ୟୁତୀକରଣ ପାଇଁ ୨୫୦କୋଟି ରେଳ ବିଭାଗ ବ୍ୟୟବରାଦ କରୁଛି । ଏଣେ ଗୁଣପୁର-ଥେରୁବାଲି ରେଳପଥ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ । ସେହିଭଳି ମନ୍ତ୍ରୀ ପ୍ରଧାନ ରାୟଗଡା ପୋଷ୍ଟାଲର ଏକ ନୂତନ ଡିଭିଜନ ଘୋଷଣା କରିଥିଲେ । ଏହାଦ୍ୱାରା ଡାକ ବିଭାଗ ଆହୁରି ଶକ୍ତିଶାଳୀ ହୋଇପାରିବ ବୋଲି କହିଥିଲେ ।



ଶିଳାନ୍ୟାସ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ■ ରାଜଧାନୀରେ ବୁଲୁଛି କଲରାପତରିଆ ବାଘ | କାବୁ କରିବା ପାଇଁ ବସିଲା ୭ ଯନ୍ତା

ଭୁବନେଶ୍ୱର, ୧୯।୨ (ବ୍ୟୁରୋ)

ଭୁବନେଶ୍ୱର ବିମାନବନ୍ଦର ପରିସରରେ ରହିଥିବା କଲରାପତରିଆ ବାଘକୁ ଧରିବା ପାଇଁ ଅପରେଶନ ଆରମ୍ଭ ହୋଇଯାଇଛି। ତାକୁ କାବୁ କରିବା ପାଇଁ ମୋଟ ୭ଟି ଯନ୍ତା ବସାଯାଇଛି। ପୁରୁଣା ଟର୍ମିନାଲ ପରିସରରେ ବାଘ ଲୁଚିଥିବା ସମ୍ଭାବ୍ୟ ସ୍ଥାନରେ ୩ଟି ଓ ବାହାରେ ୪ଟି ଯନ୍ତା ବସାଯାଇଛି। ଯନ୍ତା ଭିତରେ କୁକୁଡ଼ା ଓ ଛେଳିଙ୍କୁ ଛଡ଼ାଯାଇଛି, ଯଦ୍ୱାରା ବାଘ ଖାଦ୍ୟ ଲୋଭରେ ଯନ୍ତା ଭିତରକୁ ପ୍ରବେଶ କରିବ। ସେହିପରି ବାଘର ଗତିବିଧିକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ୯ଟି କ୍ୟାମେରା ଟ୍ରାପ୍ ଲଗାଯାଇଛି। ଏହି ସଂଲଗ୍ନ ରାସ୍ତାକୁ ମଧ୍ୟ ସିଲ୍ କରିଦିଆଯାଇଛି।

ରବିବାର ରାତିରେ ଏୟାରପୋର୍ଟ ନିକଟସ୍ଥ ପଳାଶପଲ୍ଲୀ ଅଞ୍ଚଳରେ ଏକ ବାଘକୁ ସ୍ଥାନୀୟ ଜଣେ ବ୍ୟକ୍ତି ଦେଖିଥିଲେ। ସିସିଟିଭି ଚିତ୍ର ଯାଞ୍ଚ ପରେ ଏହା ଏକ କଲରାପତରିଆ ବାଘ ବୋଲି ସ୍ପଷ୍ଟ ହୋଇଥିଲା। ସୋମବାର ଗଣମାଧ୍ୟମରେ ଏ ନେଇ ଖବର ପ୍ରସାରିତ ହେବା ପରେ ବନ ବିଭାଗ ପକ୍ଷରୁ ବାଘକୁ ଖୋଜିବା ପାଇଁ ପାଟ୍ରୋଲିଂ ଆରମ୍ଭ ହୋଇଯାଇଛି। ତେବେ ମଙ୍ଗଳବାର ଭୋର୍ ପ୍ରାୟ ସାଢ଼େ ୪ଟା ସମୟରେ ୩ନଂ. ୱାଚ୍ ଟାୱାର ନିକଟରେ ଥିବା ବୁଦୁବୁଦିଆ ଜଙ୍ଗଲରେ ସିଆଇଏଫ୍‌ର ଯବାନମାନେ ବାଘକୁ ଦେଖିଥିଲେ। ଏହାପରେ ବାଘକୁ ଧରିବା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା। ସକାଳ ସମୟରେ ସେପଟ ଅଞ୍ଚଳରେ ବାଘ ଘୂରିବୁଲିବା ଜଣାପଡ଼ିବା ପରେ ପୁରୁଣା ଏୟାରପୋର୍ଟ ସଂଲଗ୍ନ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ସିଲ୍ କରିଦିଆଯାଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ଆରମ୍ଭ ହୋଇଥିଲା ବାଘ ଖୋଜା ଅପରେଶନ। ୧୨ଜଣଙ୍କୁ ନେଇ ଗଠିତ ୨ଟି ଟିମ୍ ସାଙ୍ଗରେ ଟ୍ରାଙ୍କୁଲାଇଜର ଗନ୍ ଓ ଜୀବଜନ୍ତୁଙ୍କୁ କାବୁ କରିବା ପାଇଁ ବ୍ୟବହାର କରାଯାଉଥିବା ଜାଲ ଧରି ସେହି ଜଙ୍ଗଲ ଭିତରକୁ ଦୁଇପଟେ ପଶିଥିଲେ। ସାଙ୍ଗରେ ରହିଥିଲେ ୬ଟି ବନାଞ୍ଚଳର ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ। ପ୍ରତି ଟିମ୍‌ରେ ଜଣେ ପ୍ରାଣୀ ଚିକିତ୍ସକଙ୍କ ସହ ଟ୍ରାଙ୍କୁଲାଇଜର ଏକ୍ସପର୍ଟ ମଧ୍ୟ ଯାଇଥିଲେ। କିନ୍ତୁ ୪୫ ମିନିଟ୍ ଧରି ଖୋଜିବା ପରେ ମଧ୍ୟ ବନ ବିଭାଗକୁ ବାଘର କୌଣସି ସନ୍ଧାନ ମିଳି ନ ଥିଲା। ଖାଲି ହାତରେ ଫେରିବା ପରେ ବାଘକୁ କାବୁ କରିବା ପାଇଁ ଯନ୍ତା ବସାଇବା ପାଇଁ ସ୍ଥିର କରାଯାଇଥିଲା। ସନ୍ଧ୍ୟା ସମୟରେ ସମ୍ଭାବ୍ୟ ସ୍ଥାନରେ ଯନ୍ତା ବସାଯାଇଥିଲା। ୱାଚ୍ ଟାୱାର-୩ ପାଖରେ ଦୁଇଟି ଓ ୱାଚ୍ ଟାୱାର-୯ ପାଖ ଡ୍ରେନ୍ ନିକଟରେ ଗୋଟିଏ ଯନ୍ତା ରଖାଯାଇଛି। ରାତି ୯ଟା ବେଳେ ବନ କର୍ମଚାରୀମାନେ ବାଘକୁ ସେହି ସ୍ଥାନରେ ଚଲାବୁଲା କରୁଥିବାର ଦେଖିଛନ୍ତି।ନଗର ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ର କହିଛନ୍ତି, ବାଘକୁ କାବୁ କରିବା ପାଇଁ ଆମେ ଚେଷ୍ଟା କରୁଛୁ। ତାକୁ ଧରିବା ପରେ ତା'ର ପ୍ରାଥମିକ ଚିକିତ୍ସା କରାଯାଇ ସଙ୍ଗେ ସଙ୍ଗେ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯିବାର ବ୍ୟବସ୍ଥା କରାଯିବ। ରାତି ତମାମ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିବ। ଏ ନେଇ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଯେଉଁ କଲରାପତରିଆ ବାଘ ଆହତ ଥାଆନ୍ତି କିମ୍ବା ଅନ୍ୟ ଶିକାରରୁ ଖାଇପାରନ୍ତି ନାହିଁ, ସେମାନେ ମଣିଷ ପ୍ରତି ଆକ୍ରମଣ କରନ୍ତି। ସିସିଟିଭି ଫୁଟେଜ୍‌ରୁ ଏହି ବାଘର ଗତିବିଧିରୁ ଜଣାପଡୁଥିଲା ଯେ, ସେ ଏତେ ଉଚ୍ଚା ଡେଇଁପାରୁଛି ମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛି। ତେଣୁ ଲୋକେ ଭୟଭୀତ ହେବାର କୌଣସି କାରଣ ନାହିଁ।

### ଲାଗିଲା ୯ କ୍ୟାମେରା ଟ୍ରାପ୍



କଲରାପତରିଆ ବାଘକୁ ଧରିବା ପାଇଁ ହୋଇଥିବା ପ୍ରସ୍ତୁତି।

ZILLA SWASTHYA SAMITI, KEONJHAR
CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(DISTRICT PROGRAMME MANAGEMENT UNIT, NHM)

Advt. No. 1053 Date 16.02.2019

TENDER CALL NOTICE

No.898-E:- Sealed tenders are invited from the eligible manufactures/supplier/distributor/agency for supply of Red, Black biodegradable bag, Zipper bag, Hub cutter & Anphylaxis Kit under RI programme of Keonjhar district. Details regarding terms and conditions and tender papers may be downloaded from the District NIC website i.e. www.kendujhar.nic.in upto dt. 26.02.2019. The tender document should reach to the office of the undersigned by 26.02.2019 till 05.00 PM through Reg. Post/Speed Post only along with all the relevant documents and E.M.D. The tenders will be opened on dated 27.02.2019 at 11.00 AM at DTU, Keonjhar in presence of the bidders/their authorized representatives.

The undersigned has reserves the right to reject or cancel any or all the tenderers without assigning any reason thereof.

Sd./- Chief District Medical & Public Health Officer, Keonjhar

10033/11/0074/1819

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
CAD-1448

NOTICE INVITING TENDER No. 06/OMC/DTR/Civil/2018-19, Dt. 16.02.2019

Tender for the following works are invited.

| Sl No | Name of work | Estimate cost Rs. | Time period of the work | Class of contractor | EMD in D.D (Rs.) | Cost of Bid documents (R.s). |
|---|---|---|---|---|---|---|
| 1. | Renovation of Audience Hall at Sector-II of Daitari Iron Ore Mines in the dist of Keonjhar. | Rs. 468500/- | 2 months | D&C | Rs.4690/- | Rs.2000/- + 18% GST |
| 2. | Fencing to Sub-station area along with repair maintenance work of electrical office at Baliparbat near Solar Plant of Daitari Region in the dist of Keonjhar. | Rs. 471400/- | 2 months | D&C | Rs.4720/- | Rs.2000/- + 18% GST |
| 3. | Renovation of Electrical sub-station at T/S No.06 with Chain link fencing at Daitari Iron Ore Mines in the dist of Keonjhar. | Rs. 363400/- | 2 months | D&C | Rs.3640/- | Rs.2000/- + 18% GST |

1. Date & time of availability of bids at OMC web-site (www.omcltd.in/www. orissamining.com) from Dt **26.02.2019 to 04.03.2019 up to 5.00 PM.**
2. Last date and time of submission of bids at allocated tender box dtd. **05.03.2019 up to 5.00 PM.**
3. Date & time of opening of bid dtd. **6.03.2019 at 11.00 AM.**
4. For details you may refer D.T.C.N.
5. Tender inviting authority: **Manager (Civil)**

The Odisha Mining Corporation Ltd reserves the right to reject any or all tenders without assigning any reason thereof.

30005/11/0185/1819 Manager (Civil)

ODISHA HYDRO POWER CORPORATION LTD
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELE.)
UPPER KOLAB H. E. PROJECT,
AT/P.O. : BARINIPUT; DIST. : KORAPUT(ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com
CAD-1445

Ist. CORRIGENDUM TO TENDER CALL NOTICE NO.OHPC: SGM (EL)UKHEP: 36/2018-19 Dated: 24.01.2019.

The Sale, receipt and opening of tender for Hiring of 01 No. of Diesel Run Renault Duster 110PS RxL Light Vehicle or equivalent for deployment on General Duty of Unit Head, Upper Kolab Hydro Electric Project, Bariniput is hereby extended as follows:

The sale of Tender Paper :- Up to 13:00 Hrs. of 28.02.2019.
The last date & time of receipt of tender :-Up to 16:00 Hrs. of 28.02.2019.
The date and time of opening of tender :-16:30 Hrs. of 28.02.2019.

For details of tender documents and Terms & Conditions downloading please visit our website www.ohpcltd.com.

Unit Head,
UKHEP, Bariniput

04002/11/0098/1819

Berhampur Municipal Corporation, Berhampur

Letter No. 2333 Date 16.02.19

TENDER CALL NOTICE

No.494-C: Berhampur Municipal Corporation (BeMC) invites quotations from Individual, Sole Proprietorship concern, Partnership Firm, Registered Society/Registered Co-operative Society, Public Limited Company or a Private Limited Company for supply of 7000 Litre M.L. Oil for Toilets.

The interested bidders should submit the Bid cost of Rs. 3360/- (including GST) in shape of DD in favour of Commissioner, Berhampur Municipal Corporation and EMD of Rs. 5,000/- in shape of DD to Commissioner, Berhampur Municipal Corporation.

The quotation should be submitted in a sealed envelope with subject Supply of ML Oil addressed to the Commissioner, Berhampur Municipal Corporation. Last date of submission of quotation is 27.02.2019. Time 5.00 PM by hand or registered Post. Date of opening of the Bid 28.02.2019 at 11.00 AM. For further detail visit www.berhampur.gov.in.

Sd./- Commissioner
Berhampur Municipal Corporation

13035/11/0224/1819

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Gain Cabs
BUSINESS OPPORTUNITY
ସଂଯୋଗ କରନ୍ତୁ ଆପଣଙ୍କ
Bike, All Cars, Auto, Tata Magic, Traveller with Gain Cabs ଓଡିଶାର 30 District City ରେ Live Booking ହୋଇପାରିବ ।
Mobile App, Website, Missed Call ଏବଂ Road Booking ଦ୍ୱାରା ।
ନିଜର ଗାଡିକୁ Live Track କରିପାରିବେ
GOOD INCOME
Franchiese Office ମଧ୍ୟ Offer କରୁଛି
www.gaincabs.com
8658065098, 9438444380

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

! !ଋଣ ଋଣ ଋଣ ! !
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍ ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଦେଢ଼ ଲକ୍ଷରେ ଯୁବତୀଙ୍କୁ ବିକ୍ରି ଘଟଣା ଚାଲାଣକାରୀ ମୁଖ୍ୟ ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୯।୨(ବ୍ୟୁରୋ): ସମ୍ବଲପୁର ଜିଲା ଧମା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦେଢ଼ ଲକ୍ଷ ଟଙ୍କାରେ ରାଜସ୍ଥାନରେ ବିକ୍ରି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ରଣପୁର ଥାନା ରଙ୍କଦେଉଳୀ ଗ୍ରାମର ପ୍ରମୋଦ ସାହୁ। ପୋଲିସର ଏକ ସ୍ୱତନ୍ତ୍ର ଟମ୍ ତାଙ୍କ ଘରୁ ଗୁରଫ କରିଛି। ଅବଶ୍ୟ ଏହି ଘଟଣାରେ ପୂର୍ବରୁ ଯୁବତୀଙ୍କ କିଣିଥିବା ଅଭିଯୁକ୍ତ ରାଜସ୍ଥାନ ଝୁନଝୁନବାଲା ଜିଲାର ସୁକବୀର ସିଂ ଜାଟ (୩୭) ଓ ବିକ୍ରି କରିବାରେ ସହଯୋଗ କରିଥିବା ସମ୍ବଲପୁର ଗୁଜୁରାଟି କଲୋନୀର ଶିବପ୍ରିୟାଙ୍କୁ ସାହୁଙ୍କୁ ଗିରଫ କରିଥିଲା। ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ।

### କଂଗ୍ରେସ ବୈଠକ

ନାକଟିଦେଉଳ,୧୯।୨(ଡି.ଏନ.ଏ.) ଘୋଷରାମାଲରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସଫ ଅଲ୍ଲୀ ଖାଁ ଏଥିରେ ଯୋଗ ଦେଇ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଘୋଷରାମାଳ ପଞ୍ଚାୟତ ପାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଗୌତମ ରାଉଳ, ଉପସଭାପତି ଗଣେଶ ରାଉଳ ଏବଂ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ କାଲେଷ୍ଟିକା ତିର୍କୀ, ଉପସଭାନେତୀ ଭାବେ ନିଳିମା ଖେସସଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ମୋତିଲାଲ ବିଶ୍ୱାଳ, ଉଗ୍ରେସନ ଦେହୁରୀ, ପ୍ରମୋଦ ପ୍ରଧାନ, ଗୌରୀ ଶଙ୍କର ପାତ୍ର, ବାବୁଲା ସାହୁ, ଅଶୋକ ସାମଲ, ସ୍ୱପ୍ନେଶ୍ୱର ପ୍ରଧାନ, ବିଶ୍ୱନାଥ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

■କ୍ଲାସ ଛାଡି ପିଠା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର

# ଶହୀଦଙ୍କୁ ସମ୍ମାନ ବେଳେ ବିଧାୟକ ମୋବାଇଲ ଦେଖିଲେ



ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଝାଙ୍କରପାଲି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଉପସ୍ଥିତ ଅଛନ୍ତି। ପିଲାଙ୍କ ପଛରେ ବିଧାୟକ ରୋହିତ ପୂଜାରୀ ମୋବାଇଲ ଦେଖିବାରେ ବ୍ୟସ୍ତ।

ସମ୍ବଲପୁର,୧୯।୨(ବ୍ୟୁରୋ)

ଝାଙ୍କରପାଲିରେ ମଙ୍ଗଳବାର ପିଠା କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ସ୍କୁଲରେ ଏହା ଆୟୋଜିତ ହୋଇଥିଲା। ସ୍କୁଲ ଗେଟ୍ ସମ୍ମୁଖରେ ଛାତ୍ରୀଛାତ ଓ ଶିକ୍ଷକମାନେ ମୁଖ୍ୟଅତିଥି ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ସ୍ୱାଗତ କରିଥିଲେ। ଏଣୁ ପିଠା କାର୍ଯ୍ୟକ୍ରମରେ ପିଲା ସାମିଲ ହୋଇଥିବା ନେଇ ସୋସିଆଲ ମିଡିଆରେ ଏବେ ଫଟୋ ଭାଇରାଲ ହୋଇଛି। ଅନ୍ୟପକ୍ଷେ ଷ୍ଟେଜରେ ମଧ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ଜମ୍ମୁ-କଶ୍ମୀରର ପୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫ ଯବାନମାନଙ୍କ ପାଇଁ ୨ ମିନିଟ ପ୍ରାର୍ଥନା କରାଯାଇଥିଲା। ସେ ସମୟରେ ବିଧାୟକ ପୂଜାରୀ ମୋବଇଲ ଫୋନ ବ୍ୟବହାର କରୁଥିବା ଏକ ଫଟୋ ମଧ ଭାଇରାଲ ହୋଇଛି। ଏହା ଶହୀଦଙ୍କ ପାଇଁ ଅପମାନ ବୋଲି ଅଭିଯୋଗ ହେଉଛି। ତେବେ ବିଧାୟକ ପୂଜାରୀ କହିଛନ୍ତି ଯେ, ପିଲାମାନଙ୍କୁ କିଏ ଡାକିଥିଲା ସେ ଜାଣି ନାହାନ୍ତି। ଯବାନମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ପରେ ସେମାନେ ଚାଲି ଯାଇଥିଲେ। ହେଲେ ମୋବାଇଲ ଫୋନ ବ୍ୟବହାର ମିଛ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ତଥା ଝାଙ୍କରପାଲି ସମିତି ସଭ୍ୟ ଉପସ୍ଥିତ ରହିଥିଲେ । ତାଙ୍କୁ ବାରମ୍ବାର ଷ୍ଟେଜ ଉପରୁକୁ ଡକାଯାଉଥିଲା । ହେଲେ ସେ ଯାଇ ନ ଥିଲେ ।

## ତାଲୁକ ଆଇନସେବା ସମିତି ପକ୍ଷରୁ ସଚେତନତା ଶିବିର



ରେଢାଖୋଲ ସିଭିଲ କୋର୍ଟ ପରିସରରେ ମଙ୍ଗଳବାର ଆଇନ ସଚେତନତା ଶିବିରରେ ବିଚାରପତି, ଓକିଲଙ୍କ ସମେତ ଅନ୍ୟମାନେ।

ରେଢାଖୋଲ,୧୯।୨(ଡି.ଏନ.ଏ.)

ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ମଙ୍ଗଳବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସମିତିର ଅଧ୍ୟକ୍ଷ ତଥା ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ଏସଡିଜେଏମ ଅର୍ପୂବା ଚୌଧୁରୀ, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ହାରୁନ ଖାନ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଘଟଣା ଜନିତ ମାମଲା ବିଚାର ପ୍ରକ୍ରିୟାରେ ପକ୍ଷଭୁକ୍ତଙ୍କ ମଧ୍ୟରେ ସହମତି ଭିତରେ ଟ୍ରିବୁନାଲରେ କେଉଁଭଳି ସମାଧାନ ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ଏହି ଆଇନ ସଚେତନତା ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସଜଳକାନ୍ତ ପାଲ, କିଶୋର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ, ସରକାରୀ ଓକିଲ ପ୍ରେମଚାନ୍ଦ କୁଲୁ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲେଇ, କିସିଣ୍ଡା ଥାନା ଅଧିକାରୀ ସୁବର୍ଣ୍ଣ କିସାନ, ନାକ୍ଟିଦେଉଳ ଥାନା ଅଧିକାରୀ ନିର୍ମଳା ତ୍ରିପାଠୀ, ରେଢାଖୋଲ ଥାନା ଏସଆଇ ବୈଭବିବାଳା ସ୍ୱାଇଁ, କୋର୍ଟ ସବ୍ ଇନ୍ସପେକ୍ଟର ହରେକୃଷ୍ଣ ପ୍ରଧାନଙ୍କ ସମେତ ଆଇନଜୀବୀମାନେ ଯୋଗ ଦେଇଥିଲେ।

## ଶିକ୍ଷକ ସମାବେଶ ଉଦ୍‌ଯାପିତ

ଜମନକିରା,୧୯।୨(ଡି.ଏନ୍.ଏ.)

ଜମନକିରା ବ୍ଲକ୍ ପ୍ରାଥମିକ ଶିକ୍ଷକଙ୍କ ତୃତୀୟ ବାର୍ଷିକ ସମାବେଶ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଗବେଷଣା ଅନୁଷ୍ଠାନ ପ୍ରାଧାପକ ଡ. ପ୍ରୀତିଶ କୁମାର ଆଚାର୍ଯ୍ୟ, ଜିଲା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ଧନକଉଡ଼ା ବିଇଓ ମୁରଲୀଧର ବେହେରା, ଜିଲା ପ୍ରାଥମିକ ଶିକ୍ଷକ ସଂଘର କିଶୋର ସାହୁ, ସମ୍ପାଦକ ବବ୍ରୁବାହନ ଭୋଇ, ଜିଲା ଶିକ୍ଷକ ସଂଘ ସଭାପତି ଚେରୁ ପାତ୍ର, ଜିଲା ପରିଷଦ ଶିକ୍ଷକ ସଂଘର ସମ୍ପାଦକ ସଞ୍ଜୟ ପଟେଲ, ଗଣ ଶିକ୍ଷକ ସଂଘର ସଭାପତି ଶ୍ରୀକାନ୍ତ ପଣ୍ଡା, ପ୍ରାଥମିକ ଶିକ୍ଷା ସହାୟକ ସଂଘର ସବିର ରଞ୍ଜନ ନାଥ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନର ସର୍ବାଧିକ ଅର୍ଥ ଜମାକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଆଲୁମନି ଅଧକ୍ଷଙ୍କୁ ସମ୍ମାନିତ କରାଯାଇଥିଲା। ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। 'ଉଷା ଅଭୟା' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଗୁଲୁଜିପାଲିର ରେଶମା ପଧାନ, କୋଆଗୋଲର ସୁନିତା ଲୁହା, ପଠାଣି ସାମନ୍ତ ମେଧା ବୃତ୍ତି ପାଇଁ କେନାଡ଼ିପା ସ୍କୁଲର ଅଙ୍କିତା ଭୋଇ, ରାଜ୍ୟସ୍ତରୀୟ ଭୋଟର ଦିବସରେ ପୁରସ୍କୃତ ଗୁଦୁରାପଡ଼ାର ଜିତେନ୍ଦ୍ର କୁମାର କିସାନ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ମୁଣ୍ଡେନପାଲି ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ପଡିଆବାହାଲ,୧୯।୨(ଡି.ଏନ.ଏ.)

ଜମନକିରା ବ୍ଲକ ମୁଣ୍ଡେନପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଅବିନାଶ ଚନ୍ଦ୍ର ଶର୍ମା ସଭାପତିତ୍ୱ କରିଥିଲେ। ଡିପିସି କଳ୍ପନା ପଣ୍ଡା, ରାଜାରାମ ଷଡଙ୍ଗୀ ମୁଖ୍ୟବକ୍ତା, ସରପଞ୍ଚ ସଞ୍ଜୁ ମିର୍ଦ୍ଧା, ସମିତି ସଭ୍ୟ ମନୋଜ ନାୟକ, ପିଣ୍ଟୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ପ୍ରଧାନଆଚାର୍ଯ୍ୟା ଜ୍ୟୋତିର୍ମୟୀ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କେତେକ କୃତୀ ଛାତ୍ରୀଛାତ୍ର ଓ ଆଚାର୍ଯ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସରୋଜ ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରେଢ଼ାଖୋଲରେ ଖୋଲିଲା ଏମ୍ଆର୍ଏଫ୍ ଟାୟାର ଶୋ ରୁମ୍

ରେଢାଖୋଲ,୧୯।୨(ଡି.ଏନ.ଏ.)

ରେଢାଖୋଲ ଏନଏସି ଅଫିସ ସମ୍ମୁଖରେ ମଙ୍ଗଳବାର ଏମଆରଏଫ ଟାୟାର କମ୍ପାନୀର ଏକ ଶୋ ରୁମ୍ ଉଦ୍‌ଘାଟିତ ହୋଇଛି। କମ୍ପାନୀର ପଶ୍ଚିମ ଓଡିଶା ମୁଖ୍ୟ ଲଳିତ ମହାପାତ୍ର ଏଥିରେ ଯୋଗଦେଇ ଏହି ନୂଆ ଶୋ ରୁମ୍‌ର ଉଦ୍‌ଘାଟନ କରିଥିଲେ। ଏମ୍ଆର୍ଏଫ ଟାୟାରର ବ୍ୟବହାର, ଦାମ୍ ଓ ମାନ ସମ୍ପର୍କରେ ସୂଚନା ଦିଆଯାଇଥିଲା। କମ୍ପାନୀର ଟେକନିକାଲ ଇଞ୍ଜିନିୟର ୱକାର ଅହମ୍ମଦ, ସେଲ୍ସ ସୁପରଭାଇଜର ମନୋରଞ୍ଜନ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ବଂଶଲ ଟାୟାର୍ସର ପ୍ରୋପାଇଟର ହର୍ଷ ବଂଶଲ ଉପସ୍ଥିତ ଥିଲେ।



ରେଢାଖୋଲ ଏନ୍ଏସି ଅଫିସ ସମ୍ମୁଖରେ ମଙ୍ଗଳବାର ଏମ୍ଆର୍ଏଫ୍ ଟାୟାର କମ୍ପାନୀର ଏକ ଶୋ ରୁମ୍‌କୁ ଉଦ୍‌ଘାଟନ କରାଯାଉଛି।


## କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
## 'କାଳିଆ ଛାତ୍ରବୃତ୍ତି' ପ୍ରଦାନ

କାଳିଆ ଛାତ୍ରବୃତ୍ତି — ପିଲାଙ୍କ ଉନ୍ନତ ଭବିଷ୍ୟତ

ଓଡ଼ିଶା କାଳିଆ ଯୋଜନାରେ ହିତାଧିକାରୀଙ୍କ ସନ୍ତାନସନ୍ତତି ମାନଙ୍କର ଉଚ୍ଚ ବୃତ୍ତିଗତ ଶିକ୍ଷା ଲାଭ ପାଇଁ 'କାଳିଆ ଛାତ୍ରବୃତ୍ତି' ଘୋଷଣା କରିଛନ୍ତି।

**'କାଳିଆ ଛାତ୍ରବୃତ୍ତି' ଉଦ୍ଦେଶ୍ୟ**

କୃଷକଙ୍କ ସନ୍ତାନ ସନ୍ତତିଙ୍କର ଉଚ୍ଚ ତଥା ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ ।

**'କାଳିଆ ଛାତ୍ରବୃତ୍ତି' ସହାୟତା ପାଇବା ପାଇଁ ଯୋଗ୍ୟତା**

- କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ସନ୍ତାନ ସନ୍ତତି ଯୋଗ୍ୟ ବିବେଚିତ ହେବେ।
- ସେ ରାଜ୍ୟର ସରକାରୀ ମହାବିଦ୍ୟାଳୟ / ଶିକ୍ଷାନୁଷ୍ଠାନ / ବିଶ୍ୱବିଦ୍ୟାଳୟରେ ବୃତ୍ତିଗତ ତଥା ବୈଷୟିକ ଶିକ୍ଷାରେ ସ୍ନାତକ ଏବଂ ଡିପ୍ଲୋମା ପାଠ (ନିୟମିତ ପାଠ୍ୟକ୍ରମ) ପଢୁଥିବେ ବା ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
- ସେହି ସନ୍ତାନ ସନ୍ତତି ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଦ୍ୱାରା ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପାଇ ନଥିବେ କିମ୍ବା ସେ କାଳିଆ ଛାତ୍ର ବୃତ୍ତି ଗ୍ରହଣ କରିବା ପାଇଁ ଇଚ୍ଛାବ୍ୟକ୍ତ କରିବେ।
- ସେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।

**'କାଳିଆ ଛାତ୍ରବୃତ୍ତି' ଅଧିନରେ ବୃତ୍ତିଗତ ଶିକ୍ଷା କାର୍ଯ୍ୟକ୍ରମ**

ନିମ୍ନଲିଖିତ ବୃତ୍ତିଗତ / ବୈଷୟିକ ଶିକ୍ଷା ଲାଭ ପାଇଁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ।
ରାଜ୍ୟର ଯେକୌଣସି ବୃତ୍ତିଗତ / ବୈଷୟିକ ଶିକ୍ଷା କାର୍ଯ୍ୟକ୍ରମ ଯଥା- ବି.ଇ. / ବି.ଟେକ୍. / ଏମ୍.ବି.ବି.ଏସ୍./ ବି.ଡି.ଏସ୍./ ବି.ଏଚ୍.ଏମ୍.ଏସ୍./ ବି.ଏ.ଏମ୍.ଏସ୍./ ବି.ଫାର୍ମା./ ବି.ଏସ୍.ସି. (ନର୍ସିଂ) / ବି.ଏସ୍.ସି. (ଏଗ୍ରିକଲଚର)/ ବି.ଏସ୍.ସି. (ହର୍ଟିକଲଚର)/ ବି.ଭି.ଏସ୍.ସି./ ଡିପ୍ଲୋମା/ ପଲିଟେକ୍‌ନିକ୍ ଓ ଆଇଟିଆଇ ଇତ୍ୟାଦି।

**କାଳିଆ ଛାତ୍ରବୃତ୍ତିର ପରିମାଣ**

କାଳିଆ ଛାତ୍ରବୃତ୍ତିରେ ଜଣେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କର ଉପରୋକ୍ତ ବୃତ୍ତିଗତ / ବୈଷୟିକ ଶିକ୍ଷା ପାଇଁ ଆବଶ୍ୟକ ପଢୁଥିବା ପାଠ୍ୟକ୍ରମ ଫି., ହଷ୍ଟେଲ ଫି. ତଥା ମେସ୍ ଖର୍ଚ୍ଚ ଇତ୍ୟାଦି ଅନ୍ତର୍ଭୁକ୍ତ।

**ଆବେଦନ ପଦ୍ଧତି**

କାଳିଆ ଯୋଜନା ହିତାଧିକାରୀଙ୍କ ଯେଉଁ ସନ୍ତାନ ସନ୍ତତିଙ୍କର ଉପରବର୍ଣ୍ଣିତ ଯୋଗ୍ୟତା ଥିବ ସେମାନେ **"www.kalia.co.in/scholarship"** ୱେବସାଇଟ୍‌ରେ ଉପଲବ୍ଧ ଥିବା କାଳିଆ ଛାତ୍ରବୃତ୍ତି ପୋର୍ଟାଲରେ ଅନ୍‌ଲାଇନ ଆବେଦନ ପଦ୍ଧତି ମାଧ୍ୟମରେ ଆବେଦନ କରିପାରିବେ। ସଂପୃକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ ଛାତ୍ର/ଛାତ୍ରୀ ସମ୍ପୂର୍ଣ୍ଣ ବିବରଣୀକୁ ଅନ୍‌ଲାଇନ୍ ମାଧମରେ ସ୍ୱୀକୃତ କରିବେ।

**କାଳିଆ ଛାତ୍ରବୃତ୍ତି ଅନ୍‌ଲାଇନ୍ ଆବେଦନ ପାଇଁ ଆବଶ୍ୟକୀୟ ତଥ୍ୟ**

- ସ୍ଥାୟୀ ବାସିନ୍ଦା ଠିକଣା
- ଶିକ୍ଷାନୁଷ୍ଠାନର ବିଶଦ ତଥ୍ୟ
- ଆବେଦନକାରୀଙ୍କ ଆଧାର କାର୍ଡ ନମ୍ବର
- ଛାତ୍ର / ଛାତ୍ରୀଙ୍କର ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ (ଛାତ୍ର / ଛାତ୍ରୀଙ୍କର ନାମ, ବ୍ୟାଙ୍କ ଜମାଖାତାର ନଂ, ଆଇ.ଏଫ୍.ସି. କୋଡ୍)
- ପିତା / ମାତାଙ୍କ ଆଧାର କାର୍ଡ ନମ୍ବର

ସ୍ୱା/-
ପ୍ରମୁଖ ଶାସନ ସଚିବ

01034/11/0094/1819

No. 160-L

## Application for Kalia Scholarship
Government of Odisha

**A Kalia Scholarship Details**

1 District
2 Course Name
3 Duration
4 Institute Name
5 Roll No
6 Date of Admission D D M M Y Y Y Y

Affix your self attested (on the front) recent colour passport size photograph here

**B Applicant Details**

1 Applicant's Name *(As per HSC Certificate)*
2 Gender
3 Date of Birth (As per HSC Certificate) D D M M Y Y Y Y
4 Category
5 PwD Y/N
6 Aadhaar Number
7 Mobile Number
8 Alternative Mobile Number (Optional)
9 e-Mail ID
10 Are you staying in hostel? Y/N

**C Parent Information**

| | Name | Profession | Aadhaar Number | Whether Kalia Beneficiary |
|---|---|---|---|---|
| 1 Father | | | | Y/N |
| 2 Mother | | | | Y/N |

**D Permanent Address Information**

1 District
2 Block/ ULB
3 Address
4 Mobile No.
5 Pincode

**E Bank Information of Applicant**

1 Bank Name
2 Branch Name
3 Account Number
4 IFSC Number

**UNDERTAKING [Tick the appropriate option.]**

My Father/Mother is a beneficiary of Kalia Scheme. Y N
I am a recipient of any other Scholarship scheme. Y N
I am recipient of another scholarship scheme and want to switch over to Kalia Scholarship. Y N
If Yes, then provide the below details.

| Name of the Scholarship | Reference ID |
|---|---|
| | |

**Submitted by me**

**Full Signature of Applicant**

**Date** ________ **Place** ________

ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଅମରଦାଶ ମଠରେ ଅଗ୍ନି ଉତ୍ସବ

**ଭେଡ଼େନ,୧୯।୨(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମପଞ୍ଚାୟତର ଭୋଇପାଲି ଅମରଦାଶ ବାବା ମଠରେ ଦୁଇଦିନ ଧରିଚାଲିଥିବା ମାଘପୂର୍ଣ୍ଣିମା ଅଗ୍ନିଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ସୋମବାର ଠାରୁ ଧୂନି ପ୍ରଜ୍ୱଳନ କରି ଏଥିରେ ଘିଅ, କୌପୁନି ଆଦି ଆହୂତି ପ୍ରଦାନ କରାଯାଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ସାରା ବିଶ୍ୱର ମଙ୍ଗଳ କାମନା କରି ଅଗ୍ନି ଉତ୍ସବ ସମାପନ ହୋଇଥିଲା। ଗ୍ରାମର ଭୋଇ ବଂଶର ଦାୟାଦ ନୀଳାଞ୍ଚଳ ଭୋଇ, ଗୋପାଳ ଭୋଇ, ଚିତ୍ତରଞ୍ଜନ ଭୋଇ, କାର୍ଯ୍ୟଦକ୍ଷ ଭୋଇ ପ୍ରମୁଖ ଆହୂତି ପ୍ରଦାନ କରିଥିଲେ । ଏହି ଅବସରରେ ବଳବସପୁରର କୃଷ୍ଣଗୁରୁ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ଗାଁରେ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମ ସହ ବ୍ୟଙ୍ଗକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

### ନଳକୂପ ମରାମତି ପାଇଁ ଦାବି

**ଭେଡ଼େନ,୧୯।୨(ଡ଼ି.ଏନ.ଏ):** ଖରା ମାସ ଆରମ୍ଭ ହୋଇ ନ ଥିବାବେଳେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ବହୁ ନଳକୂପ ଅଚଳ ହୋଇପଡିଛି । ଅନେକ ନଳକୂପରୁ ବହୁକଷ୍ଟରେ ଅଳ୍ପ ପାଣି ବାହାରୁଛି । ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ଏହି ନଳକୂପଗୁଡ଼ିକର ମରାମତି କରାଯାଉଥିଲା। ନଳକୂପ ଗୁଡ଼ିକର ସାମାନ୍ୟ ମରାମତି କରିବା ପାଇଁ ପ୍ରତି ପଞ୍ଚାୟତରେ ନିଯୁକ୍ତ ଅତିରିକ୍ତ ସ୍ୱାବଲମ୍ବୀ କାରିଗର ମାନଙ୍କୁ ନାମକୁ ମାତ୍ର ପାରିଶ୍ରମିକ ଦେଇ ନିଯୁକ୍ତ କରାଯାଇଛି। ତେବେ ସେମାନେ ଜନସାଧାରଣଙ୍କ ପାଇଁ ନଳକୂପ ଗୁଡ଼ିକର ସମ୍ପୂର୍ଣ୍ଣ ମରାମତି କରିଆସୁଥିଲେ ମଧ ଉପଯୁକ୍ତ ପାରିଶ୍ରମିକ ପାଇପାରୁ ନ ଥିଲେ। ଫଳରେ ସେମାନେ ନଳକୂପଗୁଡିକର ସାଧାରଣ ମରାମତି କରିବା ପାଇଁ ମଙ୍ଗଳବାର ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ। ଏହି ଅବସରରେ ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ସଭାପତି ଅଦ୍ୱେତ କୁମାର ପଣ୍ଡା, ସମ୍ପାଦକ ଫକୀର ମୋହନ ବାଗ, ସଭ୍ୟ ଗଜାନନ ଭୁଏ, ପ୍ରାଣବନ୍ଧୁ ବାଗ, ଲବ ଦଲେଇ, ଜତୀନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ବଘାରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ହେଡ୍ କ୍ଲର୍କ ଦୟାସାଗର ମେହେର ଦାବିପତ୍ର ଗ୍ରହଣ କରିଥିଲେ ।

■ ରାଜ୍ୟସ୍ତରୀୟ ଉତ୍ତାଳଗଡ ନାଟ ମହୋତ୍ସବ ଉଦ୍‌ଘାଟିତ

# ନାଟକରେ ସମାଜ ସଂସ୍କାର ବାର୍ତ୍ତା

**ବିଜେପୁର,୧୯।୨(ଡି.ଏନ.ଏ)**

ବିଜେପୁର ବ୍ଲକ ତାଳପଦର ଗ୍ରାମରେ ଉତ୍ତାଳଗଡ ନାଟ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ତାଳଗଡ ନାଟ୍ୟ ସଂସଦ ତରଫରୁ ଖଗେଶ୍ୱର ମଣ୍ଡପରେ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ଏମ୍‌ପି ପ୍ରଭାସ ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲାଲ ବିକ୍ରମ ସିଂ, ଯୁବନେତା ସୁମିତ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମାନିନୀ ଭୋଇ, ସରପଞ୍ଚ ଦୁର୍ଲ୍ଲଭ ସେଠ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ସୁଶାନ୍ତ ରଞ୍ଜନ ପଧାନ ବାର୍ଷିକ ବିବରଣୀ ପଠନ ସହ ସମ୍ପାଦକ ଦାମୋଦର ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ନାଟ୍ୟକାର ତଥା ଅଧ୍ୟାପକ ସୁକୁମାର ଭୋଇଙ୍କୁ ଚଳିତ ବର୍ଷର ଉତ୍ତାଳଗଡ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ‘ଗର୍‌ଜି ଘୁମ୍‌ରି ଦୁଲ୍‌ଦୁଲି ବଜା ବାଜ୍‌ଲା ଭର୍‌ନି ପାର୍...ରୁ ଆରମ୍ଭ ହୋଇଥିଲା ନାଟକ କାର୍ଯ୍ୟକ୍ରମ। ପଦ୍ମଶ୍ରୀ ଡ. ହଳଧର ନାଗଙ୍କ ରଚିତ କାବ୍ୟ ସିରି ସମଲେଇକୁ ନୃତ୍ୟ ନାଟିକା ରୂପରେ କଳାକାରମାନେ ପରିବେଷଣ କରିଥିଲେ। ଏହାପରେ ରାଜକୁମାର ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ‘କୁନ୍ଦୁଲି ରାଏଜର୍ ଝିଁ’କୁ ସଚେତନ ହେମା, ଢୋଲବନ୍ଧର କଳାକାରମାନେଁ ପରିବେଷଣ କରିଥିଲେ । ନାରୀ ଅବଳା କି ଦୁର୍ବଳା ନୁହେଁ ବୋଲି ଡିଣ୍ଡିମ ପିଟୁଥିବା ସାମାଜିକ ଓ ସରକାରୀ ବ୍ୟବସ୍ଥା କୁନ୍ଦୁଲି ରାଜ୍ୟର ଝିଅ ରଜନୀ ଆଗରେ ପ୍ରହସନ ପାଲଟିଯାଏ । ନାରୀ ସୁରକ୍ଷାରେ ପ୍ରଶ୍ନବାଚୀ ତିଆରି ହୁଏ । ଏହାସତ୍ତ୍ୱେ ହାରିବା ଅପେକ୍ଷା ବଞ୍ଚିବା ସଂଗ୍ରାମର ବାର୍ତ୍ତା ଭଳି ଚେତନାଗତ ବିଷୟବସ୍ତୁକୁ ନେଇ ନାଟକ ଗତିଶୀଳ ହୋଇଥିଲା । ଦ୍ୱିତୀୟରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ପଦ୍ମପୁର ‘ଲୁ’ର କଳାକାରମାନେ ‘ଧାନଫୁଲ’ ନାଟକ ପରିବେଷଣ କରିଥିଲେ । ପାଶ୍ଚାତ୍ୟ ନାଟ୍ୟ ଶୈଳୀ ସହିତ ସମକକ୍ଷ ହେବା ନିମନ୍ତେ କଥାକାର ପ୍ରଶାସକ ହୃଷିକେଶ ପଣ୍ଡାଙ୍କ କାହାଣୀକୁ ନେଇ ଏହି ପ୍ରତୀକଧର୍ମୀ ନାଟକ ଏକ ସଫଳ ଐତିହାସିକ ପଦକ୍ଷେପ। ତୃତୀୟ ନାଟକ ‘ଚଷମା’କୁ ପରିବେଷଣ କରିଥିଲେ ଉତ୍ତାଳଗଡ ନାଟ୍ୟ ସଂସଦର କଳାକାରମାନେ । ଏହାକୁ ରାଜେଶ କାରିଆ ରଚନା କରିଥିବା ବେଳେ ବିବେକାନନ୍ଦ ପଧାନ ନିର୍ଦ୍ଦେଶନା ଦେଇଥିଲେ । ସୋମନାଥ ପଧାନ, ଉମାକାନ୍ତ ମିଶ୍ର, ହୃଦମଣି ସାହୁ, କ୍ଷିତିପତି ରଣା, ଗଜାନନ ସାହୁ, ବିବେକାନନ୍ଦ ପଧାନ, ବିକ୍ରମାଦିତ୍ୟ ପଧାନ, ଗୋଦାବରି ପଧାନ, ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ସତ୍ୟପ୍ରକାଶ ସାହୁ, ଅନାଦି ନନ୍ଦନ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ର ପରିଚାଳନା ଓ ବାସୁଦେବ ପଧାନ ପୌରୋହିତ୍ୟ କରିଥିଲେ ।

# ଏସ୍‌ଡିସିସି ବ୍ୟାଙ୍କରେ ତାଲା ପକାଇଲେ ଚାଷୀ

**ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ**



ଚାଷୀମାନେ ଏସ୍‌ଡିସିସି ବ୍ୟାଙ୍କରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଜାମଟିକ୍ରା, ୧୯।୨ (ଡି.ଏନ.ଏ)**

ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ ପ୍ରତିବାଦରେ ଅତାବିରା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କରେ ମଙ୍ଗଳବାର ଚାଷୀମାନେ ତାଲା ପକାଇ ଦେଇଛନ୍ତି। ଯଦି ବୀମା ଟଙ୍କା ନ ଦେଇ ବ୍ୟାଙ୍କ ଖୋଲାଯାଏ ତେବେ ଅଞ୍ଚଳର ଚାଷୀ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ କୁହାଯାଇଛି । ବୀମା ଟଙ୍କା ନପାଇବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବିଗତ ୨୦୧୭ ମସିହା ଖରିଫ ଫସଲରେ ବରଗଡ ଜିଲାର ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିଲେ । ନ୍ୟାଶନାଲ ବୀମା କମ୍ପାନୀ ଫସଲବୀମା ନୀୟମାବଳି ଏବଂ ସରକାରଙ୍କ ହାଇପାୱାର କମିଟିର ଆଦେଶକୁ ଅମାନ୍ୟ କରି ବିଭିନ୍ନ ଆଳ ଦେଖାଇ ଅନେକ ଗ୍ରାମପଞ୍ଚାୟତ ଅଧୀନ ଚାଷୀମାନଙ୍କର ବକେୟା ଫସଲ ବୀମା ଦେୟ ପଇଠ କରିନାହାନ୍ତି । ତେଣୁ ଉକ୍ତ ଅଞ୍ଚଳର ଚାଷୀମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ ସଦୃଶ ସମ୍ବଲପୁର ସ୍ଥିତ ନ୍ୟାଶନାଲ ବୀମା କମ୍ପାନୀ ଅଫିସରେ ତାଲା ପକାଇଛନ୍ତି । ଫସଲ କ୍ଷତି ହେବାର ୨ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ସେମାନେ ଫସଲବୀମା ରାଶି ପାଇନାହାନ୍ତି। ଏଥିରେ ଅତାବିରା ବ୍ଲକ କୃଷକ ସଙ୍ଗଠନର ସଭାପତି ଟିକେଲାଲ ମିଶ୍ର, ସମ୍ପାଦକ ଚୈତନ୍ୟ କର୍ଣ୍ଣ, ଭୀଷ୍ମଦେବ ପଣ୍ଡା, ଦଶରଥ ଭୋଇ, ଆନନ୍ଦ ଜାଲ, ହିମାଂଶୁ ପଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ ।

■ କ୍ୟାନସର ହସ୍‌ପିଟାଲ ଦାବି ପ୍ରସଙ୍ଗ

# ୨୧ରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା


ଖବରଦାତା ସମ୍ମିଳନୀରେ ଫୋରମର କର୍ମକର୍ତ୍ତାମାନେ ।

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ରେ କ୍ୟାନସର ହସପିଟାଲ ଦାବି ଜୋର୍ ଧରିଛି । ସ୍ଥାନୀୟ ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ଏଟ୍ ବରଗଡ଼ ଏହି ଦାବି ନେଇ ଗତ ମାସରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲା ଏବଂ ସେତେବେଳେ ମୁଖ୍ୟମନ୍ତ୍ରୀ ସେହି ଦାବିକୁ ବିଚାରକୁ ନେବେ ବୋଲି କହିଥିଲେ। ଦୁଇଦିନ ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ମାସେ ପୂରିଯିବ । ମାତ୍ର ସେମାନଙ୍କ ଦାବି ନେଇ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଟାଟା ଟ୍ରଷ୍ଟ ସହିତ ଏମଓୟୁ ସ୍ୱାକ୍ଷରିତ କ୍ୟାନସର ହସପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ ପାଇଁ ବାରଙ୍ଗରେ ଶିଳାନ୍ୟାସ କରାଯିବା ବିଡ଼ମ୍ବନାର ବିଷୟ ବୋଲି ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଫୋରମର କର୍ମକର୍ତ୍ତାମାନେ କହିଥିଲେ । ସେମାନଙ୍କ ଦାବି ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅଣଦେଖା ମନୋଭାବ ତଥା ଦାବିକୁ ଦୃଢ଼ କରିବା ସକାଶେ ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲା ସୋହେଲା ବ୍ଲକ ଇଚ୍ଛାପାଲି ଗସ୍ତରେ ଆସୁଥିବାବେଳେ ସେହିଦିନ ଫୋରମ ପକ୍ଷରୁ ବରଗଡ଼ ଗାନ୍ଧିଛକସ୍ଥିତ ଗାନ୍ଧୀମୂର୍ତ୍ତି ତଳେ ନିରବ ଧାରଣା ଦିଆଯିବ ବୋଲି ଫୋରମର ଆବାହକ ପ୍ରଦୀପ ଦେବତା ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ଅଶ୍ୱିନୀ ଦର୍ଜୀ, ପ୍ରତାପ ନାଏକ, ଦିପକ ରଥ, କମଳ ଯୋଶୀ, ଅଭିଜିତ୍ ପ୍ରତିହାର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ଟାଟା ଟ୍ରଷ୍ଟ ପକ୍ଷରୁ ହେଉଥିବା କ୍ୟାନସର ହସପିଟାଲ ଓ ଗବେଷଣା କେନ୍ଦ୍ରର ଏଲ୍-୨ ସେଣ୍ଟର ବରଗଡ଼ରେ କରାଯିବ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି ।

### ଅମ୍ବାଭୋନା ପଞ୍ଚାୟତ ସମିତି ବୈଠକ

# ଅଧା ସଦସ୍ୟ ଆସିଲେନି

**ଅମ୍ବାଭୋନା, ୧୯।୨ (ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୧୫ଟି ଗ୍ରାମପଞ୍ଚାୟତରୁ ମାତ୍ର ୧୨ଜଣ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। କେବଳ କୋରମ ଛୁଇଁବାରୁ ସମିତି ସଭ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ସମ୍ବଳିତ କୌଣସି ପ୍ରକାରର ଆଖିଦୃଶିଆ ଆଲୋଚନା ହୋଇ ନ ଥିଲା । ଅମ୍ବାଭୋନା ବ୍ଲକର ଦୁଇ ଜଣ ଜିଲା ପରିଷଦ ସଭ୍ୟ ମଧ୍ୟରୁ କେବଳ ଔପଚାରିକ ଦୃଷ୍ଟିରୁ ଡୁଙ୍ଗୁରୀ ଜୋନ ସଦସ୍ୟ ସାର ପଧାନ ବୈଠକରେ ଯୋଗ ଦେଇଥିଲେ । ପରେ ସବୁ ସରକାରୀ କାର୍ଯ୍ୟକ୍ରମ ନେଇ ତାଙ୍କୁ କୌଣସି ସୂଚନା ଦିଆଯାଉ ନ ଥିବା ଅଭିଯୋଗ କରି ସେ ସମିତି ବୈଠକ ବର୍ଜନ କରିଥିଲେ । ବ୍ଲକ ପ୍ରଶାସନ ତରଫରୁ ଏ ନେଇ କୌଣସି ସନ୍ତୋଷ ଜନକ ଉତ୍ତର ମଧ ଦିଆଯାଇ ନ ଥିଲା । ବୈଠକରେ ବ୍ଲକ ଅଧକ୍ଷା ନୀଳ କୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ଏବିଡିଓ ପ୍ରିତେଶ ଦୋରା, ଡା. ଦୁର୍ଗା ପ୍ରସାଦ ଦାସ, ସହାୟକ ଯନ୍ତ୍ରୀ ରଶ୍ମିତା ନାଏକ ଏବଂ ଜିପିଇଓ ବିଦ୍ୟାଧର ବଡପଣ୍ଡା ମଞ୍ଚାସୀନ ଥିଲେ ।

# ମାଘମେଳା ଉଦ୍‌ଯାପିତ


ମାଘ ମେଳା ପାଇଁ ଗଣେଶ ଘାଟରୁ ଜଳପୂର୍ଣ୍ଣ କଳସ ନିଆଯାଉଛି ।

**ପାଇକମାଲ,୧୯।୨(ଡି.ଏନ.ଏ)**

ପାଇକମାଳର ନୃସିହଂନାଥ ମନ୍ଦିର ଯଜ୍ଞମଣ୍ଡପଠାରେ ଦୁଇଦିନ ଧରି ଚାଲିଥିବା ମାଘମେଳା ମଙ୍ଗଳବାର ପୂର୍ଣ୍ଣାହୂତି ପରେ ଉଦ୍‌ଯାପିତ ହୋଇଛି । ଏହି ଉପଲକ୍ଷେ ସୋମବାର ମହିଳାମାନେ ଗଣେଶ ଘାଟରୁ ୧୦୮ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ସ୍ଥାପନ କରାଯାଇଥିଲା । ମନ୍ଦିର ସଭାପତି ବିଡିଓ ସଦାଶିବ ନାୟକ ଓ ତାଙ୍କର ସ୍ତ୍ରୀ ସରସ୍ୱତୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସମୀକ୍ଷା ନାୟକ ପୂଜାରେ ସାହାଯ୍ୟ କରିଥିବା ବେଳେ ପଣ୍ଡିତ ଡିଗ୍ରୀଧର ଦେବତା ହୋମଯଜ୍ଞ କରିଥିଲେ । ଏଥିରେ ବିଭିନ୍ନ ଅଞ୍ଚଳର ସଙ୍କୀର୍ତ୍ତନ ଦଳ ଏବଂ ଶହ ଶହ ଭକ୍ତ ଅଂଶଗ୍ରହଣ କରିଥିଲେ । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା, ଜେକି ସରାପ, ବିଶ୍ୱମ୍ଭର ମୁଣ୍ଡା, ଦିଲୀପ ପ୍ରଧାନ, ସତ୍ୟ ପୁରୋହିତ, କୃଷ୍ଣ ସାହୁ, ଚିତ୍ତ ସରାପ ସହଯୋଗ କରିଥିଲେ ।

# ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଇରାସିସଙ୍କ ଜାମିନ ମଞ୍ଜୁର ନେଇ ଚର୍ଚ୍ଚା

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ଜିଲା ଭଟଲି ଥାନା କୁସନପୁରୀ ଗ୍ରାମରେ ଗତ ଜୁନ୍ ୧ତାରିଖରେ ସଂଘଟିତ ଗୁଳିକାଣ୍ଡ ମାମଲାରେ ଗିରଫ ହୋଇ ବରଗଡ଼ ସବ୍‌ଜେଲରେ ଥିବା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଇରାସିସ ଆଚାର୍ଯ୍ୟଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଜାମିନ ମିଳିଥିବା ନେଇ ଚର୍ଚ୍ଚା ଚାଲିଛି । ଜାମିନ ମଞ୍ଜୁର ଖବର ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ସେହିପରି ସୁପ୍ରିମକୋର୍ଟରେ ଇରାସିସ୍‌ଙ୍କୁ ଜାମିନ ମିଳିଛି ଏବଂ ଦିନେ ଦୁଇଦିନ ମଧ୍ୟରେ ଜାମିନ ଅର୍ଡ଼ର କପି ମିଳିଯିବ ବୋଲି ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି। ଜାମିନ ଖବର ପ୍ରଘଟ ହେବା ପରେ ଇରାସିସ୍‌ଙ୍କ ସମର୍ଥକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି । ପ୍ରକାଶଥାଉକି, ଗତବର୍ଷ ଜୁନ ୧ତାରିଖରେ ଇରାସିସଙ୍କ ଘରେ ଗୁଳିକାଣ୍ଡ ଘଟିଥିଲା । ଏହି ଗୁଳିକାଣ୍ଡରେ ସେତେବେଳେ ସୋହେଲାର ନାରାୟଣ ସତନାମୀ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଉକ୍ତ ଘଟଣାରେ ପୂର୍ବରୁ ଦୁଇ ଅଭିଯୁକ୍ତ ସୋହେଲାର ବବ୍‌ଲୁ ନାଗ ଓ ପ୍ରମୋଦ ପୋଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଗତ ବର୍ଷ ଜୁଲାଇ ୨୬ତାରିଖରେ ଇରାସିସଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଥିଲା ଏବଂ ସେହିଦିନଠାରୁ ଇରାସିସ୍ ବରଗଡ଼ ସବଜେଲରେ ଅଛନ୍ତି । ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଇରାସିସ୍ ଭାଜପାର ଆଶାୟୀଙ୍କ ମଧ୍ୟରୁ ଆଗଧାଡ଼ିରେ ରହିଥିବାବେଳେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ତାଙ୍କୁ ଜାମିନ ମିଳିଥିବାରୁ ସମର୍ଥକମାନେ ଉତ୍ସାହିତ ହୋଇ ପଡ଼ିଥିବା ପରିଲକ୍ଷିତ ହୋଇଛି ।

# ଦୁର୍ନୀତି ଲୋପ ପାଇଁ ସୂଚନା ଅଧିକାର ଏକମାତ୍ର ପନ୍ଥା

**ଗାଇସିଲେଟ,୧୯।୨(ଡି.ଏନ.ଏ)**

ଓଡିଶା ସୂଚନା ଅଧିକାର ଅଭିଯାନ ଆହ୍ୱାନରେ ଦୁର୍ନୀତିମୁକ୍ତ ରାଜ୍ୟ ଗଠନ ସକାଶେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ବରଗଡ଼ ଜିଲା ଗାଇସିଲେଟ ବ୍ଲକ ସାମ୍‌ନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅଧିକାର ଅଭିଯାନର ଗାଇସିଲେଟ ବ୍ଲକ ଆବାହକ ଅଶୋକ କୁମାର କଲେତ, ବିଜେପୁର ବ୍ଲକ ଆବାହକ ସୁଶାନ୍ତ କୁମାର ଗର୍ତିଆ ପ୍ରମୁଖ ଯୋଗଦେଇ ଦୁର୍ନୀତି ଲୋପ ପାଇଁ ସୂଚନା ଅଧିକାର ଏକମାତ୍ର ପନ୍ଥା ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଅଞ୍ଚଳର ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ । ସଚେତନ ନାଗରିକ କମିଟି ସଭ୍ୟ ଅରବିନ୍ଦ ପଣ୍ଡା ଉପସ୍ଥିତ ଥିଲେ ।



ଗାଇସିଲେଟ ବ୍ଲକ ଅଫିସ୍ ଆଗରେ ସୂଚନା ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମ ଚାଲିଛି ।

■ ଦିନକ ପରେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

# ୨୦୩୬କୋଟି ଟଙ୍କାର ପ୍ରକଳ୍ପର ହେବ ଶିଳାନ୍ୟାସ, ଉଦ୍‌ଘାଟନ

**ବରଗଡ଼ ଅଫିସ୍,୧୯।୨**

ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସୁଛନ୍ତି । ସେ ତାଙ୍କ ଏହି ଗସ୍ତରେ ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ଇଚ୍ଛାପାଲିରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ଏହା ସହିତ ଜିଲାର ବିକାଶ ପାଇଁ ୨୦୩୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବିଜେଡ଼ି ରାଜ୍ୟ ଉପସଭାପତି ତଥା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଏହି ସୂଚନା ଦେଇଛନ୍ତି । ସେ କହିଥିଲେ, ମୁଖ୍ୟମନ୍ତ୍ରୀ ଯେତେବେଳେ ଯାହା କହିଛନ୍ତି, ତାହା କାମରେ ଦେଖାଇ ଆସୁଛନ୍ତି । ଏହି କ୍ରମରେ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏଠାକାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରିବାକୁ ଆସୁଛନ୍ତି । ସେହିପରି ସଭାମଞ୍ଚରେ କୌଣସି ଦଳୀୟ ନେତା ରହିବେ ନାହିଁ, କେବଳ ମୁଖ୍ୟମନ୍ତ୍ରୀ ଏବଂ ଚାଷୀ, ଅଞ୍ଚଳର କିଛି ସାହିତ୍ୟିକ, କବି ମଞ୍ଚାସୀନ ହେବେ । ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ମଧ ମତ ରଖିଥିଲେ । ମୁଖ୍ୟମନ୍ତ୍ରୀ ଗତ ବିଜେପୁର ଉପନିର୍ବାଚନ ସମୟରେ ଅଞ୍ଚଳର ଚାଷ, ଚାଷୀଙ୍କ ବିକାଶ ପାଇଁ ଗଙ୍ଗାଧର ଜଳସେଚନ ପ୍ରକଳ୍ପ ସମେତ ବିଭିନ୍ନ ପ୍ରକଳ୍ପର ଘୋଷଣା କରିଥିଲେ। ଏହି ପ୍ରକଳ୍ପ ସମେତ ଆହୁରି ଅନେକ ପ୍ରକଳ୍ପ ନେଇ ସେ ଏଠାକୁ ଆସୁଥିବା ସିଂ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି କାର୍ଯ୍ୟକ୍ରମରେ ବରଗଡ଼ ସମେତ ପଡ଼ୋଶୀ ୫ଟି ଜିଲାର ଦେଢ଼ଲକ୍ଷ ଲୋକଙ୍କ ସମାଗମ ହେବ ବୋଲି ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡ଼ି ନେତୃବୃନ୍ଦ ।

ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ, ଉଦଘାଟନ ଉପରେ ବିସ୍ତୃତ ସୂଚନା ଦେଇଥିଲେ । ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ୧୩୪୦କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ଏବଂ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଦ୍ମଶ୍ରୀ ହଳଧର ନାଗ କୋସଲି/ସମ୍ବଲପୁରୀ ସାହିତ୍ୟ ଗବେଷଣା କେନ୍ଦ୍ରର ଶିଳାନ୍ୟାସ, ୪୫୫କୋଟି ୬୬କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସୋହେଲା-ନୂଆପଡ଼ା ବିଜୁ ଏକ୍ସପ୍ରେସ ୱେର ଉଦଘାଟନ କରିବେ ବୋଲି ଆଚାର୍ଯ୍ୟ ସୂଚନା ଦେଇଥିଲେ । ଏହା ସହିତ ବରଗଡ଼ ବ୍ଲକ ପାଇଁ ସମବାୟ ବିଭାଗରୁ ୬ କୋଟି ୯୬ଲକ୍ଷ ୬୫ହଜାର, କୃଷି ବିଭାଗ ପକ୍ଷରୁ ସୋହେଲା ବ୍ଲକ ପାଇଁ ୫୦ଲକ୍ଷ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବରଗଡ଼ ପଞ୍ଚାୟତ କଲେଜ ଗାର୍ଲସ୍ ହଷ୍ଟେଲ ପାଇଁ ୫କୋଟି ୬୫ଲକ୍ଷ, ବରଗଡ଼-ଭେଡ଼େନ କେନାଲ ରାସ୍ତା ପାଇଁ ୨୫୦୦କୋଟି, ବରଗଡ଼ ବିକାଶ ସ୍କୁଲରୁ ହଳଦୀପାଲି ପର୍ଯ୍ୟନ୍ତ ସହର ମୁଖ୍ୟରାସ୍ତାକୁ ୨ଲେନ କରିବା ପାଇଁ ୨୩କୋଟି ୧୧ଲକ୍ଷ ୮୨ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିବେ ବୋଲି ସୂଚନା ଦିଆଯାଇଥିଲା । ତେବେ ଆସନ୍ତା ୨୬ କିମ୍ବା ୨୭ତାରିଖରେ ବରଗଡ଼ ସହର ଉପକଣ୍ଠ ବରଗାଁରେ ନିର୍ମିତ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ ଏବଂ ଖେଦାପାଲିରେ ନିର୍ମିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସି ଜରିଆରେ ଉଦ୍‌ଘାଟନ କରିବେ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ ।

ସେହିପରି ଅମ୍ବାଭୋନା ଓ ଭଟଲି ବ୍ଲକରେ ଶକ୍ତି ବିଭାଗରୁ ୧୮କୋଟି ୭୨ଲକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପଦ୍ମପୁର ଓ ବରପାଲି ବ୍ଲକ ପାଇଁ ୧୬କୋଟି ୮୭ଲକ୍ଷ ୪୨ହଜାର ଟଙ୍କା, ବରପାଲି, ଅତାବିରା ଓ ବିଜେପୁର ଆହାର କେନ୍ଦ୍ର ପାଇଁ ୭୪ଲକ୍ଷ, ଆରଡବ୍ଲୁଏସଏସ ବିଭାଗରୁ ଅତାବିରା ଓ ସୋହେଲା ପାଇଁ ୧କୋଟି ୨୭ଲକ୍ଷ ୬୦ ହଜାର, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅମ୍ବାଭୋନା, ଭେଡ଼େନ ଓ ଝାରବନ୍ଧ ବ୍ଲକ ପାଇଁ ୬୫କୋଟି ୪୫ଲକ୍ଷ ୧୯ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ ବୋଲି ସୂଚନା ଦିଆଯାଇଥିଲା ।

## ସଂକ୍ଷେପରେ

### ଗୁଜାପାହାଡ ମାଘମେଳା ଉଦ୍‌ଯାପିତ

ଲଖନପୁର,୧୯।୨(ଡି.ଏନ୍.ଏ.): ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ତିଲିଆ ପଞ୍ଚାୟତ ଅଧୀନ ହୀରାକୁଦ ଜଳଭଣ୍ଡାର ନିକଟ ଐତିହାସିକ ଗୁଜାପାହାଡରେ ମଙ୍ଗଳବାର ମାଘମେଳା ସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ସାଧୁସନ୍ଥମାନେ ଯୋଗ ଦେଇଥିଲେ। ନିମାଇଁ ମାଝି, ରୀନା ମାଝି, ଲିଙ୍ଗରାଜ ସାହୁ, ପଦ୍ମାଳୟା ସାହୁ, ଚତୁର୍ଭୁଜ ଭୋଇ, ଚତୁର୍ଭୁଜ ବଢେଇ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ବନହରପାଲି ଥାନା ଓ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ୍ ତରଫରସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଆୟୋଜକ ଚେନତା ସିଦ୍ଧବାବା ଆଶ୍ରମ କମିଟିର ତରୁଣ ବାରିକ, ଜୟପ୍ରକାଶ ସାହୁ, ଗିରିଶଚନ୍ଦ୍ର ରାଉତ, ଜୟରାମ ଗନିକ, ଭଗବାନ ସାହୁ, ଚକ୍ରଧର ଗନିକ, ନାରାୟଣ ସାହୁ, ତତ୍ୱ ବର୍ଗତି, ବୁଦ୍ଧୁ ବର୍ଗତି, ଘନଶ୍ୟାମ ସା, ସୁକଦେବ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୨ ଗୁରୁତର

କୋଲାବିରା,୧୯।୨(ଡି.ଏନ୍.ଏ.): କୋଲାବିରା ଥାନା ଅନ୍ତର୍ଗତ ସୋଡ଼ାମାଲ ଭେଡନ ବ୍ରିଜ ନିକଟ ଅମନାପାଲିକୁ ଯାଇଥିବା ରାସ୍ତାର ଗଣାବୁରେଇ ନିକଟ ବୁଲାଣିରେ ମଙ୍ଗଳବାର ରାତିରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଫଳରେ ଉଭୟ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଜଣେ ହେଲେ ସମ୍ବଲପୁର ଜିଲା ଜମନକିରା ଗ୍ରାମର ଶ୍ରୀକର ସାହୁ ଏବଂ ନ୍ୟ ଜଣେ ଝାରସୁଗୁଡା କାତିକେଲାର ମୁକେଶ ଘୁଘରା। ଏମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠା ଯାଇଛି।

### ୮ ପ୍ରକଳ୍ପ ପାଇଁ ୧୨୦୦ କୋଟିର ପୁଞ୍ଜିନିବେଶ

ଭୁବନେଶ୍ୱର,୧୯।୨(ବ୍ୟୁରୋ): ରାଜ୍ୟରେ ୮ଟି ପ୍ରକଳ୍ପ ଜରିଆରେ ୧୨୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଏହି ସମସ୍ତ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ କମିଟିର ଅନୁମୋଦନ ମିଳିଛି। ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୫୧୬୨ ବ୍ୟକ୍ତିବିଶେଷଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ମଙ୍ଗଳବାର ସଚିବାଳୟରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ରହିଛି-ଡାଉନ୍‌ଷ୍ଟ୍ରିମ୍ ଷ୍ଟିଲ୍ ଏବଂ ଆଲୁମିନିୟମ, ଫୁଡ୍ ପ୍ରୋସେସିଂଙ୍ଗ୍, ଆତିଥ୍ୟତା, ଆଇରନ୍ ଏବଂ ଷ୍ଟିଲ, ପ୍ଲାଷ୍ଟିକ ପାଇପ ଏବଂ ଫିଟିଙ୍ଗ୍ ସାମଗ୍ରୀ। ଆଦିତ୍ୟ ବିର୍ଲା ଫ୍ୟାସନ୍ ରିଟେଲ ଲିଃ ୧୧୪ କୋଟି ପୁଞ୍ଜିନିବେଶରେ ୨୭୫୦ ନିଯୁକ୍ତି ସୁଯୋଗ, ଜେମିନି ଏଡିବଲ୍ ଏଣ୍ଡ ଫ୍ୟାଟ୍ସ ଅଫ୍ ଇଣ୍ଡିଆ ୩ କୋଟି ପୁଞ୍ଜିନିବେଶରେ ୫୨୫ ନିଯୁକ୍ତି ସୁଯୋଗର ଲକ୍ଷ୍ୟ ରଖିଛି। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍‌ଏଲ୍‌ଆର ୬୧.୫ କୋଟିରେ ୩୫, କୁର୍ଲନ ୬୫ କୋଟିରେ ୩୫, ସ୍ୱସ୍ତି ଗ୍ରୁପ୍ ୬୪.୫୮ କୋଟିରେ ୨୨୦, ଆଷ୍ଟ୍ରଲ ପଲିଟେକନିକ୍ ୧ ୯.୮୧ କୋଟିରେ ୨୫୦ ଅଗ୍ରସେନ୍ ସ୍ୱଞ୍ଜ ୧୯୮.୫୭ କୋଟିରେ ୪୬୧ ଏବଂ ଶ୍ରୀହରି ସ୍ୱଞ୍ଜ ପ୍ରାଇଭେଟ୍ ଲିଃ ୨୮୪ କୋଟି ୨୫୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗର ଲକ୍ଷ୍ୟ ରଖିଛି।

■ଦକ୍ଷିଣ-ପୂର୍ବ ଏସିଆର ପ୍ରଥମ

# ଆଲୁମିନିୟମ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ଶିଳାନ୍ୟାସ

ଝାରସୁଗୁଡ଼ା ଅଫିସ,୧୯।୨

ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବାକୁ ଥିବା ରୁନାୟା ରିଫାଇନିଂ ପ୍ଲାଣ୍ଟର ମଙ୍ଗଳବାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ୬୪ କୋଟି ୪୩ ଲକ୍ଷ ଟଙ୍କାର ଏହି ଆଲୁମିନିୟମ୍ ବର୍ଜ୍ୟ ପ୍ରକ୍ରିୟାକରଣ କାରଖାନାର ଶିଳାନ୍ୟାସ କରିଛନ୍ତି। ରୁନାୟା ରିଫାଇନିଂରେ ବେଦାନ୍ତ ଆଲୁମିନିୟମରୁ ନିର୍ଗତ ଆଲୁମିନିୟମ ବର୍ଜ୍ୟର ପୁନଃ ପ୍ରକ୍ରିୟାକରଣ ହୋଇ ବ୍ୟବହାର ଉପଯୋଗୀ କରାଯିବ। ସେଥିରୁ ପ୍ରସ୍ତୁତ ଉତ୍ପାଦ ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ଇସ୍ପାତ ଶିଳ୍ପରେ ବ୍ୟବହୃତ ହେବ। ରୁନାୟା ରିଫାଇନିଂ କାର୍ଯ୍ୟକ୍ଷମ ହେବା ଦ୍ୱାରା ଆଲୁମିନିୟମ ସ୍ମେଲ୍ଟରରୁ ନିର୍ଗତ ଅବ୍ୟବହୃତ ଡ୍ରସ୍ (ବର୍ଜ୍ୟ) ଉପଯୋଗ ହେବ। ଏହି ଶିଳ୍ପ ଜିରୋ ୱେଷ୍ଟ ଏବଂ ଜିରୋ ଡିସ୍‌ଚାର୍ଜେବଲ୍ ହୋଇଥିବାରୁ ପରିବେଶ ଉପଯୋଗୀ ସାବ୍ୟସ୍ତ ହେବ। ଏଥିରେ ବ୍ୟବହୃତ ବୈଷୟିକ ଜ୍ଞାନକୌଶଳ ଦକ୍ଷିଣ-ପୂର୍ବ ଏସିଆରେ ପ୍ରଥମଥର ବ୍ୟବହାର ହେଉଥିବା କମ୍ପାନୀ ସୂଚନା ଦେଇଛି।

ଏହି ଶିଳାନ୍ୟାସ ଅବସରରେ ରୁନାୟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ୟ ଅଗ୍ରୱାଲ ଯୋଗଦେଇ କହିଲେ, ରୁନାୟା ରିଫାଇନିଂ ଆଲୁମିନିୟମ ଶିଳ୍ପକୁ ସଷ୍ଟେନେବଲ ଏବଂ ଇନୋଭେଟିଭ୍ ସଲ୍ୟୁଶନ୍ ଯୋଗାଇବ। ଫଳରେ ଆଲୁମିନିୟମ ଶିଳ୍ପର ବିକାଶ ନିଶ୍ଚିତ ହେବ। ଏହି ରିଫାଇନେରି ପ୍ଲାଣ୍ଟରେ ବାର୍ଷିକ ୩୦ ହଜାର ଟନ୍ ଆଲୁମିନିୟମ ବର୍ଜ୍ୟ ପ୍ରକ୍ରିୟାକରଣ ହେବ। ଯେଉଁଥିରେ ୧୭୫ ଜଣ ନିଯୁକ୍ତି ସୁଯୋଗ ପାଇବେ। ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ଦାସ, ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ବେଦାନ୍ତ ସିଇଓ ଅଭିଜିତ ପତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ।



ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଅତିଥି।

# ସୁରକ୍ଷା ପାଇଁ ଗଠନ ହେବ ପରିବେଶ ସେନା

ଝାରସୁଗୁଡା ଅଫିସ,୧୯।୨

ଜିଲା ପରିବେଶ ସମିତି ପକ୍ଷରୁ ପରିବେଶ ବଞ୍ଚାଅ ଶୋଭାଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୨୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୧ରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡା, ଲଇକେରା, କୋଲାବିରା ଏବଂ କିର୍ମିରା ବ୍ଲକ୍ ଭ୍ରମଣ କରିବ। ଦ୍ୱିତୀୟ ପର୍ଯ୍ୟାୟରେ ଲଖନପୁର ବ୍ଲକର ୩୩ଟି ପଞ୍ଚାୟତ ଭ୍ରମଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେବ। ପ୍ରତି ପଞ୍ଚାୟତର ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ ସହ ପ୍ଲାଷ୍ଟିକ ବର୍ଜନ, ବିଜୁଳି ସଂରକ୍ଷଣ ଜନିତ ବାର୍ତ୍ତା ଦିଆଯିବ। ସେହିପରି ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ପରିବେଶ ସେନା ଗଠନ ହେବ ବୋଲି ଅଭିଯାନର ମୁଖ୍ୟ ପ୍ରଫେସର ଧ୍ରୁବରାଜ ନାଏକ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପ୍ରତି ସ୍କୁଲସ୍ତରରେ ସରକାର ପରିବେଶ ବଞ୍ଚାଅ ସମିତି ଗଠନ କରିବାକୁ ପ୍ରଫେସର ଟହଲୁ ସାହୁ ଅନୁରୋଧ କରିଛନ୍ତି। ତେବେ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ବରିଷ୍ଠ ନାଗରିକ ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ତାପସ ରାୟ ଚୌଧୁରୀ, ନରେଶ ନାଏକ, ପ୍ରହଲ୍ଲାଦ ନାଏକ ଡମ୍ବରୁଧର ପୂଜାରୀ ପ୍ରଜ୍ୱଳ ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି


କୋଲାବିରା ଅଞ୍ଚଳରେ ଶହୀଦ ଯବାନଙ୍କ ପାଇଁ ଶୋଭାଯାତ୍ରା ବାହାରିଛି।

କିର୍ମିରା,୧୯।୨(ଡି.ଏନ.ଏ.)

ଝାରସୁଗୁଡା ଜିଲା ଅନ୍ତର୍ଗତ କିର୍ମିରା, ବାଗଡିହି, ଅର୍ଡା, ଚମ୍ପାପଡା ଗ୍ରାମରେ ପୁଲୱାମାର ଶହୀଦ ଯବାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ବାଗଡିହିରେ ସମସ୍ତ ଦୋକାନବଜାର ବନ୍ଦଥିବା ବେଳେ ଗ୍ରାମବାସୀ ରାଲି କରି ପାକିସ୍ତାନ ବିରୋଧୀ ନାରା ଦେଇ ପାକିସ୍ତାନ ଜାତୀୟ ପତାକା ପୋଡିଥିଲେ। ଏହି ଅବସରରେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା। ଗ୍ରାମବାସୀ କ୍ୟାଣ୍ଡେଲ ଜାଳି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

**କୋଲାବିରା,(ଡି.ଏନ.ଏ.)** ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା କୋଲାବିରା ବ୍ଲକ ଯୁବ ଆୟୋଜକ ସମିତି ତଥା କୋଲାବିରା ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ରାଜପ୍ରାସାଦ ପ୍ରାଙ୍ଗଣରେ ସମସ୍ତେ ଏକତ୍ରୀତ ହୋଇ ନିରବ ପ୍ରାର୍ଥନା କରିଥିଲେ। କରୁଣାକର ଛକସ୍ଥିତ କରୁଣାକରଙ୍କ ପ୍ରତିମୂର୍ତ୍ତି ନିକଟରେ ଶୋକଶଭାର ଆୟୋଜନ କରାଯାଇଥଲା। ବୀରେନ୍ଦ୍ର କୁମାର ମହାପାତ୍ର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ମାନଭଞ୍ଜନ ସିଂହ, ରୁଦ୍ର ପ୍ରତାପ ସିଂହ, ମନ୍ମଥନାରାୟଣ ସିଂହ, ଯୁଗିଆ ଦାସ, ଅରୁଣ କୁମାର ବେହେରା, ଦେବେନ୍ଦ୍ର ଶତପଥୀ, ଆଇନଜୀବୀ ଧୀରେନ୍ଦ୍ର କୁମାର ଶତପଥୀ, ସୁହାନି ସିଂହ, ଫକିର ସାହୁ, ଗୁନଗୁନ ଶତପଥୀ, ମନୋଜ ଧୁରୁଆ, ପରମେଶ୍ୱର ନାଏକ, ରାଜେଶ ନେଟୀ, ଅଭିନୟ ନାଏକ, ପ୍ରଫୁଲ୍ଲ କାଲୋ, କମଲ ଧୁରୁଆ, ଶିବଶଙ୍କର କୁମୁରା, ଯୋଗେଶ୍ୱର ମାଝି, ଚିତ୍ରସେନ ସମର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଝରିଆ ଯାଦବ ମହାସଭା

କୋଲାବିରା ୧୯।୨(ଡି.ଏନ.ଏ.)

କୋଲାବିରା ବ୍ଲକ ଭାଲୁମାଲ ଶିବ ମନ୍ଦିର ପ୍ରାଙ୍ଗଣରେ ଝାରସୁଗୁଡା ଜିଲା କୋଲାବିରା ଏବଂ କିର୍ମିରା ବ୍ଲକ ଅଞ୍ଚଳର ଝରିଆ ଯାଦବଙ୍କ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କିର୍ମିରା ବ୍ଲକର ସଭାପତି ତେଜରାମ ଭଇଁଷାଙ୍କ ସଭାପତିତ୍ୱ କରିଥିଲେ। ଓଡିଶା ରାଜ୍ୟ ମହାସଚିବ ତଥା ଝାରସୁଗୁଡା ଜିଲା ଯାଦବ ସମାଜର ଉପଦେଷ୍ଟା ଯୁଗଳ କିଶୋର ପରୁଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଝରିଆ ଯାଦବ ସମାଜର ସାମାଜିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାଜନୈତିକ ଉତ୍‌ଥାନ ସହ ଶୃଙ୍ଖଳିତ ଜୀବନଯାପନ ନେଇ ଆହ୍ୱାନ ଦେଇଥିଲେ। କୋଲାବିରା ବ୍ଲକ ସଭାପତି ତ୍ରିନାଥ ଡିଲା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସମାଜର ଏକତା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ହାତୀ ସାମାଜିକ କାର୍ଯ୍ୟକ୍ରମରେ ମିଳିମିଶି କାର୍ଯ୍ୟ କରିବାକୁ ଅହ୍ୱାନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କିର୍ମିରା ବ୍ଲକ ଯୁବ ଯାଦବ ସଭାପତି ତପନ ସା, ଉପଦେଷ୍ଟା ଗୋବର୍ଦ୍ଧନ ପରୁଆ, ସମ୍ପାଦକ ଗିରିଧାରୀ ଭଇଁଷା, ରବିରତ୍ନ ବଗାର, ଶିବ ଭଇଁଷା, ନାରେନ ପରୁଆ, ପ୍ରମୋଦ ପରୁଆ, ଡିଲେଶ୍ୱର ଖଣ୍ଡା, ଶଙ୍କର ରକ୍ସା, ନିରଞ୍ଜନ ଖର୍ସେଲ ପ୍ରମୁଖ ଯୋଗ ଦେଇଥିଲେ। କୃପାନିଧି ପରୁଆ, ବିରେନ ବନଛୁର, ଗୋପାଲ ବନଛୁର, ଭୁକୁଲ ବନଛୋର ପ୍ରମୁଖ ଯୋଗ ଦେଇଥିଲେ। ଖଡିଆନାଲରେ ଶ୍ରୀକୃଷ୍ଣ ମନ୍ଦିର ଏବଂ ତେଲିଡିହିରେ ଯାଦବ ସମାଜର କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଗିରିଧାରୀ ଭଇଁଷା ଧନ୍ୟବାଦ ଅର୍ପଣ କରିଥିଲେ।


ଭାଲୁମାଲ ଶିବ ମନ୍ଦିର ପ୍ରାଙ୍ଗଣରେ ଝାରସୁଗୁଡା ଜିଲା କୋଲାବିରା ଏବଂ କିର୍ମିରା ବ୍ଲକ ଅଞ୍ଚଳର ଝରିଆ ଯାଦବଙ୍କ ମହାସଭା ଚାଲିଛି।

# ଶହୀଦଙ୍କୁ ସମୂହ ଶ୍ରଦ୍ଧାଞ୍ଜଳି

ଦେବଗଡ,୧୯।୨(ସ୍ୱ.ପ୍ର)

ଆତଙ୍କବାଦୀ ଆକ୍ରମଣରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଯବାନଙ୍କୁ ଦେବଗଡ ସାହାରା ଇଣ୍ଡିଆ ପରିବାର ସେମାନଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଂଜଳୀ ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କଚେରୀ ନିକଟସ୍ଥ ସାହାରା ଇଣ୍ଡିଆ କାର୍ଯ୍ୟାଳୟରୁ ପରିବାରର ସଦସ୍ୟ ମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ନଗର ପରିକ୍ରମା କରି ସ୍ଥାନୀୟ ଗୋପବନ୍ଧୁ ଛକରେ ସମୂହ କ୍ୟାଣ୍ଡେଲ ଦେଇ ଶ୍ରଦ୍ଧାଞ୍ଜଳୀ ପୂର୍ବକ ନୀରବ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶାଖା ପରିଚାଳକ ରବୀନ୍ଦ୍ର ପାଣ୍ଡେ, ଅଶୋକ ଶତପଥି, ଉଦିପ୍ତ ନାୟକ, ସଂଜୟ ମହାପାତ୍ର, ବିରଂଚି ବେହେରା ଲକ୍ଷ୍ମିପ୍ରୀୟା ନାୟକ, ଅବନି ମିଶ୍ର, ସାବିତା ପ୍ରଧାନ ସମତେ ଅନ୍ୟ ସଦସ୍ୟ ସାମିଲ ହୋଇଥିଲେ। ସେହିପରି ବାରକୋଟ ବ୍ଲକ ବ୍ୟବସାୟୀ ସଂଘ ପକ୍ଷରୁ ଅନୁରୁପ ଭବେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିବେକାନନ୍ଦ ସାହୁ, ବିଶିକେସନ ସ୍ୱାଇଁ, ମହେଶ୍ୱର ପ୍ରଧାନ, ସମ୍ପିତ ସାହୁ, ଅରୁଣ ସାହୁ, ହର ମୋହନ ପାଣି, କ୍ଷୀରୋଦ ବିହାରୀ ସାହୁ,ଦୁଃଶାସନ ଗୁରୁ, ଅଜିତ ଦେହୁରୀଙ୍କ ସମତେ ସିଆରପିଏଫ ର ୫୦ଜଣ ଯବାନ ମଧ୍ୟ ସାମିଲ ରହି ବଣାଇ ଛକରୁ ଏକ ଶୋଭାଯାତ୍ରାରେ ଜାତୀୟ ପତାକା ଧରି ବିଭିନ୍ନ ନାରାବାଜୀ ଦେଇ ପରିକ୍ରମା କରିଥିଲେ ଏବଂ ତାଙ୍କର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କାମନା କରିଥିଲେ।


ଗୋପବନ୍ଧୁ ଛକରେ ସାହାରା ଇଣ୍ଡିଆ ପରିବାର ପକ୍ଷରୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଉଛି।


ଦେବଗଡ଼ରେ ଯବାନମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶୋଭାଯାତ୍ରାରେ ଯାଉଛନ୍ତି।

■ବଜରଙ୍ଗ କ୍ରିକେଟ କପ୍

# ରାଜୀବ ଗାନ୍ଧୀ କ୍ଲବକୁ ହରାଇଲା ବଡ଼ବିଲ

ଦେବଗଡ,୧୯।୨(ସ୍ୱ.ପ୍ର)

ଦେବଗଡ ପୌରାଞ୍ଚଳର ମହୁଲଡିପାସାହି ସ୍ଥିତ ନାଳପଡିଆଠାରେ ଆୟୋଜକ ମହାବୀର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ନବମ ସର୍ବ ଭାରତୀୟ ବଜରଙ୍ଗ୍ କ୍ରିକେଟକପ୍ ମଙ୍ଗଳବାର ବଡବିଲ ଏବଂ ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ, ଦେବଗଡ ମଧ୍ୟରେ ପୁଲ ବି ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବଡବିଲ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ଫିଲଡିଂ ନେଇଥିଲା । ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଙ୍ଗ କରି ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୯୯ ରନ ସଂଗ୍ରହ କରିଥିଲା । ଦଳର ଶିବା ମୁଖି ୨୫ ବଲରେ ଧୁଆଁଧାର ୫୪ ରନ ସଂଗ୍ରହ କରିଥିବାବେଳେ ରକି ୨୫ ବଲରେ ୪୨ ରନ କରିଥିଲେ । ବଡବିଲର ଏମଡି ନିଶାର ୩ ଓଭରରେ ୧୯ ରନ ଦେଇ ୩ ଟି ଉଇକେଟ ଏବଂ ପ୍ରଶାନ୍ତ ରାଉତରାଏ ୪ ଓଭରରେ ୩୮ରନ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବଡବିଲ ଦଳ ପ୍ରଶାନ୍ତ ରାଉତରାଏ ୩୧ ବଲରେ ୬୨ରନ ଅମିତ କୁମାର ସାହୁ, ୩୭ ବଲରେ ୬୨ ରନ କରିଥିଲେ । ୧୭.୫ ଓଭରରେ ୬ ଉଇକେଟ ହରାଇ ୨୦୧ ରନ କରି ବିଜୟୀ ହୋଇଥିଲା। ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ପକ୍ଷରୁ ମାନସ କୁସୁମ ଓ ସଂଜିବ ଭଜ ୨ଟି ଲେଖାଁଏ ଉଇକେଟ ଅକ୍ତିଆର କରିଥିଲେ । ଖେଳକୁ ଅମ୍ପାୟାର ଭାବେ ଏମଡି ଇଶାକ୍ ଏବଂ ପ୍ରଭଂଜନ ବାଳା ଖେଳ ପରିଚାଳନା କରିଥିବାବେଳେ ଆଲୋକ ମହାପାତ୍ର ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। ସେହିପରି ପ୍ରୀତମ ବେହେରା (ଲିପୁ) ଖେଳର ଧାରା ବିବରିଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ କ୍ଲବର ସଭାପତି ସୁଶାନ୍ତ ନନ୍ଦ, ଉପ ସଭାପତି କାର୍ତ୍ତିକ ମହାକୁଲ, ସମ୍ପାଦକ ଟିକେଶ୍ୱର ଗୁରୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବଡବିଲର ପ୍ରଶାନ୍ତ ରାଉତରାଏଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଭେଟେରାନ କ୍ରିକେଟ ଖେଳାଳି ଅଜିତ କୁମାର ମୋଦିଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜକ କ୍ଲବର ପଞ୍ଚାନନ ଆଚାର୍ଯ୍ୟ, ଚିନ୍ମୟ ଦାଶ, ଛବିଲ ଡଣ୍ଡିଆ, ରାଜେନ୍ଦ୍ର ଦେବ, କୁନା ଦେବ, ପ୍ରଶାନ୍ତ ଦେବ, ତନ୍ମୟ ଦାଶ, କାହ୍ନା ଦେବଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ପୁଲ ବି ର ଦ୍ୱିତିୟ ମ୍ୟାଚ ବଡବିଲ ଏବଂ ରାଂଚି କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।



ବଡବିଲର ପ୍ରଶାନ୍ତ ରାଉତରାଏଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି।



“ କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବାଇକ୍ ଚୋରି ର୍ୟାକେଟ ଠାବ

ରେଢ଼ାଖୋଲ,୧୯।୨(ଡି.ଏନ.ଏ.)

ରେଢ଼ାଖୋଲ ପୋଲିସ ଏକ ବାଇକ୍ ଚୋରି ର୍ୟାକେଟକୁ ଠାବ କରିଛି। ହେଲେ ତଦନ୍ତ ପ୍ରକ୍ରିୟା ଚାଲିଥିବା ଯୋଗୁ ତଥ୍ୟ ଦେବାକୁ ପୋଲିସ ମନା କରୁଛି। ସମ୍ବଲପୁର, ସୋନପୁର, ରେଢ଼ାଖୋଲ ପ୍ରଭୃତି ଅଞ୍ଚଳରୁ ବାଇକ ଚୋରି କରିଥିବା ଏକ ର୍ୟାକେଟକୁ ପୋଲିସ ଠାବ କରିଛି। ଏଥିରେ ସଂପୃକ୍ତ କେତେଜଣ ଲୁଟେରାଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ସହିତ ୧୦ରୁ ଊର୍ଦ୍ଧ୍ୱ ବାଇକ ଜବତ କରିଛି।

### ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,୧୯।୨(ବ୍ୟୁରୋ)

ସମ୍ବଲପୁର- ତାଳଚେର ରେଳପଥ ଯୁଯୁମୁରା ଥାନା ଗଡଗଡବାହାଲ ନିକଟରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁଯୁମୁରା ପୋଲିସ ଏହାକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି । କେହି ହତ୍ୟା କରି ରେଳ ଧାରଣାରେ ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି । ଏ ନେଇ ଥାନାରେ କେଶ ନଂ. ୨୨/୧୯ରେ ହତ୍ୟା ମାମଲା ରୁଜୁ ହୋଇଛି । ମୃତ ଯୁବକଙ୍କ ବେକରେ କ୍ଷତ ଚିହ୍ନ ଥିବା ବେଳେ ମୁଣ୍ଡର ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଇଛି।

### ରୋହିଦାସ ନଗରରେ ରବି ଦାସ ଜୟନ୍ତୀ

ସମ୍ବଲପୁର, ୧୯।୨ (ବ୍ୟୁରୋ)

ସନ୍ଥ ଶିରୋମଣୀ ଗୁରୁ ରବି ଦାସଙ୍କ ଜୟନ୍ତୀ ମଙ୍ଗଳବାର ସମ୍ବଲପୁର ମୁଦିପଡା ରୋହିଦାସ ନଗରଠାରେ ପାଳିତ ହୋଇଯାଇଛି । ଓଡିଶା ରୋହିଦାସ ସମାଜର କୁନ୍ଦୁରୁ ଦାସଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଡା. ପୁରୁଷୋତ୍ତମ ଅଗ୍ରୱାଲ, ଓ ଡା. ଜୟଦେବ ମେହେର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସୁରେଶ ମେହେର, ଉମା ମେହେର, ଜୟନ୍ତୀ ମେହେର, ଲଳିତା ମିରିଗ ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଶୋଭାଯାତ୍ରା ରୋହିଦାସ ନଗରରୁ ବାହାରି ମୁଦିପଡା, ଡ. ଭୀମରୋଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା ।

### ଶହୀଦ ସିଆରପିଏଫ ଯବାନଙ୍କ ପାଇଁ ସମସ୍ତେ ଏକାଠି

# ଗୋଟିଏ ଦିନର ଦରମା ଦେବେ ଅଫିସର, କର୍ମଚାରୀ

ସମ୍ବଲପୁର/ନାକଟିଦେଉଳ/ପଡିଆବାହାଲ/ଧମା/ ଟିପିଲିମା, ୧୯।୨(ବ୍ୟୁରୋ/ଡି.ଏନ.ଏ.)

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆତ୍ମଘାତି ବିସ୍ଫୋରଣରେ ସିଆରପିଏଫର ୪୦ରୁ ଅଧିକ ଯବାନ ଶହୀଦ ହୋଇଛନ୍ତି। ମଙ୍ଗଳବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ଶହୀଦମାନଙ୍କୁ ସମ୍ମାନ ଜଣାଇ ଶୋକସଭା କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଜିଲାପାଳ ଶୁଭମ ସକସେନା, ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଆଇଏସ ଶିକ୍ଷାନବୀଶ ଆଶିଷ ପାଟିଲ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ, ସଦର ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସଦର ଉପଜିଲାପାଳଙ୍କ ଅଫିସ, ସଦର ତହସିଲ, ଜିଲା ମଙ୍ଗଳ ଅଧିକାରୀ ଅଫିସର କର୍ମଚାରୀ ଓ ଅଧିକାରୀମାନେ ଏଥିରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶୋକସଭାରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସୀତାଂଶୁ ତ୍ରିପାଠୀ ଜିଲାପାଳଙ୍କ ଅଫିସରେ କାର୍ଯ୍ୟରତ ସବୁ କର୍ମଚାରୀ ଓ ଅଧିକାରୀମାନେ ନିଜର ଗୋଟିଏ ଦିନର ଦରମା ଶହୀଦଙ୍କ ଉଦ୍ଦେଶ୍ୟରେ ଦେବା ଲାଗି ପ୍ରସ୍ତାବ ଆଗତ କରିଥିଲେ । ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ସମ୍ମତି ଜଣାଇଥିଲେ ।

ନାକଟିଦେଉଳ ଯୁକ୍ତ ତିନି କଲେଜ ଏବଂ ଭାଜପା କାର୍ଯ୍ୟକର୍ତ୍ତା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଗୋବିନ୍ଦ ନାରାୟଣ ଅଗ୍ରୱାଲା, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, ଯଦୁମଣି ପାତ୍ରଙ୍କ ନେତୃତ୍ୱରେ ଯୁକ୍ତ ତିନିର ପ୍ରାୟ ଶତାଧିକ ଛାତ୍ରୀ କଲେଜ କ୍ୟାମ୍ପସରୁ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ସ୍ଥିତ ସି/୧୨ବାଟାଲିୟନ ସିଆରପିଏଫ କ୍ୟାମ୍ପ ପର୍ଯ୍ୟନ୍ତ ଯାଇଥିଲେ । କ୍ୟାମ୍ପ ପରିସର ଶହୀଦ ସ୍ମୃତିସ୍ତମ୍ଭରେ ମହମବତି ଜାଳି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ସେହିପରି ଜଗନ୍ନାଥ ପ୍ରସାଦ ନେତାଜୀ କ୍ରୀଡ଼ା ସାଂସ୍କୃତିକ ସଂସଦ ପକ୍ଷରୁ ମଧ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସିଆରପିଏଫ କ୍ୟାମ୍ପରେ ପହଞ୍ଚି ଥିଲା । ପଡିଆବାହାଲରେ ଦୁର୍ଗା ପୂଜା କମିଟି, ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ସାପ୍ତାହିକ ବଜାର କମିଟି, ଜୟଦୁର୍ଗା ମହାବିଦ୍ୟାଳୟ, ପଧାନପାଲି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ମହମବତି ଶୋଭାଯାତ୍ରାରେ ବାହାରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆମ ଧମା ପ୍ରତିନିଧି ଜଣାଇଛନ୍ତି ଯେ, **ଧମା** ଯୁଥ ଆସୋସିଏସନ୍ ତରଫରୁ ମଧ ପୁଲୱମା ଶହୀଦଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଆମ ଟିପିଲିମା ପ୍ରତିନିଧି ଜଣାଇଛନ୍ତି ଯେ, ସମ୍ବଲପୁର ବିଦ୍ୟୁତ ମଣ୍ଡଳ ଅଧିକାରୀ ଓ କର୍ମଚାରୀମାନେ ଏକତ୍ରିତ ହୋଇ ମଣ୍ଡଳ କାର୍ଯ୍ୟାଳୟରୁ ମହମବତି ଶୋଭାଯାତ୍ରାରେ ବାହାରି ଅଇଁଠାପାଲି ଛକରେ ପହଞ୍ଚିଥିଲେ । ସେଠାରେ ଶହୀଦଙ୍କ ଅମରଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଦ୍ୟୁତ ମଣ୍ଡଳ ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ଗୋଟିଏ ଦିନର ଦରମା ଶହୀଦ କଲ୍ୟାଣ ପାଣ୍ଠିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସନ୍ତୋଷ ଦର୍ଜୀ, ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ରଣା, ପୂର୍ବତନ ନିର୍ବାହୀ ଯନ୍ତ୍ରୀ ସଞ୍ଜିତ ନାୟକ, ଲଳିତ ପଟ୍ଟନାୟକ, ଦେବାନନ୍ଦ ସାମଲ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସେହିଭଳି ବୁର୍ଲା ଭିମସାର ଡିଏମଏଲଟି, ଡିଏମଆରଟି ୟୁନିୟନ ତରଫରୁ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶୋକସଭା ସହିତ କ୍ୟାଣ୍ଡେଲ ରାଲି କରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ୱପ୍ନ ସାର୍ଥକ ମିଶ୍ରଙ୍କ ନେତୃତ୍ୱରେ ଟଙ୍କଧର ପୃଷ୍ଟି, ବବଲୁ ମହାନ୍ତି, ସାଏଦ ନାସିମ ସାହା, ନୟନ କୁମାର ମହାନ୍ତ, ଲକି ମିଶ୍ର, ସଞ୍ଜୟ ବଘାର, କ୍ଷିତିଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଶୋକସଭାରେ ଜିଲାପାଳ ଶୁଭମ ସକସେନା ଓ ଅନ୍ୟ ଅଧିକାରୀମାନେ ।

## ଜମନକିରା ବାବା ମୁକ୍ତେଶ୍ୱର ମନ୍ଦିରରୁ ହୁଣ୍ଡି ଉଠାଇ ନେଲେ ଦୁର୍ବୃତ୍ତ

ଜମନକିରା,୧୯।୨(ଡି.ଏନ୍.ଏ)

ଜମନକିରାର ବାବା ମୁକ୍ତେଶ୍ୱର ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ହୁଣ୍ଡିକୁ ଉଠାଇ ନେଇ ସେଥିରେ ଥିବା ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି। ପରିଚାଳନା କମିଟିର ସଭାପତି ପି.କେ.କାନ୍ନାପାନଙ୍କ ସୂଚନା କ୍ରମେ ମନ୍ଦିରରେ ଜଗୁଆଳି କାର୍ଯ୍ୟ ସାରି ଘରକୁ ଚାଲି ଯାଇଥିଲେ। ୨ ଜଣ ଜେସିବି ମେସିନ କର୍ମଚାରୀ ମନ୍ଦିର ପରିସରରେ ଶୋଇଥିଲେ। ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଆସି କାଚରେ ତିଆରି ହୋଇଥିବା ହୁଣ୍ଡିକୁ ନେଇ ଯାଇଥିଲେ। ମନ୍ଦିର ପାଖରେ ଥିବା କିସାନ ସମାଜର ଘର କଡ଼ରେ ଏହାକୁ ଭାଙ୍ଗି ସେଥିରେ ଥିବା ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ଅବଶ୍ୟ ମାତ୍ର ତିନି ଦିନ ପୂର୍ବରୁ ପରିଚାଳନା କମିଟିର କର୍ମକର୍ତ୍ତା ହୁଣ୍ଡି ଖୋଲି ଭକ୍ତଙ୍କ ଦାନ ଟଙ୍କା ବ୍ୟାଙ୍କରେ ଜମା କରି ଦେଇଥିଲେ। ଏଣୁ ଏହି ତିନି ଦିନ ମଧରେ ଭକ୍ତମାନେ ଯାହା କିଛି ଦାନ କରିଥିଲେ ତାହାକୁ ଦୁର୍ବୃତ୍ତ ନେଇ ଫେରାର୍ ଥିବା କମିଟି ସଭାପତି କହିଛନ୍ତି। ଅନ୍ୟପକ୍ଷେ ଥାନା ଅଧିକାରୀ ବାଳକୃଷ୍ଣ କହଁରଙ୍କ କହିବା ଅନୁଯାୟୀ ଏହା କୌଣସି ପାଖ ଲୋକଙ୍କ କାମ ବୋଲି ଅନୁମାନ କରାଯାଉଛି । ଏ ନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଫାଷ୍ଟଫୁଡ ଦୋକାନରୁ ମଦ ଜବତ, ଜଣେ ଗିରଫ

ରେଙ୍ଗାଲି, ୧୯।୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାର ଦୁଇ ନମ୍ବର ଗେଟ ସମ୍ମୁଖରେ ଥିବା ଏକ ଫାଷ୍ଟଫୁଡ ଦୋକାନରେ ପୋଲିସ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ଜବତ କରି ଜଣଙ୍କୁ ଗିରଫ କରିଛି । ଏହି ଘଟଣାରେ ରେଙ୍ଗାଲି ମାଉଲିନଗର ଅଞ୍ଚଳର ଜୟଲାଲ ଓରାମ (୩୪) ଗିରଫ ହୋଇଛନ୍ତି। ଶ୍ୟାମ ମେଟାଲିକ୍ସ କାରଖାନାର ଦୁଇ ନମ୍ବର ଗେଟ ସମ୍ମୁଖରେ ଏକ ଫାଷ୍ଟଫୁଡ ଦୋକାନ ଦେଇଛନ୍ତି ।



ଜୟଲାଲ ଓରାମ ।

## ରବଗା, ଦହମୁଣ୍ଡାଠାରେ ପଥରଗଡ଼ା ଉତ୍ସବ

ବାମରା,୧୯।୨ (ସ୍ୱ.ପ୍ର.)

ବାମରା ବ୍ଲକ ରବଗା ପଞ୍ଚାୟତ ମଖାପଡା ଓ ଦହମୁଣ୍ଡାଠାରେ ଗ୍ରାମସଭା ଗଠନ ପାଇଁ ପାରମ୍ପାରିକ ପଥରଗଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପେସା ଆଇନ, ଜଙ୍ଗଲ ଅଧିକାର, ଗ୍ରାମସଭାର କ୍ଷମତା, ଜଙ୍ଗଲ ଅଧିକାର ଆଇନ ଓ ଆଦିବାସୀ ଆଇନ ଉପରେ ସଚେତନ କରାଯାଇଥିଲା । ରବଗା ମଖାପଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକମୁକ୍ତି ସଂଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ୫ମ ଅନୁସୂଚି ସହ ଅନ୍ୟ ଅନୁସୂଚି ଓ ଧାରା ବିଷୟରେ ସେ ସଚେତନ କରିଥିଲେ। ରବଗା ଜଙ୍ଗଲ ଅଧିକାର କମିଟି ସମ୍ପାଦକ ଗୁଣନିଧି ନିଖଣ୍ଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମର ଇତିହାସ ବିଷୟରେ ଜଣାଇଥିଲେ । ସମ୍ମାନୀୟ ଅତିଥି ଭାବେ ସୁବନ କୁଜୁର, ଫୁଲଦେବ ସମାଦ, ଉମାକାନ୍ତ ନାଏକ ଯୋଗଦେଇ ଆଦିବାସୀ ଓ ବନବାସୀମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ଅଧିକାର ସମ୍ବନ୍ଧରେ ଜଣାଇଥିଲେ । ସେହିପରି ଦହମୁଣ୍ଡାଠାରେ ମଧ ପଥରଗଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୋମୁଥର କର୍ମକର୍ତ୍ତା ଜିନିତ ସମାଦ ଯୋଗ ଦେଇ ପେସା ଆଇନକୁ ସଂପୂର୍ଣ୍ଣ ଭାବେ ଲାଗୁ କରିବା ପାଇଁ ଦାବି ଜଣାଇଥିଲେ । ଏପ୍ରେମ କୁଲୁ, ଫ୍ରାନ୍ସିସ କୁଲୁ,ଏମଲ୍ୟୁମ ବିଲୁଙ୍ଗ ଓ ଜଗବନ୍ଧୁ କାଲୋ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ନିଜ ମତ ପ୍ରକାଶ କରିଥିଲେ। ନୋରବେଟ କୁଲୁ, ଗ୍ରେଗୋରୀ ସମାଦ, ଜାସିନ୍ତା ସୋରେନ, ସୁକାନ୍ତି ତିର୍କି, ସିଷ୍ଟର ସେରୋଫିନା, କୈଳାଶ ପିଙ୍ଗ, ପାତ୍ର ବାଘ, ମିନକୁ ଲାକ୍ରା, ଦିଗାମ୍ବର ନାଏକ, ଦାୟାଲ ତିର୍କି, କ୍ଷୀରୋଦିନୀ କଉଡି, ପ୍ୟାରି କାଣ୍ଡୁଲାନା, ୟୁଲେଖା ଡାଙ୍ଗ, ଜୋତି ସୁରିନ, ଗାବ୍ରିଏଲ କେର୍କେଟା ଓ ଗୋପାଳ କଉଠିଙ୍କ ସହ ଲୋକମୁକ୍ତି ସଂଗଠନ, ରବଗା ଗ୍ରାମସଭା ଓ ଦହମୁଣ୍ଡା ଗ୍ରାମସଭା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ ।



ରବଗା, ଦହମୁଣ୍ଡାଠାରେ ପଥରଗଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

## ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ



କୁଚିଣ୍ଡା ଟାଉନ ହଲ୍‌ଠାରେ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ ।

**କୁଚିଣ୍ଡା, ୧୯।୨ (ଡି.ଏନ.ଏ.)**

ସାଧାରଣ ନିର୍ବାଚନ- ୨୦୧୯ ପାଇଁ ବୁଥସ୍ତରୀୟ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପରିଦର୍ଶନ ଅଧିକାରୀ, ସେକ୍ଟର୍ ଅଧିକାରୀଙ୍କୁ ନେଇ କୁଚିଣ୍ଡା ଟାଉନ ହଲଠାରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ଯୋଗ ଦେଇଥିଲେ । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବୁଥରେ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଠିକ ଭାବେ ରୁଟ ଚାର୍ଟ ପ୍ରସ୍ତୁତି କରିବା, ଚେକ ଲିଷ୍ଟ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ, ନୂତନ ଭୋଟର ପଞ୍ଜିକରଣ ସକାଶେ ସ୍ୱତନ୍ତ୍ର ଅଭିଯାନ ପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା । ସଭାରେ ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ବିଡିଓ ନିଶିପୁନମ ମିଞ୍ଜ, ବାମରା ବିଡିଓ ସୁଶୀଲ କୁଜୁର, ଜମନକିରା ବିଡିଓ ଅଜୟ ତିୱାରି, ପିଏ ଆଇଟିଡିଏ ପବିତ୍ର ବେହେରା, ଏନଏସି ନିର୍ବାହୀ ଅଧିକାରୀ ଜିତେନ୍ଦ୍ରୀୟ ମହାପାତ୍ର ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ଧମା ହାଇସ୍କୁଲରେ ଉତ୍‌ଥାନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଧମା,୧୯।୨(ଡି.ଏନ.ଏ.)

ମାନେଶ୍ୱର ବ୍ଲକ ଧମା ମଥୁରାପ୍ରସାଦ ହାଇସ୍କୁଲରେ ଚାଲିଥିବା ଉତ୍‌ଥାନ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି। ଗତ ୧୫ ତାରିଖରୁ ଚାରି ଦିନ ବ୍ୟାପି ଚାଲିଥିବା ଏହି ଶିବିରକୁ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ଭାବେ ଗୁରୁଚରଣ ନାଏକ, କୃଷ୍ଣଚନ୍ଦ୍ର ବଡ଼ାଇ ଓ ମହେନ୍ଦ୍ର ବାରିକ ଓ ଅଜୟ ଓରାମ ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ମାନେଶ୍ୱର ବ୍ଲକ ବିଆରସିସି ତଥା ଏବିଇଓ ନାରାୟଣ ରାଉତ ଏବଂ ହିତେଶ ଦଶଭାୟା ଶିବିର ପରିଦର୍ଶନ କରିଥିଲେ। ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷାର୍ଥୀମାନେ ପୁଲୱମା ଶହୀଦଙ୍କ ଉଦ୍ଦେଶ୍ୟରେ ପଠାଇବାକୁ ୨ ହଜାର ଟଙ୍କା ସଂଗ୍ରହ କରି ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ । ଶେଷରେ ପ୍ରଶିକ୍ଷାର୍ଥୀ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ ।



ପ୍ରଶିକ୍ଷକଙ୍କ ଗହଣରେ ଧମା ହାଇସ୍କୁଲରେ ସମସ୍ତ ପ୍ରଶିକ୍ଷାର୍ଥୀ ।

## ବୃହତ୍ ଜଳ ସେଚନ ପ୍ରକଳ୍ପ ନିର୍ମାଣ ଦାବି



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଦାବିପତ୍ର ଦେବା ପାଇଁ ଆସିଥିବା ଭାଜପା କର୍ମକର୍ତ୍ତା।

ସମ୍ବଲପୁର, ୧୯।୨ (ବ୍ୟୁରୋ)

ସମ୍ବଲପୁର ଜିଲା ଲଇଡା, ରେଙ୍ଗଲୋଇ, କିନାଲୋଇ ଅଞ୍ଚଳରେ ବୃହତ ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି । ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ୩ଟି ଅଞ୍ଚଳରେ ପ୍ରାୟ ୯୫ ପ୍ରତିଶତ ପରିବାର କୃଷି ଉପରେ ନିର୍ଭର କରନ୍ତି । ହେଲେ ବିଗତ କିଛି ବର୍ଷ ହେଲା ଜଳ ଅଭାବ ଯୋଗୁଁ ଫସଲ ନଷ୍ଟ ହେଉଛି । ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ମରୁଡି ପରିସ୍ଥିତି ହେଉଛି । ବାରମ୍ବାର ଫସଲ ନଷ୍ଟ ହେବା ଯୋଗୁଁ ଚାଷୀଙ୍କ ଲକ୍ଷାଧିକ ଟଙ୍କା କ୍ଷତି ହେଉଛି । ଚାଷୀମାନେ ଭାଙ୍ଗିପଡି ଶେଷରେ ମାନସିକ ଓ ଶାରୀରିକ ଚାପରେ ଆତ୍ମହତ୍ୟା ଭଳି ପନ୍ଥା ଆପଣାଇବାକୁ ବାଧ ହେଉଛି । ଏଣୁ ଏହି ଅଞ୍ଚଳରେ ଏକ ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉ ବୋଲି ଦାବି କରାଯାଉଛି। ଜିଲା ପରିଷଦ ସଭ୍ୟା ଉତ୍ପଳା ଧୁରୁଆ, ଜୟନାରାୟଣ ନାୟକ, ଭାଜପା ନେତା ନାଉରୀ ନାୟକ, ରାମକୃଷ୍ଣ ଦାଶ, ମୈଥିଳି ଧୁରୁଆ, ଆଶିଷ କୁମାର, ଦିଲୀପ କୁମାର ନାୟକ, ବିକାଶ ପୃଷ୍ଟି, ଡିଳେଶ୍ୱର ରଣା, ଆଶିଷ ପଣ୍ଡା, କେଶବ କୁମାର, ରୂପ ଚାନ୍ଦ, ଅରକ୍ଷୀତ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: ଇନ୍ଦିରା କ୍ଲବ ଖୁଲିଆ ଚାମ୍ପିୟନ

ସମ୍ବଲପୁର, ୧୯।୨ (ବ୍ୟୁରୋ)- ସମ୍ବଲପୁର ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ଖୁଲିଆ ଇନ୍ଦିରା କ୍ଲବ ଚାମ୍ପିୟନ ଏବଂ କୁରେଇଟୋଲା ଭାରତ କ୍ଲବ ରନର୍ସଅପ୍ ଟ୍ରଫି ହାସଲ କରିଛି । ମଙ୍ଗଳବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଖୁଲିଆ ଓ କୁରେଟୋଲା ମଧରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ମ୍ୟାଚର ୨୦ତମ ମିନିଟରେ ଖୁଲିଆର ସୁମିତ ମୁଣ୍ଡା ଦର୍ଶନୀୟ ଗୋଲସ୍କୋର କରିଥିଲେ । ଏହାପରେ ଦୁଇ ଦଳ ମଧରେ ଅଧିକ ଆକ୍ରମଣାତ୍ମକ ଖେଳ ଦେଖିବାକୁ ମିଳିଥିଲା । ଉଭୟ ଦଳର ଖେଳାଳିମାନେ ଗୋଲ ସୁଯୋଗ ପାଇଥିବା ସତ୍ତ୍ୱେ ଫିନିସିଙ୍ଗ୍ ଅଭାବରୁ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲେ । ତେଣୁ ଖୁଲିଆ ୧-୦ ଗୋଲରେ ବିଜୟୀ ହୋଇଥିଲା । ମଝି ପଡିଆରେ ରେଫରି ମନୋଜ ଭୋଇ ମ୍ୟାଚ ପରିଚାଳନା କରିଥିଲେ । ତାଙ୍କୁ ଲାଇନରେ ନନ୍ଦକିଶୋର ନାୟକ ଓ ରାଜାରାମ ଓରାମ ସହଯୋଗ କରିଥିଲେ । କର୍ଣ୍ଣ ବେହେରା ଚତୁର୍ଥ ରେଫରି ଥିଲେ । ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନା ଓ ମନୋରଞ୍ଜନ ପାଢ଼ୀଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ । ସେହିପରି ଜିଲା ସନ୍ତରଣ ସଂଘ ସଭାପତି ଅକ୍ଷୟ କୁମାର ପ୍ରଧାନ, ବିଶ୍ୱମ୍ଭର ବହିଦାର, ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ବିରଜାଶଙ୍କର ହୋତା, ପୁରୁଖା ଖେଳାଳି ଭୀମସେନ ଛତର, ଦେବେନ କୁମାର ସିଂ, ମହମ୍ମଦ ଆସିଫ, ରାଜା ଚାନ୍ଦ, ମହମ୍ମଦ ପରଭେଜ, କାଉନସିଲ ସଭ୍ୟ ଅମୂଲ୍ୟ କୁମାର ମିଶ୍ର, ସୁନୀଲ ସାହୁ, ସୟଦ ଜିନ୍ଦା, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ଟୁର୍ନାମେଣ୍ଟରେ ମୋଟ ୨୬ଟି ଦଳ ଭାଗ ନେଇଥିଲେ । ସେମାନଙ୍କ ମଧରୁ ୨୫ଟି ଲିଗ୍ ମ୍ୟାଚ ହୋଇଥିଲା । ଏହାପରେ ୬ଟି ସୁପରଲିଗ୍ ମ୍ୟାଚ ହୋଇଥିଲା ।



ମଙ୍ଗଳବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିଙ୍କଠାରୁ ଚାମ୍ପିୟନ ଖୁଲିଆ ଦଳ ଟ୍ରଫି ଗ୍ରହଣ କରୁଛନ୍ତି ।

## INTEGRATED TRIBAL DEVELOPMENT AGENCY, SUNDARGARH

Tel. NO.-06622-273057, FAX - 273057, e-mail- itdasng@nic.in

No.427 Date:16.02.2019

**Corrigendum to e-Procurement Notice Bid Identification No. ITDASNG-04/2018-2019**

The date of downloading and opening of tender to the e-Procurement Notice Bid Identification No. ITDASNG-04/2018-2019 is hereby shifted to 18.02.2019 to 25.02.2019 up to 5:00 PM. & 26.02.2019 at 11:00 AM. Respectively. The other terms and condition remain unaltered.

**Sd./-Project Administrator, ITDA, Sundargarh**

## GANGADHAR MEHER UNIVERSITY

Amruta Vihar,Sambalpur-768004

No. 1103/ GMU Date 19.02.19

**TENDER CALL NOTICE**

Gangadhar Meher University, Sambalpur invites sealed tenders in two-bid system (Technical and Financial bid) Books Suppliers/ Vendors/ Distributors/ Subscription Agencies/ Publishers for supply of Books to the Library of G.M. University under RUSA grant. The interested firms may submit their sealed tenders superscribing "Tender for supply of Books to the Library of G.M. University, Sambalpur under RUSA grant", addressed to The Registrar, G.M. University, Amruta Vihar, Sambalpur-768004 by Speed Post/ Registered Post only on or before 3.00 PM of 12.03.2019 positively.

The autority reserves the right to accept or reject any or all the tenders without assigning any reason thereof. Any changes to this tender call notice will only be notified in the University website. For more details please visit the University website www.gmuniversity.ac.in.

**Sd./- REGISTRAR**

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ

ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: ୪୭୫୬/ଭୁ.ଉ.କ., ଭୁବନେଶ୍ୱର ତା୧୧।୦୨।୧୯ରିଖ

KVL-123/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗବିହାର K-4 ଗୃହ ପ୍ରକଳ୍ପ ଅନ୍ତର୍ଗତ LIG ଗୃହ ନଂ.–୯୮୧କୁ ଶ୍ରୀ ରାମଚନ୍ଦ୍ର ମିଶ୍ର, ପିତା: ସ୍ୱର୍ଗତ ନୃସିଂଘଚରଣ ମିଶ୍ର, ଗ୍ରାମ– ନନ୍ଦିପୁର, ପୋ.ଅ.– ନନ୍ଦିପୁର, ଥାନା– ମଙ୍ଗଳପୁର, ଜିଲ୍ଲା– ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନ ଗ୍ରାହୀ ଶ୍ରୀ ରାମଚନ୍ଦ୍ର ମିଶ୍ର ତା୩୦।୦୩।୨୦୧୬ରିଖରେ ମୃତ୍ୟୁବରଣ କରିଅଛନ୍ତି। ଆବଣ୍ଟନ ଗ୍ରାହୀଙ୍କ ମୃତ୍ୟୁ ଅନ୍ତେ ତାଙ୍କର ଉତ୍ତରାଧିକାରୀ ୧. କୁନ୍ତଳା କୁମାରୀ ମିଶ୍ର (ସ୍ତ୍ରୀ), ୨. ସନ୍ତୋଷ କୁମାର ମିଶ୍ର (ପୁଅ), ୩. ସରୋଜ କୁମାର ମିଶ୍ର (ପୁଅ) ଏବଂ ୪. ମଧୁଛନ୍ଦା ମିଶ୍ର (ବିବାହିତ ଝିଅ) ଉକ୍ତ ଗୃହର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି। ଏଣୁ ଉକ୍ତ ପ୍ରକଳ୍ପ ଗୃହର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୨, ଭୁ.ଉ.କ**

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ

ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: ୪୨୨୮/ଭୁ.ଉ.କ., ଭୁବନେଶ୍ୱର ତା୦୫।୦୨।୨୦୧୯ରିଖ

GE - 15/81

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗୋଡ଼ାଗୋପୀନାଥ ପ୍ରସାଦ ଗୃହ ପ୍ରକଳ୍ପର ଗୃହ ନଂ. – E-20କୁ ଯୋଗେନ୍ଦ୍ର ମୁଦୁଲି, ପିତା: ନରସିଂହ ମୁଦୁଲି, ଗ୍ରାମ/ପୋ.– ବୀରପ୍ରତାପପୁର, ଥାନା: ଚନ୍ଦନପୁର, ଜିଲ୍ଲା– ପୁରୀ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ଯୋଗେନ୍ଦ୍ର ମୁଦୁଲି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଅର୍ଚ୍ଚନା ଆଚାର୍ଯ୍ୟ, ସ୍ୱାମୀ– ଅରୁଣ ରଞ୍ଜନ ନାୟକ, ଗ୍ରାମ/ପୋ– ପତ୍ରପୁର, ଥାନା– ଆଳି, ଜିଲ୍ଲା– କେନ୍ଦ୍ରାପଡ଼ା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୧**

See Career Appointment on every Wednesday & Saturday

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୂଆଗାଁ

**ବିଜ୍ଞାପନ**

ପତ୍ରସଂଖ୍ୟା: ୪୯୯ ତାରିଖ: ୧୬।୦୨।୨୦୧୯

ଏତଦ୍ୱାରା ନୂଆଗାଁ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮–୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଇନ୍ଦିରା ଆବାସ ଓ ମୋ କୁଡ଼ିଆରେ ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ (NSAP)ରେ କାର୍ଯ୍ୟକାରୀ ହୋଇଥିବା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ମଧୁବାବୁ ପେନ୍‌ସନ ଯୋଜନା, ଭିନ୍ନକ୍ଷମ ଏବଂ ଅନ୍ତ୍ୟୋଦୟ ଜନିତ ସମସ୍ତ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା (SOCIAL AUDIT) ଓସାଟ୍ (OSSAAT) ଟିମ୍ ଚାହାଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗ୍ରାମପଞ୍ଚାୟତ ଜବ୍‌କାର୍ଡ଼ଧାରୀ ଶ୍ରମିକମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ସମ୍ପୃକ୍ତ ଗ୍ରାମପଞ୍ଚାୟତର ଗ୍ରାମ୍ୟ ସାଧନ କର୍ମୀମାନେ ଡେଙ୍ଗୁରା ଓ ନୋଟିସ୍ ମାଧ୍ୟମରେ ଉପରୋକ୍ତ ବିଷୟରେ ବହୁଳ ପ୍ରଚାର କରିବା ନିମନ୍ତେ ଅନୁରୋଧ କରାଗଲା। ଏହି ବୈଠକରେ ପଞ୍ଚାୟତ ଦାୟିତ୍ୱରେ ଥିବା BSSO, କନିଷ୍ଠ ଯନ୍ତ୍ରୀଙ୍କ ସହ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ମେଟ୍ (Mate), ଗ୍ରାମ୍ୟ ସାଧନ କର୍ମୀମାନେ (VRP)- ଯଥା:– ସବିତା ସେଠୀ, ନିରୁପମା ସାହୁ ଏବଂ ଚିନ୍ମୟୀ ସତପଥୀ, ପଞ୍ଚାୟତ ସାମାଜିକ ସମୀକ୍ଷକ (BSA) ଏବଂ ଜିଲ୍ଲା ସାମାଜିକ ସମୀକ୍ଷକ (DSA) ଉପସ୍ଥିତ ରହି ସମସ୍ତ ରେକର୍ଡ଼ ଉପସ୍ଥାପନ କରାଇବେ।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରାମପଞ୍ଚାୟତର ନାମ | ଟିମ୍ ନଂ. | ସାମାଜିକ ସମୀକ୍ଷାର ଅବଧି (ଦସ୍ତାବିଜ ଓ କ୍ଷେତ୍ର ପରିଦର୍ଶନ) | | ପଞ୍ଚାୟତସ୍ତରୀୟ ଜନଶୁଣାଣି / ସାମାଜିକ ସମୀକ୍ଷା |
|---|---|---|---|---|---|
| ୧ | ଚାହାଳି | ୧ | ୦୬।୦୩।୨୦୧୯ | ୦୯।୦୩।୨୦୧୯ | ୧୬।୦୩।୨୦୧୯ |
| ୨ | ଚାହାଳି | ୨ | ୧୦।୦୩।୨୦୧୯ | ୧୬।୦୩।୨୦୧୯ | |

ଉକ୍ତ ବୈଠକରେ ମଷ୍ଟରରୋଲରେ ଦର୍ଶିତ ଜବ୍‌କାର୍ଡ଼ଧାରୀ ପ୍ରକୃତରେ ଅଣକୁଶଳୀ ଶ୍ରମିକ କି ନୁହେଁ, ସେ ସେହି କାର୍ଯ୍ୟ କରିଛନ୍ତି କି ନାହିଁ, ସେଥିରେ ଦର୍ଶାଯାଇଥିବା ପ୍ରାପ୍ୟର ପରିମାଣ, କାର୍ଯ୍ୟଦିବସ ଅନୁସାରେ ଦେୟ ଠିକ୍ ଭାବରେ ପୈଠ ହୋଇଛି କି ନାହିଁ ଓ ତଦନୁଯାୟୀ ସମପରିମାଣର କାମ ହୋଇଛି କି ନାହିଁ ଏବଂ ନିମ୍ନଲିଖିତ ହିତାଧିକାରୀ ନିଜର ବୟସ ସୀମା ଓ ଯୋଗ୍ୟତା ଅନୁସାରେ ଭତ୍ତା ପାଉଛନ୍ତି କି ନାହିଁ ଇତ୍ୟାଦି ଆଲୋଚନା କରିବା ସହ ମଷ୍ଟରରୋଲର ବାସ୍ତବତା ବିଷୟରେ ମଧ୍ୟ ଆଲୋଚନା କରାଯିବ।

**ସ୍ୱା./– ମଣ୍ଡଳ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ MGNREGA**
**ପଞ୍ଚାୟତ ସମିତି, ନୂଆଗାଁ**

## TENDER ADVERTISEMENT
## ZILLA SWASTHYA SAMITI, GANJAM

**Advt. No.: 3204** **Date: 19.2.19**

Sealed quotations are invited from Transporters/Tours Operators/ Travel Agents/Private Organizations/NGOs and individuals situated within Ganjam district having vehicles manufactured in the year 2017 or after hire on monthly basis to be used for the purpose of **"DPMU, NHM"** of Zilla Swasthya Samiti Ganjam for a period of one year as per the terms and conditions mentioned in the tender papers available in the Office of District Programme Management Unit (DPMU) and can be downloaded from the website **https://ganjam.nic.in** by paying non-refundable Demand Draft in favour of Zilla Swasthya Samiti (ZSS), Ganjam of Rupees 1000/-. Sealed quotations in the prescribed forms in two envelopes - one for Technical Bid and Second for Financial Bid addressed to CDM & PHO-cum-Dist. Mission Director, Ganjam.

The complete quotation as per requirement should reach to the **CDM & PHO-cum-Dist. Mission Director** on or before **28.02.2019 (till 11.00 A.M.)** though Courier, Speed Post or Registered Post only. The proposal is to be submitted in two separate envelope Technical Bid (Annex - A) and Price Bid (Annex - B) covering on single evlove super scibred as **"QUOTATION FOR HIRING VEHICLE for DPMU, NHM**. The tenders will be opened at **12.00 Noon** on the same day. The details specification and terms and conditions of vehicle may be downloaded from the website **https://ganjam.nic.in** and the authority reserves the right to cancel or reject any or all the quotation without mentioning any reason thereof.

**Sd./- CDM & PHO-cum-District Mission Director, Ganjam**

## BERHAMPUR MUNICIPAL CORPORATION

**Expression of Interest**

**No.: 2418** **Date: 18.02.19**

No.: 499-C: Berhampur Municipal Corporation invites Expression of INterest from Original Equipment Manufacturers for "Providing Solution for 100 numbers of outdoor CC Camera" for Berhampur Municipal Corporation. This office intends to install around 100 CC Cameras across different outdoor areas under BeMC jurisdiction to.

The interested firms may give the solutions of Outdoor Wireless CC Camera with financial implications for the above purposes with Model and Brand as per the system needs. They may inspect the site and contact to the undersigned.

The Camera should have:
1. 2 MP Camera with 30 Mtr. IR.
2. 30m Infrared Night Vision
3. IP66 for dust and water proof operation.
4. Micro SD Card slot for on board storage upto 128 GB.
5. Light and Sound alaram.
6. Two way communication like walky-talky.
7. WiFi/SIM enabled Camera.
8. 2 year comprehensive warrantee.

EoI should reach the undersigned on or before 28.02.19 by 3.00 P.M. and will be opened on 01.03.19 at 04.00 P.M. in the Office Chamber of the undersigned in presence of the bidder or their authorised agents who intend to attend. Each bidder should furnish their company details along with previous work in similar nature. The sealed EoI should be superscribed on the cover as "EoI for CC TV Surveillance". Further clarifications can be obtained from this office. The undersigned reserves the right to accept or reject any EoI without assigning any reason thereof.

**Sd./- Commissioner**
**Berhampur Municipal Corporation**

13035/11/0229/1819

## ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼

**ପତ୍ର ସଂଖ୍ୟା: ୩୬୬** **ତା ୧୮।୦୨।୧୯**

**(ଘୋଷଣା)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ବନ୍ଧକୁ ଆଗାମୀ ୩ ବର୍ଷ ଅର୍ଥାତ୍ ତା୦୧।୦୩।୨୦୧୯ ରିଖରୁ ତା ୨୮।୦୨।୨୦୨୨ ରିଖ ପର୍ଯ୍ୟନ୍ତ ଆସନ୍ତା ତା୨୫।୦୨।୨୦୧୯ରିଖ ସମୟ ୧୧ ଘଣ୍ଟା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କାର୍ଯ୍ୟାଳୟରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପସ୍ଥିତ ରହି ନିମ୍ନରେ ଦର୍ଶାଯାଇଥିବା ଅମାନତ ଟଙ୍କା (ନଗଦ) ଜମା କରି ନିଲାମରେ ଅଂଶଗ୍ରହଣ କରିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ନିଜର ପରିଚୟପତ୍ର ଓ ଦେୟମୁକ୍ତ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ। ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଟିକସ କିମ୍ବା ବନ୍ଧ ନିଲାମର ବକେୟା ଥିବ ସେମାନେ ସମସ୍ତ ଟିକସ ଓ ଠିକା ଅର୍ଥ ପଇଠ କରି ନିଲାମରେ ଅଂଶଗ୍ରହଣ କରିପାରିବେ। ଉକ୍ତ ନିଲାମ ଡାକ ପୂର୍ବଦିନ ଅର୍ଥାତ୍ ତା୨୪।୦୨।୨୦୧୯ ରିଖ ମଧ୍ୟରେ ଦେୟମୁକ୍ତ ପ୍ରମାଣପତ୍ର କାର୍ଯ୍ୟାଳୟରେ ଗ୍ରହଣ କରି ନିଲାମରେ ଅଂଶଗ୍ରହଣ କରିପାରିବେ। ଯେଉଁମାନେ ନିଲାମ ଡାକିବାରେ ସଫଳ ହେବେ ସେହି ବ୍ୟକ୍ତି ଠିକା ମୂଲ୍ୟର ଶତକଡ଼ା ୭୫ ଭାଗ ଅର୍ଥ ୧୫ ଦିନ ମଧ୍ୟରେ ଜମା ଦେବାକୁ ପଡ଼ିବ। ନଚେତ୍ ତାଙ୍କର ନିଲାମ ଡାକକୁ ରଦ୍ଦ କରାଯାଇ ଜମା କରିଥିବା ଅମାନତ ଅର୍ଥ ବାଜ୍ୟାପ୍ତ କରାଯିବ। ଏହାବ୍ୟତୀତ ନିଲାମ ଡାକରେ ସଫଳ ହୋଇଥିବା ବ୍ୟକ୍ତି ୭ ଦିନ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ। ଅନିବାର୍ଯ୍ୟ କାରଣବଶତଃ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଯେ କୌଣସି ସମୟରେ ନିଲାମ ବାତିଲ କରିପାରିବେ।

| କ.ନଂ. | ବନ୍ଧର ନାମ | ଅମାନତ ଟଙ୍କା | ଧାର୍ଯ୍ୟ ମୂଲ୍ୟ |
|---|---|---|---|
| ୧. | ହୀରାସାଗର | ଟ.୬,୦୦୦/– | ଟ.୬,୦୦,୦୦୦/– |

**ପ୍ରଶାସକଙ୍କ ଆଦେଶକ୍ରମେ**

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼**

Your classified advertisement published in Dharitri will be listed free in Dharitri online edition :
www.dharitri.com

## OFFICE OF THE MUNICIPAL COUNCIL, TITILAGARH

**No. 108** **Dated : 18.02.2019**

**"e"- Tender Notice**

**BID Identification No. MUN-TIG No. 007/2018-19**

Bid Documents consisting of work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

| | | | |
|---|---|---|---|
| 1. | Name of the work | : | Civil Construction works as mentioned in website |
| 2. | No. of works | : | 36 Nos. |
| 3. | Estimated Cost | : | 1.89 lakhs to 26.46 Lakhs |
| 4. | Period of Completion | : | 60 Days to 90 Days. |
| 5. | Date & Time of availability of Bid Documents in the Portal | : | From 19.02.2019, 11.00 AM to 25.02.2019, 5.00 PM |
| 6. | Last date & time for receipt of bids in the portal | : | On 25.02.2019 at 5.00 PM. |
| 7. | Last date & time for deposit of Fees & Documents (in sealed envelope) at Office | : | On 26.02.2019 at 12.00 PM |
| 8. | Bids received online shall be opened on | : | On 27.02.2019 at 11.00 AM. |
| 9. | Name and address of the officer inviting Bid | : | Executive Officer, Titilagarh Municipality. |

Further details c an be seen from the procurement portal i.e. https://tendersodisha.gov.in.

**Sd./- Executive Officer, Titilagarh Municipality**

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼

**ସଂଖ୍ୟା: ୧୨୨** **ତାରିଖ: ୧୭।୦୨।୧୯**

ଏତଦ୍ୱାରା ଟିଟିଲାଗଡ଼ ପୌର ପରିଷଦର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଟିଟିଲାଗଡ଼ ରେଲୱେ ଷ୍ଟେସନ ନିକଟସ୍ଥ ସପିଙ୍ଗ ମହଲର ସିଲଡ୍ ନିଲାମ ନିମନ୍ତେ ନିମ୍ନମତେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଭାଗ ନେଇ ପାରିବେ। ତେଣୁ ଆସନ୍ତା ତା୧୮।୦୨।୨୦୧୯ ରିଖରୁ ତା୨୫।୦୨।୨୦୧୯ ରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସରେ ପକାଇଥିବା ଆବେଦନକାରୀଙ୍କ ଉପସ୍ଥିତିରେ ତା୨୬।୦୨।୨୦୧୯ରିଖରୁ ସମୟ ୦୫ ଘଣ୍ଟା ସମୟରେ ନଗରପାଳଙ୍କ ବାସଭବନ କାର୍ଯ୍ୟାଳୟରେ ଏହା ଖୋଲାଯିବ ଏବଂ ସର୍ବୋଚ୍ଚ ରାଶି ପ୍ରଦାନକାରୀଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯିବ।

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଟେଣ୍ଡର ସର୍ବନିମ୍ନ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|
| | | ୨ୟ ମହଲା | ୨ୟ ମହଲା | ୨ୟ ମହଲା | ୨ୟ ମହଲା |
| ୧ | ୨୩'. ୨'' x ୩୬'.୫'' | ୫ ନମ୍ବର | ୭ ଲକ୍ଷ | ୨ ଲକ୍ଷ | ୮ ହଜାର |
| ୨ | ୨୭'. ୭'' x ୨୩'.୩'' | ୬ ନମ୍ବର | ୫ ଲକ୍ଷ | ୧.୫ ଲକ୍ଷ | ୬ ହଜାର |

**ସର୍ତ୍ତାବଳୀ**

୧. ଟେଣ୍ଡର ଆବେଦନ ଫର୍ମ କାର୍ଯ୍ୟାଳୟରୁ ଟ.୧୦୦୦.୦୦ ମୂଲ୍ୟ ପଇଠ କରି ପାଇପାରିବେ।
୨. ଆବେଦନକାରୀଙ୍କ ପରିବାର ଉପରେ ପରିଷଦର କୌଣସି ପାଉଣା ବକେୟା ନଥିବ।
୩. ଆବେଦନକାରୀ ବ୍ୟବସାୟିକ (ଟ୍ରେଡ) ଲାଇସେନ୍ସ ପ୍ରାପ୍ତ ହୋଇଥିବେ କିମ୍ବା ଆବେଦନକାରୀ ପ୍ରାପ୍ତ ହେବେ ଓ ତାଙ୍କ ନାମରେ ପୂର୍ବରୁ ପରିଷଦର କୌଣସି ଦୋକାନ ଗୃହ ନଥିବ।
୪. ଆବେଦନ ଫର୍ମ ସହ ସମ୍ପୂର୍ଣ୍ଣ ଅମାନତ ଓ ଟେଣ୍ଡର ସର୍ବନିମ୍ନ ରାଶିର ୫୦% ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଟିଟିଲାଗଡ଼ଙ୍କ ନାମରେ ଜମା ଦେବେ।
୫. ଆବେଦନ ଫର୍ମରେ ନିଜର ନାମ, ସମ୍ପୂର୍ଣ୍ଣ ଠିକଣା ଓ ନିଜର ପରିଚୟ ପତ୍ର ଆଧାର କାର୍ଡ ସହିତ କେଉଁ ଦୋକାନ ଗୃହ ଚାହାନ୍ତି ତାହା ଉଲ୍ଲେଖ କରି ଜଉମୁଦ ବନ୍ଦ ଲଫାପା କିମ୍ବା ବନ୍ଦ ଲଫାପାରେ କାର୍ଯ୍ୟାଳୟର ରଖାଯାଇଥିବା ନିଲାମ ବାକ୍ସରେ ପକାଇ ପାରିବେ।
୬. ପ୍ରତି ଦୋକାନ ଗୃହ ମାସିକ ଭଡ଼ାର ବାର୍ଷିକ ୧୦% ବୃଦ୍ଧି କରାଯିବ।
୭. ସର୍ବୋଚ୍ଚ ଟେଣ୍ଡର ରାଶି ପ୍ରାପ୍ତ ଆବେଦନକାରୀଙ୍କର ରାଶି ପୌର ପାଳିକା ଫଣ୍ଡରେ ଜମା ରହୁଥିବାରୁ ତାହା ଅଣଫେରସ୍ତ ଅଟେ।
୮. ଉକ୍ତ ସିଲଡ୍ ନିଲାମକୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ଆବଶ୍ୟକ ସ୍ଥଳେ ରଦ୍ଦ କରିପାରିବେ।
୯. ଯେଉଁ ଆବେଦନକାରୀ ଦୋକାନ ପାଇବେ ସେ ଦେଇଥିବା ଅମାନତ/ସିକ୍ୟୁରିଟି ଫେରସ୍ତ କରାଯିବ ନାହିଁ।



**ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଟିଟିଲାଗଡ଼**

## GOVERNMENT OF ODISHA, "e"- PROCUREMENT NOTICE WORKS DEPARTMENT

No.1285-B

**E-mail : ceroads.bbsr@gmail.com**

**Bid Identification No.CE-DPI & R - 85/2018-19**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road / Bridge works as mentioned below :

| | | | |
|---|---|---|---|
| 2. | Nature of work | : | Road Safety Measures Implementation |
| 3. | No. of work | : | 01 No. |
| 4. | Tender Paper cost | : | Rs.10,000.00 |
| 5. | Class of Contractor | : | Special Class / Super Class as noted against each work |
| 6. | Available of bid document in the website | : | From 10.00 AM. of 26.02.2019 to 5.00 PM. of 18.03.2019 |
| 7. | Date of opening of Bid | : | Dt.19.03.2019 at 11.30 AM. |

8. The Bidders have to participate in ONLINE bidding only. Further details can be seen from the website : **https:// tenderodisha.gov.in.** Any addendum / corrigendum / cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**

34117/11/0208/1819

## Zilla Swasthya Samiti, Keonjhar

No. 903-E

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**

**(District Programme Management Unit, NHM)**

**Advt.No 1072.** **Date: 18.02.2019**

**TENDER CALL NOTICE FOR SUPPLY OF OFFICE STATIONARY**

Sealed tenders are invited from registered suppliers/agencies (with GST registration having GSTIN) for supply of office stationary to CDM & PHO,Keonjhar ( NHM wing) for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the district NIC website i.e. **www.kendujhar.nic.in.**The tenders should reach the office of the undersigned by **25th Feb 2019** till **4 P.M.** The tenders will be opened at **4.30 PM** on **25th Feb-2019**. The undersigned reserves the right to reject any or all the tenders without assigning any reason thereof.

10033/11/0075/1819

**Sd/- Chief District Medical & Public Health officer, Keonjhar**

## ODISHA BRIDGE & CONSTRUCTION CORPORATION LTD.

*(A Government of Odisha Undertaking)*

SETU BHAVAN, NAYAPALLI, BHUBANESWAR-12

PH.NO. 0674 -2390043, FAX NO. 0674-2396326, E Mail: mdobcc@gmail.com

CAD-1454

**'e'-PROCUREMENT NOTICE**

**BID IDENTIFICATION NO.GM/O.B.&C.C.LTD/05 /2019-20**

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites **'online'** tender **in single cover system** for the toll gate as detailed in the table below from the intending bidders for collection of toll for a period of 1(one) year.

| Sl. No. | Name of the (R&B) toll gate. | Upset Price (In Rs.) | E.M.D. (In Rs.) online submission | Cost of Bid document (In Rs.) online submission | Operation Period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Ratnachira Bridge toll gate on New Jagannath Sadak at Churali under Satyabadi Block,Puri | 32,00,000/- | 3,20,000/- | 6,000/- | One year from the effective date of Agreement. |

2. Date and time **for online bidding for the toll gate starts From 2.00 P.M. of dt. 25.02.2019 to 5.00 P.M. of dt.12.03.2019**
3. EMD and Cost of bid document as specified against the toll gate in the above table Column-4 & 5 will be transferred through online only as per the procedure mentioned in the DTCN .
Further details can be seen from the web site https://tendersodisha.gov.in .
4. Any changes/corrigendum will be displayed in the web site only.
5. Officer-in-charge of Tender:-General Manager(Civil), O.B.& C.C. Ltd., Bhubaneswar.

*Sd/-*
**GENERAL MANAGER (CIVIL)**

34106/11/0025/1819

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ

ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: ୪୩୨୨/ଭୁ.ଉ.କ., ଭୁବନେଶ୍ୱର ତା୦୬।୦୨।୨୦୧୯ରିଖ

URB - 65/88

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର MIG Plot No.- K9-A-263କୁ ଶ୍ରୀ ଦେବେନ୍ଦ୍ରନାଥ ଜେନା, ପିତା: ସ୍ୱର୍ଗତ ସାଧୁ ଚରଣ ଜେନା, ଗ୍ରାମ/ପୋ.ଅ.: ବ୍ରହ୍ମପୁର, ଥାନା– କୃଷ୍ଣପ୍ରସାଦ, ଜିଲ୍ଲା– ପୁରୀ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ଦେବେନ୍ଦ୍ରନାଥ ଜେନା ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସସ୍ମିତା ବିଶ୍ୱାଳ, ସ୍ୱାମୀ– ଧରଣୀଧର ବିଶ୍ୱାଳ, ଗ୍ରାମ– ଠେଙ୍ଗା, ପୋ.ଅ.– ଛୋଟପଡ଼ା, ଥାନା– ରାସୋଳ, ଜିଲ୍ଲା– ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୨, ଭୁ.ଉ.କ**

No.: CAD - 1452

OSMC

## Request for Expression of Interest (REOI)

**for Setting up of Modular Eye OTs at SCBMCH-Cuttack, MKCGMCH-Berhampur, VIMSAR-Burla, RGH-Rourkela, Capital Hospital-Bhubaneswar & DHH-Rayagada**

**EoI No.: OSMCL/OT/2018-19/06** **Date: 18.02.2019**

1. Odisha State Medical Corporation Limited (OSMC) has been incorporated on 8th November 2013 under the Companies Act., 1956 in pursuance to the Government Resolution No. 8844 dated 26th June 2013, to act as an independent Procurement Agency for the Department of Health and Family Welfare, Government of Odisha. The OSMC has the key functions like timely procurement of quality medicines, surgical, EIF (Equipment, Instrument & Furniture), etc. through fair, transparent and competitive bidding process.
2. Universal Eye Health Programme (UEHP), Odisha, "SUNETRA" is started with the objective: all people should enjoy access to the best quality eye care. To achieve the above objective, Universal Eye Health Programme is aimed to involve the following:
   i. Offering comprehensive eye care services to all the people of Odisha (for eye health promotion, prevention, treatment and rehabilitation)
   ii. Integrating eye health into the wider health system
   iii. Providing access to free eye care for everyone, including the poor, minorities and the disabled.
3. UEHP intends to set up Modular Eye OTs at SCBMCH-Cuttack, MKCGMCH-Berhampur, VIMSAR-Burla, RGH-Rourkela, Capital Hospital-Bhubaneswar & DHH-Rayagada.
4. OSMCL, Bhubaneswar, a Govt. of Odisha Undertaking, on behalf of UEHP, Odisha, "SUNETRA", invites Expression of Interests (EOIs) from interested Firms for setting up Modular Eye OTs at SCBMCH-Cuttack, MKCGMCH-Berhampur, VIMSAR-Burla, RGH-Rourkela, Capital Hospital- Bhubaneswar & DHH-Rayagada.
5. The objective of this Expression of Interest (EoI) is to shortlist Firms for issue of Request for Proposals (RFP) for setting up Modular OTs at SCBMCH-Cuttack, MKCGMCH-Berhampur, VIMSAR-Burla, RGH-Rourkela, Capital Hospital-Bhubaneswar & DHH-Rayagada on turnkey basis.
6. The work is to be completed within 3 months of signing of contract.
7. OSMCL now invites eligible Bidders to indicate their interest in providing this service.
8. The detailed scope of work is as follows -
   a) Sterile wall coating system for wall and ceiling.
   b) Supply, Installation & commissioning of automatic hermetically sealing sliding door.
   c) Seamless static conductive flooring system.
   d) Digital Control Panel.
   e) X-Ray Viewing Screens.
   f) Scrub Sink.
   g) Galvanized steel wall paneling.
   h) Galvanized steel ceiling paneling.
   i) Magnetic Writing List Board.
   j) Air and light supply.
   k) Electrical installation.
   l) HVAC System.
   m) Laminar Air Flow System: The air face velocity of 25-35 FPM (feet per minute) with terminal HEPA filter ceiling mounted.
   n) Pressure Stabilizer: Minimum positive pressure of 2.5 Pascal (0.01 inches of water).
   o) Air Handling Unit (AHU): Minimum 20 air changes per hour out of which 4 fresh air.
   p) Any other civil work required for ground surface work, cleaning, earth work, trenching, etc.
   q) Other relevant work, if any
9. The prospective firms are requested to visit the above medical institutions for site inspection and assess the feasibility of the setup of the Modular Eye OTs along with monthly/ annual patient load.
10. Interested firms must provide information indicating that they are qualified to perform the service (brochures, description of similar assignments undertaken by the firm, infrastructure/ facilities available with them which are essential to carry out such assignment with case load, general qualifications & experience, annual financial turn over for last three financial years i.e. 2015-16, 2016-17 & 2017-18 and so forth).
11. The EOIs along with all supporting documents, certificates & reports shall be submitted in a single sealed cover, which shall be super scribed as "EXPRESSION OF INTEREST FOR SETTING UP OF MODULAR EYE OTs AT SCBMCH-CUTTACK, MKCGMCH-BERHAMPUR, VIMSAR-BURLA, RGH-ROURKELA, CAPITAL HOSPITAL-BHUBANESWAR & DHH-RAYAGADA".
12. A firm can submit EoI for setting up Modular Eye OT at one or more than one place.
13. The EoIs submitted by the firms in association or consortium should clearly indicate the name of the lead firm.
14. The shortlisted firms may be asked to make a presentation of their available facilities, manpower, capabilities, etc.
15. After the evaluation of the EoIs, OSMCL will come up with a detailed Request for Proposal (RFP) including both Technical & Financial proposals.
16. The EoIs must be delivered to the address below by not later than 5 P.M. of 6th March, 2019.

**Odisha State Medical Corporation Ltd.**
**Convent Square, Bhubaneswar–751007, Odisha**
**Ph. No.: (0674) 2380660/ 2380950**
**Website: www.osmcl.nic.in**
**E-Mail: proc.osmcl.od@nic.in**

**Sd./- Managing Director**
**Odisha State Medical Corporation Ltd.**

**Convent Square, Unit-3, Bhubaneswar – 751007, Odisha, Ph. No. - (0674) 2380608, Website: www.osmcl.nic.in, email: proc.osmcl.od@nic.in**

10112/11/0058/1819

# ମୁଗ ଫସଲରେ ପୋକ ଦମନ





ଡ.ବିଷ୍ଣୁଚରଣ ଜେନା

ମଣିଷ ନିଜର ଶରୀରର ବୃଦ୍ଧି ପାଇଁ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ଆବଶ୍ୟକ କରେ। ଡାଲି ତନ୍ମଧ୍ୟରୁ ଅନ୍ୟତମ। ସଅଳ ଏବଂ ମଧ୍ୟମ କିସମର ଧାନ ଡିପ ଏବଂ ମଝିଆଳି ଜମିରୁ କାଟି ଆଣିବା ପରେ ମାଟିରେ ଜଳୀୟ ଅଂଶ ଥିବା ସମୟରେ ଚାଷୀଭାଇମାନେ ଜମିରେ ମୁଗ ବୁଣନ୍ତୁ। ଜଳସେଚନର ସୁବିଧା ଥିବା ଅଞ୍ଚଳରେ ଥରେ ଜଳସେଚନ କରିବାକୁ ପଡ଼େ। ଅନେକ କାରଣରୁ ମୁଗ ଫସଲରେ ହେକ୍ଟର ପ୍ରତି ଅମଳ ହ୍ରାସ ପାଇଥାଏ। ତନ୍ମଧ୍ୟରୁ ପୋକ ଆକ୍ରମଣ ଅତ୍ୟନ୍ତ କ୍ଷତିକାରକ। ମୁଗ ଫସଲକୁ ପତ୍ରଖିଆ ଓ ଛୁଇଁବିନ୍ଧା ପୋକ,ଧଳାମାଛି ଓ ଜଉପୋକ ଆକ୍ରମଣ କରନ୍ତି ଏବଂ ଫସଲର ପ୍ରଚୁର ପରିମାଣରେ କ୍ଷତି କରିଥାନ୍ତି। ଧଳାମାଛି ଓ ଜଉପୋକର ଅର୍ଭକ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଗୁଡ଼ିକ ମୁଗ ଗଛରୁ ଏବଂ ଏହାର ଫୁଲ, ଛୁଇଁ ଏବଂ ପତ୍ରରୁ ରସ ଶୋଷିଦିଅନ୍ତି। ଫଳରେ ମୁଗଗଛଗୁଡ଼ିକ ଛୋଟଛୋଟ ହେବା ସହିତ ରୁଗ୍‌ଣ ହୋଇଯାଇଥାଏ। ଧଳାମାଛି ଆକ୍ରମଣ ଯୋଗୁ ମୁଗ ଫସଲ ସାହେବୀ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ। ଗଛର ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ହଳଦିଆ ହୋଇଯାଏ ଏବଂ ଗଛରେ ଫୁଲ ଓ ଛୁଇଁ ଧରିବା ସମ୍ଭବ ହୁଏ ନାହିଁ। ପତ୍ରଖିଆ ଓ ଛୁଇଁବିନ୍ଧା ପୋକ ଆକ୍ରମଣ ଯୋଗୁ ମୁଗ ଫସଲର ଅମଳ ବହୁ ପରିମାଣରେ ବାଧାପ୍ରାପ୍ତ ହୁଏ। ଏପରିକି ଫସଲଟି ସମ୍ପୂର୍ଣ୍ଣରୂପେ ନଷ୍ଟହେବାର ଦୃଷ୍ଟାନ୍ତ ମଧ୍ୟ ଉପଲବ୍ଧ ହୁଏ। ଉପରୋକ୍ତ ପୋକର ବିନାଶ ଲାଗି ନିମ୍ନରେ କେତୋଟି ଉପାଦେୟ ତଥ୍ୟ ଦିଆଯାଉଛି, ଯେଉଁଗୁଡ଼ିକୁ ଚାଷୀଭାଇମାନେ ଫସଲରେ ପ୍ରୟୋଗ କରିବା ଦରକାର।

-ପୋକ ଆକ୍ରମଣ କରି ନ ଥିବା କିମ୍ବା ଆକ୍ରମଣର ସହନଶୀଳତା ଗୁଣ ଥିବା ମୁଗ ମଞ୍ଜି ଯଥା ନୟାଗଡ଼ ଦେଶୀ -୧,ପିଡିଏମ୍-୧୧,ପିଡିଏମ୍-୫୪,କେ-୮୫୧,ହାଇବ୍ରିଡ୍-୧୨,ଧଉଳି ଓ ସୁଜାତା ଜମିରେ ବୁଣନ୍ତୁ।

-ମଞ୍ଜି ବୁଣିବା ସମୟରେ ୫ କିଲୋଗ୍ରାମ୍ ମଞ୍ଜିରେ ୧୦୦ଗ୍ରାମ୍ କାର୍ବୋସଲ୍‌ଫାନ୍ କିମ୍ବା ୫ କିଲୋଗ୍ରାମ୍ ମଞ୍ଜିରେ ୩୫ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ୭୫ ଡବ୍ଲ୍ୟୁଏସ୍ ମିଶାଇ ଜମିରେ ବୁଣନ୍ତୁ। ମଞ୍ଜି ବୁଣିବା ପୂର୍ବରୁ ସମସ୍ତ ଘାସ ଓ ନଡ଼ା ମୂଳ ସଂଗ୍ରହକରି ପୋଡ଼ି ଦିଅନ୍ତୁ। ଗୋଟିଏ ଜମିରେ ପ୍ରତିବର୍ଷ ମୁଗ ନ ବୁଣି ସେ ଜମିରେ ଚିନାବାଦାମ କିମ୍ବା ପନିପରିବା ଚାଷ କରନ୍ତୁ। ଏହାଦ୍ୱାରା ମୁଗ ଫସଲକୁ ଆକ୍ରମଣ କରୁଥିବା ପୋକର ବିନାଶ ହୁଏ। ଜଉପୋକ ଓ ସାହେବୀ ରୋଗ ଦେଖାଦେଲେ ତତ୍‌କ୍ଷଣାତ୍ ସାହେବୀ ରୋଗରେ ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ି ଦିଅନ୍ତୁ ଏବଂ ଡାଇମେଥୋଏଟ୍ ୨ ମିଲିଲିଟର ୧ ଲିଟର ପାଣିରେ ମିଶାଇ ସେହି ଅନୁପାତରେ ୨୦୦ଲିଟର ପାଣିରେ ୪୦୦ମିଲିଲିଟର କୀଟନାଶକ ଫସଲରେ ସିଞ୍ଚନ କରନ୍ତୁ। ପତ୍ରଖିଆ ଓ ଛୁଇଁବିନ୍ଧା ପୋକର ଦମନ ନିମନ୍ତେ ଜୈବିକ କୀଟନାଶକ ଯଥା-ଡାଇପେଲ କିମ୍ବା ହଲ୍ଟ କିମ୍ବା ଥୁରିସାଇଡ୍ କିମ୍ବା ବାୟୋଲେପ କିମ୍ବା ବାୟୋୟାସପ୍ ୧ ଲିଟର ପାଣିରେ ୨-୩ଗ୍ରାମ୍ ମିଶାଇ ଫସଲକୁ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରନ୍ତୁ। ଏହାସହିତ ୧ ଏକର ମୁଗ ଫସଲରେ ୬ଟି ଆକର୍ଷକ ଯନ୍ତାରେ ସଙ୍ଗ ଆକର୍ଷିତ ହେଲି ଲିଓର(ଥୋପ) ରଖନ୍ତୁ। ଏହାଦ୍ୱାରା ଯନ୍ତାକୁ ପୁରୁଷପୋକମାନେ ଆକର୍ଷିତ ହୋଇ ସେଥିରେ ପଡ଼ନ୍ତି। ଯନ୍ତାରୁ ସେଗୁଡ଼ିକୁ ବାହାରକୁ ଆଣି ମାରି ଦିଅନ୍ତୁ। ଏହାସହିତ ଗୋଟିଏ ଏକର ଫସଲରେ ୧୦ଟି କଣିଥିବା ଅଗବାଉଁଶ ପୋତନ୍ତୁ। ଏହି ବାଉଁଶଗୁଡ଼ିକରେ ଚଢ଼େଇମାନେ ବସିବେ ଏବଂ ଛୁଇଁବିନ୍ଧାପୋକଗୁଡ଼ିକୁ ଖାଇଦେବେ। ଏହା ବ୍ୟତୀତ ୪ ବର୍ଗମିଟର ଫସଲରେ ଦୁଇଟି ଉପକାରୀ ପୋକ ଯଥା ଭିନ୍ନ ଭିନ୍ନ ପ୍ରଜାତିର ଇନ୍ଦ୍ରଗୋପି ଭୃଙ୍ଗ ଯେଉଁମାନେ ଦେଖିବାକୁ ନାଲି,ହଳଦିଆ,ବାଇଗଣୀ ରଙ୍ଗର ଏବଂ ଯେଉଁମାନଙ୍କ ପିଠିରେ ନାଲି ଓ କଳାରଙ୍ଗର ଗୋଲାକାର ଦାଗ ଥାଏ ଉପଲବ୍ଧ ହେଲେ ଫସଲରେ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼େ ନାହିଁ। ଏହାବ୍ୟତୀତ ନିକଟରେ ଥିବା ଶସ୍ୟ ସଂରକ୍ଷଣବିତ୍‌ଙ୍କ ସହ ଯୋଗାଯୋଗ ରଖନ୍ତୁ। ମଞ୍ଜି ବୁଣିବାଠାରୁ ମୁଗ ଗଛ ଉପାଡ଼ିବା ପର୍ଯ୍ୟନ୍ତ ସପ୍ତାହକୁ ୨ରୁ ୩ଥର ପରିଦର୍ଶନ କରନ୍ତୁ। ଏହାଦ୍ୱାରା ଫସଲକୁ ଆକ୍ରମଣ କରୁଥିବା ପୋକ ଓ ରୋଗର ଆବିର୍ଭାବ ଜଣାପଡ଼େ। ଫଳରେ ଫସଲ ସଂରକ୍ଷଣଭିତ୍ତିକ ପଦକ୍ଷେପ ନିଆଯାଇପାରିବ।

-କୃଷି ବିଶେଷଜ୍ଞ, ଭୁବନେଶ୍ୱର
ମୋ-୯୭୭୬୪୦୪୪୦୬



## ଖରାଟିଆ ଗେଣ୍ଡୁଫୁଲ

ଆଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ତଳି ପକାନ୍ତୁ। ଏଥିଲାଗି ଅଧିକ ଅମଳକ୍ଷମ କମଳା ରଙ୍ଗର ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡିକୁ ଧାଡି ୫ ସେ.ମି ବ୍ୟବଧାନରେ ବିହନକୁ ୧ ସେ.ମି ଗଭୀରରେ ବୁଣନ୍ତୁ। ଅଧିକ ତାପମାତ୍ରାରୁ ରକ୍ଷାପାଇବା ଲାଗି ତଳିଘରାରେ ନଡା ଘୋଡାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ। ଜମିକୁ ଭଲଭାବରେ ଗୁଣ୍ଡ କରି ଏକର ପ୍ରତି ୧୦ଟନ୍ ସଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା ଯବକ୍ଷାରଜାନ, ୮୦କି.ଗ୍ରା ଫସଫରସ ଓ ୮୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ ଏବଂ ୧୬କି.ଗ୍ରା ଯବକ୍ଷାରଜାନ ଏକମାସ ପରେ କୋଡାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡିକୁ ଧାଡି ୩୦ ଓ ଗଛକୁ ଗଛ ୨୦-୩୦ ସେ.ମି ବ୍ୟବଧାନରେ ରୁଅନ୍ତୁ। ତେବେ ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରୀରେ ଲଗାନ୍ତୁ। ତଳି ରୋଇବାର ୪୦ଦିନପରେ ଅଗ ତଳିଗୁଡିକୁ ଭାଙ୍ଗି ଦିଅନ୍ତୁ।



## ତଟକା ପରିବା ଖାଉଟିଙ୍କୁ ଯୋଗାଇବାରେ ଆତ୍ମସନ୍ତୋଷ ମିଳେ

ଖଣି ମାନଚିତ୍ରରେ କେନ୍ଦୁଝର ଜିଲା ଯୋଡ଼ା ବ୍ଲକର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଏଠାକାର ଲୋକେ ସାଧାରଣତଃ ଚାଷ ପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ । ଖଣିରେ ଶ୍ରମଦାନ କରି ଜୀବିକା ନିର୍ବାହ କରିଥାନ୍ତି । ଯୋଡ଼ା ବ୍ଲକରେ ଚାଷ କହିଲେ କମଲପୁର, ଗୁରୁବେଡ଼ା, ବିଲେଇପଦା, କଣ୍ଡରା, ଚମକପୁର, ବାସୁଦେବପୁର, ଦଡୁଆଁ ପ୍ରଭୃତି ସ୍ଥାନରେ ହୋଇଥାଏ । ବୈତରଣୀ ନଦୀରେ ନିର୍ମିତ କାନପୁର ନଦୀବନ୍ଧ ଯୋଗୁ ବହୁ ଚାଷୀ ବିସ୍ଥାପିତ ହେବା ପରେ ବିଭିନ୍ନ ଅଞ୍ଚଳକୁ ଚାଲିଯାଇଛନ୍ତି । ଏମାନଙ୍କ ମଧ୍ୟରୁ ରେଭେନ୍ସାପୁର ଗ୍ରାମର ଗଙ୍ଗାଧର ବାନରା ଅନ୍ୟତମ। ବିସ୍ଥାପିତ ହେବା ପରେ ତାଙ୍କ ସ୍ତ୍ରୀଙ୍କୁ ଧରି ଯୋଡ଼ାସ୍ଥିତ ବାରୁହଟିଂରେ ଦୀର୍ଘ ୧୦ ବର୍ଷ ହେଲା ରହି ଆସୁଛନ୍ତି ସେ। ତେବେ ଖଣିଖାଦାନରେ କାମ କରି ପରିବାର ଚଳାଇବାକୁ ତାଙ୍କ ମନ ବଳିଲା ନାହିଁ। ଚାଷକାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଇବାକୁ ତାଙ୍କର ଆଗ୍ରହ ବଢ଼ିଲା। ହେଲେ ସେଠାରେ ତ ତାଙ୍କର ନିଜସ୍ୱ ଚାଷଜମି ନାହିଁ। ତେଣୁ ସ୍ଥାନୀୟ ଭୂୟାଁ ସମ୍ପ୍ରଦାୟର ଲୋକଙ୍କ ପାଖରୁ କିଛି ଜମି ନେଇ ଭାଗଚାଷୀ ଭାବେ କାର୍ଯ୍ୟ ଆରମ୍ଭ କଲେ । ମାତ୍ର ଆରମ୍ଭରୁ ହିଁ ସମସ୍ୟା ଠିଆହେଲା। ତଥାପି ଦୃଢ ମନୋବଳ ସହ କଠିନ ପରିଶ୍ରମକୁ ଆପଣେଇ ନେଲେ ଗଙ୍ଗାଧର। ପଥୁରିଆ ଜମିକୁ ଚାଷୋପଯୋଗୀ କରାଇପାରିଲେ। ପ୍ରାରମ୍ଭିକ ସଫଳତା ହିଁ ତାଙ୍କ ଆତ୍ମବିଶ୍ୱାସକୁ ବଢ଼ାଇଦେଲା। ଏହା ପରେ ସେ ଅଧିକ ଜମି ଭାଗକୁ ଆଣି ଚାଷକଲେ। ଏବେ ପ୍ରାୟ ୫ଏକର ଜମିରେ ଫୁଲକୋବି, ବନ୍ଧାକୋବି, ଓଲ୍‌କୋବି, କଲରା, ଝୁଡ଼ଙ୍ଗ, ମୂଳା ସମେତ ଶାଗ ପ୍ରଭୃତି ଚାଷ କରୁଛନ୍ତି। ସୁନା ନଦୀର ଜଳକୁ ପମ୍ପ ଯୋଗେ ଆଣି ନିଜ ଚାଷ କାର୍ଯ୍ୟରେ ବ୍ୟବହାର କରୁଥିବା ବେଳେ ଆବଶ୍ୟକ କୃଷି ଯନ୍ତ୍ରପାତି ଭଡ଼ା ସୂତ୍ରରେ ଆଣିଥାନ୍ତି। ଅବଶ୍ୟ ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ସୁମିତ୍ରା ସମ୍ପୂର୍ଣ୍ଣ ସହାୟତା କରୁଥିବା କଥା କୁହନ୍ତି ସେ। ଉତ୍ପାଦିତ ପନିପରିବାକୁ ଆଖପାଖ ଅଞ୍ଚଳର ବ୍ୟବସାୟୀମାନେ ନେଇଥାଆନ୍ତି। ସମସ୍ତ ଖର୍ଚ୍ଚ ବାଦ୍‌ଦେଇ ମାସିକ ୩୫ରୁ ୪୦ ହଜାର ଟଙ୍କା ଲାଭ ହୋଇଥାଏ ବୋଲି କୁହନ୍ତି ଗଙ୍ଗାଧର । ତେବେ ସ୍ଥାନୀୟ ଖଣି ଅଞ୍ଚଳରେ ଖଣି ଓ ଶିଳ୍ପରୁ କାର୍ଯ୍ୟହରା ହେଉଥିବା ଶ୍ରମିକଙ୍କ ପାଇଁ ସେ ପ୍ରେରଣା ପାଲଟିଛନ୍ତି । ପୂର୍ବରୁ ସେ ମଧ୍ୟ ଶିଳ୍ପ ଓ ଖଣି ସଂସ୍ଥାରେ କାମ ନ ପାଇ ଚାଷକାମକୁ ଆପଣେଇ ନେଇଥିଲେ। ଆଉ ଏଥିରୁ ସେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ବିନା ରାସାୟନିକ ସାରରେ ତଥା ଅଳ୍ପ ମୂଲ୍ୟରେ ତଟକା ପରିବା ଖାଉଟିଙ୍କୁ ଯୋଗାଇବାରେ ଆତ୍ମସନ୍ତୋଷ ମିଳେ ବୋଲି ସେ କୁହନ୍ତି।

-ମାନସ ରଞ୍ଜନ ମହାନ୍ତି



ଖଣି ଅଞ୍ଚଳର ସଫଳ ଭାଗଚାଷୀ
ଗଙ୍ଗାଧର ବାନରା

## ଆଳୁ ଅମଳ

ଆଗରୁ ଲଗାଯାଇଥିବା ବିଳମ୍ବ କିସମର ଆଳୁ ଅମଳ କରନ୍ତୁ। ଆଳୁ ଅମଳ ପରେ ଆଳୁ ବିହନ ପାଇଁ ପଚା,କଟା ଆଳୁସବୁ ବାଛି ଭଲ ଆଳୁ ବାଛନ୍ତୁ। ସେଥିରୁ ୨୫-୩୦ଗ୍ରାମ୍ ଓଜନର ଆଳୁ ସବୁ ବାଛି ସଫା ପାଣିରେ ଧୋଇ ଦିଅନ୍ତୁ। ପରେ ପ୍ରତି ଲିଟର ପାଣିରେ ୩୦ଗ୍ରାମ୍ ବୋରିକ୍ ଅମ୍ଳ ମିଶାଇ ବିହନ ଆଳୁ ଗୁଡିକୁ ୩୦ମିନିଟ୍ ପାଇଁ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ ଏବଂ ଅଖାବସ୍ତାରେ ଭର୍ତ୍ତିକରି ଶୀତଳଭଣ୍ଡାରରେ ୪ଡିଗ୍ରୀ ସେଲ୍‌ସିୟସ୍‌ରେ ରଖନ୍ତୁ।



## ମାଣ୍ଡିଆ

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ, ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ଲଗାଯାଇଥିବା ମାଣ୍ଡିଆ ୩-୪ ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।




**ଭଞ୍ଜନଗର କୃଷି ଜିଲ୍ଲାରେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ**
**ରବି ଫସଲ - ୨୦୧୮-୧୯**

ରାଜ୍ୟ ଯୋଜନା ମାଧ୍ୟମରେ ଜିଲ୍ଲା କୃଷିଅଧିକାରୀ ଭଞ୍ଜନଗରଙ୍କ ଆନୁକୂଲ୍ୟରେ ଚଳିତ ରବି ଋତୁରେ ଭଞ୍ଜନଗର ବେଲଗୁଣ୍ଠା, ଜଗନ୍ନାଥ ପ୍ରସାଦ ଓ ବୁଗୁଡ଼ା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଆସନ୍ତା ଫେବୃୟାରୀ ୨୦ ତାରିଖଠାରୁ ମାର୍ଚ୍ଚ ମାସ ୧୫ ତାରିଖ ପର୍ଯ୍ୟନ୍ତ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ ପ୍ରଣାଳୀ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତୀ କରାଇବା ସହିତ ତାଲିମ୍ ଦିଆଯିବ। ଆପଣ ମାନଙ୍କୁ ଅନୁରୋଧ କରାଯାଉଛି ଏହି ଅଭିଯାନରେ ସାମିଲ୍ ହୋଇ ନିଜ ନିଜର ବିହନକୁ ଜମିରେ ବୁଣିବା ପୂର୍ବରୁ ବିଶୋଧନ କରି କମ୍ ଖର୍ଚ୍ଚରେ ନିଜନିଜର ଫସଲକୁ ରୋଗ ପୋକ ଦାଉରୁ ସୁରକ୍ଷିତ ରଖି ଅଧିକ ଉତ୍ପାଦନ ହାସଲ କରନ୍ତୁ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଭଞ୍ଜନଗର

**INTEGRATED TRIBAL DEVELOPMENT AGENCY, RAYAGADA**
E-mail-itdarayagada@gmail.com,
Contact No.06856-235165, Pin Code-765001

ଓଡ଼ିଶା ସରକାର

No.681/XI-24/19 **NOTICE** Date:18.02.2019

Application is invited from the intending Retired R.I, A.R.I. & Amin for engagement in Forest Rights Work (Demarcation of FRA Land and preparation of ROR etc.) in different Tahasils of this District along with bio data in the enclosed format. The engagement is purely temporary and on Contractual basis. Selection will be made by a committee on personal interview basis. Remuneration as prescribed by Govt. in finance department vide G.O. No. 7022 Dtd. 17.03.2018 will be paid corresponding to their retirement pay status. Those who are interested may apply to the Nodal Officer, DLC-cum Project Administrator, I.T.D.A., Rayagada on or before 27.02.2019. The Bio Data form and others are available in the Rayagada District Website **www.rayagada.nic.in.**

**Sd./- Nodal Officer, DLC-cum- Project Administration, I.T.D.A., Rayagada**

**Expression of Interest (EOI) is sought for Agency for running of One Stop Centre (OSC) in Angul District**

**Notice No. 350** **Date 16.02.2019**

Sealed applications are invited from organizations for selection of Agency to run One Stop Centre (OSC) in Angul District. Details of eligibility criteria, selection procedure and application form is available in Angul District website www.angul.nic.in. The application complete in all respect should be reached to the office of the District Social Welfare Officer, Angul on or before 11.03.2019 by 1.00 PM through Speed Post/ Registered Post only.

**Sd./- Collector, Angul**

**ODISHA UNIVERSITY OF AGRICULTURE AND TECHNOLOGY**
BHUBANESWAR-751 003, ODISHA, INDIA
Visit us at: www.ouat.nic.in Tele fax: 0674-2562360 Email: cpcouat2018@gmail.com

No.355 / CAET **TENDER NOTICE** Date: 18/02/ 2018

Sealed tenders are invited from reputed manufacturers/ authorized dealers having valid GST/PAN and Service Centers in India, preferably in Odisha for supply, installation and commissioning of different equipment/ other items as specified in the tender document at different Colleges/ Departments/ Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT).

Interested firms have to download the tender documents from our official website **www.ouat.nic.in** and submit the same along with the required tender fee as specified in the tender document.

The last date for receipt of tender bids by speed post (India post) is **12/ 03/2018 up to 5.00 PM.** For details of opening of bids, important information, terms and conditions, requirements, etc. please refer to the tender document available at **www.ouat.nic.in.**

Sd/-
**Chairman,**
**Central Purchase Committee-cum–Dean, CAET O.U.A.T, Bhubaneswar-751003**

**OFFICE OF THE MUNICIPAL COUNCIL, RAIRANGPUR**
Phone No:-06794-222054, E-Mail ID :rairangpurn.hud@ori.nic.in/rrpurnac@gmail.com
**"e" PROCUREMENT NOTICE**

**TENDER CALL NOTICE No:- 332/ Dt.16.02.2019**
**BID IDENTIFICATION No:- T11RRP2018-19**

Bid documents consisting of Specification the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. **www.tendersorissa.gov.in**

1. Nature of the works :- Civil Works 11 (Eleven) nos
2. No. of Works :- Bid identification No.T11RRP2018-19

| Procurement Officer. | Bid Identification No. | Availability of Tender on-line for bidding. | | Last Date and time of seeking tender clarification | End Date for Submission of Bid documents EMD, Tender Paper Cost Etc. as per DTCN dropping on the Office Tender BOX Otherwise tender will be rejected. | Date & Time of opening of tender. |
|---|---|---|---|---|---|---|
| | | From | To | | | Technical Bid & Financial Bid. |
| 1 | 2 | 3 | 4 | 5 | 6 | 7 |
| Executive Officer, Rairangpur Municipality | T11RRP 2018 - 19 | 18.02.2019 At- 10.00 AM. | 25.02.2019 up to 5.00 PM. | 23.02.2019 Up to 5.00 PM. | 26.02.2019 up to 5.00 PM. | 27.02.20-19 At-11 AM. |

3. If all the tender work will be not completed within fixed period mention in the tender schedule the work agreement and work order automatically cancelled.
4. The Authority reserves the right to reject any or all tender without assigning any reason thereof.
5. Further details can be seen from the procurement portal:- **www.tendersorissa.gov.in**

**Sd./- Executive Officer, Rairangpur Municipality**

**COLLECTORATE, MALKANGIRI**
**(ST & SC DEV. SECTION)**
e-mail-mkgdwo@gmail.com / Phone No.-06861-230408

**TENDER CALL NOTICE**

**Advertisement No.300/XX-02-19** **Dated:18.02.2019**

Sealed tenders are invited from the intending firms/ Authorized Dealers/ Rate Contract holder/ Agencies/ Reputed manufacturer to quote their rate for supply of LED TV for Schools & Hostels under ST & SC Dev. Department in the District of Malkangiri. The interested bidders may submit the tender documents complete in all respect along with EMD, Paper Cost (Non-refundable) and other requisite documents on or before 02.03.2019 up to 5.00 PM. Addressing to the D.W.O., Malkangiri At/Po-Malkangiri, PIN-764048 by registered / Speed Post only.

The Tender papers shall be opened on 03.03.2019 at 10.00 AM.

The other details like terms & Conditions general instruction for the bidders etc. are available in the District website: **www.malkangiri.nic.in.** By the Order of Collector,Malkangiri

**Sd./- District Welfare Officer, Malkangiri**

**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER, RWS&S DIVISION, ANGUL: AT: TALCHER**
**At-Baghuabole, Po.- Hatatota, Talcher, Dist.-Angul, Pin-759100 (Ph. No./ Fax - 06760-240762, E-mail : eerwssang@gmail.com)**
**National Competitive Bidding Through e-Procurement**
**Bid Identification No. 12/EE/RWSS/ANGUL/2018-19 Dt.15.02.2019 (Basudha)**

No.1710-O:-The Executive Engineer, RWS&S Division, Angul: At: Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

**Nature of work : Rural Piped Water Supply Schemes.**

1. No. of Tenders : 3 Nos.
2. Tender Paper Cost : Rs.6,000.00 to Rs.10,000.00
3. Value of work : Rs.23.81Lakhs to Rs.91.28 Lakhs
4. Class of Contractor : "C" , "B" & "A" Class
5. Date & time of availability of bid document in portal : 23.02.2019 at 17.00 hours to 01.03.2019 up to 17.00 hours
6 Date & time of seeking tender clarification : 27.02.2019 up to 17.00 hours
7. Date & time of opening of tender & verification of original document : 02.03.2019 at 15.00 hours in the office of the Executive Engineer, RWS&S Division, Angul:At:Talcher
8. Time of completion : 3 (Three) to 6 (Six) Calendar Months
9. The bidders have to participate in online biding only. Further details can be seen from the website **https://www.tendersodisha.gov.in**.
10. Corrigendum if any shall be publish in the above website only.

25019/11/0038/1819 ***Sd./- Executive Engineer, RWS&S Division, Angul,At:Talcher***



“ଆମ ଦଳର ଫରୱାର୍ଡ ମୌରୋ ଇକାର୍ଡିଙ୍କୁ ସିରିଏ’ ପ୍ରତିଦ୍ୱନ୍ଦ୍ୱୀ ଜୁଭେଣ୍ଟସକୁ ବିକ୍ରି କରାଯିବା ଲାଗି କୌଣସି ଯୋଜନା ନାହିଁ ।

–ଷ୍ଟିଭେନ ଝାଙ୍ଗ୍, ଇଣ୍ଟର ମିଲାନ ଫୁଟ୍‌ବଲ କ୍ଲବ ସଭାପତି

“ଖେଳରୁ ଅବସର ନେବା ପରେ ମୁଁ ରାମାୟଣ ଓ ମହାଭାରତ ପୁସ୍ତକ ପଢିବା ସହ ହିନ୍ଦୁ ଧର୍ମ ବିଷୟରେ ଜାଣିବାକୁ ମନୋନିବେଶ କରିଛି ।

–ମିସି ଫ୍ରାଙ୍କ୍‌ଲିନ୍, ଆମେରିକାର ୫ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜୟିନୀ



## ସଂକ୍ଷେପରେ

### ୨୪ ରନରେ ଅଲ୍‌ଆଉଟ୍ ହେଲା ଓମାନ

**ଅଲ୍ ଅମରତ୍ (ଓମାନ), ୧୯।୨:** ଲିଷ୍ଟ-ଏ କ୍ରିକେଟରେ ୪ର୍ଥ ସର୍ବନିମ୍ନ ଦଳଗତ ସ୍କୋର ଓମାନ ଟିମ୍ ନାମରେ ହୋଇଛି। ମଙ୍ଗଳବାର ସ୍ଥାନୀୟ ଅଲ୍ ଅମରତ୍ କ୍ରିକେଟ୍ ଗ୍ରାଉଣ୍ଡରେ ସ୍କଟ୍‌ଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଓମାନ ମାତ୍ର ୨୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓମାନ ୧୭.୧ ଓଭରରେ ୨୪ ରନରେ ସମସ୍ତ ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଖାୱର ଅଲୀ ସର୍ବାଧିକ ୧୫ ରନ କରିଥିବାବେଳେ ଅନ୍ୟକେହି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଏପରିକି ଦଳର ୫ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଲିଷ୍ଟ-ଏ କ୍ରିକେଟରେ ସର୍ବନିମ୍ନ ସ୍କୋର ୱେଷ୍ଟଇଣ୍ଡିଜ ୧୯ ବର୍ଷରୁ କମ୍ ଟିମ୍ (୧୮ ରନ) ନାମରେ ରହିଥିବାରୁ ଓମାନ ଅଳ୍ପକେ ଏହି ରେକର୍ଡ ଭାଙ୍ଗିବାରୁ ବର୍ତ୍ତିଯାଇଛି। ଜବାବରେ ସ୍କଟ୍‌ଲାଣ୍ଡ ୩.୨ ଓଭରରେ କୌଣସି ଉଇକେଟ୍ ନ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

### ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକଙ୍କ ବିୟୋଗ



**ଭୁବନେଶ୍ୱର, ୧୯।୨(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସମ୍ପାଦକ ପ୍ରଦୀପ ମହାନ୍ତିଙ୍କର ମଙ୍ଗଳବାର ସକାଳ ୫ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। କଟକର କେନ୍ଦୁଝର କଲୋନୀରେ ରହୁଥିବା ପ୍ରଦୀପ କିଛିଦିନ ହେବ କିଡ୍‌ନୀଜନିତ ସମସ୍ୟାରେ ପୀଡ଼ିତ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ପତ୍ନୀ ନିଲୁ ମହାନ୍ତି, ଶାଳକ ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ତାଙ୍କ ମରଶରୀରକୁ କଟକସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ବିଭିନ୍ନ କ୍ରୀଡ଼ା ସଂଗଠନ ଓ କ୍ରୀଡ଼ାପ୍ରେମୀ ତାଙ୍କ ଅନ୍ତିମ ଦର୍ଶନ କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରାଜ୍ୟ ସଂଘର ସମ୍ପାଦକ ସମେତ ପ୍ରଦୀପ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ମଧ ରହିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ କ୍ରୀଡ଼ା ସଂଗଠନ ପକ୍ଷରୁ ଶୋକପ୍ରକାଶ କରାଯାଇଛି।

# ଜୋକୋଭିଚ୍‌ଙ୍କୁ ଲୌରିୟସ କ୍ରୀଡ଼ା ସମ୍ମାନ

ମୋନାକୋ, ୧୯।୨(ପି.ଟି.)



ପୁରସ୍କାର ସହ ନୋଭାକ ଜୋକୋଭିଚ୍।

ଟେନିସ ଷ୍ଟାର୍ ନୋଭାକ ଜୋକୋଭିଚ୍, ଜିମ୍ନାଷ୍ଟ ସିମୋନ ବାଇଲ୍ସ, ଲିଜେଣ୍ଡ ଗଲ୍ଫ ଖେଳାଳି ଟାଇଗର ଉଡ୍ସ ଓ ବିଶ୍ୱ ଚାମ୍ପିୟନ ଫ୍ରାନ୍ସ ଫୁଟ୍‌ବଲ ଟିମ୍ ୨୦୧୯ ବର୍ଷ ପାଇଁ ସମ୍ମାନଜନକ ଲୌରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଜିତିଛନ୍ତି। ଯୁବ ଉଦୀୟମାନ ଫୁଟ୍‌ବଲ ଷ୍ଟାର୍ କିଲିୟାନ୍ ଏମ୍‌ବାପ୍ପେ, ମାରାଥନ ଧାବକ ଏଲିଉଡ୍ କିପ୍‌ଚୋଗେ ଓ ଆମେରିକା ବାସ୍କେଟବଲ ଖେଳାଳି ଲେବର୍ନ ଜେମ୍ସଙ୍କୁ ପଛରେ ପକାଇ ବିଶ୍ୱର ନମ୍ବର ୱାନ ଟେନିସ ଖେଳାଳି ଜୋକୋଭିଚ୍ ଚଳିତବର୍ଷ ପାଇଁ ‘ବିଶ୍ୱର ଶ୍ରେଷ୍ଠ ପୁରୁଷ କ୍ରୀଡ଼ାବିତ୍’ ପୁରସ୍କାର ହାସଲ କରିଛନ୍ତି। ଗତ ମାସରେ ଅଷ୍ଟ୍ରେଲିଆନ୍ ଓପନ୍‌କୁ ମିଶାଇ ଶେଷ ୩ଟି ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିବା ଜୋକୋଭିଚ୍ ୪ର୍ଥ ଥର ଲାଗି ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ଏହିକ୍ରମରେ ସେ ଜାମାଇକାର କିମ୍ବଦନ୍ତୀ ସ୍ପ୍ରିଣ୍ଟର ଉସେନ ବୋଲ୍ଟଙ୍କ ସହ ସମକକ୍ଷ ହୋଇଛନ୍ତି। ସୁଇଜରଲାଣ୍ଡ ଟେନିସ ଷ୍ଟାର ରୋଜର ଫେଡରର ସର୍ବାଧିକ ୫ମ ଥର ଲାଗି ଏହି ପୁରସ୍କାର ଜିତି ରେକର୍ଡ କରିଛନ୍ତି।

ସେହିଭଳି ଆମେରିକୀୟ ଜିମ୍ନାଷ୍ଟ ସିମୋନ ବାଇଲ୍ସ ‘ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ଆୱାର୍ଡ’ ହାତେଇ ନେଇଛନ୍ତି। ବାଇଲ୍ସ ପୂର୍ବରୁ ମଧ ୨୦୧୭ରେ ଏହି ପୁରସ୍କାରର ଅଧିକାରିଣୀ ହୋଇଥିଲେ। ୨୧ ବର୍ଷୀୟା ବାଇଲ୍ସ ୨୦୧୮ ବିଶ୍ୱ ଚାମ୍ପିୟନଶିପ୍‌ରେ ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ବର୍ତ୍ତମାନ ସୁଦ୍ଧା ସେ କ୍ୟାରିୟରରେ ୧୪ଟି ବିଶ୍ୱ ଟାଇଟଲ୍ ହାସଲ କରିସାରିଲେଣି। ଫିଫା ବିଶ୍ୱକପ୍ ବିଜୟୀ ଫ୍ରାନ୍ସ ଫୁଟ୍‌ବଲ ଟିମ୍ ‘ଟିମ୍ ଅଫ୍ ଦି ଇୟର’ ଆୱାର୍ଡ ହାସଲ କରିଛି। ଏହି ସମ୍ମାନଜନକ ପୁରସ୍କାର ହାସଲ କରିବାରେ ଫ୍ରାନ୍ସ ବିଶ୍ୱର ପ୍ରଥମ ଫୁଟ୍‌ବଲ ଟିମ୍। ମୋନାକୋରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଉତ୍ସବ ଅବସରରେ ଫ୍ରାନ୍ସ କୋଚ୍ ଡିଡିଅର ଡେସଚାମ୍ପ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅପରପକ୍ଷରେ ଜାପାନ ପାଇଁ ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଥିବା ନାଓମି ଓସାକା ‘ବ୍ରେକ୍‌ଥ୍ରୁ ଅଫ୍ ଦି ଇୟର ଆୱାର୍ଡ’ ହାସଲ କରିଥିଲେ। ୟୁଏସ୍ ଓପନ୍ ଫାଇନାଲରେ ଓସାକା ପାଞ୍ଚଥର ଲୌରିୟସ କ୍ରୀଡ଼ା ପୁରସ୍କାର ବିଜୟିନୀ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ଲୌରିୟସ ପୁରସ୍କାର ଜିତିବାରେ ଓସାକା ପ୍ରଥମ ଜାପାନ କ୍ରୀଡ଼ାବିତ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଫୁଟ୍‌ବଲରେ ଅତୁଳନୀୟ ଅବଦାନ ଲାଗି ଲିଜେଣ୍ଡ ଫୁଟ୍‌ବଲ ମ୍ୟାନେଜର ଆର୍ସେନ ୱେଙ୍ଗରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା।

କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ଲୌରିୟସ ସ୍ପୋର୍ଟ୍ସ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ଶ୍ରେଷ୍ଠ ପୁରୁଷ ଓ ମହିଳା, ଶ୍ରେଷ୍ଠ ଟିମ୍ ପୁରସ୍କାର ଆଦି ପ୍ରଦାନ କରାଯାଇଥାଏ। ବିଶ୍ୱର ୬୮ଜଣ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କୁ ନେଇ ଗଠିତ ଲୌରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ଏକାଡେମୀ ଭୋଟିଂ ପ୍ରକ୍ରିୟା ମାଧମରେ ବିଭିନ୍ନ ବିଭାଗର ବିଜେତା ଚୟନ କରିଥିଲା।

# ହରିୟାଣା ଓଭରଅଲ୍ ଟିମ୍ ଚାମ୍ପିୟନ୍

**ଜାତୀୟ ସବ୍- ଜୁନିୟର ରେସଲିଂ**

ଭୁବନେଶ୍ୱର,୧୯।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ରେସଲିଂ ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩୮ତମ ଫ୍ରି ଷ୍ଟାଇଲ୍, ଗ୍ରୀକୋ- ରୋମାନ ଷ୍ଟାଇଲ୍ ଓ ୨୨ତମ ବାଳିକା ଫ୍ରି ଷ୍ଟାଇଲ୍ ସବ୍- ଜୁନିୟର ଜାତୀୟ ରେସଲିଂ ଚାମ୍ପିୟନଶିପ୍ ଦ୍ୱିତୀୟ ଦିବସରେ ପହଞ୍ଚିଛି। ମଙ୍ଗଳବାର ବାଳିକା ଫ୍ରି ଷ୍ଟାଇଲ୍ ଇଭେଣ୍ଟଗୁଡିକ ଖେଳାଯାଇଥିଲା। ସକାଳୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖେଳ ଜାରି ରହିଥିଲା। ଇଭେଣ୍ଟ ଶେଷ ହେବା ପରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ହରିୟାଣା ଏହି ପ୍ରତିଯୋଗିତାରେ ଓଭରଅଲ ଟିମ୍ ଚାମ୍ପିୟନ ହୋଇଛି। ସେହିପରି ମହାରାଷ୍ଟ୍ର ରନର୍ସଅପ୍ ବିବେଚିତ ହୋଇଥିବାବେଳେ ସାଇ ତୃତୀୟ ସ୍ଥାନରେ ରହିଛି।

ବାଳିକା ଫ୍ରି ଷ୍ଟାଇଲ୍ ରେସଲିଂ ପ୍ରତିଯୋଗିତାର ୪୦ କେ.ଜି. ଇଭେଣ୍ଟରେ ହରିୟାଣାର କୋମଲ ପ୍ରଥମ, ମଧ ପ୍ରଦେଶର ମାଧୁରୀ ପଟେଲ ଦ୍ୱିତୀୟ, ମହାରାଷ୍ଟ୍ରର ଅଙ୍କିତା ଓ ଗୁଜରାଟର ଖାପେକର ଭାରତୀ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୪୩ କେ.ଜି. ବର୍ଗ ପ୍ରତିଯୋଗିତାରେ ହରିୟାଣାର ସୁଇଟି ପ୍ରଥମ, ରାଜସ୍ଥାନର ସୋନିଆ ଚୌଧୁରୀ ଦ୍ୱିତୀୟ, ମହାରାଷ୍ଟ୍ରର କଲ୍ୟାଣୀ ପଣ୍ଡୁରାନଗାଡେକର ଓ ଦିଲ୍ଲୀର ରେନୁ ମୋର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୪୬ କେ.ଜି. ବର୍ଗ ପ୍ରତିଯୋଗିତାରେ ହରିୟାଣାର ହନୀ କୁମାରୀ ପ୍ରଥମ, ସାଇର ସବିତା ଦ୍ୱିତୀୟ, ଗୁଜରାଟର ଦର୍ଜି ରିଧିବେନ୍ ଓ ହରିୟାଣାର ଶୀତଲ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୪୯ କେ.ଜି. ବର୍ଗରେ ହରିୟାଣାର ଅନ୍ତିମ ପ୍ରଥମ, ସାଇର ତନୁ ଦ୍ୱିତୀୟ, ମହାରାଷ୍ଟ୍ରର ସ୍ୱିତା ସାମ୍ଭାଜି ପାଟିଲ ଓ ହରିୟାଣାର ପିଙ୍କି ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପଟେ ୫୫ କେ.ଜି. ପ୍ରତିଯୋଗିତାରେ ଉତ୍ତର ପ୍ରଦେଶର ପୁଷ୍ପା ଯାଦବ ପ୍ରଥମ, ହରିୟାଣାର ନିଶୁ ଦ୍ୱିତୀୟ, ମହାରାଷ୍ଟ୍ରର ଦିଶା ପ୍ରକାଶ କରାଣ୍ଡେ ଓ ସାଇର ଆରତୀ ସାରୋହା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୫୭ କେ.ଜି. ବର୍ଗ ପ୍ରତିଯୋଗିତାରେ ହରିୟାଣାର ପ୍ରିୟଙ୍କା ପ୍ରଥମ, ସାଇର ପ୍ରତିଭା ଦ୍ୱିତୀୟ, ହରିୟାଣାର ଜୀଭିକା ଓ ମହାରାଷ୍ଟ୍ରର ଭାଗ୍ୟଶ୍ରୀ ମିଳିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୬୧ କେ.ଜି. ବର୍ଗରେ ହରିୟାଣାର ଆର୍‌ଜୁ ପ୍ରଥମ, ମହାରାଷ୍ଟ୍ରର ଶ୍ରୁଷ୍ଟି ଜୟବନ୍ତ ଭୋସ୍‌ଲେ ଦ୍ୱିତୀୟ, ସାଇର ସିଭୁ ଓ ହରିୟାଣାର ଇଶା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୬୫ କେ.ଜି. ବର୍ଗରେ ମହାରାଷ୍ଟ୍ରର ରମନଦୀପ ଓ ହରିୟାଣାର ସ୍ନେହା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ସାଇର ଭାବନା ଓ ରାଜସ୍ଥାନର ମୋନିକା ମିଳିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପଟେ ୬୯ କେ.ଜି. ବର୍ଗରେ ସାଇର ରବିତା କୁମାରୀ ପ୍ରଥମ, ହରିୟାଣାର ରିତିକା, ଉତ୍ତର ପ୍ରଦେଶର ହର୍ଷିତା ସିଂ ଓ ମହାରାଷ୍ଟ୍ରର ପ୍ରତୀକ୍ଷା ଯୁଗ୍ମ ତୃତୀୟ ସ୍ଥାନରେ ରହିଥିଲେ। ଶେଷରେ ୭୩ କେ.ଜି. ବର୍ଗ ପ୍ରତିଯୋଗିତାରେ ହରିୟାଣାର ଭୂମି ପ୍ରଥମ, ଉତ୍ତର ପ୍ରଦେଶର ବର୍ଷା ଦ୍ୱିତୀୟ ଓ ରାଜସ୍ଥାନର ବିଜୟଶ୍ରୀ ଓ ହରିୟାଣାର ବିନ୍ଧୁ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ରାଉରକେଲା ପୋଲିସ ବିଜୟୀ

**୭୪ତମ ରାଜ୍ୟ ପୋଲିସ ହକି ଉଦ୍‌ଘାଟିତ**

ରାଉରକେଲା ଅଫିସ,୧୯।୨



ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି ।

ବିଜୁ ପଟ୍ଟନାୟକ ଇସ୍ପାତ ଷ୍ଟାଡିୟମରେ ମଙ୍ଗଳବାର ରାଜ୍ୟ ପୋଲିସ ହକି ଟୁର୍ନାମେଣ୍ଟର ୭୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ରାଉରକେଲା ପୋଲିସ ଓ କୋରାପୁଟ ଓଏସ୍‌ଏପି ଟିମ୍ ମଧରେ ଖେଳାଯାଇଥିଲା। ଏଥିରେ ରାଉରକେଲା ପୋଲିସ ୪–୦ ଗୋଲରେ ବିଜୟୀ ହୋଇଛି। ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ଜିଲାର ୧୮ଟି ପୋଲିସ ଟିମ୍ ଭାଗ ନେଇଛନ୍ତି। ଆୟୋଜକ କମିଟି ମୁଖ୍ୟ ତଥା ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାଶ ଖେଳାଳିଙ୍କୁ ସ୍ୱାଗତ କରିବା ସହ ଖେଳ ଭାବନା ନେଇ ଖେଳିବାକୁ ଶପଥପାଠ କରାଇଥିଲେ। ପାନପୋଷ ଏସ୍‌ଡିପିଓ ପଦ୍ମିନୀ ସାହୁ, ଅତିରିକ୍ତ ଏସ୍‌ପି ସୁରେଶ ପାଠୀ ଓ ସୂର୍ଯ୍ୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୨୪ ତାରିଖରେ ଉଦ୍‌ଯାପିତ ହେବ।

## ‘ହାର୍ଦ୍ଦିକଙ୍କଠାରୁ ଷ୍ଟୋଇନିସ ଉନ୍ନତ’

**ମୁମ୍ବାଇ, ୧୯।୨ (ପି.ଟି.):** ଭାରତର ଉଦୀୟମାନ ଅଲ୍ ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ତୁଳନାରେ ତାଙ୍କ ଦେଶର ମାର୍କସ ଷ୍ଟୋଇନିସ୍ ଉନ୍ନତ ବୋଲି ପୂର୍ବତନ ଅଷ୍ଟ୍ରେଲୀୟ ଓପନର ମାଥ୍ୟୁ ହେଡେନ ମତ ବ୍ୟକ୍ତ କରିଛନ୍ତି। ନିଜ ଦେଶ ପକ୍ଷରୁ ୧୦୩ ଟେଷ୍ଟ ମ୍ୟାଚ ଖେଳିଥିବା ହେଡେନ ଆହୁରି ମଧ କହିଛନ୍ତି ଦୁଇ ଦେଶ ମଧରେ ଖେଳାଯିବାକୁଥିବା ଆସନ୍ତା ଅନ୍ତର୍ଜାତୀୟ ଟି୨୦ ସିରିଜରେ ତାଙ୍କ ଦେଶର ପ୍ୟାଟ କୁମିନ୍ସ ଭାରତ ଓପନର ଶିଖର ଧାୱନଙ୍କୁ ଅଡୁଆରେ ପକାଇପାରନ୍ତି। ତେବେ ସେ ଭାରତ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ସିରିଜରେ ହରିୟାଣାର ଏହି ବୋଲରଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିବ। ମିଡଲ ଓଭରରେ ଅଷ୍ଟ୍ରେଲିଆର ହାର୍ଡ–ହିଟିଂ ବ୍ୟାଟ୍ସମ୍ୟାନ ଗ୍ଲେନ ମାକ୍ସୱେଲଙ୍କ ତାଙ୍କର ସଂଘର୍ଷ ହେବ।

# ୨୦୩୨ ଅଲିମ୍ପିକ୍ସ ପାଇଁ ବିଡ୍ ଦାଖଲ କଲା ଇଣ୍ଡୋନେସିଆ

ଜାକର୍ତ୍ତା, ୧୯।୨ (ଏଏଫ୍‌ପି)

ଇଣ୍ଡୋନେସିଆ ୨୦୩୨ ଅଲିମ୍ପିକ୍ସ ଆୟୋଜନ ଲାଗି ଏକ ବିଡ୍ ଦାଖଲ କରିଛି। ଗତବର୍ଷ ଏହି ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଫଳତାର ସହ ଏସିଆନ ଗେମ୍ସ ଆୟୋଜନ କରିବା ପରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ସୁଇଜରଲାଣ୍ଡ ପାଇଁ ଲାଉସାନେଠାରେ ଅବସ୍ଥାପିତ ଇଣ୍ଡୋନେସିଆରର ରାଷ୍ଟ୍ରଦୂତ ମୁଲିଆମାନ୍ ହାଦାଦ୍ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କଠାରୁ ଆଣିଥିବା ଆନୁଷ୍ଠାନିକ ବିଡ୍ ଚିଠି ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି) ନିକଟରେ ଦାଖଲ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ତରଫରୁ ମଙ୍ଗଳବାର ଏହା ସ୍ପଷ୍ଟ କରାଯାଇଛି। ଗତବର୍ଷ ରାଜଧାନୀ ଜାକର୍ତ୍ତାରେ ଏସିଆନ ଗେମ୍ସ ବେଳେ ୨୦୩୨ ଅଲିମ୍ପିକ୍ସ ଆୟୋଜନ ଲାଗି ଇଣ୍ଡୋନେସିଆ ଆଗ୍ରହ ଥିବା ବିଷୟ ୱିଡୋଡୋ ସର୍ବସାଧାରଣରେ ଘୋଷଣା କରିଥିଲେ। ଭାରତ ମଧ ୨୦୩୨ ଗେମ୍ସ ଆୟୋଜନ ପାଇଁ ଆଗ୍ରହୀ ଥିବାବେଳେ ଉତ୍ତର ଓ ଦକ୍ଷିଣ କୋରିଆ ମିଳିତ ଭାବେ ବିଡ୍ ଦାଖଲ କରିବା ସମ୍ଭାବନା ରହିଛି।

# ନିଖାତ, ମୀନା ସ୍ୱର୍ଣ୍ଣ ଜିତିଲେ

**ନୂଆଦିଲ୍ଲୀ, ୧୯।୨ (ପି.ଟି.):** ବୁଲ୍‌ଗେରିଆର ରାଜଧାନୀ ସୋଫିଆଠାରେ ଚାଲିଥିବା ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତରୁ ଦୁଇ ମହିଳା ପ୍ରତିଯୋଗୀ ନିଖାଥ ଜରୀନ ଓ ମୀନା କୁମାରୀ ଦେବୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବତନ ବିଶ୍ୱଚାମ୍ପିୟନ ତଥା ଏକାଧିକ ଜାତୀୟ ଚାମ୍ପିୟନଶିପ୍ ଟାଇଟଲ ବିଜୟିନୀ ଜରୀନ ୫୧ କେ.ଜି. ପ୍ରତିଯୋଗିତାରେ ଫିଲିପାଇନ୍ସର ଆଇରିଶ୍ ମାଙ୍ଗୋଙ୍କୁ ଫାଇନାଲ ମୁକାବିଲାରେ ୫–୦ରେ ପରାସ୍ତ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ମୀନା କୁମାରୀ ୫୪ କେ.ଜି. ବଣ୍ଟମୱେଟ୍ (୫୪ କେ.ଜି.) ବର୍ଗରେ ଫିଲିପାଇନ୍ସର ଅନ୍ୟତମ ମହିଳା ବକ୍ସର ଅଇରା ଭିଲେଗାସ୍‌ଙ୍କୁ ଫାଇନାଲରେ ୩–୨ରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ସଂସ୍କରଣରେ ମୀନା ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

**ସର୍ବଭାରତୀୟ ରାୟ ସାହେବ ଫୁଟବଲ**

# ଓଡ଼ିଶା ପୋଲିସକୁ ହରାଇଲା ମେଦିନାପୁର

ବାଲେଶ୍ୱର ଅଫିସ,୧୯।୨

ବାଲେଶ୍ୱର ଜିଲା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ପରମିଟ ପଡ଼ିଆରେ ସର୍ବଭାରତୀୟ ରାୟ ସାହେବ ପ୍ରଫୁଲ୍ଲ ଚନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମିଦିନାପୁରର ସୁବାଷ କର୍ନର ଟିମ୍ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ମିଦିନାପୁର ୨–୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ବିଜୟୀ ଦଳର ୧୦ ନମ୍ବର ଜର୍ସି ପରିଧାନ କରିଥିବା ମୁସ୍ତାଫାଙ୍କୁ ଉତ୍ତମ ଖେଳ ପ୍ରଦର୍ଶନ ଲାଗି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବ୍ରିଟ୍ ଅଧକ୍ଷ ଗୌରୀ କୁମାର ରାଉତ ଏବଂ ସମ୍ମାନିତ ଅତିଥି ଭାବରେ ଫାଲକନ ମେରାଇନ ଏକ୍ସପର୍ଟ ଜେନେରାଲ ମ୍ୟାନେଜର ସଞ୍ଜିତ କୁମାର ଦାସ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ ପରେ ଖେଳ ଆରମ୍ଭ ହୋଇଥିଲା।

ଶିଳ୍ପପତି ହିମାଂଶୁ ଦାସ, ହରି ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ ସଂଗଠନ ସମ୍ପାଦକ ସଂଗ୍ରାମ ଦାସ, ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅଧିପ ଦାଶ, ସହ–ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପ–ସଭାପତି ହରମୋହନ ଦାସ, ବୀରେନ୍ଦ୍ର ସ୍ୱାଇଁ, ମିହିର ମହାପାତ୍ର, ବସନ୍ତ ମହାନ୍ତି, ଯୁଗ୍ମ–ସମ୍ପାଦକ ନିମାଇଁ ଚରଣ ରାଉତରାୟ, ସୁଜୟ କୁମାର ଆଚାର୍ଯ୍ୟ, କାର୍ତ୍ତିକ ନାୟକ, ସଞ୍ଜୟ ଲେଙ୍କା, ଜଗଦିଶ ବେହେରା, ତରୁଣ ଚାଟାର୍ଜୀ, କୋଷାଧକ୍ଷ ଅମର କୁମାର ମହାନ୍ତି, ପ୍ରଦୀପ କୁମାର ଦାସ, ବିଷ୍ଣୁ ମହାନ୍ତି, ସାଦିକ ଅଲ୍ଲି ଖାଁ, ରବିନ ମିତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁଜିତ କୁମାର ପାତ୍ର, ଅରୁଣ କୁମାର ନାୟକ, ପ୍ରଦୀପ କୁମାର ଦାସ, ପ୍ରଦୀପ ଦାସ ଓ ସେକ୍ ଅବଦୁଲ ମଜିଦ୍ ମ୍ୟାଚ୍ ପରିଚାଳନା କରିଥିଲେ। ବୁଧବାରର ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଓ ଆରପିଏଫ୍ (ଖଡ଼ଗପୁର) ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଗଗଲ ସ୍ପୋର୍ଟ୍ସ ଖେଳାଳିଙ୍କୁ କୋଚିଂ ଦେବ ଜାଇକା

ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି)

କ୍ରୀଡ଼ା କ୍ଷେତ୍ରରେ ଲୁଚ୍‌କାୟିତ ପ୍ରତିଭାଙ୍କୁ ଠାବ କରିବା ଏବଂ ସେମାନଙ୍କ ପ୍ରତିଭାର ବିକାଶ ପାଇଁ କାର୍ଯ୍ୟ କରୁଥିବା ଗଗଲ ସ୍ପୋର୍ଟ୍ସ ଟ୍ରଷ୍ଟକୁ ଏବେ ସହାୟତାର ହାତ ବଢ଼ାଇଛି ଜାପାନ ଇଣ୍ଟରନ୍ୟାଶନାଲ କୋପରେଶନ ଏଜେନ୍ସି (ଜାଇକା)। ଗଗଲ ସ୍ପୋର୍ଟ୍ସ ୨୦୧୧ରୁ ପ୍ରତିଷ୍ଠା ହୋଇଥିଲେ ହେଁ ଗତ ଏକ ବର୍ଷ ହେଲା ପବ୍ଲିକ୍ ଟ୍ରଷ୍ଟଭାବେ ପଞ୍ଜୀକୃତ ହୋଇଛି। ରାଜ୍ୟର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ନେଇ ଗଠିତ ଗଗଲ ସ୍ପୋର୍ଟ୍ସ ୧ ବର୍ଷ ମଧରେ ଜାତୀୟ ଓ ଅନ୍ତର୍ଜାତୀୟ ରଗ୍‌ବୀରେ ପ୍ରଦର୍ଶନର ଛାପ ଛାଡ଼ିଛି। “ଜେଆଇସିଏର କର୍ମକର୍ତ୍ତାମାନେ ଏଠାକାର ପରିବେଶ ଏବଂ ଆମ ପିଲାମାନଙ୍କ ପ୍ରଦର୍ଶନରେ ଖୁବ୍ ଖୁସି ଜାହିର କରିଛନ୍ତି। ଫଳରେ ସେମାନେ ଆମ ପିଲାଙ୍କ ପାଇଁ ମାଗଣାରେ କୋଚିଂର ବ୍ୟବସ୍ଥା କରିବାକୁ ରାଜି ହୋଇଛନ୍ତି। ଜାଇକାର ନିୟମ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ସେମାନଙ୍କ ପକ୍ଷରୁ ୪ ସପ୍ତାହ କୋଚିଂ ପ୍ରଦାନ କରାଯିବ। ଏଥିପାଇଁ ଜଣେ ଜାପାନ କୋଚ୍‌ଙ୍କୁ ନିଯୁକ୍ତ କରାଯିବ। ଏହା ୨୦୨୦ ଜାନୁୟାରୀ ୧୫ରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଦୀର୍ଘକାଳୀନ ଭିତ୍ତିରେ ଆମ ପିଲାଙ୍କୁ କୋଚିଂ ଦେବା ସମ୍ପର୍କରେ ବିଚାର କରିବେ ବୋଲି ଗଗଲ ସ୍ପୋର୍ଟ୍ସ ଟ୍ରଷ୍ଟର ଚେୟାରମ୍ୟାନ ଜଗଦୀଶ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି। ମଙ୍ଗଳବାର ଜାଇକାର ପ୍ରତିନିଧିଦଳ ଏବଂ ଇଣ୍ଡିଆ ରଗ୍‌ବୀର ଅଫିସିଆଲମାନେ ଗଗଲ ସ୍ପୋର୍ଟ୍ସର କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପିଲାମାନଙ୍କ ସହ ମିଶିଛନ୍ତି। ପ୍ରତିନିଧି ଦଳରେ ଦୋଶିହା ବିଶ୍ୱବିଦ୍ୟାଳୟର ପ୍ରଫେସର (ରଗ୍‌ବୀ କ୍ଲବର ପୁରାତନ ଛାତ୍ର) କୋଇଜି କାୱାଲ, ସୁସୁମୁ କାତ୍‌ସୁମାତା, ଆକିୟୋ ୟାମାଉଚି, ୟୋସୁକେ ସାକା, ଉମାଚି ତୋରୁ, ଇକେଦା ମୁତ୍‌ସୁକୋ ସାମିଲ ଥିଲେ। ଜାପାନ ପ୍ରତିନିଧିମଣ୍ଡଳୀ ସହିତ ଇଣ୍ଡିଆନ ରଗ୍‌ବୀର ଜେନେରାଲ ମ୍ୟାନେଜର ନାସିର ହୁସେନ, ଓଡ଼ିଶା ରଗ୍‌ବୀର ଧିରେନ ମଧ ଗଗଲ ସ୍ପୋର୍ଟ୍ସ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ।

ପ୍ରକାଶ ଯୋଗ୍ୟ ଯେ, ଜାପାନ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ପ୍ରଥମେ କିଟ୍, ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଶେଷରେ ଗଗଲ ସ୍ପୋର୍ଟ୍ସ କାର୍ଯ୍ୟାଳୟକୁ ଆସିଥିଲେ। ଜାଇକା ପକ୍ଷରୁ ଗତ ୨ ବର୍ଷ ଧରି କିଟ୍‌ରେ କୋଚିଂର ବ୍ୟବସ୍ଥା କରାଯାଇଛି। “କେବଳ ଓଡ଼ିଶାରେ ନୁହେଁ ଭାରତର ଅନ୍ୟ ରାଜ୍ୟରେ ମଧ ଏପରି କାର୍ଯ୍ୟ କରିବାକୁ ଜାଇକାର ଯୋଜନା ରହିଛି। ମାତ୍ର ଓଡ଼ିଶାରୁ ସେମାନେ ଏହି ଅଭିଯାନ ଆରମ୍ଭ କରିଛନ୍ତି। ସେମାନଙ୍କ ପକ୍ଷରୁ ମାଗଣାରେ କୋଚ୍ ଯୋଗାଇ ଦିଆ ଯାଇଥାଏ। ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ କୋଚ୍‌ଙ୍କ ରହଣିର ବ୍ୟବସ୍ଥା ହୋଇଥାଏ। କିଟ୍‌ରେ ସେମାନେ ଏହି କାର୍ଯ୍ୟକ୍ରମ ଆରମ୍ଭ କରି ସାରିଛନ୍ତି। ଏବେ ଉତ୍କଳ ଏବଂ ଗଗଲ ସ୍ପୋର୍ଟ୍ସରେ ସମ୍ଭବତଃ ଏହା ଆରମ୍ଭ ହୋଇପାରେ ବୋଲି ନାସିର ପ୍ରକାଶ କରିଛନ୍ତି। ଜାପାନରେ ଜାଇକା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ଏବେ ଜାପାନ ବାହାରେ ଆରମ୍ଭ ହୋଇଥିବା କାର୍ଯ୍ୟର ଏହା ଅଂଶବିଶେଷ। ଯେଉଁଠି ଆବଶ୍ୟକ ସେଠାରେ ମାଗଣାରେ କୋଚ୍ ଯୋଗାଇଦେବା ଏବଂ ପିଲାମାନଙ୍କୁ ଉପଯୁକ୍ତ ଟ୍ରେନିଂ ଦେଇ ଅନ୍ତର୍ଜାତୀୟ ସ୍ତରର ଗଢ଼ି ତୋଳିବା ଏହି ସଂସ୍ଥାର ଉଦ୍ଦେଶ୍ୟ ବୋଲି କୋଇଜି କାୱାଲ କହିଛନ୍ତି।

## ଜିମ୍‌ରେ ଅଭ୍ୟାସ ଆବଶ୍ୟକ

ଖୁବ୍ କମ୍ ଦିନ ମଧରେ ଗଗଲ ସ୍ପୋର୍ଟ୍ସର ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇଲେଣି। ସେମାନଙ୍କ ପ୍ରଦର୍ଶନକୁ ନେଇ ଇଂଲଣ୍ଡ ଓ ଜାପାନରେ ଚର୍ଚ୍ଚା ହେଲାଣି। ମାତ୍ର ଓଡ଼ିଶାରେ ସେମାନେ ଅବହେଳିତ ଭାବେ ରହିଛନ୍ତି। ପିଲାଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ଜାପାନ ଇଣ୍ଟରନ୍ୟାଶନାଲ କୋପରେଶନ ଏଜେନ୍ସି ମାଗଣାରେ କୋଚିଂ ଦେବା ବ୍ୟବସ୍ଥା କରୁଛନ୍ତି। ମାତ୍ର ପିଲାଙ୍କ ଫିଟ୍‌ନେସ ପାଇଁ ଜିମ୍‌ରେ ଅଭ୍ୟାସ କରିବା ଆବଶ୍ୟକ ରହିଛି। ତେଣୁ ଓଡ଼ିଶାର କୌଣସି ଜିମ୍‌ରେ ମାଗଣାରେ ଅଭ୍ୟାସର ସୁଯୋଗ ମିଳିପାରିଲେ ପିଲାମାନେ ଉକ୍ତ ସଂସ୍ଥାକୁ ଗୌରବାନ୍ୱିତ କରିପାରନ୍ତେ ବୋଲି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ତଥା ଗଗଲ ସ୍ପୋର୍ଟ୍ସର ମ୍ୟାନେଜିଂ ଟ୍ରଷ୍ଟି ସୁରେନ୍ଦ୍ର ଜେନା ପ୍ରକାଶ କରିଛନ୍ତି।

ଗଗଲ ସ୍ପୋର୍ଟ୍ସ ପକ୍ଷରୁ ହ୍ୱିଲ ଚେୟାର ରଗ୍‌ବୀ ପିଲାମାନଙ୍କୁ ମଧ ଟ୍ରେନିଂ ଦିଆ ଯାଉଛି। ଭବିଷ୍ୟତରେ ଭୁବନେଶ୍ୱରରେ ଏକ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ କରିବା ପାଇଁ ଆମର ଯୋଜନା ଅଛି। ଏହା ବ୍ୟତୀତ ଆଗାମୀ ଦିନରେ ଅଧିକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଯେପରି ଆମ ପିଲା ଭାଗ ନେଇ ପାରିବେ ସେ ସମ୍ପର୍କରେ ଚିନ୍ତା କରାଯାଉଛି ବୋଲି ମ୍ୟାନେଜିଂ ଟ୍ରଷ୍ଟି ସୁରେନ୍ଦ୍ର ଜେନା କହିଛନ୍ତି।




ଜାଇକାର ପ୍ରତିନିଧି ମଣ୍ଡଳୀ, ଇଣ୍ଡିଆନ୍ ରଗ୍‌ବୀ ଦଳର ସଦସ୍ୟଙ୍କ ସହ ଗଗଲ ସ୍ପୋର୍ଟ୍ସର ଖେଳାଳି ଓ କର୍ମକର୍ତ୍ତା।

## ସଂକ୍ଷେପରେ

ଖେଳିବାକୁ ଯାଇ ଆଉ ଫେରିଲେନି

# ପୋଖରୀରେ ବୁଡ଼ି ୨ ବାଳକ ମୃତ

ରାୟଗଡା ଅଫିସ୍, ୧୯।୨: ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ମାଟିକଣା ଗ୍ରାମରେ ପୋଖରୀରେ ବୁଡି ୨ ଜଣ ବାଳକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ତୃତୀୟ ଶ୍ରେଣୀର ଛାତ୍ର ଆରେସୁ ହିମିରିକା(୭) ଓ ସୁନୀଲ ହିମିରିକା(୭) । ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ଉଭୟ ସୁନୀଲ ଓ ଆରେସୁ ଘରୁ ଖେଳିବାକୁ ଯାଇଥିଲେ। ଖେଳି ଖେଳି ସେମାନେ ଗାଁ ନିକଟସ୍ଥ ପୋଖରୀ ନିକଟକୁ ଚାଲିଯାଇଥିଲେ। ସେଠାରେ ଖେଳୁଥିବା ସମୟରେ ଅସାବଧାନତା ଯୋଗୁ ଉଭୟେ ପୋଖରୀରେ ବୁଡିଯାଇଥିଲେ । ରାତି ୭ଟା ପର୍ଯ୍ୟନ୍ତ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ହେଲେ ସେମାନଙ୍କର ପତ୍ତା ପାଇ ନ ଥିଲେ। ମଙ୍ଗଳବାର ସକାଳେ ଗାଁର କିଛି ବ୍ୟକ୍ତି ପୋଖରୀକୁ ଗାଧୋଇବକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ । କିଛି ଦୂରରେ ସେମାନଙ୍କ ପୋଷାକ ପଡ଼ିଥିଲା। ପରିବାର ଲୋକେ ପୋଖରୀରୁ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ତେବେ କେଉଁଭଳି ସ୍ଥିତିରେ ଉଭୟ ବାଳକ ପୋଖରୀରେ ବୁଡିଗଲେ ତାହା ଜଣାପଡିନାହିଁ। ଏନେଇ ଚାନ୍ଦିଲି ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ୨୧୯୬.୩୦ କୋଟିର ୧୮ ପ୍ରକଳ୍ପ ଲୋକାର୍ପଣ, ଶିଳାନ୍ୟାସ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଚିବାଳୟଠାରେ ଭିଡିଓ କନଫରେନ୍ସିଂ ଜରିଆରେ ୧୮ଟି ପ୍ରକଳ୍ପର ଲୋକାର୍ପଣ ତଥା ଶିଳାନ୍ୟାସ କରିଛନ୍ତି। ଏହାଦ୍ୱାରା ୨୧୯୬.୩୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୩୪୬୫ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ଏଥିସହ ମୁଖ୍ୟମନ୍ତ୍ରୀ ସାମୁଦ୍ରିକ ଖାଦ୍ୟ ଶିଳ୍ପ ସହ ଖାଦ୍ୟ ପ୍ରକ୍ରିୟାକରଣର ୬ଟି ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏଥିରେ ୬୭୨ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶା ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍‌ରେ ପରିଣତ ହେବ। ଶିଳ୍ପ କ୍ଷେତ୍ରରେ ବିକାଶ ପାଇଁ ଭିଜନ ୨୦୨୫କୁ ଦୃଷ୍ଟିରେ ରଖି ଅଧିକ ମାନୁଫାକ୍ଚରିଂ ଶିଳ୍ପ ପ୍ରତିଷ୍ଠା କରିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ପୁଞ୍ଜିନିବେଶକୁ ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଗତ ୧୪ ମାସ ମଧ୍ୟରେ ଗୋ ସୁଇଫ୍ଟ ଅନଲାଇନ ସିଙ୍ଗିଲଓ୍ୱିଣ୍ଡୋ ଜରିଆରେ ୬୦୦ ଶିଳ୍ପ ପ୍ରକଳ୍ପ ପାଇଁ ଆବେଦନ ପତ୍ର ଗ୍ରହଣ କରାଯାଇଛି।



ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

- ନିଯୁକ୍ତି ପାଇବେ ୩୪୬୫
- ଓଡ଼ିଶା ହେବ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍: ମୁଖ୍ୟମନ୍ତ୍ରୀ
- ମେକ୍‌ଇନ ଓଡ଼ିଶା କନ୍‌କ୍ଲେଭ ପରେ ୧୦୦ ପ୍ରକଳ୍ପ ପାଇ ଆବେଦନ ଆସିଛି

ପ୍ରତ୍ୟେକ କାର୍ଯ୍ୟ ଦିବସରେ ୨ଟି ଲେଖାଏ ନୂତନ ଶିଳ୍ପ ପ୍ରକଳ୍ପ ପାଇଁ ଅନୁମୋଦନ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ପାଇଁ ଏହା ଏକ ଅତୁଲ୍ୟ ଅବଦାନ। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମେକ୍ ଇନ୍ କନ୍‌କ୍ଲେଭ -୨୦୧୮ ଠାରୁ ଏ ପର୍ଯ୍ୟନ୍ତ ୧୦୦ଟି ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ଏବଂ ଅନୁକୂଳ ପରିବେଶ ପାଇଁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଲାଗି ବିଶ୍ୱସନୀୟତା ବଢିଛି। ଆସନ୍ତା ୨୦୨୫ ମଧ୍ୟରେ ରାଜ୍ୟରେ ଅତିରିକ୍ତ ୩ ନିୟୁତ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆମ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ନିକଟରେ 'ଶିଳ୍ପ ଯତ୍ନ'(ଇଣ୍ଡଷ୍ଟ୍ରି କେୟାର) ନାମରେ ଏକ ନୂତନ ପଦ୍ଧତି ଆରମ୍ଭ କରିଛନ୍ତି। ରାଜ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମଏସଏମଇ)ର ବିକାଶକୁ ସରକାର ପ୍ରାଥମିକତା ଦେଉଛନ୍ତି। ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିନିଯୋଗ କରୁଥିବା ଶିଳ୍ପ ସଂସ୍ଥାଗୁଡିକର ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଷ୍ଟେଟ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ(ଏସପିଏମଜି) ଇ- ସୁବିଧା ନାମରେ ଏକ ପୋର୍ଟାଲ କରାଯାଇଥିଲା। ଏହାକୁ ଏବେ ସମସ୍ତ ଶିଳ୍ପ ପାଇଁ ଖୋଲାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏଥିସହିତ ଦୁଇଟି ଆଲୁମିନିୟମ ଡାଉନଷ୍ଟ୍ରିମ ୟୁନିଟ୍ ଅନୁଗୋଳ ଆଲୁମିନିୟମ ପାର୍କର ମଧ୍ୟ ଶିଳାନ୍ୟାସ କରାଯାଇଛି। ରାଜ୍ୟକୁ ଆସୁଥିବା ପୁଞ୍ଜିନିବେଶ ତୃଣମୂଳ ସ୍ତରରେ ହେଉଛି କି ନାହିଁ ତାହା ଉପରେ ମୁଖ୍ୟମନ୍ତ୍ରୀ କଡା ନଜର ରଖିଛନ୍ତି। ରାଜ୍ୟରେ ୨.୫ ଲକ୍ଷ କୋଟିର ପୁଞ୍ଜିନିବେଶ ସହିତ ୩୦ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବା ହେଉଛି ଭିଜନ-୨୦୨୫ର ଲକ୍ଷ୍ୟ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

| ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଶିଳ୍ପ | ନିଯୁକ୍ତି ସୁଯୋଗ |
|---|---|
| ଇମାମୀ ସିମେଣ୍ଟ (ଯାଜପୁର) | ୨୫୮ |
| ଜୟଭାରତ ସ୍ପାଇସ(ଜଗତପୁର) | ୧୫୦ |
| ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡ(କଳିଙ୍ଗନଗର) | ୪୮୭ |
| ଉତ୍କଳ ବ୍ରିକ୍ସ ଆଣ୍ଡ ଇଣ୍ଡିଷ୍ଟ୍ରିଜ (ଭଗବାନପୁର) | ୩୨ |
| ହିନ୍ଦୁସ୍ଥାନ କୋକାକୋଲା ବେଭେରେଜ(ଖୋର୍ଦ୍ଧା) | ୩୪୮ |
| ନରବେହେରାମ ପାଓ୍ୱାର ଆଣ୍ଡ ଷ୍ଟିଲ | ୧୬୭ |
| ହିଣ୍ଡାଲ୍‌କୋ ସୋଲାର(ସମ୍ବଲପୁର) | ୩୦ |
| ଏକେଏମ ଆଗ୍ରୋ(ଖୋର୍ଦ୍ଧା) | ୩୮୪ |
| ଇନ୍‌ଫୋନେକ୍ସ ହେଲ୍‌ଥ କେୟାର(କଟକ) | ୩୬୫ |
| ରୁନାୟା ରିଫାଇନିଂ ଏଲଏଲପି(ଝାରସୁଗୁଡା) | ୧୭୫ |
| ହିଣ୍ଡାଲ୍‌କୋ କୋଲ ଗ୍ୟାସିଫିକେଶନ(ହୀରାକୁଦ) | ୨୦ |
| ଓମଜୟ ଇଭି(ଯାଜପୁର) | ୧୨୨ |
| ସୁଷମା ଫେରୋଆଲଏଜ୍, ଆଲୁମିନିୟମ ପାର୍କ(ଅନୁଗୋଳ) | ୧୫୦ |
| ଏବି ଦିନେଶ କଂକ୍ରିଟ(କଟକ) | ୧୫୭ |
| ଏଗ୍ରିଲିଙ୍କ ଫୁଡ ପ୍ରୋସେସିଂ(କଟକ) | ୧୨୦ |
| ଓଡିଶା ଆକ୍ୱା ଟ୍ରେଡର ଆଣ୍ଡ ମେରାଇନ ଏକ୍ସପୋର୍ଟର (ଡେରାସ) | ୨୦୦ |
| ସାଫିରେ ଆଲୁମିନା ଏଏଲପି,ଆଲୁମିନିୟମ ପାର୍କ(ଅନୁଗୋଳ) | ୫୦ |
| ବ୍ରାଇଟଷ୍ଟାର ଏକ୍ସିମ ହାଉସ, ସିଫୁଡ ପାର୍କ(ଡେରାସ) | ୨୫୦ |

■ ଯୋରନ୍ଦା ମାଘମେଳାର ଦ୍ୱିତୀୟ ଦିବସ

# ଝାଡ଼ଦୀପରେ ଘୃତାହୁତି ପ୍ରଦାନ କଲେ ଶ୍ରଦ୍ଧାଳୁ

**ଢେଙ୍କାନାଳ ଅଫିସ,୧୯।୨:** ଢେଙ୍କାନାଳ ଜିଲା ମହିମାଗାଦି ଯୋରନ୍ଦାରେ ବିଶ୍ୱ ପ୍ରସିଦ୍ଧ ମାଘମେଳାର ମଙ୍ଗଳବାର ଦ୍ୱିତୀୟ ଦିବସରେ ଦେଶ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଅପରାହ୍ନ ସାଢେ ୫ଟାରେ ଗାଦିମନ୍ଦିରର ପଶ୍ଚିମ ଦ୍ୱାରରେ ପ୍ରଥମେ ଝାଡଦୀପ ପ୍ରଜ୍ୱଳିତ ହୋଇଥିଲା। ପରେ ଚାରି ମୁଖଶାଳାରେ ଝାଡଦୀପ ପ୍ରଜ୍ୱଳିତ ହୋଇଥିଲା। ଏଥିସହିତ ପ୍ରବୃଦ୍ଧ ଗୁରୁ ମହିମା ସ୍ୱାମୀଙ୍କର ୨୧ହାତିଆ ଧୁଇଁ, ଶୂନ୍ୟ ମନ୍ଦିର, ଅଖଣ୍ଡଜ୍ୟୋତି ମନ୍ଦିର ଓ ଅଖଣ୍ଡବତୀ ମନ୍ଦିର ଆଦିରେ ଝାଡଦୀପ ପ୍ରଜ୍ୱଳନ କରାଯାଇଥିଲା। ମଙ୍ଗଳବାର ପ୍ରାତଃ ମୁହୂର୍ତ୍ତରେ ଗାଦିମନ୍ଦିରରେ ବଡ ଘଣ୍ଟ ବାଜିବା ପରେ ମନ୍ଦିରଦ୍ୱାର ଖୋଲାଯାଇଥିଲା। ମହିମା ମହାପ୍ରଭୁଙ୍କର ମାହାଳମୂଳ କୂଅରୁ ପ୍ରଥମେ ରୁପା ଗରାରେ ପାଣି ଅଣାଯାଇ ସୁନା ଗରାରେ ମନ୍ଦିର ଚାରିପାଖରେ ସିଞ୍ଚନ କରାଯାଇଥିଲା। ସୁନା ଓ ରୁପା ଗିନାରେ ଶ୍ରୀଚନ୍ଦନ, ଶ୍ରୀଅଗୁର ଓ କର୍ପୁର ଆଦି ମନ୍ଦିର ଚତୁଃପାର୍ଶ୍ୱରେ ସିଞ୍ଚନ କରାଯାଇ ଶରଣ ଦର୍ଶନ କରାଯାଇଥିଲା । ଏହାପରେ ନୀତିସେବକ ସନ୍ୟାସୀମାନଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା। ଦେଶ ପୂର୍ଣ୍ଣିମାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହିମାଗାଦିର ବିଭିନ୍ନ ଉପାସନା ପୀଠ ଓ ମନ୍ଦିର ଝାଡଦୀପରେ ଘୃତାହୁତି ପ୍ରଦାନ କରିଥିଲେ । ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ ପରିବାର ସହ ସମସ୍ତ ପୀଠ ଓ ମନ୍ଦିର ଏବଂ ମେଳା ପରିସର ବୁଲି ଦେଖିବା ପରେ ମହିମା ସାଧୁମାନଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଚଳିତବର୍ଷ ଆସାମ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଝାଡଖଣ୍ଡ, ବିହାର, ଛତିଶଗଡ, ମଧ୍ୟପ୍ରଦେଶ ସମେତ ନେପାଳ ଏବଂ ଅନ୍ୟାନ୍ୟ ଦେଶରୁ ସାଧୁ ଓ ଶ୍ରଦ୍ଧାଳୁମାନେ ମେଳା ଦେଖିବାକୁ ଆସିଛନ୍ତି। ସତ୍ୟମହିମା ଧର୍ମଧାମ ପରିଚାଳନା ସମିତି ପକ୍ଷରୁ ପବିତ୍ର ମୋହନ ବାବା, ନିତ୍ୟାନନ୍ଦ ବାବା, କୌପୀନଧାରୀ ମହିମା ସନ୍ନ୍ୟାସୀଙ୍କ ମଧ୍ୟରେ ରାଜକିଶୋର ବାବା, ରଘୁନାଥ ବାବା, ଅବିନାଶୀ ବାବା ପ୍ରମୁଖଙ୍କ ସମେତ ବହୁ ସନ୍ନ୍ୟାସୀ ବିଭିନ୍ନ ମନ୍ଦିରର ନୀତିକାନ୍ତିକୁ ଶୃଙ୍ଖଳିତ କରିଥିଲେ।

# ଆନ୍ତଃ ଜିଲା ବାଇକ୍ ଚୋର ଗ୍ୟାଙ୍ଗ ଧରାପଡ଼ିଲା





ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ (ଉପର) । ଉଦ୍ଧାର ଚୋରି ବାଇକ୍।

ସୁନ୍ଦରଗଡ଼, ୧୯।୨ (ଡି.ଏନ୍.ଏ)

ଦିନ ଦ୍ୱିପ୍ରହରରେ ବାଇକ୍ ଚୋରି କରୁଥିବା ଆନ୍ତଃଜିଲା ଚୋର ର୍ୟାକେଟ ସୁନ୍ଦରଗଡ ପୋଲିସ ହାତରେ ଧରାପଡିଛି। ଟାଉନ ଥାନା ପୋଲିସ ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ସମେତ ୧୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏ ନେଇ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ସ୍ଥାନୀୟ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ବାଇକ୍ ଚୋରି ଗ୍ୟାଙ୍ଗ ସୁନ୍ଦରଗଡ, ରାଉରକେଲା ସମେତ ପଡୋଶୀ ଝାରସୁଗୁଡା ଓ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ଜାଲ ନମ୍ବର ପ୍ଲେଟ ଓ କାଗଜପତ୍ର ତିଆରି କରି ଅନ୍ୟତ୍ର ବିକ୍ରୀ କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି। ଏସ୍‌ପିଙ୍କ ସୂଚନା ମୁତାବକ ସୁନ୍ଦରଗଡ ଟାଉନଥାନାରେ ସହରର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଗଜେନ୍ଦ୍ର ମହାନନ୍ଦିଆ ନାମକ ଜଣେ ବ୍ୟକ୍ତିଙ୍କ ବାଇକ ଚୋରି ହୋଇଥିବା ନେଇ ପୋଲିସ କେଶ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ବଳଭଦ୍ର ଦୀପଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ ଟାଉନଥାନା ଆଇଆଇସି ବିଭିସ ପ୍ରଧାନଙ୍କ ନେତୃତ୍ୱରେ ସଦର, ଲେଫ୍ରିପଡା, କିଞ୍ଜିରିକେଲା ଓ ତଳସରା ଥାନା ପୋଲିସଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଏହି ଟିମ୍ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ବାଇକ୍ ଚୋରି ର୍ୟାକେଟର ମୁଖ୍ୟ ଅଭିଯୁକ୍ତ ମାଷ୍ଟର ମାଇଣ୍ଡ ଧରୁଆଡିହି ଥାନା ଅନ୍ତର୍ଗତ ବିରବିରା ଗ୍ରାମର ସୁବ୍ରତ ଶେଖର ଦେଓ (୨୪)ଙ୍କୁ ଆଣି ପଚରାଉଚରା ବେଳେ ଏହି ବାଇକ ଚୋରି ର୍ୟାକେଟର ସନ୍ଧାନ ପାଇଥିଲା।

- ସୁନ୍ଦରଗଡ ପୋଲିସ ଦ୍ୱାରା ୧୪ ଗିରଫ
- ବିଭିନ୍ନ ସ୍ଥାନରୁ ଚୋରି ୧୩ ବାଇକ୍ ଉଦ୍ଧାର

ଜେରାବେଳେ ମୁଖ୍ୟ ଅଭିଯୁକ୍ତ ସୁବ୍ରତ ଶେଖରଦେଓ ଓ ତାଙ୍କ ସହଯୋଗୀମାନେ ମିଶି ବିଭିନ୍ନ ସ୍ଥାନରୁ ବାଇକ ଚୋରିକରି ବିକ୍ରୀ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ପରେ ଅନ୍ୟ ୧୩ ଜଣଙ୍କୁ ଗିରଫ କରିଥିଲା। ଏହା ସହ ୧୩ଟି ବାଇକ୍‌କୁ ଉଦ୍ଧାର କରିଆଣିଥିଲା। ଗିରଫ ହୋଇଥିବା ଅନ୍ୟ ୧୩ ଜଣ ଅଭିଯୁକ୍ତ ହେଲେ ଧରୁଆଡିହି ଥାନା ବିରବିରା ଗ୍ରାମର ସଞ୍ଜୟ କିଷାନ (୨୭), ସଦର ଥାନା ତିନିକୁଡା ଗ୍ରାମର ଭୂବନ ମାଝୀ (୪୦), ମହେଶ୍ୱର ପୂଜାରୀ (୨୮), କିଞ୍ଜିରିକେଲା ଥାନାର ପଟୁଆଘେରା ଗ୍ରାମର ଅଜୟ ଲାକ୍ରା(୨୮), ଲେଫ୍ରିପଡା ଥାନା ଡେଲକୀଝରନ୍ ଗ୍ରାମର ସୁଲେ ଲାକଡା (୨୮), କରାଡେଗା ଗ୍ରାମର ସୁବାଷ ପଟେଲ (୨୩), ସଦର ଥାନା ତିନିକୁଡା ଗ୍ରାମର ନରବେଟ ତିର୍କୀ (୩୫), ତଳସରା ଥାନାର ଗଏଲୋ ଗ୍ରାମର ଆଶୀଷ ପଟେଲ (୨୯), କିଞ୍ଜିରିକେଲା ଥାନାର ହରସମରା ଗ୍ରାମର ଲୁଇସ ତିର୍କୀ (୨୭), ଶାଗଯୋର ଗ୍ରାମର ଜାକ୍ରାରିୟାସ ଲାକ୍ରା (୨୫), ଶାଗଯୋଗ ଗ୍ରାମର ଜଗଦୀଶ ବେକ୍ (୨୫), କିଞ୍ଜିରିକେଲା ଥାନା ପଟୁଆଘେରା ଗ୍ରାମର ଲାଦଦୁସ ଏକ୍କା (୫୦) ଓ ଶାଗଯୋର ଗ୍ରାମର ଅମିତ ଲାକ୍ରା (୩୦)। ଗିରଫ ୧୪ଜଣ ଅଭିଯୁକ୍ତ ସୁନ୍ଦରଗଡ ଟାଉନଥାନାର ୫ଟି ଚୋରି, ସଦର ଥାନାର ୨ଟି ଚୋରି ମାମଲା, ଲେଫ୍ରିପଡା ଥାନାର ୨ଟି ଚୋରି ମାମଲା, କିଞ୍ଜିରିକେଲା ଥାନାର ୩ଟି ମାମଲାରେ ଓ ତଳସରା ଥାନାର ଗୋଟିଏ ଚୋରି ମାମଲାରେ ସମ୍ପୃକ୍ତ ଥିବା ଏସ୍‌ପି ପ୍ରକାଶ କରିଛନ୍ତି।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**ଲଣ୍ଡ୍ରି କମ୍ପାନୀ ରେ କାମ କରିବାପାଇଁ ଆବଶ୍ୟକ**
ଆଇରନ କାରିଗର (୩ ଜଣ)
ମହିଳା / ପୁରୁଷ (୫ଜଣ)
8018172594, 9078000108

**WANTED**
WAITERS AND ASST. COOKS
For a Restaurant in Bhubaneswar
Contact:-
7873651675

**REQUIRED**
Accountant, Front Office(F), Supervisor, Civil Engineer, Sales Officer, Office in Charge, Security, Car Driver, Architect, Welder, Plumber, Electrician.
Call: 9238482524

**WANTED**
ଧରିତ୍ରୀ DHARITRI Oriya daily
is looking for
SUB-EDITORS
- Candidates must have at least 3 years experience in desk work.
- Should have a degree in journalism.
- Should have expertise in translation.

Apply immediately to :
recruitment@dharitri.com
Attractive salary commensurate with experience

**REQUIRED URGENTLY**
Fresh Technical Engineer
for Kent Water Purifier Service Centre at Bhubaneswar.
Ph: 9439302480, 9937154331

**REQUIRED**
- Engineer: Salary 7K to 10K
- Helper: 3K to 5K
- CCO: 5K to 7K

Insta Care & Service
#3673/5483/5693, Gouri Vihar, Phase-2, Old town, near Gyanadeep Vidyalaya
Ph: 0674-2540842, 9861099423
visit with your proper CV & resume.

**CONTACT:- 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/above Candidates (M/F) ଆବଶ୍ୟକ। ବୟସ(17-35) yrs., ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

**URGENTLY REQUIRED**
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9776141333 7064222275

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**WALK-IN-INTERVIEW**
Required Sales Executive for Housing Project.
Experience in Housing Marketing is preferred.
Address: BMC, Panchadeep Market Complex, Unit-4, BBSR
Mob: 8249222916 / 9986697605

**URGENTLY REQUIRED**
Required experienced boy for a leading Medical Store.
FIRSTCAREPHARMA
KIIT Road, Patia
Salary negotiable.
D.Pharma candidate can apply also.
Contact: 9437162516, 8327776100

**HINDUSTAN JEWELLERS**
Bomikhal, Bhubaneswar
Require Salesman, Security Guard, Peon, Housekeeping, Driver.
Come directly to Showroom with biodata within 7 days.

**DRIVER REQUIRED**
At Bhubaneswar a reputed food processing Firm urgently needs DRIVER for their office vehicle and Commercial Vehicles like Bolero pick up and three wheeler Dala Auto.
Contact: 9438182103

**ଡ୍ରାଇଭର ଆବଶ୍ୟକ**
ତିନି ବର୍ଷ ଅଭିଜ୍ଞତା ଥିବା ଟ୍ରାନ୍ସପୋର୍ଟ ଲାଇସେନ୍ସ ( Cab / Badge ) ଭୁବନେଶ୍ୱର ପାଇଁ ଡ୍ରାଇଭର ଆବଶ୍ୟକ। ମାସିକ ବେତନ ୯୫୦୦ ରୁ ୧୦,୦୦୦/-।
ଯୋଗାଯୋଗ : M-5/6, Achrya Vihar, BBSR
Mob No :- 99370 - 27478 94372 - 85978

**Golden Opportunity in Shipping/Merchant COMPANY**
for 10th/ 12th /Graduates Candidates. Age 17 to 28 Yrs.
After Approved Training Get JOBS in SHIPS & COMPANIES
Salary 25000 to 45000+facilities.
E: careerpoint821@gmail.com
08766655532

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

**!! JOBS !!**
URGENT 700+ VACANCIES
Salary : Rs.(12000-18000)
Quali. Diploma / ITI / +2 / 10th
Mob : 7991041919 / 9438001550
Email : job.planningacademy@gmail.com

**URGENT REQUIREMENT**
ELMECH, an Engineering consultancy in Bhubaneswar requires the following

| | NAME OF POST | QUALIFICATION | SALARY |
|---|---|---|---|
| 1. | INDUSTRIAL SALES EXECUTIVE | B.Tech with minimum 3 year sales Experience. | Rs.22000 PM |
| 2. | INDUSTRIAL SALES TRAINEE | B.Tech or Diploma (Fresher) | Rs.12000 PM |
| 3. | OFFICE EXECUTIVE (Female) | Graduation with fluency in English & Computer Knowledge | Rs.15000 PM |

Mail your CV at : recruitments@elmechindia.in

**ଆବଶ୍ୟକ**
ଡ୍ରାଇଭର
(ହଷ୍ଟେଲ ଓ ଖାଇବା ସୁବିଧା ଉପଲବ୍ଧ)
CONTACT 9437172833 7381738333

**APPOINTMENT**
Zee Laboratories Ltd a leading Pharma Company requires Medical Representatives for Bhubaneswar, Bhadrak & Baripada. Freshers may apply, please mail your Resume to
vaishnovienterprises@gmail.com

**INSTRUCTORS REQUIRED**
For Kalinga ITC (ITI) Electrician (2), Fitter (2). Salary : Negotiable with fooding & boarding. Qlf. : ITI (Pass) or above. Apply within 10 days / 9040762519 / 9040000323.
Secretary, KITC, Badaraghunathpur, Bidyavihar, Madanpur, BBSR - 54

**Natural Petrochemicals Private Limited**
A leading Thermosetting Resin Manufacturing Company engaged in the Manufacture of Unsaturated Polyester Resins. The unit situated at Gandhidham (Gujarat) and working for a fortune 500 Company. Required the staff for the following position:
1. Assist. Manager Production: Should be Science Graduate/Dip.in Engg. with 5 to 7 yrs. experience in the same or similar field.
2. HR Executive: BA/Diploma in HR with at least 3 to 5 yrs. experience in the capacity of HR Executive in manufacturing units.
3. Accountant: Midlevel accountant with basic knowledge of GST returns and Tally.
4. Supervisor/Operator: B.SC/ITI with at least 2 to 3 yrs. experience in the capacity of supervisor in production/operation of the plant.
5. Lab Chemist: B.SC/LACP with at least 2 to 3 yrs. experience in the capacity of Lab chemist

Interested candidate email their resume to:- hr.natural@asiagroup.in

ଘରକାମ ପାଇଁ ଝିଅ ପିଲା ଏବଂ ବଗିଚା କାମ ପାଇଁ ମାଳୀ ଆବଶ୍ୟକ। ଦରମା ୫,୦୦୦/-। ଫୁଲନଖରା, କଟକ
7809525452

Required **WARDEN** (Female) for Ladies Hostel at Bhubaneswar.
Minimum Qualification: Matric, Age above 25 Years.
Contact: 9556514837

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

See CAREER APPOINTMENT on every Wednesday & Saturday

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା-8th to 10th & above.
Contact: 8339922964

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ଷ୍ଟାର୍ଟ ଅପ୍ ଲାଗି ନିୟମରେ ସରକାର କୋହଳ କରିଥିବାରୁ ଏହା ନିବେଶକୁ ପ୍ରୋତ୍ସାହିତ କରିବ।
> – ଚନ୍ଦ୍ରଜୀତ ବାନାର୍ଜୀ, ମହାନିର୍ଦ୍ଦେଶକ, ସିଆଇଆଇ



> ଚିନି କଳଗୁଡ଼ିକ ଚାଷୀଙ୍କ ଉପରେ ବକେୟା ରଖିଥିବା ୨୦,୦୦୦ କୋଟି ଟଙ୍କା ଯେଉଁଭଳି ପ୍ରଦାନ କରିବେ ସେ ଉପରେ ରାଜ୍ୟଗୁଡ଼ିକ ମଧ୍ୟ ଚିନ୍ତା କରନ୍ତୁ।
> – ରାମ ବିଳାସ ପାଶ୍ୱାନ, କେନ୍ଦ୍ର ଖାଦ୍ୟ ମନ୍ତ୍ରୀ



## ସଂକ୍ଷେପରେ

### ଆଜି ଜିଏସ୍‌ଟି କାଉନସିଲ ବୈଠକ

**ନୂଆଦିଲ୍ଲୀ,୧୯-୨:** କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ବୁଧବାର ଜିଏସ୍‌ଟି କାଉନସିଲ ୩୩ତମ ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ରିୟଲିଟି ସେକ୍ଟରକୁ ଆଶ୍ୱସ୍ତ କଲା ଭଳି ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲଙ୍କ ଅଧକ୍ଷତାରେ ଗଠିତ ମନ୍ତ୍ରିଗୋଷ୍ଠୀ ଶସ୍ତା ଘର ଶ୍ରେଣୀରେ ୩ % ଟିକସ ଧାର୍ଯ୍ୟ କରିବାକୁ ସୁପାରିସ କରିଛି, ଯାହାକି ପୂର୍ବରୁ ୮% ଥିଲା। ଏହା ଉପରେ ବୁଧବାର ବୈଠକରେ ନିଷ୍ପତ୍ତି ନିଆଯିବ। ଏହାବ୍ୟତୀତ ରିୟଲିଟି ସେକ୍ଟରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ଜିଏସ୍‌ଟି କାଉନସିଲ୍ ସିମେଣ୍ଟକୁ ୨୮%ରୁ ୧୮% ଟିକସ ସ୍ଲାବ୍‌କୁ ଆଣିବା ଲାଗି ନିଷ୍ପତ୍ତି ନେଇପାରେ। ଲୋକ ସଭା ନିର୍ବାଚନ ପୂର୍ବରୁ ଲୋକଙ୍କୁ ଶସ୍ତାରେ ଘର ଯୋଗାଇବା ଉପରେ ଏନ୍‌ଡିଏ ସରକାର ଅଧିକ ଜୋର ଦେଉଛନ୍ତି। ଏହି ବୈଠକରେ ଶସ୍ତା ବାସଗୃହର ପରିଭାଷା ବଦଳାଇବା ନେଇ ଆଲୋଚନା ହୋଇପାରେ। ଏହାଦ୍ୱାରା ଅଧିକରୁ ଅଧିକ ଗରିବଙ୍କୁ ୨% ଟିକସ ହାର ସୀମା ଭିତରକୁ ଆଣି ହେବ। ବର୍ତ୍ତମାନ ୬୦ ବର୍ଗମିଟର ପରିମିତ କାର୍ପେଟ ଏରିଆକୁ ନେଇ ନିର୍ମିତ ଘରକୁ ଶସ୍ତା ଘର ଭାବେ ପରିଭାଷିତ କରାଯାଇଛି। ଏହାକୁ ୮୦ ବର୍ଗମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯିବାର ସମ୍ଭାବନା ରହିଛି। ବିଲ୍ଡର ଓ ଘରକ୍ରେତାଙ୍କୁ ଏହାଦ୍ୱାରା ଫାଇଦା ମିଳିବ। ରିୟଲିଟି ସେକ୍ଟର ବ୍ୟତୀତ ମନ୍ତ୍ରିଗୋଷ୍ଠୀ ଲଟେରି ଉପରେ ଟିକସ ହାରକୁ ସମୀକ୍ଷା କରି ଗୋଟିଏ ପ୍ରକାର ଟିକସ ଧାର୍ଯ୍ୟ କରିବାକୁ ସୁପାରିସ କରିଛନ୍ତି। କାଉନସିଲ ବୈଠକରେ ଏହା ଉପରେ ମଧ୍ୟ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ୧୨% ଏବଂ ରାଜ୍ୟ ଦ୍ୱାରା ଅନୁମୋଦିତ ଲଟେରି ଉପରେ ୨୮ % ଜିଏସ୍‌ଟି ଆଦାୟ କରାଯାଉଛି।

### ଡିଜେଲରୁ ଇଲେକ୍ଟ୍ରିକ ଲୋକୋମୋଟିଭ ଇଞ୍ଜିନ ଲୋକାର୍ପିତ

**ନୂଆଦିଲ୍ଲୀ,୧୯-୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବାରାଣସୀଠାରେ ଡିଜେଲରୁ ପରିବର୍ତ୍ତିତ ଇଲେକ୍ଟ୍ରିକ ଲୋକୋମୋଟିଭ ଇଞ୍ଜିନର ଲୋକାର୍ପଣ କରିଛନ୍ତି। ଏହି ଇଞ୍ଜିନକୁ ବାରାଣସୀର ଡିଜେଲ ଲୋକୋମୋଟିଭ ୱାର୍କ୍ସ(ଡିଏଲ୍‌ଡବ୍ଲ୍ୟୁ) ନିର୍ମାଣ କରିଛି। ଏହି କାରଖାନା ଏଭଳି ଇଞ୍ଜିନ ନିର୍ମାଣ କରି ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିଛି। ମେକ୍ ଇନ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ସ୍ୱଦେଶୀ ଜ୍ଞାନକୌଶଳରେ ଡବ୍ଲ୍ୟୁଏଜିସି ୩ ଶ୍ରେଣୀର ଡିଜେଲ ଇଞ୍ଜିନକୁ ଇଲେକ୍ଟ୍ରିକ ଇଞ୍ଜିନରେ ପରିବର୍ତ୍ତନ କରାଯାଇଛି। ଡିଏଲ୍‌ଡବ୍ଲ୍ୟୁ ଦ୍ୱାରା ନିର୍ମିତ ବିଜୁଳି ଚାଳିତ ଏହି ଇଞ୍ଜିନ ଭାରି ମାଲଗାଡ଼ିକୁ ଟାଣିପାରିବ। ଡିଜେଲକୁ ବିଦ୍ୟୁତ ଚାଳିତ ଇଞ୍ଜିନରେ ବଦଳାଇବା ଯୋଗୁ ଏହାର କ୍ଷମତା ୯୨% ବଢ଼ିଛି। ପ୍ରଧାନମନ୍ତ୍ରୀ ବାରାଣସୀରେ ପହଞ୍ଚିବା କ୍ଷଣି ସିଧା ଡିଏଲ୍‌ଡବ୍ଲ୍ୟୁକୁ ଯାଇଥିଲେ ଏବଂ ପତାକା ଦେଖାଇ ଇଞ୍ଜିନ ଚଳାଚଳର ଶୁଭାରମ୍ଭ କରିଥିଲେ। ସେ ଇଞ୍ଜିନକୁ ବୁଲି ଦେଖିଥିଲେ। ୨୦୧୭ ଡିସେମ୍ବର ୨୨ରେ ଏହି ଇଞ୍ଜିନ ବଦଳ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ମାତ୍ର ୬୯ ଦିନରେ ଶେଷ ହୋଇଥିଲା।

## ୨୫ କୋଟି ନିବେଶ ଉପରେ ଟିକସ ଛାଡ଼

**ଷ୍ଟାର୍ଟଅପ୍ ନିୟମ କୋହଳ**




- ଆଞ୍ଜେଲ ଟ୍ୟାକ୍ସ ନିୟମ କୋହଳ
- ଆୟକର ଆଇନର ଧାରା ୫୬(୨) ଓ (୭ବି)ରେ ଟିକସ ଛାଡ଼ ସୁବିଧା
- ପଞ୍ଜୀକରଣର ୧୦ ବର୍ଷ ପର୍ଯ୍ୟନ୍ତ କମ୍ପାନୀକୁ ଷ୍ଟାର୍ଟଅପ୍ ମାନ୍ୟତା

ନୂଆଦିଲ୍ଲୀ,୧୯-୨

କେନ୍ଦ୍ର ସରକାର ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ଯାଇ ମଙ୍ଗଳବାର ଏହାର ପରିଭାଷା ସ୍ପଷ୍ଟ କରିବା ସହ ଆଞ୍ଜେଲ ଟ୍ୟାକ୍ସ ନିୟମ କୋହଳ କରିଛନ୍ତି। ଏଣିକି ଷ୍ଟାର୍ଟଅପ୍ କମ୍ପାନୀରେ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ଉପରେ ଆୟକର ଛାଡ଼ ସୁବିଧା ମିଳିବ। ଏଥିପୂର୍ବରୁ ଷ୍ଟାର୍ଟଅପ୍‌ରେ ଆଞ୍ଜେଲ ନିବେଶକଙ୍କୁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ଉପରେ ଟିକସ ଛାଡ଼ ସୁବିଧା ମିଳୁଥିଲା।
ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ ଟୁଇଟ୍ ଜରିଆରେ ଦର୍ଶାଇଛନ୍ତି ଯେ, ଯେକୌଣସି ଷ୍ଟାର୍ଟଅପ୍ ଦ୍ୱାରା ଜାରି କରାଯାଇଥିବା ଅଥବା ଯିବାକୁ ଥିବା ଶେୟାର ଲାଗି ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ଉପରେ ଟିକସ ଛାଡ଼ ସୁବିଧା ମିଳିବ। ଉଲ୍ଲେଖଥାଉ କି, ଦୀର୍ଘଦିନ ଧରି ନିବେଶ ସୀମା ବଢ଼ାଇବାକୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ବର୍ତ୍ତମାନ ୩୦% ହାରରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ଆଞ୍ଜେଲ ଟିକସ ଦେବାକୁ ପଡୁଛି।

**ଷ୍ଟାର୍ଟଅପ୍‌ର ପରିଭାଷା**

ପଞ୍ଜୀକରଣ ତାରିଖଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ଏବଂ ବାର୍ଷିକ ୧୦୦କୋଟି ଟଙ୍କା କାରବାର କରୁଥିବା କମ୍ପାନୀକୁ ଷ୍ଟାର୍ଟଅପ୍ ଭାବେ ମାନ୍ୟତା ଦିଆଯିବ। ପୂର୍ବେ ଏହା ୭ ବର୍ଷ ଓ ୨୫ କୋଟି ଟଙ୍କା ଥିଲା। ବାର୍ଷିକ ୨୫୦ କୋଟି ଟଙ୍କାର କାରବାର କରୁଥିବା ଯେକୌଣସି ତାଲିକାଭୁକ୍ତ କମ୍ପାନୀ କୌଣସି ଷ୍ଟାର୍ଟଅପ୍‌ରେ ନିବେଶ କଲେ ତାଙ୍କୁ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ମିଳିବ। ଏଥିସହିତ ବୈକଳ୍ପିକ ନିବେଶ ପାଣ୍ଠି ଶ୍ରେଣୀ-୧ ଦ୍ୱାରା ପ୍ରାପ୍ତକର୍ତ୍ତା ଷ୍ଟାର୍ଟଅପ୍‌ରେ ୨୫ କୋଟି ଟଙ୍କାରୁ ଅଧିକ ନିବେଶ ହେଲେ ମଧ୍ୟ ଆୟକର ଧାର ୫୬(୨) (୭ବି) ଅଧୀନରେ ଟିକସ ଛାଡ଼ ମିଳିବ। ଉଲ୍ଲେଖଥାଉ କି, ନବୋନ୍ମେଷ କମ୍ପାନୀଙ୍କୁ ପ୍ରୋତ୍ସାହିତ କରିବାକୁ ଯାଇ ସରକାର ଗତବର୍ଷ ଜାନୁୟାରୀରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆକ୍ସନ ପ୍ଲାନ ଶୁଭାରମ୍ଭ କରିଥିଲେ। ଟିକସ ଛାଡ଼ ସହ ଇନ୍ସପେକ୍ଟର ରାଜ୍‌ରୁ ସେମାନଙ୍କୁ ମୁକ୍ତ ରଖିବା ସରକାରଙ୍କ ଉଦ୍ଦେଶ୍ୟ ଥିଲା। ଷ୍ଟାର୍ଟଅପ୍‌ର ଟିକସ ଛାଡ଼ ସୁବିଧା ନେବାକୁ ଚାହୁଁଥିବା ଯୋଗ୍ୟ ଷ୍ଟାର୍ଟଅପ୍‌କୁ ଡିପିଆଇଆଇଟି ସମ୍ମୁଖରେ ନିଜ ସ୍ୱାକ୍ଷରରେ ଆତ୍ମଘୋଷଣା କରିବାକୁ ହେବ। ଡିପିଆଇଆଇଟି ଏହାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ନିକଟକୁ ପଠାଇବ। ପ୍ରଭୁ କହିଛନ୍ତି ଯେ, ଆୟକର ଧାରା ୫୬(୨)(୭ବି) ଅନ୍ତର୍ଗତରେ ଯୋଗ୍ୟ ଷ୍ଟାର୍ଟଅପ୍‌ରେ ନିବେଶ ଛାଡ଼ ଲାଗି ଶେୟାର ମୂଲ୍ୟାଙ୍କନ କରିବାର କୌଣସି ମାନଦଣ୍ଡ ରହିବ ନାହିଁ। ସରକାରଙ୍କ ପଦକ୍ଷେପ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଇଣ୍ଡିଆନ ଆଞ୍ଜେଲ ନେଟ୍‌ୱାର୍କର ସହ ପ୍ରତିଷ୍ଠାତା ପଦମଜା ରୁପରେଲ କହିଛନ୍ତି ଯେ, ଏହାଦ୍ୱାରା ଆଞ୍ଜେଲ ନିବେଶକୁ ପ୍ରୋତ୍ସାହନ ମିଳିବ ଏବଂ ଷ୍ଟାର୍ଟଅପ୍ କମ୍ପାନୀଙ୍କୁ ଘରୋଇ ମୁଦ୍ରାରେ ସହାୟତା ମିଳିବ। ଲୋକଲସର୍କିଲ୍ସ ପ୍ରତିଷ୍ଠାତା ସଚିନ ତପରିଆ କହିଛନ୍ତି ଯେ, ଷ୍ଟାର୍ଟଅପ୍ କମ୍ପାନୀଙ୍କ ଲାଗି ବଡ଼ ବାଧା ଦୂର ହୋଇଛି।

**ନୂଆ ବିଜ୍ଞପ୍ତି ଖୁବ୍‌ଶୀଘ୍ର**

ଇତିପୂର୍ବେ ବହୁ ଷ୍ଟାର୍ଟଅପ୍ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କର ଆଞ୍ଜେଲ ନିବେଶ ଉପରେ ଆୟକର ନୋଟିସ ମିଳୁଛି। ଏହାଦ୍ୱାରା ସେମାନଙ୍କ ବ୍ୟବସାୟ ପ୍ରଭାବିତ ହେଉଛି। ଆୟକର ଆଇନ, ୧୯୬୧ର ଧାରା ୫୬(୨)-୭ ଅଧୀନରେ ସେମାନଙ୍କୁ ନୋଟିସ ପଠାଯାଉଛି। ଆଞ୍ଜେଲ ନିବେଶ ଉପରେ ମିଳିଥିବା ପୁଞ୍ଜି ପାଇଁ ସେମାନଙ୍କୁ ଟିକସ ଦେବାକୁ କୁହାଯାଉଛି ବୋଲି ଷ୍ଟାର୍ଟଅପ୍‌ଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରଭୁ କହିଛନ୍ତି ଯେ, ଆୟକର ଆଇନର ଧାରା ୫୬(୨)(୭ବି) ଅନ୍ତର୍ଗତରେ ଷ୍ଟାର୍ଟଅପ୍ କମ୍ପାନୀଙ୍କ ଲାଗି ନିବେଶ ଛାଡ଼ ସୀମା ବୃଦ୍ଧି ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ଜାରି କରାଯିବ। ଉଦ୍ୟୋଗ ଏବଂ ଆଭ୍ୟନ୍ତରୀଣ ବ୍ୟବସାୟ ପ୍ରୋତ୍ସାହନ ବିଭାଗ(ଡିପିଆଇଆଇଟି) ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିବେ।



### ଭାରତ ମସଲାର ନୂଆ ପାସ୍ତା ଡିଭିଜନ

ଭୁବନେଶ୍ୱର,୧୯-୨

ଜଗତପୁର ଫେଜ-୨ ସ୍ଥିତ ଭାରତ ମସଲା କମ୍ପାନୀର ନୂଆ ପାସ୍ତା ଡିଭିଜନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓକନଫରେନ୍ସ ଯୋଗେ ଏହାର ଉନ୍ମୋଚନ କରିଛନ୍ତି। ମେକ୍ ଇନ ଓଡ଼ିଶା ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହି ୟୁନିଟ ଏକ ପ୍ରୟାସ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଜଗତପୁର ପ୍ଲାଣ୍ଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା,ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ନମିତା ପଣ୍ଡା, ନନ୍ଦିତା ପଣ୍ଡା, ଆଶୁତୋଷ ପଣ୍ଡା, ଫାଇନାନ୍ସ ଜିଏମ୍ ଅଶ୍ୱିନୀ କୁମାର ଦାସଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଏଫ୍‌ଫୋଭର ପକ୍ଷରୁ ଲକଜ୍ୟୁରି ଫର୍ନିଚର ଷ୍ଟୋର



କୋଲକାତା,୧୯-୨

ଏଫ୍‌ଫୋଭର ପକ୍ଷରୁ କଲିକତାରେ ନୂଆ ଫର୍ନିଚର ଶୋ'ରୁମ ଶୁଭାରମ୍ଭ ହୋଇଛି। ଏଠାରେ ଅନ୍ତର୍ଜାତୀୟ ଫର୍ନିଚର, ଡେକୋର, କିଚେନ, ଲାଇଟ ଏବଂ ହ୍ୟାଣ୍ଡ କ୍ରାଫ୍ଟେଡ ଫ୍ୟାନ୍ ଭଳି ବିଭିନ୍ନ ସାମଗ୍ରୀ ଉପଲବ୍ଧ ହେବ। 'ଫଲ ଇନ୍ ଲଭ' ଟ୍ୟାଗ ଲାଇନରେ ଏହାକୁ ଆରମ୍ଭ କରାଯାଇଛି। ଭାରତ ଜନ୍ମିତ ଫ୍ରାନ୍ସ ଆର୍ଟିଷ୍ଟ ପୁନମଙ୍କ କଳାକୃତି ଏଠାରେ ସାମିଲ କରାଯାଇଛି। ଗ୍ରାହକମାନେ ସେମାନଙ୍କ ଇଣ୍ଟେରିୟର ଆବଶ୍ୟକତାକୁ ଏଠାରେ ପୂରଣ କରିବାକୁ ସକ୍ଷମ ହେବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

### ଓଲାରେ ସଚିନ ବଂଶଲଙ୍କ ୬୫୦ କୋଟି ନିବେଶ

**ନୂଆଦିଲ୍ଲୀ,୧୯-୨:** ଫ୍ଲିପ୍‌କାର୍ଟର ସହ ପ୍ରତିଷ୍ଠାତା ସଚିନ ବଂଶଲ ଦେଶର ଆପ୍ ଆଧାରିତ କ୍ୟାବ୍ ସେବା କମ୍ପାନୀ ଓଲାରେ ୬୫୦ କୋଟି ଟଙ୍କା ନିବେଶ କରିଛନ୍ତି। ଏହାଦ୍ୱାରା ଓଲାକୁ ଏହାର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଉବର ସହିତ ପ୍ରତିଯୋଗିତା କରିବାରେ ସହାୟତା ମିଳିବ। ବ୍ୟକ୍ତିଗତ ଭାବେ ସଚିନ ଏହି ନିବେଶ କରିଛନ୍ତି ବୋଲି ଓଲା ପକ୍ଷରୁ ମଙ୍ଗଳବାର ଏକ ବିବୃତି ଜାରି କରି କୁହାଯାଇଛି। ବ୍ୟକ୍ତିଗତ ଭାବେ ନିବେଶ କ୍ଷେତ୍ରରେ ଏହା ଦେଶର ସର୍ବବୃହତ୍ କୁହାଯାଉଛି। ଜାନୁୟାରୀରେ ସିରିଜ 'ଜେ' ରାଉଣ୍ଡ ଅଫ୍ ଫଣ୍ଡିଂ ଅନ୍ତର୍ଗତରେ ଓଲା ପକ୍ଷରୁ ସଚିନଙ୍କୁ ୧୫୦ କୋଟି ଟଙ୍କାର ଶେୟାର ଜାରି କରାଯାଇଥିଲା। ପ୍ରାୟ ଏକ ଦଶକ ପୂର୍ବେ ବିନି ବଂଶଲଙ୍କ ସହ ମିଶି ସଚିନ ଫ୍ଲିପ୍‌କାର୍ଟ ପ୍ରତିଷ୍ଠା କରିଥିଲେ। ୱାଲମାର୍ଟ ଏହି କମ୍ପାନୀର ୭୭ପ୍ରତିଶତ ଅଂଶଧନ କିଣିନେବା ପରେ ସେ ଏଥିରୁ ବାହାରି ଯାଇଥିଲେ। ନିଜ ପ୍ରତିକ୍ରିୟାରେ ସଚିନ କହିଛନ୍ତି ଯେ, ଓଲା ଦେଶର ସବୁଠାରୁ ଅଗ୍ରଗତି କରୁଥିବା ଉପଭୋକ୍ତା କାରବାର,ଯାହାକି ଗଭୀର ପ୍ରଭାବ ପକାଇଛି।




ଭୁବନେଶ୍ୱରର ପଟିଆସ୍ଥିତ ୩ଏସ୍ ଟିଭିଏସ୍ ଶୋ'ରୁମରେ ପୂର୍ବାଞ୍ଚଳର ପ୍ରଥମ ୨୪X୭ ସର୍ଭିସ ୱାର୍କଶପ ଉନ୍ମୋଚନ ହୋଇଛି। କମ୍ପାନୀର ଏନ୍‌ଏସ୍‌ଏମ୍ ସର୍ଭିସ ଏସ୍.ବି. ସିଂ ଏବଂ ଶୋ'ରୁମର ସ୍ୱତ୍ୱାଧିକାରୀ ପ୍ରମୋଦ ପାତ୍ର ଏହାକୁ ଉଦଘାଟନ କରିଥିଲେ। ଗ୍ରାହକ ସେବା ପ୍ରଦାନ ଧାରାକୁ ସୁଗମ କରିବା ଦିଗରେ ଏଭଳି ପଦକ୍ଷେପ ନିଆଯାଇଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

### ପିଏନ୍‌ବି, ଓବିସି, ଆନ୍ଧ୍ରା ବ୍ୟାଙ୍କ ମିଶିପାରେ

ନୂଆଦିଲ୍ଲୀ,୧୯-୨

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୋମବାର ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକରେ ଯୋଗ ଦେବା ପରେ ଅଧିକ ବ୍ୟାଙ୍କ ମିଶ୍ରଣ ନେଇ ସଙ୍କେତ ଦେଇଥିଲେ। ଦେଶକୁ ଶକ୍ତିଶାଳୀ ଅଥଚ ଆହୁରି କେତେକ ବଡ଼ ବ୍ୟାଙ୍କ ଆବଶ୍ୟକ ବୋଲି ସେ କହିବା ପରେ ଏବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ସହ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ଏବଂ ଆନ୍ଧ୍ରା ବ୍ୟାଙ୍କକୁ ମିଶାଇ ଦିଆଯିବ। ଏବେ ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣ ପ୍ରକ୍ରିୟା ଚାଲିଛି। ଏହା ସମ୍ପୂର୍ଣ୍ଣ ହେବା ପରେ ସରକାର ନୂଆ ଆର୍ଥିକ ବର୍ଷରେ ଉକ୍ତ ୩ ବ୍ୟାଙ୍କ ମିଶାଇବାକୁ ପ୍ରୟାସ ଆରମ୍ଭ କରିବେ।

### ସାମ୍‌ସଙ୍ଗର ଗାଲାକ୍ସି ଟ୍ୟାବ ଆକ୍ଟିଭ ୨

ନୂଆଦିଲ୍ଲୀ,୧୯-୨

ସାମ୍‌ସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ଟ୍ୟାବ ଆକ୍ଟିଭ ୨ ବଜାରକୁ ଆସିଛି। ଏଥିରେ ଉନ୍ନତ ଟଚ୍, ପୋଗୋ ପିନ୍, ବଦଳାଇ ହେଉଥିବା ବ୍ୟାଟେରୀ, ରଗ୍‌ଡ ଏସ୍‌ପେନ ଏବଂ ବାୟୋମେଟ୍ରିକ ଅଥେଣ୍ଟିକେଶନ ସୁବିଧା ରହିଛି। ସେହିଭଳି ନକ୍ସ ସିକ୍ୟୁରିଟି ପ୍ଲାଟଫର୍ମ ଏହାକୁ ମାଲୱେରଠାରୁ ଦୂରେଇ ରଖିବ। ମଡେଲଟିରେ ଜଳ ନିରୋଧୀ କ୍ଷମତା ମଧ୍ୟ ରହିଛି। ସେହିଭଳି ଏହା ବ୍ୟବସାୟ ତଥା ପ୍ରଫେସନାଲଙ୍କ ଆବଶ୍ୟକତା ପୂରଣ କରିବାରେ ସକ୍ଷମ ହୋଇପାରିବ। ଏହାର ବଜାର ଦର ୫୦,୯୯୦ ଟଙ୍କା ରହିଛି। ଏହା ମାର୍ଚ୍ଚ ମଧ୍ୟ ଭାଗରୁ ଉପଲବ୍ଧ ହେବ। ଗ୍ରାହକଙ୍କ ଚାହିଦାକୁ ପୂରଣ କରିବାରେ ଏହା ସହାୟକ ହେବ ବୋଲି କମ୍ପାନୀର ବରିଷ୍ଠ ଉପସଭାପତି ସୁକେଶ ଜୈନ ସୂଚନା ଦେଇଛନ୍ତି।

### ପ୍ରୋଜେକ୍ଟ ଉତ୍କୃଷ୍ଟରେ ସାମିଲ ହେଲା ପୁରୀ-ଦୁର୍ଗ ଏକ୍ସପ୍ରେସ

**ଭୁବନେଶ୍ୱର,୧୯-୨(ବ୍ୟୁରୋ):** ପ୍ରୋଜେକ୍ଟ ଉତ୍କୃଷ୍ଟରେ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ ସାମିଲ ହୋଇଛି। ଏହି ଏକ୍ସପ୍ରେସର ପ୍ରଥମ ରେକ୍‌କୁ ଉନ୍ନତୀକରଣ କରାଯାଇଛି। ଏହା ମଙ୍ଗଳବାରଠାରୁ ପୁରୀରୁ ପରୀକ୍ଷାମୂଳକ ଭାବେ ଚଳାଚଳ ଆରମ୍ଭ କରିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ପୁରୀ ଷ୍ଟେଶନଠାରେ ଏହି ଟ୍ରେନର ଶୁଭାରମ୍ଭ ଅବସରରେ ଖୋର୍ଦ୍ଧାରୋଡ ଡିଭିଜନର ଡିଆର୍‌ଏମ୍ ବ୍ରିଜମୋହନ ଅଗ୍ରୱାଲ ଉପସ୍ଥିତ ରହିବା ସହ ଟ୍ରେନର ସୁବିଧା ତଥା ପଦକ୍ଷେପକୁ ନେଇ ଯାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ୧୮ଟି କୋଚ୍ ରହିଛି। ପ୍ରୋଜେକ୍ଟ ଉତ୍କୃଷ୍ଟରେ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡ଼ିକୁ ଆଧୁନିକିକରଣ କରିବାକୁ ଯୋଜନା ରହିଛି। ସାରା ଦେଶରେ ମୋଟ୍ ୬୬ ପେୟାର ଟ୍ରେନର ୧୪୦ ରେକ୍‌କୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି। ଯୋଜନା ଅନ୍ତର୍ଗତ ରେକ୍‌ଗୁଡ଼ିକରେ ନୂଆ ରଙ୍ଗ ,ଉନ୍ନତ ଟଏଲେଟ, ବିଭିସି ଫ୍ଲୋରିଂ, ଜେଡ୍ ମ୍ୟାଟ୍ ସୁବିଧା, କ୍ରୋମ୍ ପ୍ଲେଟେଡ ବ୍ରାସ ଜାଗୁଆର,ପେରିୱେର ମେକ୍ ଟ୍ୟାପ୍ସ, ଡବଲ ଆକ୍ଟି ଫ୍ଲସିଂ ବଲ୍‌ଭ, ଷ୍ଟେନଲେସ ଷ୍ଟିଲ ଡଷ୍ଟବିନ, ଏସି କୋଚ୍‌ରେ ହ୍ୟାଣ୍ଡ ଡ୍ରେ, ଏୟାର ଏକଜହଷ୍ଟର, ଏନର୍ଜି ଏଫିସିଏଣ୍ଟ ଏଲଇଡ଼ି ଲାଇଟ, ଦିବ୍ୟାଙ୍ଗଙ୍କ ପାଇଁ ବ୍ରେଲି ସାଇନେଜ, ଆଭ୍ୟନ୍ତରିଣ ସାଜସଜ୍ଜା ଭଳି ବିଭିନ୍ନ ସୁବିଧା ରହିଥିବା ରେଳୱେ ପକ୍ଷରୁ କୁହାଯାଇଛି।

**NOTIFIED AREA COUNCIL, ASKA**

e-Procurement Notice
BID REFERENCE NO.-ASKA NAC/ PUBLIC WORKS/ 02/2019
TENDER CALL NOTICE NO.-201/NAC/2018, DATED-18.02.19

Bid Documents consisting of specification, the schedule of quantities and the set of terms & conditions of contract and other necessary documents can be seen in the Govt. website i.e. www.tendersorissa.gov.in. 1. Nature of work: Civil Construction works as mentioned in website. 2. No. of works: 02 Nos. 3. Bid value: Varies from Rs. 1.00 Lakhs to Rs. 17.00 Lakhs. 4. Period of completion: 6 months. 5. Date and time of availability of the bid documents in the portal from Dt. 19.02.2019 at 10.00 AM to 27.02.2019 at 5.00 PM. 6. Last Date/time for receipt of bid in the portal: Dt. 27.02.2019 at 5.00 PM. 7. Last Date & Time of receiving of Documents relating of tender off-line: 28.02.2019 before 1.00 PM. 8. Bids received online shall be opened on Dt. 01.03.2019 after 11.00 AM onwards. 9. Name and adderss of the officer inviting Bid-Executive Officer, NAC, Ask (GM). 10. Further details can be seen from the procurement portal: www.tendersorissa.gov.in.

Sd./- Executive Officer, N.A.C., Aska

**MGNREGS ODISHA SOCIETY**
PANCHAYATI RAJ AND DRINKING WATER DEPARTMENT
SIRD CAMPUS, UNIT-VIII, BHUBANESWAR – 751 012

**TENDER CALL NOTICE**

No. 78 Dtd. 19/02/2019

No. 83-i

Sealed tenders are invited in the prescribed format from the manufacturers / authorized dealer / intending experienced firms / service providers having valid & up to date Income Tax Registration / PAN / GSTN/ Service Tax Registration etc. and successful track record of similar nature of the services for providing the following services to MGNREGS Odisha Society, PR & DW Deptt., Bhubaneswar for the Year 2019–20 and extendable for two more years.

(1) Hiring of different type of vehicles on Monthly Rent Basis, (2) Hiring of different type of vehicles on Daily Rent Basis. Interested vendors / firms may visit the website http://odishapanchayat.gov.in or http://odishamgnregs.org for downloading the details of ToR such as tender documents, specification, terms and conditions etc. The tender should reach the undersigned with the requisite documents through Registered / Speed Post / Courier Service within the scheduled date and time mentioned below addressing Mission Director, MGRNEGS Odisha Society, SIRD Campus, Unit-VIII, Bhubaneswar – 751 012.

Last date of receipt of Bid : 06.03.2019- up to 5.00 P.M.
Date & Time of Opening:
Technical Bid : 11.03.2019 - at 11.30 A.M.
Financial Bid : 15.03.2019 - at 11.30 A.M.

19001/11/0045/1819

Sd/-
Mission Director

**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL Lifeline of Orissa
Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6

TENDER CALL NOTICE NO.- 07/2018-19

For and on behalf of OPTCL, sealed tenders are invited from registered Civil and EHT/HT contractors having valid contractor License, labour license, IT PAN, GST Certificate towards **"Construction of RCC Slabs for replacement of damaged cable trench slabs at 132/33 KV Grid S/s, Phulbani"** under EHT (O&M) Division, Bhanjanagar. Commencement of Sale of Tender Paper : From Dated 19.02.2019, 11:00 AM to Dated 07.03.2019, 12:00 Noon. Last Date of Submission of Tender Paper : **Dated 07.03.2019 up to 2:00 PM**. Date of Opening of Tender Paper : **Dated 07.03.2019 at 3:00 PM**. Cost of Tender paper : Rs.2,000/- + GST@12% = Rs.2,240/-For details please visit our website **www.optcl.co.in N.B.**: All subsequent addendums/Corrigendum to the tender (if any ) will be hosted in the OPTCL's website **http:// www.optcl.co.in** only.

DGM(Elect.),EHT(O&M)Div.

**WORKS DEPARTMENT** No.1292-B
**OFFICE OF THE EXECUTIVE ENGINEER, ROURKELA (R&B) DIVISION,UDITNAGAR, ROURKELA**
email id - eepwdrkl@gmail.com

**Government of Orissa "e" Procurement Notice**

Bid Identification No.111/2018-19 Dated:16.02.2019

1. Number of works: Total 1(One) number of Works
2. Estimated cost: Rs.21.63 Lakhs
3. Period of completion: three calendar months
4. Date & Time of availability of bid document in the portal : 22.02.2019 at 11.00 AM.
5. Last date / Time for receipt of bids in the portal : 27.02.2019 up to 5.00 PM.
6. Date of opening of Bid : 02.03.2019 at 11.30 P.M
7. Name and Address of the Officer Inviting Bid : Executive Engineer, (R & B) Division, Rourkela, Uditnagar.

Further details can be seen from the e-procurement portal "http//tendersodisha.gov.in"

34068/11/0029/1819

Sd./- Executive Engineer,
R & B Division, Rourkela

**ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)**
**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍‌ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **73/CDB/2018-19.** କାର୍ଯ୍ୟର ନାମ : ପାରଳାଖେମୁଣ୍ଡି ମୁଖ୍ୟ ଅଫିସ ଗୃହର ମରାମତି ଏବଂ ରକ୍ଷଣାବେକ୍ଷଣ । ଆନୁମାନିକ ମୂଲ୍ୟ : ଟ.୧୦,୨୨,୦୮୫/-, ଅମାନତ ଜମା ରାଶି : ଟ.୨୦,୪୪୨/-ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୨୦୬/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୭୦ (ସତୁରି) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୫.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
2. NIT No. **74/CDB/2018-19.** କାର୍ଯ୍ୟର ନାମ : କୋଣାର୍କ, କାକଟପୁର, ପିପିଲି, ସାକ୍ଷୀଗୋପାଳ ଏବଂ କଣାସ ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୧,୯୦,୨୫୭/-, ଅମାନତ ଜମା ରାଶି : ଟ.୨୩,୮୦୫/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୪୦୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୫.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
3. NIT No. **75/CDB/2018-19.** କାର୍ଯ୍ୟର ନାମ : ବୋଲଗଡ଼, ବେଗୁନିଆ, ଗୋପାଳପୁର, ଦଶପଲ୍ଲା ଏବଂ ଖଣ୍ଡପଡ଼ା ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୧,୯୨,୨୭୭/-, ଅମାନତ ଜମା ରାଶି : ଟ.୨୩,୮୪୬/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୪୦୭/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୫.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
4. NIT No. **76/CDB/2018-19.** କାର୍ଯ୍ୟର ନାମ : ଜିଜିପି, ରସୁଲଗଡ଼, ସତ୍ୟନଗର, ଏନ୍.ପି.ଏଚ୍. ଏବଂ ଉଦ୍ୟାନମାର୍ଗ ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୧,୯୯,୦୦୫/-, ଅମାନତ ଜମା ରାଶି : ଟ.୨୩,୯୮୦/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୪୧୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୫.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

150 YEARS OF CELEBRATING THE MAHATMA

# ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ

ତା - ୧୮.୦୨.୨୦୧୯ ଠାରୁ ତା - ୦୯.୦୩.୨୦୧୯ ରିଖ ପର୍ଯ୍ୟନ୍ତ

ସ୍ଥାନ : ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟାଳୟ ପରିସର,
ଖାରବେଳନଗର, ଭୁବନେଶ୍ୱର



ସ୍ୱଦେଶ ପ୍ରୀତିର ପ୍ରତୀକ ଖଦି
ଆମ ଅର୍ଥନୀତି ଆମ ପ୍ରଗତି



DSPL-419

ଆୟୋଜକ : ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ,
ଓଡ଼ିଶା ସରକାର

14002/13/0002/1819



❝ ରିଷଭ ପନ୍ତଙ୍କୁ ପ୍ରତିଦ୍ୱନ୍ଦ୍ୱୀ ବୋଲି ମୁଁ ମନେ କରେନା। ସୟଦ ମୁସ୍ତାକ ଅଲି ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ ସହ ଦଳକୁ ପ୍ରତ୍ୟାବର୍ତ୍ତନ ଆଶା ରଖିଛି।

–ରିଦ୍ଧିମାନ ଶାହ, ଭାରତୀୟ ଉଇକେଟକିପର



❝ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଆମେ ଆସନ୍ତା ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳିବା ଉଚିତ୍ ନୁହେଁ।

–ହରଭଜନ ସିଂ, ଭେଟେରାନ ଅଫ୍–ସ୍ପିନର

## ସଂକ୍ଷେପରେ

### ଏଏଫ୍‌ସି ବି କୋଚ୍ ନିପେନ୍ଦ୍ର



**ଭୁବନେଶ୍ୱର,୧୯।୨(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ନିପେନ୍ଦ୍ର କୁମାର ଦାସ ଏଏଫ୍‌ସି ବି କୋଚିଂ କୋର୍ସରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏବେ ସେ ଭୁବନେଶ୍ୱର ସ୍ଥିତ ଅଫିସ୍ ଅଫ୍ ଏକାଉଣ୍ଟାଣ୍ଟ ଜେନେରାଲରେ କାର୍ଯ୍ୟ କରୁଛନ୍ତି। ସେ ଓଡ଼ିଶାର ଚତୁର୍ଥ ବ୍ୟକ୍ତି ଭାବେ ଏଏଫ୍‌ସି ବି କୋଚିଂ କୋର୍ସରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିପେନ୍ଦ୍ରଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।

### ମନ୍‌ଜୁର ଏଏଫ୍‌ସି-ସି କୋଚ୍



**ଭୁବନେଶ୍ୱର, ୧୯।୨(ସ୍ପୋର୍ଟ୍ସ ବ୍ୟୁରୋ):** ଫୁଟ୍‌ବଲ କୋଚ୍ ସେକ୍ ମନ୍‌ଜୁର ଏଏଫ୍‌ସି-ବି କୋଚ୍ ମାନ୍ୟତା ପାଇଛନ୍ତି। ସେ ସଫଳତାର ସହ ଏଏଫ୍‌ସି-ସି କୋଚିଂ କୋର୍ସ କ୍ଲିୟର କରିଛନ୍ତି। କଟକସ୍ଥିତ ଓଡ଼ିଶା ହୋମଗାର୍ଡରେ କାର୍ଯ୍ୟରତ ଥିବା ମନ୍‌ଜୁରଙ୍କ ଏହି ସଫଳତା ଲାଗି ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ଚେନ୍ନାଇ–ଚ୍ୟାଲେଞ୍ଜର୍ସ ଉଦ୍‌ଘାଟନୀ ମ୍ୟାଚ୍

**ନୂଆଦିଲ୍ଲୀ, ୧୯।୨(ପି.ଟି.)**

ବିଶ୍ୱର ବ୍ୟୟବହୁଳ କ୍ରିକେଟ୍ ଲିଗ୍ ଭାବେ ପରିଚିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ମାର୍ଚ୍ଚ ୨୩ରୁ ଆରମ୍ଭ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସିଜନ–୧୨ର ପ୍ରଥମ ୨ ସପ୍ତାହ ଲାଗି ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର୍ କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଉଦ୍‌ଘାଟନୀ ମୁକାବିଲାରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଚେନ୍ନାଇରେ ଖେଳାଯିବ। ଦୁଇ ସପ୍ତାହ (ମାର୍ଚ୍ଚ ୨୩ରୁ ଏପ୍ରିଲ ୫)ରେ ମୋଟ୍ ୮ଟି ଭେନ୍ୟୁରେ ୧୭ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଭାରତରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଅନ୍ୟବର୍ଷ ଗୁଡ଼ିକ ତୁଳନାରେ ଚଳିତ ସିଜନରେ ଆଇପିଏଲ୍ ଅପେକ୍ଷାକୃତ ଶୀଘ୍ର ଆରମ୍ଭ ହେବ। ସେଥିଲାଗି ବିସିସିଆଇ ପକ୍ଷରୁ ୨ ସପ୍ତାହର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ନିର୍ବାଚନୀ ତାରିଖ ଘୋଷଣା ହେଲାପରେ ଆଇପିଏଲ୍‌ର ପରବର୍ତ୍ତୀ କାର୍ଯ୍ୟସୂଚୀ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ଏବଂ ଆବଶ୍ୟକ ହେଲେ ଘୋଷିତ ହୋଇଥିବା କାର୍ଯ୍ୟସୂଚୀରେ ମଧ୍ୟ ପରିବର୍ତ୍ତନ କରାଯାଇପାରେ' ବୋଲି ଆଇପିଏଲ୍‌ର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ମାର୍ଚ୍ଚ ୨୪ରେ କୋଲକାତା ନାଇଟ୍ ରାଇଡର୍ସ ଓ ଘରୋଇ ସନରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ଅପରାହ୍ଣରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିଦିନ ରାତିରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ଘୋଷିତ ୨ ସପ୍ତାହର କାର୍ଯ୍ୟସୂଚୀରେ ଦିଲ୍ଲୀ ଓ ବାଙ୍ଗାଲୋରକୁ ଛାଡ଼ି ବାକି ସମସ୍ତ ଟିମ୍ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ଯେଉଁଥିରେ ଘରୋଇ ଓ ବାହାର ଗ୍ରାଉଣ୍ଡରେ ୨ଟି ଲେଖାଏ ମ୍ୟାଚ୍ ରହିଛି। କିନ୍ତୁ ଦିଲ୍ଲୀ ଓ ବାଙ୍ଗାଲୋର ଏହି ସମୟ ମଧ୍ୟରେ ୫ଟି ଲେଖାଏ ମ୍ୟାଚ୍ ଖେଳିବେ ବୋଲି ବିସିସିଆଇ ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀରୁ ଜଣାପଡ଼ିଛି। ତେବେ ଅପରାହ୍ଣ ଓ ରାତି ମ୍ୟାଚ୍ ଯଥାକ୍ରମେ ପୂର୍ବବତ୍ ୪ଟା ଓ ୮ଟାରୁ ଆରମ୍ଭ ହେବ କି ଏହି ସମୟରେ ପରିବର୍ତ୍ତନ କରାଯିବ ସେନେଇ ସ୍ପଷ୍ଟଭାବେ କିଛି କୁହାଯାଇନାହିଁ।

**ଆଇପିଏଲ୍-୧୨**

### ଆଇପିଏଲ୍–୧୨ କାର୍ଯ୍ୟସୂଚୀ (ଦୁଇ ସପ୍ତାହ ଲାଗି)

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ମାର୍ଚ୍ଚ ୨୩ | ଚେନ୍ନାଇ–ବାଙ୍ଗାଲୋର | ଚେନ୍ନାଇ |
| ମାର୍ଚ୍ଚ ୨୪ | କୋଲକାତା– ହାଇଦ୍ରାବାଦ | କୋଲକାତା |
| ମାର୍ଚ୍ଚ୨୪ | ମୁମ୍ବାଇ ଇଣ୍ଡିଆନ୍ସ–ଦିଲ୍ଲୀ | ମୁମ୍ବାଇ |
| ମାର୍ଚ୍ଚ ୨୫ | ରାଜସ୍ଥାନ–ପଞ୍ଜାବ | ଜୟପୁର |
| ମାର୍ଚ୍ଚ ୨୬ | ଦିଲ୍ଲୀ କ୍ୟାପିଟାଲ୍ସ–ଚେନ୍ନାଇ | ଦିଲ୍ଲୀ |
| ମାର୍ଚ୍ଚ ୨୭ | କୋଲକାତା–ପଞ୍ଜାବ | କୋଲକାତା |
| ମାର୍ଚ୍ଚ ୨୮ | ବାଙ୍ଗାଲୋର–ମୁମ୍ବାଇ | ବାଙ୍ଗାଲୋର |
| ମାର୍ଚ୍ଚ ୨୯ | ହାଇଦ୍ରାବାଦ–ରାଜସ୍ଥାନ | ହାଇଦ୍ରାବାଦ |
| ମାର୍ଚ୍ଚ ୩୦ | ପଞ୍ଜାବ–ମୁମ୍ବାଇ | ମୋହାଲି |
| ମାର୍ଚ୍ଚ ୩୦ | ଦିଲ୍ଲୀ–କୋଲକାତା | ଦିଲ୍ଲୀ |
| ମାର୍ଚ୍ଚ ୩୧ | ହାଇଦ୍ରାବାଦ୍–ବାଙ୍ଗାଲୋର | ହାଇଦ୍ରାବାଦ |
| ମାର୍ଚ୍ଚ ୩୧ | ଚେନ୍ନାଇ–ରାଜସ୍ଥାନ | ଚେନ୍ନାଇ |
| ଅପ୍ରିଲ ୧ | ପଞ୍ଜାବ–ଦିଲ୍ଲୀ କ୍ୟାପିଟାଲ୍ସ | ମୋହାଲି |
| ଏପ୍ରିଲ ୨ | ରାଜସ୍ଥାନ–ବାଙ୍ଗାଲୋର | ଜୟପୁର |
| ଏପ୍ରିଲ ୩ | ମୁମ୍ବାଇ–ଚେନ୍ନାଇ | ମୁମ୍ବାଇ |
| ଏପ୍ରିଲ ୪ | ଦିଲ୍ଲୀ– ହାଇଦ୍ରାବାଦ୍ | ହାଇଦ୍ରାବାଦ୍ |
| ଏପ୍ରିଲ ୫ | ବାଙ୍ଗାଲୋର–କୋଲକାତା | ବାଙ୍ଗାଲୋର |

## ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍

# ଓଡ଼ିଶାର ପ୍ରଥମ ବିଜୟ



ଓଡ଼ିଶା ଓ ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର,୧୯।୨(ସ୍ପୋର୍ଟ୍ସ ବ୍ୟୁରୋ)**

ମହାରାଷ୍ଟ୍ରର ଔରଙ୍ଗାବାଦ୍‌ର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କ୍ୟାମ୍ପସ୍‌ରେ ଚାଲିଥିବା ୯ମ ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍ ଡିଭିଜନ 'ଏ' ପ୍ରତିଯୋଗିତାରେ ମଙ୍ଗଳବାର ହକି ଓଡ଼ିଶା, ହକି ଛତିଶଗଡ଼, ମଧ୍ୟ ପ୍ରଦେଶ ହକି ଏକାଡେମୀ ଓ ହକି ବିହାର ସେମାନଙ୍କୁ ପୁଲ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ପୁଲ୍ ଡି'ରେ ଓଡ଼ିଶା ୧–୦ ଗୋଲରେ ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କକୁ ହରାଇ ଟୁର୍ନାମେଣ୍ଟର ପ୍ରଥମ ବିଜୟ ହାସଲ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ଓଡ଼ିଶା ଅଧିନାୟକ କ୍ରିଷ୍ଣା ତିର୍କୀ ପେନାଲ୍ଟି କର୍ନର ଜରିଆରେ ଏକ ମାତ୍ର ଗୋଲ ସ୍କୋର କରିଥିଲେ।

ସେହିପରି ପୁଲ୍ ବି'ରେ ମଧ୍ୟ ପ୍ରଦେଶ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ମୁମ୍ବାଇ ହକି ଆସୋସିଏଶନ ଲିମିଟେଡକୁ ୬–୧ ଗୋଲରେ ହରାଇ ବିଜୟୀ ହୋଇଛି। ଅନ୍ୟପଟେ ପୁଲ୍ ସି'ରେ ଖେଳାଯାଇଥିବା ଉତ୍ତର ପ୍ରଦେଶ ହକି ଓ ହକି କର୍ନାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨–୨ ଗୋଲରେ ଅମୀମାଂସିତ ରହିଛି। ସେହିପରି ପୁଲ୍ ଏ'ରେ ହକି ଛତିଶଗଡ଼ ସମ୍ପୂର୍ଣ୍ଣ ଏକାପାଖିଆ ମ୍ୟାଚ୍‌ରେ ହକି ହିମାଚଳକୁ ୭–୨ ଗୋଲରେ ହରାଇଛି। ପୁଲ୍ ଡି'ର ଅନ୍ୟ ଏକ ମ୍ୟାଚ୍‌ରେ ହକି ବିହାର ୨–୧ ଗୋଲରେ ଷ୍ଟିଲ୍ ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି।

# ଗୁରୁକୁଳ ଟେନିସ: କ୍ୱାର୍ଟରରେ ଅଂଶୁ, ଅମୃତଜୟ, ଚିନ୍ମୟ

**ଭୁବନେଶ୍ୱର, ୧୯।୨(କ୍ରୀଡ଼ା ପ୍ରତିନିଧି):** ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ମଙ୍ଗଳବାରଠାରୁ ଏଆଇଟିଏ–ଓଟିଏ ପୁରୁଷ ୫୦କେ ଟେନିସ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। କ୍ରମାଗତ ଦ୍ୱିତୀୟ ଥରପାଇଁ ଏଠାରେ ଅନୁଷ୍ଠିତ ପୁରୁଷ ୫୦କେ ଟେନିସ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, କର୍ନାଟକ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଦିଲ୍ଲୀ, ଆସାମ ଓ ଆୟୋଜକ ଓଡ଼ିଶା ଆଦି ୯ ରାଜ୍ୟରୁ ୩୨ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ଅଂଶୁକୁମାର ଭୂଆଁ ଓ ଚିନ୍ମୟ ପ୍ରଧାନ ଯଥାକ୍ରମେ ଟପ୍ ଓ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛନ୍ତି। ସର୍ବଭାରତୀୟ ର୍ୟାଙ୍କିଙ୍ଗ୍‌ରେ ଏ ଦୁହେଁ ଯଥାକ୍ରମେ ୪୨ ଓ ୫୩ତମ ସ୍ଥାନରେ ରହିଛନ୍ତି। ପ୍ରଥମ ଦିବସରେ ପ୍ରତିଯୋଗିତାର ପ୍ର–କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଛି। ଏଥିରେ ଅଂଶୁ, ଚିନ୍ମୟଙ୍କ ସହ ଅନ୍ୟତମ ଓଡ଼ିଆ ଖେଳାଳି ଅମୃତଜୟ ମହାନ୍ତି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅଂଶୁ ନିଜ ରାଜ୍ୟର ଆଶୁତୋଷ ଦାସଙ୍କୁ ୬–୨, ୬–୩, ଅମୃତଜୟ ଉତ୍ତର ପ୍ରଦେଶର ବାସୁ ଗୁପ୍ତାଙ୍କୁ ୬–୩, ୬–୦ ଏବଂ ଚିନ୍ମୟ ସାଥି ଖେଳାଳି ସୁନୀଲ ପଲାଇଙ୍କୁ ୭–୫, ୬–୩ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଉମର ସେଖ, ପଶ୍ଚିମବଙ୍ଗର ଅର୍ଘ୍ୟ ଦାସ, ରୋହିତ ରାମପୁରିଆ, କର୍ନାଟକର ରାଘବ ରବିକିରଣ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


Hero
ଘରକୁ ଆଣନ୍ତୁ
ଇଣ୍ଡିଆର ଭରସା!
ଆଉ ପାଆନ୍ତୁ ହିରୋ Glamour ଉପରେ ₹3500 ପର୍ଯ୍ୟନ୍ତ ସ୍ପେଶାଲ ଓନ ଡ୍ୟାମେଜ୍ ଇନସ୍ୟୁରାନ୍ସ ବେନିଫିଟ୍ ଆମ ତରଫରୁ । ଅର୍ଥାତ୍ ଏବେ ପ୍ରତ୍ୟେକ ଯାତ୍ରା ହେବ ସହଜ।
ସ୍ପେଶାଲ
5 ବର୍ଷ
ପର୍ଯ୍ୟନ୍ତ ଓନ ଡ୍ୟାମେଜ୍ ଇନସ୍ୟୁରାନ୍ସ ବେନିଫିଟ୍
₹3500*
85 crore+ HEROES
Countless Relationships
World leading brands from the House of Hero
Splendor+
Super Splendor
iSmart+
Passion Pro
Glamour
HF Deluxe
Maestro Edge
Pleasure
Destini 125
Insurance partner
Hero INSURANCE BROKING
HeroFinCorp.
ଲୋ ଡାଉନ ପେମେଣ୍ଟ ₹2000/-
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com
INDIA'S FIRST 5 YEAR WARRANTY *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ^As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.
For Institutional and Bulk Sales please write to Kolkata@heromotocorp.com


MARUTI SUZUKI
NEXA
THE NEW
BALENO
MAKE BOLDER MOVES.
BALENO
Scan the QR Code with app to reveal a bolder new world.
CREATE. INSPIRE.
New Front Fascia
New Smartplay Studio
New Dual Tone Interiors with Refreshed Ornamentation
New Precision Cut Two-tone Alloy Wheels
NEXA Safety Shield
Standard Across All Variants
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
FULL FRONTAL IMPACT COMPLIANCE, FRONTAL OFFSET IMPACT COMPLIANCE, SIDE IMPACT COMPLIANCE
Terms and conditions apply. Features and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only.
Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR
NEXA Raj Bhavan Road (NARAYANI MOTORS) Ph: 7381000102
NEXA Cyber City (JYOTE MOTORS) Ph: 8338033884
NEXA Twin City (SKY AUTOMOBILES) Ph: 9776497764/7064400101
CUTTACK
NEXA Stadium Rd (JYOTE MOTORS) Ph: 8338033889
BALASORE
NEXA Balasore Highway (JYOTE MOTORS) Ph: 8338033994
SAMBALPUR
NEXA Sambalpur Highway (ODYSSEY MOTORS) Ph: 8599039994
ROURKELA
NEXA Civil Town (ORBIT MOTORS) Ph: 8337900222, 7077727977
Coming Soon
ANGUL
NEXA Angul Central (ODYSSEY MOTORS) Ph: 7873663412
A REVOLUTIONARY WAY TO CONNECT TO YOUR CAR
Vehicle Tracking
Emergency Alert
Driving Behaviour Analysis
Live Vehicle Status
Service Due Reminder
SUZUKI connect
Offered separately as Genuine NEXA Accessory

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ଫେବୃୟାରୀ, ୨୦୧୯



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍ ।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଓଡ଼ିଶା ବନ୍ଦକୁ ସମର୍ଥନ

**ବୌଦ୍ଧ,୧୯।୨(ସ୍ୱ.ପ୍ର):** ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀଙ୍କୁ ପେନସନ, ସୁରକ୍ଷା, ଭତ୍ତା ଓ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପ ବିରୋଧରେ ଆସନ୍ତା ୨୧ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ଏହି ବନ୍ଦରେ ବୌଦ୍ଧ ଜିଲା ନବ ନିର୍ମାଣ କୃଷକ ସଂଘ ସାମିଲ ହେବ ବୋଲି ଜିଲା ସଭାପତି ନରେନ୍ଦ୍ର କୁମାର ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଏହି ବନ୍ଦରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଗାଡିମୋଟର, ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରହିବ । ଏହି ବନ୍ଦକୁ ସମସ୍ତେ ସମର୍ଥନ କରିବାକୁ ସଭାପତି ସାହୁ ନିବେଦନ କରିଛନ୍ତି ।

# ଆଠ ଦଫା ଦାବିରେ ବିକ୍ଷୋଭ

**ବୌଦ୍ଧ,୧୯।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ସିପିଆଇ ପକ୍ଷରୁ ମଙ୍ଗଳବାର ଆଠ ଦଫା ଦାବି ନେଇ ବୌଦ୍ଧ ବ୍ଲକ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସିପିଆଇ ବୌଦ୍ଧ ଜୋନ୍ ସମ୍ପାଦକ ସୁଧାଂଶୁ ପ୍ରଧାନଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଜାତୀୟ ରାଜପଥରୁ ବ୍ଲକ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ କର୍ମୀମାନେ ବିକ୍ଷୋଭ କରିଥିଲେ। ବଘିଆପଡା ଓ ଜହ୍ନାପଙ୍ଗ ଠାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ସମସ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗୃହ ପ୍ରଦାନ, ବଘିଆପଡା ପଞ୍ଚାୟତର ଜାମପାଲି, ମାଝିସାହି ଓ ବଡ ଗୋଛାପଡା ଗ୍ରାମବସୀଙ୍କୁ ତୁରନ୍ତ ଗୃହ ପ୍ରଦାନ, ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ପ୍ରଦାନ, ସମସ୍ତ ଗ୍ରାମକୁ ସ୍ୱଚ୍ଛ ପାଣି ଯୋଗାଣ, ମେଣ୍ଡିମାଳରେ ଅଧାପନ୍ତରିଆ ହୋଇ ପଡିଥିବା ଛାତ୍ରାବାସକୁ କାର୍ଯ୍ୟକ୍ଷମ, ସମସ୍ତ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ଓ ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ଦାବି କରିଥିଲେ। ପରେ ବୌଦ୍ଧ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭ ସମାବଶେରେ ସିପିଆଇ ଜିଲା ସମ୍ପାଦକ ଅବକାଶ ସାହୁଙ୍କ ସମେତ ଶତାଧିକ ହିତାଧିକାରୀ ସାମିଲ ହୋଇଥିଲେ ।



ସିପିଆଇର ଶୋଭାଯାତ୍ରା ବ୍ଲକ ଅଭିମୁଖେ ଯାଉଛି ।

# ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ଘଣ୍ଟାପଡା, ୧୯।୨ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ଘଣ୍ଟାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ପ୍ରଜ୍ଞା ବିହାର)ର ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସଭାପତି ହେମନ୍ତ ଭୋଇ ସଭାପତିତ୍ୱ କରିଥିଲେ। କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ସୋନପୁର ଜିଲା ସଙ୍କୁଳ ସ୍ତରୀୟ ଶିକ୍ଷାବିକାଶ ସମିତିର ସଂଯୋଜକ ରାଜକିଶୋର ପ୍ରଧାନ ମୁଖ୍ୟବକ୍ତା ଏବଂ ଜିଲା ପରିଷଦ ସଭ୍ୟା ମୁକ୍ତାସିନୀ ମଲିକ, ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ପରିଚାଳନା କମିଟି ଉପଦେଷ୍ଟା ନୀଳାଞ୍ଚଳ ଭୋଇ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଥ ରଣା, ସଦସ୍ୟ ବିଭୂତି ଭୂଷଣ ମହାପାତ୍ର, ଯାଦବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ତମ ଶୈକ୍ଷିକ ପରିବେଶ ଜଣେ ଶିଶୁକୁ ସୁନାଗରିକ ଭାବେ ଗଢ଼ି ତୋଳିବାରେ ସାହାଯ୍ୟ କରିଥାଏ ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ପରିଚାଳନା କମିଟି ଉପସଭାପତି ବିରେନ୍ଦ୍ର ପ୍ରସାଦ ଦେହୁରୀ ଅତିଥି ପରିଚୟ ଓ ସମ୍ପାଦକ ଅଗସ୍ତି ମଲିକ ବାର୍ଷିକ ବିବରଣୀ ପଠନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶେଷଦେବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

# ଶହୀଦ ପରିବାରଙ୍କୁ ସହାୟତା ପାଇଁ ଅର୍ଥ ସଂଗ୍ରହ


ଶହୀଦଙ୍କ ପରିବାର ପାଇଁ ଅର୍ଥ ସଂଗ୍ରହ ଶୋଭାଯାତ୍ରା ଚାଲିଛି ।

**ବରପାଲି, ୧୯।୨ (ଡି.ଏନ.ଏ)**

ପୁଲୱାମାରେ ଶହୀଦ ହୋଇଥିବା ଯବାନ ମନୋଜ ବେହେରା ଓ ପ୍ରସନ୍ନ ସାହୁଙ୍କ ପରିବାର ବର୍ଗଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ବରପାଲିର ବିଭିନ୍ନ ସଙ୍ଗଠନ ଆଗେଇ ଆସିଛନ୍ତି । ସଙ୍ଗଠନର କର୍ମକର୍ତ୍ତା ମଙ୍ଗଳବାର ଦାନବାକ୍ସ ଧରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ତହସିଲଦାର ଯୁଧିଷ୍ଠିର ମେହେରଙ୍କ ତତ୍ତ୍ୱାବଧାନରେ ବରପାଲି ଓକିଲ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ, ମହିଳା ସଂଘ ଓ ବିଭିନ୍ନ ସଙ୍ଗଠନ ଅର୍ଥ ସଂଗ୍ରହ କରିଥିଲେ । ଏଥିରେ ଓକିଲ ରବିନ୍ଦ୍ର ପଣ୍ଡା, ଲାଲବିକ୍ରମ ସିଂ, ଜିତେନ୍ଦ୍ରୀୟ ବିଦ୍ୟାଧର, କିଙ୍ଗକଙ୍ଗ ରଥ ପ୍ରମୁଖ ଉପସ୍ଥିତ ଥିଲେ । ସଂଗୃହୀତ ଟଙ୍କା ଶହୀଦ ପରିବାର ବର୍ଗଙ୍କ ପାଖକୁ ପଠାଯିବ ବୋଲି କୁହାଯାଇଛି ।

# ବିକାଶ ହସ୍‌ପିଟାଲରେ ସଫଳ ବ୍ରେନ୍ ଟ୍ୟୁମର ସର୍ଜରୀ

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ବିକାଶ ହସପିଟାଲରେ ବେନ ଟ୍ୟୁମର ସର୍ଜରୀ ସଫଳତାର ସହିତ ସମ୍ପନ୍ନ ହୋଇଥିବା ହସ୍‌ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତ ୬ମାସ ଧରି ଅସହ୍ୟ ମୁଣ୍ଡବ୍ୟଥା, ଶରୀର ବାମପାର୍ଶ୍ୱର ଊର୍ଦ୍ଧ୍ୱ ଓ ନିମ୍ନଭାଗ ପକ୍ଷାଘାତରେ ପୀଡ଼ିତ ୪୮ବର୍ଷ ବୟସ୍କା ବରାହଗୋଡ଼ା ନିବାସୀ ନଳିନୀ ବେତ୍‌କାର ବିକାଶ ମଲ୍ଟିସ୍ପେସିଆଲିଟି ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ । ନ୍ୟୁରୋ ସର୍ଜନ ଡା. ଶିବରାମ ବୋଦ୍ଧା ପରୀକ୍ଷା ନିରୀକ୍ଷା କରିବା ପରେ ସିଟି ସ୍କାନ ଏବଂ ଏମଆର୍‌ଆଇ ସ୍କାନ ରିପୋର୍ଟରୁ ରୋଗୀଙ୍କ ରାଇଟ୍ ପାରିଟୋ ଟେମ୍ପୋରୋ ଓସିପିଟାଲ କନଭେକ୍ସିଟି ମେନିଞ୍ଜିଓମା ବ୍ରେନ ଟ୍ୟୁମର ଥିବା ଜାଣିବାକୁ ପାଇଥିଲେ ଏବଂ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ । ରୋଗୀଙ୍କ ଅସ୍ତ୍ରୋପଚାର ସଫଳତାର ସହିତ ହୋଇଥିଲା । ଉକ୍ତ ଅସ୍ତ୍ରୋପଚାରରେ ଡା. ବୋଦ୍ଧାଙ୍କ ସହ ନିଶ୍ଚେତକ ଡା. ମିଥିଳେଶ, ଡା. ଜଗନ୍ନାଥ ତ୍ରିପାଠୀ, ଡା. ଚତୁର୍ଦ୍ଦଶୀ ସାହୁ, ଡା. ରାମକୃଷ୍ଣ ଭୁଏ ଏବଂ ଆଇସିୟୁ ଟିମ୍ ସାମିଲ ହୋଇଥିଲେ ।

# ଏବିଭିପିର ଜିଲାସ୍ତରୀୟ ସମ୍ମିଳନୀ

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ରାଣାପ୍ରତାପ ଛକ ହେତମପୁରିଆ ଭବନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ଜିଲା ଶାଖାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଯୋଜନକ ରବିନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସେହିପରି ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀ ପରିଷଦର ମୂଳଲକ୍ଷ୍ୟ ଉପରେ ଆଲୋକପାତ କରିବା ସହିତ ଆସନ୍ତା ସାଧାରଣ ନିର୍ବାଚନରେ ରାଷ୍ଟ୍ରୀୟ ଶକ୍ତି ସପକ୍ଷରେ ଶତ ପ୍ରତିଶତ ମତଦାନ ପାଇଁ ଯୁବପୀଢ଼ିଙ୍କୁ ଆହ୍ୱାନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ପ୍ରଚାରକ ଆଲୋକ କୁମାର ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ବିଦ୍ୟାର୍ଥୀ ପରିଷଦର ଭୂମିକା ଉପସ୍ଥାପନ କରିଥିଲେ । ପୂର୍ବତନ ଜିଲା ସଂଯୋଜକ କିଶୋର ବିଭାର ଶହୀଦ ଯବାନଙ୍କୁ ସ୍ମରଣ କରି ଦେଶସେବାରେ ସମର୍ପିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବରସରରେ ବିଦ୍ୟାର୍ଥୀ ପରିଷଦର ନୂତନ ଦାୟିତ୍ୱମାନ ଘୋଷଣା କରାଯାଇଥିଲା । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର କାର୍ଯ୍ୟବାହ ପ୍ରତାପ କୁମାର ପଟ୍ଟନାୟକ, ଏବିଭିପିର ପୂର୍ବତନ ସଦସ୍ୟା ଜୟଶ୍ରୀ ମହାପାତ୍ର, ବିରେନ୍ଦ୍ର କୁମାର ଭୋଇ, କେଦାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ମାଟ୍ରିକ ପରୀକ୍ଷା ପାଇଁ ପୂଜାର୍ଚ୍ଚନା

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଆସନ୍ତା ୨୨ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷାରେ ସଫଳତା ପାଇଁ ଶ୍ରୀ ଶ୍ରୀ ସତ୍ୟନାରାୟଣ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କଳ୍ପନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ପୂଜାରେ ସାମିଲ ଥିଲେ । ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ମୀନା ପଣ୍ଡା, ଭାବନା ସାହୁ, ସୁନିତା ମିଶ୍ର, ଜ୍ୟୋତ୍ସ୍ନା ସାହୁ, ସୁଧାଂଶୁ ଶେଖର ସାହୁ, ମନୋରମା ଷଡ଼ଙ୍ଗୀ, ଡାକ୍ତର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

No. 160-L

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
## 'କାଳିଆ ଛାତ୍ରବୃତ୍ତି' ପ୍ରଦାନ

କାଳିଆ ଛାତ୍ରବୃତ୍ତି — ପିଲାଙ୍କ ଉନ୍ନତ ଭବିଷ୍ୟତ

ଓଡ଼ିଶା କାଳିଆ ଯୋଜନାରେ ହିତାଧିକାରୀଙ୍କ ସନ୍ତାନସନ୍ତତି ମାନଙ୍କର ଉଚ୍ଚ ବୃତ୍ତିଗତ ଶିକ୍ଷା ଲାଭ ପାଇଁ 'କାଳିଆ ଛାତ୍ରବୃତ୍ତି' ଘୋଷଣା କରିଛନ୍ତି।

**'କାଳିଆ ଛାତ୍ରବୃତ୍ତି' ଉଦ୍ଦେଶ୍ୟ**

କୃଷକଙ୍କ ସନ୍ତାନ ସନ୍ତତିଙ୍କର ଉଚ୍ଚ ତଥା ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ ।

**'କାଳିଆ ଛାତ୍ରବୃତ୍ତି' ସହାୟତା ପାଇବା ପାଇଁ ଯୋଗ୍ୟତା**

- କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ସନ୍ତାନ ସନ୍ତତି ଯୋଗ୍ୟ ବିବେଚିତ ହେବେ।
- ସେ ରାଜ୍ୟର ସରକାରୀ ମହାବିଦ୍ୟାଳୟ / ଶିକ୍ଷାନୁଷ୍ଠାନ / ବିଶ୍ୱବିଦ୍ୟାଳୟରେ ବୃତ୍ତିଗତ ତଥା ବୈଷୟିକ ଶିକ୍ଷାରେ ସ୍ନାତକ ଏବଂ ଡିପ୍ଲୋମା ପାଠ (ନିୟମିତ ପାଠ୍ୟକ୍ରମ) ପଢୁଥିବେ ବା ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
- ସେହି ସନ୍ତାନ ସନ୍ତତି ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଦ୍ୱାରା ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପାଇ ନଥିବେ କିମ୍ବା ସେ କାଳିଆ ଛାତ୍ର ବୃତ୍ତି ଗ୍ରହଣ କରିବା ପାଇଁ ଇଚ୍ଛାବ୍ୟକ୍ତ କରିବେ।
- ସେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।

**'କାଳିଆ ଛାତ୍ରବୃତ୍ତି' ଅଧୀନରେ ବୃତ୍ତିଗତ ଶିକ୍ଷା କାର୍ଯ୍ୟକ୍ରମ**

ନିମ୍ନଲିଖିତ ବୃତ୍ତିଗତ / ବୈଷୟିକ ଶିକ୍ଷା ଲାଭ ପାଇଁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ।
ରାଜ୍ୟର ଯେକୌଣସି ବୃତ୍ତିଗତ / ବୈଷୟିକ ଶିକ୍ଷା କାର୍ଯ୍ୟକ୍ରମ ଯଥା- ବି.ଇ. / ବି.ଟେକ୍. / ଏମ୍.ବି.ବି.ଏସ୍./ ବି.ଡି.ଏସ୍./ ବି.ଏଚ୍.ଏମ୍.ଏସ୍./ ବି.ଏ.ଏମ୍.ଏସ୍./ ବି.ଫାର୍ମା./ ବି.ଏସ୍.ସି. (ନର୍ସିଂ) / ବି.ଏସ୍.ସି. (ଏଗ୍ରିକଲଚର)/ ବି.ଏସ୍.ସି. (ହର୍ଟିକଲଚର)/ ବି.ଭି.ଏସ୍.ସି./ ଡିପ୍ଲୋମା/ ପଲିଟେକ୍‌ନିକ୍ ଓ ଆଇଟିଆଇ ଇତ୍ୟାଦି।

**କାଳିଆ ଛାତ୍ରବୃତ୍ତିର ପରିମାଣ**

କାଳିଆ ଛାତ୍ରବୃତ୍ତିରେ ଜଣେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କର ଉପରୋକ୍ତ ବୃତ୍ତିଗତ / ବୈଷୟିକ ଶିକ୍ଷା ପାଇଁ ଆବଶ୍ୟକ ପଡୁଥିବା ପାଠ୍ୟକ୍ରମ ଫି., ହଷ୍ଟେଲ ଫି. ତଥା ମେସ୍ ଖର୍ଚ୍ଚ ଇତ୍ୟାଦି ଅନ୍ତର୍ଭୁକ୍ତ।

**ଆବେଦନ ପଦ୍ଧତି**

କାଳିଆ ଯୋଜନା ହିତାଧିକାରୀଙ୍କ ଯେଉଁ ସନ୍ତାନ ସନ୍ତତିଙ୍କର ଉପରବର୍ଣ୍ଣିତ ଯୋଗ୍ୟତା ଥିବ ସେମାନେ **"www.kalia.co.in/scholarship"** ୱେବସାଇଟ୍‌ରେ ଉପଲବ୍ଧ ଥିବା କାଳିଆ ଛାତ୍ରବୃତ୍ତି ପୋର୍ଟାଲରେ ଅନ୍‌ଲାଇନ ଆବେଦନ ପଦ୍ଧତି ମାଧ୍ୟମରେ ଆବେଦନ କରିପାରିବେ। ସଂପୃକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ ଛାତ୍ର/ଛାତ୍ରୀ ସମ୍ପୂର୍ଣ୍ଣ ବିବରଣୀକୁ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱୀକୃତ କରିବେ।

**କାଳିଆ ଛାତ୍ରବୃତ୍ତି ଅନ୍‌ଲାଇନ୍ ଆବେଦନ ପାଇଁ ଆବଶ୍ୟକୀୟ ତଥ୍ୟ**

- ସ୍ଥାୟୀ ବାସିନ୍ଦା ଠିକଣା
- ଶିକ୍ଷାନୁଷ୍ଠାନର ବିଷଦ ତଥ୍ୟ
- ଆବେଦନକାରୀଙ୍କ ଆଧାର କାର୍ଡ ନମ୍ବର
- ଛାତ୍ର / ଛାତ୍ରୀଙ୍କର ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ (ଛାତ୍ର / ଛାତ୍ରୀଙ୍କର ନାମ, ବ୍ୟାଙ୍କ ଜମାଖାତାର ନଂ, ଆଇ.ଏଫ୍.ସି. କୋଡ୍)
- ପିତା / ମାତାଙ୍କ ଆଧାର କାର୍ଡ ନମ୍ବର

ସ୍ୱା/-
ପ୍ରମୁଖ ଶାସନ ସଚିବ

## Application for Kalia Scholarship
### Government of Odisha

କାଳିଆ ଛାତ୍ରବୃତ୍ତି — ପିଲାଙ୍କ ଉନ୍ନତ ଭବିଷ୍ୟତ

**A Kalia Scholarship Details**

1 District ____ 2 Course Name ____
3 Duration ____ 4 Institute Name ____
5 Roll No ____ 6 Date of Admission D D M M Y Y Y Y

Affix your self attested (on the front) recent colour passport size photograph here

**B Applicant Details**

1 Applicant's Name (As per HSC Certificate) ____ 2 Gender ____
3 Date of Birth (As per HSC Certificate) D D M M Y Y Y Y 4 Category ____
5 PwD Y/N 6 Aadhaar Number ____
7 Mobile Number ____ 8 Alternative Mobile Number (Optional) ____
9 e-Mail ID ____ 10 Are you staying in hostel? Y/N

**C Parent Information**

| | Name | Profession | Aadhaar Number | Whether Kalia Beneficiary |
|---|---|---|---|---|
| 1 Father | | | | Y/N |
| 2 Mother | | | | Y/N |

**D Permanent Address Information**

1 District ____ 2 Block/ ULB ____
3 Address ____
4 Mobile No. ____ 5 Pincode ____

**E Bank Information of Applicant**

1 Bank Name ____ 2 Branch Name ____
3 Account Number ____ 4 IFSC Number ____

UNDERTAKING [Tick the appropriate option.]
My Father/Mother is a beneficiary of Kalia Scheme. Y N
I am a recipient of any other Scholarship scheme. Y N
I am recipient of another scholarship scheme and want to switch over to Kalia Scholarship. Y N
If Yes, then provide the below details.

| Name of the Scholarship | Reference ID |
|---|---|
| | |

Submitted by me

Full Signature of Applicant
Date ____ Place ____

01034/11/0094/1819



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

**ସଂକ୍ଷେପରେ**

## ଅମରଦାଶ ମଠରେ ଅଗ୍ନି ଉତ୍ସବ

**ଭେଡ଼େନ,୧୯।୨(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମପଞ୍ଚାୟତର ଭୋଇପାଲି ଅମରଦାଶ ବାବା ମଠରେ ଦୁଇଦିନ ଧରିଚାଲିଥିବା ମାଘପୂର୍ଣ୍ଣିମା ଅଗ୍ନିଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ସୋମବାର ଠାରୁ ଧୂନି ପ୍ରଜ୍ୱଳନ କରି ଏଥିରେ ଘିଅ, କୌପୁନି ଆଦି ଆହୂତି ପ୍ରଦାନ କରାଯାଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ସାରା ବିଶ୍ୱର ମଙ୍ଗଳ କାମନା କରି ଅଗ୍ନି ଉତ୍ସବ ସମାପନ ହୋଇଥିଲା। ଗ୍ରାମର ଭୋଇ ବଂଶର ଦାୟାଦ ନୀଳାଞ୍ଚଳ ଭୋଇ, ଗୋପାଳ ଭୋଇ, ଚିତ୍ତରଞ୍ଜନ ଭୋଇ, କାର୍ଯ୍ୟଦକ୍ଷ ଭୋଇ ପ୍ରମୁଖ ଆହୂତି ପ୍ରଦାନ କରିଥିଲେ । ଏହି ଅବସରରେ ବଳବସପୁରର କୃଷ୍ଣଗୁରୁ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ଗାଁରେ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମ ସହ ବ୍ୟଙ୍ଗକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

## ନଳକୂପ ମରାମତି ପାଇଁ ଦାବି

**ଭେଡ଼େନ,୧୯।୨(ଡ଼ି.ଏନ.ଏ):** ଖରା ମାସ ଆରମ୍ଭ ହୋଇ ନ ଥିବାବେଳେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ବହୁ ନଳକୂପ ଅଚଳ ହୋଇପଡିଛି । ଅନେକ ନଳକୂପରୁ ବହୁକଷ୍ଟରେ ଅଳ୍ପ ପାଣି ବାହାରୁଛି । ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ଏହି ନଳକୂପଗୁଡ଼ିକର ମରାମତି କରାଯାଉଥିଲା। ନଳକୂପ ଗୁଡ଼ିକର ସାମାନ୍ୟ ମରାମତି କରିବା ପାଇଁ ପ୍ରତି ପଞ୍ଚାୟତରେ ନିଯୁକ୍ତ ଅତିରିକ୍ତ ସ୍ୱାବଲମ୍ବୀ କାରିଗର ମାନଙ୍କୁ ନାମକୁ ମାତ୍ର ପାରିଶ୍ରମିକ ଦେଇ ନିଯୁକ୍ତ କରାଯାଇଛି। ତେବେ ସେମାନେ ଜନସାଧାରଣଙ୍କ ପାଇଁ ନଳକୂପ ଗୁଡ଼ିକର ସମ୍ପୂର୍ଣ୍ଣ ମରାମତି କରିଆସୁଥିଲେ ମଧ ଉପଯୁକ୍ତ ପାରିଶ୍ରମିକ ପାଇପାରୁ ନ ଥିଲେ। ଫଳରେ ସେମାନେ ନଳକୂପଗୁଡିକର ସାଧାରଣ ମରାମତି କରିବା ପାଇଁ ମଙ୍ଗଳବାର ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ। ଏହି ଅବସରରେ ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ସଭାପତି ଅଦ୍ୱୈତ କୁମାର ପଣ୍ଡା, ସମ୍ପାଦକ ଫକୀର ମୋହନ ବାଗ, ସଭ୍ୟ ଗଜାନନ ଭୁଏ, ପ୍ରାଣବନ୍ଧୁ ବାଗ, ଲବ ଦଲେଇ, ଜତୀନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ବଘାରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ହେଡ୍ କ୍ଲର୍କ ଦୟାସାଗର ମେହେର ଦାବିପତ୍ର ଗ୍ରହଣ କରିଥିଲେ ।

■ ରାଜ୍ୟସ୍ତରୀୟ ଉତ୍ତାଳଗଡ ନାଟ ମହୋତ୍ସବ ଉଦ୍‌ଘାଟିତ

# ନାଟକରେ ସମାଜ ସଂସ୍କାର ବାର୍ତ୍ତା

**ବିଜେପୁର,୧୯।୨(ଡି.ଏନ.ଏ)**

ବିଜେପୁର ବ୍ଲକ ତାଳପଦର ଗ୍ରାମରେ ଉତ୍ତାଳଗଡ ନାଟ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ତାଳଗଡ ନାଟ୍ୟ ସଂସଦ ତରଫରୁ ଖଗେଶ୍ୱର ମଣ୍ଡପରେ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ଏମ୍‌ପି ପ୍ରଭାସ ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲାଲ ବିକ୍ରମ ସିଂ, ଯୁବନେତା ସୁମିତ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମାନିନୀ ଭୋଇ, ସରପଞ୍ଚ ଦୁର୍ଲ୍ଲଭ ସେଠ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ସୁଶାନ୍ତ ରଞ୍ଜନ ପଧାନ ବାର୍ଷିକ ବିବରଣୀ ପଠନ ସହ ସମ୍ପାଦକ ଦାମୋଦର ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ନାଟ୍ୟକାର ତଥା ଅଧ୍ୟାପକ ସୁକୁମାର ଭୋଇଙ୍କୁ ଚଳିତ ବର୍ଷର ଉତ୍ତାଳଗଡ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ 'ଗର୍‌ଜି ଘୁମ୍‌ରି ଦୁଲ୍‌ଦୁଲି ବଜା ବାଜ୍‌ଲା ଭର୍‌ନି ପାର୍...ରୁ ଆରମ୍ଭ ହୋଇଥିଲା ନାଟକ କାର୍ଯ୍ୟକ୍ରମ। ପଦ୍ମଶ୍ରୀ ଡ. ହଳଧର ନାଗଙ୍କ ରଚିତ କାବ୍ୟ ସିରି ସମଲେଇକୁ ନୃତ୍ୟ ନାଟିକା ରୂପରେ କଳାକାରମାନେ ପରିବେଷଣ କରିଥିଲେ। ଏହାପରେ ରାଜକୁମାର ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ 'କୁନ୍ଦୁଲି ରାଏଜର୍ ଝି'କୁ ସଚେତନ ହେମା, ଢୋଲବନ୍ଧର କଳାକାରମାନେଁ ପରିବେଷଣ କରିଥିଲେ । ନାରୀ ଅବଳା କି ଦୁର୍ବଳା ନୁହେଁ ବୋଲି ଡିଣ୍ଡିମ ପିଟୁଥିବା ସାମାଜିକ ଓ ସରକାରୀ ବ୍ୟବସ୍ଥା କୁନ୍ଦୁଲି ରାଜ୍ୟର ଝିଅ ରଜନୀ ଆଗରେ ପ୍ରହସନ ପାଲଟିଯାଏ । ନାରୀ ସୁରକ୍ଷାରେ ପ୍ରଶ୍ନବାଚୀ ତିଆରି ହୁଏ । ଏହାସତ୍ତ୍ୱେ ହାରିବା ଅପେକ୍ଷା ବଞ୍ଚିବା ସଂଗ୍ରାମର ବାର୍ତ୍ତା ଭଳି ଚେତନାଗତ ବିଷୟବସ୍ତୁକୁ ନେଇ ନାଟକ ଗତିଶୀଳ ହୋଇଥିଲା । ଦ୍ୱିତୀୟରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ପଦ୍ମପୁର 'ଲୁ'ର କଳାକାରମାନେ 'ଧାନଫୁଲ' ନାଟକ ପରିବେଷଣ କରିଥିଲେ । ପାଶ୍ଚାତ୍ୟ ନାଟ୍ୟ ଶୈଳୀ ସହିତ ସମକକ୍ଷ ହେବା ନିମନ୍ତେ କଥାକାର ପ୍ରଶାସକ ହୃଷିକେଶ ପଣ୍ଡାଙ୍କ କାହାଣୀକୁ ନେଇ ଏହି ପ୍ରତୀକଧର୍ମୀ ନାଟକ ଏକ ସଫଳ ଐତିହାସିକ ପଦକ୍ଷେପ। ତୃତୀୟ ନାଟକ 'ଚଷମା'କୁ ପରିବେଷଣ କରିଥିଲେ ଉତ୍ତାଳଗଡ ନାଟ୍ୟ ସଂସଦର କଳାକାରମାନେ । ଏହାକୁ ରାଜେଶ କାରିଆ ରଚନା କରିଥିବା ବେଳେ ବିବେକାନନ୍ଦ ପଧାନ ନିର୍ଦ୍ଦେଶନା ଦେଇଥିଲେ । ସୋମନାଥ ପଧାନ, ଉମାକାନ୍ତ ମିଶ୍ର, ହୃଦମଣି ସାହୁ, କ୍ଷିତିପତି ରଣା, ଗଜାନନ ସାହୁ, ବିବେକାନନ୍ଦ ପଧାନ, ବିକ୍ରମାଦିତ୍ୟ ପଧାନ, ଗୋଦାବରି ପଧାନ, ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ସତ୍ୟପ୍ରକାଶ ସାହୁ, ଅନାଦି ନନ୍ଦନ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ର ପରିଚାଳନା ଓ ବାସୁଦେବ ପଧାନ ପୌରୋହିତ୍ୟ କରିଥିଲେ ।

# ଏସ୍‌ଡିସିସି ବ୍ୟାଙ୍କରେ ତାଲା ପକାଇଲେ ଚାଷୀ

**ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ**




ଚାଷୀମାନେ ଏସ୍‌ଡିସିସି ବ୍ୟାଙ୍କରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଜାମଟିକ୍ରା, ୧୯।୨ (ଡି.ଏନ.ଏ)**

ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ ପ୍ରତିବାଦରେ ଅତାବିରା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କରେ ମଙ୍ଗଳବାର ଚାଷୀମାନେ ତାଲା ପକାଇ ଦେଇଛନ୍ତି। ଯଦି ବୀମା ଟଙ୍କା ନ ଦେଇ ବ୍ୟାଙ୍କ ଖୋଲାଯାଏ ତେବେ ଅଞ୍ଚଳର ଚାଷୀ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ କୁହାଯାଇଛି । ବୀମା ଟଙ୍କା ନପାଇବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବିଗତ ୨୦୧୭ ମସିହା ଖରିଫ ଫସଲରେ ବରଗଡ ଜିଲାର ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିଲେ । ନ୍ୟାଶନାଲ ବୀମା କମ୍ପାନୀ ଫସଲବୀମା ନୀୟମାବଳି ଏବଂ ସରକାରଙ୍କ ହାଇପାୱାର କମିଟିର ଆଦେଶକୁ ଅମାନ୍ୟ କରି ବିଭିନ୍ନ ଆଳ ଦେଖାଇ ଅନେକ ଗ୍ରାମପଞ୍ଚାୟତ ଅଧୀନ ଚାଷୀମାନଙ୍କର ବକେୟା ଫସଲ ବୀମା ଦେୟ ପଇଠ କରିନାହାନ୍ତି । ତେଣୁ ଉକ୍ତ ଅଞ୍ଚଳର ଚାଷୀମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ ସଦୃଶ ସମ୍ବଲପୁର ସ୍ଥିତ ନ୍ୟାଶନାଲ ବୀମା କମ୍ପାନୀ ଅଫିସରେ ତାଲା ପକାଇଛନ୍ତି । ଫସଲ କ୍ଷତି ହେବାର ୨ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ସେମାନେ ଫସଲବୀମା ରାଶି ପାଇନାହାନ୍ତି। ଏଥିରେ ଅତାବିରା ବ୍ଲକ କୃଷକ ସଙ୍ଗଠନର ସଭାପତି ଟିକେଲାଲ ମିଶ୍ର, ସମ୍ପାଦକ ଚୈତନ୍ୟ କର୍ଣ୍ଣ, ଭୀଷ୍ମଦେବ ପଣ୍ଡା, ଦଶରଥ ଭୋଇ, ଆନନ୍ଦ ଜାଲ, ହିମାଂଶୁ ପଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ ।

■ କ୍ୟାନସର ହସ୍‌ପିଟାଲ ଦାବି ପ୍ରସଙ୍ଗ

# ୨୧ରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା



ଖବରଦାତା ସମ୍ମିଳନୀରେ ଫୋରମର କର୍ମକର୍ତ୍ତାମାନେ ।

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ରେ କ୍ୟାନସର ହସପିଟାଲ ଦାବି ଜୋର୍ ଧରିଛି । ସ୍ଥାନୀୟ ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ଏଟ୍ ବରଗଡ଼ ଏହି ଦାବି ନେଇ ଗତ ମାସରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲା ଏବଂ ସେତେବେଳେ ମୁଖ୍ୟମନ୍ତ୍ରୀ ସେହି ଦାବିକୁ ବିଚାରକୁ ନେବେ ବୋଲି କହିଥିଲେ। ଦୁଇଦିନ ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ମାସେ ପୂରିଯିବ । ମାତ୍ର ସେମାନଙ୍କ ଦାବି ନେଇ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଟାଟା ଟ୍ରଷ୍ଟ ସହିତ ଏମଓୟୁ ସ୍ୱାକ୍ଷରିତ କ୍ୟାନସର ହସପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ ପାଇଁ ବାରଙ୍ଗରେ ଶିଳାନ୍ୟାସ କରାଯିବା ବିଡ଼ମ୍ବନାର ବିଷୟ ବୋଲି ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଫୋରମର କର୍ମକର୍ତ୍ତାମାନେ କହିଥିଲେ । ସେମାନଙ୍କ ଦାବି ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅଣଦେଖା ମନୋଭାବ ତଥା ଦାବିକୁ ଦୃଢ଼ କରିବା ସକାଶେ ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲା ସୋହେଲା ବ୍ଲକ ଇଚ୍ଛାପାଲି ଗସ୍ତରେ ଆସୁଥିବାବେଳେ ସେହିଦିନ ଫୋରମ ପକ୍ଷରୁ ବରଗଡ଼ ଗାନ୍ଧିଛକସ୍ଥିତ ଗାନ୍ଧୀମୂର୍ତ୍ତି ତଳେ ନିରବ ଧାରଣା ଦିଆଯିବ ବୋଲି ଫୋରମର ଆବାହକ ପ୍ରଦୀପ ଦେବତା ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ଅଶ୍ୱିନୀ ଦର୍ଜୀ, ପ୍ରତାପ ନାଏକ, ଦିପକ ରଥ, କମଳ ଯୋଶୀ, ଅଭିଜିତ୍ ପ୍ରତିହାର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ଟାଟା ଟ୍ରଷ୍ଟ ପକ୍ଷରୁ ହେଉଥିବା କ୍ୟାନସର ହସପିଟାଲ ଓ ଗବେଷଣା କେନ୍ଦ୍ରର ଏଲ୍-୨ ସେଣ୍ଟର ବରଗଡ଼ରେ କରାଯିବ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି ।

ଅମ୍ବାଭୋନା ପଞ୍ଚାୟତ ସମିତି ବୈଠକ

## ଅଧା ସଦସ୍ୟ ଆସିଲେନି

**ଅମ୍ବାଭୋନା, ୧୯।୨ (ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୧୫ଟି ଗ୍ରାମପଞ୍ଚାୟତରୁ ମାତ୍ର ୧୨ଜଣ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। କେବଳ କୋରମ ଛୁଇଁବାରୁ ସମିତି ସଭ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ସମ୍ବଳିତ କୌଣସି ପ୍ରକାରର ଆଖିଦୃଶିଆ ଆଲୋଚନା ହୋଇ ନ ଥିଲା । ଅମ୍ବାଭୋନା ବ୍ଲକର ଦୁଇ ଜଣ ଜିଲା ପରିଷଦ ସଭ୍ୟ ମଧ୍ୟରୁ କେବଳ ଔପଚାରିକ ଦୃଷ୍ଟିରୁ ଡୁଙ୍ଗୁରୀ ଜୋନ ସଦସ୍ୟ ସାର ପଧାନ ବୈଠକରେ ଯୋଗ ଦେଇଥିଲେ । ପରେ ସବୁ ସରକାରୀ କାର୍ଯ୍ୟକ୍ରମ ନେଇ ତାଙ୍କୁ କୌଣସି ସୂଚନା ଦିଆଯାଉ ନ ଥିବା ଅଭିଯୋଗ କରି ସେ ସମିତି ବୈଠକ ବର୍ଜନ କରିଥିଲେ । ବ୍ଲକ ପ୍ରଶାସନ ତରଫରୁ ଏ ନେଇ କୌଣସି ସନ୍ତୋଷ ଜନକ ଉତ୍ତର ମଧ ଦିଆଯାଇ ନ ଥିଲା । ବୈଠକରେ ବ୍ଲକ ଅଧକ୍ଷା ନୀଳ କୁମାରୀ ନାୟକ, ଉପାଧକ୍ଷ ଠାକୁରରାମ ପଟେଲ, ଏବିଡିଓ ପ୍ରିତେଶ ଦୋରା, ଡା. ଦୁର୍ଗା ପ୍ରସାଦ ଦାସ, ସହାୟକ ଯନ୍ତ୍ରୀ ରଶ୍ମିତା ନାଏକ ଏବଂ ଜିପିଇଓ ବିଦ୍ୟାଧର ବଡପଣ୍ଡା ମଞ୍ଚାସୀନ ଥିଲେ ।

# ମାଘମେଳା ଉଦ୍‌ଯାପିତ



ମାଘ ମେଳା ପାଇଁ ଗଣେଶ ଘାଟରୁ ଜଳପୂର୍ଣ୍ଣ କଳସ ନିଆଯାଉଛି ।

**ପାଇକମାଲ,୧୯।୨(ଡି.ଏନ.ଏ)**

ପାଇକମାଳର ନୃସିଂହନାଥ ମନ୍ଦିର ଯଜ୍ଞମଣ୍ଡପଠାରେ ଦୁଇଦିନ ଧରି ଚାଲିଥିବା ମାଘମେଳା ମଙ୍ଗଳବାର ପୂର୍ଣ୍ଣାହୁତି ପରେ ଉଦ୍‌ଯାପିତ ହୋଇଛି । ଏହି ଉପଲକ୍ଷେ ସୋମବାର ମହିଳାମାନେ ଗଣେଶ ଘାଟରୁ ୧୦୮ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ସ୍ଥାପନ କରାଯାଇଥିଲା । ମନ୍ଦିର ସଭାପତି ବିଡିଓ ସଦାଶିବ ନାୟକ ଓ ତାଙ୍କର ସ୍ତ୍ରୀ ସରସ୍ୱତୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସମୀକ୍ଷା ନାୟକ ପୂଜାରେ ସାହାଯ୍ୟ କରିଥିବା ବେଳେ ପଣ୍ଡିତ ଡିଗ୍ରୀଧର ଦେବତା ହୋମଯଜ୍ଞ କରିଥିଲେ । ଏଥିରେ ବିଭିନ୍ନ ଅଞ୍ଚଳର ସଙ୍କୀର୍ତ୍ତନ ଦଳ ଏବଂ ଶହ ଶହ ଭକ୍ତ ଅଂଶଗ୍ରହଣ କରିଥିଲେ । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା, ଜେକି ସରାଫ, ବିଶ୍ୱମ୍ଭର ମୁଣ୍ଡା, ଦିଲୀପ ପ୍ରଧାନ, ସତ୍ୟ ପୁରୋହିତ, କୃଷ୍ଣ ସାହୁ, ଚିତ୍ତ ସରାଫ ସହଯୋଗ କରିଥିଲେ ।

# ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଇରାସିସଙ୍କ ଜାମିନ ମଞ୍ଜୁର ନେଇ ଚର୍ଚ୍ଚା

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ଜିଲା ଭଟଲି ଥାନା କୁସନପୁରୀ ଗ୍ରାମରେ ଗତ ଜୁନ୍ ୧ତାରିଖରେ ସଂଘଟିତ ଗୁଳିକାଣ୍ଡ ମାମଲାରେ ଗିରଫ ହୋଇ ବରଗଡ଼ ସବ୍‌ଜେଲରେ ଥିବା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଇରାସିସ ଆଚାର୍ଯ୍ୟଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଜାମିନ ମିଳିଥିବା ନେଇ ଚର୍ଚ୍ଚା ଚାଲିଛି । ଜାମିନ ମଞ୍ଜୁର ଖବର ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ସେହିପରି ସୁପ୍ରିମକୋର୍ଟରେ ଇରାସିସ୍‌ଙ୍କୁ ଜାମିନ ମିଳିଛି ଏବଂ ଦିନେ ଦୁଇଦିନ ମଧ୍ୟରେ ଜାମିନ ଅର୍ଡ଼ର କପି ମିଳିଯିବ ବୋଲି ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି। ଜାମିନ ଖବର ପ୍ରଘଟ ହେବା ପରେ ଇରାସିସ୍‌ଙ୍କ ସମର୍ଥକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି । ପ୍ରକାଶଥାଉକି, ଗତବର୍ଷ ଜୁନ ୧ତାରିଖରେ ଇରାସିସଙ୍କ ଘରେ ଗୁଳିକାଣ୍ଡ ଘଟିଥିଲା । ଏହି ଗୁଳିକାଣ୍ଡରେ ସେତେବେଳେ ସୋହେଲାର ନାରାୟଣ ସତନାମୀ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଉକ୍ତ ଘଟଣାରେ ପୂର୍ବରୁ ଦୁଇ ଅଭିଯୁକ୍ତ ସୋହେଲାର ବବ୍‌ଲୁ ନାଗ ଓ ପ୍ରମୋଦ ପୋଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଗତ ବର୍ଷ ଜୁଲାଇ ୨୬ତାରିଖରେ ଇରାସିସଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଥିଲା ଏବଂ ସେହିଦିନଠାରୁ ଇରାସିସ୍ ବରଗଡ଼ ସବଜେଲରେ ଅଛନ୍ତି । ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଇରାସିସ୍ ଭାଜପାର ଆଶାୟୀଙ୍କ ମଧ୍ୟରୁ ଆଗଧାଡ଼ିରେ ରହିଥିବାବେଳେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ତାଙ୍କୁ ଜାମିନ ମିଳିଥିବାରୁ ସମର୍ଥକମାନେ ଉତ୍ସାହିତ ହୋଇ ପଡ଼ିଥିବା ପରିଲକ୍ଷିତ ହୋଇଛି ।

# ଦୁର୍ନୀତି ଲୋପ ପାଇଁ ସୂଚନା ଅଧିକାର ଏକମାତ୍ର ପନ୍ଥା

**ଗାଇସିଲେଟ,୧୯।୨(ଡି.ଏନ.ଏ)**

ଓଡିଶା ସୂଚନା ଅଧିକାର ଅଭିଯାନ ଆହ୍ୱାନରେ ଦୁର୍ନୀତିମୁକ୍ତ ରାଜ୍ୟ ଗଠନ ସକାଶେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ବରଗଡ଼ ଜିଲା ଗାଇସିଲେଟ ବ୍ଲକ ସାମ୍ନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅଧିକାର ଅଭିଯାନର ଗାଇସିଲେଟ ବ୍ଲକ ଆବାହକ ଅଶୋକ କୁମାର କଲେତ, ବିଜେପୁର ବ୍ଲକ ଆବାହକ ସୁଶାନ୍ତ କୁମାର ଗର୍ତିଆ ପ୍ରମୁଖ ଯୋଗଦେଇ ଦୁର୍ନୀତି ଲୋପ ପାଇଁ ସୂଚନା ଅଧିକାର ଏକମାତ୍ର ପନ୍ଥା ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଅଞ୍ଚଳର ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ । ସଚେତନ ନାଗରିକ କମିଟି ସଭ୍ୟ ଅରବିନ୍ଦ ପଣ୍ଡା ଉପସ୍ଥିତ ଥିଲେ ।




ଗାଇସିଲେଟ ବ୍ଲକ ଅଫିସ୍ ଆଗରେ ସୂଚନା ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମ ଚାଲିଛି ।

■ ଦିନକ ପରେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

# ୨୦୩୬କୋଟି ଟଙ୍କାର ପ୍ରକଳ୍ପର ହେବ ଶିଳାନ୍ୟାସ, ଉଦ୍‌ଘାଟନ

**ବରଗଡ଼ ଅଫିସ୍,୧୯।୨**

ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସୁଛନ୍ତି । ସେ ତାଙ୍କ ଏହି ଗସ୍ତରେ ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ଇଚ୍ଛାପାଲିରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ଏହା ସହିତ ଜିଲାର ବିକାଶ ପାଇଁ ୨୦୩୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବିଜେଡ଼ି ରାଜ୍ୟ ଉପସଭାପତି ତଥା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଏହି ସୂଚନା ଦେଇଛନ୍ତି । ସେ କହିଥିଲେ, ମୁଖ୍ୟମନ୍ତ୍ରୀ ଯେତେବେଳେ ଯାହା କହିଛନ୍ତି, ତାହା କାମରେ ଦେଖାଇ ଆସୁଛନ୍ତି । ଏହି କ୍ରମରେ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏଠାକାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରିବାକୁ ଆସୁଛନ୍ତି । ସେହିପରି ସଭାମଞ୍ଚରେ କୌଣସି ଦଳୀୟ ନେତା ରହିବେ ନାହିଁ, କେବଳ ମୁଖ୍ୟମନ୍ତ୍ରୀ ଏବଂ ଚାଷୀ, ଅଞ୍ଚଳର କିଛି ସାହିତ୍ୟିକ, କବି ମଞ୍ଚାସୀନ ହେବେ । ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ମଧ ମତ ରଖିଥିଲେ । ମୁଖ୍ୟମନ୍ତ୍ରୀ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡ଼ି ନେତୃବୃନ୍ଦ ।

ଗତ ବିଜେପୁର ଉପନିର୍ବାଚନ ସମୟରେ ଅଞ୍ଚଳର ଚାଷ, ଚାଷୀଙ୍କ ବିକାଶ ପାଇଁ ଗଙ୍ଗାଧର ଜଳସେଚନ ପ୍ରକଳ୍ପ ସମେତ ବିଭିନ୍ନ ପ୍ରକଳ୍ପର ଘୋଷଣା କରିଥିଲେ। ଏହି ପ୍ରକଳ୍ପ ସମେତ ଆହୁରି ଅନେକ ପ୍ରକଳ୍ପ ନେଇ ସେ ଏଠାକୁ ଆସୁଥିବା ସିଂ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି କାର୍ଯ୍ୟକ୍ରମରେ ବରଗଡ଼ ସମେତ ପଡ଼ୋଶୀ ୫ଟି ଜିଲାର ଦେଢ଼ଲକ୍ଷ ଲୋକଙ୍କ ସମାଗମ ହେବ ବୋଲି ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ ।

ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ, ଉଦଘାଟନ ଉପରେ ବିସ୍ତୃତ ସୂଚନା ଦେଇଥିଲେ । ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ୧୩୪୦କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ଏବଂ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଦ୍ମଶ୍ରୀ ହଳଧର ନାଗ କୋସଲି/ସମ୍ବଲପୁରୀ ସାହିତ୍ୟ ଗବେଷଣା କେନ୍ଦ୍ରର ଶିଳାନ୍ୟାସ, ୪୫୫କୋଟି ୬୬କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସୋହେଲା-ନୂଆପଡ଼ା ବିଜୁ ଏକ୍ସପ୍ରେସ ୱେର ଉଦଘାଟନ କରିବେ ବୋଲି ଆଚାର୍ଯ୍ୟ ସୂଚନା ଦେଇଥିଲେ । ଏହା ସହିତ ବରଗଡ଼ ବ୍ଲକ ପାଇଁ ସମବାୟ ବିଭାଗରୁ ୬ କୋଟି ୯୬ଲକ୍ଷ ୬୫ହଜାର, କୃଷି ବିଭାଗ ପକ୍ଷରୁ ସୋହେଲା ବ୍ଲକ ପାଇଁ ୫୦ଲକ୍ଷ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବରଗଡ଼ ପଞ୍ଚାୟତ କଲେଜ ଗାର୍ଲସ୍ ହଷ୍ଟେଲ ପାଇଁ ୫କୋଟି ୬୫ଲକ୍ଷ, ବରଗଡ଼-ଭେଡ଼େନ କେନାଲ ରାସ୍ତା ପାଇଁ ୨୫୦୦କୋଟି, ବରଗଡ଼ ବିକାଶ ସ୍କୁଲରୁ ହଳଦୀପାଲି ପର୍ଯ୍ୟନ୍ତ ସହର ମୁଖ୍ୟରାସ୍ତାକୁ ୨ଲେନ କରିବା ପାଇଁ ୨୩କୋଟି ୧୧ଲକ୍ଷ ୮୨ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିବେ ବୋଲି ସୂଚନା ଦିଆଯାଇଥିଲା । ତେବେ ଆସନ୍ତା ୨୬ କିମ୍ବା ୨୭ତାରିଖରେ ବରଗଡ଼ ସହର ଉପକଣ୍ଠ ବରଗାଁରେ ନିର୍ମିତ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ ଏବଂ ଖେଦାପାଲିରେ ନିର୍ମିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିବେ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ ।

ସେହିପରି ଅମ୍ବାଭୋନା ଓ ଭଟଲି ବ୍ଲକରେ ଶକ୍ତି ବିଭାଗରୁ ୧୮କୋଟି ୭୨ଲକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପଦ୍ମପୁର ଓ ବରପାଲି ବ୍ଲକ ପାଇଁ ୧୬କୋଟି ୮୬ଲକ୍ଷ ୪୨ହଜାର ଟଙ୍କା, ବରପାଲି, ଅତାବିରା ଓ ବିଜେପୁର ଆହାର କେନ୍ଦ୍ର ପାଇଁ ୭୪ଲକ୍ଷ, ଆରଡବ୍ଲୁଏସଏସ ବିଭାଗରୁ ଅତାବିରା ଓ ସୋହେଲା ପାଇଁ ୧କୋଟି ୨୭ଲକ୍ଷ ୬୦ ହଜାର, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅମ୍ବାଭୋନା, ଭେଡ଼େନ ଓ ଝାରବନ୍ଧ ବ୍ଲକ ପାଇଁ ୬୫କୋଟି ୪୫ଲକ୍ଷ ୧୯ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ ବୋଲି ସୂଚନା ଦିଆଯାଇଥିଲା ।



ପରେ କାମଟିକୁ କରିଦେବି ବୋଲି କେବେ ହେଲେ ବିଚାରିବ ନାହିଁ। କାରଣ ବିଳମ୍ବ ଭିତରେ ବିପଦ ହିଁ ଲୁଚି ରହିଥାଏ।
- ସେକ୍ସପିୟର

## ସଂକ୍ଷେପରେ

### କାଳିଆ ରଥକୁ ସ୍ୱାଗତ

ରିଷିଡା,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡାଡାରେ କାଳିଆ ରଥକୁ ସ୍ୱାଗତ କରାଯାଇଛି । ମହିଳା ଓ ଚାଷୀମାନେ କଳସ ସ୍ଥାପନ କରି ବନ୍ଦାପନା ଓ ପୁଷ୍ପମାଲ୍ୟ ଅର୍ପଣ କରି ହୁଳହୁଳିରେ ସ୍ୱାଗତ କରିଥିଲେ। ରିଷିଡା ପଞ୍ଚାୟତର ଜଗନ୍ନାଥ ମନ୍ଦିର, ସଲଣ୍ଡିଆମୁଣ୍ଡା, ବ୍ରାହ୍ମଣୀମୁଣ୍ଡା ରଥକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ କାଳିଆ ଯୋଜନାରେ ଟଙ୍କା ପାଇଥିବା ୫ଜଣ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ କୃଷକ ସାଥି ପୀତବାସ ରଣା, ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରିଷିଡା,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସରପଞ୍ଚ ପୂଜା ସାହୁ, ରିଷିଡା ଜେ.କେ. କଲେଜର ଓଡିଆ ଅଧାପକ ଡ. ଦାଶରଥି ଆଚାର୍ଯ୍ୟ ମୁଖ୍ୟବକ୍ତା, ପରିଚାଳନା କମିଟି ସଭାପତି ସତ୍ୟବାନ ପଧାନ, ପୂର୍ବତନ ପ୍ରଧାନଶିକ୍ଷକ ପଣ୍ଡିତ ପଧାନ ପ୍ରମୁଖ ଯୋଗଦେଇଥିଲେ ।

### ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଲମ,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ଫାଣ୍ଡି ଅନ୍ତର୍ଗତ ହାତୀଖୋଜ ପଞ୍ଚାୟତ ଘଣ୍ଟୁପଡା ଗ୍ରାମରେ ୧୮ରୁ ୧୯ ତାରିଖ ପର୍ଯ୍ୟନ୍ତ ଗ୍ରାବାସୀଙ୍କ ମିଳିତ ଉଦ୍ୟମରେ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ଟି ସଂକିର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରିଥିଲେ। ଯଜ୍ଞକର୍ତ୍ତା ଭାବେ ଛନ୍ଦାଚରଣ ଧରୁଆ ଓ ନୀଳକାନ୍ତି ଧରୁଆ ପୂଜାର୍ଚ୍ଚନା କରିଥିଲେ। ପୂଜକ ଭାବେ ଶଙ୍କର ଚୈତନ୍ୟ ବାବା ଏବଂ ଜପକ ଭାବେ ରମେଶଚନ୍ଦ୍ର ହୋତା ପୂଜା କରିଥିଲେ। ପୂଜା କାର୍ଯ୍ୟରେ ସପ୍ତରଷି ଭାବେ ବୈରଘୁ ଧରୁଆ, କରୁଣାକର, ଧରୁଆ, ଜଗବନ୍ଧୁ ମୁଣ୍ଡା, ଧନଞ୍ଜୟ ଦାସ, ଲକ୍ଷ୍ମଣ ପରାଭୁଏ, ଲଙ୍କନାଥ ଧରୁଆ ଓ ସମ୍ଭୁ ପରାଭୁଏ ପୂଜା କାର୍ଯ୍ୟର ଆୟୋଜନ କରିଥିଲେ। ଯଜ୍ଞ କମିଟି ସଭ୍ୟ କୁଳମଣି ଧରୁଆ, ଗୋକୁଳ ଧରୁଆ, ଜୁଗୁଲାଲ ମୁଣ୍ଡା, ନକୁନ୍ଦ ଧରୁଆ, ଲକ୍ଷେଶର ଧରୁଆ, ଗୁଣନିଧି ଧରୁଆ, ମିନିକେତନ ଧରୁଆ ପ୍ରହରି କାର୍ଯ୍ୟରେ ସହଯୋଗ କରିଥିଲେ । ପୂର୍ଣ୍ଣାହୁତୀରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ଧରି ନଗର ପରିକ୍ରମା କରିବା ପରେ ପ୍ରହରି ମଣ୍ଡପରେ ଦଧିଭାଣ୍ଡ ଭାଙ୍ଗିଥିଲେ ।

କସ୍ତୁରବା ଆବାସିକ ବିଦ୍ୟାଳୟରେ ଅନିୟମିତତା ଘଟଣା

# ୨୪ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି

କୋକସରା,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଚିଲିଗୁଡ଼ା ଗଡ଼ରାମାଲଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ଅନିୟମିତତା ଘଟଣାର ୨୪ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି ।

କୋକସରା ବ୍ଲକ୍ ଚିଲିଗୁଡ଼ା ଗଡ଼ରାମାଲ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ଅନିୟମିତତା ନେଇ ସେଠାରେ ରହୁଥିବା ଛାତ୍ରୀମାନେ ଗତ ଜାନୁୟାରୀ ୨୭ ତାରିଖରେ ଚିଲିଗୁଡ଼ାଠାରେ ଜାତୀୟ ରାଜପଥ ୨୬କୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ । ଏଥିସହ ଆବାସିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକ ଓ ହଷ୍ଟେଲ ଦାୟିତ୍ୱରେ ଥିବା ୱାର୍ଡେନ ଗାୟତ୍ରୀ ଲେଙ୍କା ନାମରେ ଗାଳିଗୁଳଜ କରୁଥିବା ଓ ନିତ୍ୟ ବ୍ୟବହାର ସାମଗ୍ରୀ ଯୋଗାଣରେ ଅନିୟମିତତା ଅଭିଯୋଗ କରି ସ୍କୁଲରୁ ୨ କି.ମି ରାସ୍ତା ଚାଲି ଆସି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଜିଲା ସର୍ବଶିକ୍ଷା ପ୍ରକଳ୍ପ ଅଧିକାରୀ ଗବାକ୍ଷ ନାଏକ ପହଞ୍ଚି ଆନ୍ଦୋଳନରତ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ୧୫ ଦିନ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ଓ ହଷ୍ଟେଲ ୱାର୍ଡେନଙ୍କୁ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଛାତ୍ରୀମାନେ ହଷ୍ଟେଲକୁ ଫେରିଥିଲେ। ଏହା ପରେ ଭାଜପା ମହିଳା ଦଳର କର୍ମକର୍ତ୍ତା ସହ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ ମଧ୍ୟ ଚିଲିଗୁଡ଼ା ଆବାସିକ ବିଦ୍ୟାଳୟ ଅନିୟମିତତା ଘଟଣା ସତ୍ୟାସତ୍ୟ ଜାଣିବାକୁ ଆସିଥିଲେ। ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଜିଲା ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ । ଇତି ମଧ୍ୟରେ ୨୪ ଦିନ ଅତିବାହିତ ହୋଇଥିବା ବେଳେ ୨ କର୍ମଚାରୀଙ୍କୁ ଆଜିଯାଏଁ ବଦଳି କରାଯାଇ ନ ଥିବା ଜଣାପଡ଼ିଛି। ଏ ନେଇ ଜିଲା ସର୍ବଶିକ୍ଷା ପ୍ରକଳ୍ପ ଅଧିକାରୀ ଗବାକ୍ଷ ନାଏକଙ୍କୁ ପଚାରିବାରୁ କିରାଣୀମାନେ ଧର୍ମଘଟରେ ସାମିଲ ହୋଇଥିବା ଯୋଗୁ ଏପରି ଅସୁବିଧା ହୋଇଛି। ତୁରନ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ହଷ୍ଟେଲ ୱାର୍ଡେନଙ୍କୁ ବଦଳି କରାଯିବ ବୋଲି କହିଛନ୍ତି ।



କସ୍ତୁରବା ଆବାସିକ ବିଦ୍ୟାଳୟ ।

- ପ୍ରଧାନ ଶିକ୍ଷୟିତ୍ରୀ, ହଷ୍ଟେଲ ୱାର୍ଡେନଙ୍କ ବଦଳି ହୋଇନି
- ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତିର ୧୫ ଦିନ ବିତିଲା

## ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲର ବାର୍ଷିକ ଉତ୍ସବ

ମଦନପୁର,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରର ଓଏସ୍‌ବିଏସ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି । ସଭାପତି ତଥା ବରିଷ୍ଠ ଆଇନ୍‌ଜୀବୀ ବିଶ୍ୱମ୍ଭର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୁପିନ୍ଦ୍ର ସିଂ, ମୁଖ୍ୟବକ୍ତା ଭାବେ ସହଦେବ ପାଢୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ, ବିଦ୍ୟାଳୟ ସମ୍ପାଦକ ବିରାଟ ମୁଣ୍ଡଛିନା, ସ୍ଥାନୀୟ ସରପଞ୍ଚ ରାଜେଶ ଧଙ୍ଗଡାମାଝି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ସିଂ ବିବରଣୀ ପାଠ କରିବା ସହ ବିଦ୍ୟାଳୟ ଉନ୍ନତି ସକାଶେ ଅତିଥିମାନେ ଧ୍ୟାନ ଦେବାକୁ ସେ ଅନୁରୋଧ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି । ଏଥିସହ ପୁରାତନ କୃତିତ୍ୱ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ହରିଶ୍ଚନ୍ଦ୍ର ବଗର୍ତ୍ତୀ, ସୁଦାମ ଦୁବେ, ଡେଭିଡ୍ ରଣା, ପୂଜା ନାୟକ ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ରୀଛାତ୍ର ଦେବୀ ପ୍ରସାଦ, ଚନ୍ଦନ, ରିତେଶ, ଦୀପିକା, ଜ୍ୟୋତିଶ୍ରୀ, ଓର୍ଣ୍ଣିକା, ଭକ୍ତ, ପ୍ରମୋଦ, ଅଭିଷେକ, ଅନନ୍ୟା ଓ ଦାଶରଥି ସହଯୋଗ କରିଥିଲେ। ହରି ମହାନନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

## ପିରବତୀ ଯୁକ୍ତ ୨ ମହିଳା କଲେଜରେ ବିଦାୟକାଳୀନ ସଭା





ବିଦାୟୀ ଛାତ୍ରୀଙ୍କ ଗହଣରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ମୁରଲୀଧର ରଣା।

କର୍ଲାମୁଣ୍ଡା,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ ପିରବତୀ ଯୁକ୍ତ ୨ ମହିଳା କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା ମୁରଲୀଧର ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୌଶିକବାବା ଯୁକ୍ତ ୩ କଲେଜ ସଭାପତି ବୈକୁଣ୍ଠ ରଣା, ମୁଖ୍ୟବକ୍ତା ଭାବେ ଅଧାପକ ଲେଖମଣି ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରୀମାନଙ୍କୁ ପାଠ ପଢିବା ସହିତ ଉତ୍ତମ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧକ୍ଷ ବିଷ୍ଣୁଲାଲ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ସୁଶ୍ରୀ ଅଞ୍ଜଳୀ ପ୍ରିୟଦର୍ଶିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ଯଶୋବନ୍ତ ରଣା, ଅଜୟ ମହାନନ୍ଦ, ସୁମନ୍ତ ରଣା, ଶୋଭାକର ଘିଭେଲା, ହରେକୃଷ୍ଣ ସାହୁ, ବିଳାସିନୀ ବାଗ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

କୋକସରା,୧୯।୨(ଡି.ଏନ.ଏ.)
କଳାହାଣ୍ଡିଜିଲା କୋକସରା ଗ୍ରାମପଞ୍ଚାୟତ ଚିଲିଗୁଡ଼ା ଗ୍ରାମ ବିଶ୍ରାମଗାରଠାରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋକସରା ସଞ୍ଚପଚ କିଶୋର ଚନ୍ଦ୍ର ପ୍ରଧାନୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଜେଡି କର୍ମୀ ରଜନୀ କାନ୍ତ ପଣ୍ଡା, ଧନେଶ୍ୱର ଗୋପାଲ, ଅଭିମନ୍ୟୁ ଗୋପାଳ, ସତ୍ୟାନନ୍ଦ ବାଗ, ପୁରୋହିତ ବେମାଲ ପ୍ରମୁଖ ଯୋଗଦେଇଥିଲେ। ବିଜୁ ଯୁବବାହିନୀ ସମ୍ପାଦକ ଜଗା ପଟ୍ଟନାୟକ ଓ ମୁକ୍ତେଶ୍ୱର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚିଲିଗୁଡ଼ା ଗ୍ରାମର ଉତ୍ତମ କୁମାର ପଣ୍ଡା, କୈଳାଶ ଚନ୍ଦ୍ର ସିଂ, ସୁବୋଧ କୁମା ପଣ୍ଡା, ଭକ୍ତ ଚରଣ ସିଂ, ଲିଙ୍ଗରାଜ ନିଆଲ, ସନାତନ ଗୋପାଲ, ରୁଦ୍ର ଗୋପାଲ, ଧର୍ମୁ ନାଗ ପ୍ରମୁଖ ବ୍ୟକ୍ତିଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଜୁ ଯୁବବାହୀନି ସଙ୍ଗଠନ ଏବେ ଗାଁରେ ବୁଲି ରାଜ୍ୟ ସରକାରଙ୍କ ଲୋକାଭିମୁଖି ପ୍ରତିଭା ଓ ଯୋଜନାକୁ ପ୍ରଚାର କରୁଛନ୍ତି ।

କଂଗ୍ରେସର ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ

## କେନ୍ଦ୍ର, ରାଜ୍ୟ ସରକାର ବିକାଶ ନାଁରେ ଲୋକଙ୍କୁ ଭଣ୍ଡାଉଛନ୍ତି

ଜୁନାଗଡ,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପଞ୍ଚାୟତ ଚାଲ, ୱାର୍ଡ ଚାଲ ଅଭିଜାନ ଆରମ୍ଭ ହୋଇଯାଇଛି। କଳାହାଣ୍ଡି ଜିଲା ଲୋକସଭା ଯୁବ କଂଗ୍ରେସ କମିଟି ପକ୍ଷରୁ ଏହାକୁ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଜୁନାଗଡ ବ୍ଲକ ତଳମଲା, କଳିଆକୁଣ୍ଡଲ ଓ ଛୋରିଆଗଡ ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଯୁବ କଂଗ୍ରେସ କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭାରୀ ମହମ୍ମଦ ସହିଦ, କଳାହାଣ୍ଡି ଲୋକ ସଭା ଯୁବ କଂଗ୍ରେସ ସଭାପତି ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ଭଗବାନ ସାହୁ ପ୍ରମୁଖ ଯୋଗଦେଇ କଂଗ୍ରେସ ସରକାର କ୍ଷମତାକୁ ଆସିଲେ ଚାଷୀ, ଗରିବ, ବେରୋଜଗାରୀ ଓ ମହିଳାଙ୍କ ସମସ୍ୟା ଉପରେ ଧ୍ୟାନ ଦିଆଯିବ ପୁଣି ଗ୍ୟାରେଣ୍ଟି ସହ ବୋଲି କହିଥିଲେ। କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାର ଲୋକଙ୍କୁ ବିକାଶ ନାଁରେ କେବଳ ଭଣ୍ଡେଇ ଚାଲିଛନ୍ତି। ଦେଶରେ କେବଳ ପୁଞ୍ଜିପତି, ଶିଳ୍ପପତିମାନେ ଅଧିକ ଲାଭାନ୍ୱିତ ହେଉଥିବା ବେଳେ ଗରୀବ, ଖଟିଖିଆ ଓ ସାଧାରଣ ବର୍ଗର ଲୋକେ ନିମ୍ନସ୍ତରକୁ ଚାଲିଯାଉଛନ୍ତି । ଫଳରେ ଧନୀ ଆଉ ଗରୀବ ମଧରେ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି । କେବଳ କଂଗ୍ରେସ କ୍ଷମତାକୁ ଆସିଲେ ଏକ ସମାନ୍ତର ବିକାଶ ସମ୍ଭବ ହେବ। ସେଥିପାଇଁ ପ୍ରତ୍ୟେକ ଜନସାଧାରଣ ହାତ ମିଶାଇ କଂଗ୍ରେସକୁ ମଜଭୁତ କରିବା ସହ ଆସନ୍ତା ସାଧାରଣ ନିର୍ବାଚନରେ ଏକ ଶକ୍ତଶାଳୀ ଓ ବିକାଶଶୀଳ ରାଷ୍ଟ୍ର ଗଠନ ପାଇଁ କଗ୍ରେସକୁ ଭୋଟ ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୧୦ଟି ପ୍ରଶ୍ନର ଜବାବ ଦେବାକୁ ଏକ ଲିଫ୍ଲେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ କଂଗ୍ରେସ ଆଟିଗାଁ ଜୋନ ସଭାପତି ସତ୍ୟନାରାୟଣ ସରାଫ ପରିଚାଳନା କରିଥିଲେ ।





କଂଗ୍ରେସର ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମୀମାନେ ।

## ଧର୍ମଗଡରେ ବିଦ୍ୟୁତ୍ କାଟ ସମସ୍ୟା : ଚିନ୍ତାରେ ମାଟ୍ରିକ ପରୀକ୍ଷାର୍ଥୀ

ଧର୍ମଗଡ,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଧର୍ମଗଡ ସହର ସମେତ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ସମସ୍ୟା ଲାଗି ରହିଛି । ଅନ୍ୟପକ୍ଷେ ଆସନ୍ତା ୨୨ ତାରିଖରୁ ମାଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ପାଠପଢାରେ ଅସୁବିଧା ସୃଷ୍ଟି ହେଉଛି । ଫଳରେ ମାଟ୍ରିକ ପରୀକ୍ଷାର୍ଥୀମାନଙ୍କ ପାଇଁ ଏହା ଚିନ୍ତାର କାରଣ ପାଲଟିଛି ।

ଏହାକୁ ନେଇ ଉଭୟ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଭିଭାବକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଧର୍ମଗଡ ସହରରେ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତ୍ୟହ ସନ୍ଧ୍ୟା ସାଢେ ୭ଟାରୁ ସାଢେ ୮ଟା ଯାଏ ହେଉଛି । କେବଳ ଧର୍ମଗଡ ସହର ନୁହେଁ ଏହାର ଆଖପାଖ ଗ୍ରାମାଞ୍ଚଳରେ ମଧ୍ୟ ଏହି ସମୟରେ ଦୈନିକ ୧ ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ଏହି ସମୟରେ ଛାତ୍ରୀଛାତ୍ରୀଙ୍କ ପଢାପଢିର ସମୟ ହୋଇଥିବା ବେଳେ ଠିକ ଏହି ସମୟରେ ବିଦ୍ୟୁତ୍ କାଟ ହେଉଥିବାରୁ ପାଠପଢାରେ ବାଧା ସୃଷ୍ଟି ହେଉଛି। ବିଦ୍ୟୁତ୍ କାଟ ସମ୍ପର୍କରେ ଧର୍ମଗଡ ବିଭାଗ ସହକାରୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ଯୋଗାଯୋଗ କରିବାରୁ ଲୋଡ ଫେକ୍ଟର କାରଣରୁ ପିକ ପିରିଅଡରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି । ଏହା ଉପରୁ ଗ୍ରୀଡର ନିର୍ଦ୍ଦେଶରେ ହେଉଥିବା ବେଳେ ସ୍ଥାନୀୟ ଅଧିକାରୀଙ୍କ ବିଦ୍ୟୁତ୍ କାଟ ଉପରେ କୈଣସି ଭୂମିକା ନାହିଁ । ତଥାପି ମାଟ୍ରିକ ପରୀକ୍ଷାକୁ ଦୃଷ୍ଟିରେ ରଖି ସନ୍ଧ୍ୟା ସମୟରେ ହେଉଥିବା ବିଦ୍ୟୁତ୍ କାଟ ନେଇ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଜିଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ପରିକ୍ଷାର୍ଥୀ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଘୋଷିତ ବିଦ୍ୟୁତ୍ କାଟକୁ ବନ୍ଦ କରିବାକୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ଦାବି କରାଯାଇଛି ।

## ଶହୀଦଙ୍କୁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି

ରିଷିଡା,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ମହମବତି ଜଳାଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସୋମବାର ରାତିରେ ବଡଡୁଙ୍ଗୁରୀ ଗୁଡାରେ ଫୁଲୱାମା ଆକ୍ରମଣରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଗ୍ରାମର ରାମମନ୍ଦିରଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା କରାଯାଇଥିଲା । ଏଥିରେ ସୂର୍ଯ୍ୟମଣି ଭୋଇ, ମନୋଜ କୁମାର ମିଶ୍ର, ଅରବିନ୍ଦ ଗହୀର ପ୍ରମୁଖ ନେତୃତ୍ୱ ନେଇଥିଲେ । ସେହିପରି ଗଜବାହାଲରେ ମହମବତି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଜ୍ୟୋତିରଞ୍ଜନ ପଧାନ, ପ୍ରଫୁଲ୍ଲ ସାହୁ, ଶିଶିର ଗହୀର ନେତୃତ୍ୱ ନେଇଥିଲେ । ରିଷିଡାଠାରେ ମଧ୍ୟ ମହମବତି ଶୋଭାଯାତ୍ରା କରାଯାଇଛି ।

## ଶହୀଦ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରା

ଭବାନୀପାଟଣା/ସେରଗଡ଼, ୧୯।୨ (ଡି.ଏନ.ଏ.)
ଜମ୍ମୁ କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆତ୍ମଘାତି ଆକ୍ରମଣରେ ଶହୀଦ ଯବାନମାନଙ୍କୁ କଳାହାଣ୍ଡି ଜିଲାରେ ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ତରଫରୁ ପୃଥକ ଭାବରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏଥି ସହିତ ଏକ ମହମବତୀ ଶୋଭାଯାତ୍ରା କରାଯାଇଛି। ସୋମବାର ଭବାନୀପାଟଣା ସୁନି ହନିଫ୍ ମୁସଲିମ୍ ଜମାତ ମସ୍‌ଜିଦ୍ କମିଟି ତରଫରୁ ସ୍ଥାନୀୟ ମସ୍‌ଜିଦ୍‌ରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଏହି ଶୋଭାଯାତ୍ରା ପୁଣିଥରେ ମସ୍‌ଜିଦ୍‌ରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରା ସୁନି ହନିଫ୍ ଜାମା ମସ୍‌ଜିଦ୍ କମିଟି ସଭାପତି ହାଜି ସାହାଜତ୍ ଖାନ୍, ସମ୍ପାଦକ ସେକ୍ ସଲିମ୍ ମହମ୍ମଦ, ଇମାମ୍ ସାହେବ ମହମ୍ମଦ୍ ଦିୟାଲୁ ମୁସ୍ତାଫା ମୌଲି, ଅବ୍ଦୁଲ ସାଜିଦ୍, ମହମ୍ମଦ କରିମ୍, ଅବଦୁଲ୍ କାଦର, ଆକ୍‌ବର ଖାନ, ସେକ୍ ଅନୁୱାର, ମୁକ୍ତାର ଅଲ୍ଲୀ, ସରିଫ ଖାନ, ରହମାନ୍ ଅଲ୍ଲୀଖାନ୍, ହାଇଦର ଅଲ୍ଲୀଖାନ୍, ହାଜି ଅମିନ୍ ଖାନ, ମହମ୍ମଦ ସାହେବ, ହାରୁନ୍ ମହମ୍ମଦ, ଡା. ଇନାଉତୁଲ୍ଲା ଅଲ୍ଲୀ ଖାନ୍ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମୁସ୍‌ଲିମ୍ ଭାଇମାନେ ଯୋଗଦେଇ ପାକିସ୍ଥାନ ବିରୋଧରେ ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ। ସେହିପରି ସେରଗଡ ଯୁବକ ସଂଘ ପକ୍ଷରୁ ରବିବାର ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀଙ୍କ ହାମ୍‌ଲାରେ ଶହୀଦ ଯବାନଙ୍କ ଫଟୋ ଚିତ୍ରରେ ମହମବତି ଜାଳି ୨ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସ୍ଥାନୀୟ ଶିବ ମନ୍ଦିରରୁ ଏକ ମହମବତି ଶୋଭାଯାତ୍ରାରେ ବାହାରି ପାକିସ୍ତାନ ମୁର୍ଦାବାଦ ନାରା ଦେଇ ଗାଁ ପରିକ୍ରମା କରିଥିଲେ ।

### ମୁସଲିମ୍ ଜମାତ ମସ୍‌ଜିଦ୍ କମିଟି





ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣାରେ ଆୟୋଜିତ ଶୋଭାଯାତ୍ରା।

ଆଜି କଳାହାଣ୍ଡି ଆସୁଛନ୍ତି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ

## ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ଯୋଗୀ

ଭବାନୀପାଟଣା,୧୯।୨(ଡି.ଏନ.ଏ.)
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୦ ତାରିଖ (ବୁଧବାର) ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର କଳାହାଣ୍ଡି ଜିଲା ଭବାନୀପାଟନା ପୋଲିସ ପଡିଆରେ ୧୧ଟାରେ ପହଞ୍ଚିବା ପରେ ମାଣିକେଶ୍ୱରୀ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରିବେ। ସାଢେ ୧୧ଟାରେ ସେ ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶରେ ଉଦ୍‌ବୋଧନ ଦେବେ। କଳାହାଣ୍ଡି, ବଲାଙ୍ଗୀର, ଫୁଲବାଣୀ, କୋରାପୁଟ ଓ ନବରଙ୍ଗପୁର ଆଦି ୫ଟି ଲୋକସଭା ଆସନ ଓ ୩୫ଟି ବିଧାନସଭା ଆସନର ଭାଜପା କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଓଡିଶାରେ ଦଳ କିଭଳି ତାହାର ସଂଖ୍ୟା ଗରିଷ୍ଠତା ହାସଲ କରିପାରିବ ସେ ସମ୍ପର୍କରେ ରଣନୀତି ପ୍ରସ୍ତୁତ କରିବା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେବେ ଯୋଗୀ ଆଦିତ୍ୟନାଥ । ଏ ସମ୍ପର୍କରେ ସୋମବାର ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଭାଜପାର ଏହି କାର୍ଯ୍ୟକ୍ରମରେ ୫ଟି ଲୋକସଭା ଆସନର ୩୪ ହଜାର ୫୦୦ ବୁଥ୍ ସଭାପତି, ସହକର୍ମକର୍ତ୍ତା, ପ୍ରଭାରୀ କେନ୍ଦ୍ର ପ୍ରଭାରୀ ଓ କର୍ମୀ ଉପସ୍ଥିତ ରହିବେ। ଭାଜପାର ଲୋକପ୍ରିୟତାକୁ ନେଇ ଏହି କାର୍ଯ୍ୟକ୍ରମରେ ଲୋକସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗୀ ଆଦିତ୍ୟନାଥଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଭାଜପା ବିଧାୟକ ଦଳର ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ବହୁ ବିଧାୟକ ଉପସ୍ଥିତ ରହିବେ। ଆଗାମୀ ନିର୍ବାଚନରେ ଓଡିଶାରେ ଭାଜପା କିଭଳି ୫୦ ଭାଗ ଭୋଟ ପାଇପାରିବ ସେ ସମ୍ପର୍କରେ ରଣନୀତି ପ୍ରସ୍ତୁତ ପାଇଁ ଏହି କର୍ମୀ ସମ୍ମିଳନୀର ଆୟୋଜନ ବୋଲି ପଣ୍ଡା ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ପଣ୍ଡାଙ୍କ ସହ ପୂର୍ବତନ ମନ୍ତ୍ରୀ ତଥା ଜିଲା ଭାଜପା ସଭାପତି ପ୍ରଦୀପ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଯୁବନେତା ଭାନୁପ୍ରକାଶ ରଥ, ରମେଶ ମାଝି, ଅଜୟ ପ୍ରାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ସଭାପତି ସୂଚନା ଦେଉଛନ୍ତି।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା

## ସଂକ୍ଷେପରେ

### ଜନଶୁଣାଣି ଶିବିର

**ତରଭା, ୧୯।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସଭାଗୃହରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ସଂଯୁକ୍ତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ, ବିଡିଓ ନିହାର ରଞ୍ଜନ କହଁର, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ସିଡିଏମଓ ଡ. ଏସ.କେ.ନାଏକ, ଡିଡବ୍ଲୁଓ ପଲକ ରବିନ୍ଦ୍ର, ଡିଏସଡବ୍ଲୁଓ ପୁଷ୍ପାଞ୍ଜଳି ମହାପାତ୍ର, ଡିଇଓ ପୁଷ୍ପା ମିଞ୍ଜ, ସିଡିପିଓ ସବିତା ଦୋରା, ଡିଏଲଓ ମୋହନ କୁମ୍ଭାର, ଇସିଡିଆରଡିଏ ଧନଞ୍ଜୟ ଦୋରା, ଏଲଡିଏମ ସରୋଜ ଦାସ, ଡିପିସି ବେଣୁଧର ବେହେରା, ଇଓ କନିକା ଚକ୍ରବର୍ତ୍ତୀ, ବିଇଓ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୧ ଅଭିଯୋଗର ଶୁଣାଣି ହୋଇଥିଲା।



### ଟାଏକୋଣ୍ଡୋ : ଭାରତୀୟ ଟିମ୍‌ରେ ଏହେସାସ୍

**ବୀରମହାରାଜପୁର,୧୯।୨(ଡି.ଏନ୍.ଏ):** ଇରାନର କିଶ୍ ଅଲମ୍ପିକ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫେବୃୟାରୀ ୨୮ତାରିଖରୁ ମାର୍ଚ୍ଚ ୫ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ତୃତୀୟ ପ୍ରେସିଡେଣ୍ଟ କପ୍ ଏବଂ ୩୦ତମ ଫାଜିର କପ୍ ଟାଏକୋଣ୍ଡୋ ଚାମ୍ପିୟନଶପ୍ ୨୦୧୯ରେ ଖେଳିବା ପାଇଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଯୁବ ଖେଳାଳି ଏହେସାସ୍ ହୋତା ମନୋନୀତ ହୋଇଛନ୍ତି। ୧୭ ଜଣିଆ ଭାରତୀୟ ଟିମ୍‌ରେ ଏହେସାସ୍ ହେଉଛନ୍ତି ଓଡ଼ିଶାର ଏକମାତ୍ର ଖେଳାଳି। ୫୪ କି.ଗ୍ରାରୁ କମ୍ ପୁରୁଷ ବର୍ଗରେ ଭାରତରୁ ପ୍ରତିନିଧିତ୍ୱ କରିବେ ବୋଲି ଟାଏକୋଣ୍ଡ ଫେଡେରେଶନ୍ ଅଫ ଇଣ୍ଡିଆ (ଟିଏଫ୍ଏ)ର ସେକ୍ରେଟେରୀ ଜେନେରାଲ ପ୍ରଭାତ କୁମାର ଶର୍ମା ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ଖେଳରେ ସୁଯୋଗ ପାଇ ସୁବର୍ଣ୍ଣପୁର ଜିଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ଏହି ଯୁବ ଖେଳାଳିଙ୍କ ପାଇଁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି।

### ଚିତ୍ରାଙ୍କନ ପ୍ରତିଯୋଗିତା

**ସୋନପୁର,୧୯।୨(ନି.ପ୍ର.):** ସୋନପୁର ପ୍ୟାଲେସ ଗାର୍ଡେନ ସ୍ଥିତ ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ଇନ୍‌ଟାକ ସୋନପୁର ଶାଖା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାଣିର କାହାଣୀ ଶିର୍ଷକ ପ୍ରତିଯୋଗିତାରେ ପ୍ରଜ୍ଞାଭାରତୀ, ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ, ସେଣ୍ଟ ଆନିସ କନ୍‌ଭେଣ୍ଟ ସ୍କୁଲ, କୋସଲ ହାଇସ୍କୁଲ, ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହାରାଜା ହାଇସ୍କୁଲ, ସେଣ୍ଟ ଜାଭିୟର ଆଦି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଇନ୍‌ଟାକ୍ ସୋନପୁର ଚାପ୍ଟରର ଆବାହକ ଶରତ ଶତପଥୀ, ପ୍ରଜ୍ଞାଭାରତୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ପ୍ରସାଦ ନାୟକ, ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ପୂଜାହାରରୀ ଛାତ୍ରୀଛାତ୍ରମାନଙ୍କୁ ଜଳର କାହାଣୀ ତଥା ଜଳର ବ୍ୟବହାର ଓ ସଂରକ୍ଷଣ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଭ୍ୟ ବନମାଳୀ ପଣ୍ଡା, ନରସିଂହ ତରିଆ, ରାଜେଶ ଦାସ ସହଯୋଗ କରିଥିଲେ।

### ଶାନ୍ତିରଥ ପରିକ୍ରମାର ଶୁଭାରମ୍ଭ

**ବରଗଡ଼ ଅଫିସ୍,୧୯।୨:** ବରଗଡ଼ ସହରାଞ୍ଚଳରେ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ, ଓଡ଼ିଶା ଆନୁକୂଲ୍ୟରେ କୁଷ୍ଠରୋଗ ଚିହ୍ନଟ କାର୍ଯ୍ୟକ୍ରମ ଗତ ୧୫ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ପାଢ଼ୀ ସବୁଜ ପତାକା ଦେଖାଇ ଶାନ୍ତି ରଥର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡା. ସାଧୁଚରଣ ଦାଶ, ଡା. ଚୂଳବତୀ ସାହୁ, ଡିପିଏମ ଶଙ୍କର ଆଚାର୍ଯ୍ୟ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

---

ଅବ୍ୟବସ୍ଥାରେ ଚାଲିଛି ଲିଫ୍ଟ ପଏଣ୍ଟ

# ଉପୁଡ଼ି ପଡ଼ିଛି ଖୁଣ୍ଟ, ଟ୍ରାନ୍ସଫର୍ମର ମୁକୁଳା

**ବିନିକା, ୧୯।୨(ଡି.ଏନ୍.ଏ.)**



ସିମେଣ୍ଟ ରିଂଗ ଉପରେ ରଖାଯାଇଥିବା ଟ୍ରାନ୍ସଫର୍ମର।



ଢଳି ପଡିଥିବା ବିଦ୍ୟୁତ୍ ଖୁଣ୍ଟ।



ବିଦ୍ୟୁତ୍ ପାଇବାରୁ ବଞ୍ଚିତ ସ୍ଥାନୀୟ ଚାଷୀ।

- ୮ମାସ ପରେ ମରାମତି ହେଉନି
- ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଯୋଗାଣ
- ହଟହଟା ହେଉଛନ୍ତି ଚାଷୀ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସାରଙ୍ଗପାଲି ଗାଁ। ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର। ମୁଖ୍ୟ ଜୀବିକା ଧାନଚାଷ। ଉଠାଜଳସେଚନ ପଏଣ୍ଟ ମାଧ୍ୟରେ ୮୦ହେକ୍ଟର ଜମିରେ ଚାଷ ହୋଇଥାଏ। ଏଗ୍ରୋଲିଫ୍ଟ ଦ୍ୱାରା ୨ଟି ଲିଫ୍ଟ ପଏଣ୍ଟ ବସିଛି। ୧ନଂରେ ୩୦ହେକ୍ଟର ଏବଂ ୨ନଂ ଲିଫ୍ଟ ପଏଣ୍ଟରେ ୫୦ହେକ୍ଟର ଜମିରେ ଧାନଚାଷ ହୁଏ। ଗତବର୍ଷ ଜୁଲାଇରେ ଗାଁ ତଟବର୍ତ୍ତୀ ଜୀରାନଦୀରେ ବନ୍ୟା ହୋଇଥିଲା। ଏଥିଯୋଗୁ ୨ନଂ ଲିଫ୍ଟ ପଏଣ୍ଟ ପାଇଁ ବସିଯାଇଥିବା ଟ୍ରାନ୍ସଫର୍ମର ଖୁଣ୍ଟ ଉପୁଡି ପଡିଲା। ଚାଷୀମାନେ ବିଭାଗୀୟ ଯନ୍ତ୍ରୀ, ଜିଲାପାଳଙ୍କୁ ଭେଟି ତୁରନ୍ତ ମରାମତି କରି ପୁନଃ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ କହିଥିଲେ। ଇତିମଧ୍ୟରେ ଆଠମାସ ବିତିଯାଇଥିଲେ ବି ଉପୁଡି ପଡିଥିବା ଖୁଣ୍ଟ ଉଠାଯାଇ ଟ୍ରାନ୍ସଫର୍ମର ସ୍ଥାପନ କରାଗଲାନାହିଁ। ଏଥିଯୋଗୁ ଖରିଫ ଧାନ ଫସଲ କିଛିମାତ୍ରାରେ ପ୍ରଭାବିତ ହୋଇଥଲା। ବିଭାଗୀୟ ନିଷ୍କ୍ରିୟତା କାରଣରୁ ରବିଧାନ ଓ ଅନ୍ୟାନ୍ୟ ଫସଲ ପାଇଁ ଗାଁର ଚାଷୀମାନେ ଦେଢମାସ ତଳେ ଟ୍ରାନ୍ସଫର୍ମରକୁ ସିମେଣ୍ଟ ରିଂଗ ଉପରେ ରଖି ଦେଇଛନ୍ତି। ବାଉଁଶ ଖୁଣ୍ଟରେ ତାର ଟାଣି ଲିଫ୍ଟ ପଏଣ୍ଟକୁ ବିପଦପୂର୍ଣ୍ଣ ଅବସ୍ଥାରେ କାମ ଚଳାଉଛନ୍ତି। ଯଦ୍ୱାରା ସୂଚାରୁ ଭାବେ ଜମିକୁ ପାଣି ବି ମାଡି ପାରୁନାହିଁ। ଏହି କାରଣରୁ ଅନେକ ଚାଷୀ ଚଳିତବର୍ଷ ରବିଧାନ ଚାଷ କରିବାରୁ ନିବୃତ୍ତ ରହିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାର ଟଣା ଯାଇଥିବାରୁ ନଦୀକୁ ସ୍ନାନଶୌଚ ପାଇଁ ଯାଉଥିବା ଗ୍ରାମବାସୀ ଅସୁବିଧାରେ ପଡୁଛନ୍ତି। ଏଥିସହିତ ନଦୀପଠାକୁ ଚାରଣ ଉଦ୍ଦେଶ୍ୟରେ ଯାଉଥିବା ଗୃହପାଳିତ ପଶୁଙ୍କ ଜୀବନ ପ୍ରତି ମଧ୍ୟ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ସମସ୍ୟାର ଯଥାଶୀଘ୍ର ସମାଧାନ କରିବାକୁ ବିଶ୍ୱଜିତ ଭୋଇ, ରଘୁନାଥ ଭୋଇ, ସୀତାରାମ ବେହେରା, ନିଶାମଣୀ ଭୋଇ, ଅରୂପ ମହାନନ୍ଦ, ବାସୁଦେବ ଭୋଇ, ସନ୍ତୋଷ ଭୋଇ ପ୍ରମୁଖ ଲିଫ୍ଟ ପଏଣ୍ଟ ଅଧୀନ ଚାଷୀମାନେ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ମାନସ ବେହେରାଙ୍କୁ ପଚାରିବାରୁ କହିଛନ୍ତି ଯେ, ସାରଙ୍ଗପାଲିର ଏଗ୍ରୋ ୨ନଂ ଲିଫ୍ଟ ପଏଣ୍ଟର ଟ୍ରାନ୍ସଫର୍ମର ଏବଂ ବିଦ୍ୟୁତ୍ ଖୁଣ୍ଟ ଗତବର୍ଷ ଜୁଲାଇ ମାସରେ ନଦୀବଢି ସମୟରୁ ଢଳି ରହିଛି। ବିଭାଗୀୟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଏସ୍‌ଡିଓ ଏବଂ ଜିଲାପାଳଙ୍କୁ ଅନେକ ଥର ଜଣାଇଛି। କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧହୋଇ ଚାଷୀମାନେ ବାଉଁଶ ପୋତି ବଦ୍ୟୁତ୍ ସରବରାହ ଚଳାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

---

### ଶହୀଦ ଯବାନଙ୍କୁ ବିଜୁ ଯୁବବାହିନୀର ଶ୍ରଦ୍ଧାଞ୍ଜଳି

**ତରଭା, ୧୯।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବିଜୁ ଯୁବବାହିନୀ ତରଫରୁ ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀ ସଭାପତି ଜନାର୍ଦ୍ଦନ ଥନାପତି ଓ ଗଗନ ଅଗ୍ରଓ୍ୱାଲାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ସଭାରେ ବିଡିଓ ନିହାର ରଞ୍ଜନ କହଁର, ଡିଏସପି ହେମସାଗର ନନ୍ଦ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ଗଦିଦାର କୁଅଁର, ଅଶ୍ୱିନୀ ବିଶି, ହେମନ୍ତ ମାଝୀ, ସୁବାଷ ସେଠୀ, ମାନଭଞ୍ଜନ ମିଶ୍ର, ରାଜ କୁମାର ମାହାଣା, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, ବାବୁଲୁ ସା, ଦୁର୍ଗା ପ୍ରସାଦ ସାହୁ, ରଜତ ଚୌହାନଙ୍କ ସମେତ ଶତାଧିକ ବିଜୁ ଯୁବବାହିନୀର ସଦସ୍ୟ ସାମିଲ ଥିଲେ। ସଭା ପୂର୍ବରୁ ଯୁବବାହିନୀ ସଦସ୍ୟ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟ ରାସ୍ତାଦେଇ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ।

---

## ଯୁବ ନେତୃତ୍ୱ, ଗୋଷ୍ଠୀ ବିକାଶ ତାଲିମ ଉଦ୍‌ଯାପିତ

**ସୋନପୁର,୧୯।୨(ନି.ପ୍ର.)**

କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷଠାରେ ଚାଲିଥିବା ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଏହି ୩ଦିନିଆ ଶିବିର ଆୟୋଜିତ ହୋଇଥିଲା। ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ଯୁବ ସମାଜର ଭୂମିକା କିଭଳି ହେବା ଆବଶ୍ୟକ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଭାରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱଚ୍ଛତା ଓ ଦୁର୍ନୀତି ମୁକ୍ତ ସମାଜ ଗଠନରେ ଯୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ପ୍ରଶିକ୍ଷକ ଭାବେ ରାଜେନ୍ଦ୍ର ଝାଙ୍କର, ଆର୍ତ୍ତତ୍ରାଣ ପାଢୀ, ମୀନକେତନ ମହାକୁର ଓ ଗଦାଧର ବାଦି ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଦୀନଦୟାଲ ଗ୍ରାମୀଣ କୌଶଲ୍ୟ ଯୋଜନା ଓ ପ୍ରଥମ ଓଡିଶା ଫାଉଣ୍ଡେଶନ ପକ୍ଷରୁ ପ୍ରତିନିଧିମାନେ ପ୍ରଯୁକ୍ତି ବିଦ୍ୟା ଓ ଜ୍ଞାନ କୌଶଳ ମାଧ୍ୟମରେ ଯୁବକ ମାନଙ୍କର ନିଯୁକ୍ତି ସୁଯୋଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଆଶିଷ ବାବୁ ସଂଯୋଜନା କରିଥିଲେ। ରାଜେନ୍ଦ୍ର କୁମ୍ଭାର, ମୁକୁ ବାଘ, ଗୋପକୃଷ୍ଣ ରାଉତ ଓ ଆଦିତ୍ୟ ମହାନନ୍ଦ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୦ ଜଣ ଯୁବକ ଭାଗ ନେଇଥିଲେ। ନେହେରୁ ଯୁବକେନ୍ଦ୍ରର କୃପାସିନ୍ଧୁ ସା ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

---

### ବଲାଙ୍ଗୀରରେ କେନ୍‌ଷ୍ଟାର କୁଲ ବ୍ଲାଷ୍ଟର କୁଲରର ଶୁଭାରମ୍ଭ

**ବଲାଙ୍ଗୀର ଅଫିସ, ୧୯।୨**

ବଲାଙ୍ଗୀରରେ ପ୍ରଖ୍ୟାତ୍ କେନ୍ ଲାଇଫ୍‌ଷ୍ଟାଇଲ ଇଣ୍ଡିଆ କମ୍ପାନୀର ବହୁ ଲୋକପ୍ରିୟ କେନ୍‌ଷ୍ଟାର କୁଲ ବ୍ଲାଷ୍ଟର କୁଲରର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ କେନ୍ ଲାଇଫ୍‌ଷ୍ଟାଇଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଡିଲର ମିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନୂଆପଡା ଜିଲାର ଡିଲର ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ ଲାଇଫ୍‌ଷ୍ଟାଇଲ ଇଣ୍ଡିଆ କମ୍ପାନୀର ଜାତୀୟ ବ୍ୟବସାୟିକ ମୁଖ୍ୟ ପ୍ରଦୀପ ପଣ୍ଡା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଜାତୀୟ ବ୍ୟବସାୟିକ ମୁଖ୍ୟ ପଣ୍ଡା କେନ୍ ଲାଇଫ୍‌ଷ୍ଟାଇଲ ଇଣ୍ଡିଆ କମ୍ପାନୀର ବିସ୍ତୃତ ବିବରଣୀ ଉପସ୍ଥାପନ କରି ଏହି କମ୍ପାନୀ ଏବେ ଗ୍ରାହକ ସୁବିଧା ଓ ସେବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିବା ସୂଚନା ଦେଇଥିଲେ। ଲୋକଙ୍କ ବ୍ୟୟଶକ୍ତି ଆଧାରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ କୁଲର ଯୋଗାଇ ଲୋକଙ୍କୁ ସୁଖକର ଅନୁଭୂତି ଦେବା କମ୍ପାନୀର ଆଭିମୁଖ୍ୟ ବୋଲି ପଣ୍ଡା କହିଥିଲେ।

---

ସରିଲା ଆତ୍ମରକ୍ଷା କୌଶଳ ତାଲିମ ଶିବିର

## ୧୨୦ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ




ଆତ୍ମରକ୍ଷା କୌଶଳ ତାଲିମ ଶିବିରର ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର, ୧୯।୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଅଧ୍ୟୟନରତ ଛାତ୍ରୀଙ୍କ ପାଇଁ ୧୨ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶେଷ ହୋଇଛି। ଉକ୍ତ ଶିବିରରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳର ତାଲିମ ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇଥିବା କଲ୍ୟାଣମୟୀ ତ୍ରିପାଠୀ ଏବଂ ମହିମାମୟୀ ଖୁରା ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରର ଉଦ୍‌ଯାପନୀ ଉପଲକ୍ଷେ ସୋମବାର ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ସମସ୍ତ ୧୨୦ପ୍ରଶିକ୍ଷାର୍ଥୀଙ୍କୁ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ତଥା ଯୁବ ବ୍ୟାପାର ବିଭାଗ ପକ୍ଷରୁ ପ୍ରଦତ୍ତ ପ୍ରମାଣପତ୍ର ବିତରଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ମୂରଲୀଧର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବୀରମହାରାଜପୁର ସବ୍‌ଜେଲ୍ ସୁପରଣ୍ଟେଣ୍ଡେଣ୍ଟ ଅଳି ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଉଦ୍‌ବୋଧନ ପ୍ରସଙ୍ଗରେ ସେ ଆତ୍ମରକ୍ଷା କୌଶଳକୁ ନିୟମିତ ଅଭ୍ୟାସ କରିବାପାଇଁ ପରାମର୍ଶ ଦେଇଥିଲେ। ଶବିର ପରିଚଳନା ଦାୟିତ୍ୱରେ ରହିଥିବା ଦୁଇ କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ଜାମିନୀ ଦାଶ ଓ ବନ୍ଦିତା ବିଶ୍ୱାଳ ଏହି ଅବସରରେ ବକ୍ତବ୍ୟ ରଖି ଆତ୍ମରକ୍ଷା କୌଶଳ ଦୃଢ ଆତ୍ମବିଶ୍ୱାସ ଜାଗ୍ରତ କରିବାସହ ସୁସ୍ଥ ନାରୀ ସମାଜ ଗଠନରେ ସହାୟକ ହେବ ବୋଲି ପୋଷଣ କରିଥିଲେ। ମାଷ୍ଟର ଟ୍ରେନରଦ୍ୱୟ ମଧ୍ୟ ସେମାନଙ୍କ ଅନୁଭୂତି ବଖାଣିଥିଲେ। ଏନ୍‌ସିସି ଅଫିସର ଅଧ୍ୟାପକ ସୂର୍ଯ୍ୟନରାୟଣ ପଣ୍ଡା ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଶେଷରେ ସୁବାଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

---

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ସୋହେଲା,୧୯।୨(ଡି.ଏନ.ଏ)**

ବରଗଡ ଜିଲା ପାଣିମୋରା ପଞ୍ଚାୟତ କୁସୁର୍ଡା ଗ୍ରାମରେ ସୋମବାର ସନ୍ଧ୍ୟାରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗ୍ରାମବାସୀ ଏକାଠି ହୋଇ ବୀର ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ନେତାଜୀ କ୍ଲବ ସମ୍ମୁଖରେ ସମାପନ ହୋଇଥିଲା। ଏଥିରେ କୁଳମଣି ଦେୱାନ, ଜଳନ୍ଧର ପଟେଲ, ଶତ୍ରୁଘ୍ନ ପଧାନ, ଶିବ ବିଶି, ମନୋଜ ପଧାନ, ଉସବ ମହାମଲିକ, ଲାଇନ ପଧାନ, ଜିତେନ୍ଦ୍ର ପଧାନ, ପାର୍ଥ ନାୟକ, ମୁକେଶ ପଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

**ସରଣ୍ଡା,(ଡି.ଏନ.ଏ):** ଜମ୍ମୁ କଶ୍ମୀରର ପୁଲୱାମା ଶହୀଦ ହୋଇଥିବା ଯବାନମାନଙ୍କୁ ଅତାବିରାଠାରେ ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସାହାରା ଇଣ୍ଡିଆ ପରିବାର ଅତାବିରା ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ସେଠାରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରୁ ବ୍ଲକ, ତହସିଲ ଅଫିସ ଛକ ସ୍ଥିତ ବୀରସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପୁଲୱାମାଠାରେ ଶହୀଦ ବୀର ଯବାନଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶାଖା ପରିଚାଳକ ପିଣ୍ଟୁ ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା।

**ପାଇକମାଳ,(ଡି.ଏନ.ଏ):** ପାଇକମାଳ ବ୍ଲକ ପଲସଦା ଠାରେ କୃଷକ ସଙ୍ଗଠନ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଗାଁ ମୁଣ୍ଡରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଜଗନ୍ନାଥ ମନ୍ଦିରରେ ସମସ୍ତେ ଯବାନମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟି ନିରବ ପ୍ରାଥନା କରିଥିଲେ। ବିଶ୍ୱନାଥ ରଣା, ସଦାନନ୍ଦ ପାଣୀଗ୍ରାହୀ, ପିତାମ୍ବର ସାହୁ, ଯଦୁମଣି ବରିହା, କ୍ଷୀରୋଦ୍ର ସାହୁ, ପ୍ରମୋଦ ବରିହା ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବରତୁଣ୍ଡା ଓ ଛିନ୍ଦେଇକେଲାଠାରେ ମଧ୍ୟ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

---

## ସାଧାରଣ ନିର୍ବାଚନ ପ୍ରସ୍ତୁତି: ୪୫୦ବୁଥ୍ ଅଧିକାରୀଙ୍କୁ ପ୍ରଶିକ୍ଷଣ

**ବୀରମହାରାଜପୁର,୧୯।୨ (ଡି.ଏନ୍.ଏ)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନରଙ୍କ ଗାଇଡ୍ ଲାଇନ ଆଧାରରେ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ପକ୍ଷରୁ ଆନୁସଙ୍ଗିକ କାର୍ଯ୍ୟକ୍ରମକୁ ତୋରାନ୍ୱିତ କରାଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଫିସରମାନଙ୍କୁ ମଙ୍ଗଳବାର ସଦର ମହକୁମାର ୨ଟି କେନ୍ଦ୍ରରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ, ସ୍ଥାନୀୟ ବ୍ଲକ ସଭାଗୃହଠାରେ ୨ଟି ବ୍ୟାଚ୍‌ରେ ୧୦୦ ଜଣ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ମୈତ୍ରୀ ସଦନଠାରେ ୫୦ ଜଣ ନିମନ୍ତେ ପ୍ରଶିକ୍ଷଣର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ପର୍ଯ୍ୟାୟରେ ବୁଧବାର ଏବଂ ଚଳିତ ମାସର ୨୩ ଓ ୨୬ ତାରିଖରେ ୩୦୦ ବୁଥ୍ ଅଧିକାରୀଙ୍କୁ ତାଲିମ ଦିଆଯିବ ବୋଲି ଜଣାଯାଇଛି। ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବୀରମହାରାଜପୁର ବିଡିଓ ଅଭିମନ୍ୟୁ ମାଝି, ଉଲୁଣ୍ଡା ବିଡିଓ ରୁନୁ ଲାକ୍ରା, ଏବିଡିଓ ପଞ୍ଚାନନ ମେହେର, ବିଇଓ ସାନ୍ତନୁ କୁମ୍ଭକାର, ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରଶିକ୍ଷକ ଭାବେ ନିର୍ବାଚନ ଅଧିକାରୀମାନଙ୍କୁ ତାଲିମ ଦେଇଥିଲେ। ଉପଖଣ୍ଡ ରାଜସ୍ୱ ଅଧିକାରୀ ଅମୁଲ୍ୟ କୁମାର ସାହୁ ନିର୍ବାଚନୀ ପ୍ରସ୍ତୁତି ପ୍ରକ୍ରିୟାର ସଂଯୋଜନା କରୁଥିବା ଜଣାପଡିଛି।

---

ନିର୍ବାଚନ ପ୍ରସ୍ତୁତି

## ସୁବର୍ଣ୍ଣପୁରରେ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ

**ସୋନପୁର,୧୯।୨(ନି.ପ୍ର.)**




ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅତିରିକ୍ତ ଜିଲାପାଳ ଉପସ୍ଥିତ ଅଛନ୍ତି।

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ୧୯ ତାରିଖ ମଙ୍ଗଳବାରଠାରୁ ଜିଲାରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଭିନ୍ନ ଭିନ୍ନ ୮ଟି ସ୍ଥାନରେ ପ୍ରିଜାଇଡିଂ ଅଧିକାରୀ ଓ ପ୍ରଥମ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ପୁଣି ୨୦, ୨୩ ଓ ୨୪ ତାରିଖରେ ତାଲିମ ପ୍ରଦାନ କରାଯିବ। ୨୦୧୯ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ପାଇଁ ନିର୍ବାଚନ ଆଚରଣ ବିଧି ତଥା ଭୋଟ ଗ୍ରହଣ ସମ୍ପର୍କରେ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା। ଅଧ୍ୟାପିକା, ଅଧ୍ୟାପକ, ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଭିନ୍ନ କାର୍ଯ୍ୟାଳୟର ୫୦୦ ଅଧିକାରୀ ତାଲିମ ନେଇଛନ୍ତି। ଚଳିତ ଥର ଅଧିକ ସଂଖ୍ୟକ ମହିଳା ଅଧିକାରୀ ଆଗ୍ରହର ସହିତ ତାଲିମ ନେଇଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ଓ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା ଜିଲା ମୁଖ୍ୟାଳୟର ୬ଟି କେନ୍ଦ୍ର ବୁଲି ତାଲିମ କାର୍ଯ୍ୟର ତଦାରଖ କରିଥିଲେ। ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଡିଆର୍‌ଡିଏ ସମ୍ମିଳନୀ କକ୍ଷ, କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ଜିଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ଏନଜିଓସିସି ହଲ, ବୀରମହାରାଜପୁର ସମ୍ମିଳନୀ କକ୍ଷ ଓ ମୈତ୍ରୀ ସଦନରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିବା ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ତରଭା ବିଡିଓ ନିହାର ରଞ୍ଜନ କଅଁର, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବେଣୁଧର ବେହେରା ଓ ସୋନପୁର ଏବିଡିଓ ନିରଞ୍ଜନ ନାଏକ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦେଇଥିଲେ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା

**ସଂକ୍ଷେପରେ**

## ବେଲପଡ଼ାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ବେଲପଡ଼ା୧୯।୨(ଡି.ଏନ.ଏ.):** ବେଲପଡା ବ୍ଲକର ମଣ୍ଡଳ, ମଧପୁର, ବେଲପଡ଼ା, ବାହାବ, କାନୁଟଠାରେ ବିଭିନ୍ନ ସଂଗଠନ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାନ କରାଯାଇଛି। ଏହି ପରିପେକ୍ଷୀରେ ବେଲପଡ଼ାର ବିଭିନ୍ନ ସଂଗଠନର ସଦଶ୍ୟଏକତ୍ରିତ ହୋଇ କ୍ୟାଣ୍ଡିଲ ଶୋଭାଯାତ୍ରାରେ ବାହାରି ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ସୋମବାର ଶହୀଦ ଯବାନଙ୍କୁ ସମ୍ମାନ ଜଣାଇ ବେଲପଡା ବ୍ଲକ ଅଞ୍ଚଳରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ତେବେ ସ୍କୁଲ, କଲେଜ ବ୍ୟାଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଗାଡିଚଳାଚଳ ସ୍ୱାଭାବିକ ରହିଥିଲା ।

# ବନ ବିଭାଗର ସଚେତନତା ଶୋଭାଯାତ୍ରା

**ଖପ୍ରାଖୋଲ୧୯।୨(ଡି.ଏନ.ଏ.)**

ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ବଲାଙ୍ଗୀର ଜିଲା ହରିଶଙ୍କର ରେଞ୍ଜ ଖପ୍ରାଖୋଲ ବନ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଯାଇଛି। ହରିଶଙ୍କର ବନକ୍ଷେତ୍ର ଅଧିକାରୀ ଶ୍ରୀବସ୍ତ କୁମୁରା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଖପ୍ରାଖୋଲରୁ ବାହାରି ବଡଗୁର୍ଜିଭଟା, ଘୁନସର, ପୁଟକେଲଚୂଆଁ, ଚଚରାଭଟା, ଝାଲବାହାଲ, ସାନବିପାଲି, ଘୁଚାପାଲି, କୁଲିହାମୁଣ୍ଡା, ରେଙ୍ଗାଲି, ସୁନାମୂଦି, ଭରୁଆମୁଣ୍ଡା, ବଡିଆ, ଛିନବାହାଲି, ଲହଡୁଙ୍ଗୁରି, ଆମ୍ବବାହାଲି, ନାଗଡେରା, ଯମୁନାପାଲି, ତେଲେନପାଲି, ବାଗଝରନ, ଡୁଡୁମଦରହା, ନୂଆପାଲି, ନାନ୍ଦୁପଲା, ମହରାପଦର ଦେଇ ପୁଣି ଖପ୍ରାଖୋଲରେ ପହଞ୍ଚିଲା। ଖରାଦିନ କିଭଳି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରାଯାଇପାରିବ ସେନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଶୋଭାଯାତ୍ରା ସହ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଖପ୍ରାଖୋଲ ବନପାଳ ଗୁଣନିଧି ପରିଡା, ରେଙ୍ଗାଲି ବନପାଳ ରାମଚନ୍ଦ୍ର ନାଏକ, ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ, ଆରତୀ ମିଶ୍ର, ବିନୋଦ ବିହାରି ଧରୁଆ, ହିତେଶ ମାଝୀ, ସୁନ୍ଦର କାଲସାଏ, ଡିଲେଶ୍ୱର ହୋତା, ବିଜ୍ଞାନେନ୍ଦ୍ର ପାଣିଗ୍ରାହି, ବିଘ୍ନରାଜ ପୋଢଙ୍କ ସହ ବନ ସୁରକ୍ଷା ସମିତି ସଦସ୍ୟ, ବନକର୍ମଚାରୀ, ଫେୟାର ସ୍କ୍ୱାର୍ଡ, ପରିବେଶ ପ୍ରେମୀ ପ୍ରମୁଖ ସାମିଲ ହୋଇଥିଲେ।



ବନ ବିଭାଗ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ବଲାଙ୍ଗୀରରେ କେନ୍‌ଷ୍ଟାର କୁଲ ବ୍ଲାଷ୍ଟର କୁଲରର ଶୁଭାରମ୍ଭ

**ବଲାଙ୍ଗୀର ଅଫିସ, ୧୯।୨**

ବଲାଙ୍ଗୀରରେ ପ୍ରଖ୍ୟାତ୍ କେନ୍ ଲାଇଫଷ୍ଟାଇଲ ଇଣ୍ଡିଆ କମ୍ପାନୀର ବହୁ ଲୋକପ୍ରିୟ କେନ୍‌ଷ୍ଟାର କୁଲ ବ୍ଲାଷ୍ଟର କୁଲରର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ କେନ୍ ଲାଇଫଷ୍ଟାଇଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଡିଲର ମିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନୂଆପଡା ଜିଲାର ଡିଲର ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କେନ୍ ଲାଇଫଷ୍ଟାଇଲ ଇଣ୍ଡିଆ କମ୍ପାନୀର ଜାତୀୟ ବ୍ୟବସାୟିକ ମୁଖ୍ୟ ପ୍ରଦୀପ ପଣ୍ଡା ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଜାତୀୟ ବ୍ୟବସାୟିକ ମୁଖ୍ୟ ପଣ୍ଡା କେନ୍ ଲାଇଫଷ୍ଟାଇଲ ଇଣ୍ଡିଆ କମ୍ପାନୀର ବିସ୍ତୃତ ବିବରଣୀ ଉପସ୍ଥାପନ କରି ଏହି କମ୍ପାନୀ ଏବେ ଗ୍ରାହକ ସୁବିଧା ଓ ସେବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିବା ସୂଚନା ଦେଇଥିଲେ । ଲୋକଙ୍କ ବ୍ୟୟଶକ୍ତି ଆଧାରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ କୁଲର ଯୋଗାଇ ଲୋକଙ୍କୁ ସୁଖକର ଅନୁଭୂତି ଦେବା କମ୍ପାନୀର ଆଭିମୁଖ୍ୟ ବୋଲି ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ କେନ୍‌ଷ୍ଟାର କମ୍ପାନୀର ଓଡ଼ିଶା ବ୍ରାଞ୍ଚ ମ୍ୟାନେଜର ବିଦ୍ୟାଧର ଦାଶ, ସ୍ଥାନୀୟ ଡିଷ୍ଟ୍ରିବ୍ୟୁଟର ବିକାଶ ଡାଲମିଆ ମଞ୍ଚାସୀନ ହୋଇଥିଲେ । ଏହି ଡିଲର ମିଟ୍ କାର୍ଯ୍ୟକ୍ରମରେ ୪ ଜିଲାର ବହୁ ବିକ୍ରେତା ଯୋଗଦାନ କରିଥିଲେ ।



କେନ୍‌ଷ୍ଟାର କମ୍ପାନୀର ଜାତୀୟ ବ୍ୟବସାୟିକ ମୁଖ୍ୟ ପ୍ରଦୀପ ପଣ୍ଡା କେନ୍‌ଷ୍ଟାର କୁଲ ବ୍ଲାଷ୍ଟର କୁଲର ଲୋକାର୍ପଣ କରୁଛନ୍ତି ।

# ନରସିଂହଙ୍କ ବଲାଙ୍ଗୀର ସଦର ବ୍ଲକ ଗସ୍ତ

**ବଲାଙ୍ଗୀର ଅଫିସ, ୧୯।୨**

ସ୍ଥାନୀୟ ବିଧାୟକ ତଥା ରାଜ୍ୟ ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ର ମଙ୍ଗଳବାର ବଲାଙ୍ଗୀର ସଦର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ। ଏହି ଅବସରରେ ବିଧାୟକ ମିଶ୍ର ୨୧ଟି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୪ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ବହୁ ପ୍ରତୀକ୍ଷିତ ଅମାମୁଣ୍ଡା ଖେଳପଡିଆର ରାସ୍ତା ନିର୍ମାଣ, ୩ଲକ୍ଷ ଟଙ୍କାରେ ଅମାମୁଣ୍ଡା ବନ୍ଧର ଉନ୍ନତିକରଣ, ୩ ଲକ୍ଷ ଟଙ୍କାରେ ଖ୍ରୀଷ୍ଟିୟାନପଡ଼ାର କମ୍ୟୁନିଟି ସେଣ୍ଟର ଓ ବିଧାୟକ ପାଣ୍ଠିରୁ ପ୍ରଦତ୍ତ ୩ ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଅନ୍ୟ ଏକ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ତେଲିପାଲି ମଣ୍ଡପ ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା, ଭଗବତ ମଣ୍ଡପ ନିର୍ମାଣ ୨ ଲକ୍ଷ ଟଙ୍କା, ହରିଜନପଡ଼ା କମ୍ୟୁନିଟି ସେଣ୍ଟର ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା, ବଘାପାଲିରୁ ଜାମୁଟିଆ ଛକ ରାସ୍ତା ନିର୍ମାଣ ପାଇଁ ୪ଲକ୍ଷ ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଗ୍ରାମରେ ଥିବା ୩ଟି କମ୍ୟୁନିଟି ସେଣ୍ଟରକୁ ମିଶ୍ର ଉଦ୍‌ଘାଟନ କରିଛନ୍ତି । ଭଇଁଷାଠାରେ ଖ୍ରୀଷ୍ଟିୟାନପଡ଼ା କମ୍ୟୁନିଟି ସେଣ୍ଟର, ଦେହେରିପଡା କମ୍ୟୁନିଟି ସେଣ୍ଟର, ଭଇଁଷାରୁ ବଘାପାଲି ରାସ୍ତା ଉନ୍ନତିକରଣ, ଜୁହ୍ନାବନ୍ଧର ଉନ୍ନତିକରଣ, ଜଗନ୍ନାଥ ମନ୍ଦିର ନିର୍ମାଣ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେବା ସହ ଭଇଁଷାର ପ୍ରଗତି ପାଣି ପଞ୍ଚାୟତ ଯାହାକି ୨୩ଲକ୍ଷ ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସେହିପରି ମନହୀରା ପଞ୍ଚାୟତର ରାସ୍ତାର କଂକ୍ରିଟକରଣ, ବାଗପଡା କମ୍ୟୁନିଟି ସେଣ୍ଟର, ବରିହାପଡା ମଣ୍ଡପ ନିର୍ମଣା, ସମଲେଇ ମଣ୍ଡପ ଶ୍ରୀୟା ମନ୍ଦିର ନିର୍ମାଣ, ମନହିରା କମ୍ୟୁନିଟି ସେଣ୍ଟର ନିର୍ମାଣ, ଭାଗବତ ମନ୍ଦିର ନିର୍ମାଣ, ଯାଦବ ସମାଜ ମଣ୍ଡପ ନିର୍ମାଣ ଇତ୍ୟାଦି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଭିତ୍ତିପ୍ରସ୍ତର ତଥା ଉଦ୍‌ଘାଟନ ସଭାରେ ବିଧାୟକ ମିଶ୍ର ଉପସ୍ଥିତ ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ଗ୍ରାମବାସୀମାନେ ବିଜୁଳି, ପାନୀୟଜଳ, ରାସନକାର୍ଡ ଏବଂ ଭତ୍ତାକୁ ନେଇ ମିଶ୍ରଙ୍କ ଆଗରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉତ୍ତରରେ ମିଶ୍ର କହିଥିଲେ , ରାଜ୍ୟ ସରକାର କେବଳ ଯୋଜନା ଉପରେ ଯୋଜନା କରିଛନ୍ତି କିନ୍ତୁ ତାର ସଫଳ ରୂପାୟନ କରିପାରୁନାହାନ୍ତି । ପରବର୍ତ୍ତି ସମୟରେ ପୁଣି ସେହି ଯୋଜନା ଗୁଡିକର ନାଁ ବଦଳାଇ ଲୋକଙ୍କୁ ଠକିବାକୁ ଚେଷ୍ଟା କରୁଛନ୍ତି ବୋଲି ଜନସାଧାରଣଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ, ଗୌଣ୍ଡୱାନା ସମାଜ ସଭାପତି ସରୋଜ ଭୋଇ, ବ୍ଲକ ସଭାପତି ରାମ ମିଶ୍ର, ସୁଶୀଳ କୁଅଁର, ପବିତ୍ର କୁଅଁର, ବେଣୁ କୁଅଁର, ହିମାଂଶୁ ନାଗ, ମନହୀରାର ପୂର୍ବତନ ସରପଞ୍ଚ ରମ୍ଭା ରଣା ଓ ଶଙ୍କର୍ଷଣ ଭୋଇ, ଲୋକନାଥ ଭୋଇ, ମୁନା ପଟେଲ, ରାଏମତି ସା ତଥା ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ ।



ବଲାଙ୍ଗୀର ସହର ବ୍ଲକ୍‌ର ଏକ ଗାଁରେ ବିଧାୟକ ନରସିଂହ ମିଶ୍ର ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

No. 160-L

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
## ‘କାଳିଆ ଛାତ୍ରବୃତ୍ତି’ ପ୍ରଦାନ

କାଳିଆ ଛାତ୍ରବୃତ୍ତି — ପିଲାଙ୍କ ଉନ୍ନତ ଭବିଷ୍ୟତ

ଓଡ଼ିଶା କାଳିଆ ଯୋଜନାରେ ହିତାଧିକାରୀଙ୍କ ସନ୍ତାନସନ୍ତତି ମାନଙ୍କର ଉଚ୍ଚ ବୃତ୍ତିଗତ ଶିକ୍ଷା ଲାଭ ପାଇଁ ‘କାଳିଆ ଛାତ୍ରବୃତ୍ତି’ ଘୋଷଣା କରିଛନ୍ତି।

**‘କାଳିଆ ଛାତ୍ରବୃତ୍ତି’ ଉଦ୍ଦେଶ୍ୟ**

କୃଷକଙ୍କ ସନ୍ତାନ ସନ୍ତତିଙ୍କର ଉଚ୍ଚ ତଥା ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ ।

**‘କାଳିଆ ଛାତ୍ରବୃତ୍ତି’ ସହାୟତା ପାଇବା ପାଇଁ ଯୋଗ୍ୟତା**

- କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ସନ୍ତାନ ସନ୍ତତି ଯୋଗ୍ୟ ବିବେଚିତ ହେବେ।
- ସେ ରାଜ୍ୟର ସରକାରୀ ମହାବିଦ୍ୟାଳୟ / ଶିକ୍ଷାନୁଷ୍ଠାନ / ବିଶ୍ୱବିଦ୍ୟାଳୟରେ ବୃତ୍ତିଗତ ତଥା ବୈଷୟିକ ଶିକ୍ଷାରେ ସ୍ନାତକ ଏବଂ ଡିପ୍ଲୋମା ପାଠ (ନିୟମିତ ପାଠ୍ୟକ୍ରମ) ପଢୁଥିବେ ବା ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
- ସେହି ସନ୍ତାନ ସନ୍ତତି ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଦ୍ୱାରା ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପାଇ ନଥିବେ କିମ୍ବା ସେ କାଳିଆ ଛାତ୍ର ବୃତ୍ତି ଗ୍ରହଣ କରିବା ପାଇଁ ଇଚ୍ଛାବ୍ୟକ୍ତ କରିବେ।
- ସେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।

**‘କାଳିଆ ଛାତ୍ରବୃତ୍ତି’ ଅଧିନରେ ବୃତ୍ତିଗତ ଶିକ୍ଷା କାର୍ଯ୍ୟକ୍ରମ**

ନିମ୍ନଲିଖିତ ବୃତ୍ତିଗତ / ବୈଷୟିକ ଶିକ୍ଷା ଲାଭ ପାଇଁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ।

ରାଜ୍ୟର ଯେକୌଣସି ବୃତ୍ତିଗତ / ବୈଷୟିକ ଶିକ୍ଷା କାର୍ଯ୍ୟକ୍ରମ ଯଥା- ବି.ଇ. / ବି.ଟେକ୍. / ଏମ୍.ବି.ବି.ଏସ୍./ ବି.ଡି.ଏସ୍./ ବି.ଏଚ୍.ଏମ୍.ଏସ୍./ ବି.ଏ.ଏମ୍.ଏସ୍./ ବି.ଫାର୍ମା./ ବି.ଏସ୍.ସି. (ନର୍ସିଂ) / ବି.ଏସ୍.ସି. (ଏଗ୍ରିକଲଚର)/ ବି.ଏସ୍.ସି. (ହର୍ଟିକଲଚର)/ ବି.ଭି.ଏସ୍.ସି./ ଡିପ୍ଲୋମା/ ପଲିଟେକ୍‌ନିକ୍ ଓ ଆଇଟିଆଇ ଇତ୍ୟାଦି।

**କାଳିଆ ଛାତ୍ରବୃତ୍ତିର ପରିମାଣ**

କାଳିଆ ଛାତ୍ରବୃତ୍ତିରେ ଜଣେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କର ଉପରୋକ୍ତ ବୃତ୍ତିଗତ / ବୈଷୟିକ ଶିକ୍ଷା ପାଇଁ ଆବଶ୍ୟକ ପଢୁଥିବା ପାଠ୍ୟକ୍ରମ ଫି., ହଷ୍ଟେଲ ଫି. ତଥା ମେସ୍ ଖର୍ଚ୍ଚ ଇତ୍ୟାଦି ଅନ୍ତର୍ଭୁକ୍ତ।

**ଆବେଦନ ପଦ୍ଧତି**

କାଳିଆ ଯୋଜନା ହିତାଧିକାରୀଙ୍କ ଯେଉଁ ସନ୍ତାନ ସନ୍ତତିଙ୍କର ଉପରବର୍ଣ୍ଣିତ ଯୋଗ୍ୟତା ଥିବ ସେମାନେ **“www.kalia.co.in/scholarship”** ୱେବସାଇଟ୍‌ରେ ଉପଲବ୍ଧ ଥିବା କାଳିଆ ଛାତ୍ରବୃତ୍ତି ପୋର୍ଟାଲରେ ଅନ୍‌ଲାଇନ ଆବେଦନ ପଦ୍ଧତି ମାଧ୍ୟମରେ ଆବେଦନ କରିପାରିବେ। ସଂପୃକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ ଛାତ୍ର/ଛାତ୍ରୀ ସମ୍ପୂର୍ଣ୍ଣ ବିବରଣୀକୁ ଅନ୍‌ଲାଇନ୍ ମାଧମରେ ସ୍ୱୀକୃତ କରିବେ।

**କାଳିଆ ଛାତ୍ରବୃତ୍ତି ଅନ୍‌ଲାଇନ୍ ଆବେଦନ ପାଇଁ ଆବଶ୍ୟକୀୟ ତଥ୍ୟ**

- ସ୍ଥାୟୀ ବାସିନ୍ଦା ଠିକଣା
- ଶିକ୍ଷାନୁଷ୍ଠାନର ବିଷଦ ତଥ୍ୟ
- ଆବେଦନକାରୀଙ୍କ ଆଧାର କାର୍ଡ ନମ୍ବର
- ଛାତ୍ର / ଛାତ୍ରୀଙ୍କର ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ (ଛାତ୍ର / ଛାତ୍ରୀଙ୍କର ନାମ, ବ୍ୟାଙ୍କ ଜମାଖାତାର ନଂ, ଆଇ.ଏଫ୍.ସି. କୋଡ୍)
- ପିତା / ମାତାଙ୍କ ଆଧାର କାର୍ଡ ନମ୍ବର

ସ୍ୱା/-
ପ୍ରମୁଖ ଶାସନ ସଚିବ

## Application for Kalia Scholarship
Government of Odisha

**A Kalia Scholarship Details**

1 District | 2 Course Name | Affix your self attested (on the front) recent colour passport size photograph here
3 Duration | 4 Institute Name
5 Roll No | 6 Date of Admission D D M M Y Y Y Y

**B Applicant Details**

1 Applicant's Name (As per HSC Certificate) | 2 Gender
3 Date of Birth (As per HSC Certificate) D D M M Y Y Y Y | 4 Category
5 PwD Y/N | 6 Aadhaar Number
7 Mobile Number | 8 Alternative Mobile Number (Optional)
9 e-Mail ID | 10 Are you staying in hostel? Y/N

**C Parent Information**

| | Name | Profession | Aadhaar Number | Whether Kalia Beneficiary |
|---|---|---|---|---|
| 1 Father | | | | Y/N |
| 2 Mother | | | | Y/N |

**D Permanent Address Information**

1 District | 2 Block/ ULB
3 Address
4 Mobile No. | 5 Pincode

**E Bank Information of Applicant**

1 Bank Name | 2 Branch Name
3 Account Number | 4 IFSC Number

**UNDERTAKING [Tick the appropriate option.]**

My Father/Mother is a beneficiary of Kalia Scheme. Y N
I am a recipient of any other Scholarship scheme. Y N
I am recipient of another scholarship scheme and want to switch over to Kalia Scholarship. Y N
If Yes, then provide the below details.

| Name of the Scholarship | Reference ID |
|---|---|
| | |

Submitted by me

Full Signature of Applicant
Date ________ Place ________

01034/11/0094/1819



ପାଠ ଶେଷ କଲାବେଳକୁ ମନୁଷ୍ୟ ଭଦ୍ରଲୋକ ହେବାକୁ ଆରମ୍ଭ ମାତ୍ର କରିଥାଏ, ସତ୍‌ସଙ୍ଗ ଓ ସଦ୍‌ଭାବନା ତାକୁ ଶେଷରେ ଭଦ୍ରଲୋକ କରାଇଥାଏ।

- ଉଇଲିୟମ ଜେମ୍ସ



## ସଂକ୍ଷେପରେ



### ବାଗ ପରିବାର ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ

ମଣ୍ଡଲ,୧୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ନୂଆଗାଁ ରତାଲୁପଡାର ବାଗ ପରିବାର ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ହୋଇଯାଇଛି। ନାମଯଜ୍ଞ ପାଇଁ ଶନିବାର ୧୧ଟାରେ ବାଗପଡାର ମହିଳାମାନେ ନୂଆଗାଁ କୁମବନ୍ଧଠାରୁ ଜଳପୂର୍ଣ୍ଣ କଳସ ନେଇ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରବିବାର ସକାଳ ୭ଟାରେ ପ୍ରହର ନାମଯଜ୍ଞ ଆରମ୍ଭ କରି ସୋମବାର ସକାଳ ୭ଟାରେ ପୂର୍ଣ୍ଣାହୂତି କରାଯାଇଥିଲା। ପୂଜା କାର୍ଯ୍ୟରେ ପୂଜକ ହୃଷିକେଶ ମୁଣ୍ଡ ଦାୟିତ୍ୱ ତୁଲାଇଥିବା ବେଳେ ପୂଜା କର୍ତ୍ତା ଭାବେ କୈଳାଶ ବାଗ ଏବଂ କାଳିନ୍ଦ୍ରି ବାଗ କର୍ତ୍ତା କାର୍ଯ୍ୟ କରିଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ଜଗାବଳିଆ ସଂକିର୍ତ୍ତନ ମଣ୍ଡଳି ନୂଆଗାଁ, ତ୍ରିନାଥ ମହାପ୍ରଭୁ ସଂକିର୍ତ୍ତନ ମଣ୍ଡଳି ଭୋଲାଗାଁ ସହ ୭ଟି ଦଳ ଭାଗ ନେଇ ସହଯୋଗ କରିଥିଲେ । ପୂଜା କମିଟି ସଭାପତି ବିସମ ବାଗ, ସମ୍ପାଦକ ପ୍ରଫୁଲ୍ଲ କୁମାର ବାଗ, କୋଷାଧକ୍ଷ ଯୁବରାଜ ବାଗ ଏବଂ କମିଟି ସମସ୍ତ ସଦସ୍ୟାସଦସ୍ୟ ସହଯୋଗ କରିଥିଲେ । ଅଷ୍ଟ ପ୍ରହର ନାମଯଜ୍ଞ ଆନନ୍ଦ ବଜାରରେ ଅନ୍ନପ୍ରସାଦରେ ଅଜିତ ବେହେରା, ମହେନ୍ଦ୍ର ଯୋଶୀ, ସନ୍ତୋଷ ବେହେରା, ହୃଷିକେଶ ମଣ୍ଡ, ବୁଦ୍ଧିରାମ ନାଏକ, ଅଙ୍ଗୁର ସାହୁ, ବିଷ୍ଣୁ ପ୍ରସାଦ ମାଝି, କେ. କ୍ରିଷ୍ଣା ମୂର୍ତ୍ତି, ଶିବଶଙ୍କର ଖଡକାର ପ୍ରମୁଖ ସହଯୋଗ କରିଥିଲେ । ସୋମବାର ୯ଟାରେ ଦହିହାଣ୍ଡି ନଗର ପରିକ୍ରମା କରି ୧୧ଟାରେ ଦହି ହାଣ୍ଡି ଭଗ୍ନ କରାଯାଇଥିଲା । ଅଞ୍ଚଳର ବହୁ ଲୋକ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

### ଜିଲା ଆଦିସ୍କନ୍ଧ ସମାଜର ବୈଠକ

ଭବାନୀପାଟଣା,୧୯।୨(ଡି.ଏନ.ଏ.)

ସ୍ଥାନୀୟ ସରକାରୀ କର୍ମଚାରୀ ଭବନ ଭବାନୀପାଟଣାଠାରେ ଜିଲା ଆଦିସ୍କନ୍ଧ ସମାଜର ଉପଦେଷ୍ଟା, ଜିଲା କର୍ମକର୍ତ୍ତା, ସବୁ ବ୍ଲକ ସଭାପତି, ସମ୍ପାଦକଙ୍କ ଉପସ୍ଥିତିରେ ମଙ୍ଗଳବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସୁରେଶ କୁମାର ଭୋଇ ସଭାପତିତ୍ୱ କରିଥିଲେ । ଶୁକଦେବ ମାଝି ସଭା ପରିଚାଳନା କରି ଫୁଲୱାମାରେ ଶହୀଦ ବୀର ଯବାନମାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କନ୍ଧ ଜାତିକୁ ପ୍ରତାରଣା କରି ଚାକିରୀ କରୁଥିବା ନକଲି କନ୍ଧମାନଙ୍କୁ ଚିହ୍ନଟ, କନ୍ଧ ଜାତିର ଭାଇମାନଙ୍କ ଜମିକୁ ରେଜିଷ୍ଟ୍ରସନ୍‌ରେ ଦାଖଲ କରିବା, ଜମି ଅଧିଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଆଦିସ୍କନ୍ଧ ସମାଜ ସମ୍ପାଦକ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଏଠାରେ ଜିଲା ଆଦିସ୍କନ୍ଧ ସମାଜର ଉପସଭାପତି ରାମଚନ୍ଦ୍ର ମାଝି, ସହସମ୍ପାଦକ ରାଜେନ୍ଦ୍ର ମାଝି, କୋଷାଧକ୍ଷ ଭଗବାନ ମାଝି, ଉପଦେଷ୍ଟା ଗୋବିନ୍ଦ ଭୋଇ, ମିଳକି ପ୍ରଗଣା ସଭାପତି ମିନଧର ମାଝି, ଉପସଭାପତି କାର୍ତ୍ତୀକ ଜାନୀ, ସମ୍ପାଦକ ତରଣୀସେନ ମାଝି, ସଦର ବ୍ଲକ ସଭାପତି ଜଳପତି ଜଳନ୍ଧର ଜାନି, ନର୍ଲା ବ୍ଲକ ସଭାପତି ପ୍ରତାପ ମାଝି, ଜୁନାଗଡ ବ୍ଲକ ଦେବଦତ୍ତ ମାଝି, କେସିଙ୍ଗା ବ୍ଲକ ଜରମନ ମାଝି, ଗୋଲାମୁଣ୍ଡା ବ୍ଲକ ଧର୍ମୁ ମାଝି, ଥୁ. ରାମପୁର ବ୍ଲକ ସନାତନ ମାଝି, କଲମପୁର ବ୍ଲକ ଧନସାଏ ମାଝି, ରାଜକୁମାର ମାଝି, ଭୁଜ ଭୋଇ, ଭଜରାମ ମାଝି, ବୁଡୁ ମାଝି, ଗୁଞ୍ଜା ମାଝି ଏଠାରେ ପ୍ରତ୍ୟେକ ବ୍ଲକ ସଭାପତି, ସମ୍ପାଦକଙ୍କ ସହଯୋଗ ଏବଂ ଜିଲା ଆଦିସ୍କନ୍ଧ ସମାଜର ସହମତିରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା।

ଗଣ୍ଡାମେର ଗ୍ରାମପଞ୍ଚାୟତରେ ବ୍ୟାପକ ଅନିୟମିତତା

# ଶ୍ରମିକଙ୍କୁ ମିଳିନି ଲକ୍ଷାଧିକ ଟଙ୍କା

ନୂଆପଡା ଅଫିସ,୧୯।୨

ସରକାର ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମପଞ୍ଚାୟତକୁ ବିକାଶର କେନ୍ଦ୍ର ବୋଲି କହୁଥିବାବେଳେ ପଞ୍ଚାୟତ ଅଧିକାରୀଙ୍କ ସହ ବ୍ଲକ ପ୍ରଶାସନଗୁଡିକର ପ୍ରିୟାପ୍ରୀତି ଅବନତି ଆଡକୁ ଠେଲିଦେଉଛି । ତାରି ଏକ ନମୁନା ଦେଖାଦେଇଛି ନୂଆପଡ଼ା ଜିଲା କୋମନା ବ୍ଲକରେ। ଏହି ବ୍ଲକ ଅନ୍ତର୍ଗତ ଗଣ୍ଡାମେର ଗ୍ରାମପଞ୍ଚାୟତରେ ଆଜକୁ ୩ ବର୍ଷ ହେଲା ଉନ୍ନୟନ କାମଗୁଡିକର କୌଣସି ଖୋଜଖବର ମିଳୁନାହିଁ। ଯୋଜନାସବୁ ବାଟବଣା ହୋଇଥିବାବେଳେ ଲକ୍ଷାଧିକ ଟଙ୍କାର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଶ୍ରମିକ ଶ୍ରେଣୀର ଲୋକେ କାମ କରି ଆଜକୁ ବର୍ଷାଧିକକାଳ ହେଲା ପାଉଣା ପାଇନାହାନ୍ତି। ଅନ୍ୟଥା କାମ କରି ନ ଥିବା ଶ୍ରମିକଙ୍କ ନାଁରେ ଟଙ୍କା ଉଠାଣ କରି ତଳୁ ଉପର ଅଧିକାରୀ ମାଲାମାଲ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି ।

ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ପଞ୍ଚାୟତଗୁଡିକରେ ସାମୂହିକ ଉନ୍ନୟନ ସକାସେ ଷ୍ଟେଟ ଫାଇନାନ୍ସ ଏବଂ ଚତୁର୍ଦ୍ଦଶ ଅର୍ଥ କମିଶନରୁ ୨୦ ରୁ ୩୦ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। କିନ୍ତୁ ଗତ ୨ ବର୍ଷ ମଧ୍ୟରେ ଏଠାରେ କୌଣସି ଆଖିଦୃଶିଆ କାମ ହୋଇ ନ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେଭଳି କୌଣସି ଠୋସ କାଗଜାତ ମଧ୍ୟ ପଞ୍ଚାୟତରେ ନ ଥିବା ଦେଖାଯାଇଛି । ଅନ୍ୟପଟେ ଦାଦନ ପ୍ରବଣ ଗ୍ରାମପଞ୍ଚାୟତରେ ଲୋକଙ୍କୁ ରୋଜଗାର ନିଶ୍ଚିତ କରିବାକୁ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକାରୀ କରାଯାଇଛି । ହେଲେ ଏଠାରେ କାର୍ଯ୍ୟରତ ଗ୍ରାମରୋଜଗାର ସେବକ ଏବଂ ନିର୍ବାହୀ ଅଧିକାରୀଙ୍କ ପ୍ରିୟାପ୍ରିତି ଯୋଗୁ ଶ୍ରମିକଙ୍କୁ ନ୍ୟାୟ ମିଳିପାରୁନାହିଁ । ଶ୍ରମିକମାନେ କାମ କରିବାର ବର୍ଷାଧିକକାଳ ବିତିଯାଇଥିଲେ ସୁଦ୍ଧା ସେମାନଙ୍କୁ ପେମେଣ୍ଟ ମିଳିପାରିନାହିଁ । ଅନ୍ୟଥା ମିଥ୍ୟା ମଷ୍ଟରରୋଲ ଚଢାଇ ଲକ୍ଷାଧିକ ଟଙ୍କା ଉଠାଣ ହୋଇଥିବା ଏକ ସୂତ୍ରରୁ ପ୍ରକାଶ । ଉଦାହରଣ ଭାବେ ପଞ୍ଚାୟତର ଜମି ମରାମତି କରିଥିବା ଦାନୋଝଲା ଗାଁର କ୍ଷୁଦ୍ର ଚାଷୀ ନିଜ ଜମି ମରାମତି କରିବା କାମରେ ଶ୍ରମ ଦାନ କରିଥିଲେ । ସେହି ବାବଦକୁ ୩୩ ହଜାର ୭୯୨ ଟଙ୍କା ଆଜି ଯାଏଁ ପାଇପାରିନାହାନ୍ତି। ଏହିଭଳି ସେହି ଗାଁର ନେତ୍ରାନନ୍ଦ ମାଝି, ଦାରାସିଂ ମାଝି, ଖଗେଶ୍ୱର ମାଝି, ଦେବାରଚନ ମାଝି, ସନ୍ତୋଷ ମାଝି, ଚୈତନ ମାଝି, ଅର୍ଜୁନ ମାଝି, ମୋଙ୍ଗ୍ରା ମାଝିଙ୍କ ଜମି ମରାମତି ଟଙ୍କା ଆଜକୁ ୨ ବର୍ଷ ହେବ ପାଇପାରିନାହାନ୍ତି । ଅନ୍ୟପକ୍ଷେ କଣ୍ଟାପାଲି ଗାଁର ଇନ୍ଦିରା ଆବାସ ନିର୍ମାଣ କାମରେ ନିୟୋଜିତ ରଘୁନାଥ ଗୌଡ, ଲୋକନାଥ ନିଆଲ, ବିକ୍ରମ ଶବର, ନେହେରୁଲାଲ ଶବର, ଦାନୋଝଲା ଗାଁର ଖମେ ମାଝି, ସତୃଘନ ନାଗ, ଗଙ୍ଗାରାମ ନାଗ, ଅଭିରାମ ନାଗ, ଛବିଲୋଚନ ମାଝି, ହର ଶବର, ମୋତିରାମ ବନଛୋର, ଭଗତ ମାଝି, ଆକବର ଶବର ଇନ୍ଦିରା ଆବାସ ନିର୍ମାଣ ବାବଦକୁ ପ୍ରତ୍ୟେକେ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲେଖାଏଁ ପାଇନାହାନ୍ତି । ଏହିଭଳି ପଞ୍ଚାୟତର ସାଗର ମୁଣ୍ଡା ଟ୍ୟାଙ୍କ, ମୋଖାପଦରଠାରୁ ଗନିଆପଡା ରାସ୍ତା ଉନ୍ନତିକରଣ, ଧାମନମୁଣ୍ଡା ଟ୍ୟାଙ୍କ ନିର୍ମାଣ କାମ, ରୋମୁଣ୍ଡା ଟ୍ୟାଙ୍କ ଉନ୍ନତିକରଣ ଆଦି କାମରେ ନିୟୋଜିତ ଶ୍ରମିକମାନେ ଲକ୍ଷାଧିକ ଟଙ୍କାର ମଜୁରୀ ପାଇନାହାନ୍ତି । ଏହି ବାବଦକୁ ବାରମ୍ବାର ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସୁଫଳ ମିଳୁନାହିଁ । ଅନ୍ୟପକ୍ଷେ ଏଥିରେ କାମ କରି ନ ଥିବା ଏପରିକି ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ନାଁରେ ମଧ୍ୟ ପେମେଣ୍ଟ ବାହାର କରି ହଡପ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହା ଉପରେ ବ୍ଲକ ପ୍ରଶାସନର ଉଦାସୀନତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ଉପରେ ପଞ୍ଚାୟତବାସୀ ବର୍ତ୍ତମାନ ଲୋକପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ରିପୋର୍ଟ ତଲବ କରିଥିବା ପ୍ରକାଶ କରିଛନ୍ତି ।



ପଞ୍ଚାୟତବାସୀ ଲୋକପାଳଙ୍କୁ ଭେଟି ଦାବି ଜଣାଉଛନ୍ତି ।

- ପଞ୍ଚାୟତବାସୀ ଲୋକପାଳଙ୍କ ଦ୍ୱାରସ୍ଥ
- କାମ କରି ନ ଥିବା ଶ୍ରମିକଙ୍କ ପାଉଣା ହଡ଼ପ ଅଭିଯୋଗ

ଗୁରୁକୁଳ ହରିପୁରରେ ଅନ୍ନବସ୍ତ୍ର ବଣ୍ଟନ

# ନରସେବା ହିଁ ନାରାୟଣ ସେବା

ନୂଆପଡା ଅଫିସ,୧୯।୨

ବର୍ତ୍ତମାନ ଯୁଗରେ ଗରିବ ନିଷ୍ପେଷିତ ଲୋକଙ୍କୁ ଅନ୍ନବସ୍ତ୍ର ଯୋଗାଇଦେବା ହିଁ ଭଗବତ ସେବା । ନରସେବା ହିଁ ନାରାୟଣ ସେବା ହୋଇଥାଏ ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ହରିପୁରସ୍ଥିତ ଗୁରୁକୁଳ ଆଶ୍ରମରେ ଗରିବ ପରିବାରକୁ ଅନ୍ନବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ କହିଛନ୍ତି । ଗୁରୁକୁଳ ମୁଖ୍ୟ ଡ.ସୁଦର୍ଶନ ଦେବ ଆର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଦିକ ବିଦ୍ୱାନ ଡ.ଇଂପ୍ରିୟବ୍ରତ ଦାସ ମୁଖ୍ୟଅତିଥି, ମାତା ଭୁବନେଶ୍ୱରୀ ଦେବୀ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ସ୍ଥାନୀୟ ସରପଞ୍ଚ ହରି ମାଝି, ଦିଲୀପ କୁମାର ଜିଜ୍ଞାସୁ, ଦିଲୀପ କୁମାର ସାହୁ, ସୁରେଶ କୁମାର ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲା ତଥା ଆଖପାଖ ଜିଲାରୁ ଆସିଥିବା ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ନବସ୍ତ୍ର ବଣ୍ଟନ କରାଯାଇଥିଲା। ସମସ୍ତଙ୍କୁ ୨୫ କିଗ୍ରା ଲେଖାଏଁ ଚାଉଳ, ମହିଳାମାନଙ୍କୁ ଶାଢୀ ଏବଂ ଅନ୍ୟାନ୍ୟ ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ସବୁବେଳେ ଆମେ ଭିନ୍ନ ଭିନ୍ନ କ୍ଷେତ୍ରରେ ନିୟୋଜିତ ହେବା ସାଙ୍ଗକୁ ସମାଜ ସେବା ପ୍ରତି ସମର୍ପିତ ହେବା ଦରକାର ବୋଲି କହିଥିଲେ । ଏସବୁ ବ୍ୟବସ୍ଥା ପ୍ରତାପ ମଲ ବଗଡିଆ ଟ୍ରଷ୍ଟ ତରଫରୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଦିଲୀପ କୁମାର ଜିଜ୍ଞାସୁ ପରିଚାଳନା କରିଥିଲେ ।




ଗୁରୁକୁଳ ତରଫରୁ ନିଷ୍ପେଷିତଙ୍କୁ ଅନ୍ନବସ୍ତ୍ର ବଣ୍ଟନ କରାଯାଉଛି।

## ଯାଦବ କମ୍ୟୁନିଟି ଗୃହ ଭିତ୍ତିପ୍ରସ୍ତର ସ୍ଥାପନ

କୁଟିଣ୍ଡା,୧୯।୨(ଡି.ଏନ.ଏ.)

ଗୋଛରା ପଞ୍ଚାୟତ ଯାଦବ କମିଟି ପକ୍ଷରୁ ଅନ୍ଧାରୀପାଲି ହନୁମାନ ମନ୍ଦିର ନିକଟରେ କୁଟିଣ୍ଡା ବିଧାୟକ ରବିନାରାୟଣ ନାଏକଙ୍କ ଦ୍ୱାରା ଯାଦବ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ୧ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମିତ ହେବ। ପରମାନନ୍ଦ ଷଣ୍ଢ ଅଧକ୍ଷତା କରିଥିଲେ। ଜିଲା ଯାଦବ କଲ୍ୟାଣ କମିଟିର ସଭାପତି ବିରଞ୍ଚି ଭୁକ୍ତା, ସନାତନ ଭଇଁଷା, ସରୋଜ ପରୁଆ, ସଦାନନ୍ଦ ବାଘ, ଉପସଭାପତି ବିପ୍ରମଣି ଭଇଁଷା, ଜୟଦେବ କାହାଲି, ଶୁକଦେବ କାହାଲି, ଲୋକନାଥ କାହାଲି, ଯୋଗିନ୍ଦ୍ର ଭଇଁଷା ପ୍ରମୁଖ ଯୋଗ ଦେଇଥିଲେ । ଡୋଳାମଣୀ ଷଣ୍ଢ ସଭା ସଞ୍ଚାଳନ କରିଥିବା ବେଳେ ରୂପଧର ଭଇଁଷା ଧନ୍ୟବାଦ ଅର୍ପଣ କରିଥିଲେ ।

ଯୁବ କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି

## ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ ଆରମ୍ଭ

ନୂଆପଡା ଅଫିସ,୧୯।୨

ଯୁବ କଂଗ୍ରେସ ଆଗାମୀ ସାଧାରଣ ନିର୍ବାଚନ ସକାଶେ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଲୋକ ସଭା ଯୁବ କଂଗ୍ରେସ କମିଟି ଦ୍ୱାରା ସ୍ଥାନୀୟ ସମରସିଂ ପଞ୍ଚାୟତ ବୁର୍କାଡୋଡା ଗ୍ରାମପଞ୍ଚାୟତରେ ପଞ୍ଚାୟତ ଚାଲ ୱାର୍ଡ ଚାଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଲୋକସଭା ସାଧାରଣ ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରିୟ ଯୁବ କଂଗ୍ରେସ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଢୀ ମୁଖ୍ୟଅତିଥି, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ଛତିଶଗଡ ପ୍ରଭାରୀ କମଳ ଚରଣ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଭାଲୁବାବାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ନବନିଯୁକ୍ତ କମଳ ଚରଣ ତାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲା ସଭାପତି ମାଝି କହିଥିଲେ ଯେ ଉଭୟ ବିଜେଡି ଏବଂ ଭାଜପା ଜନତାଙ୍କୁ ଠକି ଚାଲିଛନ୍ତି । ହେଲେ ସେ ପଦବୀକୁ ଆସିଲେ ସବୁ ବର୍ଗର ବିକାଶ ପାଇଁ କାମ କରିବେ ବୋଲି କହିଥିଲେ । ରାଷ୍ଟ୍ରିୟ ସମ୍ପାଦକ ପାଢୀ କହିଥିଲେ ଯେ, କଂଗ୍ରେସ ଯୁବ ଚାଷୀଙ୍କ ବିକାଶ ସକାଶେ କାମ କରିବ । ଜଳସେଚନର ସୁବିଧା ସାଙ୍ଗକୁ ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ କାମ କରିବ ବୋଲି କହିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର ଧନ୍ୟବାଦ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନାଥୁରାମ ମାଝି, ଚମ୍ପା ମାଝି, ମୁନ୍ନା ଦେୱାଙ୍ଗନ, ପ୍ରେମ ତାଣ୍ଡି, ଜଗତ ବାଗ, ଲାଲସିଂ ରଣା, ଗୋଲି ତିୱାରୀ, ସନ୍ନି ସାହୁ, ଅଲେଖ ଜଗତ, ସନ୍ତୋଷ ଜଗତ, ବିଷ୍ଣୁ ଧରୁଆ, ରାଜକୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ ।




ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

କୁଟିଣ୍ଡା, ୧୯।୨ (ଡି.ଏନ.ଏ.)

ସାଧାରଣ ନିର୍ବାଚନ- ୨୦୧୯ ପାଇଁ ବୁଥସ୍ତରୀୟ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପରିଦର୍ଶନ ଅଧିକାରୀ, ସେକ୍ଟର୍ ଅଧିକାରୀଙ୍କୁ ନେଇ କୁଟିଣ୍ଡା ଟାଉନ ହଲଠାରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ଯୋଗ ଦେଇଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବୁଥରେ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଠିକ ଭାବେ ରୁଟ ଚାର୍ଟ ପ୍ରସ୍ତୁତି କରିବା, ଚେକ ଲିଷ୍ଟ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ, ନୂତନ ଭୋଟର ପଞ୍ଜିକରଣ ସକାଶେ ସ୍ୱତନ୍ତ୍ର ଅଭିଯାନ ପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ସଭାରେ ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ବିଡିଓ ନିଶିପୁନମ ମିଞ୍ଜ, ବାମରା ବିଡିଓ ସୁଶୀଲ କୁଜୁର, ଜମନକିରା ବିଡିଓ ଅଜୟ ତିୱାରି, ପିଏ ଆଇଟିଡିଏ ପବିତ୍ର ବେହେରା, ଏନଏସି ନିର୍ବାହୀ ଅଧିକାରୀ ଜିତେନ୍ଦ୍ରୀୟ ମହାପାତ୍ର ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

ମୁସଲିମ ସମାଜର ବିଶାଳ ଶୋଭାଯାତ୍ରା

# ସନ୍ତ୍ରାସବାଦର କୌଣସି ଏକ ଜାତି ନାହିଁ

ନୂଆପଡା ଅଫିସ,୧୯।୨

ହିନ୍ଦୁସ୍ଥାନ ହମାରା ହୈ । ଏହା ଉପରେ ଯିଏ ଅଙ୍ଗୁଳି ଉଠାଇବ ସେ ଦେଶ ଦ୍ରୋହୀ । ପୁଲୱାମା ଆତଙ୍କବାଦୀ ଘଟଣାରେ ପାକିସ୍ଥାନର ହାତ ରହିଛି । ଏହାକୁ ଆମେ ବରଦାସ୍ତ କରିବୁନାହିଁ । ଆତଙ୍କବାଦର କୌଣସି ଜାତି ନାହିଁ । ଆମେ ସେମାନଙ୍କୁ ତୀବ୍ର ବିରୋଧ କରୁଛୁ । ଏହା ଉପରେ ସରକାର କଡା କାର୍ଯ୍ୟାନୁଷ୍ଠାନ କରିବା ଦରକାର ବୋଲି ଏହାର ତୀବ୍ର ନିନ୍ଦା କରିଥିଲେ ଖରିଆରରୋଡ ମୁସଲିମ ସମାଜ କର୍ମକର୍ତ୍ତାମାନେ । ମଙ୍ଗଳବାର ସନ୍ଧ୍ୟାରେ ଏକ କ୍ୟାଣ୍ଡଲ ଯାତ୍ରା କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ଅବସରରେ ଏହା କହିଛନ୍ତି । ମୁସଲିମ ସମାଜର ମହମ୍ମଦ ଜୁନେଦ, ମହମ୍ମଦ ଇକବାଲ, ଅମାନୁଲ୍ଲା ଖାନଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ, ଶିଶୁ ଶୋଭଯାତ୍ରାରେ ବାହାରିଥିଲେ । ସ୍ଥାନୀୟ ସାହୁ ଭବନଠାରୁ ସନ୍ଧ୍ୟା ୭ଟାରେ ବାହାରିଥିବା ଶୋଭାଯାତ୍ରା ରାତି ୮ଟାବେଳେ ଷ୍ଟେଶନ ରୋଡଠାରେ ପହଞ୍ଚିଥିଲା । ବାଟରେ ଡାଗା ଚୌକଠାରେ ପନଜାବି ସମାଜ, ଅଗ୍ରୱାଲ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଶହୀଦଙ୍କ ଅମର ଆତ୍ମାର ସଦଗତି ସକାଶେ ନୀରବ ପ୍ରାର୍ଥନା ହୋଇଥିଲା । ଏଥିରେ ହଲିଫା ଭାଇ, ମହମ୍ମଦ ସଲିମଙ୍କ ସମେତ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ହାଲ୍ଲା ସିଂ, ଶେଖର ଜୈନ, ରମେଶ ଅଗ୍ରୱାଲ, ସୁକଦେବ ତିୱାରୀ, ମହମ୍ମଦ ରିଜୱାନ ବାବା ଖାନ, ଇସମୁଲ ଖାନ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ନୂଆପଡା ସହରରେ ମଧ୍ୟ ନୂଆପଡା ପୋଲିସ ଏବଂ ସିଆରପିଏଫ ତରଫରୁ ଏକ କ୍ୟାଣ୍ଡଲ ଯାତ୍ରା ହୋଇଥିଲା । ଏଥିରେ ଏସପି ସ୍ମିତ ପରମାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ ।

**ପୁଲୱାମା କାଣ୍ଡର ତୀବ୍ର ନିନ୍ଦା**




ମୁସଲିମ ସମାଜର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବୁଲୁଛନ୍ତି ।

ଦିବ୍ୟାଙ୍ଗଙ୍କୁ ବିଧାୟକ ଧମକ ଦେବା ଘଟଣାରେ ନୂଆମୋଡ

# ସତ୍ୟପାଠରୁ ସାମନାକୁ ଆସିଲା ସତ୍ୟତା

ଜୁନାଗଡ,୧୯।୨(ଡି.ଏନ.ଏ.)

ଦିବ୍ୟାଙ୍ଗ ଟଙ୍କଧର ଖରସେଲଙ୍କୁ ଏକ କାର୍ଯ୍ୟକ୍ରମରେ ଜୁନାଗଡ ବିଧାୟକ ହତ୍ୟା ଧମକ ଦେବା ଘଟଣାରେ ମଙ୍ଗଳବାର ଏକ ନୂଆମୋଡ ସାମନାକୁ ଆସିଛି। ରାଜନୈତିକ ଫାଇଦା ପାଇଁ କିଛି ଲୋକ ମୋତେ ବ୍ୟବହାର କରି ବିଧାୟକଙ୍କ ବିରୋଧରେ ଏତଲା ଦେବାକୁ ବାଧ୍ୟ କରାଇଥିଲେ ବୋଲି ଅଭିଯୋଗ କରି ଟଙ୍କଧର ଏକ ସତ୍ୟପାଠ (ଏଫିଡେଭିଟ) କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଧର୍ମଗଡ ବ୍ଲକ ବୋଡେନଠାରେ ହୋଇଥିବା କାର୍ଯ୍ୟକ୍ରମରେ ଜୁନାଗଡ ବିଧାୟକ ଓ ମୋ ଭିତରେ ସେଭଳି କିଛି ଘଟି ନ ଥିବା ବେଳେ କିଛି ଖଳ ପ୍ରକୃତି ରାଜନୈତିକ ଦଳର ସମର୍ଥକଙ୍କ ପ୍ରରୋଚନାରେ ପଡି ମୁଁ ବିଧାୟକଙ୍କ ନାମରେ ଧର୍ମଗଡ ଥାନାରେ ଏତଲା ଦେଇଥିଲି। ପରେ ଜାଣିବାକୁ ପାଇଲି ଯେ, କିଛି ଲୋକ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ମୋତେ ବ୍ୟବହାର କଲେ ମୋ ପରିବାର ଓ ଶୁଭେଚ୍ଛୁମାନଙ୍କ ସହିତ ଆଲୋଚନା ପରେ ମୁଁ ପୁଣି ଥରେ ଧର୍ମଗଡ ଆଇଆଇସିଙ୍କ ପାଖକୁ ଯାଇ ଜୁନାଗଡ ବିଧାୟକଙ୍କ ସହିତ ବୁଝାମଣା କରିବା ପାଇଁ ଲିଖିତ ଆବେଦନ କରିଛି। ଏହି ସତ୍ୟପାଠ ମୁଁ କାହା ଚାପ କିମ୍ବା ବାଧ୍ୟ ବାଧକତାରେ କରିନାହିଁ। ଆମେ ଉଭୟ ପକ୍ଷ ଏହି ବିଷୟକୁ ଆଗକୁ ନ ବଢାଇ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବା ପାଇଁ ନିଷ୍ପତ୍ତି ନେଲୁ ବୋଲି ଟଙ୍କଧର ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖନୀୟ ଯେ, କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବୋଡେନଠାରେ ଗତ ଜୁଲାଇ ୨୪ ତାରିଖରେ ନନ୍ଦଗାଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ପକ୍ଷରୁ ସମବାୟ ଆପଣଙ୍କ ଦ୍ୱାର କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ। ଏଥିରେ ବିଧାୟକ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ମାରିଦେବା ଧମକ ଦେଇଥିବା ନେଇ ସେତେବେଳେ ଧର୍ମଗଡ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ଅସନ୍ତୋଷ ବ୍ୟକ୍ତ କରି ଯାଦବ ମହାସଭା ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯିବା ସହ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଗତ ୧୬ ତାରିଖ ଜୁନାଗଡ ସହର ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆୟୋଜିତ ବିଜେଡିର ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀଙ୍କ ଗହଣରେ ଦିବ୍ୟାଙ୍ଗ ଟଙ୍କଧର ଖରସେଲ ବିଜେଡିରେ ଯୋଗଦାନ କରିଥିଲେ। ତାଙ୍କ ଯୋଗଦାନ ପରେ ଯାଦବ ମହସଭା ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ଟଙ୍କଧରଙ୍କୁ ବିରୋଧ କରାଯାଇଥିଲା। ଏହାସହ ଟଙ୍କଧରଙ୍କୁ ଆଗାମୀ ଦିନରେ ସହଯୋଗ କରାଯିବ ନାହିଁ ବୋଲି ଯାଦବ ମହାସଭା ପକ୍ଷରୁ କୁହାଯାଇଥିଲା। ଏ ନେଇ ଘଟଣା ସମ୍ପର୍କରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ପଚାରିବାରୁ ଟଙ୍କଧର ଖରସେଲଙ୍କୁ ନେଇ ରାଜନିତୀ କରା ନ ଯାଉ। ସ୍ୱାଧୀନ ଭାରତରେ ଯେ କେହିବି ହେଉନା କାହିଁକି ରାଜନୈତିକ ଦଳରେ ମିଶିବା ସମସ୍ତଙ୍କ ବ୍ୟକ୍ତିଗତ ମତ। ଟଙ୍କଧର ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଛନ୍ତି ତାହା ତାଙ୍କ ବ୍ୟକ୍ତିଗତ ମତ ହୋଇପାରେ ବୋଲି କହିଥିଲେ। ଏପଟେ ଟଙ୍କଧରଙ୍କ ଏଭଳି ସତ୍ୟପାଠ କରିଥିବା ଜଣାପଡିବା ପରେ ଜିଲା ଯାଦବ ମହାସଭା ଆଗକୁ କ'ଣ ପଦକ୍ଷେପ ନେବ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

**ରାଜନୈତିକ ଫାଇଦା ପାଇଁ ବ୍ୟବହାର ଅଭିଯୋଗ**

# ଜିଲାରେ ମୋଟ ୬୨୨୬୪ ପରୀକ୍ଷାର୍ଥୀ

ଭବାନୀପାଟଣା,୧୯।୨(ଡି.ଏନ.ଏ.)

ଆସନ୍ତା ୨୨ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ମାଟ୍ରିକ ପରୀକ୍ଷା ହେବ। ଚଳିତବର୍ଷ କଳାହାଣ୍ଡି ଜିଲାରେ ମୋଟ ୬୨୨୬୪ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଜିଲାର ୩୩୧ ହାଇସ୍କୁଲର ୨୧୪୪୨ ରେଗୁଲାର, ୮୦୦ ଏକ୍ସ ରେଗୁଲାର ଓ ୨୨ଜଣ ପତ୍ରବିନିମୟ ପାଠ୍ୟକ୍ରମର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିପାଇଁ ଜିଲାର ୧୩ଟି ବ୍ଲକର ସଦର ମହକୁମାରେ ୧୩ଟି ନୋଡାଲ କେନ୍ଦ୍ର ଖୋଲାଯାଇଛି। ପରୀକ୍ଷା ଦିନ ନୋଡାଲ କେନ୍ଦ୍ରରୁ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ଜିଲାରେ ୩୩ଟି ଡେସ୍ପାଚ ଦଳ ଗଠନ କରାଯାଇଛି। ଏ ସମ୍ପର୍କରେ ଗତ ୭ ତାରିଖରେ ନୋଡାଲ୍ କେନ୍ଦ୍ର ଇନଚାର୍ଜଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ୧୨ ତାରିଖରେ ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ବ୍ଲକଗୁଡିକରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ବୈଠକ କରିଥିଲେ। ୧୩ ରେ ସମସ୍ତ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଓ ନୋଡାଲ କେନ୍ଦ୍ର ଇନଚାର୍ଜଙ୍କୁ ନେଇ ଜିଲାସ୍ତରୀୟ ବୈଠକ କରାଯାଇଛି। ପରୀକ୍ଷା ସୁପରିଚାଳନା ନିମନ୍ତେ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ କହିଛନ୍ତି। ଚଳିତବର୍ଷ ଜିଲାର ୩ଟି ପରୀକ୍ଷା କେନ୍ଦ୍ର ଆଟିଗାଁର ସପ୍ତପଲ୍ଲୀ ହାଇସ୍କୁଲ, ଉକ୍ଳୋର ଚାଚାନହେରୁ ବିଦ୍ୟାମନ୍ଦିର ଏବଂ ନର୍ଲାର ପଞ୍ଚାୟତ ସମିତି ହାଇସ୍କୁଲକୁ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଭାବରେ ଚିହ୍ନଟ କରାଯାଇଛି। ଏହି ୩ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ସିଂହ କହିଛନ୍ତି। ପରୀକ୍ଷାରେ କପି ରୋକିବା ପାଇଁ ଏବଂ ପରୀକ୍ଷା ସୁପରିଚାଳନା ପାଇଁ ଦୁଇଟି ଫ୍ଲାଇଂ ସ୍କାର୍ଡ ଗଠନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।



ପରେ କାମଟିକୁ କରିଦେବି ବୋଲି କେବେ ହେଲେ ବିଚାରିବ ନାହିଁ। କାରଣ ବିଳମ୍ବ ଭିତରେ ବିପଦ ହିଁ ଲୁଚି ରହିଥାଏ।
- ସେକ୍ସପିୟର

## ସଂକ୍ଷେପରେ

### କାଳିଆ ରଥକୁ ସ୍ୱାଗତ

ରିଷିଡା,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡାଡାରେ କାଳିଆ ରଥକୁ ସ୍ୱାଗତ କରାଯାଇଛି । ମହିଳା ଓ ଚାଷୀମାନେ କଳସ ସ୍ଥାପନ କରି ବନ୍ଦାପନା ଓ ପୁଷ୍ପମାଲ୍ୟ ଅର୍ପଣ କରି ହୁଳହୁଳିରେ ସ୍ୱାଗତ କରିଥିଲେ। ରିଷିଡା ପଞ୍ଚାୟତର ଜଗନ୍ନାଥ ମନ୍ଦିର, ସଲଣ୍ଡିଆମୁଣ୍ଡା, ବ୍ରାହ୍ମଣୀମୁଣ୍ଡା ରଥକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ କାଳିଆ ଯୋଜନାରେ ଟଙ୍କା ପାଇଥିବା ୫ଜଣ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ କୃଷକ ସାଥି ପୀତବାସ ରଣା, ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରିଷିଡା,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସରପଞ୍ଚ ପୂଜା ସାହୁ, ରିଷିଡା ଜେ.କେ. କଲେଜର ଓଡିଆ ଅଧାପକ ଡ. ଦାଶରଥି ଆଚାର୍ଯ୍ୟ ମୁଖ୍ୟବକ୍ତା, ପରିଚାଳନା କମିଟି ସଭାପତି ସତ୍ୟବାନ ପଧାନ, ପୂର୍ବତନ ପ୍ରଧାନଶିକ୍ଷକ ପଣ୍ଡିତ ପଧାନ ପ୍ରମୁଖ ଯୋଗଦେଇଥିଲେ ।

### ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଲମ,୧୯।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ଫାଣ୍ଡି ଅନ୍ତର୍ଗତ ହାତୀଖୋଜ ପଞ୍ଚାୟତ ଘଣ୍ଟୁପଡା ଗ୍ରାମରେ ୧୮ରୁ ୧୯ ତାରିଖ ପର୍ଯ୍ୟନ୍ତ ଗ୍ରାବାସୀଙ୍କ ମିଳିତ ଉଦ୍ୟମରେ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ଟି ସଂକିର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରିଥିଲେ। ଯଜ୍ଞକର୍ତ୍ତା ଭାବେ ଛନ୍ଦାଚରଣ ଧରୁଆ ଓ ନୀଳକାନ୍ତି ଧରୁଆ ପୂଜାର୍ଚ୍ଚନା କରିଥିଲେ। ପୂଜକ ଭାବେ ଶଙ୍କର ଚୈତନ୍ୟ ବାବା ଏବଂ ଜପକ ଭାବେ ରମେଶଚନ୍ଦ୍ର ହୋତା ପୂଜା କରିଥିଲେ। ପୂଜା କାର୍ଯ୍ୟରେ ସପ୍ତରଷି ଭାବେ ବୈରଘୁ ଧରୁଆ, କରୁଣାକର, ଧରୁଆ, ଜଗବନ୍ଧୁ ମୁଣ୍ଡା, ଧନଞ୍ଜୟ ଦାସ, ଲକ୍ଷ୍ମଣ ପରାଭୁଏ, ଲଙ୍କନାଥ ଧରୁଆ ଓ ସମ୍ଭୁ ପରାଭୁଏ ପୂଜା କାର୍ଯ୍ୟର ଆୟୋଜନ କରିଥିଲେ। ଯଜ୍ଞ କମିଟି ସଭ୍ୟ କୁଳମଣି ଧରୁଆ, ଗୋକୁଳ ଧରୁଆ, ଜୁଗୁଲାଲ ମୁଣ୍ଡା, ନକୁନ୍ଦ ଧରୁଆ, ଲକ୍ଷେଶର ଧରୁଆ, ଗୁଣନିଧି ଧରୁଆ, ମିନିକେତନ ଧରୁଆ ପ୍ରହରି କାର୍ଯ୍ୟରେ ସହଯୋଗ କରିଥିଲେ । ପୂର୍ଣ୍ଣାହୁତୀରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ଧରି ନଗର ପରିକ୍ରମା କରିବା ପରେ ପ୍ରହରି ମଣ୍ଡପରେ ଦଧିଭାଣ୍ଡ ଭାଙ୍ଗିଥିଲେ ।

କସ୍ତୁରବା ଆବାସିକ ବିଦ୍ୟାଳୟରେ ଅନିୟମିତତା ଘଟଣା

# ୨୪ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି

କୋକସରା,୧୯।୨(ଡି.ଏନ.ଏ.)



କସ୍ତୁରବା ଆବାସିକ ବିଦ୍ୟାଳୟ ।

- ପ୍ରଧାନ ଶିକ୍ଷୟିତ୍ରୀ, ହଷ୍ଟେଲ ୱାର୍ଡ଼େନଙ୍କ ବଦଳି ହୋଇନି
- ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତିର ୧୫ ଦିନ ବିତିଲା

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଚିଲିଗୁଡ଼ା ଗଡ଼ରାମାଲଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ଅନିୟମିତତା ଘଟଣାର ୨୪ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ବିଭାଗୀୟ କାର୍ଯ୍ୟାନଷ୍ଠାନ ନିଆଯାଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି ।
କୋକସରା ବ୍ଲକ୍ ଚିଲିଗୁଡ଼ା ଗଡ଼ରାମାଲ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ଅନିୟମିତତା ନେଇ ସେଠାରେ ରହୁଥିବା ଛାତ୍ରୀମାନେ ଗତ ଜାନୁୟାରୀ ୨୭ ତାରିଖରେ ଚିଲିଗୁଡ଼ାଠାରେ ଜାତୀୟ ରାଜପଥ ୨୬କୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ । ଏଥିସହ ଆବାସିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକ ଓ ହଷ୍ଟେଲ ଦାୟିତ୍ୱରେ ଥିବା ୱାର୍ଡ଼େନ ଗାୟତ୍ରୀ ଲେଙ୍କା ନାମରେ ଗାଳିଗୁଲଜ କରୁଥିବା ଓ ନିତ୍ୟ ବ୍ୟବହାର ସାମଗ୍ରୀ ଯୋଗାଣରେ ଅନିୟମିତତା ଅଭିଯୋଗ କରି ସ୍କୁଲରୁ ୨ କି.ମି ରାସ୍ତା ଚାଲି ଆସି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଜିଲା ସର୍ବଶିକ୍ଷା ପ୍ରକଳ୍ପ ଅଧିକାରୀ ଗବାକ୍ଷ ନାଏକ ପହଞ୍ଚି ଆନ୍ଦୋଳନରତ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ୧୫ ଦିନ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ଓ ହଷ୍ଟେଲ ୱାର୍ଡ଼େନଙ୍କୁ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଛାତ୍ରୀମାନେ ହଷ୍ଟେଲକୁ ଫେରିଥିଲେ। ଏହା ପରେ ଭାଜପା ମହିଳା ଦଳର କର୍ମକର୍ତ୍ତା ସହ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ ମଧ୍ୟ ଚିଲିଗୁଡ଼ା ଆବାସିକ ବିଦ୍ୟାଳୟ ଅନିୟମିତତା ଘଟଣା ସତ୍ୟାସତ୍ୟ ଜାଣିବାକୁ ଆସିଥିଲେ। ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଜିଲା ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ । ଇତି ମଧ୍ୟରେ ୨୪ ଦିନ ଅତିବାହିତ ହୋଇଥିବା ବେଳେ ୨ କର୍ମଚାରୀଙ୍କୁ ଆଜିଯାଏଁ ବଦଳି କରାଯାଇ ନ ଥିବା ଜଣାପଡ଼ିଛି। ଏ ନେଇ ଜିଲା ସର୍ବଶିକ୍ଷା ପ୍ରକଳ୍ପ ଅଧିକାରୀ ଗବାକ୍ଷ ନାଏକଙ୍କୁ ପଚାରିବାରୁ କିରାଣୀମାନେ ଧର୍ମଘଟରେ ସାମିଲ ହୋଇଥିବା ଯୋଗୁ ଏପରି ଅସୁବିଧା ହୋଇଛି। ତୁରନ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ହଷ୍ଟେଲ ୱାର୍ଡ଼େନଙ୍କୁ ବଦଳି କରାଯିବ ବୋଲି କହିଛନ୍ତି ।

# ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲର ବାର୍ଷିକ ଉତ୍ସବ

ମଦନପୁର,୧୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରର ଓଏସ୍‌ବିଏସ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି । ସଭାପତି ତଥା ବରିଷ୍ଠ ଆଇନ୍‌ଜୀବୀ ବିଶ୍ୱମ୍ଭର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୁପିନ୍ଦ୍ର ସିଂ, ମୁଖ୍ୟବକ୍ତା ଭାବେ ସହଦେବ ପାଢୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ, ବିଦ୍ୟାଳୟ ସମ୍ପାଦକ ବିରାଟ ମୁଣ୍ଡଛିନା, ସ୍ଥାନୀୟ ସରପଞ୍ଚ ରାଜେଶ ଧଙ୍ଗଡାମାଝି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ସିଂ ବିବରଣୀ ପାଠ କରିବା ସହ ବିଦ୍ୟାଳୟ ଉନ୍ନତି ସକାଶେ ଅତିଥିମାନେ ଧ୍ୟାନ ଦେବାକୁ ସେ ଅନୁରୋଧ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି । ଏଥିସହ ପୁରାତନ କୃତିତ୍ୱ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ହରିଶ୍ଚନ୍ଦ୍ର ବରର୍ତ୍ତା, ସୁଦାମ ଦୁବେ, ଡେଭିଡ୍ ରଣା, ପୂଜା ନାୟକ ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ରୀଛାତ୍ର ଦେବୀ ପ୍ରସାଦ, ଚନ୍ଦନ, ରିତେଶ, ଦୀପିକା, ଜ୍ୟୋତିଶ୍ରୀ, ଓର୍ଣ୍ଣିକା, ଭକ୍ତ, ପ୍ରମୋଦ, ଅଭିଷେକ, ଅନନ୍ୟା ଓ ଦାଶରଥି ସହଯୋଗ କରିଥିଲେ। ହରି ମହାନନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

# ପିରବତୀ ଯୁକ୍ତ ୨ ମହିଳା କଲେଜରେ ବିଦାୟକାଳୀନ ସଭା



ବିଦାୟୀ ଛାତ୍ରୀଙ୍କ ଗହଣରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ମୁରଲୀଧର ରଣା।

କର୍ଲାମୁଣ୍ଡା,୧୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ ପିରବତୀ ଯୁକ୍ତ ୨ ମହିଳା କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା ମୁରଲୀଧର ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୌଶିକବାବା ଯୁକ୍ତ ୩ କଲେଜ ସଭାପତି ବୈକୃଷ୍ଣ ରଣା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲେଖମଣି ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରୀମାନଙ୍କୁ ପାଠ ପଢ଼ିବା ସହିତ ଉତ୍ତମ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧକ୍ଷ ବିଷ୍ଣୁଲାଲ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ଅଞ୍ଜଳୀ ପ୍ରିୟଦର୍ଶିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଯଶୋବନ୍ତ ରଣା, ଅଜୟ ମହାନନ୍ଦ, ସୁମନ୍ତ ରଣା, ଶୋଭାକର ଘିଭେଲା, ହରେକୃଷ୍ଣ ସାହୁ, ବିଳାସିନୀ ବାଗ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

କୋକସରା,୧୯।୨(ଡି.ଏନ.ଏ.)

କଳାହାଣ୍ଡିଜିଲା କୋକସରା ଗ୍ରାମପଞ୍ଚାୟତ ଚିଲିଗୁଡ଼ା ଗ୍ରାମ ବିଶ୍ରାମଗାରଠାରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋକସରା ସଞ୍ଚପଚ କିଶୋର ଚନ୍ଦ୍ର ପ୍ରଧାନୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବିଜେଡି କର୍ମୀ ରଜନୀ କାନ୍ତ ପଣ୍ଡା, ଧନେଶ୍ୱର ଗୋପାଲ, ଅଭିମନ୍ୟୁ ଗୋପାଲ, ସତ୍ୟାନନ୍ଦ ବାଗ, ପୁରୋହିତ ବେମାଲ ପ୍ରମୁଖ ଯୋଗଦେଇଥିଲେ। ବିଜୁ ଯୁବବାହିନୀ ସମ୍ପାଦକ ଜଗା ପଟ୍ଟନାୟକ ଓ ମୁକ୍ତେଶ୍ୱର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚିଲିଗୁଡ଼ା ଗ୍ରାମର ଉତ୍ତମ କୁମାର ପଣ୍ଡା, କୈଳାଶ ଚନ୍ଦ୍ର ସିଂ, ସୁବୋଧ କୁମା ପଣ୍ଡା, ଭକ୍ତ ଚରଣ ସିଂ, ଲିଙ୍ଗରାଜ ନିଆଲ, ସନାତନ ଗୋପାଲ, ରୁଦ୍ର ଗୋପାଲ, ଧର୍ମୁ ନାଗ ପ୍ରମୁଖ ବ୍ୟକ୍ତିଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଜୁ ଯୁବବାହୀନି ସଙ୍ଗଠନ ଏବେ ଗାଁରେ ବୁଲି ରାଜ୍ୟ ସରକାରଙ୍କ ଲୋକାଭିମୁଖି ପ୍ରତିଭା ଓ ଯୋଜନାକୁ ପ୍ରଚାର କରୁଛନ୍ତି ।

କଂଗ୍ରେସର ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ

# କେନ୍ଦ୍ର, ରାଜ୍ୟ ସରକାର ବିକାଶ ନାଁରେ ଲୋକଙ୍କୁ ଭଣ୍ଡାଉଛନ୍ତି

ଜୁନାଗଡ,୧୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପଞ୍ଚାୟତ ଚାଲ, ୱାର୍ଡ ଚାଲ ଅଭିଜାନ ଆରମ୍ଭ ହୋଇଯାଇଛି। କଳାହାଣ୍ଡି ଜିଲା ଲୋକସଭା ଯୁବ କଂଗ୍ରେସ କମିଟି ପକ୍ଷରୁ ଏହାକୁ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଜୁନାଗଡ ବ୍ଲକ ତଳମଲା, କଳିଆକୁଣ୍ଡଲ ଓ ଛୋରିଆଗଡ ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଯୁବ କଂଗ୍ରେସ କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭାରୀ ମହମ୍ମଦ ସହିଦ, କଳାହାଣ୍ଡି ଲୋକ ସଭା ଯୁବ କଂଗ୍ରେସ ସଭାପତି ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ଭଗବାନ ସାହୁ ପ୍ରମୁଖ ଯୋଗଦେଇ କଂଗ୍ରେସ ସରକାର କ୍ଷମତାକୁ ଆସିଲେ ଚାଷୀ, ଗରିବ, ବେରୋଜଗାରୀ ଓ ମହିଳାଙ୍କ ସମସ୍ୟା ଉପରେ ଧ୍ୟାନ ଦିଆଯିବ ପୁଣି ଗ୍ୟାରେଣ୍ଟି ସହ ବୋଲି କହିଥିଲେ। କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାର ଲୋକଙ୍କୁ ବିକାଶ ନାଁରେ କେବଳ ଭଣ୍ଡେଇ ଚାଲିଛନ୍ତି। ଦେଶରେ କେବଳ ପୁଞ୍ଜିପତି, ଶିଳ୍ପପତିମାନେ ଅଧିକ ଲାଭାନ୍ୱିତ ହେଉଥିବା ବେଳେ ଗରୀବ, ଖଟିଖିଆ ଓ ସାଧାରଣ ବର୍ଗର ଲୋକେ ନିମ୍ନସ୍ତରକୁ ଚାଲିଯାଉଛନ୍ତି । ଫଳରେ ଧନୀ ଆଉ ଗରୀବ ମଧରେ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି । କେବଳ କଂଗ୍ରେସ କ୍ଷମତାକୁ ଆସିଲେ ଏକ ସମାନ୍ତର ବିକାଶ ସମ୍ଭବ ହେବ। ସେଥିପାଇଁ ପ୍ରତ୍ୟେକ ଜନସାଧାରଣ ହାତ ମିଶାଇ କଂଗ୍ରେସକୁ ମଜଭୁତ କରିବା ସହ ଆସନ୍ତା ସାଧାରଣ ନିର୍ବାଚନରେ ଏକ ଶକ୍ତିଶାଳୀ ଓ ବିକାଶଶୀଳ ରାଷ୍ଟ୍ର ଗଠନ ପାଇଁ କଙ୍ଗ୍ରେସକୁ ଭୋଟ ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୧୦ଟି ପ୍ରଶ୍ନର ଜବାବ ଦେବାକୁ ଏକ ଲିଫ୍ଲେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ କଂଗ୍ରେସ ଆଟିଗାଁ ଜୋନ ସଭାପତି ସତ୍ୟନାରାୟଣ ସରାଫ ପରିଚାଳନା କରିଥିଲେ ।




କଂଗ୍ରେସର ପଞ୍ଚାୟତ ଚାଲ ୱାର୍ଡ ଚାଲ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମୀମାନେ ।

# ଧର୍ମଗଡରେ ବିଦ୍ୟୁତ୍ କାଟ ସମସ୍ୟା : ଚିନ୍ତାରେ ମାଟ୍ରିକ ପରୀକ୍ଷାର୍ଥୀ

ଧର୍ମଗଡ,୧୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ସହର ସମେତ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ସମସ୍ୟା ଲାଗି ରହିଛି । ଅନ୍ୟପକ୍ଷେ ଆସନ୍ତା ୨୨ ତାରିଖରୁ ମାଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ପାଠପଢାରେ ଅସୁବିଧା ସୃଷ୍ଟି ହେଉଛି । ଫଳରେ ମାଟ୍ରିକ ପରୀକ୍ଷାର୍ଥୀମାନଙ୍କ ପାଇଁ ଏହା ଚିନ୍ତାର କାରଣ ପାଲଟିଛି ।
ଏହାକୁ ନେଇ ଉଭୟ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଭିଭାବକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଧର୍ମଗଡ ସହରରେ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତ୍ୟହ ସନ୍ଧ୍ୟା ସାଢେ ୭ଟାରୁ ସାଢେ ୮ଟା ଯାଏ ହେଉଛି । କେବଳ ଧର୍ମଗଡ ସହର ନୁହେଁ ଏହାର ଆଖପାଖ ଗ୍ରାମାଞ୍ଚଳରେ ମଧ୍ୟ ଏହି ସମୟରେ ଦୈନିକ ୧ ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ଏହି ସମୟରେ ଛାତ୍ରୀଛାତ୍ରଙ୍କ ପଢାପଢିର ସମୟ ହୋଇଥିବା ବେଳେ ଠିକ ଏହି ସମୟରେ ବିଦ୍ୟୁତ୍ କାଟ ହେଉଥିବାରୁ ପାଠପଢାରେ ବାଧା ସୃଷ୍ଟି ହେଉଛି। ବିଦ୍ୟୁତ୍ କାଟ ସମ୍ପର୍କରେ ଧର୍ମଗଡ ବିଭାଗ ସହକାରୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ଯୋଗାଯୋଗ କରିବାରୁ ଲୋଡ ଫେକ୍ଟର କାରଣରୁ ପିକ ପିରିଅଡରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି । ଏହା ଉପରୁ ଗ୍ରୀଡର ନିର୍ଦ୍ଦେଶରେ ହେଉଥିବା ବେଳେ ସ୍ଥାନୀୟ ଅଧିକାରୀଙ୍କ ବିଦ୍ୟୁତ୍ କାଟ ଉପରେ କୈଣସି ଭୂମିକା ନାହିଁ । ତଥାପି ମାଟ୍ରିକ ପରୀକ୍ଷାକୁ ଦୃଷ୍ଟିରେ ରଖି ସନ୍ଧ୍ୟା ସମୟରେ ହେଉଥିବା ବିଦ୍ୟୁତ୍ କାଟ ନେଇ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଜିଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ପରିକ୍ଷାର୍ଥୀ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଘୋଷିତ ବିଦ୍ୟୁତ୍ କାଟକୁ ବନ୍ଦ କରିବାକୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ଦାବି କରାଯାଇଛି ।

# ଶହୀଦଙ୍କୁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି

ରିଷିଡା,୧୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ମହମବତି ଜଳାଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସୋମବାର ରାତିରେ ବଡଡୁଙ୍ଗୁରୀ ଗୁଡାରେ ଫୁଲୱାମା ଆକ୍ରମଣରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଗ୍ରାମର ରାମମନ୍ଦିରଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା କରାଯାଇଥିଲା । ଏଥିରେ ସୂର୍ଯ୍ୟମଣି ଭୋଇ, ମନୋଜ କୁମାର ମିଶ୍ର, ଅରବିନ୍ଦ ଗହୀର ପ୍ରମୁଖ ନେତୃତ୍ୱ ନେଇଥିଲେ । ସେହିପରି ଗଜବାହାଲରେ ମହମବତି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଜ୍ୟୋତିରଞ୍ଜନ ପଧାନ, ପ୍ରଫୁଲ୍ଲ ସାହୁ, ଶିଶିର ଗହୀର ନେତୃତ୍ୱ ନେଇଥିଲେ । ରିଷିଡାଠାରେ ମଧ ମହମବତି ଶୋଭାଯାତ୍ରା କରାଯାଇଛି ।

# ଶହୀଦ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରା

ଭବାନୀପାଟଣା/ସେରଗଡ଼, ୧୯।୨ (ଡି.ଏନ.ଏ.)

ଜମ୍ମୁ କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆତ୍ମଘାତି ଆକ୍ରମଣରେ ଶହୀଦ ଯବାନମାନଙ୍କୁ କଳାହାଣ୍ଡି ଜିଲାରେ ବିଭିନ୍ନ ସଙ୍ଗଠନ ଓ ରାଜନୈତୀକ ଦଳ ତରଫରୁ ପୃଥକ ଭାବରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏଥି ସହିତ ଏକ ମହମବତୀ ଶୋଭାଯାତ୍ରା କରାଯାଇଛି। ସୋମବାର ଭବାନୀପାଟଣା ସୁନି ହନିଫ୍ ମୁସଲିମ୍ ଜମାତ ମସ୍‌ଜିଦ୍ କମିଟି ତରଫରୁ ସ୍ଥାନୀୟ ମସ୍‌ଜିଦ୍‌ରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ଏହି ଶୋଭାଯାତ୍ରା ପୁଣିଥରେ ମସ୍‌ଜିଦ୍‌ରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରା ସୁନି ହନିଫ୍ ଜାମା ମସ୍‌ଜିଦ୍ କମିଟି ସଭାପତି ହାଜି ସାହାଜତ୍ ଖାନ୍, ସମ୍ପାଦକ ସେକ୍ ସଲିମ୍ ମହମ୍ମଦ, ଇମାମ୍ ସାହେବ ମହମ୍ମଦ୍ ଦିୟାଲୁ ମୁସ୍ତାଫା ମୌଲି, ଅବ୍ଦୁଲ ସାଜିଦ୍, ମହମ୍ମଦ କରିମ୍, ଅବଦୁଲ୍ କାଦର, ଆକ୍‌ବର ଖାନ, ସେକ୍ ଅନୱାର, ମୁକ୍ତାର ଅଲ୍ଲୀ, ସରିଫ ଖାନ, ରହମାନ୍ ଅଲ୍ଲୀଖାନ୍, ହାଇଦର ଅଲ୍ଲୀଖାନ୍, ହାଜି ଅମିନ୍ ଖାନ, ମହମ୍ମଦ ସାହେବ, ହାରୁନ୍ ମହମ୍ମଦ, ଡା. ଇନାଉତୁଲ୍ଲା ଅଲ୍ଲୀ ଖାନ୍ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମୁସ୍‌ଲିମ୍ ଭାଇମାନେ ଯୋଗଦେଇ ପାକିସ୍ଥାନ ବିରୋଧରେ ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ। ସେହିପରି ସେରଗଡ ଯୁବକ ସଂଘ ପକ୍ଷରୁ ରବିବାର ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀଙ୍କ ହାମ୍‌ଲାରେ ଶହୀଦ ଯବାନଙ୍କ ଫଟୋ ଚିତ୍ରରେ ମହମବତି ଜାଳି ୨ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସ୍ଥାନୀୟ ଶିବ ମନ୍ଦିରରୁ ଏକ ମହମବତି ଶୋଭାଯାତ୍ରାରେ ବାହାରି ପାକିସ୍ତାନ ମୁର୍ଦାବାଦ ନାରା ଦେଇ ଗାଁ ପରିକ୍ରମା କରିଥିଲେ ।

**ମୁସଲିମ୍ ଜମାତ ମସ୍‌ଜିଦ୍ କମିଟି**




ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣାରେ ଆୟୋଜିତ ଶୋଭାଯାତ୍ରା।

ଆଜି କଳାହାଣ୍ଡି ଆସୁଛନ୍ତି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ

# ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ଯୋଗୀ

ଭବାନୀପାଟଣା,୧୯।୨(ଡି.ଏନ.ଏ.)

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୦ ତାରିଖ (ବୁଧବାର) ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର କଳାହାଣ୍ଡି ଜିଲା ଭବାନୀପାଟନା ପୋଲିସ ପଡିଆରେ ୧୧ଟାରେ ପହଞ୍ଚିବା ପରେ ମାଣିକେଶ୍ୱରୀ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରିବେ। ସାଢେ ୧୧ଟାରେ ସେ ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶରେ ଉଦ୍‌ବୋଧନ ଦେବେ। କଳାହାଣ୍ଡି, ବଲାଙ୍ଗୀର, ଫୁଲବାଣୀ, କୋରାପୁଟ ଓ ନବରଙ୍ଗପୁର ଆଦି ୫ଟି ଲୋକସଭା ଆସନ ଓ ୩୫ଟି ବିଧାନସଭା ଆସନର ଭାଜପା କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଓଡିଶାରେ ଦଳ କିଭଳି ତାହାର ସଂଖ୍ୟା ଗରିଷ୍ଠତା ହାସଲ କରିପାରିବ ସେ ସମ୍ପର୍କରେ ରଣନୀତି ପ୍ରସ୍ତୁତ କରିବା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେବେ ଯୋଗୀ ଆଦିତ୍ୟନାଥ । ଏ ସମ୍ପର୍କରେ ସୋମବାର ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଭାଜପାର ଏହି କାର୍ଯ୍ୟକ୍ରମରେ ୫ଟି ଲୋକସଭା ଆସନର ୩୪ ହଜାର ୫୦୦ ବୁଥ୍ ସଭାପତି, ସହକର୍ମକର୍ତ୍ତା, ପ୍ରଭାରୀ କେନ୍ଦ୍ର ପ୍ରଭାରୀ ଓ କର୍ମୀ ଉପସ୍ଥିତ ରହିବେ। ଭାଜପାର ଲୋକପ୍ରିୟତାକୁ ନେଇ ଏହି କାର୍ଯ୍ୟକ୍ରମରେ ଲୋକସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗୀ ଆଦିତ୍ୟନାଥଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଭାଜପା ବିଧାୟକ ଦଳର ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ବହୁ ବିଧାୟକ ଉପସ୍ଥିତ ରହିବେ। ଆଗାମୀ ନିର୍ବାଚନରେ ଓଡିଶାରେ ଭାଜପା କିଭଳି ୫୦ ଭାଗ ଭୋଟ ପାଇପାରିବ ସେ ସମ୍ପର୍କରେ ରଣନୀତି ପ୍ରସ୍ତୁତ ପାଇଁ ଏହି କର୍ମୀ ସମ୍ମିଳନୀର ଆୟୋଜନ ବୋଲି ପଣ୍ଡା ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ପଣ୍ଡାଙ୍କ ସହ ପୂର୍ବତନ ମନ୍ତ୍ରୀ ତଥା ଜିଲା ଭାଜପା ସଭାପତି ପ୍ରଦୀପ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଯୁବନେତା ଭାନୁପ୍ରକାଶ ରଥ, ରମେଶ ମାଝି, ଅଜୟ ପ୍ରାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ସଭାପତି ସୂଚନା ଦେଉଛନ୍ତି।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ପିଏସ୍ କଲେଜରେ ନୂତନ ଗୃହ ଉଦ୍‌ଘାଟିତ

**ବଙ୍ଗୋମୁଣ୍ଡା,୧୯।୨(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡା ସ୍ଥିତ ପଞ୍ଚାୟତ ସମିତି କଲେଜର ଏକ ନବନିର୍ମିତ ଶ୍ରେଣୀ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ମହମ୍ମଦ ଆୟୁବ ଖାଁ ଏହାର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଯୁକ୍ତ ୨ କଲେଜର ପ୍ରିନ୍ସିପାଲ ମିନତି ରଥ ଏବଂ ଯୁକ୍ତ ୩ କଲେଜ ପ୍ରିନ୍ସପାଲ ଶୋଭେନ୍ଦୁ ମେହେର, ଅଧ୍ୟାପକ ଆଲୋକ ରଥ, ନଟବର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଗୁଡ଼ଭେଲା,୧୯।୨(ଡି.ଏନ୍.ଏ.):** ତୁଷୁରା ଜାଗୃତି ଶାଖାପକ୍ଷରୁ ସ୍ଥାନୀୟ ଗାୟତ୍ରୀ ମନ୍ଦିରଠାରେ ସୋମବାର ପୁଲୱାମାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏପରି କି ଆହତ ଯବାନଙ୍କ ଆରୋଗ୍ୟ କାମନା କରି ମା' ଗାୟତ୍ରୀଙ୍କଠାରେ ପ୍ରାର୍ଥନା କରାଯାଇଥିଲା। ଶହୀଦ ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଯାଇଥିଲା।

### ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ଲୋଇସିଂହା,୧୯।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରାମପୁରଠାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଯୋଗେନ୍ଦ୍ର ବେହେରା ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ବିଧାୟକ ବେହେରା କୃଷି ଓ କୃଷକଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜାନ ସଂକ୍ରାନ୍ତରେ ଅବଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ସହକାରୀ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ସଭାପତିତ୍ୱରେ କରିଥିଲେ। ସଭାରେ ବିଧାୟକ ମିଶ୍ର, ଜିଲା କୃଷି ଅଧିକାରୀ ହିମାଂସୁ ସେଖର ପାଢ଼ୀ, ବିଧାୟକଙ୍କ ପ୍ରତିନିଧି, ଆତ୍ମା ଅଧକ୍ଷ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବେହେରା ଭାଷଣରେ ରାଜ୍ୟ ସରକାର କିପରି ଭାବେ କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦେଉଛନ୍ତି ସେ ସଂକ୍ରାନ୍ତରେ କହିଥିଲେ। କାଳିଆ ଯୋଜାନ ଏକ ସର୍ବଶ୍ରେଷ୍ଠ ଯୋଜନା। ଏହା ସବୁ ବର୍ଗର ଚାଷୀଙ୍କୁ ସୁହାଉଛି ବୋଲି କହିଥିଲେ। ଅନେକାଂଶ ଚାଷୀଙ୍କୁ କାଳିଆ ଟଙ୍କା ମିଳି ନ ଥିବାରୁ ସଭାରେ ଉପସ୍ଥିତ ଚାଷୀମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରି କି ବିଧାୟକ ବେହେରା ସ୍ଥାନୀୟ ଆଶ୍ରମ ବିଦ୍ୟାଳୟକୁ ଯୁକ୍ତ ୩କୁ ଉନ୍ନିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ଅନ୍ୟପକ୍ଷେ ରାମପୁର ଗ୍ରାମର ଏକ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିବାବେଳେ ଆଲୋଚନା ପାଇଁ ପ୍ରତ୍ୟାକ୍ଷାନ କରାଯାଇଥିବା ଘଟଣାକୁ ନେଇ ବିଧାୟକଙ୍କ କଥା ଓ ଦେଖାଉଥିବା ଦସ୍ତାବିଜରେ ବିଶ୍ୱାସ କରିହେବ ନାହିଁ କହି ବିଦ୍ୟାଳୟର ପୂର୍ବତନ ପରଚାଳନା ସମିତି ସଭାପତି ରଶିକ ବେହେରାଙ୍କ ସମେତ କେତେକ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିଥିଲେ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

# ଡ୍ୟାମ୍ ନିର୍ମାଣ ଆରମ୍ଭ ନେଇ ବୈଠକ

**ବଲାଙ୍ଗୀର ଅଫିସ, ୧୯।୨**

**ଜିଲାପାଳଙ୍କ ସହ ବିଭିନ୍ନ ସଙ୍ଗଠନ ପ୍ରତିନିଧିଙ୍କ ଆଲୋଚନା**



ବଲାଙ୍ଗୀର ସର୍କିଟ ହାଉସଠାରେ ଜିଲା ପ୍ରଶାସନ ସହ ବିଭିନ୍ନ ସାମାଜିକ ସଙ୍ଗଠନ ପ୍ରତିନିଧି ଆଲୋଚନା କରୁଛନ୍ତି।

ବଲାଙ୍ଗୀରର ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ନିର୍ମାଣ କାମ ଦୀର୍ଘ ୭ ମାସ ହେଲା ବନ୍ଦ ରହିଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଡ୍ୟାମ ନିର୍ମାଣ କାମକୁ ବିରୋଧ କରୁଥିବାରୁ ପ୍ରକଳ୍ପ କାମ ବନ୍ଦ ହୋଇଥିବା କୁହାଯାଉଛି। ତେବେ ଦୀର୍ଘ ୭ ମାସ ଧରି ବନ୍ଦ ପଡିଥିବା ଡ୍ୟାମ ନିର୍ମାଣ କାମକୁ କିଭଳି ଆରମ୍ଭ କରାଯିବ ସେନେଇ ସ୍ଥାନୀୟ ସର୍କିଟ ହାଉସଠାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଜିଲାପାଳ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ଲୋୟର ସୁକ୍‌ତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତ, ଓସିସି ମ୍ୟାନେଜର ସୀତାଂଶୁ ଷଡଙ୍ଗୀ, ସମାଜକର୍ମୀ ଲଳିତ କୁମାର ନାୟକ, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ପୂର୍ବତନ ସିସି ବେଲାରସେନ୍ ଭୋଇ, ଓକିଲ ସଂଘ ସମ୍ପାଦକ ଅମନ ନାଗ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନର ସୋମନାଥ ମିଶ୍ରଙ୍କ ସହ ଅନ୍ୟମାନେ ଯୋଗଥିଲେ। ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ନ୍ୟାଯ୍ୟ ଦାବିପୂରଣ କରିବା ସହ ସେମାନଙ୍କୁ ଉଚିତ୍ କ୍ଷତିପୂରଣ ଦେବାନେଇ ଆଲୋଚନା ହୋଇଥିଲା। ଏପରି କି ବିସ୍ଥାପିତ ଲୋକଙ୍କ ସହ ଖୋଲା ଆଲୋଚନା କରି ପ୍ରକଳ୍ପ କାମ କଭଳି ଶୀଘ୍ର କରାଯିବ ସେନେଇ ମତପ୍ରକାଶ ପାଇଥିଲା। ସମାଜକର୍ମୀ ନାୟକ ବିଭିନ୍ନ ସଂଗଠନର ନେତୃତ୍ୱ ନେଇ ବିସ୍ଥାପିତ ହେବାକୁ ଥିବା ବିଭିନ୍ନ ଗ୍ରାମବାସୀଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରି ପ୍ରକଳ୍ପ ନିର୍ମାଣ କାମ କରାଯିବାକୁ ବାଟ ବାହାର କରାଯିବ ବୋଲି କହିଥିଲେ। ଏଥିରେ ଜିଲା ପ୍ରଶାସନ ମଧ୍ୟ ସକରାତ୍ମକ ସହଯୋଗ କରିବ ବୋଲି କୁହାଯାଇଥିଲା। ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗ୍ରାମବାସୀଙ୍କ ସହ ବଲାଙ୍ଗୀର ସହରର ବିଭିନ୍ନ ସଂଗଠନର ପ୍ରତିନିଧି ପ୍ରଥମେ ଆଲୋଚନା କରିବା ପରେ ଜିଲା ପ୍ରଶାସନ ସହ ମିଳିତ ଆଲୋଚନା କରାଯିବ ବୋଲି ବୈଠକରେ କୁହାଯାଇଥିଲା। ଫେବୃୟାରୀ ଶେଷ ସୁଦ୍ଧା ଆଲୋଚନାକୁ ଶେଷ କରାଯିବାକୁ ସମ୍ମତି ପ୍ରକାଶ ପାଇଥିଲା। ବଲାଙ୍ଗୀର ଜିଲାର ଭବିଷ୍ୟତ ଦୃଷ୍ଟିରୁ ପ୍ରକଳ୍ପଟି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଏଥିରେ ସହଯୋଗ କରିବେ ବୋଲି କହିଥିଲେ।

୨୧୭ କୋଟି ଟଙ୍କାର ମୂଳ ପ୍ରକଳ୍ପ ଏବେ ସାଢ଼େ ୩ ହଜାର କୋଟି ଟଙ୍କାକୁ ଟପିବାକୁ ବସିଲାଣି। ଏବେ ସୁକ୍‌ତେଲ ଡ୍ୟାମର ସ୍ପିଲୱେ କାମ ୬୭ ପ୍ରତିଶତ ସରିଛି। ବର୍ତ୍ତମାନ ମାଟି ଡ୍ୟାମ କାମ ବାକି ରହିଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୨୯ଟି ଗାଁରୁ ଗୋଟିଏ ବି ଗାଁର ଲୋକେ ବିସ୍ଥାପିତ ହୋଇନାହାନ୍ତି। ଏଭଳି ପରିସ୍ଥିତିରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଆହୁରି ଅନେକ ବର୍ଷ ଲାଗିଯିବ। ଏବେ ସ୍ପିଲୱେ ନିର୍ମାଣ କାମ ବନ୍ଦ ହୋଇଥିବାରୁ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତ ହୋଇପଡିଛି। ଯେଉଁ କେତୋଟି ଗାଁର ଲୋକେ ଏହି ପ୍ରକଳ୍ପକୁ ସମର୍ଥନ କରୁଥିଲେ ସେମାନେ ଏବେ ବିରୋଧ ଜାରି ରଖିଥିବାରୁ ପ୍ରକଳ୍ପ କାମ ବନ୍ଦ ରହଥିବା କୁହାଯାଉଛି। ଇତିମଧ୍ୟରେ ଜିଲା ପ୍ରଶାସନ ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଆରମ୍ଭ କରିବାକୁ ୪ ଥର ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ଲୋକଙ୍କ ବିରୋଧ ଯୋଗୁ ଫେରିଆସୁଥିବା କୁହାଯାଉଛି।

### ନାନ୍ଦୁପଲାରେ ବୃଦ୍ଧାବୃଦ୍ଧଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ବଣ୍ଟନ

**ଖପ୍ରାଖୋଲ, ୧୯।୨ (ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ସରପଞ୍ଚ ସୁରେଶ ପୁଝାରୀଙ୍କ ଅଧ୍ୟକ୍ଷତାରେ ପିଠା କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟକିଶୋର ଜଏପୁରିଆ, ସିଡିପିଓ ପ୍ରମିଳା ମହାନ୍ତି, ଜିପିଇଓ ସୁଶାନ୍ତ ପାଣି, ଏକାଉଣ୍ଟସ୍ ଅଫିସର ଅରୁଣ କୁମାର ମେହେର, ଡବ୍ଲୁଇଓ ଡା. ନନ୍ଦିକିଶୋର ତାଣ୍ଡି, ଇଓ ରାହାସ ବିହାରି ମଲ୍ଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିବା ବେଳେ ପଞ୍ଚାୟତର ଶତାଧିକ ବୃଦ୍ଧାବୃଦ୍ଧଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ଷାଠିଏ ବର୍ଷରୁ ଅଶୀ ବର୍ଷ ମଧ୍ୟରେ ୩ ଶହ ଟଙ୍କାରୁ ବର୍ଦ୍ଧିତ ହୋଇ ୫ ଶହ ଟଙ୍କା ଏବଂ ଅଶୀ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୭ ଶହ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ଶତପଥୀ ପରିଚାଳନା କରିଥିଲେ।

### ଶହୀଦ ଯବାନଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଶ୍ରଦ୍ଧାଞ୍ଜଳି

**କଣ୍ଟାବାଞ୍ଜି,୧୯।୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଅଗ୍ନିଶମ ବାହିନୀ ପକ୍ଷରୁ ସୋମବାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଫାୟାର ଅଫିସର ଅସିତ କୁମାର ଜେନାଙ୍କ ନେତୃତ୍ୱରେ ଏକ ଶୋକସଭା ହୋଇଥିଲା। ଶହୀଦଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଦମକଳ କେନ୍ଦ୍ରର ପୁନେଇ ଟପ୍ପୋ, ପୁରନ୍ଦର ବିଶ୍ୱାଳ ଉମାଶଙ୍କର ଶବର, ହେମନ୍ତ ସାହୁ, ଅନିରୁଦ୍ଧ ଦେହୁରି, ମୀନକେତନ ଭୋଇ, ସୁରେନ୍ଦ୍ର ପଧାନ, ଅନନ୍ତ ସାହୁ, ଜୀବନାନନ୍ଦ ମହାନ୍ତି, ଗୁରୁଦୟାଲ ହଂସ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।



ଦମକଳ କେନ୍ଦ୍ରରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

# ତୁଷୁରା ଚିକିତ୍ସାଳୟ ପାହ୍ୟା ବୃଦ୍ଧି ଦାବିରେ ଧାରଣା

**ଗୁଡ଼ଭେଲା,୧୯।୨(ଡି.ଏନ୍.ଏ.)**




ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ଧାରଣା ସ୍ଥଳକୁ ଯାଇଛନ୍ତି।

ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟର ପାହ୍ୟା ବୃଦ୍ଧିକୁ ନେଇ ମଙ୍ଗଳବାର ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ବସ୍‌ଷ୍ଟାଣ୍ଡ ନିକଟରେ ଧାରଣା ଦିଆଯାଇଛି। ଭାଜପା ନେତା ଶାନ୍ତନୁ ନାୟକ, ସ୍ଥାନୀୟ ୟୁଥଏକ୍ସନ କମିଟିର ଯୁବକମାନେ ଧାରଣାକୁ ସମର୍ଥନ ଜଣେଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ନାଗରିକ କମିଟି ସଦସ୍ୟ ମା' ସମଲେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଧାରଣା ସ୍ଥଳରେ ପହଞ୍ଚି ଥିଲେ। କମିଟି ସଭାପତି ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାଉନସେଲର ପ୍ରଦୀପ ସାହୁ, ପୂର୍ବତନ ସରପଞ୍ଚ ରୂପେଶ ସାହୁ, ବିଜୟ ବାଗ, ଯୁବନେତା ଶ୍ରୀକାନ୍ତ ବାଗ ପ୍ରମୁଖ ଯୋଗଦେଇ ତୁଷରା ହସ୍ପିଟାଲ ଉପରେ ଅଞ୍ଚଳ ତଥା ଛଅଟି ଜିଲାର ସୀମାନ୍ତବର୍ତ୍ତୀ ପ୍ରାୟ ଶହେଟି ଗ୍ରାମର ଲୋକ ସ୍ୱାସ୍ଥ୍ୟସେବା ନେଇ ନିର୍ଭର କରିଥାନ୍ତି। ହେଲେ ଚିକିତ୍ସାଳୟଟି ଅବହେଳିତ ହୋଇ ପଡ଼ିରହିଛି। ଏପରି କି ଏହା ଏକ ସର୍ବପୁରାତନ ଚିକିତ୍ସାଳୟ ହୋଇଥିଲେ ମଧ୍ୟ ୬ଟି ଶଯ୍ୟା ରହିଥିବା ବେଳେ ଜଣେ ମାତ୍ର ଏମ୍‌ବିବିଏସ୍ ଡ଼ାକ୍ତର ଅଛନ୍ତି। ଜଣେ ଡ଼ାକ୍ତର ୨୪ ଘଣ୍ଟା ରୋଗୀ ସେବା କରିବା ଅସମ୍ଭବ ହୋଇଥିବା ବେଳେ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ନ ପାଇ ବଲାଙ୍ଗୀର, ବୁର୍ଲା, ରାୟପୁର, ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଥିବା ବେଳେ ବାଟରେ ରୋଗୀର ମୃତ୍ୟୁ ମଧ୍ୟ ଘଟୁଥିବା ଅଭିଯୋଗ ହୋଇଛି। ଏନେଇ ତୁରନ୍ତ ହସ୍ପିଟାଲ ପାହ୍ୟା ବୃଦ୍ଧି କରିବା ସହ ଶଯ୍ୟା ସଂଖ୍ୟା ୫୦କୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷେ ହସ୍ପିଟାଲର ସମସ୍ୟାର ସମାଧାନ ଦାବି କରି ଗତ ୫ ତାରିଖ ଓ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏପରି କି ତୁଷୁରା ବନ୍ଦ କରାଯାଇ ଆନ୍ଦୋଳନ କରାଯାଇଥିଲା। ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଧାରଣାରେ କାହ୍ନା ପ୍ରଧାନ, ଆୟୁଷ ପ୍ରଧାନ, ଅମନ ଜୈନ, ଅଙ୍କୁଶ ପ୍ରଧାନ, ଲିଷନ ପ୍ରଧାନ, ଅକ୍ଷୟ ଶର୍ମା ସହ ବହୁ ଲୋକ ଧାରଣାରେ ସାମିଲ ଥିଲେ।

### କ୍ୟାଣ୍ଡେଲ ଶୋଭାଯାତ୍ରା

**ଦେଓଗାଁ,୧୯।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ଏବଂ ବରକାନୀରେ ମଙ୍ଗଳବାର ସନ୍ଧ୍ୟାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଉଦ୍ଦେଶ୍ୟରେ ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ମିନିଷ୍ଟାଡିୟମଠାରେ ଶତାଧିକ ଯୁବକ, ବିଏନ୍‌ଏସ ସଂଘ, ବଜରଙ୍ଗଦଳ ତଥା ଗ୍ରାମବସୀ ଏକତ୍ରୀତ କ୍ୟାଣ୍ଡେଲ ଶୋଭାଯାତ୍ରରେ ବାହାରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁନ୍ଦରମଣୀ ଦଣ୍ଡସେନାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡା. ଶଶି ଭୂଷଣ ସାହୁ ଯୋଗଦେଇ ଶହୀଦ ଯବାନଙ୍କ ବଳିଦାନ ଉପରେ ଆଲୋକପାତ କରିବା ସହ ଦେଶରୁ ଆତଙ୍କବାଦର ମୂଳପୋଛ କରିବାର ସମୟ ଆସିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶହୀଦ ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବିଭିନ୍ନ ସ୍ଲୋଗାନଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ବରକାନୀରେ ଗ୍ରାମବାସୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଁର ଯୁବଗୋଷ୍ଠି, ବୟୋଜ୍ୟେଷ୍ଠ ତଥା ମହିଳା ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ପାକିସ୍ତାନ ବିରୋଧରେ ନାରାବାଜି ଦେଇଥିଲେ।

# ରାଉତମୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

**କଣ୍ଟାବାଞ୍ଜି,୧୯।୨(ଡି.ଏନ.ଏ.)**



ରାଉତମୁଣ୍ଡା ଧନୁଯାତ୍ରା ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ନାଟ୍ୟାଭିନୟର ଏକ ଦୃଶ୍ୟ।

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣି ପଞ୍ଚାୟତ ରାଉତମୁଣ୍ଡା ଗ୍ରାମରେ ଶିଶୁ କଳାକାରଙ୍କ ପକ୍ଷରୁ ଚାଲିଥିବା ଧନୁଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ଧନୁଯାତ୍ରା ଆୟୋଜନ, ଅକ୍ରୁର ପ୍ରେରଣ, କୁବୁଜା ଉଦ୍ଧାର, କୁବଳୟା ବଧ, ଚାଣୁର, ମଷ୍ଟିକ ବଧ, କଂସ ବଧ ଆଦି ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମହାରାଜା କଂସଙ୍କ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଭାଜପା ନେତା ଲକ୍ଷ୍ମଣ ବାଗ, କଂଗ୍ରେସ ନେତା ତଥା ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ବିଶିଷ୍ଟ କଳାକାର ତଥା ବଙ୍ଗୋମୁଣ୍ଡା ଧନୁଯାତ୍ରାର କଂସ ଅଭିନେତା ରବୀନ୍ଦ୍ର କୁମାର ସାହୁ ରାଜକୀୟ ଅତିଥିଭାବେ ଯୋଗଦେଇ କଂସଙ୍କ ବିଭିନ୍ନ ଆଦେଶକୁ ଅଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପାଞ୍ଚଦିନ ଧରି ଚାଲିଥିବା ଧନୁଯାତ୍ରାର କଂସ ଦରବାରରେ ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ କର୍ମୀ, ନେତା ଅତିଥିଭାବେ ଯୋଗଦେଇ ତୁରେକେଲା ବ୍ଲକ ସହିତ ରାଉତମୁଣ୍ଡା ଗାଁର ବିଭିନ୍ନ ସମସ୍ୟା ସଭାରେ ଉପସ୍ଥାପନ କରି ସମାଧାନ ଦିଗରେ ପଦକ୍ଷେପ ନିଆଯାଉଥିବାରୁ ଅଞ୍ଚଳର ଜନସାଧାରଣ ଏବଂ ବୁଦ୍ଧିଜୀବୀ ଧନୁଯାତ୍ରା କମିଟିକୁ ସାଧୁବାଦ ଜଣାଇଛନ୍ତି। କମିଟି ସଭାପତି ଗୌରଚନ୍ଦ୍ର ମିଶ୍ର, ରାଉତମୁଣ୍ଡା ଗାଁବାସୀଙ୍କ ସହଯୋଗରେ ଦୀର୍ଘ ୧୪ବର୍ଷ ହେଲା ଧନୁଯାତ୍ରା ସଫଳତାର ସହ ପାଳନ କରାଯାଇଛି।

### ତରଭାରେ ଜନଶୁଣାଣି ଶିବିର

**ତରଭା, ୧୯।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସଭାଗୃହରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂଯୁକ୍ତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ, ବିଡିଓ ନିହାର ରଞ୍ଜନ କହଁର, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ସିଡିଏମଓ ଡ. ଏସ.କେ.ନାଏକ, ଡିଡବ୍ଲୁଓ ପଲକ ରବିନ୍ଦ୍ର, ଡିଏସଡବ୍ଲୁଓ ପୁଷ୍ପାଞ୍ଜଳି ମହାପାତ୍ର, ଡିଇଓ ପୁଷ୍ପା ମିଞ୍ଜ, ସିଡିପିଓ ସବିତା ଦୋରା, ଡିଏଲଓ ମୋହନ କୁମ୍ଭାର, ଇସିଡିଆରଡିଏ ଧନଞ୍ଜୟ ଦୋରା, ଏଲଡିଏମ ସରୋଜ ଦାସ, ଡିପିସି ବେଣୁଧର ବେହେରା, ଇଓ କନିକା ଚକ୍ରବର୍ତ୍ତୀ, ବିଇଓ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୧ ଅଭିଯୋଗର ଶୁଣାଣି ହୋଇଥିଲା।




ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ବଲାଙ୍ଗୀର ସୁନ୍ନି ସଦର ମସଜିଦ୍ କମିଟି ପକ୍ଷରୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି। (ଫଟୋ-ସୁନୀଲ)

ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି

# ତୃତୀୟ ଦିନରେ ଧାରଣା, ଆଜି ରେଳରୋକୋ ଆନ୍ଦୋଳନ

**ଦେଓଗାଁ,୧୯।୨(ଡି.ଏନ.ଏ.)**



ଧାରଣାର ତୃତୀୟ ଦିନରେ ଉପସ୍ଥିତ କର୍ମକର୍ତ୍ତା।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁରୋଡ ରେଳଷ୍ଟେଶନରେ ଇସ୍ପାତ ଏକ୍ସପ୍ରେସ ଟ୍ରେନ ରହଣି ଦାବି ନେଇ ରେଳଷ୍ଟେସନ ନିକଟରେ ଚାଲିଥିବା ଧାରଣା ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ଏଥିରେ ଦେଓଗାଁ ଗ୍ରାମ୍ୟ କମିଟି, ବଣିକ ସଂଘ, ଜରାସିଂହା ଗ୍ରାମ୍ୟ କମିଟି ଏବଂ ଅଞ୍ଚଳବାସୀ ଦାବି ଉପସ୍ଥାପନ କରୁଥିବା ବେଳେ ରେଳ ବିଭାଗ ପକ୍ଷରୁ କୌଣସୀ ଅଧିକାରୀ ଆସି ନ ଥିବାରୁ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଇଛି। ବୁଧବାର ୧୨ ଘଣ୍ଟିଆ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି। ଏପରି କି ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୃତାନ୍ତରେ ପହଞ୍ଚିଥିବା ଜଣାପଡିଛି। ଦେଓଗାଁ ଗ୍ରାମ୍ୟ ଉନ୍ନୟନକମିଟି ସଭାପତି ଡା. ଶଶିଭୂଷଣ ସାହୁଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଗାଁଗୁଡିକରେ ବୈଠକ କରାଯାଇ ରେଳରୋକୋ ଆନ୍ଦୋଳନକୁ ସଫଳ କରିବାକୁ ଡାକରା ଦିଆଯାଇଛି। ଦାବି ପ୍ରତି ଅଣଦେଖା କରାଗଲେ ଆନ୍ଦୋଳନକୁ ବ୍ୟାପକ କରିବା ସହ ସାଧାରଣ ନିର୍ବାଚନରେ ଦେଓଗାଁବାସୀ ଭୋଟ ବର୍ଜନ କରିବେ ବୋଲି ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ଫେବୃୟାରୀ, ୨୦୧୯



ପାଠ ଶେଷ କଲାବେଳକୁ ମନୁଷ୍ୟ ଭଦ୍ରଲୋକ ହେବାକୁ ଆରମ୍ଭ ମାତ୍ର କରିଥାଏ, ସତ୍‌ସଙ୍ଗ ଓ ସଦ୍‌ଭାବନା ତାକୁ ଶେଷରେ ଭଦ୍ରଲୋକ କରାଇଥାଏ।
- ଉଇଲିୟମ ଜେମ୍ସ



## ସଂକ୍ଷେପରେ

### ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳିର ସୁଅ

ରାଉରକେଲା ଅଫିସ,୧୯।୨

ପୁଲୱାମାଠାରେ ଶହୀଦ ହୋଇଥିବା ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳିର ସୁଅ ଛୁଟିଛି। ପ୍ରତ୍ୟେକ କକଖପିଲାଠୁ ନେଇ ବୃଦ୍ଧଙ୍କ ପର୍ଯ୍ୟନ୍ତ ସାମିଲ ହେଉଛନ୍ତି। ବିଭିନ୍ନ କଲୋନୀ, ବସ୍ତିବାସିନ୍ଦା ମିଳିତ ହୋଇ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରୁଛନ୍ତି। ଯେଉଁ କାରଣରୁ ଏବେ କ୍ୟାଣ୍ଡେଲ ଅଭାବ ପଡ଼ିଲାଣି। ହଠାତ ସହରରେ କ୍ୟାଣ୍ଡେଲ ଚାହିଦା ବୃଦ୍ଧି ପାଇଥିବାରୁ କେତେଜଣ ଅସାଧୁ ବ୍ୟବସାୟୀ ଏହାକୁ ଦୁଇଗୁଣ ଅଧିକ ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଶିଳ୍ପାଞ୍ଚଳରେ ମହମବତି ଶିଳ୍ପ ବନ୍ଦ ପଡ଼ିଥିବାବେଳେ ହଠାତ୍ ଏହାର ଚାହିଦାକୁ ଦେଖି ଉତ୍ପାଦକାରୀ ଆଗ୍ରହୀ ହୋଇ ପଡ଼ିଛନ୍ତି।

# ଷ୍ଟାମ୍ପ ଭେଣ୍ଡରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ

ରାଉରକେଲା ଅଫିସ,୧୯।୨

ଓଡ଼ିଶା ଷ୍ଟାମ୍ପ ଭେଣ୍ଡର ମହାସଂଘ ପକ୍ଷରୁ ସୋମବାରଠାରୁ ଆରମ୍ଭ କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଫଳରେ ରେଜିଷ୍ଟ୍ରେଶନ ଓ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏ ନେଇ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହାସଂଘ ଆହ୍ୱାନ କ୍ରମେ ରାଉରକେଲା ଟ୍ରେଜେରିରେ ପାନପୋଷ ଉପଖଣ୍ଡର ପ୍ରାୟ ୧୧ଜଣ ପଞ୍ଜୀକୃତ ଭେଣ୍ଡର କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏପରି ଅବସ୍ଥାରେ କୋର୍ଟ ଫି ମିଳୁନାହିଁ। ଫଳରେ ଅନେକ କାମ ବାଧାପ୍ରାପ୍ତ ହୋଇଛି ବୋଲି ବଳ ପ୍ରକାଶ କରିଛନ୍ତି। ପାନପୋଷ ଉପଖଣ୍ଡରୁ ରାଜ୍ୟ ସରକାର ଦୈନିକ ପ୍ରାୟ ୭ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ଅପରପକ୍ଷେ ଷ୍ଟାମ୍ପ ପେପର ଅଭାବରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଭେଣ୍ଡରଙ୍କ ଦାବି ଅନୁସାରେ ଇ-ଷ୍ଟାମ୍ପ ବ୍ୟବସ୍ଥା ବନ୍ଦ କରାଯାଇ ଫି ବୃଦ୍ଧି କରାଯାଉ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉ ନ ଥିବାରୁ ସମସ୍ୟା ସମାଧାନ ହୋଇପାରୁନି ବୋଲି ବଳ ଏକ ବିବୃତିରେ ପ୍ରକାଶ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।



ପାନପୋଷ ଉପଖଣ୍ଡ ଷ୍ଟାମ୍ପ ଭେଣ୍ଡର ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଅବସରରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଏଡିଏମ୍‌ଙ୍କ ସହ ଭାଜପା ପ୍ରତିନିଧିଙ୍କ ଆଲୋଚନା

ରାଉରକେଲା ଅଫିସ,୧୯।୨

ନବନିଯୁକ୍ତ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ୟେଦୁଲ୍ଲା ବିଜୟଙ୍କୁ ମଙ୍ଗଳବାର ଭାଜପା ପାନପୋଷ ଜିଲା ସାଂଗଠନିକ ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଷ୍ଟିଲ ସିଟିର ସର୍ବାଙ୍ଗୀନ ବିକାଶ ସହ ଅପରାଧମୁକ୍ତ ସହର ପାଇଁ ଭାଜପା ସହଯୋଗ କରିବ ବୋଲି କୁହାଯାଇଥିଲା। ପ୍ରତିନିଧି ମଣ୍ଡଳୀଙ୍କ ସକାରାତ୍ମକ ଆଲୋଚନା ନେଇ ଏଡିଏମ୍ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିରେ ପୂର୍ବତନ ନଗରପାଳ ନିହାର ରାୟ, ତପନ ସ୍ୱାଇଁ, ଦିଲୀପ ଦାସ, ଭଗବାନ ରାଉତ, ଶୈଳେନ୍ଦ୍ର ମହାନ୍ତି, ପ୍ରମିଳା ଦାସ, ଜିତେନ୍ଦ୍ର ଅଗ୍ରୱାଲ, କେଦାର ମହାନ୍ତି, ବିନ୍ଦର ସିଂ, ଅଙ୍କୁଶ ବର୍ମା, ବସନ୍ତ ସାମଲ, ଭ୍ରମରବର ବେହେରା, ଦୀପକ ତିୱାରୀ, ସୂର୍ଯ୍ୟ ମହାନ୍ତି, ପଦ୍ମିନୀ ଦାସ, ଅଶୋକ ମାହାତୋ, ସସ୍ମିତା ସାହୁ ଓ ଶୁଶିଳା ଶର୍ମା ପ୍ରମୁଖ ସାମିଲ ଥିଲେ।


ନୂଆ ଏଡିଏମ୍‌ଙ୍କୁ ଭାଜପା ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରାଯାଉଛି।

# 'ଜିଲାପାଳଙ୍କ ବଦଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ'

ରାଉରକେଲା ଅଫିସ,୧୯।୨

ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର ମୀନାଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ସ୍ମାର୍ଟ ସିଟି ସିଇଓ ତଥା ରାଉରକେଲା ମହାନଗର ନିଗମ କମିଶନର ରଶ୍ମିତା ପଣ୍ଡାଙ୍କୁ ନିଯୁକ୍ତ କରାଯାଇଛି। ଅସମୟ ତଥା ଅକାରଣରେ ଜଣେ ଦକ୍ଷ ଜିଲାପାଳଙ୍କ ବଦଳି ପଛରେ ଶାସକ ଦଳର ରାଜନୈତିକ ଅଭିସନ୍ଧି ରହିଛି। ଏହା ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଶାସକ ବିଜେଡି ନିଜ ସ୍ୱାର୍ଥ ସାଧନ ପାଇଁ ଜିଲାପାଳଙ୍କୁ ବଦଳି କରିଛି। ଏହା ଦ୍ୱାରା ସୁନ୍ଦରଗଡ଼ ଆଦିବାସୀଙ୍କ ମଧ୍ୟରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ମିନା ଜିଲାର ଉନ୍ନତି ପାଇଁ ଅନେକ ଗ୍ରହଣୀୟ ପଦକ୍ଷେପ ନେଇଥିବା ବେଳେ ତାଙ୍କ ବଦଳିକୁ ଗ୍ରହଣ କରିବା ସମ୍ଭବ ନୁହେଁ। କେଉଁ କାରଣରୁ ଅଯଥା ବଦଳି ପଦକ୍ଷେପ ନିଆଗଲା ସରକାର ସେନେଇ ଜିଲାବାସୀଙ୍କୁ ଅବଗତ କରାଇବା ଉଚିତ। ଅନ୍ୟଥା ସରକାରଙ୍କୁ ଜିଲାବାସୀଙ୍କ ଅସନ୍ତୋଷର ଶିକାର ହେବାକୁ ପଡ଼ିବ ବୋଲି ତିର୍କୀ କହିଛନ୍ତି।

# ଫ୍ରାନ୍ସ ବିପକ୍ଷ ସିରିଜ୍ ଖେଳି ଫେରିଲେ ଜୁନିୟର ମହିଳା ହକି ଖେଳାଳି

ରାଉରକେଲା ଅଫିସ,୧୯।୨

ପୁଣି ଥରେ ଅନ୍ତର୍ଜାତୀୟ ହକିରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି ରାଜଗାଙ୍ଗପୁର କୁକୁଡ଼ା ପଞ୍ଚାୟତର ୩ ଜୁନିୟର ମହିଳା ଖେଳାଳି। ସେମାନେ ହେଲେ ଜୀଭନ କିଶୋରୀ ଟପ୍ପୋ, ଫିଲସିଆ ଟପୋ ଓ ଆଜମିନା କୁଜୁର। ଏମାନେ ସମସ୍ତେ ପାନପୋଷ ହକି ଛାତ୍ରାବାସ ଖେଳାଳି। ଗତ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶରେ ଫ୍ରାନ୍ସ ଜୁନିୟର (ଏ) ଦଳ ସହିତ ଖେଳିଥିବା ଭାରତୀୟ ମହିଳା ଏ ଦଳରେ ସାମିଲ ଥିଲେ ଏହି ତିନି ଖେଳାଳି। ମୋଟ ୪ଟି ମ୍ୟାଚ ଖେଳି ୩ଟିରେ ବିଜୟ ହାସଲ କରିଥିଲା ଭାରତୀୟ ଦଳ। ଓଡ଼ିଶାରୁ ଦଳରେ ୪ ଖେଳାଳି ସ୍ଥାନ ପାଇଥିବା ବେଳେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ଥିଲେ ମାରିଆନା କୁଜୁର। ଅବଶିଷ୍ଟ ୩ ଜଣ ହେଉଛନ୍ତି ରାଉରକେଲା ପାନପୋଷ କ୍ରୀଡ଼ା ଛାତ୍ରାବାସ ଖେଳାଳି। ସିରିଜ ଶେଷ ପରେ ସୋମବାର ରାତି ୯ଟାରେ ଜାମ୍ମୁତାଇ ଏକ୍ସପ୍ରେସ ଯୋଗେ ଆସି ସେମାନେ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଏହି ଅବସରରେ ତାଙ୍କୁ ପାନପୋଷ କ୍ରୀଡ଼ା ସଂଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା ଓ ଅନ୍ୟ କର୍ମକର୍ତ୍ତା ସ୍ୱାଗତ କରିବା ସହ ଛାତ୍ରାବାସ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ପୂର୍ବରୁ ଅପେକ୍ଷା କରିଥିବା ପ୍ରଶିକ୍ଷକ ତଥା ଛାତ୍ରାବାସ ମୁଖ୍ୟ ମିଲଟନ ବିଲୁଙ୍ଗ, ଅମୂଲ୍ୟ ବେହେରା, ପିଟର ସୋରେନ, କେଶବ ସ୍ୱାଇଁ ପ୍ରମୁଖ ଏହି ୩ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଭାରତୀୟ ମହିଳା ହକିରେ ସ୍ଥାନ ପାଇବାକୁ ଆମ ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ୩ ଯୁନିୟର ମହିଳା ଖେଳାଳି।




# ଯୋଗ, ପ୍ରାକୃତିକ ଚିକିତ୍ସା ଶିବିର ୨୫ରୁ

ରାଉରକେଲା ଅଫିସ,୧୯।୨

ଷ୍ଟିଲ ସିଟିରେ ଯୋଗ ଓ ପ୍ରାକୃତିକ ଚିକିତ୍ସାର ଆଦର ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଗାୟତ୍ରୀ ଯୋଗ ସାଧନା ଟ୍ରଷ୍ଟ ପରିଚାଳିତ ଉତ୍କଳ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପକ୍ଷରୁ ନିରନ୍ତର ଆୟୁର୍ବେଦ, ପଞ୍ଚକର୍ମ ଓ ଫିଜିଓଥେରାପି ଚିକିତ୍ସା ଉପରେ ଗୁରୁତ୍ୱାରୋପ କରାଯାଉଛି। ଆସନ୍ତା ୨୫ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ସ୍ୱତନ୍ତ୍ର ଚିକିତ୍ସା ଶିବିର ଆୟୋଜନ କରାଯାଇଛି। ଏହା ପ୍ରତ୍ୟେକ ସକାଳ ୬ଟା ୧୫ରୁ ସାଢ଼େ ୭ଟା ଓ ସନ୍ଧ୍ୟା ୬ରୁ ୭ଟା ଯାଏ ଖୋଲା ରହିବ। ସେକ୍ଟର-୨୦ରେ ଥିବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବାକୁ ଯାଉଥିବା ଶିବିରରେ ବହୁ ଅଭିଜ୍ଞ ଯୋଗ ପ୍ରଶିକ୍ଷକ ଓ ଆୟୁର୍ବେଦ ବିଶେଷଜ୍ଞ ଉପସ୍ଥିତ ରହି ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

No. 160-L

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
## 'କାଳିଆ ଛାତ୍ରବୃତ୍ତି' ପ୍ରଦାନ

କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

ଓଡ଼ିଶା କାଳିଆ ଯୋଜନାରେ ହିତାଧିକାରୀଙ୍କ ସନ୍ତାନସନ୍ତତି ମାନଙ୍କର ଉଚ୍ଚ ବୃତ୍ତିଗତ ଶିକ୍ଷା ଲାଭ ପାଇଁ 'କାଳିଆ ଛାତ୍ରବୃତ୍ତି' ଘୋଷଣା କରିଛନ୍ତି।

**'କାଳିଆ ଛାତ୍ରବୃତ୍ତି' ଉଦ୍ଦେଶ୍ୟ**

କୃଷକଙ୍କ ସନ୍ତାନ ସନ୍ତତିଙ୍କର ଉଚ୍ଚ ତଥା ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ ।

**'କାଳିଆ ଛାତ୍ରବୃତ୍ତି' ସହାୟତା ପାଇବା ପାଇଁ ଯୋଗ୍ୟତା**

- କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ସନ୍ତାନ ସନ୍ତତି ଯୋଗ୍ୟ ବିବେଚିତ ହେବେ।
- ସେ ରାଜ୍ୟର ସରକାରୀ ମହାବିଦ୍ୟାଳୟ / ଶିକ୍ଷାନୁଷ୍ଠାନ / ବିଶ୍ୱବିଦ୍ୟାଳୟରେ ବୃତ୍ତିଗତ ତଥା ବୈଷୟିକ ଶିକ୍ଷାରେ ସ୍ନାତକ ଏବଂ ଡିପ୍ଲୋମା ପାଠ (ନିୟମିତ ପାଠ୍ୟକ୍ରମ) ପଢୁଥିବେ ବା ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
- ସେହି ସନ୍ତାନ ସନ୍ତତି ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଦ୍ୱାରା ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପାଇ ନଥିବେ କିମ୍ବା ସେ କାଳିଆ ଛାତ୍ର ବୃତ୍ତି ଗ୍ରହଣ କରିବା ପାଇଁ ଇଚ୍ଛାବ୍ୟକ୍ତ କରିବେ।
- ସେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।

**'କାଳିଆ ଛାତ୍ରବୃତ୍ତି' ଅଧିନରେ ବୃତ୍ତିଗତ ଶିକ୍ଷା କାର୍ଯ୍ୟକ୍ରମ**

ନିମ୍ନଲିଖିତ ବୃତ୍ତିଗତ / ବୈଷୟିକ ଶିକ୍ଷା ଲାଭ ପାଇଁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ।

ରାଜ୍ୟର ଯେକୌଣସି ବୃତ୍ତିଗତ / ବୈଷୟିକ ଶିକ୍ଷା କାର୍ଯ୍ୟକ୍ରମ ଯଥା- ବି.ଇ. / ବି.ଟେକ୍. / ଏମ୍.ବି.ବି.ଏସ୍./ ବି.ଡି.ଏସ୍./ ବି.ଏଚ୍.ଏମ୍.ଏସ୍./ ବି.ଏ.ଏମ୍.ଏସ୍./ ବି.ଫାର୍ମା./ ବି.ଏସ୍.ସି. (ନର୍ସିଂ) / ବି.ଏସ୍.ସି. (ଏଗ୍ରିକଲଚର)/ ବି.ଏସ୍.ସି. (ହର୍ଟିକଲଚର)/ ବି.ଭି.ଏସ୍.ସି./ ଡିପ୍ଲୋମା/ ପଲିଟେକ୍‌ନିକ୍ ଓ ଆଇଟିଆଇ ଇତ୍ୟାଦି।

**କାଳିଆ ଛାତ୍ରବୃତ୍ତିର ପରିମାଣ**

କାଳିଆ ଛାତ୍ରବୃତ୍ତିରେ ଜଣେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କର ଉପରୋକ୍ତ ବୃତ୍ତିଗତ / ବୈଷୟିକ ଶିକ୍ଷା ପାଇଁ ଆବଶ୍ୟକ ପଡୁଥିବା ପାଠ୍ୟକ୍ରମ ଫି., ହଷ୍ଟେଲ ଫି. ତଥା ମେସ୍ ଖର୍ଚ୍ଚ ଇତ୍ୟାଦି ଅନ୍ତର୍ଭୁକ୍ତ।

**ଆବେଦନ ପଦ୍ଧତି**

କାଳିଆ ଯୋଜନା ହିତାଧିକାରୀଙ୍କ ଯେଉଁ ସନ୍ତାନ ସନ୍ତତିଙ୍କର ଉପରବର୍ଣ୍ଣିତ ଯୋଗ୍ୟତା ଥିବ ସେମାନେ **"www.kalia.co.in/scholarship"** ୱେବସାଇଟ୍‌ରେ ଉପଲବ୍ଧ ଥିବା କାଳିଆ ଛାତ୍ରବୃତ୍ତି ପୋର୍ଟାଲରେ ଅନ୍‌ଲାଇନ ଆବେଦନ ପଦ୍ଧତି ମାଧ୍ୟମରେ ଆବେଦନ କରିପାରିବେ। ସଂପୃକ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ ଛାତ୍ର/ଛାତ୍ରୀ ସମ୍ପୂର୍ଣ୍ଣ ବିବରଣୀକୁ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱୀକୃତ କରିବେ।

**କାଳିଆ ଛାତ୍ରବୃତ୍ତି ଅନ୍‌ଲାଇନ୍ ଆବେଦନ ପାଇଁ ଆବଶ୍ୟକୀୟ ତଥ୍ୟ**

- ସ୍ଥାୟୀ ବାସିନ୍ଦା ଠିକଣା
- ଶିକ୍ଷାନୁଷ୍ଠାନର ବିଷଦ ତଥ୍ୟ
- ଆବେଦନକାରୀଙ୍କ ଆଧାର କାର୍ଡ ନମ୍ବର
- ଛାତ୍ର / ଛାତ୍ରୀଙ୍କର ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ (ଛାତ୍ର / ଛାତ୍ରୀଙ୍କର ନାମ, ବ୍ୟାଙ୍କ ଜମାଖାତାର ନଂ, ଆଇ.ଏଫ୍.ସି. କୋଡ୍)
- ପିତା / ମାତାଙ୍କ ଆଧାର କାର୍ଡ ନମ୍ବର

ସ୍ୱା/-
ପ୍ରମୁଖ ଶାସନ ସଚିବ

01034/11/0094/1819

## Application for Kalia Scholarship
### Government of Odisha

କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

**A Kalia Scholarship Details**

1 District
2 Course Name
3 Duration
4 Institute Name
5 Roll No
6 Date of Admission D D M M Y Y Y Y

Affix your self attested (on the front) recent colour passport size photograph here

**B Applicant Details**

1 Applicant's Name *(As per HSC Certificate)*
2 Gender
3 Date of Birth (As per HSC Certificate) D D M M Y Y Y Y
4 Category
5 PwD Y/N
6 Aadhaar Number
7 Mobile Number
8 Alternative Mobile Number (Optional)
9 e-Mail ID
10 Are you staying in hostel? Y/N

**C Parent Information**

| | Name | Profession | Aadhaar Number | Whether Kalia Beneficiary |
|---|---|---|---|---|
| 1 Father | | | | Y/N |
| 2 Mother | | | | Y/N |

**D Permanent Address Information**

1 District
2 Block/ ULB
3 Address
4 Mobile No.
5 Pincode

**E Bank Information of Applicant**

1 Bank Name
2 Branch Name
3 Account Number
4 IFSC Number

**UNDERTAKING [Tick the appropriate option.]**

My Father/Mother is a beneficiary of Kalia Scheme. Y N
I am a recipient of any other Scholarship scheme. Y N
I am recipient of another scholarship scheme and want to switch over to Kalia Scholarship. Y N
If Yes, then provide the below details.

| Name of the Scholarship | Reference ID |
|---|---|
| | |

Submitted by me

Full Signature of Applicant
Date ________ Place ________

ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଅମରଦାଶ ମଠରେ ଅଗ୍ନି ଉତ୍ସବ

**ଭେଡ଼େନ,୧୯।୨(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମପଞ୍ଚାୟତର ଭୋଇପାଲି ଅମରଦାଶ ବାବା ମଠରେ ଦୁଇଦିନ ଧରିଚାଲିଥିବା ମାଘପୂର୍ଣ୍ଣିମା ଅଗ୍ନିଉତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ସୋମବାର ଠାରୁ ଧୂନି ପ୍ରଜ୍ୱଳନ କରି ଏଥିରେ ଘିଅ, କୌପୁନି ଆଦି ଆହୂତି ପ୍ରଦାନ କରାଯାଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ସାରା ବିଶ୍ୱର ମଙ୍ଗଳ କାମନା କରି ଅଗ୍ନି ଉତ୍ସବ ସମାପନ ହୋଇଥିଲା। ଗ୍ରାମର ଭୋଇ ବଂଶର ଦାୟାଦ ନୀଳାଞ୍ଚଳ ଭୋଇ, ଗୋପାଳ ଭୋଇ, ଚିତ୍ତରଞ୍ଜନ ଭୋଇ, କାର୍ଯ୍ୟଦକ୍ଷ ଭୋଇ ପ୍ରମୁଖ ଆହୂତି ପ୍ରଦାନ କରିଥିଲେ । ଏହି ଅବସରରେ ବଳବସପୁରର କୃଷ୍ଣଗୁରୁ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ଗାଁରେ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମ ସହ ବ୍ୟଙ୍ଗକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

### ନଳକୂପ ମରାମତି ପାଇଁ ଦାବି

**ଭେଡ଼େନ,୧୯।୨(ଡ଼ି.ଏନ.ଏ):** ଖରା ମାସ ଆରମ୍ଭ ହୋଇ ନ ଥିବାବେଳେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ବହୁ ନଳକୂପ ଅଚଳ ହୋଇପଡିଛି । ଅନେକ ନଳକୂପରୁ ବହୁକଷ୍ଟରେ ଅଳ୍ପ ପାଣି ବାହାରୁଛି । ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ଏହି ନଳକୂପଗୁଡ଼ିକର ମରାମତି କରାଯାଉଥିଲା। ନଳକୂପ ଗୁଡ଼ିକର ସାମାନ୍ୟ ମରାମତି କରିବା ପାଇଁ ପ୍ରତି ପଞ୍ଚାୟତରେ ନିଯୁକ୍ତ ଅତିରିକ୍ତ ସ୍ୱାବଲମ୍ବୀ କାରିଗର ମାନଙ୍କୁ ନାମକୁ ମାତ୍ର ପାରିଶ୍ରମିକ ଦେଇ ନିଯୁକ୍ତ କରାଯାଇଛି। ତେବେ ସେମାନେ ଜନସାଧାରଣଙ୍କ ପାଇଁ ନଳକୂପ ଗୁଡ଼ିକର ସମ୍ପୂର୍ଣ୍ଣ ମରାମତି କରିଆସୁଥିଲେ ମଧ ଉପଯୁକ୍ତ ପାରିଶ୍ରମିକ ପାଇପାରୁ ନ ଥିଲେ। ଫଳରେ ସେମାନେ ନଳକୂପଗୁଡିକର ସାଧାରଣ ମରାମତି କରିବା ପାଇଁ ମଙ୍ଗଳବାର ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ। ଏହି ଅବସରରେ ବ୍ଲକ ସ୍ୱାବଲମ୍ବୀ କାରିଗର ସଂଘ ସଭାପତି ଅଦ୍ୱୈତ କୁମାର ପଣ୍ଡା, ସମ୍ପାଦକ ଫକୀର ମୋହନ ବାଗ, ସଭ୍ୟ ଗଜାନନ ଭୁଏ, ପ୍ରାଣବନ୍ଧୁ ବାଗ, ଲବ ଦଲେଇ, ଜତୀନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ବଘାରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ହେଡ୍ କ୍ଲର୍କ ଦୟାସାଗର ମେହେର ଦାବିପତ୍ର ଗ୍ରହଣ କରିଥିଲେ ।

■ ରାଜ୍ୟସ୍ତରୀୟ ଉତ୍ତାଳଗଡ ନାଟ ମହୋତ୍ସବ ଉଦ୍‌ଘାଟିତ

# ନାଟକରେ ସମାଜ ସଂସ୍କାର ବାର୍ତ୍ତା

**ବିଜେପୁର,୧୯।୨(ଡି.ଏନ.ଏ)**

ବିଜେପୁର ବ୍ଲକ ତାଳପଦର ଗ୍ରାମରେ ଉତ୍ତାଳଗଡ ନାଟ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ତାଳଗଡ ନାଟ୍ୟ ସଂସଦ ତରଫରୁ ଖଗେଶ୍ୱର ମଣ୍ଡପରେ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ଏମ୍‌ପି ପ୍ରଭାସ ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲାଲ ବିକ୍ରମ ସିଂ, ଯୁବନେତା ସୁମିତ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମାନିନୀ ଭୋଇ, ସରପଞ୍ଚ ଦୁର୍ଲ୍ଲଭ ସେଠ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ସୁଶାନ୍ତ ରଞ୍ଜନ ପଧାନ ବାର୍ଷିକ ବିବରଣୀ ପଠନ ସହ ସମ୍ପାଦକ ଦାମୋଦର ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ନାଟ୍ୟକାର ତଥା ଅଧ୍ୟାପକ ସୁକୁମାର ଭୋଇଙ୍କୁ ଚଳିତ ବର୍ଷର ଉତ୍ତାଳଗଡ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ 'ଗର୍‌ଜି ଘୁମ୍‌ରି ଦୁଲ୍‌ଦୁଲି ବଜା ବାଜ୍‌ଲା ଭର୍‌ନି ପାର୍...ରୁ ଆରମ୍ଭ ହୋଇଥିଲା ନାଟକ କାର୍ଯ୍ୟକ୍ରମ। ପଦ୍ମଶ୍ରୀ ଡ. ହଳଧର ନାଗଙ୍କ ରଚିତ କାବ୍ୟ ସିରି ସମଲେଇକୁ ନୃତ୍ୟ ନାଟିକା ରୂପରେ କଳାକାରମାନେ ପରିବେଷଣ କରିଥିଲେ। ଏହାପରେ ରାଜକୁମାର ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ 'କୁନ୍ଦୁଲି ରାଏଜର୍ ଝିଂ'କୁ ସଚେତନ ହେମା, ଢୋଲବନ୍ଧର କଳାକାରମାନେଁ ପରିବେଷଣ କରିଥିଲେ । ନାରୀ ଅବଳା କି ଦୁର୍ବଳା ନୁହେଁ ବୋଲି ଡିଣ୍ଡିମ ପିଟୁଥିବା ସାମାଜିକ ଓ ସରକାରୀ ବ୍ୟବସ୍ଥା କୁନ୍ଦୁଲି ରାଜ୍ୟର ଝିଅ ରଜନୀ ଆଗରେ ପ୍ରହସନ ପାଲଟିଯାଏ । ନାରୀ ସୁରକ୍ଷାରେ ପ୍ରଶ୍ନବାଚୀ ତିଆରି ହୁଏ । ଏହାସତ୍ତ୍ୱେ ହାରିବା ଅପେକ୍ଷା ବଞ୍ଚିବା ସଂଗ୍ରାମର ବାର୍ତ୍ତା ଭଳି ଚେତନାଗତ ବିଷୟବସ୍ତୁକୁ ନେଇ ନାଟକ ଗତିଶୀଳ ହୋଇଥିଲା । ଦ୍ୱିତୀୟରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ପଦ୍ମପୁର 'ଲୁ'ର କଳାକାରମାନେ 'ଧାନଫୁଲ' ନାଟକ ପରିବେଷଣ କରିଥିଲେ । ପାଶ୍ଚାତ୍ୟ ନାଟ୍ୟ ଶୈଳୀ ସହିତ ସମକକ୍ଷ ହେବା ନିମନ୍ତେ କଥାକାର ପ୍ରଶାସକ ହୃଷିକେଶ ପଣ୍ଡାଙ୍କ କାହାଣୀକୁ ନେଇ ଏହି ପ୍ରତୀକଧର୍ମୀ ନାଟକ ଏକ ସଫଳ ଐତିହାସିକ ପଦକ୍ଷେପ। ତୃତୀୟ ନାଟକ 'ଚଷମା'କୁ ପରିବେଷଣ କରିଥିଲେ ଉତ୍ତାଳଗଡ ନାଟ୍ୟ ସଂସଦର କଳାକାରମାନେ । ଏହାକୁ ରାଜେଶ କାରିଆ ରଚନା କରିଥିବା ବେଳେ ବିବେକାନନ୍ଦ ପଧାନ ନିର୍ଦ୍ଦେଶନା ଦେଇଥିଲେ । ସୋମନାଥ ପଧାନ, ଉମାକାନ୍ତ ମିଶ୍ର, ହୃଦମଣି ସାହୁ, କ୍ଷିତିପତି ରଣା, ଗଜାନନ ସାହୁ, ବିବେକାନନ୍ଦ ପଧାନ, ବିକ୍ରମାଦିତ୍ୟ ପଧାନ, ଗୋଦାବରି ପଧାନ, ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ସତ୍ୟପ୍ରକାଶ ସାହୁ, ଅନାଦି ନନ୍ଦନ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ର ପରିଚାଳନା ଓ ବାସୁଦେବ ପଧାନ ପୌରୋହିତ୍ୟ କରିଥିଲେ ।

# ଏସ୍‌ଡିସିସି ବ୍ୟାଙ୍କରେ ତାଲା ପକାଇଲେ ଚାଷୀ

**ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ**




ଚାଷୀମାନେ ଏସ୍‌ଡିସିସି ବ୍ୟାଙ୍କରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଜାମଟିକ୍ରା, ୧୯।୨ (ଡି.ଏନ.ଏ)**

ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ ପ୍ରତିବାଦରେ ଅତାବିରା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କରେ ମଙ୍ଗଳବାର ଚାଷୀମାନେ ତାଲା ପକାଇ ଦେଇଛନ୍ତି। ଯଦି ବୀମା ଟଙ୍କା ନ ଦେଇ ବ୍ୟାଙ୍କ ଖୋଲାଯାଏ ତେବେ ଅଞ୍ଚଳର ଚାଷୀ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ କୁହାଯାଇଛି । ବୀମା ଟଙ୍କା ନପାଇବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବିଗତ ୨୦୧୭ ମସିହା ଖରିଫ ଫସଲରେ ବରଗଡ ଜିଲାର ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିଲେ । ନ୍ୟାଶନାଲ ବୀମା କମ୍ପାନୀ ଫସଲବୀମା ନୀୟମାବଳି ଏବଂ ସରକାରଙ୍କ ହାଇପାୱାର କମିଟିର ଆଦେଶକୁ ଅମାନ୍ୟ କରି ବିଭିନ୍ନ ଆଳ ଦେଖାଇ ଅନେକ ଗ୍ରାମପଞ୍ଚାୟତ ଅଧୀନ ଚାଷୀମାନଙ୍କର ବକେୟା ଫସଲ ବୀମା ଦେୟ ପଇଠ କରିନାହାନ୍ତି । ତେଣୁ ଉକ୍ତ ଅଞ୍ଚଳର ଚାଷୀମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ ସଦୃଶ ସମ୍ବଲପୁର ସ୍ଥିତ ନ୍ୟାଶନାଲ ବୀମା କମ୍ପାନୀ ଅଫିସରେ ତାଲା ପକାଇଛନ୍ତି । ଫସଲ କ୍ଷତି ହେବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନେ ଫସଲବୀମା ରାଶି ପାଇନାହାନ୍ତି। ଏଥିରେ ଅତାବିରା ବ୍ଲକ କୃଷକ ସଙ୍ଗଠନର ସଭାପତି ଟିକେଲାଲ ମିଶ୍ର, ସମ୍ପାଦକ ଚୈତନ୍ୟ କର୍ଣ୍ଣ, ଭୀଷ୍ମଦେବ ପଣ୍ଡା, ଦଶରଥ ଭୋଇ, ଆନନ୍ଦ ଜାଲ, ହିମାଂଶୁ ପଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ ।

■ କ୍ୟାନସର ହସ୍‌ପିଟାଲ ଦାବି ପ୍ରସଙ୍ଗ

# ୨୧ରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା



ଖବରଦାତା ସମ୍ମିଳନୀରେ ଫୋରମର କର୍ମକର୍ତ୍ତାମାନେ ।

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ରେ କ୍ୟାନସର ହସପିଟାଲ ଦାବି ଜୋର୍ ଧରିଛି । ସ୍ଥାନୀୟ ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ଏଟ୍ ବରଗଡ଼ ଏହି ଦାବି ନେଇ ଗତ ମାସରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲା ଏବଂ ସେତେବେଳେ ମୁଖ୍ୟମନ୍ତ୍ରୀ ସେହି ଦାବିକୁ ବିଚାରକୁ ନେବେ ବୋଲି କହିଥିଲେ। ଦୁଇଦିନ ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ମାସେ ପୂରିଯିବ । ମାତ୍ର ସେମାନଙ୍କ ଦାବି ନେଇ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଟାଟା ଟ୍ରଷ୍ଟ ସହିତ ଏମଓୟୁ ସ୍ୱାକ୍ଷରିତ କ୍ୟାନସର ହସପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ ପାଇଁ ବାରଙ୍ଗରେ ଶିଳାନ୍ୟାସ କରାଯିବା ବିଡ଼ମ୍ବନାର ବିଷୟ ବୋଲି ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଫୋରମର କର୍ମକର୍ତ୍ତାମାନେ କହିଥିଲେ । ସେମାନଙ୍କ ଦାବି ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅଣଦେଖା ମନୋଭାବ ତଥା ଦାବିକୁ ଦୃଢ଼ କରିବା ସକାଶେ ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲା ସୋହେଲା ବ୍ଲକ ଇଚ୍ଛାପାଲି ଗସ୍ତରେ ଆସୁଥିବାବେଳେ ସେହିଦିନ ଫୋରମ ପକ୍ଷରୁ ବରଗଡ଼ ଗାନ୍ଧିଛକସ୍ଥିତ ଗାନ୍ଧୀମୂର୍ତ୍ତି ତଳେ ନିରବ ଧାରଣା ଦିଆଯିବ ବୋଲି ଫୋରମର ଆବାହକ ପ୍ରଦୀପ ଦେବତା ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ଅଶ୍ୱିନୀ ଦର୍ଜୀ, ପ୍ରତାପ ନାଏକ, ଦିପକ ରଥ, କମଳ ଯୋଶୀ, ଅଭିଜିତ୍ ପ୍ରତିହାର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ଟାଟା ଟ୍ରଷ୍ଟ ପକ୍ଷରୁ ହେଉଥିବା କ୍ୟାନସର ହସପିଟାଲ ଓ ଗବେଷଣା କେନ୍ଦ୍ରର ଏଲ୍-୨ ସେଣ୍ଟର ବରଗଡ଼ରେ କରାଯିବ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି ।

ଅମ୍ବାଭୋନା ପଞ୍ଚାୟତ ସମିତି ବୈଠକ

# ଅଧା ସଦସ୍ୟ ଆସିଲେନି

**ଅମ୍ବାଭୋନା, ୧୯।୨ (ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୧୫ଟି ଗ୍ରାମପଞ୍ଚାୟତରୁ ମାତ୍ର ୧୨ଜଣ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। କେବଳ କୋରମ ଛୁଇଁବାରୁ ସମିତି ସଭ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ସମ୍ବଳିତ କୌଣସି ପ୍ରକାରର ଆଖିଦୃଶିଆ ଆଲୋଚନା ହୋଇ ନ ଥିଲା । ଅମ୍ବାଭୋନା ବ୍ଲକର ଦୁଇ ଜଣ ଜିଲା ପରିଷଦ ସଭ୍ୟ ମଧ୍ୟରୁ କେବଳ ଔପଚାରିକ ଦୃଷ୍ଟିରୁ ଡୁଙ୍ଗୁରୀ ଜୋନ ସଦସ୍ୟ ସାର ପଧାନ ବୈଠକରେ ଯୋଗ ଦେଇଥିଲେ । ପରେ ସବୁ ସରକାରୀ କାର୍ଯ୍ୟକ୍ରମ ନେଇ ତାଙ୍କୁ କୌଣସି ସୂଚନା ଦିଆଯାଉ ନ ଥିବା ଅଭିଯୋଗ କରି ସେ ସମିତି ବୈଠକ ବର୍ଜନ କରିଥିଲେ । ବ୍ଲକ ପ୍ରଶାସନ ତରଫରୁ ଏ ନେଇ କୌଣସି ସନ୍ତୋଷ ଜନକ ଉତ୍ତର ମଧ ଦିଆଯାଇ ନ ଥିଲା । ବୈଠକରେ ବ୍ଲକ ଅଧକ୍ଷା ନୀଳ କୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ଏବିଡିଓ ପ୍ରିତେଶ ଦୋରା, ଡା. ଦୁର୍ଗା ପ୍ରସାଦ ଦାସ, ସହାୟକ ଯନ୍ତ୍ରୀ ରଶ୍ମିତା ନାଏକ ଏବଂ ଜିପିଇଓ ବିଦ୍ୟାଧର ବଡପଣ୍ଡା ମଞ୍ଚାସୀନ ଥିଲେ ।

# ମାଘମେଳା ଉଦ୍‌ଯାପିତ



ମାଘ ମେଳା ପାଇଁ ଗଣେଶ ଘାଟରୁ ଜଳପୂର୍ଣ୍ଣ କଳସ ନିଆଯାଉଛି ।

**ପାଇକମାଲ,୧୯।୨(ଡି.ଏନ.ଏ)**

ପାଇକମାଲର ନୃସିହଂନାଥ ମନ୍ଦିର ଯଜ୍ଞମଣ୍ଡପଠାରେ ଦୁଇଦିନ ଧରି ଚାଲିଥିବା ମାଘମେଳା ମଙ୍ଗଳବାର ପୂର୍ଣ୍ଣାହୂତି ପରେ ଉଦ୍‌ଯାପିତ ହୋଇଛି । ଏହି ଉପଲକ୍ଷେ ସୋମବାର ମହିଳାମାନେ ଗଣେଶ ଘାଟରୁ ୧୦୮ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ସ୍ଥାପନ କରାଯାଇଥିଲା । ମନ୍ଦିର ସଭାପତି ବିଡିଓ ସଦାଶିବ ନାୟକ ଓ ତାଙ୍କର ସ୍ତ୍ରୀ ସରସ୍ୱତୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସମୀକ୍ଷା ନାୟକ ପୂଜାରେ ସାହାଯ୍ୟ କରିଥିବା ବେଳେ ପଣ୍ଡିତ ଡିଗ୍ରୀଧର ଦେବତା ହୋମଯଜ୍ଞ କରିଥିଲେ । ଏଥିରେ ବିଭିନ୍ନ ଅଞ୍ଚଳର ସଙ୍କୀର୍ତ୍ତନ ଦଳ ଏବଂ ଶହ ଶହ ଭକ୍ତ ଅଂଶଗ୍ରହଣ କରିଥିଲେ । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା, ଜେକି ସରାପ, ବିଶ୍ୱମ୍ବର ମୁଣ୍ଡା, ଦିଲୀପ ପ୍ରଧାନ, ସତ୍ୟ ପୁରୋହିତ, କୃଷ୍ଣ ସାହୁ, ଚିତ୍ତ ସରାପ ସହଯୋଗ କରିଥିଲେ ।

# ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଇରାସିସଙ୍କ ଜାମିନ ମଞ୍ଜୁର ନେଇ ଚର୍ଚ୍ଚା

**ବରଗଡ଼ ଅଫିସ୍,୧୯।୨**

ବରଗଡ଼ ଜିଲା ଭଟଲି ଥାନା କୁସନପୁରୀ ଗ୍ରାମରେ ଗତ ଜୁନ୍ ୧ତାରିଖରେ ସଂଘଟିତ ଗୁଳିକାଣ୍ଡ ମାମଲାରେ ଗିରଫ ହୋଇ ବରଗଡ଼ ସବ୍‌ଜେଲରେ ଥିବା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଇରାସିସ ଆଚାର୍ଯ୍ୟଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଜାମିନ ମିଳିଥିବା ନେଇ ଚର୍ଚ୍ଚା ଚାଲିଛି । ଜାମିନ ମଞ୍ଜୁର ଖବର ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ସେହିପରି ସୁପ୍ରିମକୋର୍ଟରେ ଇରାସିସ୍‌ଙ୍କୁ ଜାମିନ ମିଳିଛି ଏବଂ ଦିନେ ଦୁଇଦିନ ମଧ୍ୟରେ ଜାମିନ ଅର୍ଡ଼ର କପି ମିଳିଯିବ ବୋଲି ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି। ଜାମିନ ଖବର ପ୍ରଘଟ ହେବା ପରେ ଇରାସିସ୍‌ଙ୍କ ସମର୍ଥକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି । ପ୍ରକାଶଥାଉକି, ଗତବର୍ଷ ଜୁନ ୧ତାରିଖରେ ଇରାସିସଙ୍କ ଘରେ ଗୁଳିକାଣ୍ଡ ଘଟିଥିଲା । ଏହି ଗୁଳିକାଣ୍ଡରେ ସେତେବେଳେ ସୋହେଲାର ନାରାୟଣ ସତନାମୀ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଉକ୍ତ ଘଟଣାରେ ପୂର୍ବରୁ ଦୁଇ ଅଭିଯୁକ୍ତ ସୋହେଲାର ବବ୍‌ଲୁ ନାଗ ଓ ପ୍ରମୋଦ ପୋଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଗତ ବର୍ଷ ଜୁଲାଇ ୨୬ତାରିଖରେ ଇରାସିସଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଥିଲା ଏବଂ ସେହିଦିନଠାରୁ ଇରାସିସ୍ ବରଗଡ଼ ସବଜେଲରେ ଅଛନ୍ତି । ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଇରାସିସ୍ ଭାଜପାର ଆଶାୟୀଙ୍କ ମଧ୍ୟରୁ ଆଗଧାଡ଼ିରେ ରହିଥିବାବେଳେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ତାଙ୍କୁ ଜାମିନ ମିଳିଥିବାରୁ ସମର୍ଥକମାନେ ଉତ୍ସାହିତ ହୋଇ ପଡ଼ିଥିବା ପରିଲକ୍ଷିତ ହୋଇଛି ।

# ଦୁର୍ନୀତି ଲୋପ ପାଇଁ ସୂଚନା ଅଧିକାର ଏକମାତ୍ର ପନ୍ଥା

**ଗାଇସିଲେଟ,୧୯।୨(ଡି.ଏନ.ଏ)**

ଓଡିଶା ସୂଚନା ଅଧିକାର ଅଭିଯାନ ଆହ୍ୱାନରେ ଦୁର୍ନୀତିମୁକ୍ତ ରାଜ୍ୟ ଗଠନ ସକାଶେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ବରଗଡ଼ ଜିଲା ଗାଇସିଲେଟ ବ୍ଲକ ସାମ୍ନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅଧିକାର ଅଭିଯାନର ଗାଇସିଲେଟ ବ୍ଲକ ଆବାହକ ଅଶୋକ କୁମାର କଲେତ, ବିଜେପୁର ବ୍ଲକ ଆବାହକ ସୁଶାନ୍ତ କୁମାର ଗର୍ତିଆ ପ୍ରମୁଖ ଯୋଗଦେଇ ଦୁର୍ନୀତି ଲୋପ ପାଇଁ ସୂଚନା ଅଧିକାର ଏକମାତ୍ର ପନ୍ଥା ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଅଞ୍ଚଳର ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ । ସଚେତନ ନାଗରିକ କମିଟି ସଭ୍ୟ ଅରବିନ୍ଦ ପଣ୍ଡା ଉପସ୍ଥିତ ଥିଲେ ।



ଗାଇସିଲେଟ ବ୍ଲକ ଅଫିସ୍ ଆଗରେ ସୂଚନା ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମ ଚାଲିଛି ।

■ ଦିନକ ପରେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

# ୨୦୩୬କୋଟି ଟଙ୍କାର ପ୍ରକଳ୍ପର ହେବ ଶିଳାନ୍ୟାସ, ଉଦ୍‌ଘାଟନ

**ବରଗଡ଼ ଅଫିସ୍,୧୯।୨**




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡ଼ି ନେତୃବୃନ୍ଦ ।

ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସୁଛନ୍ତି । ସେ ତାଙ୍କ ଏହି ଗସ୍ତରେ ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ଇଚ୍ଛାପାଲିରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ଏହା ସହିତ ଜିଲାର ବିକାଶ ପାଇଁ ୨୦୩୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବିଜେଡ଼ି ରାଜ୍ୟ ଉପସଭାପତି ତଥା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଏହି ସୂଚନା ଦେଇଛନ୍ତି । ସେ କହିଥିଲେ, ମୁଖ୍ୟମନ୍ତ୍ରୀ ଯେତେବେଳେ ଯାହା କହିଛନ୍ତି, ତାହା କାମରେ ଦେଖାଇ ଆସୁଛନ୍ତି । ଏହି କ୍ରମରେ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏଠାକାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରିବାକୁ ଆସୁଛନ୍ତି । ସେହିପରି ସଭାମଞ୍ଚରେ କୌଣସି ଦଳୀୟ ନେତା ରହିବେ ନାହିଁ, କେବଳ ମୁଖ୍ୟମନ୍ତ୍ରୀ ଏବଂ ଚାଷୀ, ଅଞ୍ଚଳର କିଛି ସାହିତ୍ୟିକ, କବି ମଞ୍ଚାସୀନ ହେବେ । ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ମଧ ମତ ରଖିଥିଲେ । ମୁଖ୍ୟମନ୍ତ୍ରୀ ଗତ ବିଜେପୁର ଉପନିର୍ବାଚନ ସମୟରେ ଅଞ୍ଚଳର ଚାଷ, ଚାଷୀଙ୍କ ବିକାଶ ପାଇଁ ଗଙ୍ଗାଧର ଜଳସେଚନ ପ୍ରକଳ୍ପ ସମେତ ବିଭିନ୍ନ ପ୍ରକଳ୍ପର ଘୋଷଣା କରିଥିଲେ। ଏହି ପ୍ରକଳ୍ପ ସମେତ ଆହୁରି ଅନେକ ପ୍ରକଳ୍ପ ନେଇ ସେ ଏଠାକୁ ଆସୁଥିବା ସିଂ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି କାର୍ଯ୍ୟକ୍ରମରେ ବରଗଡ଼ ସମେତ ପଡ଼ୋଶୀ ୫ଟି ଜିଲାର ଦେଢ଼ଲକ୍ଷ ଲୋକଙ୍କ ସମାଗମ ହେବ ବୋଲି ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ ।

ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ, ଉଦଘାଟନ ଉପରେ ବିସ୍ତୃତ ସୂଚନା ଦେଇଥିଲେ । ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ୧୩୪୦କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ଏବଂ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଦ୍ମଶ୍ରୀ ହଳଧର ନାଗ କୋସଲି/ସମ୍ବଲପୁରୀ ସାହିତ୍ୟ ଗବେଷଣା କେନ୍ଦ୍ରର ଶିଳାନ୍ୟାସ, ୪୫୫କୋଟି ୬୬କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସୋହେଲା-ନୂଆପଡ଼ା ବିଜୁ ଏକ୍ସପ୍ରେସ ୱେର ଉଦଘାଟନ କରିବେ ବୋଲି ଆଚାର୍ଯ୍ୟ ସୂଚନା ଦେଇଥିଲେ । ଏହା ସହିତ ବରଗଡ଼ ବ୍ଲକ ପାଇଁ ସମବାୟ ବିଭାଗରୁ ୬ କୋଟି ୯୬ଲକ୍ଷ ୬୫ହଜାର, କୃଷି ବିଭାଗ ପକ୍ଷରୁ ସୋହେଲା ବ୍ଲକ ପାଇଁ ୫୦ଲକ୍ଷ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବରଗଡ଼ ପଞ୍ଚାୟତ କଲେଜ ଗାର୍ଲସ୍ ହଷ୍ଟେଲ ପାଇଁ ୫କୋଟି ୬୫ଲକ୍ଷ, ବରଗଡ଼-ଭେଡ଼େନ କେନାଲ ରାସ୍ତା ପାଇଁ ୨୫୦୦କୋଟି, ବରଗଡ଼ ବିକାଶ ସ୍କୁଲରୁ ହଳଦୀପାଲି ପର୍ଯ୍ୟନ୍ତ ସହର ମୁଖ୍ୟରାସ୍ତାକୁ ୨ଲେନ କରିବା ପାଇଁ ୨୩କୋଟି ୧୧ଲକ୍ଷ ୮୨ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିବେ ବୋଲି ସୂଚନା ଦିଆଯାଇଥିଲା । ତେବେ ଆସନ୍ତା ୨୬ କିମ୍ବା ୨୭ତାରିଖରେ ବରଗଡ଼ ସହର ଉପକଣ୍ଠ ବରଗାଁରେ ନିର୍ମିତ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ ଏବଂ ଖେଦାପାଲିରେ ନିର୍ମିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିବେ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ ।

ସେହିପରି ଅମ୍ବାଭୋନା ଓ ଭଟଲି ବ୍ଲକରେ ଶକ୍ତି ବିଭାଗରୁ ୧୮କୋଟି ୭୨ଲକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପଦ୍ମପୁର ଓ ବରପାଲି ବ୍ଲକ ପାଇଁ ୧୬କୋଟି ୮୭ଲକ୍ଷ ୪୨ହଜାର ଟଙ୍କା, ବରପାଲି, ଅତାବିରା ଓ ବିଜେପୁର ଆହାର କେନ୍ଦ୍ର ପାଇଁ ୭୪ଲକ୍ଷ, ଆରଡବ୍ଲୁଏସଏସ ବିଭାଗରୁ ଅତାବିରା ଓ ସୋହେଲା ପାଇଁ ୧କୋଟି ୨୭ଲକ୍ଷ ୬୦ ହଜାର, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅମ୍ବାଭୋନା, ଭେଡ଼େନ ଓ ଝାରବନ୍ଧ ବ୍ଲକ ପାଇଁ ୬୫କୋଟି ୪୫ଲକ୍ଷ ୧୯ହଜାର ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ ବୋଲି ସୂଚନା ଦିଆଯାଇଥିଲା ।

## ସଂକ୍ଷେପରେ

### ଗୁଜାପାହାଡ ମାଘମେଳା ଉଦ୍‌ଯାପିତ

ଲଖନପୁର,୧୯।୨(ଡି.ଏନ୍.ଏ.): ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ତିଲିଆ ପଞ୍ଚାୟତ ଅଧୀନ ହୀରାକୁଦ ଜଳଭଣ୍ଡାର ନିକଟ ଐତିହାସିକ ଗୁଜାପାହାଡରେ ମଙ୍ଗଳବାର ମାଘମେଳା ସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ସାଧୁସନ୍ଥମାନେ ଯୋଗ ଦେଇଥିଲେ। ନିମାଇଁ ମାଝି, ରୀନା ମାଝ, ଲିଙ୍ଗରାଜ ସାହୁ, ପଦ୍ମାଳୟା ସାହୁ, ଚତୁର୍ଭୁଜ ଭୋଇ, ଚତୁର୍ଭୁଜ ବଢେଇ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ବନହରପାଲି ଥାନା ଓ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ୍ ତରଫରସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଆୟୋଜକ ଚେନତା ସିଦ୍ଧବାବା ଆଶ୍ରମ କମିଟିର ତରୁଣ ବାରିକ, ଜୟପ୍ରକାଶ ସାହୁ, ଗିରିଶଚନ୍ଦ୍ର ରାଉତ, ଜୟରାମ ଗନିକ, ଭଗବାନ ସାହୁ, ଚକ୍ରଧର ଗନିକ, ନାରାୟଣ ସାହୁ, ତତ୍ୱ ବଗର୍ତି, ବୁଦ୍ଧୁ ବଗର୍ତି, ଘନଶ୍ୟାମ ସା, ସୁକଦେବ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୨ ଗୁରୁତର

କୋଲାବିରା,୧୯।୨(ଡି.ଏନ.ଏ.): କୋଲାବିରା ଥାନା ଅନ୍ତର୍ଗତ ସୋଢାମାଲ ଭେଡନ ବ୍ରିଜ ନିକଟ ଅମନାପାଲିକୁ ଯାଇଥିବା ରାସ୍ତାର ଗଣାବୁରେଇ ନିକଟ ବୁଲାଣିରେ ମଙ୍ଗଳବାର ରାତିରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଫଳରେ ଉଭୟ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଜଣେ ହେଲେ ସମ୍ବଲପୁର ଜିଲା ଜମନକିରା ଗ୍ରାମର ଶ୍ରୀକର ସାହୁ ଏବଂ ଅନ୍ୟ ଜଣେ ଝାରସୁଗୁଡା କାତିକେଲାର ମୁକେଶ ଘୁଘରା। ଏମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠା ଯାଇଛି।

### ୮ ପ୍ରକଳ୍ପ ପାଇଁ ୧୨୦୦ କୋଟିର ପୁଞ୍ଜିନିବେଶ

ଭୁବନେଶ୍ୱର,୧୯।୨(ବ୍ୟୁରୋ): ରାଜ୍ୟରେ ୮ଟି ପ୍ରକଳ୍ପ ଜରିଆରେ ୧୨୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଏହି ସମସ୍ତ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ କମିଟିର ଅନୁମୋଦନ ମିଳିଛି। ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୫୧୬୨ ବ୍ୟକ୍ତିବିଶେଷଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବାଳୟରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ରହିଛି-ଡାଉନ୍‌ଷ୍ଟ୍ରିମ୍ ଷ୍ଟିଲ୍ ଏବଂ ଆଲୁମିନିୟମ, ଫୁଡ୍ ପ୍ରୋସେସିଂଙ୍ଗ୍, ଆତିଥ୍ୟତା, ଆଇରନ୍ ଏବଂ ଷ୍ଟିଲ, ପ୍ଲାଷ୍ଟିକ ପାଇପ ଏବଂ ଫିଟିଙ୍ଗ୍ ସାମଗ୍ରୀ। ଆଦିତ୍ୟ ବିର୍ଲା ଫ୍ୟାସନ୍ ରିଟେଲ ଲିଃ ୧୧୪ କୋଟି ପୁଞ୍ଜିନିବେଶରେ ୨୭୫୦ ନିଯୁକ୍ତି ସୁଯୋଗ, ଜେମିନି ଏଡିବଲ୍ ଏଣ୍ଡ ଫ୍ୟାଟ୍ସ ଅଫ୍ ଇଣ୍ଡିଆ ୩ କୋଟି ପୁଞ୍ଜିନିବେଶରେ ୫୨୫ ନିଯୁକ୍ତି ସୁଯୋଗର ଲକ୍ଷ୍ୟ ରଖିଛି। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍‌ଏଲ୍‌ଆର ୬୧.୫ କୋଟିରେ ୩୫, କୁର୍ଲନ ୬୫ କୋଟିରେ ୩୫, ସ୍ୱସ୍ତି ଗ୍ରୁପ୍ ୬୪.୫୮ କୋଟିରେ ୨୨୦, ଆଷ୍ଟ୍ରଲ ପଲିଟେକନିକ୍ ୧ ୯.୮୧ କୋଟିରେ ୨୫୦ ଅଗ୍ରସେନ୍ ସ୍ପଞ୍ଜ ୧୯୮.୫୭ କୋଟିରେ ୪୬୧ ଏବଂ ଶ୍ରୀହରି ସ୍ପଞ୍ଜ ପ୍ରାଇଭେଟ୍ ଲିଃ ୨୮୪ କୋଟି ୨୫୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗର ଲକ୍ଷ୍ୟ ରଖିଛି।

■ଦକ୍ଷିଣ-ପୂର୍ବ ଏସିଆର ପ୍ରଥମ

# ଆଲୁମିନିୟମ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ଶିଳାନ୍ୟାସ

ଝାରସୁଗୁଡ଼ା ଅଫିସ,୧୯।୨

ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବାକୁ ଥିବା ରୁନାୟା ରିଫାଇନିଂ ପ୍ଲାଣ୍ଟର ମଙ୍ଗଳବାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ୬୪ କୋଟି ୪୩ ଲକ୍ଷ ଟଙ୍କାର ଏହି ଆଲୁମିନିୟମ୍ ବର୍ଜ୍ୟ ପ୍ରକ୍ରିୟାକରଣ କାରଖାନାର ଶିଳାନ୍ୟାସ କରିଛନ୍ତି। ରୁନାୟା ରିଫାଇନିଂରେ ବେଦାନ୍ତ ଆଲୁମିନିୟମରୁ ନିର୍ଗତ ଆଲୁମିନିୟମ ବର୍ଜ୍ୟର ପୁନଃ ପ୍ରକ୍ରିୟାକରଣ ହୋଇ ବ୍ୟବହାର ଉପଯୋଗୀ କରାଯିବ। ସେଥିରୁ ପ୍ରସ୍ତୁତ ଉତ୍ପାଦ ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ଇସ୍ପାତ ଶିଳ୍ପରେ ବ୍ୟବହୃତ ହେବ। ରୁନାୟା ରିଫାଇନିଂ କାର୍ଯ୍ୟକ୍ଷମ ହେବା ଦ୍ୱାରା ଆଲୁମିନିୟମ ସ୍ମେଲ୍ଟରରୁ ନିର୍ଗତ ଅବ୍ୟବହୃତ ଡ୍ରସ୍ (ବର୍ଜ୍ୟ) ଉପଯୋଗ ହେବ। ଏହି ଶିଳ୍ପ ଜିରୋ ୱେଷ୍ଟ ଏବଂ ଜିରୋ ଡିସ୍‌ଚାର୍ଜେବଲ୍ ହୋଇଥିବାରୁ ପରିବେଶ ଉପଯୋଗୀ ସାବ୍ୟସ୍ତ ହେବ। ଏଥିରେ ବ୍ୟବହୃତ ବୈଷୟିକ ଜ୍ଞାନକୌଶଳ ଦକ୍ଷିଣ-ପୂର୍ବ ଏସିଆରେ ପ୍ରଥମଥର ବ୍ୟବହାର ହେଉଥିବା କମ୍ପାନୀ ସୂଚନା ଦେଇଛି।

ଏହି ଶିଳାନ୍ୟାସ ଅବସରରେ ରୁନାୟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ୟ ଅଗ୍ରୱାଲ ଯୋଗଦେଇ କହିଲେ, ରୁନାୟା ରିଫାଇନିଂ ଆଲୁମିନିୟମ ଶିଳ୍ପକୁ ସଷ୍ଟେନେବଲ ଏବଂ ଇନୋଭେଟିଭ୍ ସଲ୍ୟୁଶନ୍ ଯୋଗାଇବ। ଫଳରେ ଆଲୁମିନିୟମ ଶିଳ୍ପର ବିକାଶ ନିଶ୍ଚିତ ହେବ। ଏହି ରିଫାଇନେରି ପ୍ଲାଣ୍ଟରେ ବାର୍ଷିକ ୩୦ ହଜାର ଟନ୍ ଆଲୁମିନିୟମ ବର୍ଜ୍ୟ ପ୍ରକ୍ରିୟାକରଣ ହେବ। ଯେଉଁଥିରେ ୧୭୫ ଜଣ ନିଯୁକ୍ତି ସୁଯୋଗ ପାଇବେ। ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ଦାସ, ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ବେଦାନ୍ତ ସିଇଓ ଅଭିଜିତ ପତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ।



ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଅତିଥି।

# ସୁରକ୍ଷା ପାଇଁ ଗଠନ ହେବ ପରିବେଶ ସେନା

ଝାରସୁଗୁଡା ଅଫିସ,୧୯।୨

ଜିଲା ପରିବେଶ ସମିତି ପକ୍ଷରୁ ପରିବେଶ ବଞ୍ଚାଅ ଶୋଭାଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଫେବ୍ରୁୟାରୀ ୨୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୧ରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡା, ଲଇକେରା, କୋଲାବିରା ଏବଂ କିର୍ମିରା ବ୍ଲକ୍ ଭ୍ରମଣ କରିବ। ଦ୍ୱିତୀୟ ପର୍ଯ୍ୟାୟରେ ଲଖନପୁର ବ୍ଲକର ୩୩ଟି ପଞ୍ଚାୟତ ଭ୍ରମଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେବ। ପ୍ରତି ପଞ୍ଚାୟତର ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ ସହ ପ୍ଲାଷ୍ଟିକ ବର୍ଜନ, ବିଜୁଳି ସଂରକ୍ଷଣ ଜନିତ ବାର୍ତ୍ତା ଦିଆଯିବ। ସେହିପରି ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ପରିବେଶ ସେନା ଗଠନ ହେବ ବୋଲି ଅଭିଯାନର ମୁଖ୍ୟ ପ୍ରଫେସର ଧ୍ରୁବରାଜ ନାଏକ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପ୍ରତି ସ୍କୁଲସ୍ତରରେ ସରକାର ପରିବେଶ ବଞ୍ଚାଅ ସମିତି ଗଠନ କରିବାକୁ ପ୍ରଫେସର ଟହଲୁ ସାହୁ ଅନୁରୋଧ କରିଛନ୍ତି। ତେବେ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ବରିଷ୍ଠ ନାଗରିକ ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ତାପସ ରାୟ ଚୌଧୁରୀ, ନରେଶ ନାଏକ, ପ୍ରହଲ୍ଲାଦ ନାଏକ ଡମ୍ବରୁଧର ପୂଜାରୀ ପ୍ରଜ୍ୱଳ ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି


କୋଲାବିରା ଅଞ୍ଚଳରେ ଶହୀଦ ଯବାନଙ୍କ ପାଇଁ ଶୋଭାଯାତ୍ରା ବାହାରିଛି।

କିର୍ମିରା,୧୯।୨(ଡି.ଏନ.ଏ.)

ଝାରସୁଗୁଡା ଜିଲା ଅନ୍ତର୍ଗତ କିର୍ମିରା, ବାଗଡିହି, ଅର୍ଡା, ଚମ୍ପାପଡା ଗ୍ରାମରେ ପୁଲୱାମାର ଶହୀଦ ଯବାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ବାଗଡିହିରେ ସମସ୍ତ ଦୋକାନବଜାର ବନ୍ଦଥିବା ବେଳେ ଗ୍ରାମବାସୀ ରାଲି କରି ପାକିସ୍ତାନ ବିରୋଧୀ ନାରା ଦେଇ ପାକିସ୍ତାନ ଜାତୀୟ ପତାକା ପୋଡିଥିଲେ। ଏହି ଅବସରରେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା। ଗ୍ରାମବାସୀ କ୍ୟାଣ୍ଡେଲ ଜାଳି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

**କୋଲାବିରା,(ଡି.ଏନ.ଏ.)** ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା କୋଲାବିରା ବ୍ଲକ ଯୁବ ଆୟୋଜକ ସମିତି ତଥା କୋଲାବିରା ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ରାଜପ୍ରାସାଦ ପ୍ରାଙ୍ଗଣରେ ସମସ୍ତେ ଏକତ୍ରୀତ ହୋଇ ନିରବ ପ୍ରାର୍ଥନା କରିଥିଲେ। କରୁଣାକର ଛକସ୍ଥିତ କରୁଣାକରଙ୍କ ପ୍ରତିମୂର୍ତ୍ତି ନିକଟରେ ଶୋକଶଭାର ଆୟୋଜନ କରାଯାଇଥଲା। ବୀରେନ୍ଦ୍ର କୁମାର ମହାପାତ୍ର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ମାନଭଞ୍ଜନ ସିଂହ, ରୁଦ୍ର ପ୍ରତାପ ସିଂହ, ମନ୍ମଥନାରାୟଣ ସିଂହ, ଯୁଗିଆ ଦାସ, ଅରୁଣ କୁମାର ବେହେରା, ଦେବେନ୍ଦ୍ର ଶତପଥୀ, ଆଇନଜୀବୀ ଧୀରେନ୍ଦ୍ର କୁମାର ଶତପଥୀ, ସୁହାନି ସିଂହ, ଫକିର ସାହୁ, ଗୁନଗୁନ ଶତପଥୀ, ମନୋଜ ଧୁରୁଆ, ପରମେଶ୍ୱର ନାଏକ, ରାଜେଶ ନେଟୀ, ଅଭିନୟ ନାଏକ, ପ୍ରଫୁଲ୍ଲ କାଲୋ, କମଲ ଧୁରୁଆ, ଶିବଶଙ୍କର କୁମୁରା, ଯୋଗେଶ୍ୱର ମାଝି, ଚିତ୍ରସେନ ସମର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଝରିଆ ଯାଦବ ମହାସଭା

କୋଲାବିରା ୧୯।୨(ଡି.ଏନ.ଏ.)

କୋଲାବିରା ବ୍ଲକ ଭାଲୁମାଲ ଶିବ ମନ୍ଦିର ପ୍ରାଙ୍ଗଣରେ ଝାରସୁଗୁଡା ଜିଲା କୋଲାବିରା ଏବଂ କିର୍ମିରା ବ୍ଲକ ଅଞ୍ଚଳର ଝରିଆ ଯାଦବଙ୍କ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କିର୍ମିରା ବ୍ଲକର ସଭାପତି ତେଜରାମ ଭଇଁଷାଙ୍କ ସଭାପତିତ୍ୱ କରିଥିଲେ। ଓଡିଶା ରାଜ୍ୟ ମହାସଚିବ ତଥା ଝାରସୁଗୁଡା ଜିଲା ଯାଦବ ସମାଜର ଉପଦେଷ୍ଟା ଯୁଗଳ କିଶୋର ପରୁଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଝରିଆ ଯାଦବ ସମାଜର ସାମାଜିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାଜନୈତିକ ଉତ୍‌ଥାନ ସହ ଶୃଙ୍ଖଳିତ ଜୀବନଯାପନ ନେଇ ଆହ୍ୱାନ ଦେଇଥିଲେ। କୋଲାବିରା ବ୍ଲକ ସଭାପତି ତ୍ରିନାଥ ଡିଲା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସମାଜର ଏକତା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ହାତୀ ସାମାଜିକ କାର୍ଯ୍ୟକ୍ରମରେ ମିଳିମିଶି କାର୍ଯ୍ୟ କରିବାକୁ ଅହ୍ୱାନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କିର୍ମିରା ବ୍ଲକ ଯୁବ ଯାଦବ ସଭାପତି ତପନ ସା, ଉପଦେଷ୍ଟା ଗୋବର୍ଦ୍ଧନ ପରୁଆ, ସମ୍ପାଦକ ଗିରିଧାରୀ ଭଇଁଷା, ରବିରତ୍ନ ବଗାର, ଶିବ ଭଇଁଷା, ନାରେନ ପରୁଆ, ପ୍ରମୋଦ ପରୁଆ, ଡିଲେଶ୍ୱର ଖଣ୍ଡା, ଶଙ୍କର ରକ୍ସା, ନିରଞ୍ଜନ ଖର୍ସେଲ ପ୍ରମୁଖ ଯୋଗ ଦେଇଥିଲେ। କୃପାନିଧି ପରୁଆ, ବିରେନ ବନଛୁର, ଗୋପାଲ ବନଛୁର, ଭୁକୁଲ ବନଛୋର ପ୍ରମୁଖ ଯୋଗ ଦେଇଥିଲେ। ଖଡିଆନାଲରେ ଶ୍ରୀକୃଷ୍ଣ ମନ୍ଦିର ଏବଂ ତେଲିଡିହିରେ ଯାଦବ ସମାଜର କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଗିରିଧାରୀ ଭଇଁଷା ଧନ୍ୟବାଦ ଅର୍ପଣ କରିଥିଲେ।


ଭାଲୁମାଲ ଶିବ ମନ୍ଦିର ପ୍ରାଙ୍ଗଣରେ ଝାରସୁଗୁଡା ଜିଲା କୋଲାବିରା ଏବଂ କିର୍ମିରା ବ୍ଲକ ଅଞ୍ଚଳର ଝରିଆ ଯାଦବଙ୍କ ମହାସଭା ଚାଲିଛି।

# ଶହୀଦଙ୍କୁ ସମୂହ ଶ୍ରଦ୍ଧାଞ୍ଜଳି

ଦେବଗଡ,୧୯।୨(ସ୍ୱ.ପ୍ର)

ଆତଙ୍କବାଦୀ ଆକ୍ରମଣରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଯବାନଙ୍କୁ ଦେବଗଡ ସାହାରା ଇଣ୍ଡିଆ ପରିବାର ସେମାନଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଂଜଳୀ ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କଚେରୀ ନିକଟସ୍ଥ ସାହାରା ଇଣ୍ଡିଆ କାର୍ଯ୍ୟାଳୟରୁ ପରିବାରର ସଦସ୍ୟ ମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ନଗର ପରିକ୍ରମା କରି ସ୍ଥାନୀୟ ଗୋପବନ୍ଧୁ ଛକରେ ସମୂହ କ୍ୟାଣ୍ଡେଲ ଦେଇ ଶ୍ରଦ୍ଧାଞ୍ଜଳୀ ପୂର୍ବକ ନୀରବ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶାଖା ପରିଚାଳକ ରବୀନ୍ଦ୍ର ପାଣ୍ଡେ, ଅଶୋକ ଶତପଥି, ଉଦିପ୍ତ ନାୟକ, ସଂଜୟ ମହାପାତ୍ର, ବିରଂଚି ବେହେରା ଲକ୍ଷ୍ମିପ୍ରୀୟା ନାୟକ, ଅବନି ମିଶ୍ର, ସାବିତା ପ୍ରଧାନ ସମତେ ଅନ୍ୟ ସଦସ୍ୟ ସାମିଲ ହୋଇଥିଲେ। ସେହିପରି ବାରକୋଟ ବ୍ଲକ ବ୍ୟବସାୟୀ ସଂଘ ପକ୍ଷରୁ ଅନୁରୁପ ଭବେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିବେକାନନ୍ଦ ସାହୁ, ବିଶିକେସନ ସ୍ୱାଇଁ, ମହେଶ୍ୱର ପ୍ରଧାନ, ସମ୍ବିତ ସାହୁ, ଅରୁଣ ସାହୁ, ହର ମୋହନ ପାଣି, କ୍ଷୀରୋଦ ବିହାରୀ ସାହୁ,ଦୁଃଶାସନ ଗୁରୁ, ଅଜିତ ଦେହୁରୀଙ୍କ ସମତେ ସିଆରପିଏଫ ର ୫୦ଜଣ ଯବାନ ମଧ ସାମିଲ ରହି ବଣାଇ ଛକରୁ ଏକ ଶେଭାଯାତ୍ରାରେ ଜାତୀୟ ପତାକା ଧରି ବିଭିନ୍ନ ନାରାବାଜୀ ଦେଇ ପରିକ୍ରମା କରିଥିଲେ ଏବଂ ତାଙ୍କର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କାମନା କରିଥିଲେ ।


ଗୋପବନ୍ଧୁ ଛକରେ ସାହାରା ଇଣ୍ଡିଆ ପରିବାର ପକ୍ଷରୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଉଛି।


ଦେବଗଡ଼ରେ ଯବାନମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶୋଭାଯାତ୍ରାରେ ଯାଉଛନ୍ତି।

■ବଜରଙ୍ଗ କ୍ରିକେଟ କପ୍

# ରାଜୀବ ଗାନ୍ଧୀ କ୍ଲବକୁ ହରାଇଲା ବଡ଼ବିଲ

ଦେବଗଡ,୧୯।୨(ସ୍ୱ.ପ୍ର)

ଦେବଗଡ ପୌରାଞ୍ଚଳର ମହୁଲଡିପାସାହି ସ୍ଥିତ ନାଳପଡିଆଠାରେ ଆୟୋଜକ ମହାବୀର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ନବମ ସର୍ବ ଭାରତୀୟ ବଜରଙ୍ଗ୍ କ୍ରିକେଟକପ୍ ମଙ୍ଗଳବାର ବଡବିଲ ଏବଂ ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ, ଦେବଗଡ ମଧ୍ୟରେ ପୁଲ ବି ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବଡବିଲ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ଫିଲଡିଂ ନେଇଥିଲା । ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଙ୍ଗ କରି ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୯୯ ରନ ସଂଗ୍ରହ କରିଥିଲା । ଦଳର ଶିବା ମୁଖି ୨୫ ବଲରେ ଧୁଆଁଧାର ୫୪ ରନ ସଂଗ୍ରହ କରିଥିବାବେଳେ ରକି ୨୫ ବଲରେ ୪୨ ରନ କରିଥିଲେ । ବଡବିଲର ଏମଡି ନିଶାର ୩ ଓଭରରେ ୧୯ ରନ ଦେଇ ୩ ଟି ଉଇକେଟ ଏବଂ ପ୍ରଶାନ୍ତ ରାଉତରାଏ ୪ ଓଭରରେ ୩୮ରନ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବଡବିଲ ଦଳ ପ୍ରଶାନ୍ତ ରାଉତରାଏ ୩୧ ବଲରେ ୬୨ରନ ଅମିତ କୁମାର ସାହୁ, ୩୭ ବଲରେ ୬୨ ରନ କରିଥିଲେ । ୧୭.୫ ଓଭରରେ ୬ ଉଇକେଟ ହରାଇ ୨୦୧ ରନ କରି ବିଜୟୀ ହୋଇଥିଲା। ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ପକ୍ଷରୁ ମାନସ କୁସୁମ ଓ ସଂଜିବ ଭଜ ୨ଟି ଲେଖାଁଏ ଉଇକେଟ ଅକ୍ତିଆର କରିଥିଲେ । ଖେଳକୁ ଅମ୍ପାୟାର ଭାବେ ଏମଡି ଇଶାକ୍ ଏବଂ ପ୍ରଭଂଜନ ବାଳା ଖେଳ ପରିଚାଳନା କରିଥିବାବେଳେ ଆଲୋକ ମହାପାତ୍ର ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। ସେହିପରି ପ୍ରୀତମ ବେହେରା (ଲିପୁ) ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ କ୍ଲବର ସଭାପତି ସୁଶାନ୍ତ ନନ୍ଦ, ଉପ ସଭାପତି କାର୍ତ୍ତିକ ମହାକୁଲ, ସମ୍ପାଦକ ଟିକେଶ୍ୱର ଗୁରୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବଡବିଲର ପ୍ରଶାନ୍ତ ରାଉତରାଏଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଭେଟେରାନ କ୍ରିକେଟ ଖେଳାଳି ଅଜିତ କୁମାର ମୋଦିଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜକ କ୍ଲବର ପଞ୍ଚାନନ ଆଚାର୍ଯ୍ୟ, ଚିନ୍ମୟ ଦାଶ, ଛବିଲ ଡଣ୍ଡିଆ, ରାଜେନ୍ଦ୍ର ଦେବ, କୁନା ଦେବ, ପ୍ରଶାନ୍ତ ଦେବ, ତନ୍ମୟ ଦାଶ, କାହ୍ନା ଦେବଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ପୁଲ ବି ର ଦ୍ୱିତିୟ ମ୍ୟାଚ ବଡବିଲ ଏବଂ ରାଂଚି କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।



ବଡବିଲର ପ୍ରଶାନ୍ତ ରାଉତରାଏଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ଫେବୃୟାରୀ, ୨୦୧୯



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ପିଏସ୍ କଲେଜରେ ନୂତନ ଗୃହ ଉଦ୍‌ଘାଟିତ

**ବଙ୍ଗୋମୁଣ୍ଡା,୧୯।୨(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡା ସ୍ଥିତ ପଞ୍ଚାୟତ ସମିତି କଲେଜର ଏକ ନବନିର୍ମିତ ଶ୍ରେଣୀ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ମହମ୍ମଦ ଆୟୁବ ଖାଁ ଏହାର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଯୁକ୍ତ ୨ କଲେଜର ପ୍ରିନ୍ସିପାଲ ମିନତି ରଥ ଏବଂ ଯୁକ୍ତ ୩ କଲେଜ ପ୍ରିନ୍ସପାଲ ଶୋଭେନ୍ଦୁ ମେହେର, ଅଧାପକ ଆଲୋକ ରଥ, ନଟବର ବେହେରାଙ୍କ ସମେତ ସମସ୍ତ ଅଧାପକ ଅଧାପିକା ତଥା ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଗୁଡ଼ଭେଲା,୧୯।୨(ଡି.ଏନ୍.ଏ.):** ତୁଷୁରା ଜାଗୃତି ଶାଖାପକ୍ଷରୁ ସ୍ଥାନୀୟ ଗାୟତ୍ରୀ ମନ୍ଦିରଠାରେ ସୋମବାର ପୁଲୱାମାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏପରି କି ଆହତ ଯବାନଙ୍କ ଆରୋଗ୍ୟ କାମନା କରି ମା' ଗାୟତ୍ରୀଙ୍କଠାରେ ପ୍ରାର୍ଥନା କରାଯାଇଥିଲା। ଶହୀଦ ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଯାଇଥିଲା।

### ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ଲୋଇସିଂହା,୧୯।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରାମପୁରଠାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଯୋଗେନ୍ଦ୍ର ବେହେରା ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ବିଧାୟକ ବେହେରା କୃଷି ଓ କୃଷକଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜାନ ସଂକ୍ରାନ୍ତରେ ଅବଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ସହକାରୀ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ସଭାପତିତ୍ୱରେ କରିଥିଲେ। ସଭାରେ ବିଧାୟକ ମିଶ୍ର, ଜିଲା କୃଷି ଅଧିକାରୀ ହିମାଂସୁ ସେଖର ପାଢୀ, ବିଧାୟକଙ୍କ ପ୍ରତିନିଧି, ଆତ୍ମା ଅଧକ୍ଷ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବେହେରା ଭାଷଣରେ ରାଜ୍ୟ ସରକାର କିପରି ଭାବେ କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦେଉଛନ୍ତି ସେ ସଂକ୍ରାନ୍ତରେ କହିଥିଲେ। କାଳିଆ ଯୋଜାନ ଏକ ସର୍ବଶ୍ରେଷ୍ଠ ଯୋଜନା। ଏହା ସବୁ ବର୍ଗର ଚାଷୀଙ୍କୁ ସୁହାଉଛି ବୋଲି କହିଥିଲେ। ଅନେକାଂଶ ଚାଷୀଙ୍କୁ କାଳିଆ ଟଙ୍କା ମିଳି ନ ଥିବାରୁ ସଭାରେ ଉପସ୍ଥିତ ଚାଷୀମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରି କି ବିଧାୟକ ବେହେରା ସ୍ଥାନୀୟ ଆଶ୍ରମ ବିଦ୍ୟାଳୟକୁ ଯୁକ୍ତ ୩କୁ ଉନ୍ନିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ଅନ୍ୟପକ୍ଷେ ରାମପୁର ଗ୍ରାମର ଏକ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିବାବେଳେ ଆଲୋଚନା ପାଇଁ ପ୍ରତ୍ୟାକ୍ଷାନ କରାଯାଇଥିବା ଘଟଣାକୁ ନେଇ ବିଧାୟକଙ୍କ କଥା ଓ ଦେଖାଉଥିବା ଦସ୍ତାବିଜରେ ବିଶ୍ୱାସ କରିହେବ ନାହିଁ କହି ବିଦ୍ୟାଳୟର ପୂର୍ବତନ ପରଚାଳନା ସମିତି ସଭାପତି ରଶିକ ବେହେରାଙ୍କ ସମେତ କେତେକ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିଥିଲେ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

# ଡ୍ୟାମ୍ ନିର୍ମାଣ ଆରମ୍ଭ ନେଇ ବୈଠକ

**ଜିଲାପାଳଙ୍କ ସହ ବିଭିନ୍ନ ସଂଗଠନ ପ୍ରତିନିଧିଙ୍କ ଆଲୋଚନା**

**ବଲାଙ୍ଗୀର ଅଫିସ, ୧୯।୨**



ବଲାଙ୍ଗୀର ସର୍କିଟ ହାଉସଠାରେ ଜିଲା ପ୍ରଶାସନ ସହ ବିଭିନ୍ନ ସାମାଜିକ ସଙ୍ଗଠନ ପ୍ରତିନିଧି ଆଲୋଚନା କରୁଛନ୍ତି।

ବଲାଙ୍ଗୀରର ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ନିର୍ମାଣ କାମ ଦୀର୍ଘ ୭ ମାସ ହେଲା ବନ୍ଦ ରହିଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଡ୍ୟାମ ନିର୍ମାଣ କାମକୁ ବିରୋଧ କରୁଥିବାରୁ ପ୍ରକଳ୍ପ କାମ ବନ୍ଦ ହୋଇଥିବା କୁହାଯାଉଛି। ତେବେ ଦୀର୍ଘ ୭ ମାସ ଧରି ବନ୍ଦ ପଡିଥିବା ଡ୍ୟାମ ନିର୍ମାଣ କାମକୁ କିଭଳି ଆରମ୍ଭ କରାଯିବ ସେନେଇ ସ୍ଥାନୀୟ ସର୍କିଟ ହାଉସଠାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଜିଲାପାଳ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ଲୋୟର ସୁକ୍‌ତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତ, ଓସିସି ମ୍ୟାନେଜର ସୀତାଂଶୁ ଷଡଙ୍ଗୀ, ସମାଜକର୍ମୀ ଲଳିତ କୁମାର ନାୟକ, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ପୂର୍ବତନ ସିସି ବେଲାରସେନ୍ ଭୋଇ, ଓକିଲ ସଂଘ ସମ୍ପାଦକ ଅମନ ନାଗ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନର ସୋମନାଥ ମିଶ୍ରଙ୍କ ସହ ଅନ୍ୟମାନେ ଯୋଗଥିଲେ। ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ନ୍ୟାଯ୍ୟ ଦାବିପୂରଣ କରିବା ସହ ସେମାନଙ୍କୁ ଉଚିତ୍ କ୍ଷତିପୂରଣ ଦେବାନେଇ ଆଲୋଚନା ହୋଇଥିଲା। ଏପରି କି ବିସ୍ଥାପିତ ଲୋକଙ୍କ ସହ ଖୋଲା ଆଲୋଚନା କରି ପ୍ରକଳ୍ପ କାମ କଭଳି ଶୀଘ୍ର କରାଯିବ ସେନେଇ ମତପ୍ରକାଶ ପାଇଥିଲା। ସମାଜକର୍ମୀ ନାୟକ ବିଭିନ୍ନ ସଂଗଠନର ନେତୃତ୍ୱ ନେଇ ବିସ୍ଥାପିତ ହେବାକୁ ଥିବା ବିଭିନ୍ନ ଗ୍ରାମବାସୀଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରି ପ୍ରକଳ୍ପ ନିର୍ମାଣ କାମ କରାଯିବାକୁ ବାଟ ବାହାର କରାଯିବ ବୋଲି କହିଥିଲେ। ଏଥିରେ ଜିଲା ପ୍ରଶାସନ ମଧ୍ୟ ସକରାତ୍ମକ ସହଯୋଗ କରିବ ବୋଲି କୁହାଯାଇଥିଲା। ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗ୍ରାମବାସୀଙ୍କ ସହ ବଲାଙ୍ଗୀର ସହରର ବିଭିନ୍ନ ସଂଗଠନର ପ୍ରତିନିଧି ପ୍ରଥମେ ଆଲୋଚନା କରିବା ପରେ ଜିଲା ପ୍ରଶାସନ ସହ ମିଳିତ ଆଲୋଚନା କରାଯିବ ବୋଲି ବୈଠକରେ କୁହାଯାଇଥିଲା। ଫେବୃୟାରୀ ଶେଷ ସୁଦ୍ଧା ଆଲୋଚନାକୁ ଶେଷ କରାଯିବାକୁ ସମ୍ମତି ପ୍ରକାଶ ପାଇଥିଲା। ବଲାଙ୍ଗୀର ଜିଲାର ଭବିଷ୍ୟତ ଦୃଷ୍ଟିରୁ ପ୍ରକଳ୍ପଟି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଏଥିରେ ସହଯୋଗ କରିବେ ବୋଲି କହିଥିଲେ।

୨୧୭ କୋଟି ଟଙ୍କାର ମୂଳ ପ୍ରକଳ୍ପ ଏବେ ସାଢ଼େ ୩ ହଜାର କୋଟି ଟଙ୍କାକୁ ଟପିବାକୁ ବସିଲାଣି। ଏବେ ସୁକ୍‌ତେଲ ଡ୍ୟାମର ସ୍ପିଲୱେ କାମ ୬୭ ପ୍ରତିଶତ ସରିଛି। ବର୍ତ୍ତମାନ ମାଟି ଡ୍ୟାମ କାମ ବାକି ରହିଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୨୯ଟି ଗାଁରୁ ଗୋଟିଏ ବି ଗାଁର ଲୋକେ ବିସ୍ଥାପିତ ହୋଇନାହାନ୍ତି। ଏଭଳି ପରିସ୍ଥିତିରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଆହୁରି ଅନେକ ବର୍ଷ ଲାଗିଯିବ। ଏବେ ସ୍ପିଲୱେ ନିର୍ମାଣ କାମ ବନ୍ଦ ହୋଇଥିବାରୁ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତ ହୋଇପଡିଛି। ଯେଉଁ କେତୋଟି ଗାଁର ଲୋକେ ଏହି ପ୍ରକଳ୍ପକୁ ସମର୍ଥନ କରୁଥିଲେ ସେମାନେ ଏବେ ବିରୋଧ ଜାରି ରଖିଥିବାରୁ ପ୍ରକଳ୍ପ କାମ ବନ୍ଦ ରହଥିବା କୁହାଯାଉଛି। ଇତିମଧ୍ୟରେ ଜିଲା ପ୍ରଶାସନ ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଆରମ୍ଭ କରିବାକୁ ୪ ଥର ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ଲୋକଙ୍କ ବିରୋଧ ଯୋଗୁ ଫେରିଆସୁଥିବା କୁହାଯାଉଛି।

### ନାନ୍ଦୁପଲାରେ ବୃଦ୍ଧାବୃଦ୍ଧଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ବଣ୍ଟନ

**ଖପ୍ରାଖୋଲ, ୧୯।୨ (ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ସରପଞ୍ଚ ସୁରେଶ ପୁଝାରୀଙ୍କ ଅଧ୍ୟକ୍ଷତାରେ ପିଠା କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟକିଶୋର ଜଏପୁରିଆ, ସିଡିପିଓ ପ୍ରମିଳା ମହାନ୍ତି, ଜିପିଇଓ ସୁଶାନ୍ତ ପାଣି, ଏକାଉଣ୍ଟସ୍ ଅଫିସର ଅରୁଣ କୁମାର ମେହେର, ଡବ୍ଲ୍ୟୁଇଓ ଡା. ନନ୍ଦିକିଶୋର ତାଣ୍ଡି, ଇଓ ରାହାସ ବିହାରି ମଲ୍ଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିବା ବେଳେ ପଞ୍ଚାୟତର ଶତାଧିକ ବୃଦ୍ଧାବୃଦ୍ଧଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ଷାଠିଏ ବର୍ଷରୁ ଅଶୀ ବର୍ଷ ମଧ୍ୟରେ ୩ ଶହ ଟଙ୍କାରୁ ବର୍ଦ୍ଧିତ ହୋଇ ୫ ଶହ ଟଙ୍କା ଏବଂ ଅଶୀ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୭ ଶହ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ଶତପଥୀ ପରିଚାଳନା କରିଥିଲେ।

## ଶହୀଦ ଯବାନଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଶ୍ରଦ୍ଧାଞ୍ଜଳି

**କଣ୍ଟାବାଞ୍ଜି,୧୯।୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଅଗ୍ନିଶମ ବାହିନୀ ପକ୍ଷରୁ ସୋମବାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଫାୟାର ଅଫିସର ଅସିତ କୁମାର ଜେନାଙ୍କ ନେତୃତ୍ୱରେ ଏକ ଶୋକସଭା ହୋଇଥିଲା। ଶହୀଦଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଦମକଳ କେନ୍ଦ୍ରର ପୁନେଇ ଟପ୍ପୋ, ପୁରନ୍ଦର ବିଶ୍ୱାଳ ଉମାଶଙ୍କର ଶବର, ହେମନ୍ତ ସାହୁ, ଅନିରୁଦ୍ଧ ଦେହୁରି, ମୀନକେତନ ଭୋଇ, ସୁରେନ୍ଦ୍ର ପଧାନ, ଅନନ୍ତ ସାହୁ, ଜୀବନାନନ୍ଦ ମହାନ୍ତି, ଗୁରୁଦୟାଲ ହଂସ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।



ଦମକଳ କେନ୍ଦ୍ରରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

## କ୍ୟାଣ୍ଡେଲ ଶୋଭାଯାତ୍ରା

**ଦେଓଗାଁ,୧୯।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ଏବଂ ବରକାନୀରେ ମଙ୍ଗଳବାର ସନ୍ଧ୍ୟାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଉଦ୍ଦେଶ୍ୟରେ ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ମିନିଷ୍ଟାଡିୟମଠାରେ ଶତାଧିକ ଯୁବକ, ବିଏନ୍ଏଏ ସଂଘ, ବଜରଙ୍ଗଦଳ ତଥା ଗ୍ରାମବସୀ ଏକତ୍ରୀତ କ୍ୟାଣ୍ଡେଲ ଶୋଭାଯାତ୍ରରେ ବାହାରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁନ୍ଦରମଣୀ ଦଣ୍ଡସେନାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡା. ଶଶି ଭୂଷଣ ସାହୁ ଯୋଗଦେଇ ଶହୀଦ ଯବାନଙ୍କ ବଳିଦାନ ଉପରେ ଆଲୋକପାତ କରିବା ସହ ଦେଶରୁ ଆତଙ୍କବାଦର ମୂଳପୋଛ କରିବାର ସମୟ ଆସିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶହୀଦ ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବିଭିନ୍ନ ସ୍ଲୋଗାନଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ବରକାନୀରେ ଗ୍ରାମବାସୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଁର ଯୁବଗୋଷ୍ଠି, ବୟୋଜ୍ୟେଷ୍ଠ ତଥା ମହିଳା ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ପାକିସ୍ତାନ ବିରୋଧରେ ନାରାବାଜି ଦେଇଥିଲେ।

# ତୁଷୁରା ଚିକିତ୍ସାଳୟ ପାହ୍ୟା ବୃଦ୍ଧି ଦାବିରେ ଧାରଣା

**ଗୁଡ଼ଭେଲା,୧୯।୨(ଡି.ଏନ୍.ଏ.)**





ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ଧାରଣା ସ୍ଥଳକୁ ଯାଇଛନ୍ତି।

ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟର ପାହ୍ୟା ବୃଦ୍ଧିକୁ ନେଇ ମଙ୍ଗଳବାର ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ବସ୍‌ଷ୍ଟାଣ୍ଡ ନିକଟରେ ଧାରଣା ଦିଆଯାଇଛି। ଭାଜପା ନେତା ଶାନ୍ତନୁ ନାୟକ, ସ୍ଥାନୀୟ ଯୁଥଏକ୍ସନ କମିଟିର ଯୁବକମାନେ ଧାରଣାକୁ ସମର୍ଥନ ଜଣେଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ନାଗରିକ କମିଟି ସଦସ୍ୟ ମା' ସମଲେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଧାରଣା ସ୍ଥଳରେ ପହଞ୍ଚି ଥିଲେ। କମିଟି ସଭାପତି ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାଉନସେଲର ପ୍ରଦୀପ ସାହୁ, ପୂର୍ବତନ ସରପଞ୍ଚ ରୂପେଶ ସାହୁ, ବିଜୟ ବାଗ, ଯୁବନେତା ଶ୍ରୀକାନ୍ତ ବାଗ ପ୍ରମୁଖ ଯୋଗଦେଇ ତୁଷରା ହସ୍ପିଟାଲ ଉପରେ ଅଞ୍ଚଳ ତଥା ଛଅଟି ଜିଲାର ସୀମାନ୍ତବର୍ତ୍ତୀ ପ୍ରାୟ ଶହେଟି ଗ୍ରାମର ଲୋକ ସ୍ୱାସ୍ଥ୍ୟସେବା ନେଇ ନିର୍ଭର କରିଥାନ୍ତି। ହେଲେ ଚିକିତ୍ସାଳୟଟି ଅବହେଳିତ ହୋଇ ପଡ଼ିରହିଛି। ଏପରି କି ଏହା ଏକ ସର୍ବପୁରାତନ ଚିକିତ୍ସାଳୟ ହୋଇଥିଲେ ମଧ୍ୟ ୬ଟି ଶଯ୍ୟା ରହିଥିବା ବେଳେ ଜଣେ ମାତ୍ର ଏମ୍‌ବିବିଏସ୍ ଡ଼ାକ୍ତର ଅଛନ୍ତି। ଜଣେ ଡ଼ାକ୍ତର ୨୪ ଘଣ୍ଟା ରୋଗୀ ସେବା କରିବା ଅସମ୍ଭବ ହୋଇଥିବା ବେଳେ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ନ ପାଇ ବଲାଙ୍ଗୀର, ବୁର୍ଲା, ରାୟପୁର, ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଥିବା ବେଳେ ବାଟରେ ରୋଗୀର ମୃତ୍ୟୁ ମଧ୍ୟ ଘଟୁଥିବା ଅଭିଯୋଗ ହୋଇଛି। ଏନେଇ ତୁରନ୍ତ ହସ୍ପିଟାଲ ପାହ୍ୟା ବୃଦ୍ଧି କରିବା ସହ ଶଯ୍ୟା ସଂଖ୍ୟା ୫୦କୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷେ ହସ୍ପିଟାଲର ସମସ୍ୟାର ସମାଧାନ ଦାବି କରି ଗତ ୫ ତାରିଖ ଓ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏପରି କି ତୁଷୁରା ବନ୍ଦ କରାଯାଇ ଆନ୍ଦୋଳନ କରାଯାଇଥିଲା। ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଧାରଣାରେ କାହ୍ନା ପ୍ରଧାନ, ଆୟୁଷ ପ୍ରଧାନ, ଅମନ ଜୈନ, ଅଙ୍କୁଶ ପ୍ରଧାନ, ଲିଷନ ପ୍ରଧାନ, ଅକ୍ଷୟ ଶର୍ମା ସହ ବହୁ ଲୋକ ଧାରଣାରେ ସାମିଲ ଥିଲେ।

# ରାଉତମୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

**କଣ୍ଟାବାଞ୍ଜି,୧୯।୨(ଡି.ଏନ.ଏ.)**



ରାଉତମୁଣ୍ଡା ଧନୁଯାତ୍ରା ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ନାଟ୍ୟାଭିନୟର ଏକ ଦୃଶ୍ୟ।

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣି ପଞ୍ଚାୟତ ରାଉତମୁଣ୍ଡା ଗ୍ରାମରେ ଶିଶୁ କଳାକାରଙ୍କ ପକ୍ଷରୁ ଚାଲିଥିବା ଧନୁଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ଧନୁଯାତ୍ରା ଆୟୋଜନ, ଅକ୍ରୁର ପ୍ରେରଣ, କୁବୁଜା ଉଦ୍ଧାର, କୁବଳୟା ବଧ, ଚାଣୁର, ମଷ୍ଟିକ ବଧ, କଂସ ବଧ ଆଦି ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମହାରାଜା କଂସଙ୍କ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଭାଜପା ନେତା ଲକ୍ଷ୍ମଣ ବାଗ, କଂଗ୍ରେସ ନେତା ତଥା ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ବିଶିଷ୍ଟ କଳାକାର ତଥା ବଙ୍ଗୋମୁଣ୍ଡା ଧନୁଯାତ୍ରାର କଂସ ଅଭିନେତା ରବୀନ୍ଦ୍ର କୁମାର ସାହୁ ରାଜକୀୟ ଅତିଥିଭାବେ ଯୋଗଦେଇ କଂସଙ୍କ ବିଭିନ୍ନ ଆଦେଶକୁ ଅଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପାଞ୍ଚଦିନ ଧରି ଚାଲିଥିବା ଧନୁଯାତ୍ରାର କଂସ ଦରବାରରେ ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ କର୍ମୀ, ନେତା ଅତିଥିଭାବେ ଯୋଗଦେଇ ତୁରେକେଲା ବ୍ଲକ ସହିତ ରାଉତମୁଣ୍ଡା ଗାଁର ବିଭିନ୍ନ ସମସ୍ୟା ସଭାରେ ଉପସ୍ଥାପନ କରି ସମାଧାନ ଦିଗରେ ପଦକ୍ଷେପ ନିଆଯାଉଥିବାରୁ ଅଞ୍ଚଳର ଜନସାଧାରଣ ଏବଂ ବୁଦ୍ଧିଜୀବୀ ଧନୁଯାତ୍ରା କମିଟିକୁ ସାଧୁବାଦ ଜଣାଇଛନ୍ତି। କମିଟି ସଭାପତି ଗୌରଚନ୍ଦ୍ର ମିଶ୍ର, ରାଉତମୁଣ୍ଡା ଗାଁବାସୀଙ୍କ ସହଯୋଗରେ ଦୀର୍ଘ ୧୪ବର୍ଷ ହେଲା ଧନୁଯାତ୍ରା ସଫଳତାର ସହ ପାଳନ କରାଯାଇଛି।

### ତରଭାରେ ଜନଶୁଣାଣି ଶିବିର

**ତରଭା, ୧୯।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସଭାଗୃହରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂଯୁକ୍ତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ, ବିଡିଓ ନିହାର ରଞ୍ଜନ କହଁର, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ସିଡିଏମଓ ଡ. ଏସ.କେ.ନାଏକ, ଡିଡବ୍ଲୁଓ ପଲକ ରବିନ୍ଦ୍ର, ଡିଏସଡବ୍ଲୁଓ ପୁଷ୍ପାଞ୍ଜଳି ମହାପାତ୍ର, ଡିଇଓ ପୁଷ୍ପା ମିଞ୍ଜ, ସିଡିପିଓ ସବିତା ଦୋରା, ଡିଏଲଓ ମୋହନ କୁମ୍ଭାର, ଇସିଡିଆରଡିଏ ଧନଞ୍ଜୟ ଦୋରା, ଏଲଡିଏମ ସରୋଜ ଦାସ, ଡିପିସି ବେଣୁଧର ବେହେରା, ଇଓ କନିକା ଚକ୍ରବର୍ତ୍ତୀ, ବିଇଓ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୧ ଅଭିଯୋଗର ଶୁଣାଣି ହୋଇଥିଲା।





ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ବଲାଙ୍ଗୀର ସୁନ୍ନି ସଦର ମସଜିଦ୍ କମିଟି ପକ୍ଷରୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି। (ଫଟୋ-ସୁନୀଲ)

ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି

# ତୃତୀୟ ଦିନରେ ଧାରଣା, ଆଜି ରେଳରୋକୋ ଆନ୍ଦୋଳନ

**ଦେଓଗାଁ,୧୯।୨(ଡି.ଏନ.ଏ.)**



ଧାରଣାର ତୃତୀୟ ଦିନରେ ଉପସ୍ଥିତ କର୍ମକର୍ତ୍ତା।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁରୋଡ ରେଳଷ୍ଟେଶନରେ ଇସ୍ପାତ ଏକ୍ସପ୍ରେସ ଟ୍ରେନ ରହଣି ଦାବି ନେଇ ରେଳଷ୍ଟେସନ ନିକଟରେ ଚାଲିଥିବା ଧାରଣା ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ଏଥିରେ ଦେଓଗାଁ ଗ୍ରାମ୍ୟ କମିଟି, ବଣିକ ସଂଘ, ଜରାସିଂହା ଗ୍ରାମ୍ୟ କମିଟି ଏବଂ ଅଞ୍ଚଳବାସୀ ଦାବି ଉପସ୍ଥାପନ କରୁଥିବା ବେଳେ ରେଳ ବିଭାଗ ପକ୍ଷରୁ କୌଣସୀ ଅଧିକାରୀ ଆସି ନ ଥିବାରୁ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଇଛି। ବୁଧବାର ୧୨ ଘଣ୍ଟିଆ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି। ଏପରି କି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚୂଡାନ୍ତରେ ପହଞ୍ଚିଥିବା ଜଣାପଡିଛି। ଦେଓଗାଁ ଗ୍ରାମ୍ୟ ଉନ୍ନୟନକମିଟି ସଭାପତି ଡା. ଶଶିଭୂଷଣ ସାହୁଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଗାଁଗୁଡିକରେ ବୈଠକ କରାଯାଇ ରେଳରୋକୋ ଆନ୍ଦୋଳନକୁ ସଫଳ କରିବାକୁ ଡାକରା ଦିଆଯାଇଛି। ଦାବି ପ୍ରତି ଅଣଦେଖା କରାଗଲେ ଆନ୍ଦୋଳନକୁ ବ୍ୟାପକ କରିବା ସହ ସାଧାରଣ ନିର୍ବାଚନରେ ଦେଓଗାଁବାସୀ ଭୋଟ ବର୍ଜନ କରିବେ ବୋଲି ସୂଚନା ଦେଇଛନ୍ତି।